ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୪/୨୦୨୪ (୨୦ ପୃଷ୍ଠା) | Bhubaneswar, Tuesday, September 24/2024 | Page 20 | ₹ 7.00

୫୦ଶ ଭାଗ ୩୦୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 301 | ମୂଲ୍ୟ ₹୭/-

ଇଟାଲୀରେ 'ୱାର୍ ୨'ର ଶୁଟିଂ

୨୦୨୫ରେ ରିଲିଜ୍ ହେବାକୁ ଥିବା 'ୱାର୍ ୨' ଫିଲ୍ମର ଶୁଟିଂ ଇଟାଲୀରେ ହେଉଥିବା ନେଇ ଅଭିନେତା ହ୍ରିତିକ୍ ରୋଶନ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି।

୧୬

୨୦

ଶିଖର ଧାୱନଙ୍କ ଅର୍ଦ୍ଧଶତକ

ସର୍ଦନ୍ ସୁପର ଷ୍ଟାର୍ସ ବିପକ୍ଷ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଛନ୍ତି ଗୁଜରାଟ ଗ୍ରେଟ୍ସର ଶିଖର ଧାୱନ।

ବିହାର ପାଟନାରେ ଗଙ୍ଗାନଦୀରେ ଜଳସ୍ତର ବୃଦ୍ଧି ପାଇବାରୁ ଜଳବନ୍ଦୀ ଲୋକମାନଙ୍କୁ ବିପଦପୂର୍ଣ୍ଣ ଭାବେ ସୁରକ୍ଷିତ ସ୍ଥାନକୁ ନିଆଯାଉଛି।

ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱରେ ପୋତିହୋଇ ରହିଛି ମୂର୍ତ୍ତି

ଜିପିଆର୍ ସର୍ଭେରୁ ଜଣାପଡ଼ିଲା

କୋଣାର୍କ, ୨୩।୯ (ଜ୍ୟୋତିରାଜ ମହାନ୍ତି)

ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱରେ ବାଲି ତଳେ ବହୁ ପୁରାତନ ମୂର୍ତ୍ତି ପୋତି ହୋଇରହିଛି। ସୋମବାର ଜାତୀୟ ଭୂ-ଭୌତିକୀୟ ଗବେଷଣା ସଂସ୍ଥା (ଏନ୍‌ଜିଆର୍‌ଆଇ) ଏବଂ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ମିଳିତ ଭାବେ ଗ୍ରାଉଣ୍ଡ ପେନେଟ୍ରେଟିଂ ରାଡାର (ଜିପିଆର୍) ସର୍ଭେରୁ ଏହା ଜଣାପଡ଼ିଛି। ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ ମନ୍ଦିର ସମ୍ମୁଖସ୍ଥ ଶହେ ଫୁଟ ମାଟି ତଳ ପର୍ଯ୍ୟନ୍ତ ଜିପିଆର ସର୍ଭେ କରାଯାଇଛି। ପ୍ରାୟ ୫ଘଣ୍ଟାରୁ ଅଧିକ ସମୟ ଧରି ୧୫ ମିଟର ଭୂତଳକୁ ସ୍କାନିଂ କରାଯାଇଥିଲା। ଏହି ସମୟରେ ଦୁଇଟି ଜାଗାରେ ବାଲି ତଳେ ମୂର୍ତ୍ତି ରହିଥିବା ଜଣାପଡ଼ିଛି। ସେହି ସ୍ଥାନକୁ ସଫା କରାଯାଉଛି। ଏହା ଦୁଇଦିନ ଧରି ଚାଲିବ। ଏହାପରେ ମାଟି ଖୋଳାଯାଇ ମୂର୍ତ୍ତି ବାହାର କରାଯିବ ବୋଲି ସୂଚନା ମିଳିଛି। ବାଲି ତଳେ କେତେ ପୁରାତନ କାରୁକାର୍ଯ୍ୟ ଓ ମୂର୍ତ୍ତି ସବୁ ରହିଛି ତାହା ଏହି ଜିପିଆର୍ ସର୍ଭେରେ ଜଣାପଡ଼ିବ। ଏବେ ଦୁଇଟି ଜାଗାରେ ମୂର୍ତ୍ତି ☞ପୃଷ୍ଠା-୪

ଆଜିର ମନ୍ତବ୍ୟ

" ଭାରତୀୟ ଅର୍ଥନୀତିର ପ୍ରତ୍ୟେକ କ୍ଷେତ୍ରରେ ଘରୋଇ ସେକ୍ଟରର ଭୂମିକା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଏହା ଦେଶର ଆର୍ଥିକ ଅଭିବୃଦ୍ଧିର ଚାଳକ ଶକ୍ତିରେ ପରିଣତ ହୋଇଛି।

- ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ

ପୋଲିସିଆ ଦାଦାଗିରି ଦେଖାଇ ଷ୍ଟାଫ୍ ନର୍ସଙ୍କୁ ବଳାତ୍କାର

କନଷ୍ଟେବଲ୍ ଗିରଫ

ଯାଜପୁର/ଝୁମ୍ପୁରି (ହର୍ଷବର୍ଦ୍ଧନ ବେହେରା/ ସରୋଜ ନାୟକ), ୨୩।୯

ଭୁବନେଶ୍ୱର ଭରତପୁର ଥାନାରେ ଅଭିଯୋଗକାରୀଙ୍କୁ ପୋଲିସର ନିର୍ଯାତନାକୁ ନେଇ ସାରା ଦେଶରେ ଚର୍ଚ୍ଚା ହେଉଥିବାବେଳେ ଯାଜପୁର ଜିଲା ମଙ୍ଗଳପୁର ଥାନା ଅଞ୍ଚଳରେ ରବିବାର ରାତିରେ ଜଣେ କନଷ୍ଟେବଲ୍ ପୋଲିସିଆ ଦାଦାଗିରି ଦେଖାଇ ଷ୍ଟାଫନର୍ସଙ୍କୁ ବଳାତ୍କାର କରିଛନ୍ତି। ପୀଡ଼ିତାଙ୍କ ଅଭିଯୋଗ କ୍ରମେ ମଙ୍ଗଳପୁର ଥାନା ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିବା ସହିତ ୩୧୭/୨୦୨୪ ନମ୍ବରରେ ଏକ ବଳାତ୍କାର ମାମଲା ରୁଜୁ କରିଛି। ଅଭିଯୁକ୍ତ କନଷ୍ଟେବଲ୍ ଜିତେନ୍ଦ୍ର ବିଶ୍ୱାଳଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଥିବାବେଳେ ପୀଡ଼ିତାଙ୍କ ଡାକ୍ତରୀମାଇନା କରିଛି। ଅଭିଯୁକ୍ତ ଜିତେନ୍ଦ୍ର ଯାଜପୁର ଜିଲା ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ

ବିଷାକ୍ତ ଔଷଧ

ସୋଡ଼ା, କେମିକାଲରେ କ୍ଷୀର, ଦହି

ଦିନର ସବୁ ସମୟରେ ସହଜରେ ଉପଲବ୍ଧ ହେବା ଏବଂ ଖୋଲା କ୍ଷୀର ଅପେକ୍ଷା ଅଧିକ ବହଳିଆ ରହୁଥିବାରୁ ପ୍ୟାକେଟ୍ କ୍ଷୀରର ଚାହିଦା ବଢ଼ିବାରେ ଲାଗିଛି। ବିଭିନ୍ନ ବ୍ରାଣ୍ଡ ନାଁରେ ଏହା ବଜାରରେ ଉପଲବ୍ଧ ହେଉଥିବାବେଳେ ସେଗୁଡ଼ିକର ଶୁଦ୍ଧତା ନେଇ ବିଭିନ୍ନ ପ୍ରଶ୍ନ ଉଠୁଛି। ସେଥିରୁ ଏକ ବ୍ରାଣ୍ଡ ନାଁରେ ବିକ୍ରି ହେଉଥିବା କ୍ଷୀର, ଦହି ପ୍ୟାକେଟ୍‌କୁ ନେଇ ଏବେ ଚିନ୍ତା ବଢ଼ିଛି। କାରଣ କଷ୍ଟିକ୍ ସୋଡ଼ା, ଲୁଣ, ମିଲ୍କ ପାଉଡର ଓ ଅନ୍ୟ ରାସାୟନିକ ପଦାର୍ଥରେ ଉକ୍ତ କ୍ଷୀର, ଦହି ଏବଂ ଲସି ପ୍ରସ୍ତୁତ ହେଉଥିବା ଅଭିଯୋଗ ଆସିଛି। ଏହାପରେ ପୋଲିସ ଉକ୍ତ କ୍ଷୀର କମ୍ପାନୀରେ ଚଢ଼ାଉ କରି ନମୁନା ସଂଗ୍ରହ ସହ ବିଭିନ୍ନ ସାମଗ୍ରୀ ଜବତ କରିଛି। ଏଭଳି ଅପମିଶ୍ରିତ କ୍ଷୀର, ଦହି ଓ ଲସି ଦ୍ୱାରା ଲୋକଙ୍କ ଜୀବନ ସହ ଖେଳାଯାଇଥିବାବେଳେ ପୋଲିସ କମ୍ପାନୀକୁ ସିଲ୍ କରି ମାଲିକଙ୍କୁ ଗିରଫ କରିଛି।

ମଙ୍ଗୁଳି-ଜଗତପୁର, ୨୩।୯ (ମାନସ ସାମଲ)

କିଛିଦିନ ତଳେ ଗୋରୁ ଚର୍ବି, ମାଛ ତେଲରେ ପ୍ରସ୍ତୁତ ଘିଅରେ ପ୍ରସିଦ୍ଧ ତିରୁପତି ମନ୍ଦିରର ଲଡ୍ଡୁ ତିଆରି ହେଉଥିବା ନେଇ ଏକ ଲାବରେଟୋରି ରିପୋର୍ଟ ଲୋକଲୋଚନକୁ ଆସିବା ପରେ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଛି। ଏହା ଗୋଟିଏପଟେ ଧାର୍ମିକ ଆସ୍ଥା ପ୍ରତି କୁଠାରାଘାତ ଏବଂ ଅନ୍ୟପଟେ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ ଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏଭଳି ସମୟରେ ଏକ ନିର୍ଦ୍ଦିଷ୍ଟ ନାଁରେ ଉପକୂଳ ଓଡ଼ିଶାରେ ପ୍ୟାକେଟ୍‌ରେ ବିକ୍ରି ହେଉଥିବା କ୍ଷୀର ସୋଡ଼ା, କେମିକାଲ ଓ ଅନ୍ୟାନ୍ୟ ପଦାର୍ଥରେ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ଉକ୍ତ କ୍ଷୀର ପ୍ଲାଣ୍ଟ କଟକ ଜିଲାର ଜଗତପୁର ଥାନା ଅଧୀନ ଅଟୋଡ଼ା ଛକ ନିକଟ ଖରୀ ଜଙ୍ଗଲ ଭିତରେ ରହିଛି। ସୋମବାର କଟକ ମହାନଗର ନିଗମର ସ୍ୱାସ୍ଥ୍ୟ ବିଭାଗ ଓ ସ୍ଥାନୀୟ ପୋଲିସ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇଛି। ସେଠାରୁ ବିପୁଳ ପରିମାଣର କଷ୍ଟିକ ସୋଡ଼ା, ମିଲ୍କ ପାଉଡର, କେମିକାଲ(ହାଇଡ୍ରୋଜେନ ପେରୋକ୍ସାଇଡ୍) ଓ ଅନ୍ୟ ସାମଗ୍ରୀ ଜବତ କରାଯାଇଛି। ଏହି ବେଆଇନ କାରବାରରେ ସମ୍ପୃକ୍ତ କମ୍ପାନୀ ମାଲିକ ପ୍ରଦୀପ୍ତ କୁମାର ପରିଡ଼ାଙ୍କୁ ପୋଲିସ ଗିରଫ କରି ପଚରାଉଚରା ଚଳାଇଛି। ଏଥିସହ କମ୍ପାନୀକୁ ସିଲ୍ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୪୯୯/୨୪) ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ କମ୍ପାନୀ ପ୍ରାୟ ୩ ବର୍ଷ ହେବ ଚାଲୁଥିଲା। ସେଠାରେ ଖାଇବା ସୋଡ଼ା, ମିଲ୍କ ପାଉଡର, ହାଇଡ୍ରୋଜେନ ପେରୋକ୍ସାଇଡ୍ ଓ ଲୁଣ ମିଶାଯାଇ ଦୂଷିତ ଜଳରେ କ୍ଷୀର, ଲସି, ଦହି ପ୍ରସ୍ତୁତ କରାଯାଇ କେନ୍ଦ୍ରାପଡ଼ା, ପୁରୀ, କଟକ ଓ ଯାଜପୁର ଜିଲାର ବିଭିନ୍ନ ଦୋକାନକୁ ବିକ୍ରି ପାଇଁ ପଠାଯାଉଥିଲା। ଏ ସମ୍ପର୍କରେ ସ୍ଥାନୀୟ ଜନସାଧାରଣ ଜାଣିବା ପରେ ପୋଲିସ ନିକଟରେ ଅଭିଯୋଗ କରିଥିଲେ। କଟକ ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ରଙ୍କ ନେତୃତ୍ୱରେ ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ, ଜଗତପୁର ଥାନା ଅଧିକାରୀ ଓମ୍‌ପ୍ରକାଶ ମହାନ୍ତିଙ୍କ ସହ ପୋଲିସ କର୍ମଚାରୀ ଓ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ସତ୍ୟବ୍ରତ ମହାପାତ୍ର ପ୍ରମୁଖ ସୋମବାର ସକାଳ ପ୍ରାୟ ୮ଟାରେ ପ୍ଲାଣ୍ଟରେ ଅଚାନକ ଚଢ଼ାଉ କରି ଯାଞ୍ଚ କରିଥିଲେ। ସେଠାରେ ଥିବା ଉପରୋକ୍ତ ସାମଗ୍ରୀ କ'ଣ ପାଇଁ ରଖାଯାଇଛି ବୋଲି ଉପସ୍ଥିତ କର୍ମଚାରୀଙ୍କୁ ପଚାରିଥିଲେ। ଦୂଷିତ ଜଳରେ ମିଲ୍କ ପାଉଡର ମିଶାଯାଇ କ୍ଷୀର ପ୍ରସ୍ତୁତ ହେଉଛି। ଏପରି କି କ୍ଷୀର ଅଧିକ ଦିନ ରହିବା ପାଇଁ କଷ୍ଟିକ ପାଉଡର ଓ ଲୁଣ ମିଶାଯାଉଥିବା କର୍ମଚାରୀମାନେ କହିଥିଲେ। ଏ ନେଇ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମହାପାତ୍ର କହିଛନ୍ତି, ଯେଉଁ ପାଣିରେ କ୍ଷୀର ପ୍ରସ୍ତୁତ ହେଉଥିଲା ତାହାର ଟେଷ୍ଟ ରିପୋର୍ଟ ନ ଥିଲା, ଯେଉଁ ନାଁରେ କ୍ଷୀର ପ୍ୟାକେଟ୍ କରାଯାଇ ବିକ୍ରି ପାଇଁ ବଜାରକୁ ଛଡ଼ା ଯାଉଥିଲା ତାହାର ପଞ୍ଜୀକରଣ ନମ୍ବର ନାହିଁ, ଲାବ୍ ନାହିଁ କି ଲାବରେଟୋରି ଟେକ୍ନିସିଆନ ନାହାନ୍ତି। ଏପରି କି ଅସ୍ୱାସ୍ଥ୍ୟକର ପରିବେଶ ଓ ଦୂଷିତ ଜଳରେ କ୍ଷୀର, ☞ପୃଷ୍ଠା-୪

ଜୀବନ ସହ ଖେଳ

- କମ୍ପାନୀ ସିଲ୍, ମାଲିକ ଗିରଫ
- ନମୁନା ଯାଞ୍ଚ ପାଇଁ ଲାବରେଟୋରି ପଠାଗଲା

ଶିଶୁଙ୍କ ଅଶ୍ଳୀଳ ଭିଡିଓ ଦେଖିବା, ରଖିବା ଅପରାଧ

ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ନୂଆଦିଲ୍ଲୀ, ୨୩।୯ (ପି.ଟି.)

ଛୋଟ ପିଲାମାନଙ୍କ ଉପରେ ନିର୍ମିତ ଅଶ୍ଳୀଳ ଚଳଚ୍ଚିତ୍ର ଦେଖିବା ଏବଂ ଏପରିକି ସେଗୁଡ଼ିକୁ ପାଖରେ ରଖିବା ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍‌ସୋ) ଆଇନରେ ଅପରାଧ ବୋଲି ସୁପ୍ରିମକୋର୍ଟ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଜେ.ବି. ପର୍ଦିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ମାଡ୍ରାସ୍ ହାଇକୋର୍ଟଙ୍କ ଏକ ରାୟକୁ ଖାରଜ କରିଦେଇଛନ୍ତି। ଜଣେ ନିଜର ଇଲେକ୍ଟ୍ରୋନିକ୍ ଉପକରଣରେ ଶିଶୁ ପର୍ନୋଗ୍ରାଫିକୁ ଡାଉନ୍‌ଲୋଡ୍ କରିବା କିମ୍ବା ତାହାକୁ ଦେଖିବା ପୋକ୍‌ସୋ ଏବଂ ସୂଚନା ପ୍ରଯୁକ୍ତି (ଆଇଟି) ଆଇନରେ ଅପରାଧ ନୁହେଁ ବୋଲି ମାଡ୍ରାସ ହାଇକୋର୍ଟ କହିଥିଲେ। ହାଇକୋର୍ଟ ରାୟ ପ୍ରଦାନରେ ତ୍ରୁଟି କରିଥିବାରୁ ଏହାକୁ ଖାରଜ କରାଗଲା ବୋଲି ଖଣ୍ଡପୀଠ କହିଛନ୍ତି।

ଶିଶୁ ଯୌନ ଶୋଷଣକାରୀ ସାମଗ୍ରୀ ନାବାଳକମାନଙ୍କ ମର୍ଯ୍ୟାଦା ପ୍ରତି ଅତ୍ୟନ୍ତ ଅପମାନଜନକ। ଏହା ସେମାନଙ୍କୁ ଯୌନ ସନ୍ତୁଷ୍ଟି ବସ୍ତୁରେ ପରିଣତ କରିଦିଏ ଏବଂ ସେମାନଙ୍କଠାରୁ ମାନବୀୟତାକୁ କାଢ଼ିନିଆଯାଇଥାଏ। ଏହା ସେମାନଙ୍କ ମୌଳିକ ଅଧିକାରର ଉଲ୍ଲଂଘନ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ପିଲାମାନେ ଏଭଳି ଏକ ପରିବେଶରେ ବଢ଼ିବା ହକ୍‌ଦାର, ଯାହା ସେମାନଙ୍କ ମର୍ଯ୍ୟାଦାକୁ ସମ୍ମାନ ଦେଉଥିବ ଏବଂ ସେମାନଙ୍କୁ ଯେକୌଣସି ପ୍ରକାର କ୍ଷତିରୁ ସୁରକ୍ଷା ଦେଉଥିବ। ଶିଶୁ ଯୌନ ଶୋଷଣକାରୀ ଏବଂ ଦୁରୁପଯୋଗ ସାମଗ୍ରୀ (ସିଏସ୍‌ଇଏଏମ୍) ଉକ୍ତ ଅଧିକାରକୁ ଅତ୍ୟନ୍ତ ଗମ୍ଭୀର ଭାବେ ଉଲ୍ଲଂଘନ କରିଥାଏ। ସିଏସ୍‌ଇଏଏମ୍‌ଗୁଡ଼ିକୁ ରଖିବା ଓ ପ୍ରସାରଣ କରିବା କେବଳ ଏଥିରେ ପ୍ରଦର୍ଶିତ ହୋଇଥିବା ପିଲା ପାଇଁ ଅପମାନଜନକ ତାହା ନୁହେଁ, ସବୁ ପିଲାଙ୍କ ମର୍ଯ୍ୟାଦା ହାନି କରିଥାଏ ବୋଲି ଖଣ୍ଡପୀଠ କହିଛନ୍ତି। ☞ପୃଷ୍ଠା-୪

ସାର୍ବଜନୀନ ହେବନି ମେଜର, ବାନ୍ଧବୀଙ୍କ ନାମ

ଭରତପୁର ଥାନା ମାମଲାରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଆଦେଶ

କଟକ, ୨୩।୯ (କାର୍ତ୍ତିକ ସାହୁ)

ଭରତପୁର ଥାନାରେ ଘଟିଥିବା ନିର୍ଯାତନା ଘଟଣାରେ ହାଇକୋର୍ଟ ସୋମବାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ଘଟଣାରେ ସମ୍ପୃକ୍ତ ଭାରତୀୟ ସେନାର ମେଜର, ତାଙ୍କ ବାନ୍ଧବୀ ଓ ଅଭିଯୁକ୍ତ ୭ ଯୁବକଙ୍କ ପରିଚୟ ସାର୍ବଜନୀନ ନ କରିବାକୁ ହାଇକୋର୍ଟ ତାଗିଦ କରିଛନ୍ତି। ଏପରିକି ବୈଦ୍ୟୁତିକ, ଛାପା ଓ ସାମାଜିକ ଗଣମାଧ୍ୟମରେ ସେମାନଙ୍କ ନାମ ପ୍ରକାଶ ଉପରେ ରୋକ୍ ଲଗାଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟର ସବୁ ଥାନାରେ ସିସିଟିଭି କ୍ୟାମେରା ଲଗାଇବାକୁ ଏଡିଜି (ଆଧୁନିକୀକରଣ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ମାମଲାର ଅନୁଧ୍ୟାନ କରିବାକୁ ହାଇକୋର୍ଟ ମନା କରିଛନ୍ତି। ରାଜ୍ୟ ସରକାର ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବାରୁ ତଦନ୍ତ ଅନୁଧ୍ୟାନର ଆବଶ୍ୟକତା ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ଶୁଣାଣିବେଳେ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ, କ୍ରାଇମବ୍ରାଞ୍ଚକୁ ୩ଟି ଅଭିଯୋଗର ତଦନ୍ତ ଦାୟିତ୍ୱ ଓ ପୋଲିସ ନିଲମ୍ବନ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଆସନ୍ତା ୯ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ପ୍ରକାଶ ଯେ, ଭରତପୁର ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ ହାଇକୋର୍ଟଙ୍କ ପକ୍ଷରୁ ରେଜିଷ୍ଟ୍ରାର ଜୁଡିସିଆଲ ଏହି ମାମଲା ରୁଜୁ କରିଛନ୍ତି। ମାମଲାର ଶୁଣାଣି ସମୟରେ ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ରାଜ୍ୟ ସରକାର ଏହି ଘଟଣାକୁ ନେଇ ସମ୍ପୂର୍ଣ୍ଣ ସମ୍ବେଦନଶୀଳ ଅଛନ୍ତି। ମହିଳା ଏବଂ ନାଗରିକଙ୍କ ସୁରକ୍ଷା ଉପରେ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଯାହା ପଦକ୍ଷେପ ନେବା କଥା ନିଆଯାଉଛି। ବିଭିନ୍ନ ଅଭିଯୋଗକାରୀଙ୍କ ଆବେଦନକୁ ଆଧାର କରି ୩ଟି ସ୍ୱତନ୍ତ୍ର ମାମଲା ରୁଜୁ ହୋଇଛି। ସେଗୁଡ଼ିକର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ☞ପୃଷ୍ଠା-୪

'ଓସ୍କାର ୨୦୨୫' ପାଇଁ 'ଲାପତା ଲେଡିଜ୍' ମନୋନୀତ

ମୁମ୍ବାଇ, ୨୩।୯

୨୦୨୫ ମାର୍ଚ୍ଚ ୨ରେ ଆମେରିକାର ଲସ୍ ଏଞ୍ଜେଲସ୍‌ରେ ଅନୁଷ୍ଠିତ ହେବାକୁ ଥିବା ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିଷ୍ଠିତ ପୁରସ୍କାର 'ଓସ୍କାର'ର ୯୭ତମ ସମାରୋହରେ ଫିଲ୍ମ ନିର୍ମାତା ତଥା ସ୍କ୍ରିନ୍ ରାଇଟର କିରନ୍ ରାଓଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଲାପତା ଲେଡିଜ୍' ଭାରତର ପ୍ରତିନିଧିତ୍ୱ କରିବ। ଫିଲ୍ମ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ସୋମବାର ଏହି ଘୋଷଣା କରାଯାଇଛି। ରଣବୀର କପୁରଙ୍କ 'ଆନିମଲ', ମାଲୟାଲମ ଫିଲ୍ମ 'ଆଟ୍ଟମ' ଏବଂ କାନ୍ସ ବିଜେତା ପାୟଲ କପାଡ଼ିଆଙ୍କ 'ଅଲ୍ ୱି ଇମାଜିନ ଆଣ୍ଡ ଲାଇଟ୍' ପରି ୨୮ଟି ଫିଲ୍ମକୁ ପଛରେ ପକାଇ 'ଲାପତା ଲେଡିଜ୍'କୁ ଏହି ସଫଳତା ମିଳିଛି। ଅସମୀୟା ନିର୍ଦ୍ଦେଶକ ଜହ୍ନୁ ବୋରୁଆଙ୍କ ଅଧ୍ୟକ୍ଷତାରେ ଗଠିତ ଫିଲ୍ମ ଫେଡେରେଶନ୍ ଅଫ୍ ଇଣ୍ଡିଆର ୧୩ ସଦସ୍ୟ ବିଶିଷ୍ଟ ଚୟନ କମିଟି ସର୍ବସମ୍ମତିରେ ୨୯ ଭାରତୀୟ ଫିଲ୍ମ ତାଲିକାରୁ ଅଭିନେତା ଆମୀର ଖାନ୍ ଏବଂ ତାଙ୍କ ପୂର୍ବତନ ସ୍ତ୍ରୀ କିରନଙ୍କ ନିର୍ମିତ 'ଲାପତା ଲେଡିଜ୍'କୁ ଶ୍ରେଷ୍ଠ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ବର୍ଗରେ 'ଓସ୍କାର ୨୦୨୫' ପାଇଁ ମନୋନୀତ କରିଛି। 'ଲାପତା ଲେଡିଜ୍' ବ୍ୟତୀତ ବଲିଉଡ୍ ଫିଲ୍ମ 'ଶ୍ରୀକାନ୍ତ', ତାମିଲ ଫିଲ୍ମ 'ବାଜ୍‌ହାଇ' ଏବଂ 'ଥଙ୍ଗାଲାନ୍', ମାଲୟାଲମ ଫିଲ୍ମ 'ଉଲ୍ଲୋଝୁକ୍କୁ' ଏହି ୨୯ ଫିଲ୍ମ ତାଲିକାର ଶ୍ରେଷ୍ଠ ୫ ଫିଲ୍ମ ଭାବରେ ସ୍ଥାନ ପାଇଛନ୍ତି।

ରିଲିଜ୍ ହେବା ପୂର୍ବରୁ ଗତବର୍ଷ ସେପ୍ଟେମ୍ବର ୮ରେ ଟରୋଣ୍ଟୋ ଫିଲ୍ମ ଫେଷ୍ଟିଭାଲ୍‌ରେ 'ଲାପତା ଲେଡିଜ୍'କୁ ପ୍ରଦର୍ଶିତ କରାଯାଇଥିଲା। ଚଳିତ ବର୍ଷ ମାର୍ଚ୍ଚ ୧ରେ ରିଲିଜ୍ ହୋଇଥିବା ଏହି ଫିଲ୍ମରେ ଅଭିନେତ୍ରୀ ନିତାଂଶୀ ଗୋୟଲ, ପ୍ରତିଭା ରାଣ୍ଟା, ଛାୟା କଦମ ଏବଂ ଅଭିନେତା ସ୍ପର୍ଶ ଶ୍ରୀବାସ୍ତବ, ରବି କିଶନ, ଅଭୟ ଦୁବେଙ୍କ ପରି କଳାକାର ଅଭିନୟ କରିଥିଲେ। ଫିଲ୍ମରେ ଅଭିନେତା ରବି କିଶନ ପୋଲିସ ଭୂମିକାରେ ନଜରକୁ ଆସିଛନ୍ତି। ଚଳଚ୍ଚିତ୍ରର କାହାଣୀ ୨ ଭାରତୀୟ ନବବିବାହିତା କନ୍ୟାଙ୍କ ଉପରେ ଆଧାରିତ। ଉଭୟ ବିବାହର ବିଦାୟୀ ☞ପୃଷ୍ଠା-୪



ବଜ୍ରପାତରେ ୮ ମୃତ

ଛତିଶଗଡ଼ର ରାଜନନ୍ଦଗାଓଁ ଜିଲା ଜୋରାତରାଇ ଗ୍ରାମରେ ସୋମବାର ବଜ୍ରପାତ ଘଟି ୮ ଜଣଙ୍କର ମୃତ୍ୟୁ ଘଟିଛି। ଗ୍ରାମ ନିକଟ ଅସ୍ଥାୟୀ ପ୍ରତିକ୍ଷାଳୟରେ ୯ ଜଣ ଆଶ୍ରୟ ନେଇଥିଲେ। ସେମାନଙ୍କ ମଧ୍ୟରୁ ୮ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସଂକ୍ଷେପରେ

ଲଡୁ ବିବାଦ ପରେ ତିରୁପତି ମନ୍ଦିରର ଶୁଦ୍ଧୀକରଣ

ହାଇଦ୍ରାବାଦ,୨୩।୯

ଆନ୍ଧ୍ରପ୍ରଦେଶର ତିରୁପତି ଭେଙ୍କଟେଶ୍ୱର ମନ୍ଦିରରେ ପ୍ରସାଦମ୍ ଭାବେ ଲାଗି ହେଉଥିବା ଲଡୁ ପ୍ରାଣୀ ଚର୍ବି ଓ ମାଛ ତେଲରେ ତିଆରି ହେଉଥିବା ଲାବୋରେଟୋରି ରିପୋର୍ଟକୁ ନେଇ ବିବାଦ ଜୋର୍ ଧରିଥିବାବେଳେ ସୋମବାର ମନ୍ଦିରର ଶୁଦ୍ଧୀକରଣ କରାଯାଇଛି। ବହୁସଂଖ୍ୟାରେ ପୂଜକ ମନ୍ଦିରରେ ମହାଶନି ହୋମ କରିଥିଲେ। ଅପମିଶ୍ରଣଜନିତ ଦୁଷ୍ପ୍ରଭାବ ଦୂର କରିବା ଏବଂ ପ୍ରସାଦମ୍ ଭାବେ ବ୍ୟବହୃତ ଲଡୁର ପବିତ୍ରତା ଫେରାଇ ଆଣିବା ପାଇଁ ମନ୍ଦିରକୁ ଶୁଦ୍ଧପୂତ କରାଯାଉଥିବା ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି)ର କାର୍ଯ୍ୟକର୍ତ୍ତାମାନେ କହିଛନ୍ତି। ଅନ୍ୟପକ୍ଷରେ ଲାବୋରେଟୋରି ରିପୋର୍ଟ କେତେଦୂର ସତ, ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ଟିଟିଡିର ପୂର୍ବତନ ଅଧ୍ୟକ୍ଷ ୱାଇ.ଭି. ସୁବ୍ବା ରେଡ୍ଡୀ କହିଛନ୍ତି। ଏଥିପାଇଁ ଏକ ନିରପେକ୍ଷ ତଦନ୍ତ କମିଟି ଗଠନ ନିମନ୍ତେ ନିର୍ଦ୍ଦେଶ ଦେବାକୁ ସେ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ତଦନ୍ତ କରାଯିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ତିରୁପତି ଲଡୁରେ ପ୍ରାଣୀ ଚର୍ବି ବ୍ୟବହାର କରାଯାଉଥିବା ଅଭିଯୋଗର ତଦନ୍ତ ଅଦାଲତଙ୍କ ତତ୍ତ୍ୱାବଧାନରେ କରାଇବା ପାଇଁ ଭାଜପା ନେତା ସୁବ୍ରମଣ୍ୟମ ସ୍ୱାମୀ ସୋମବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଲଡୁରେ ବ୍ୟବହୃତ ଘିଅର ଉତ୍ସ ଏବଂ ନମୁନା ଉପରେ ସବିଶେଷ ରିପୋର୍ଟ ଦାଖଲ ଲାଗି ଆନ୍ଧ୍ରପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ସୁବ୍ରମଣ୍ୟମ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଛନ୍ତି।

ଲେବାନନ୍‌ରେ ଇସ୍ରାଏଲ୍‌ର ଜୋର୍‌ଦାର ଆକ୍ରମଣ

୨୪ ଶିଶୁଙ୍କ ସମେତ ୩୫୬ ନିହତ

ଦକ୍ଷିଣ ଲେବାନନ୍‌ରୁ ଲୋକଙ୍କ ଗଣପଳାୟନ

ମାର୍ଜାୟୁନ୍,୨୩।୯

ଇସ୍ରାଏଲୀ ସେନା ଲେବାନନ୍ ଉପରେ ଆକ୍ରମଣକୁ ଜୋର୍‌ଦାର କରିଛି। ସୋମବାର ଏହାର ସବୁଠୁ ଘାତକ ଆକ୍ରମଣରେ ୨୪ ଶିଶୁଙ୍କ ସମେତ ୩୫୬ ଜଣ ନିହତ ହୋଇଛନ୍ତି। ଆଗକୁ ହେଜ୍‌ବୋଲ୍ଲା ବିରୋଧରେ ଆହୁରି ଘାତକ ଏୟାରଷ୍ଟ୍ରାଇକ୍ ହେବାକୁ ଥିବାରୁ ଲେବାନନ୍‌ର ଦକ୍ଷିଣ ଏବଂ ପୂର୍ବାଞ୍ଚଳରୁ ଲୋକମାନଙ୍କୁ ଘରଦ୍ୱାର ଛାଡ଼ି ପଳାଇଯିବା ପାଇଁ ଇସ୍ରାଏଲ୍ ସେନା ସତର୍କ କରିଦେଇଛି। ଦକ୍ଷିଣ ଭାଗରୁ ଅନେକ ହଜାର ଲେବାନିଜ୍ ପଳାୟନ କରୁଥିବାରୁ ବେରୁଟ୍ ଆଡ଼କୁ ଯାଇଥିବା ମୁଖ୍ୟ ରାଜପଥରେ ଗାଡ଼ି ଜାମ୍ ଦେଖିବାକୁ ମିଳିଛି। ୨୦୦୬ର ଇସ୍ରାଏଲ୍-ହେଜ୍‌ବୋଲ୍ଲା ଯୁଦ୍ଧ ପରେ ଏହା ସବୁଠୁ ବଡ଼ ଗଣପଳାୟନ।

ଇସ୍ରାଏଲ୍ ସେନା ସୋମବାର ୧୧୦୦ଟି ସ୍ଥାନକୁ ଟାର୍ଗେଟ କରି ଆକ୍ରମଣ କରିଥିବା ଘୋଷଣା କରିଛି। ଇରାନ୍ ସମର୍ଥିତ ହେଜ୍‌ବୋଲ୍ଲା ଆତଙ୍କବାଦୀ ସଂଗଠନର ଅସ୍ତ୍ରାଗାରଗୁଡ଼ିକୁ ଟାର୍ଗେଟ କରାଯାଉଛି। ଦକ୍ଷିଣ ଏବଂ ପୂର୍ବ ବେକା ଭ୍ୟାଲିରେ ଥିବା ଟାଉନ୍‌ଗୁଡ଼ିକର କେତେକ ଆବାସିକ ଅଞ୍ଚଳରେ ଏୟାରଷ୍ଟ୍ରାଇକ୍ କରାଯାଇଥିଲା।

ବେରୁଟ୍ ସୀମାରୁ ୮୦ ମାଇଲ ଦୂର କେନ୍ଦ୍ରୀୟ ଲେବାନନ୍‌ର ଏକ ଜଙ୍ଗଲ ଅଞ୍ଚଳରେ ମଧ୍ୟ ବୋମାମାଡ଼ କରାଯାଇଛି। ହେଜ୍‌ବୋଲ୍ଲା ଆତଙ୍କବାଦୀମାନେ ଅସ୍ତ୍ରଶସ୍ତ୍ର ଠୁଳ କରିଥିବା ଅଞ୍ଚଳରୁ ସାଧାରଣ ଲୋକେ ତୁରନ୍ତ ପଳାଇଯିବାକୁ ଇସ୍ରାଏଲୀ ସେନା ମୁଖପାତ୍ର ଡାନିଏଲ୍ ହଗାରି କହିଛନ୍ତି।

ଅନ୍ୟପକ୍ଷରେ ହେଜ୍‌ବୋଲ୍ଲା ଗାଲିଲିସ୍ଥିତ ଇସ୍ରାଏଲୀ ସାମରିକ ଘାଟି ଉପରେ ବହୁସଂଖ୍ୟାରେ ରକେଟ ମାଡ଼ କରିଥିବା ଏକ ବିବୃତିରେ କହିଛି। ଏହା ବ୍ୟତୀତ ହାଇଫାରେ ରହିଥିବା ରାଫେଲ୍ ପ୍ରତିରକ୍ଷା କାରଖାନାକୁ ଦ୍ୱିତୀୟ ଦିନ ପାଇଁ ହେଜ୍‌ବୋଲ୍ଲା ଟାର୍ଗେଟ କରିଥିଲା। ହେଜ୍‌ବୋଲ୍ଲାର ଶୀର୍ଷ କମାଣ୍ଡରଙ୍କ ସମେତ ଅନେକ ଲଢୁଆ ନିହତ ହେବା ପରେ ଏହାର ଜବାବ ଦେବାକୁ ଯାଇ ଉକ୍ତ ଆତଙ୍କବାଦୀ ସଂଗଠନ ଉତ୍ତର ଇସ୍ରାଏଲ୍‌ରେ ୧୫୦ରୁ ଅଧିକ ରକେଟ, ମିଶାଇଲ ଏବଂ ଡ୍ରୋନ୍ ମାଡ଼ କରିଥିଲା। ଘରଦ୍ୱାର ଛାଡ଼ି ପଳାଇଯିବା ପାଇଁ ଇସ୍ରାଏଲ୍‌ର ଚେତାବନୀ ସତ୍ତ୍ୱେ ଅନେକ ଲୋକ ଏହାର ଟାର୍ଗେଟ ସ୍ଥାନ ନିକଟରେ ରହିଥିବା ଦେଖାଯାଇଛି। ଆକ୍ରମଣ ଓ ପ୍ରତିଆକ୍ରମଣକୁ ନେଇ ଲେବାନନ୍‌ରେ ଯୁଦ୍ଧ ଭୟ ସୃଷ୍ଟି ହୋଇଛି।

ମଧ୍ୟପ୍ରାଚ୍ୟକୁ ଅଧିକ ସୈନ୍ୟ ପଠାଇଲା ଆମେରିକା

ୱାଶିଂଟନ,୨୩।୯

ଲେବାନନ୍‌ରେ ଇସ୍ରାଏଲ୍ ଏବଂ ହେଜ୍‌ବୋଲ୍ଲା ମଧ୍ୟରେ ହିଂସା ବଢୁଥିବାବେଳେ ଆଞ୍ଚଳିକ ଯୁଦ୍ଧ ବ୍ୟାପିବା ଆଶଙ୍କା ରହିଛି ବୋଲି ପେଣ୍ଟାଗନ କହିଛି। ଉତ୍ତେଜନା ହ୍ରାସ ଉଦ୍ଦେଶ୍ୟରେ ଆମେରିକା ମଧ୍ୟପ୍ରାଚ୍ୟକୁ ଅତିରିକ୍ତ ସୈନ୍ୟ ପଠାଇଛି। ସୋମବାର ଲେବାନନ୍‌ରେ ଇସ୍ରାଏଲ୍ ଜୋର୍‌ଦାର ଏୟାରଷ୍ଟ୍ରାଇକ୍ କରିବା ସହ ସାଧାରଣ ନାଗରିକଙ୍କୁ ଘର ଛାଡ଼ି ପଳାଇଯିବା ପାଇଁ କହିବା ପରେ ଯୁଦ୍ଧ ଆଶଙ୍କା ସୃଷ୍ଟି ହୋଇଛି। ଲେବାନନ୍‌ରେ ରହିଥିବା ଆମେରିକୀୟମାନଙ୍କୁ ସେଠାରୁ ପଳାଇଆସିବାକୁ ବାଇଡେନ୍ ପ୍ରଶାସନ ପରାମର୍ଶ ଦେଇଛି।

ପୋଲିସ ଗୁଳିରେ ବଳାତ୍କାର ଅଭିଯୁକ୍ତଙ୍କ ମୃତ୍ୟୁ

ଅକ୍ଷୟ ସିନ୍ଦେ

ମୁମ୍ବାଇ,୨୩।୯

ମହାରାଷ୍ଟ୍ରର ବଦଲାପୁରର ଏକ ନର୍ସରୀ ସ୍କୁଲରେ ଦୁଇ ଛାତ୍ରୀଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତ ସୋମବାର ପୋଲିସ ଗୁଳିରେ ନିହତ ହୋଇଛନ୍ତି। ଅଭିଯୁକ୍ତ ଅକ୍ଷୟ ସିନ୍ଦେଙ୍କୁ ତାଲୋଜା ଜେଲରୁ ତଦନ୍ତ ପାଇଁ ବଦଲାପୁରକୁ ଏକ ପୋଲିସ ଗାଡ଼ିରେ ନିଆଯାଉଥିବାବେଳେ ସେ ଜଣେ ପୋଲିସ ଅଧିକାରୀଙ୍କଠାରୁ ବନ୍ଧୁକ ଛଡ଼ାଇନେଇ ଗୁଳି ଚଳାଇଥିଲେ। ଏଥିରେ ୨ ଜଣ ପୋଲିସ ଆହତ ହୋଇଥିଲେ। ପୋଲିସ୍‌ର ପାଲଟା ଗୁଳିରେ ଅକ୍ଷୟ ଗୁରୁତର ଆହତ ହୋଇଥିଲେ। ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି। ୨୩ ବର୍ଷୀୟ ଅକ୍ଷୟଙ୍କୁ ଗତ ଅଗଷ୍ଟ ମାସରେ ଏକ ନର୍ସରୀ ସ୍କୁଲର ସଫେଇ କର୍ମଚାରୀ ଭାବେ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯାଇଥିଲା। ସେହି ମାସରେ ସେ ସ୍କୁଲ୍ ୱାଶରୁମ୍‌ରେ ୩ ବର୍ଷ ଓ ୪ ବର୍ଷ ବୟସର ଦୁଇ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଅଗଷ୍ଟ ୧୭ରେ ଗିରଫ ହୋଇଥିଲେ। ବମ୍ବେ ହାଇକୋର୍ଟ ଏହି ମାମଲାକୁ ନିଜ ଆଡୁ ବିଚାର ପାଇଁ ଗ୍ରହଣ କରି ତଦନ୍ତରେ ବିଳମ୍ବ ପାଇଁ ପୋଲିସକୁ ଭର୍ତ୍ସନା କରିଥିଲେ।

ଘିଅ ଯୋଗାଣକାରୀ କମ୍ପାନୀକୁ ନୋଟିସ

ନୂଆଦିଲ୍ଲୀ, ୨୩।୯

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୋମବାର ତିରୁପତି ମନ୍ଦିରର ଘିଅ ଯୋଗାଣକାରୀ କମ୍ପାନୀ 'ଏଆର୍ ଡେଏରୀ'କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି। ଲଡୁ ବିବାଦ ପରେ ମନ୍ତ୍ରଣାଳୟ ପକ୍ଷରୁ ମନ୍ଦିରର ୪ ଘିଅ ଯୋଗାଣକାରୀ କମ୍ପାନୀର ନମୁନା ସଂଗ୍ରହ କରାଯାଇଥିଲା। ଉକ୍ତ ନମୁନାଗୁଡ଼ିକର ପରୀକ୍ଷଣ ସମୟରେ ଏଆର୍ ଡେଏରୀ କମ୍ପାନୀ ଦ୍ୱାରା ଉତ୍ପାଦିତ ଘିଅରେ ଗୋରୁ ଚର୍ବି, ମାଛ ତେଲ ଆଦି ମିଶ୍ରିତ ହୋଇ ରହିଥିବା ଜଣାପଡ଼ିଛି।

ଭାରତରେ ୪ ଦଶନ୍ଧିରେ ୩ ଗୁଣା ବଢ଼ିଛି ଏକଶିଙ୍ଗା ଗଣ୍ଡା ସଂଖ୍ୟା

ନୂଆଦିଲ୍ଲୀ, ୨୩।୯

ଭାରତରେ ଗତ ୪ ଦଶନ୍ଧି ମଧ୍ୟରେ ଏସୀୟ ଏକଶିଙ୍ଗା ଗଣ୍ଡା ସଂଖ୍ୟାରେ ୩ ଗୁଣା ବୃଦ୍ଧି ଘଟିଛି। ରବିବାର ବିଶ୍ୱ ଗଣ୍ଡା ଦିବସ ଅବସରରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଏହି ରିପୋର୍ଟ ପ୍ରକାଶ ପାଇଛି। ୪ ଦଶନ୍ଧି ତଳେ ଦେଶରେ ଏକଶିଙ୍ଗା ଗଣ୍ଡାଙ୍କ ସଂଖ୍ୟା ୧,୫୦୦ ଥିବାବେଳେ ଏବେ ୪ ହଜାରରେ ପହଞ୍ଚିଛି। ୧୯୬୦ରେ ଭାରତରେ ମାତ୍ର ୬୦୦ ଗଣ୍ଡା ଥିଲେ। କେନ୍ଦ୍ର ସରକାର, ବିଭିନ୍ନ ରାଜ୍ୟର ଜଙ୍ଗଲ ବିଭାଗ ଏବଂ ସ୍ଥାନୀୟ ସମ୍ପ୍ରଦାୟର ନିରନ୍ତର ଉଦ୍ୟମ ଯୋଗୁ ଗଣ୍ଡା ସଂରକ୍ଷଣରେ ସଫଳତା ମିଳିଛି।

ଭାରତରେ ନିବେଶ ପାଇଁ ଆମେରିକୀୟ ସିଇଓଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ



ଲୋଟ୍ଟେ ନ୍ୟୁୟର୍କ ପ୍ୟାଲେସ୍ ହୋଟେଲରେ ରାଉଣ୍ଡ ଟେବୁଲ୍ ବୈଠକ ଅବସରରେ ଆମେରିକାର ବୃହତ୍ ପ୍ରଯୁକ୍ତି ଶିଳ୍ପସଂସ୍ଥାଗୁଡ଼ିକର ସିଇଓମାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ନ୍ୟୁୟର୍କ,୨୩।୯(ପି.ଟି.)

ଆମେରିକାର ବୃହତ୍ ପ୍ରଯୁକ୍ତି ସଂସ୍ଥାଗୁଡ଼ିକର ସିଇଓମାନଙ୍କୁ ଭାରତରେ ଶିଳ୍ପ ପ୍ରତିଷ୍ଠା ଓ ପୁଞ୍ଜିନିବେଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମନ୍ତ୍ରଣ କରିଛନ୍ତି। ରବିବାର ଆମେରିକାର ବୃହତ୍ ପ୍ରଯୁକ୍ତି ଶିଳ୍ପର ସିଇଓମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଆମେରିକା, ଚାଇନା, ଜର୍ମାନୀ ଏବଂ ଜାପାନ ପରେ ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥ ବ୍ୟବସ୍ଥା। ଏହାର ମୋଟ ଘରୋଇ ଉତ୍ପାଦ (ଜିଡିପି) ୩.୯ ଟ୍ରିଲିୟନ ଡଲାର। ଏହା ବିଶ୍ୱର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି। କ୍ରମାଗତ ୩ ବର୍ଷ ହେଲା ଭାରତର ଜିଡିପି ଅଭିବୃଦ୍ଧି ୭ ପ୍ରତିଶତରୁ ଅଧିକ ରହିଛି। ତାଙ୍କ ତୃତୀୟ ପାଳି ସରକାରର କାର୍ଯ୍ୟକାଳ ମଧ୍ୟରେ ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବା ପାଇଁ ସମସ୍ତ ପ୍ରୟାସ ଚଳାଇଛି। ତେଣୁ ଭାରତର ଦ୍ରୁତ ଅଭିବୃଦ୍ଧିର ଫାଇଦା ଉଠାଇବା ପାଇଁ ମୋଦି ସିଇଓମାନଙ୍କୁ ପରାମର୍ଶ ଦେଇଛନ୍ତି। ଅଭିବୃଦ୍ଧିର ଫାଇଦା ନେଇ ଆମେରିକୀୟ ପ୍ରଯୁକ୍ତି କମ୍ପାନୀଗୁଡ଼ିକ ବିଶ୍ୱ ପାଇଁ ଭାରତ ସହ ମିଳିତ ଭାବେ ବିଭିନ୍ନ ସାମଗ୍ରୀର ବିକାଶ, ଡିଜାଇନ୍ ଓ ଉତ୍ପାଦନ କରିପାରିବେ। ସେମାନଙ୍କ ବୌଦ୍ଧିକ ସମ୍ପତ୍ତିର ସୁରକ୍ଷା ଏବଂ ପ୍ରଯୁକ୍ତି ଇନୋଭେଶନକୁ ବଢ଼ାଇବା ପାଇଁ ଭାରତ ପ୍ରତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ବିଜ୍‌ନେସ୍ ଲିଡରମାନଙ୍କୁ କହିଥିଲେ। ଇଲେକ୍ଟ୍ରୋନିକ୍ ଏବଂ ସୂଚନା ପ୍ରଯୁକ୍ତି ଉତ୍ପାଦନ ଏବଂ ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତ ଯଥେଷ୍ଟ ପରିବର୍ତ୍ତନ ଆଣିଛି। ଭାରତକୁ ସେମିକଣ୍ଡକ୍ଟର ଉତ୍ପାଦନର ବୈଶ୍ୱିକ କେନ୍ଦ୍ର ଭାବେ ଗଢ଼ିବା ପାଇଁ ତାଙ୍କ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୋଦି କହିଥିଲେ। ଲୋଟ୍ଟେ ନ୍ୟୁୟର୍କ ପ୍ୟାଲେସ୍ ହୋଟେଲରେ ହୋଇଥିବା ଏହି ବୈଠକରେ ଏଆଇ, କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଓ ସେମିକଣ୍ଡକ୍ଟର ସମେତ ଅତ୍ୟାଧୁନିକ ପ୍ରଯୁକ୍ତିର ୧୫ ବୃହତ୍ ଆମେରିକୀୟ ସଂସ୍ଥାର ସିଇଓମାନେ ଭାଗ ନେଇଥିଲେ। ଏହି ରାଉଣ୍ଡ ଟେବୁଲ ବୈଠକ ଫଳପ୍ରଦ ହୋଇଥିବା ପ୍ରଧାନମନ୍ତ୍ରୀ ଏକ୍ସ'ରେ ଲେଖିଛନ୍ତି।

ଆଣ୍ଟିବାୟୋଟିକ୍‌ରେ ଭଲ ହେଉନି ଟାଇଫଏଡ୍, ନିମୋନିଆ

ଆଇସିଏମ୍ଆର୍ ରିପୋର୍ଟ

ନୂଆଦିଲ୍ଲୀ,୨୩।୯

ମୁତ୍ରନଳୀରେ ସଂକ୍ରମଣ, ରକ୍ତ ସଂକ୍ରମଣ, ନିମୋନିଆ, ଟାଇଫଏଡ୍ ଭଳି କେତେକ ରୋଗ ସାଧାରଣ ଆଣ୍ଟିବାୟୋଟିକ୍‌ରେ ଆଉ ଭଲ ହେଉନାହିଁ। ଏହି ରୋଗ ସୃଷ୍ଟି କରାଉଥିବା ବ୍ୟାକ୍ଟେରିଆଗୁଡ଼ିକ ଉପରେ ସାଧାରଣ ଆଣ୍ଟିବାୟୋଟିକ୍‌ଗୁଡ଼ିକ କୌଣସି ପ୍ରତିକ୍ରିୟା ପକାଉ ନ ଥିବା ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର୍) କହିଛି। ସାରା ଦେଶରେ ଆଣ୍ଟିବାୟୋଟିକ୍ ପ୍ରତିରୋଧ ସମସ୍ୟା ବଢ଼ିବାରେ ଲାଗିଛି। ୨୦୨୩ ଜାନୁଆରୀରୁ ଡିସେମ୍ବର ୩୧ ମଧ୍ୟରେ ସାରା ଦେଶର ହସ୍ପିଟାଲ ଓ କ୍ଲିନିକ୍‌ଗୁଡ଼ିକରୁ ସଂଗୃହୀତ ତଥ୍ୟ ଆଧାରରେ ଆଇସିଏମ୍ଆର୍ ରିପୋର୍ଟ ପ୍ରସ୍ତୁତ କରିଛି। ବିଭିନ୍ନ ବ୍ୟାକ୍ଟେରିଆ ବିରୋଧରେ ଆଣ୍ଟିବାୟୋଟିକ୍‌ଗୁଡ଼ିକର ପରୀକ୍ଷାରୁ ଜଣାପଡ଼ିଥିଲା ୟୁଟିଆଇ, ରକ୍ତ ସଂକ୍ରମଣ, ନିମୋନିଆ ଓ ଟାଇଫଏଡ୍ ସାଧାରଣ ଆଣ୍ଟିବାୟୋଟିକ୍‌ରେ ଭଲ କରିବା କଷ୍ଟକର ହୋଇପଡ଼ିଛି। କେତେକ ରୋଗରେ ସାଧାରଣ ଆଣ୍ଟିବାୟୋଟିକ୍ ଆଦୌ କାମ କରୁ ନ ଥିବା ଜଣାପଡ଼ିଥିଲା।

୧୬ ଔଷଧକୁ ବିଷାକ୍ତ ଘୋଷଣା କଲା ଡିସିଜିଆଇ

ନୂଆଦିଲ୍ଲୀ,୨୩।୯

ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ୧୬ଟି ସାଧାରଣ ବ୍ୟବହୃତ ଔଷଧକୁ ବିଷାକ୍ତ ଘୋଷଣା କରିଛନ୍ତି। ଏହି ଔଷଧଗୁଡ଼ିକ ନିୟାମକର ମାନ ଏବଂ ନିରାପତ୍ତା ପରୀକ୍ଷାରେ ବିଫଳ ହୋଇଛି। ବିଷାକ୍ତ ଘୋଷିତ ଔଷଧ ମଧ୍ୟରେ ରହିଛି ରକ୍ତଚାପ ନିୟନ୍ତ୍ରଣ ପାଇଁ ବହୁଳ ବ୍ୟବହୃତ ଗ୍ଲେନ୍‌ମାର୍କ ଫାର୍ମାସ୍ୟୁଟିକାଲର ଟେଲ୍‌ମା ଏଚ୍, ପିତ୍ତାଶୟ ପଥୁରୀ ଚିକିତ୍ସା ପାଇଁ ବ୍ୟବହୃତ ସନ୍ ଫାର୍ମାସ୍ୟୁଟିକାଲର ଓସ୍ରୋକାଲ୍-୩୦୦, ଫୁସ୍‌ଫୁସୀୟ ଧମନୀ ଉଚ୍ଚ ରକ୍ତଚାପ ଚିକିତ୍ସାରେ ଲାଗୁଥିବା ପୁଲମୋସିଲ୍ ଇଞ୍ଜେକ୍ସନ ଏବଂ ଗ୍ୟାଷ୍ଟ୍ରିକ୍ ଚିକିତ୍ସା ପାଇଁ ପାଣ୍ଟୋସିଡ୍। ବିଦେଶରେ କେତେକ ଭାରତୀୟ ଔଷଧ ମାନକ ପରୀକ୍ଷାରେ ଫେଲ୍ ମାରିବା ପରେ କେନ୍ଦ୍ରୀୟ ଔଷଧ ମାନ ନିୟନ୍ତ୍ରଣ ସଂଗଠନ (ସିଡିଏସ୍‌ସିଓ) ଏବଂ ରାଜ୍ୟ ଔଷଧ ନିୟନ୍ତ୍ରକଗୁଡ଼ିକ ଗତ ବର୍ଷକ ମଧ୍ୟରେ ୪୦୦ରୁ ଊର୍ଦ୍ଧ୍ୱ ଔଷଧ କମ୍ପାନୀ ପରିସରରେ ଅନୁଧ୍ୟାନ କରିଥିଲେ। କେତେକ ଔଷଧର ଉତ୍ପାଦନ ଅର୍ଡର ବନ୍ଦ କିମ୍ବା ସ୍ଥଗିତ ରଖାଯିବା ସହ ଲାଇସେନ୍ସ ବାତିଲ କରାଯାଇଥିଲା। ପାଜିଭା-୪୦, ପାଣ୍ଟୋମେଡ୍-୪୦, ସେଫିକ୍ସାଇମ୍ ଓରାଲ ସସ୍ପେନ୍‌ଶନ ଆଇପି, ମକ୍ସିମେଡ୍ ସିଭି, ଫ୍ରୁସ୍‌ମାଇଡ୍ ଇଞ୍ଜେକ୍ସନ ଆଇପି ୨୦ ଏମ୍‌ଜି, ନୋଡୋସିସ୍ ଟାବ୍‌ଲେଟ୍, ପାଣ୍ଟୋପ୍ରାଜୋଲ ଇଞ୍ଜେକ୍ସନ, ବିଭି ୪୦ ଏମ୍‌ଜି ଉପଯୁକ୍ତ ମାନର ନୁହେଁ ବୋଲି ଦର୍ଶାଯାଇଥିଲା। ରଦ୍ଦ ହୋଇଥିବା ନିର୍ଦ୍ଦିଷ୍ଟ ବ୍ୟାଚ୍‌ର ଔଷଧକୁ ସନ୍ ଫାର୍ମାସ୍ୟୁଟିକାଲ୍ସ ଏବଂ ଗ୍ଲେନ୍‌ମାର୍କ ଫାର୍ମାସ୍ୟୁଟିକାଲ ଉତ୍ପାଦନ କରି ନ ଥିବା ଜଣାଇଛନ୍ତି।

ଔଷଧର ବିକଳ୍ପ ରହିଛି

ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ଯେଉଁ ଔଷଧଗୁଡ଼ିକୁ କ୍ଷତିକାରକ ଘୋଷଣା କରିଛି ତାହା ଗ୍ରହଣୀୟ ହେବା ଉଚିତ। କାରଣ ଡିସିଜିଆଇ ସେହି ଔଷଧର ମାନ ଯାଞ୍ଚ କରିବା ପରେ ହିଁ ଏପରି ଘୋଷଣା କରିଛି। କ୍ଷତିକାରକ ଘୋଷଣା ହୋଇଥିବାରୁ ଏହାକୁ ସେବନ ପାଇଁ ଡାକ୍ତର ପରାମର୍ଶ ଦେବା ଅନୁଚିତ। ଏହିସବୁ ଔଷଧର ବିକଳ୍ପ ମଧ୍ୟ ଉପଲବ୍ଧ ରହିଛି। ଅନ୍ୟ ଔଷଧଗୁଡିକ ଡାକ୍ତରଙ୍କ ପରାମର୍ଶରେ ସେବନ କରିବା ଆବଶ୍ୟକ।

-ପ୍ରଫେସର ଡା. ଅଜୟ ମିଶ୍ର,
ମାନସିକ ରୋଗ ବିଭାଗ, ଏସ୍‌ସିବି ମେଡିକାଲ

ସାଧାରଣ ଲୋକେ ଏଥିପ୍ରତି ସତର୍କ ହେବା ଜରୁରୀ

କୋଭିଡ୍ ସମୟରେ ପାରାସିଟାମଲ ଓ ଆଜିଥ୍ରୋମାଇସିନ ଭଳି ଔଷଧ କ୍ଷତିକାରକ ବୋଲି କୁହାଯାଇଥିଲା। ବଜାରକୁ ନକଲି ଔଷଧ ଆସୁଛି। ଡିସିଜିଆଇ ମାନ ଯାଞ୍ଚ କରିବା ପରେ ଏପରି ଘୋଷଣା କରିଥାଇପାରେ। ସାଧାରଣ ଲୋକ ଡିସିଜିଆଇର ଘୋଷଣା ମାନିବା ଆବଶ୍ୟକ। କୌଣସି ଔଷଧକୁ ଡାକ୍ତରଙ୍କ ବିନା ପରାମର୍ଶରେ ସେବନ କରିବା ଅନୁଚିତ। ଏବେ ଏହିସବୁ ଔଷଧକୁ ବାରଣ କରିବା ଏବଂ ଅନ୍ୟ ଔଷଧ ଡାକ୍ତରଙ୍କ ପରାମର୍ଶରେ ସେବନ କରିବା ଜରୁରୀ।

-ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା, ମେଡିସିନ ବିଭାଗ, ଏସ୍‌ସିବି ମେଡିକାଲ

ମିସ୍ ୟୁନିଭର୍ସ ଇଣ୍ଡିଆ ଟାଇଟଲ ଜିତିଲେ ରିୟା ସିଂଘା

ଜୟପୁର, ୨୩।୯

ଗୁଜରାଟୀ ମଡେଲ ରିୟା ସିଂଘା(୧୯) 'ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୪' ଟାଇଟଲ ହାସଲ କରିଛନ୍ତି। ରବିବାର ରାଜସ୍ଥାନର ଜୟପୁରରେ ଅନୁଷ୍ଠିତ 'ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୪'ର ଗ୍ରାଣ୍ଡ ଫିନାଲେରେ ସେ ୫୧ ଜଣ ଫାଇନାଲିଷ୍ଟଙ୍କୁ ପଛରେ ପକାଇ ଏହି ସଫଳତା ହାସଲ କରିଛନ୍ତି। ପୂର୍ବତନ ମିସ୍ ୟୁନିଭର୍ସ ଇଣ୍ଡିଆ ତଥା ଅଭିନେତ୍ରୀ ଉର୍ବଶୀ ରୌତେଲା ରିୟାଙ୍କୁ ବିଜୟ ମୁକୁଟ ପିନ୍ଧାଇଛନ୍ତି। ଆସନ୍ତା ନଭେମ୍ବର ୧୬ରେ ମେକ୍ସିକୋ ରାଜଧାନୀ ମେକ୍ସିକୋ ସିଟିରେ ଆୟୋଜିତ ହେବାକୁ ଥିବା ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ରିୟା ଭାରତର ପ୍ରତିନିଧିତ୍ୱ କରିବେ। ରିୟା କହିଛନ୍ତି, 'ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୪' ଟାଇଟଲ ହାସଲ କରି ସେ ଗର୍ବ ଅନୁଭବ କରୁଛନ୍ତି। ଏଥିପାଇଁ ତାଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଛି। ପୂର୍ବ ବିଜେତାମାନଙ୍କଠାରୁ ସେ ଅନୁପ୍ରାଣିତ ହୋଇଥିଲେ ବୋଲି ରିୟା କହିଛନ୍ତି। ସଫଳତା ପାଇଁ ରିୟାଙ୍କୁ ସୋସିଆଲ ମିଡିଆରେ ବହୁ ସେଲିବ୍ରିଟି ଅଭିନନ୍ଦନ ଜଣାଇବା ସହ 'ମିସ୍ ୟୁନିଭର୍ସ ୨୦୨୪' ପ୍ରତିଯୋଗିତା ପାଇଁ ଶୁଭକାମନା ମଧ୍ୟ ଜଣାଇଛନ୍ତି।

ଦୁର୍ନୀତିଗ୍ରସ୍ତ ବାବୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନି

ସିଭିସି ରିପୋର୍ଟ

ନୂଆଦିଲ୍ଲୀ,୨୩।୯ (ପି.ଟି.)

ସରକାରୀ ବିଭାଗଗୁଡ଼ିକ ୩୪ଟି ବଡ଼ ମାମଲାରେ ଦୁର୍ନୀତିଗ୍ରସ୍ତ ବାବୁମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶନାମାର ଅନୁପାଳନ କରି ନ ଥିବା କେନ୍ଦ୍ରୀୟ ଭିଜିଲାନ୍ସ ଆୟୋଗ (ସିଭିସି) ଦର୍ଶାଇଛନ୍ତି। କେତେକ ମାମଲାରେ ଉକ୍ତ ଦୁର୍ନୀତିଗ୍ରସ୍ତ ଅଫିସରମାନଙ୍କୁ ଦୋଷମୁକ୍ତ କରିଦିଆଯାଇଛି କିମ୍ବା ସେମାନଙ୍କ ବିରୋଧରେ ସମ୍ପୃକ୍ତ ବିଭାଗ ଦଣ୍ଡ କୋହଳ କରିଦେଇଛି। ସିଭିସିର ୨୦୨୩ ବାର୍ଷିକ ରିପୋର୍ଟରୁ ଏହା ଜଣାପଡ଼ିଛି।

କୋଇଲା ମନ୍ତ୍ରଣାଳୟ ସହ ସମ୍ପୃକ୍ତ ଏଭଳି ସର୍ବାଧିକ ୭ଟି ମାମଲା ରହିଥିବାବେଳେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ରେ ୫ଟି, ଆଇଡିବିଆଇରେ ୪, ଇସ୍ପାତ ମନ୍ତ୍ରଣାଳୟରେ ୩, ଶକ୍ତି ମନ୍ତ୍ରଣାଳୟ ଏବଂ ଏନ୍‌ବିସିସି(ଇଣ୍ଡିଆ) ଲିଃରେ ୨ଟି ଲେଖାଏ ମାମଲା ରହିଛି। ଦିଲ୍ଲୀ ଜଳ ବୋର୍ଡ, ଗଭର୍ନମେଣ୍ଟ ଅଫ୍ ନ୍ୟାଶନାଲ କ୍ୟାପିଟାଲ ଟେରିଟୋରି ଅଫ୍ ଦିଲ୍ଲୀ (ଜିଏନ୍‌ସିଟିଡି), ରେଳ ମନ୍ତ୍ରଣାଳୟ, ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ, କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମାଶୁଳ୍କ ବିଭାଗ (ସିବିଆଇସି) ଏବଂ କାଉନ୍‌ସିଲ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ସିଏସ୍ଆଇଆର୍)ରେ ଗୋଟିଏ ଲେଖାଏ ମାମଲା ରହିଥିବା ଉକ୍ତ ରିପୋର୍ଟରୁ ଜଣାପଡ଼ିଛି। ସେହିପରି ସିକ୍ୟୁରିଟି ପ୍ରିଣ୍ଟିଙ୍ଗ ଆଣ୍ଡ ମିଣ୍ଟିଙ୍ଗ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିଃ, ଇଲେକ୍ଟ୍ରୋନିକ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ ଲିଃ (ଇସିଆଇଏଲ୍), ନ୍ୟାଶନାଲ ଫର୍ଟିଲାଇଜର ଲିଃ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏବଂ ୟୁନାଇଟେଡ୍ ଇଣ୍ଡିଆ ଇନ୍ସ୍ୟୁରାନ୍ସ କମ୍ପାନୀ ଲିଃ ସିଭିସିଙ୍କ ପରାମର୍ଶକୁ କାର୍ଯ୍ୟକାରୀ କରି ନାହାନ୍ତି। କମିଶନଙ୍କ ପରାମର୍ଶକୁ ଗ୍ରହଣ ନ କରିବା ଭିଜିଲାନ୍ସ ପ୍ରକ୍ରିୟାକୁ ନଷ୍ଟ କରିବା ସହ ଭିଜିଲାନ୍ସ ପ୍ରଶାସନର ନିରପେକ୍ଷତାକୁ ଦୁର୍ବଳ କରିଦେଉଛି ବୋଲି ରିପୋର୍ଟରେ କୁହାଯାଇଛି। କୋଇଲା ମନ୍ତ୍ରଣାଳୟରେ ଜଣେ ପ୍ରୋଜେକ୍ଟ ଅଫିସର, ଜଣେ ମୁଖ୍ୟ ମ୍ୟାନେଜର, ୩ ମ୍ୟାନେଜର ଏବଂ ଭାରତ କୋକିଂ କୋଲ ଲିଃ (ବିସିସିଏଲ୍)ର ଜଣେ ନିର୍ଦ୍ଦେଶକଙ୍କୁ ଠିକା ପ୍ରଦାନ, ପୁନଃ ଟେଣ୍ଡର କରିବାରେ ଅନିୟମିତତା ମାମଲା ପାଇଁ ଦାୟୀ କରାଯାଇଥିବାବେଳେ ସିଭିସିଙ୍କ ପରାମର୍ଶକୁ ବିଭାଗ କାର୍ଯ୍ୟକାରୀ କରିନାହିଁ। ସେହିପରି ଏସ୍‌ବିଆଇ ମାମଲାରେ ବ୍ୟାଙ୍କର ରିଜିଓନାଲ ବିଜ୍‌ନେସ ଅଫିସ୍ ରିନୋଭେଶନ ଏବଂ ମରାମତି କାର୍ଯ୍ୟ, ବିଭିନ୍ନ ସାମଗ୍ରୀ କିଣାରେ ପର୍ଯ୍ୟାପ୍ତ ବ୍ୟୟ କରିଥିବା ଜଣାପଡ଼ିଥିଲା। ବିଭାଗୀୟ ତଦନ୍ତ ପରେ ଜଣେ ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ଓ ଜଣେ ଚିଫ୍ ମ୍ୟାନେଜରଙ୍କ ବିରୋଧରେ ବଡ଼ ଧରଣର ଜରିମାନା ଲଗାଇବା ପାଇଁ କମିଶନ ପରାମର୍ଶ ଦେଇଥିଲେ। ରିଭ୍ୟୁ କମିଟି ଅନିୟମିତତାକୁ ଦେଖିବା ସତ୍ତ୍ୱେ ଜରିମାନା ବଦଳରେ ପ୍ରଶାସନିକ ତାଗିଦ୍ ପାଇଁ ୨୦୨୨ ସେପ୍ଟେମ୍ବରରେ ନିର୍ଦ୍ଦେଶ ଜାରି କରିଥିଲା। ଏହିପରି ବିଭିନ୍ନ ବିଭାଗ ସିଭିସିଙ୍କ ପରାମର୍ଶକୁ କାର୍ଯ୍ୟକାରୀ କରି ନ ଥିବା ରିପୋର୍ଟରେ କୁହାଯାଇଛି।

ଜଳପ୍ରପାତ ସୁଅରେ ଭାସି ୨ ଡାକ୍ତରୀ ଛାତ୍ରୀଙ୍କ ମୃତ୍ୟୁ

୨ ଉଦ୍ଧାର, ଜଣେ ନିଖୋଜ

ମାଲକାନଗିରି, ୨୩।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତରେ ଥିବା ଏକ ଜଳପ୍ରପାତ ପାଣି ସୁଅରେ ୫ ଡାକ୍ତରୀ ଛାତ୍ର ଭାସିଯାଇଥିବାବେଳେ ୨ ଛାତ୍ରୀଙ୍କ ମୃତଦେହ ଜବତ ହୋଇଛି। ୨ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଅନ୍ୟ ଜଣେ ଛାତ୍ରୀ ନିଖୋଜ ଥିବା ସୂଚନା ମିଳିଛି। ଉଦ୍ଧାର ଛାତ୍ରୀଛାତ୍ରଙ୍କୁ ରାଜମହେନ୍ଦ୍ରୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେବେ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି।

ମାଲକାନଗିରି ଜିଲାର ମୋଟୁଠାରୁ ପ୍ରାୟ ୪୦ କି.ମି. ଦୂରରେ ଥିବା ଆନ୍ଧ୍ରପ୍ରଦେଶର ଆଲୁରି ଜିଲାର ଜଳତରଙ୍ଗିନୀ ଜଳପ୍ରପାତ ନିକଟକୁ ଏଲୁର ମେଡିକାଲ କଲେଜର ୧୩ ଛାତ୍ରୀଛାତ୍ର ରବିବାର ଅପରାହ୍ନରେ ବୁଲିବାକୁ ଯାଇଥିଲେ। ସମସ୍ତେ ଜଳପ୍ରପାତ ନିକଟରେ ବସିଥିବା ବେଳେ ହଠାତ୍ ପ୍ରଖର ଜଳ ସ୍ରୋତ ମାଡ଼ି ଆସିବାରୁ ୪ ଛାତ୍ରୀ ଓ ଜଣେ ଛାତ୍ର ପାଣିରେ ଭାସିଯାଇଥିଲେ। ସେଠାରେ ଉପସ୍ଥିତ ଥିବା ସ୍ଥାନୀୟ ଲୋକେ ଜଣେ ଡାକ୍ତରୀ ଛାତ୍ର ଓ ଛାତ୍ରୀଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ। ବହୁ ଖୋଜାଖୋଜି ପରେ ଅନ୍ୟ ୨ ଜଣ ଛାତ୍ରୀଙ୍କ ମୃତଦେହ ମିଳିଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ଜଣେ ଡାକ୍ତରୀ ଛାତ୍ରୀ ନିଖୋଜ ଥିବାରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ଜଳତରଙ୍ଗିନୀ ଜଳପ୍ରପାତ

ବିଚାରବିଭାଗୀୟ ତଦନ୍ତ ନେଇ ବିଜ୍ଞପ୍ତି

- ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମେଜର, ପୀଡ଼ିତା, ତାଙ୍କ ବାପା
- ତଦନ୍ତର ଅଗ୍ରଗତି ନେଇ ମୁଖ୍ୟ ଶାସନ ସଚିବଙ୍କ ସହିତ ଆଲୋଚନା କଲେ ଡିଜିପି
- ନିର୍ଦ୍ଧାରିତ ସମୟରେ ନ୍ୟାୟ ଦେବାକୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି: ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୨୩।୯ (ସୁନିତ୍ ମିଶ୍ର)

ଭରତପୁର ଥାନାରେ ମେଜର ଏବଂ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ବିଳମ୍ବିତ ରାତିରେ ବିଚାରବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ସୋମବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜଷ୍ଟିସ୍ ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ବିଚାରବିଭାଗୀୟ ତଦନ୍ତ କରାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ମୁଖ୍ୟତଃ ୩ଟି ଦିଗ ଉପରେ ତଦନ୍ତ ଆଗେଇବା ନେଇ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। କିଭଳି ଓ କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା। ସମ୍ପୂର୍ଣ୍ଣ ଘଟଣାକ୍ରମ କ'ଣ ଥିଲା। କେଉଁ ପରିସ୍ଥିତିରେ ଭରତପୁର ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଦୁର୍ବ୍ୟବହାର ଓ ମାଡମରା ଭଳି ଘଟଣା ଘଟିଲା। ଏହିସବୁ ଘଟଣାର ତଦନ୍ତ କରାଯିବ। ସେହିପରି ଚନ୍ଦକା ଥାନା ଅଞ୍ଚଳରେ ଘଟିଥିବା ରୋଡ୍ ରୋମିଓଙ୍କ ଅସଦାଚରଣ ଘଟଣାର ବି ତଦନ୍ତ ହେବ। ଏହି ଘଟଣାରେ କାହାର ଭୂମିକା କ'ଣ ଥିଲା ଏବଂ ଏଥିଲାଗି କିଏ ଉତ୍ତରଦାୟୀ ସେଥିଲାଗି ସମ୍ପୃକ୍ତ ବ୍ୟକ୍ତି, ଗୋଷ୍ଠୀ ଏବଂ କର୍ତ୍ତୃପକ୍ଷଙ୍କୁ ତଦନ୍ତ ପରିସରଭୁକ୍ତକୁ ନିଆଯିବ। ଅନ୍ୟ କିଛି ଘଟଣା ସହ ଏହାର ଲିଙ୍କ୍ ରହିଛି କି ନାହିଁ ତା'ର ତଦନ୍ତ ହେବ। ଯଦି ଆଉ କିଛି ଘଟଣା ସହିତ ଆଉ କିଛି ଜଡ଼ିତ ଥାଏ, ତେବେ କମିଶନ ଏହାର ତଦନ୍ତ କରିପାରିବେ। ଏଭଳି ଘଟଣାର ଯେପରି ଭବିଷ୍ୟତରେ ପୁନରାବୃତ୍ତି ନ ହେବ ସେନେଇ ପରାମର୍ଶ ଦିଆଯାଇଛି। ବିଜ୍ଞପ୍ତିରେ ମହିଳାଙ୍କ ନିରାପତ୍ତା ଓ ସୁରକ୍ଷା ନେଇ ମଧ୍ୟ ପରାମର୍ଶ ଦିଆଯାଇଛି। କମିଶନଙ୍କ ମୁଖ୍ୟାଳୟ ଭୁବନେଶ୍ୱରରେ ରହିବ। କମିଶନ ଯଦି ଆବଶ୍ୟକ କରନ୍ତି ତେବେ ଅନ୍ୟ ସ୍ଥାନକୁ ଯାଇ ତଦନ୍ତ କରିପାରିବେ। ବିଜ୍ଞପ୍ତି ପ୍ରକାଶର ୬୦ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷରେ ଏହିସବୁ ଘଟଣା ଭିତରେ ମେଜର ଓ ତାଙ୍କ ବାନ୍ଧବୀ ଏବଂ ବାନ୍ଧବୀଙ୍କ ବାପା ସୋମବାର ଲୋକସେବା ଭବନ ଯାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଏହି ସମୟରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ପ୍ରତିନିଧି ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ପୀଡ଼ିତା ଖୁସି ବ୍ୟକ୍ତ କରିବା ସହିତ କହିଛନ୍ତି, ମୁଖ୍ୟମନ୍ତ୍ରୀ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଯାହା ଅନୁରୋଧ କରାଯାଇଥିଲା ତାକୁ ସରକାର ରଖିଛନ୍ତି। ତେଣୁ ମୋହନ ମାଝୀ ଲୋକଙ୍କ ମୁଖ୍ୟମନ୍ତ୍ରୀ ବୋଲି ପ୍ରମାଣିତ କରିଛନ୍ତି। ଏଥିଲାଗି ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ପୀଡ଼ିତାଙ୍କ ବାପା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି, ଆମ ଅନୁରୋଧ ରକ୍ଷାକରି ସାକ୍ଷାତ କରିବାକୁ ସମୟ ଦେଇଥିବାରୁ ଧନ୍ୟବାଦ। ଦୁଇ ଦିନ ତଳେ ପୋଲିସ ଅଧିକାରୀମାନେ ଯୁନିଫର୍ମ ପିନ୍ଧି ପ୍ରତିବାଦ ଜଣାଇଥିବାରୁ ଏହି ତଦନ୍ତ ନିରପେକ୍ଷ ହେବ କି ନାହିଁ ମନରେ ସନ୍ଦେହ ଥିଲା। ତେଣୁ ବିଚାରବିଭାଗୀୟ ତଦନ୍ତ ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ଆମର ଏହି ଦାବିକୁ ମାନି ନେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ତଦନ୍ତ ରିପୋର୍ଟରେ ସତ ଉନ୍ମୋଚନ ହେବ ବୋଲି ବିଶ୍ୱାସ ଥିବା ସେ କହିଛନ୍ତି। ଏହାସହ ଯେଉଁମାନେ ଏଥିର ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡୁଛନ୍ତି ସେମାନଙ୍କୁ ଚିହ୍ନଟ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ଏହି ଘଟଣାକୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି,ପୀଡ଼ିତା ଓ ତାଙ୍କ ପରିବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ସେମାନଙ୍କ ଦାବି ଅନୁଯାୟୀ, ଘଟଣାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ପୀଡ଼ିତା ଯେପରି ନିର୍ଦ୍ଧାରିତ ସମୟ ମଧ୍ୟରେ ନ୍ୟାୟ ପାଇବେ ତାହା ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି। ସମଗ୍ର ଦେଶରେ ଏହା ଏକ ଏପରି ମାମଲା, ଯେଉଁଥିରେ ଦୁଇଟି ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଗୋଟିଏ ପଟେ ମାମଲାରେ ବିଚାରବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ମଧ୍ୟ କରାଯାଉଛି। ଯେଉଁ ଥାନାରେ ସିସିଟିଭି ନାହିଁ ସେଠାରେ ତୁରନ୍ତ ସିସିଟିଭି ଲଗାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ପୋଲିସ ଡିଜି ୱାଇ.ବି. ଖୁରାନିଆ ଏବଂ ଏଡିଜି ଅରୁଣ ବୋଥ୍ରା ସୋମବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ଭେଟି ତଦନ୍ତର ଅଗ୍ରଗତି ନେଇ ଅବଗତ କରାଇଛନ୍ତି।

ସତ୍ୟ ବାହାର କରିବାକୁ ଚେଷ୍ଟା କରିବୁ: ଜଷ୍ଟିସ ଦାଶ

କଟକ, ୨୩।୯ (କାର୍ତ୍ତିକ ସାହୁ)

ଭରତପୁର ଥାନା ମାମଲାରେ ରାଜ୍ୟ ସରକାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟର ପୂର୍ବତନ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଏହି ତଦନ୍ତ କରାଯିବ। ଏପର୍ଯ୍ୟନ୍ତ ଚିତ୍ତରଞ୍ଜନଙ୍କ ନିକଟକୁ ସରକାରଙ୍କ ଚିଠି ଆସିନାହିଁ। ଏପରି ସ୍ଥିତିରେ ଚିତ୍ତରଞ୍ଜନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଭରତପୁର ଥାନା ମାମଲାରେ ସତ ବାହାର କରିବାକୁ ଚେଷ୍ଟା କରିବୁ। ଏହା ଆମର ପ୍ରାଥମିକତା ରହିବ। ଅଭିଜ୍ଞତାରୁ ଦେଖିଛୁ ଯେଉଁ ଫାଇଲ୍ ଯେତେ ବଡ଼ ଥାଏ, ତାହା ଛୋଟ ଆର୍ଗୁମେଣ୍ଟରେ ସରେ। କୌଣସି ଘଟଣାକୁ ବଡ଼ ଛୋଟ କରିବା ଲୋକଙ୍କ ମାନସିକତା ଉପରେ ନିର୍ଭର କରେ। ଆମେ ରାଜନୀତିକୁ ଯିବାର ନାହିଁ। ସରକାର ଯେଉଁ ନୀତି ନିର୍ଦ୍ଧାରଣ କରିବେ ସେହି ଅନୁସାରେ କାର୍ଯ୍ୟ କରିବା। ଜରୁରୀ ମାମଲା କ୍ଷେତ୍ରରେ ୬୦ ଦିନର ସମୟ ଧାର୍ଯ୍ୟ କରାଯାଏ। ମାତ୍ର ୬୦ ଦିନରେ ତଦନ୍ତ ସରିପାରେନାହିଁ। ତଦନ୍ତ ପାଇଁ ଏହା କମ୍ ସମୟ। ତଦନ୍ତ ଯାହା ହେଉଛି, ତାହା ଉପରେ କେହି ସନ୍ଦେହ କରିବା ଉଚିତ୍ ନୁହେଁ। ହାଇକୋର୍ଟଙ୍କ ଜଣେ ନ୍ୟାୟାଧୀଶଙ୍କ ଦ୍ୱାରା ତଦନ୍ତର ସିଧାସଳଖ ତଦାରଖ ହେଉଛି। କ୍ରାଇମବ୍ରାଞ୍ଚ ତଦନ୍ତ ଠିକ୍ ବାଟରେ ଯିବ। ତଦନ୍ତ ବେଳେ ଦେଖିବୁ ଯେ ଘଟଣାର ଉତ୍ପତ୍ତି କେଉଁଠୁ ହେଲା, କାହିଁକି ହେଲା, କାହାର ସେଥିରେ ଭୁଲ୍ ରହିଲା। ସେହି ଅନୁସାରେ ସରକାରଙ୍କୁ ପରାମର୍ଶ ଦେବୁ। ସରକାରଙ୍କ ଚିଠି ପାଇବା ପରେ ସମୟ ଅବଧି ଓ ସର୍ତ୍ତାବଳୀ ଦେଖି ଯାହା ନିଷ୍ପତ୍ତି ନିଆଯିବ। ଏଭଳି ଘଟଣା ଯେପରି ପୁନରାବୃତ୍ତି ନ ହେବ ତାହା ଦେଖିବୁ। ବିଶେଷକରି ଗୋଟେ ଛୋଟ ଜିନିଷରୁ ଅନ୍ୟ କେହି ଯେପରି ଫାଇଦା ନିଅନ୍ତୁ କିମ୍ବା କାହା ପ୍ରତି ଅନ୍ୟାୟ ନ ହେଉ ତାହା ଦେଖିବୁ। ମିଡିଆ ହାଉସ୍‌ର କାମ ହେଲା କୌଣସି ଘଟଣାର ରିପୋର୍ଟ କରିବା। ଗଣମାଧ୍ୟମ ଟ୍ରାଏଲ କରିବାର ଅଧିକାର ନାହିଁ। ଅନେକ ସମୟରେ କୋର୍ଟକୁ ଚାପ ପକାଏ। ଅଭିଜ୍ଞ ବିଚାରପତିମାନେ ବିଚଳିତ ହୁଅନ୍ତି ନାହିଁ। ନୂଆ ବିଚାରପତିମାନେ ଏଥିରେ ବିଚଳିତ ହେବା ସ୍ୱାଭାବିକ। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓ ଆମକୁ କେହି ଦେଲେ ସେଗୁଡ଼ିକୁ ଆମେ ଇଲେକ୍ଟ୍ରୋନିକ୍ସ ପ୍ରମାଣ ଭାବେ ଦେଖିବୁ ବୋଲି ପୂର୍ବତନ ବିଚାରପତି ଦାଶ କହିଛନ୍ତି।

ଜଷ୍ଟିସ ଚିତ୍ତରଞ୍ଜନ ଦାଶ

ଫେରିବା ଆରମ୍ଭ କଲା ମୌସୁମୀ, ରାଜ୍ୟରେ ବର୍ଷା ଜାରି

ଭୁବନେଶ୍ୱର, ୨୩।୯ (ଅନୁରାଧା ମହାରଣା)

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସୋମବାର ପଶ୍ଚିମ ରାଜସ୍ଥାନ ଏବଂ ଗୁଜରାଟ କଚ୍ଛର କିଛି ଅଞ୍ଚଳରୁ ବିଦାୟ ନେଇଛି। ଗତ ୧୭ ତାରିଖ ସୁଦ୍ଧା ମୌସୁମୀ ଫେରିବା ଆରମ୍ଭ କରିବ ବୋଲି ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଥିବାବେଳେ ଏଥିରେ ୬ଦିନ ବିଳମ୍ବ ହୋଇଛି। ତେବେ ବିଦାୟୀ ମୌସୁମୀ ରେଖା ଅନୁପଗଡ଼, ବିକାନେର୍, ଯୋଧପୁର, ଭୁଜ, ଦ୍ୱାରକା ଦେଇ ଗତି କରୁଛି। ଅନ୍ୟପଟେ କେନ୍ଦ୍ରୀୟ ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏଥିଯୋଗୁ ସୋମବାର କଟକ-ଭୁବନେଶ୍ୱର ସମେତ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହୋଇଥିବାବେଳେ ଆସନ୍ତା ୪ଦିନ ବର୍ଷା ଲାଗି ରହିବ। ମଙ୍ଗଳବାର ଦକ୍ଷିଣ ଓଡ଼ିଶାର ଅଧିକାଂଶ ଅଞ୍ଚଳ ଏବଂ ଉତ୍ତର ଓଡ଼ିଶାର କିଛି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ପ୍ରବଳ ବର୍ଷା ନେଇ ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କଳାହାଣ୍ଡି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର, ନବରଙ୍ଗପୁର, ବାଲେଶ୍ୱର, ଭଦ୍ରକ ଓ କନ୍ଧମାଳ ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଶିଡ଼ିଘରେ ବହୁ ସିସିଟିଭିକୁ ନେଇ ସନ୍ଦେହ

ଥାନା ଶିଡ଼ିଘରରେ ରହିଥିବା ସିସିଟିଭି ସରଞ୍ଜାମ।

ଭୁବନେଶ୍ୱର, ୨୩।୯ (ସତ୍ୟଜିତ୍ ରାଉତ)

ଆର୍ମି କ୍ୟାପଟେନ ଓ ବାନ୍ଧବୀଙ୍କୁ ଭରତପୁର ଥାନାରେ ଦୁର୍ବ୍ୟବହାର, ମାଡ଼ ସହ ନାନା ନର୍ଯାତନା ଦିଆଯିବା ଘଟଣାରେ କମିଶନରେଟ୍ ପୋଲିସ ବିବାଦ ଘେରକୁ ଆସିଛି। ଏପରିକି ଥାନାରେ ସିସିଟିଭି ନ ଥିବାରୁ ଘଟଣା ଯେତିକି ରହସ୍ୟ ଘେରକୁ ଆସୁଛି, ତତ୍କାଳୀନ ଥାନାଧିକାରୀଙ୍କ କାର୍ଯ୍ୟକଳାପକୁ ନେଇ ମଧ୍ୟ ସେତିକି ଚର୍ଚ୍ଚା ଲାଗି ରହିଛି। ସବୁ ଥାନାରେ ସିସିଟିଭି ରହିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଭରତପୁର ଥାନାର ନୂଆ କୋଠା ନିର୍ମାଣ କରାଯିବା ସହ ସିସିଟିଭି ଲଗାଯାଇଥିଲା ବୋଲି ସୂଚନା ଦିଆଯାଇଥିଲା। ହେଲେ ୧୪ ତାରିଖ ଶନିବାର ବିଳମ୍ବିତ ରାତିର ଏହି ଘଟଣା ପରେ ଥାନାରେ ସିସିଟିଭି କ୍ୟାମେରା ନ ଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଥିଲା। ଏଭଳିସ୍ଥିତିରେ ସୋମବାର ଥାନା କୋଠାର ଶିଡିଘରେ ବହୁ ସିସିଟିଭି କ୍ୟାମେରା ସହ କେବୁଲ୍ ଓ ମନିଟର ଆଦି ପଡିରହିଥିବା ଦେଖିବାକୁ ମିଳିଛି। ପୂଜାପାଠ ଚାଲିଥିବା ଖବର ପାଇ ଗଣମାଧ୍ୟମ ପ୍ରତିନିଧିମାନେ ଥାନାକୁ ଯାଇଥିବାବେଳେ ଏହା ଉପରେ ନଜର ପଡିଥିଲା। ତେବେ ଘଟଣା ପୂର୍ବରୁ ସିସିଟିଭି ଥିଲା ନା ଘଟଣା ପରେ କାଢି ଦିଆଯାଇଥିଲା, ତାହାକୁ ନେଇ ସନ୍ଦେହ ଘନୀଭୂତ ହୋଇଛି। ଏହି ଘଟଣାକୁ ନେଇ ସାଧାରଣରେ ମଧ୍ୟ ଚର୍ଚ୍ଚା ସୃଷ୍ଟି ହୋଇଛି। ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ସିସିଟିଭି କ୍ୟାମେରା, କମ୍ପ୍ୟୁଟର ସିଷ୍ଟମ୍ ଓ କେବୁଲ ଆଦି ଅବ୍ୟବହୃତ ଅବସ୍ଥାରେ ପଡି ରହିଥିବା ପ୍ରସଙ୍ଗରେ ଥାନାଧିକାରୀ ଦୀପକ କୁମାର ଖଣ୍ଡାୟତରାୟ କହିଛନ୍ତି, ଭରତପୁରର ପୁରୁଣା ଥାନାରୁ ସିସିଟିଭିଗୁଡ଼ିକୁ ଅଣାଯାଇଛି। ସେଗୁଡ଼ିକୁ ନୂତନ ଥାନାରେ ଲଗାଯିବାର ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଥାନାରେ ନୂତନ କେବୁଲ ବିଛାଯିବା ସହ ସିସିଟିଭି ଲଗାଯିବାର ମଧ୍ୟ ବ୍ୟବସ୍ଥା କରାଯାଉଥିବା ଦେଖିବାକୁ ମିଳିଛି।

ଚର୍ଚ୍ଚିତ ଭରତପୁର ଥାନାରେ ପୂଜାପାଠ

ଭୁବନେଶ୍ୱର, ୨୩।୯ (ସତ୍ୟଜିତ୍ ରାଉତ)

ଆର୍ମି କ୍ୟାପଟେନ୍ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ ବିବାଦ ଘେରକୁ ଆସିଥିବା ଭରତପୁର ଥାନାକୁ ନେଇ ଦେଶବ୍ୟାପୀ ଚର୍ଚ୍ଚା ଲାଗିରହିଛି। ଇନ୍ସପେକ୍ଟର ଦୀନକୃଷ୍ଣ ମିଶ୍ରଙ୍କୁ ନିଲମ୍ବନ କରାଯିବା ପରେ ନୂଆ ଥାନାଧିକାରୀ ଦୀପକ କୁମାର ଖଣ୍ଡାୟତରାୟଙ୍କୁ ଭରତପୁର ଥାନା ଦାୟିତ୍ୱ ଦିଆଯାଇଛି। ତେବେ ଦୀପକ ଥାନା ପ୍ରବେଶ କରିବା ପୂର୍ବରୁ ସୋମବାର ପୂଜାପାଠ କରିଛନ୍ତି। ବ୍ରାହ୍ମଣ ଥାନାରେ ପହଞ୍ଚି ମନ୍ତ୍ରପାଠ କରିଥିବାବେଳେ ଆଇଆଇସି ଓ ଥାନା କର୍ମଚାରୀମାନେ ପୂଜାରେ ସାମିଲ ହୋଇଥିଲେ। ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଏହି ପୂଜା କରାଯାଇଥିଲା। ଏଥିସହ ଥାନା ସମ୍ମୁଖରେ ବ୍ରାହ୍ମଣ ଲେମ୍ବୁ ଓ ଲଙ୍କା ଝୁଲାଇଥିଲେ। ତେବେ ବ୍ୟକ୍ତିଗତ ଦୃଷ୍ଟିରୁ ମାନସିକ ଶାନ୍ତି ପାଇଁ ଏହି ପୂଜା କରାଯାଇଥିଲା ବୋଲି ଥାନାଧିକାରୀ ଖଣ୍ଡାୟତରାୟ କହିଛନ୍ତି।

ପୋଲିସ ମେଳି ପ୍ରସଙ୍ଗ, ସବୁ ଆଇଆଇସିଙ୍କୁ ଚିଠି

ଭୁବନେଶ୍ୱର, ୨୩।୯ (ସତ୍ୟଜିତ୍ ରାଉତ)

ଭରତପୁର ଥାନା ନିର୍ଯାତନା ଘଟଣାରେ ଏକପାଖିଆ ନିଷ୍ପତ୍ତି ନିଆଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଅଭିଯୋଗ ଉଠାଇ ଏହା ପ୍ରତିବାଦରେ ଗତ ୨୧ ତାରିଖ ଅପରାହ୍ନରେ ଭୁବନେଶ୍ୱର ରିଜର୍ଭ ପୋଲିସ ପଡିଆରେ ଶତାଧିକ ପୋଲିସ ମେଳି ବାନ୍ଧିଥିଲେ। କନ୍‌ଷ୍ଟେବଲଠୁ ଆରମ୍ଭ କରି, ଇନ୍ସପେକ୍ଟର ଓ ଏସିପିମାନେ ପଡିଆରେ ଏକାଠି ହୋଇ ନୀରବ ପ୍ରତିବାଦ କରିଥିଲେ। ତେବେ ଡ୍ୟୁଟି ସମୟରେ ମେଳି ବାନ୍ଧିଥିବା ଏହି ଅଫିସରମାନେ ଅଡୁଆରେ ପଡିଛନ୍ତି। ଏନେଇ ଭୁବନେଶ୍ୱର ରିଜର୍ଭ ଇନ୍‌ସ୍ପେକ୍ଟର ଭୁବନେଶ୍ୱରର ସମସ୍ତ ଥାନା ଆଇଆଇସିଙ୍କୁ ଚିଠି ଲେଖିଛନ୍ତି। ୨୧ ତାରିଖ ଅପରାହ୍ନ ୪ଟାରୁ ୬ଟା ମଧ୍ୟରେ ଥାନାରେ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀଙ୍କ ତାଲିକା ମଗାଯାଇଛି। ଏଥିସହ ସେହି ସମୟରେ ଥାନାର ଡିସିଓ, ଏମ୍‌ରଜେନ୍ସି, ସେଣ୍ଟ୍ରିମାନଙ୍କ ତାଲିକା ଦେବାକୁ କୁହାଯାଇଛି। ସୋମବାର ଦିନ ୨ଟା ସୁଦ୍ଧା କମିଶନରେଟ୍ ପୋଲିସ ମୁଖ୍ୟାଳୟରେ ଚିଠିର ଉତ୍ତର ଦେବାକୁ ନିର୍ଦ୍ଦେଶ ହୋଇଛି।

ଆଜି କ'ଣ କେଉଁଠି

ଭୁବନେଶ୍ୱର
- ହିନ୍ଦୁସ୍ତାନୀ ସଙ୍ଗୀତ ସଭା 'ମହ୍ଲାର ଉତ୍ସବ', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଜାତୀୟ ନାଟକ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

କଟକ
- ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ୧୦୮ତମ ଜୟନ୍ତୀ ମହୋତ୍ସବ, ସ୍ଥାନ: ଚୌଦ୍ୱାର କପାଳେଶ୍ୱରସ୍ଥିତ ଶିବାନନ୍ଦ ଆତ୍ମଜ୍ଞାନ ଆଶ୍ରମ, ସମୟ: ସକାଳ ୭ଟା ୩୦।
- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ଯୋଜନା ଦିବସ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍‌ସିବି ମେଡିକାଲ କଲେଜ ଯୁକ୍ତ ଛାତ୍ରୀଛାତ୍ର ସଂଘ ପକ୍ଷରୁ ଇଣ୍ଟର-ମେଡିକାଲ କଲେଜ ଫେଷ୍ଟ 'ସିନାପ୍ସ', ସ୍ଥାନ: ନୂତନ ସମ୍ମିଳନୀ କକ୍ଷ, ମେଡିକାଲ ପରିସର, ସମୟ: ଅପରାହ୍ନ ୩ଟା।
- ମା'କଳାପାଟଙ୍କ ଷୋଡଶ ପୂଜା ଉପଚାର ଆରମ୍ଭ ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ମା'କଳାପାଟଙ୍କ ପୀଠସ୍ଥଳୀ, ନୂଆପାଟଣା, ତିଗିରିଆ,ସମୟ: ସନ୍ଧ୍ୟା ୭ଟା।

ପୁରୀ
- ମା' ବାଙ୍କୀମୁହାଣ ରାମଚଣ୍ଡୀଙ୍କ ଷୋଡ଼ଶ ପୂଜା ଆରମ୍ଭ, ସ୍ଥାନ: ବାଙ୍କୀମୁହାଣ, ରେଡକ୍ରସ ରୋଡ୍, ସମୟ: ପୂର୍ବାହ୍ନ ୧୦ଟା।

ଖୋର୍ଦ୍ଧା
- ଜିଲାସ୍ତରୀୟ ପୋଷଣମାହ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ ଭାଗବତ ସପ୍ତାହ ପ୍ରବଚନ ଓ ଜ୍ଞାନଯଜ୍ଞ, ସ୍ଥାନ: ଅରାଙ୍ଗ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।

ବାଲେଶ୍ୱର
- ଜିଲାସ୍ତରୀୟ ବିକାଶ ମେଳା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ପୋଲିସ ଲାଇନ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- 'କଳାକାର' ପକ୍ଷରୁ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାହାନଗା ବ୍ଲକସ୍ତରୀୟ 'ରା' ପ୍ରତିଯୋଗିତା, ସ୍ଥାନ: ଆରୁହାବାଦ୍ ଉଚ୍ଚ ବିଦ୍ୟାଳୟ, ବାହାନଗା, ସମୟ: ପୂର୍ବାହ୍ନ ୧୧ଟା।
- ଲୋକକଳା ଓ ସରକାରୀ ଯୋଜନା ବିଷୟବସ୍ତୁ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପୋଲିସ ରିଜର୍ଭ ପଡିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

ଭଦ୍ରକ
- ବଡ଼ ସରକାର ବାବାଙ୍କ ୧୦ମ ବାର୍ଷିକ ଫାତେହା ଉତ୍ସବ, ସ୍ଥାନ: ସରକାରନଗର, ଭଦ୍ରକ, ସମୟ: ସକାଳ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ମଣ୍ଡଳପୋଖରୀ, ବାସୁଦେବପୁର, ସମୟ: ସକାଳ ୯ଟା।
- ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ, ସ୍ଥାନ: ଚାନ୍ଦବାଲି ଏନ୍‌ଏସି, ସମୟ: ପୂର୍ବାହ୍ନ ୧୦ଟା।
- ୧୦ମ ଉର୍ସ ଇ-କାଦରିୟା, ସ୍ଥାନ: ସରକାରନଗର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

କେନ୍ଦୁଝର
- ମା' ମଙ୍ଗଳାଙ୍କ ମନ୍ଦିରରେ ମଙ୍ଗଳା ମେଳା, ପୂଜା, ସ୍ଥାନ: ଶାଳକଣିଆଁ, ଭୂଇଁପୁର, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ମା' ମଙ୍ଗଳାଙ୍କ ନିଶା ମଙ୍ଗଳବାର ଓଷା ଏବଂ ପୂଜା, ସ୍ଥାନ: ତରଭା, ହାଟଡ଼ିହୀ, ସମୟ : ସକାଳ ୭ ଟା।
- ବିଭିନ୍ନ ଗ୍ରାମରେ ମାନସିକଧାରୀଙ୍କ ଦିତୀୟା ଓଷା ପାଳନ, ସ୍ଥାନ: ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।
- ମା' ତାରିଣୀଙ୍କ ମନ୍ଦିରରେ ଭଜନ କୀର୍ତ୍ତନ, ସ୍ଥାନ: ଛେନାପଦୀ, ମରୈଗାଁ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।
- ମା' ଭୂଆସୁଣୀଙ୍କ ମନ୍ଦିରରେ ସାପ୍ତାହିକ ଭଜନ ସମାରୋହ, ସ୍ଥାନ: ମଠ କପୁଣ୍ଡି, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ଟା ୩୦।

ମୟୂରଭଞ୍ଜ
- ରାଜ୍ୟସ୍ତରୀୟ ସାହାଣି କପ୍ ଫୁଟବଲ ଟୁର୍ନାମେଣ୍ଟ ପରିଚାଳନା କମିଟିର ଖବରଦାତା ସମ୍ମିଳନୀ,ସ୍ଥାନ: ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ବିକାଶ ମେଳାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୪ଟା।

ବ୍ରହ୍ମପୁର
- କୃପାମୟ ଅନଙ୍ଗଭୀମ ଦେବଙ୍କ ତିରୋଧାନ ଦିବସ ପାଳନ, ସ୍ଥାନ:ଉତ୍କଳ ଆଶ୍ରମ,ସମୟ: ସନ୍ଧ୍ୟା ୭ଟା।
- ଏନ୍‌ଏସ୍‌ଏସ୍ ପୁରସ୍କାର ପ୍ରଦାନ ସମାରୋହ,ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା୩୦।

ଗଞ୍ଜାମ
- ବିପଦର ବନ୍ଧୁ ଅନୁଷ୍ଠାନର ବାର୍ଷିକ ଉତ୍ସବ, ସ୍ଥାନ: ଭଞ୍ଜନଗର ଜେଲ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

ଗଜପତି
- ଜିଲାସ୍ତରୀୟ ରକ୍ତଦାନ ଶିବିର, ସ୍ଥାନ: ବିଜୁ କଲ୍ୟାଣ ମଣ୍ଡପ, ସମୟ: ସକାଳ ୭ଟା।

ଢେଙ୍କାନାଳ
- ଲକ୍ଷ୍ମୀପୂଜା ପାଳନ ସମ୍ପର୍କିତ ପ୍ରସ୍ତୁତି ବୈଠକ, ସ୍ଥାନ: ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ, ସମୟ: ଅପରାହ୍ନ ସାଢେ ୩ଟା।
- ବିସିଜି ଅଭିଯାନ, ସ୍ଥାନ: ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ଅପରାହ୍ନ ୩ଟା ୪୫।

କେନ୍ଦ୍ରାପଡ଼ା
- ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ, ସ୍ଥାନ: ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ବିକାଶ ମେଳା ଓ ସାଂସ୍କୃତିକ ମହୋତ୍ସବ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୫ଟା।

ଯାଜପୁର
- ସ୍ୱାମୀ ଚିଦାନନ୍ଦଜୀ ମହାରାଜଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଯାଜପୁର ରୋଡ଼ ଚିଦାନନ୍ଦ ଆଶ୍ରମ, ସମୟ: ପୂର୍ବାହ୍ନ ସାଢେ ୯ଟା।
- ବିରଜା କ୍ଷେତ୍ର ବିକାଶ ପରିଷଦର ୩୪ ତମ ବାର୍ଷିକ ଉତ୍ସବ, ସ୍ଥାନ: ଯାଜପୁର ମିଶନ ଶକ୍ତି ସଭା ଗୃହ, ସମୟ: ଅପରାହ୍ନ ୪ଟା।
- ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଙ୍ଗଳ ବିକାଶ ଓ ଶିକ୍ଷାଧିକାର ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର, ସ୍ଥାନ: ରସୁଲପୁର ବ୍ଲକ ବ୍ରହ୍ମବରଦା ହାଜରହିଁମିଆଁ ଉଚ୍ଚ ବିଦ୍ୟାଳୟ,ସମୟ : ପୂର୍ବାହ୍ନ ୧୦ଟା।

ନୟାଗଡ଼
- ଶୋଡ଼ଷ ପୂଜା ଆରମ୍ଭ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ନୀଳମାଧବ ମନ୍ଦିରର ବିମଳା ପୀଠ, ସ୍ଥାନ: ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ଼ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା।
- ହନୁମାନଙ୍କ କାଠି ପୂଜା ପର୍ବ, ସ୍ଥାନ: ଖଣ୍ଡପଡ଼ା ରାଜବାଟି, ସମୟ: ସକାଳ ୭ଟା।
- ଶୋଡ଼ଷ ପୂଜା ଆରମ୍ଭ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଦୂତି ବାହନ ଓଷା, ସ୍ଥାନ: ଫକୀର ଅତବୁଦ୍ଧିପାଟଣା କଣ୍ଟିଲୋ ଖଣ୍ଡପଡ଼ା ବ୍ଲକ, ସମୟ: ସନ୍ଧ୍ୟା ୭ଟା।

ନବରଙ୍ଗପୁର
- ଉପଜିଲାପାଳଙ୍କ ଏମ୍‌ଜିଏନ୍‌ଆଇଆର୍‌ଇଜିଏସ୍ ଜନଶୁଣାଣି, ସ୍ଥାନ: କୋଷାଗୁମୁଡ଼ା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

କୋରାପୁଟ
- ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ, ସ୍ଥାନ: ମହାବିଦ୍ୟାଳୟ ପରିସର, ସୁନାବେଡ଼ା, ସମୟ: ପୂର୍ବାହ୍ନ୧୧ ଟା।

ସମ୍ବଲପୁର
- ସମଲେଶ୍ୱରୀ ପୀଠରେ ଷୋଡ଼ଶ ପୂଜାରମ୍ଭ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ସକାଳ ୭ଟା।
- ରଣେଶ୍ୱର ରାମଚଣ୍ଡି ମନ୍ଦିରରେ ଷୋଡ଼ଶ ପୂଜାରମ୍ଭ, ସ୍ଥାନ : ଦାନୀପାଲି, ସମୟ: ସକାଳ ୮ଟା।
- ସାଥି ଚେରିଟେବୁଲ ଟ୍ରଷ୍ଟ ପକ୍ଷରୁ ନିଃଶୁଳ୍କ କର୍କଟ ରୋଗ ନିରୂପଣ ଶିବିର, ସ୍ଥାନ: ସମ୍ବଲପୁର ମହାନିଗର ନିଗମ ନିକଟସ୍ଥ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନିଲଡୁଙ୍ଗୁରୀ ବିକାଶ ନେଇ ବୈଠକ, ସ୍ଥାନ: କବରାପାଲି ରାମ ମନ୍ଦିର ପ୍ରାଙ୍ଗଣ, ସମୟ : ଅପରାହ୍ନ ୪ଟା।

ବଲାଙ୍ଗୀର
- ଜିଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖପ୍ରାଖୋଲ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।
- ଜିଲାସ୍ତରୀୟ ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଦ୍ୱିତୀୟ ସେମିଫାଇନାଲ ବଲାଙ୍ଗୀର ରିଜର୍ଭ ପୋଲିସ ଦଳ ବାନା କଣ୍ଟାବାଞ୍ଜି କେଏଫ୍‌ସି ଦଳ ମ୍ୟାଚ୍, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।

ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।

ବରଗଡ଼
- ଜିଲାସ୍ତରୀୟ କବାଡି ପ୍ରତିଯୋଗିତା, ସ୍ଥାନ: ଝାରବନ୍ଧ ହାଇସ୍କୁଲ ପଡିଆ, ଝାରବନ୍ଧ, ସମୟ: ସକାଳ ୯ଟା।

ରାଉରକେଲା
- ଭାରତୀୟ ମଜଦୁର ସଂଘ ଅଧୀନ ଆର୍‌ଆଇକେକେଏସ୍ ପକ୍ଷରୁ ବୋନସ୍ ଦାବିରେ ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ୭ଟା ୩୦।
- ଓଡିଆ ଭାଷା ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ନୋବେଲ ଆସୋସିଏଶନ, ସମୟ: ସନ୍ଧ୍ୟା ୭ଟା।
- ଡେଙ୍ଗୁ ସଚେତନତା ଶିବିର, ସ୍ଥାନ: ଶୀତଳପଡା, ଉଦିତନଗର, ସମୟ: ପୂର୍ବାହ୍ନ ୯ଟା ୩୦।

ଦେବଗଡ଼
- ଆଞ୍ଚଳିକ ପରିବହନ ପ୍ରାଧିକରଣ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ଭାଗବତ ପ୍ରସାଦଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ସଭା, ସ୍ଥାନ: ସେଣ୍ଟର ଫର କଲଚର୍, କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମହାବିଦ୍ୟାଳୟର ଯୁକ୍ତ ୩ ଇତିହାସ ବିଭାଗ ପକ୍ଷରୁ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ, ସ୍ଥାନ: ଦେବଗଡ଼ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦେବଗଡ଼ ଗସ୍ତ, ଭାଜପା କାର୍ଯ୍ୟାଳୟରେ ସଭା, ସ୍ଥାନ: ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ବିଆର୍‌ଜି ସଦସ୍ୟଙ୍କ ପାଇଁ ଅଭିମୁଖିକରଣ ଉଚ୍ଚ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ନିମନ୍ତେ ମୋଡ୍ୟୁଲ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ସୁଗୁଡ଼ା ଏବଂ ଜଗନ୍ନାଥ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପ୍ରଭାସୁଣି, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ୭ମ ରାଷ୍ଟ୍ରୀୟ ପୋଷଣ ମାହ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

କଳାହାଣ୍ଡି
- ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ, ସ୍ଥାନ: ଜୁନାଗଡ଼ ମା' ଲଙ୍କେଶ୍ୱରୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ମା' ଲଙ୍କେଶ୍ୱରୀ ଖଣ୍ଡାବସା ଫୁଟ୍‌ବଲ କପ ଉଦ୍‌ଯାପିତ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୫ଟା ୩୦।
- ଜିଲାସ୍ତରୀୟ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ବ୍ରଜ ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

ନୂଆପଡ଼ା
- ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପନୀ ସମାରୋହ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୫ଟା।
- ବିକାଶ ମେଳା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

ବୌଦ୍ଧ
- ବନ ଆଇନ ଉପରେ କର୍ମଶାଳା, ସ୍ଥାନ : ଜିଲାପାଳଙ୍କ କାର୍ଯ୍ୟାଳୟ,ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଘଣ୍ଟାପଡ଼ା ମା' ସମଲେଶ୍ୱରୀ ମନ୍ଦିରରେ ମହାଆଳତି, ସ୍ଥାନ: ଘଣ୍ଟାପଡା ମା' ସମଲେଶ୍ୱରୀ ମନ୍ଦିର, କଣ୍ଧମାଳ, ସମୟ: ସନ୍ଧ୍ୟା ୭ଟା।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ ଆଜିର ଚତୁର୍ଥାଧିପ ଭାଗ୍ୟସ୍ଥାନକୁ ଅବଲୋକନ କରୁଥିବାରୁ ପ୍ରତ୍ୟେକ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହେବ। ଶତ୍ରୁତା କରୁଥିବା ଲୋକ ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିବାକୁ ମନସ୍ଥ କରିପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସଙ୍ଗେ ସହମତିରେ କାର୍ଯ୍ୟକରିବା ଭଲ। ସନ୍ତାନଙ୍କ କୃତି ଓ କୃତିତ୍ୱରେ ଖୁସି ହୋଇପାରନ୍ତି।

ବୃଷ ଧନ ସ୍ଥାନରେ ଚନ୍ଦ୍ରଙ୍କ ସ୍ଥିତି ଭାଇ, ବନ୍ଧୁ ତଥା ଆତ୍ମୀୟସ୍ୱଜନଙ୍କ ମାଧ୍ୟମରେ କାର୍ଯ୍ୟ ସମ୍ପନ୍ନ କରାଇବ। ବନ୍ଧୁଙ୍କ ପରୋକ୍ଷ କାର୍ଯ୍ୟାବଳୀ ଅସ୍ଥିରତାର କାରଣ ହୋଇପାରେ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ପ୍ରସ୍ତୁତିପର୍ବ ଜୋର୍‌ଦାର କରିପାରନ୍ତି। କୌଣସି ଆତ୍ମୀୟଙ୍କ ଅସହଯୋଗ ଓ ପରୋକ୍ଷ ସମାଲୋଚନାରେ କ୍ଷୁବ୍ଧ ହେବେ।

ମିଥୁନ ଧନାଧିପତି ରାଶିରେ ଅବସ୍ଥାନକରି ମହତ କାମରେ ବ୍ୟୟ ବରାଦ କରାଇବେ। ବନ୍ଧୁଙ୍କ ସାହାଯ୍ୟ ଲାଭକରି ନୂତନ କାମ ସକାଶେ ଚେଷ୍ଟା କରିପାରନ୍ତି। ପାରିବାରିକ କ୍ଷେତ୍ରରେ କୌଣସି ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ। ପୂର୍ବ ନିର୍ଦ୍ଧାରିତ ଯୋଜନାନୁଯାୟୀ ସାଙ୍ଗମାନଙ୍କ ସହ ଭ୍ରମଣ ସୁଯୋଗ ଲାଭ କରିବେ।

କର୍କଟ କର୍ମକ୍ଷେତ୍ରରେ ସମସ୍ତ ପ୍ରକାର ସୁବିଧା ହାସଲକରି କାର୍ଯ୍ୟ ସାଧନ କରିବେ। ଲାଭଭାବସ୍ଥ ଗୁରୁ କୃପାରୁ ବାଣିଜ୍ୟ, ଶିଳ୍ପ, ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ପଡ଼ୋଶୀଙ୍କ ଅବଦାନ ରହିବ। ନିଜର ଜିଦ୍‌କୁ ପ୍ରାଧାନ୍ୟ ଦେଇ ପରିବାରରେ ଅଯଥା କଳହଜନିତ ବିତର୍କ ଲାଗିପାରେ।

ସିଂହ ଯେତେ ସୁବିଧା ସୁଯୋଗ ସୃଷ୍ଟିକଲେ ମଧ୍ୟ ଅନ୍ୟମାନଙ୍କ ଭୁଲ୍ ଧାରଣା ହଠାତ୍ ବଦଳି ନ ପାରେ। ଯାତ୍ରା କାଳରେ ସତର୍କରେ ନ ଚଳିଲେ ବିବାଦରେ ପଡ଼ିପାରନ୍ତି। ସଭାସମିତିରେ, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଅତୀତରେ ସ୍ଥାନାନ୍ତରିତ ପ୍ରବାସରେ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଏକାନ୍ତତା ହ୍ରାସ ପାଇବ।

କନ୍ୟା ଆଜି ସାମାଜିକ ସ୍ତରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ପଡ଼ୋଶୀଙ୍କ ସହ ଜମିଜମା, ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ଅଂଶୀଦାରଙ୍କ ସାହଚର୍ଯ୍ୟରେ ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ପରିବାରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ଚିନ୍ତିତ ହେବେ।

ତୁଳା ଆଜିର ଚନ୍ଦ୍ରଙ୍କ ସ୍ଥିତିଜନିତ ଅବସାଦଗ୍ରସ୍ତ ହୋଇପାରନ୍ତି। ଅତୀତରେ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ନ ହେଲେ ସମସ୍ୟା ଭୋଗିପାରନ୍ତି। ପରିବାରରେ ସୁଖ ଶାନ୍ତି ରାଜୁତିକରିବ, କିନ୍ତୁ ଏଥିପାଇଁ କିଛିଟା ସ୍ୱାର୍ଥତ୍ୟାଗ ଜରୁରୀ ହୋଇପାରେ। ବ୍ୟବସାୟ ଓ ପରିବହନରେ, କଳା ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ।

ବିଛା ଶାଳୀନତାପୂର୍ଣ୍ଣ ବ୍ୟବହାରରେ ବନ୍ଧୁଙ୍କୁ ଆପଣେଇ ନେବେ। ଆଜିର ଯାତ୍ରା ସମୟରେ, ବନ୍ଧୁମିଳନରେ, ଆଲୋଚନା ଅଥବା ସଭା ସମିତିରେ ଆଗ୍ରହୀ ହୋଇ ପାରନ୍ତି। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନରେ ଟେନ୍‌ସନ ବଢ଼ିପାରେ। ଦୀର୍ଘଦିନରୁ ଚାଲିଥିବା ମାଲିମକଦ୍ଦମାର ରାୟ ଆପଣଙ୍କ ସପକ୍ଷରେ ଯାଇପାରେ।

ଧନୁ ବିରକ୍ତିବୋଧଜନିତ ଆପଣଙ୍କ ରୁକ୍ଷ ଭାଷାର କଠୋରତା ଓ ଜିଦ୍ ସମସ୍ୟା ସୃଷ୍ଟି କରିପାରେ। କୌଶଳପୂର୍ଣ୍ଣ କଥା ମାଧ୍ୟମରେ ବନ୍ଧୁଙ୍କୁ ମନାଇ କାମ ହାସଲ କରିବେ। ଆଜି ଦେବଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବା ସମ୍ଭାବନା ରହିଛି। ଅର୍ଥସଙ୍କଟ ଲାଗି ରହିବା ହେତୁ ପରିବାରର ଖର୍ଚ୍ଚକାଟର ବ୍ୟବସ୍ଥା କରିପାରନ୍ତି।

ମକର ଯେତେ ସହି ସମ୍ଭାଳି କାମ କଲେ ମଧ୍ୟ ଅନ୍ୟମାନଙ୍କ ବେଖାତିର ଓ ଶ୍ରୁତିକଟୁ ବ୍ୟବହାରରୁ ଅସନ୍ତୁଷ୍ଟ ରହିବେ। ଈର୍ଷାପରାୟଣ ହୋଇ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ବାଣିଜ୍ୟ, ପରିବହନ ତଥା ବ୍ୟବସାୟିକ ଦିଗରୁ ଲାଭବାନ୍ ହେବେ। ଯାତ୍ରାକାଳୀନ ଯାନବାହନରେ ସତର୍କ ରହିବା ଭଲ, ଅନ୍ୟଥା ସମସ୍ୟା ଆସିପାରେ।

କୁମ୍ଭ ଆପଣଙ୍କ କାମ ହାସଲରେ ବନ୍ଧୁଙ୍କ ବାଚନିକ ସାହାଯ୍ୟ ସାମାନ୍ୟ ସହାୟକ ହୋଇପାରେ। ପାରିବାରିକ କ୍ଷେତ୍ରରେ କାହାର ଛୋଟ କଥାକୁ ଧରି ବସନ୍ତୁ ନାହିଁ। ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହିବା ଭଲ ହେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, କଚେରି ମାମଲା, ପରିବହନ ଦିଗରୁ ଲାଭବାନ୍ ହେବେ।

ମୀନ ସାମାଜିକ ସ୍ତରରେ ନିଜ ଲୋକମାନଙ୍କ ଚାଲିଚଳନ ଓ ଆଚାର ବ୍ୟବହାରକୁ ନାପସନ୍ଦ କରିପାରନ୍ତି। ଦୀର୍ଘଦିନରୁ ପାଉ ନ ଥିବା ଅର୍ଥକୁ କୌଶଳ ପ୍ରୟୋଗକରି ଆଦାୟ କରିବାରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବାଣିଜ୍ୟ, ବ୍ୟବସାୟରେ ଲାଭ ମିଳିବ, ମାତ୍ର ଋଣ ପରିଶୋଧ କରିପାରିବେ ନାହିଁ।

ଆଜି ସେପ୍ଟେମ୍ବର ୨୪ ତାରିଖ, ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଜୟନ୍ତୀ, ଆଶ୍ୱିନ କୃଷ୍ଣପକ୍ଷର ମୂଳାଷ୍ଟମୀ ମଙ୍ଗଳବାର, ଦେବୀ ଉତ୍‌ଥାପନ, ସହସ୍ର କୁମ୍ଭାଭିଷେକ, ଦ୍ୱିତୀବାହନ ଓଷା, ପୁଅଜିଉନ୍ତିଆ, ଷୋଡ଼ଶ ଦିନାତ୍ମକ ଦୁର୍ଗାପୂଜା ଆରମ୍ଭ। ରାଶିନକ୍ଷତ୍ର-ମୃଗଶିରା/ବୃଷ, ଘ.୦୯।୩୬ ଗତେ ମିଥୁନ ଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ଅଷ୍ଟମୀର ପାର୍ବଣଶ୍ରାଦ୍ଧ, ମହାଳୟା ବିଧିରେ କରାଯିବ। ସକାଳ ଘ.୦୫।୩୯ ଗତେ, ଘ.୦୬।୨୭ ମଧ୍ୟେ, ଘ.୦୮।୩୮ ଗତେ, ଘ.୧୧।୧୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୩୭ ଗତେ, ଘ.୦୪।୦୭ ମଧ୍ୟେ ରାହୁକାଳ।

ପୋଲିସିଆ ଦାଦାଗିରି...

ଦଶରଥପୁର ବ୍ଲକ୍‌ର ରାମବାଗ ପୋଲିସ ଫାଣ୍ଡିରେ କନଷ୍ଟେବଲ୍ ଭାବେ କାର୍ଯ୍ୟ କରୁଥିଲେ। ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ଜିତେନ୍ଦ୍ର ସ୍ଥାନୀୟ ଅଞ୍ଚଳର ଉପସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଷ୍ଟାଫ୍ ନର୍ସଙ୍କୁ ପ୍ରେମ ନିବେଦନ କରି ବିଫଳ ହୋଇଥିଲେ। ହେଲେ ସେ ରବିବାର ରାତିରେ ଷ୍ଟାଫ୍ ନର୍ସ ରହୁଥିବା ଭଡ଼ାଘରେ ପଶି ତାଙ୍କୁ ନିସ୍ଥୁକ ମାଡ଼ ମାରିବା ସହ ବଳାତ୍କାର କରିଥିଲେ। ଏଥିରେ ପୀଡ଼ିତା କ୍ଷତାକ୍ତ ହୋଇ ପୋଲିସକୁ ଫୋନ କରି ସହାୟତା ଲୋଡ଼ିଥିଲେ।

ଜିତେନ୍ଦ୍ର ବିଶ୍ୱାଳ

ମଙ୍ଗଳପୁର ଥାନା ଠାରୁ ପ୍ରାୟ ୫୦୦ ମିଟର ଦୂରରେ ଏହି ଘଟଣା ଘଟିଥିଲା। ମଙ୍ଗଳପୁର ଥାନା ପୋଲିସ ବିଳମ୍ବିତ ରାତିରେ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିବା ସହିତ ଅଭିଯୁକ୍ତ କନଷ୍ଟେବଲ୍ ଜିତେନ୍ଦ୍ରଙ୍କୁ ଅଟକ ରଖିଥିଲା। ମଙ୍ଗଳପୁର ଥାନା ଆଇଆଇସି ଚିନ୍ମୟୀ ସାହୁ ଘଟଣାର ଅଧିକ ତଦନ୍ତ କରାଯାଉଥିବା ସୂଚନା ଦେଇଛନ୍ତି।

ଶିଶୁଙ୍କ ଅଶ୍ଳୀଳ...

ଶିଶୁ ଯୌନ ଶୋଷଣ ସାମଗ୍ରୀଗୁଡ଼ିକୁ ସର୍ବୋଚ୍ଚ ଅଦାଲତ ଅତି ଗମ୍ଭୀର ଭାବେ ଗ୍ରହଣ କରିବା ସହ ଏହାର ଦୁଷ୍ପରିଣାମକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଗୁଡ଼ିକର ନିର୍ମାଣ, ବଣ୍ଟନ ଏବଂ ବ୍ୟବହାର କରୁଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏକ ସ୍ପଷ୍ଟ ଆଇନଗତ ଏବଂ ନୈତିକ ଆବଶ୍ୟକତା ରହିଛି। ସିଏସ୍‌ଇଏଏମ୍‌ରେ ସମ୍ପୃକ୍ତ ଲୋକଙ୍କୁ କେବଳ ଅପରାଧୀ ଭାବେ ଦଣ୍ଡବିଧାନ କରାଗଲେ ସମସ୍ୟାର ସମାଧାନ ହେବ ନାହିଁ। ଏଥିସହିତ ପ୍ରତିକାରମୂଳକ ପଦକ୍ଷେପ ଯଥା ଶିକ୍ଷା ଏବଂ ସଚେତନତା ଅଭିଯାନର ଆବଶ୍ୟକତା ରହିଛି।

ପୋକ୍‌ସୋ ଆଇନ, ୨୦୧୨ ଅନୁଯାୟୀ ଶିଶୁଙ୍କ ଉପରେ ନିର୍ମିତ ଅଶ୍ଳୀଳ ଚଳଚ୍ଚିତ୍ର ଡାଉନ୍‌ଲୋଡ୍ କରିବା ଓ ଦେଖିବା ଅପରାଧ। ଖଣ୍ଡପୀଠ ପାଇଁ ୨୦୦ ପୃଷ୍ଠାର ରାୟ ଲେଖିଥିବା ଜଷ୍ଟିସ ପର୍ଡିୱାଲା କହିଛନ୍ତି, ଅପରାଧୀଙ୍କୁ ଆଇନର କାଠଗଡ଼ାକୁ ଆଣିବାକୁ ଏବଂ ପିଲାମାନଙ୍କୁ ସୁରକ୍ଷିତ କରିବାକୁ ହେଲେ ଆଇନକୁ ଅଧିକ ସୁଦୃଢ଼ କରାଯିବା ସହ ଏହାକୁ କଡ଼ାକଡ଼ି ଲାଗୁ କରାଯିବା ଆବଶ୍ୟକ। ସିଏସ୍‌ଇଏଏମ୍‌ଗୁଡ଼ିକ ଏଥିରେ ଶୋଷଣର ଶିକାର ହୋଇଥିବା ପିଲାମାନଙ୍କ ଉପରେ ସୁଦୂରପ୍ରସାରୀ ପ୍ରଭାବ ପକାଇଥାଏ। ତାହା ସେମାନଙ୍କ ମାନସିକ, ଆବେଗିକ ଏବଂ ସାମାଜିକ ସ୍ୱାଚ୍ଛନ୍ଦ୍ୟକୁ ପ୍ରଭାବିତ କରିଥାଏ ବୋଲି ଖଣ୍ଡପୀଠ କହିଛନ୍ତି। ଶୋଷଣର ଶିକାର ହୋଇଥିବା ଶିଶୁମାନେ ସାମାଜିକ କଳଙ୍କ ଏବଂ ଏକଲାପଣର ସମ୍ମୁଖୀନ ହୋଇଥାନ୍ତି। ବିଶ୍ୱାସ ହରାଇବା ଏବଂ ଆଘାତଜନିତ ଚ୍ୟାଲେଞ୍ଜ କାରଣରୁ ଅନ୍ୟମାନଙ୍କ ସହ ସୁସ୍ଥ ସମ୍ପର୍କ ରଖିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡ଼ିଥାଏ ବୋଲି ଖଣ୍ଡପୀଠ କହିଛନ୍ତି।

'ଓସ୍କାର ୨୦୨୫' ପାଇଁ...

ଉତ୍ସବ ପରେ ଟ୍ରେନ୍‌ରେ ଶ୍ୱଶୁର ଘରକୁ ଯିବା ସମୟରେ ପରସ୍ପର ସହ ଅଦଳବଦଳ ହୋଇଯାଇଥିଲେ। ଫିଲ୍ମର କାହାଣୀ ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିଥିଲା। ରିପୋର୍ଟ ଅନୁଯାୟୀ, ୫ କୋଟିରୁ କମ୍ ବଜେଟରେ ନିର୍ମିତ ହୋଇଥିବା ଏହି ଫିଲ୍ମ ବିଶ୍ୱବ୍ୟାପୀ ୨୫ କୋଟିରୁ ଅଧିକ ବ୍ୟବସାୟ କରିଥିଲା। ମହିଳାଙ୍କୁ ନେଇ ଏକ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଏହିପରି ଉତ୍କୃଷ୍ଟ ଚଳଚ୍ଚିତ୍ର ନିର୍ମାଣ କରିଥିବାରୁ ନିର୍ଦ୍ଦେଶକ କିରନ୍ ରାଓଙ୍କୁ ଚାରିଆଡୁ ଖୁବ୍ ପ୍ରଶଂସା କରାଯାଇଥିଲା।

୯୭ତମ ଓସ୍କାର ଆୱାର୍ଡ ସମାରୋହରେ 'ଲାପତା ଲେଡିଜ୍' ଭାରତର ପ୍ରତିନିଧିତ୍ୱ କରିବା ନେଇ ଘୋଷଣା ହେବା ପରେ ନିଜକୁ ସମ୍ମାନିତ ଓ ଆନନ୍ଦିତ ଅନୁଭବ କରୁଛନ୍ତି ବୋଲି ଏହି ଅବସରରେ କିରନ୍ କହିଛନ୍ତି। ଫିଲ୍ମଟିକୁ ମନୋନୀତ କରିଥିବାରୁ ସେ ଫିଲ୍ମ ଫେଡେରେଶନ୍ ଅଫ୍ ଇଣ୍ଡିଆର ଚୟନ କମିଟିକୁ କୃତଜ୍ଞତା ଜଣାଇଛନ୍ତି। ଏହି ସଫଳତା ତାଙ୍କ ଟିମ୍‌ର କଠିନ ପରିଶ୍ରମ ଏବଂ ନିଷ୍ଠାକୁ ପ୍ରମାଣିତ କରିଛି ବୋଲି ସେ କହିଛନ୍ତି। ମହିଳା ସଶକ୍ତୀକରଣକୁ ନେଇ ସମାଜକୁ ସଚେତନ କରାଇବା ଉଦ୍ଦେଶ୍ୟରେ ଏହି ଚଳଚ୍ଚିତ୍ରକୁ ନିର୍ମାଣ କରାଯାଇଥିଲା ବୋଲି କିରନ୍ କହିଛନ୍ତି। ତେବେ 'ଲାପତା ଲେଡିଜ୍'ଓସ୍କାରକୁ ମନୋନୀତ ହେବା ପରେ ଏହାର ଅନ୍ୟତମ ଷ୍ଟାର୍ କଳାକାର ରବି କିଶନ୍ ମଧ୍ୟ ଖୁସି ଜାହିର କରିଛନ୍ତି। ଭାରତର ସଂସ୍କୃତିକୁ ପ୍ରତିଫଳିତ କରୁଥିବା ଏହି ଫିଲ୍ମ ମହିଳା ସଶକ୍ତୀକରଣକୁ ଅତି ସୁନ୍ଦର ଢଙ୍ଗରେ ଦର୍ଶାଇଥିବା ସେ କହିଛନ୍ତି।

କୋଣାର୍କ ମନ୍ଦିର ପରିସରରେ ଜିପିଆର୍ ସର୍ଭେ କରାଯାଉଛି।

ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱରେ...

ରହିଥିବା ଚିହ୍ନଟ ହୋଇଛି। ଖୁବଶୀଘ୍ର ସେଗୁଡ଼ିକୁ କଢାଯିବ ବୋଲି ଗଡ଼ନାୟକ କହିଛନ୍ତି। ସର୍ଭେ ସମୟରେ ଭୂତତ୍ତ୍ୱବିତ୍ ମାନସ ରଞ୍ଜନ ସ୍ୱାଇଁ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଚିତ୍ତରଞ୍ଜନ ଦାଶ, ଏନ୍‌ଜିଆର୍‌ଆଇର ଏ.କେ. ପାଣ୍ଡେ ଏବଂ ବିଭାଗୀୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

ପ୍ରଥମ ପୃଷ୍ଠାରୁ...

ଜଗତ୍‌ପୁର ଅଞ୍ଚଳରେ ଥିବା କ୍ଷୀର ପ୍ଲାଣ୍ଟରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଉଛି।

ସୋଡ଼ା, କେମିକାଲରେ...

ଦହି, ଲସି ପ୍ରସ୍ତୁତ କରାଯାଉଥିଲା। ଦହି ପ୍ରସ୍ତୁତ ପାଣିରେ ଜନ୍ଦା ଭାସିବା ସହ ଦୁର୍ଗନ୍ଧ ବାହାରୁଥିବା ଦେଖିବାକୁ ମିଳିଥିଲା। ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଲାବ୍‌କୁ ପଠାଯାଇଛି ବୋଲି ମହାପାତ୍ର କହିଛନ୍ତି। ଅତିରିକ୍ତ ଡିସିପି ମିଶ୍ର କହିଛନ୍ତି, ଫୁଡ୍ ଲାଇସେନ୍ସ ପାଇଁ ଥିବା ନିୟମକୁ କମ୍ପାନୀ ମାଲିକ ମାନିନାହାନ୍ତି। ଅଧିକ ତଦନ୍ତ ଜାରି ରହିଛି। ଏଥିରେ ଅନ୍ୟ କାହାର ସମ୍ପୃକ୍ତି ଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, କିଛିବର୍ଷ ତଳେ ଜଗତ୍‌ପୁର ଶିଳ୍ପାଞ୍ଚଳର କେତେକ ସ୍ଥାନରେ ଚାଲିଥିବା ନକଲି ଚା', ମସଲା, ସିମେଣ୍ଟ, ଗୁଟ୍‌ଖା, ମୃଦୁ ପାନୀୟ କାରଖାନାରେ ପୋଲିସ ଚଢ଼ାଉ କରିଥିଲା। ସେଠାରୁ ବିପୁଳ ସାମଗ୍ରୀ ଜବତ ସହ କାରଖାନା ମାଲିକଙ୍କୁ ଗିରଫ କରିଥିଲା।

ସାର୍ବଜନୀନ ହେବନି...

କ୍ରାଇମ୍‌ବ୍ରାଞ୍ଚର ଜଣେ ଏଡିଜି ପାହ୍ୟାର ଅଧିକାରୀ ତଦନ୍ତ କରୁଛନ୍ତି। ଏହି ଘଟଣାରେ ୫ ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ଆଡ୍‌ଭୋକେଟ୍ ଜେନେରାଲଙ୍କ ଯୁକ୍ତି ଶୁଣିବା ପରେ ଭରତପୁର ଥାନା ମାମଲାରେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ହାଇକୋର୍ଟ ପ୍ରଶଂସା କରିଛନ୍ତି। ଏଥିସହ ମାମଲାର ଆମିକସ୍‌କ୍ୟୁରୀ ଭାବେ ଗୌତମ ମିଶ୍ରଙ୍କୁ ହାଇକୋର୍ଟ ନିଯୁକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ଭରତପୁର ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ମାମଲାରେ ଲେଫ୍ଟନାଣ୍ଟ ଜେନେରାଲ ପି.ଏସ୍ ଶେଖାୱତ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଏକ ଚିଠି ଲେଖିଥିଲେ। ହାଇକୋର୍ଟ ଏହି ମାମଲାକୁ ଗୁରୁତ୍ୱର ସହ ନେଇ ହସ୍ତକ୍ଷେପ କରିବାକୁ ଶେଖାୱତ ଅନୁରୋଧ କରିଥିଲେ।

ଥାନାରେ ସିସିଟିଭି କ୍ୟାମେରା ସ୍ଥିତି ଜଣାଅ

ରାଜ୍ୟର ବିଭିନ୍ନ ଥାନାରେ ସିସିଟିଭି କ୍ୟାମେରାର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ହାଇକୋର୍ଟ ଜାଣିବାକୁ ଚାହିଁଛନ୍ତି। କେଉଁ ଥାନାରେ ସିସିଟିଭି କ୍ୟାମେରା ଲାଗିଛି, କେଉଁଠି ଲାଗିନାହିଁ ସେନେଇ ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ପୋଲିସ ଏଡିଜି (ଆଧୁନିକୀକରଣ)ଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ୯ ତାରିଖରେ ପ୍ରାରମ୍ଭିକ ରିପୋର୍ଟ ଦେବା ନିମନ୍ତେ ଏଡିଜି(ଆଧୁନିକୀକରଣ)ଙ୍କୁ ହାଇକୋର୍ଟଙ୍କ ଆଦେଶ ରହିଛି।

କାର୍ଯ୍ୟକାରୀ ହେଲା ଅନ୍‌ଲାଇନ ପଞ୍ଜୀକରଣ ବ୍ୟବସ୍ଥା

ଭୁବନେଶ୍ୱର,୨୩।୯(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପଞ୍ଜୀକୃତ ହୋଇଥିବା ୧ ହଜାର ଅଭିଯୋଗକାରୀଙ୍କଠାରୁ ସେମାନଙ୍କ ସମସ୍ୟା ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଆଶ୍ୱାସନା ଦେବା ସହିତ ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମ ଥର ପାଇଁ ସମ୍ପୂର୍ଣ୍ଣ ଅନ୍‌ଲାଇନ ପଞ୍ଜୀକରଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ପୂର୍ବରୁ ସାଧାରଣ ଲୋକଟିଏ ପକ୍ଷରେ ଜଣେ ଉଚ୍ଚ ପଦାଧିକାରୀଙ୍କୁ ଭେଟିବା କଷ୍ଟକର ବ୍ୟାପାର ଥିଲା। ଏବେ କିନ୍ତୁ 'ଲୋକଙ୍କ ମୁଖ୍ୟମନ୍ତ୍ରୀ' ଲୋକଙ୍କୁ ପାଖରେ ବସାଇ ସେମାନଙ୍କ ଦୁଃଖ ଶୁଣୁଛନ୍ତି। ସମାଧାନର ବ୍ୟବସ୍ଥା କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ଭରା କଥାରେ ସେମାନେ ଆଶ୍ୱସ୍ତ ହେଉଥିବା ଦେଖିବାକୁ ମିଳିଛି। ନିଜେ ମୁଖ୍ୟମନ୍ତ୍ରୀ ଲୋକଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରି ଉପସ୍ଥିତ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କୁ ସମସ୍ୟାର ସମାଧାନ କିପରି ହେବ ସେଥିପାଇଁ ନିର୍ଦ୍ଦେଶ ଦେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କଠାରୁ ନିର୍ଦ୍ଦେଶ ପାଇ ଅଧିକାରୀମାନେ ମଧ୍ୟ ତତ୍ପରତାର ସହ ଲୋକଙ୍କ ଅଭିଯୋଗକୁ ସମ୍ପୃକ୍ତ ବିଭାଗକୁ ତ୍ୱରିତ ପଦକ୍ଷେପ ପାଇଁ ପ୍ରେରଣ କରୁଛନ୍ତି।

ଜୁଲାଇ ୧ରୁ ଆରମ୍ଭ ହୋଇଥିବା ଅଭିଯୋଗ ଶୁଣାଣି ପ୍ରକ୍ରିୟା ଚତୁର୍ଥ ଦିବସରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ସ୍ୱାଇଁ, ପଞ୍ଚାୟତିରାଜ, ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ବିଭିନ୍ନ ବିଭାଗର ସଚିବସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ପ୍ରାୟ ୫ଟା ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଜାରି ରଖିଥିଲେ। ସମୁଦାୟ ୧୦୦୦ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଅଭିଯୋଗକାରୀ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଜଣାଇଥିଲେ। ବିଭିନ୍ନ ଅଭିଯୋଗକାରୀଙ୍କ ମଧ୍ୟରୁ ଅନୁଗୋଳର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଶଙ୍କର ଦାସ ଚାକିରି କାଳରେ ତାଙ୍କ ପ୍ରତି ବହୁ ଅନ୍ୟାୟ ଓ ଅବହେଳା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଦୁଃଖଭରା ଅଭିଯୋଗ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ଉକ୍ତ ଅଭିଯୋଗକୁ ଗୁରୁତ୍ୱର ସହ ଶୁଣି ତାଙ୍କୁ ନ୍ୟାୟ ଦେବା ପାଇଁ ଉପସ୍ଥିତ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ଆଉ ଜଣେ ଅଭିଯୋଗକାରୀ ଥିଲେ ଭଦ୍ରକ ଜିଲାର ୨୨ ବର୍ଷର ଭିନ୍ନକ୍ଷମ ଯୁବକ ନିରାକାର ନାୟକ। ଜାପାନୀ ଜ୍ୱରରେ ପୀଡ଼ିତ ହୋଇ ଯୁବକ ଜଣକ ଭିନ୍ନକ୍ଷମ ହୋଇଯାଇଛନ୍ତି। ଚିକିତ୍ସା ପାଇଁ ବହୁ ଖର୍ଚ୍ଚାନ୍ତ ହେଲେଣି। ଚିକିତ୍ସା ସାହାଯ୍ୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଆସିଥିଲେ। ମୁଖ୍ୟମନ୍ତ୍ରୀଙ୍କଠାରୁ ଚିକିତ୍ସା ବାବଦରେ ଆଶ୍ୱାସନାଭରା ପ୍ରତିଶ୍ରୁତି ଶୁଣି ସେ ଖୁସି ମନରେ ଫେରିଥିଲେ। କୋରାପୁଟ ଜିଲାର ଅଭିଯୋଗକାରୀ ରମେଶ ଧଳ। ଗାଁରେ ତାଙ୍କ ପ୍ରତି ହେଉଥିବା ଅନ୍ୟାୟ ଅତ୍ୟାଚାର ବିଷୟ ନେଇ ସପତ୍ନିକ ଆସିଥିଲେ। ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣି ଜିଲା ଏସ୍.ପି.ଙ୍କୁ ତୁରନ୍ତ ତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆଉ ଜଣେ ଅଭିଯୋଗକାରୀ ଥିଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଞ୍ଚଳର ସରୋଜିନୀ ଦାସ। ସେ ଅଭିଯୋଗ କରିଥିଲେ ଯେ ତାଙ୍କ ପୁଅକୁ ହତ୍ୟା କରାଯାଇଛି। ହତ୍ୟାକାରୀଙ୍କୁ ଆଜି ସୁଦ୍ଧା ପୋଲିସ ଧରୁନାହିଁ। ମୁଖ୍ୟମନ୍ତ୍ରୀ ତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ତୁରନ୍ତ ଜିଲା ଏସ୍.ପି.ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକାରୀ ମହିଳା କହିଛନ୍ତି, ମୁଖ୍ୟମନ୍ତ୍ରୀ ତାଙ୍କ ମନରେ ଭରସା ସୃଷ୍ଟି କରିଛନ୍ତି ଓ ସେ ନିଶ୍ଚିତ ରୂପେ ନ୍ୟାୟ ପାଇବେ। ଏହିଭଳି ପ୍ରତ୍ୟେକଙ୍କ ଅଭିଯୋଗକୁ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଗଣ ଶୁଣିଥିଲେ। ସମସ୍ତେ ଆତ୍ମସନ୍ତୋଷର ସହ ଫେରିଥିଲେ।

ଲୋକଙ୍କ ସମସ୍ୟା ଶୁଣିଲେ, ସମାଧାନର ପ୍ରତିଶ୍ରୁତି ଦେଲେ ମୁଖ୍ୟମନ୍ତ୍ରୀ

୧୦୦୦ ଜଣ ଅଭିଯୋଗକାରୀ ପଞ୍ଜୀକରଣ କରିଥିଲେ

ଚାଷୀଙ୍କ ଦୁଃଖ ବୁଝିଲେ ମୁଖ୍ୟମନ୍ତ୍ରୀ

କେନ୍ଦ୍ରାପଡ଼ା ଜିଲା ରାଜକନିକାରୁ ୧୭ଜଣ ଚାଷୀ ତାଙ୍କ ଅଞ୍ଚଳର ବରୁଣା ପ୍ରାଥମିକ କୃଷି ସମବାୟ ସମିତିରେ ହୋଇଥିବା ଆର୍ଥିକ ହେରଫେର ବିଷୟରେ ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ପଦଯାତ୍ରାରେ ଆସିଥିଲେ। ସେମାନଙ୍କ ଅଭିଯୋଗ ଥିଲା ଯେ ସମିତିର ୨ ଜଣ ଅଧିକାରୀ କୃଷକମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଆର୍ଥିକ ସହାୟତାକୁ ଚଞ୍ଚକତା କରି ନେଇଯାଇଛନ୍ତି। ସେମାନଙ୍କ ବିରୋଧରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। କୃଷକମାନେ ସେମାନଙ୍କ ଉଚିତ ସରକାରୀ ପ୍ରାପ୍ୟ ପାଇବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଅଭିଯୋଗ ନେଇ ଆସିଥିଲେ। ମୁଖ୍ୟମନ୍ତ୍ରୀ ନିଜେ ସେମାନଙ୍କ ପାଖକୁ ଆସି ସେମାନଙ୍କଠାରୁ ଅଭିଯୋଗ ପତ୍ର ଗ୍ରହଣ କରିବା ସହ ସେମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଏ ସରକାର ହେଉଛି ଚାଷୀଙ୍କ ସରକାର। ଚାଷୀଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ କେବେ ହେଲେ ପ୍ରଶ୍ରୟ ଦିଆଯିବ ନାହିଁ। ଯଥାଶୀଘ୍ର ଏହି ଅଭିଯୋଗ ଉପରେ ତଦନ୍ତ କରାଯାଇ ଦୋଷୀକୁ ଦଣ୍ଡ ମିଳିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କର ଏହି ଆଶ୍ୱାସନା ଶୁଣି ଖୁସି ମନରେ ସମସ୍ତେ 'ମୁଖ୍ୟମନ୍ତ୍ରୀ ଜିନ୍ଦାବାଦ' ଧ୍ୱନି ଦେଇ ଫେରିଥିଲେ।

ନ୍ୟାୟ ଦାବିରେ ମହିଳା, ଯୁବକଙ୍କ ଆତ୍ମାହୁତି ଉଦ୍ୟମ

ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ପୋଲିସ ଉପରେ କ୍ଷୁବ୍ଧ

ରଘୁନାଥପୁର,୨୩।୯
(ରାଜେନ୍ଦ୍ର ନାରାୟଣ ସିଂ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଜ୍ୟୋତି ମହାସଂଘ ସଭାକକ୍ଷରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଘଟଣ ଘଟିଛି। ସଭାକକ୍ଷରେ ଜନଶୁଣାଣି ଚାଲିଥିବାବେଳେ ବାହାରେ ଜଣେ ମହିଳା ଓ ପୁରୁଷ ପୃଥକ୍ ଭାବେ ଆତ୍ମାହୁତି ଉଦ୍ୟମ କରିଛନ୍ତି। ପୋଲିସ ସେମାନଙ୍କୁ ଉଦ୍ଧାର କରିଛି।

ପୂର୍ବାହ୍ନ ୧୧ଟା ସମୟରେ ଜିଲାପାଳ ଜେ.ସୋନାଲ ଲୋକଙ୍କ ଅଭିଯୋଗ ଶୁଣୁଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ପୋଲିସ ନ୍ୟାୟ ପ୍ରଦାନ କରୁ ନ ଥିବା ଅଭିଯୋଗ କରି ସାଙ୍ଗରେ ଆଣିଥିବା ବୋତଲରୁ ପେଟ୍ରୋଲ ଦେହରେ ଢାଳି ଆତ୍ମାହୁତି କରିବାକୁ ଚେଷ୍ଟା କରିଥିଲେ।

ସମ୍ପୃକ୍ତା ମହିଳାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ନାବାଳିକା କନ୍ୟାଙ୍କୁ ରଘୁନାଥପୁର ଥାନା ଅଞ୍ଚଳର ବିକାଶ ପୋଥାଳ ଉଠାଇ ନେଇଥିବା ନେଇ ସେ ୨୧ ଜୁନ୍ ୨୦୨୩ରେ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ପ୍ରଥମେ ମାମଲା (ନଂ. ୧୭୫/୨୩) ରୁଜୁ କରିଥିଲା। ଏହାପରେ ନାବାଳିକା କନ୍ୟାକୁ ଖୋଜି ପରିବାର ଲୋକଙ୍କ ଜିମା ଦିଆଯାଇଥିଲା। ଏନେଇ କୋର୍ଟରେ କେସ୍ ଚାଲିଥିବାବେଳେ ବିକାଶ ନାବାଳିକାଙ୍କୁ ଉଠାଇ ନେଇ ବଳାତ୍କାର କରିଥିବା ନେଇ ୭ ଅଗଷ୍ଟ ୨୦୨୩ରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ମାମଲା (ନଂ. ୨୨୩/୨୩) ରୁଜୁ କରି ବିକାଶଙ୍କୁ ଗିରଫ କରି ଜେଲ୍ ପଠାଇଥିଲା। ଏଥିସହ ପୁନର୍ବାର ନାବାଳିକାଙ୍କୁ ପରିବାର ଜିମା ଦେଇଥିଲା। ବିକାଶ ଜାମିନ ପାଇ ଫେରିବା ପରେ ପୁନର୍ବାର ୨ ମାର୍ଚ୍ଚ ୨୦୨୪ରେ ନାବାଳିକାଙ୍କୁ ଉଠାଇ ନେଇ ଫେରାର ହୋଇଯାଇଛନ୍ତି। ଏନେଇ ପୋଲିସ ଥାନାରେ ଅନ୍ୟ ଏକ ମାମଲା (ନଂ.୫୪/୨୪) ରୁଜୁ କରିଛି। ମାତ୍ର ଏପର୍ଯ୍ୟନ୍ତ ଉଭୟଙ୍କର କୌଣସି ପତ୍ତା ମିଳିନାହିଁ। ଏହି ଘଟଣାରେ କ୍ଷୁବ୍ଧ ହୋଇ ନାବାଳିକାଙ୍କ ମା' ଆତ୍ମାହୁତି ଉଦ୍ୟମ କରୁଥିବାବେଳେ ପୋଲିସ ପେଟ୍ରୋଲ ଭର୍ତ୍ତି ବୋତଲକୁ ଛଡ଼ାଇ ତାଙ୍କୁ ଉଦ୍ଧାର କରିଥିଲା। ଏନେଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ସୁଶାନ୍ତ କୁମାର ସେଠୀ କହିଛନ୍ତି।

ଆତ୍ମାହୁତି ଉଦ୍ୟମ କରୁଥିବା ଯୁବକଙ୍କୁ ପୋଲିସ କାବୁ କରୁଛି।

ସେହିପରି ରଘୁନାଥପୁର ଥାନା ଅଞ୍ଚଳର ଅନ୍ୟ ଜଣେ ଯୁବକ ସ୍ତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଜନଶୁଣାଣି ସ୍ଥଳରେ ପହଞ୍ଚି ପୋଲିସକୁ ଗାଳିଗୁଲଜ କରିବା ସହ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ଏହି ସମୟରେ ସେଠାରେ ଥିବା ଏସ୍‌ଆଇ ଯୋଗେଶ୍ୱର ବେହେରା ଓ ଆଇଆଇସି ସେଠୀ ଯୁବକଙ୍କୁ କାବୁକରି ତାଙ୍କ ହାତରୁ ପେଟ୍ରୋଲ ଭର୍ତ୍ତି ବୋତଲ ଛଡ଼ାଇ ଆଣିଥିଲେ। ସମ୍ପୃକ୍ତ ଯୁବକଙ୍କ ଅଭିଯୋଗ ଅନୁଯାୟୀ ସ୍ତ୍ରୀ ରଘୁନାଥପୁର ବଜାର ଅଞ୍ଚଳର ଏକ ପ୍ରତିଷ୍ଠିତ ଦୋକାନରେ କାମ କରୁଥିଲେ। ଉକ୍ତ ଦୋକାନର ମାଲିକ ୧୮ ଜାନୁଆରୀରେ ଯୁବକଙ୍କ ସ୍ତ୍ରୀଙ୍କ ସହ ଅସଦାଚରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହାପରେ ପୋଲିସ ମାମଲା (ନଂ. ୧୮/୨୪)ରୁଜୁ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନାହିଁ ବୋଲି ଯୁବକ ଜଣକ ଅଭିଯୋଗ କରିଛନ୍ତି। ଏହି ଘଟଣାରେ କୌଣସି ସତ୍ୟତା ନ ଥିବା ଆଇଆଇସି ସେଠୀ ପ୍ରକାଶ କରିଛନ୍ତି। ଉଭୟ ଘଟଣାକୁ ନେଇ ଜନଶୁଣାଣି ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ପଣ୍ଡା ଓ ଡିଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଅପରପକ୍ଷେ ଏହି ଜନଶୁଣାଣିରେ ମୋଟ ୧୧୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୧୫ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଭତ୍ତା, ରାଶନ କାର୍ଡ, ପକ୍କାଗୃହ ଆଦି ସମ୍ପର୍କରେ ଅଭିଯୋଗ ହୋଇଥିଲା। ଜିଲା ମୁଖ୍ୟ ବିକାଶ ଅଧିକାରୀ ରବିନାରାୟଣ ଜେଠୀ, ଅତିରିକ୍ତ ଉପଜିଲାପାଳ ବିଭୁଦତ୍ତ ଗଡନାୟକ, ବିଡିଓ ନମିତା ବାରିକ, ତହସିଲଦାର ଅଭୀପ୍ସା ପଟ୍ଟନାୟକ, ଏବିଡିଓ ଜ୍ଞାନଦା ନାୟକଙ୍କ ସହ ଜିଲା ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ନାଟ୍ୟକାର ହରିହର ମିଶ୍ରଙ୍କ ପରଲୋକ

ପୁରୀ,(ଅଜିତ୍ ମହାନ୍ତି)/
ଭୁବନେଶ୍ୱର, ୨୩।୯(ବନ୍ଦନା ସେଠୀ)

ନାଟ୍ୟକାର, ଶିକ୍ଷାବିତ୍, ସାହିତ୍ୟିକ, ଗୀତିକାର, ଅଭିନେତା, ନିର୍ଦ୍ଦେଶକ ତଥା ବେତାରଶିଳ୍ପୀ ହରିହର ମିଶ୍ରଙ୍କର ସୋମବାର ସକାଳେ ପୁରୀ ମାର୍କଣ୍ଡେଶ୍ୱର ସାହିସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପ୍ରଶାସନ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏକମାତ୍ର ପୁତ୍ର ତଥା ସଙ୍ଗୀତ ନିର୍ଦ୍ଦେଶକ ରୂପକଳ୍ପ ମିଶ୍ର ମୁଖାଗ୍ନି ଦେଇଥିଲେ।

ସ୍ୱର୍ଗତ ମିଶ୍ର ୧୯୪୦ ନଭେମ୍ବର ୧୯ରେ ପୁରୀଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମାତାଙ୍କ ନାମ ସେବତୀ ଦେବୀ ଓ ପିତା ନାଁ ମଣିରାମ ମିଶ୍ର। ନୟାଗଡ଼ ମହାବିଦ୍ୟାଳୟରେ ସେ ଅଧ୍ୟାପକ ଭାବେ ଚାକିରି ଜୀବନ ଆରମ୍ଭ କରି ଭୁବନେଶ୍ୱର ନହରକଣ୍ଟାସ୍ଥିତ ଜୟଦେବ ମହାବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ୨୦୧୬ ମେ ୬ରୁ ୨୦୨୧ ମେ' ୨୦ ପର୍ଯ୍ୟନ୍ତ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଥିଲେ। ତାଙ୍କ ରଚିତ ୨୨ଟି ନାଟକ ମଧ୍ୟରେ କାଗଜ ଡଙ୍ଗା (୧୯୬୦), ମଧୁଲିତା (୧୯୬୮), ହଂସଧ୍ୱନି (୧୯୭୨), ରାତ୍ରିର ଦୁଇଟି ଡେଣା (୧୯୭୩), ହେ ନିଷାଦ ନିବୃତ୍ତ ହୁଅ (୧୯୭୫), ନିନ୍ଦିତ ଗଜପତି (୧୯୭୭) ଓ ଅଦୃଶ୍ୟ ନଟ (୧୯୮୦) ଅନ୍ୟତମ। ସେହିପରି ଗଳ୍ପ ଓ ଉପନ୍ୟାସ କ୍ଷେତ୍ରରେ ବୃଷଭର ଏକପାଦ (୧୯୭୧), ମୂକ ଡାହୁକ (୧୯୭୫), ଇଚ୍ଛାର ସାମ୍ରାଜ୍ୟ (୧୯୯୦), ବନ ବିହଙ୍ଗୀ(୧୯୬୧), ନୀଳ ହ୍ରଦର ରକ୍ତକମଳ (୨୦୦୧) ଏବଂ ଯୋଗୀ ଗୋବିନ୍ଦଚନ୍ଦ୍ର (୨୦୦୨) ଆଦି ବେଶ୍ ଲୋକପ୍ରିୟ। ଏଥିସହ ତାଙ୍କର ୩୨ଟି କାବ୍ୟ ସଙ୍କଳନ ଓଡ଼ିଆ କାବ୍ୟ ଭଣ୍ଡାରକୁ ବେଶ୍ ସମୃଦ୍ଧ କରିଛି। 'ଚିଲିକା ତୀରେ' ଚଳଚ୍ଚିତ୍ରର ସହ ନିର୍ଦ୍ଦେଶକ, ଚଳଚ୍ଚିତ୍ର 'ତପସ୍ୟା' ଓ 'ଢାଳି ଦିଅ ସାରା ଧରଣୀରେ ଆଜି ତୁମରି ଆଶିଷ ଧାରା' ଭଳି ସଙ୍ଗୀତ ପାଇଁ ସେ ଚର୍ଚ୍ଚିତ ଥିଲେ। ନାଟକ 'ରାତ୍ରିର ଦୁଇଟି ଡେଣା' ପାଇଁ ୧୯୭୭ରେ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। ସେହିଭଳି 'ଶୟନ ପ୍ରତିମା' ଓ 'ଦିବ୍ୟ ଅସନ୍ତୋଷ' ପାଇଁ ୨୦୧୧ରେ ସେ ଶାରଳା ପୁରସ୍କାର ପାଇଥିଲେ। ଏଥିସହ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାର ସମେତ ୫ଶହରୁ ଊର୍ଦ୍ଧ୍ୱ ସମ୍ମାନ, ସମ୍ବର୍ଦ୍ଧନା ଓ ପୁରସ୍କାର ପାଇଥିଲେ ହରିହର।

ତାଙ୍କ ବିୟୋଗରେ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଭାଗୀୟ ଯୁଗ୍ମ ସଚିବ ଦେବପ୍ରସାଦ ଦାଶ, ଓଡ଼ିଶା ସଙ୍ଗୀତ ଏକାଡେମୀ ସଚିବ ପ୍ରବୋଧ ରଥ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡକ୍ଟର ସୁବୋଧ ଆଚାର୍ଯ୍ୟ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସମ୍ପାଦକ ବିଜୟାନନ୍ଦ ସିଂହ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଭୁବନେଶ୍ୱରସ୍ଥିତ ସଂସ୍କୃତି ଭବନରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟଙ୍କ ସହ ବିଭାଗୀୟ ଉଚ୍ଚ ପଦାଧିକାରୀ ଓ କର୍ମଚାରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ଡିଏଫ୍‌ଓଙ୍କ ନାଁରେ ବିଭାଗୀୟ ତଦନ୍ତ ନିର୍ଦ୍ଦେଶ

ଫରେଷ୍ଟରଙ୍କ ଆତ୍ମହତ୍ୟା ଘଟଣା

ଭବାନୀପାଟଣା,୨୩।୯
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଜାରିଙ୍ଗ ସିଲଭି କଲଚର ଅଧୀନ ହାଇଟେକ ନର୍ସରି ଫରେଷ୍ଟର ସଞ୍ଜୟ ନାୟକ (୩୩) ଆତ୍ମହତ୍ୟା ଘଟଣାରେ ସ୍ଥାନୀୟ ଡିଏଫ୍‌ଓଙ୍କ ସମ୍ପୃକ୍ତି ଅଭିଯୋଗ ଆସିବା ପରେ ବିଭାଗୀୟ ତଦନ୍ତ ଆରମ୍ଭ କରିଛି ବନ ବିଭାଗ। ମାମଲାର ତଦନ୍ତ ଦାୟିତ୍ୱ ଜଣେ ସିସିଏଫ୍ ର୍ୟାଙ୍କ ଅଧିକାରୀଙ୍କୁ ଦିଆଯାଇଛି। ଏ ନେଇ ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ପିସିସିଏଫ୍ ବିଶ୍ୱାଳ କହିଛନ୍ତି, ଫରେଷ୍ଟରଙ୍କ ସୁଇସାଇଡ୍ ନୋଟ୍‌ରେ ରାୟଗଡ଼ା ଡିଏଫ୍‌ଓ ଦେବେନ୍ଦ୍ର ବେହେରାଙ୍କ ସମ୍ପର୍କରେ ଉଲ୍ଲେଖ ଥିବା ପୋଲିସ ସୂଚନା ଦେବା ପରେ ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଶୀଘ୍ର ତଦନ୍ତ ସାରି ରିପୋର୍ଟ ଦାଖଲ ପାଇଁ କୁହାଯାଇଛି। ତଦନ୍ତରେ ଦୋଷୀ ଥିବା ଜଣାପଡ଼ିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଭବାନୀପାଟଣାସ୍ଥିତ ସରକାରୀ କ୍ୱାର୍ଟର୍ସରୁ ଗତ ୧୮ ତାରିଖ ସକାଳେ ଫରେଷ୍ଟର ସଞ୍ଜୟଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ପୋଲିସ ମୃତଦେହ ଉଦ୍ଧାର କଲା ବେଳେ ଏକ ସୁଇସାଇଡ୍ ନୋଟ ଜବତ କରିଥିଲା। ଏସ୍‌ପିଙ୍କ ଆଗରେ ଉକ୍ତ ସୁଇସାଇଡ ନୋଟ ପଢିଥିଲେ ଟାଉନ ଥାନା ଆଇଆଇସି। ସେତେବେଳେ ସଞ୍ଜୟଙ୍କ ଭାଇ ରବିନାରାୟଣ ନାୟକଙ୍କ ସହ ପରିବାର ଲୋକ ଉପସ୍ଥିତ ଥିଲେ। ସୁଇସାଇଡ୍ ନୋଟ୍‌ରେ ସଞ୍ଜୟ ଦର୍ଶାଇଥିଲେ, ଡିଏଫ୍‌ଓ ବାରମ୍ବାର ପିସି ମାଗୁଥିଲେ। ଗତବର୍ଷ ୭ ଲକ୍ଷ ଓ ଗଣେଶ ପୂଜା ବେଳେ ସାଢେ ୩ ଲକ୍ଷ ଦେଇଥିଲେ। ଡିଏଫ୍‌ଓଙ୍କ ଘରେ ଏସି ଲଗାଇବା ସହ ଟ୍ୟୁବ୍‌ୱେଲ ଖୋଳାଇଛନ୍ତି। ଗୋଟିଏ ମନ୍ଦିର ପାଇଁ ୪୦ ହଜାର ଟଙ୍କା ଡୋନେଶନ ଦେଇଥିଲେ। ପ୍ରମୋଶନ ରୋକିବା ଓ ଟ୍ରାନ୍ସଫର ଧମକ ଦେଇ ଡିଏଫ୍‌ଓ ପିସି ମାଗୁଥିବା ସୁଇସାଇଡ୍ ନୋଟରେ ସଞ୍ଜୟ ଉଲ୍ଲେଖ କରିଥିଲେ। ଏହି ଘଟଣା ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ଅନ୍ୟପକ୍ଷରେ ସଞ୍ଜୟଙ୍କ ସ୍ତ୍ରୀ ପ୍ରିୟଙ୍କା ମଧ୍ୟ ସମାନ ଅଭିଯୋଗ ଆଣି ଡିଏଫ୍‌ଓଙ୍କୁ କାଠଗଡାକୁ ଟାଣିଥିଲେ। ସଞ୍ଜୟଙ୍କ ଘର ରାୟଗଡ଼ା ଶୁଣ୍ଡିସାହିରେ। ଭାଇ ରବିନାରାୟଣ ଏହା ଆତ୍ମହତ୍ୟା ନୁହେଁ ଏକ ଯୋଜନାବଦ୍ଧ ହତ୍ୟା ବୋଲି ଅଭିଯୋଗ କରିଛନ୍ତି। ଡିଏଫ୍‌ଓ ବେହେରା ୧୦ ମାସ ହେବ ନିର୍ଯାତନା ଦେଉଥିବା ଭାଇ ପକେଟରୁ ମିଳିଥିବା ସୁଇସାଇଡ୍ ନୋଟ୍‌ରେ ଉଲ୍ଲେଖ ରହିଛି। ସମାଜରେ ତାଙ୍କର ଭାବମୂର୍ତ୍ତି ଯୋଗୁ ସେ ଏହି ମାମଲା କାହା ସହ ଶେୟାର କରି ନ ଥିଲେ। ଶେଷରେ ସେ ମୃତ୍ୟୁର ପଥ ବାଛି ନେଇଥିଲେ। ଭାଇ ମୃତ୍ୟୁର ନ୍ୟାୟ ମାଗୁଛି ବୋଲି ରବି ନାରାୟଣ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ପୋଷ୍ଟ କରି ନିବେଦନ କରିଥିଲେ। ସେହିପରି ଗତ ଶୁକ୍ରବାର ଶ୍ରମ ଓ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ରାୟଗଡ଼ା ଗସ୍ତରେ ଯାଇଥିବା ବେଳେ ମୃତ ସଞ୍ଜୟଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ଘଟଣାର ନିରପେକ୍ଷ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ମୃତ ସଞ୍ଜୟଙ୍କ ସ୍ତ୍ରୀ ପ୍ରିୟଙ୍କା ତାଙ୍କର ଥଇଥାନ ଓ ସ୍ୱାମୀଙ୍କ କାମର ବକେୟା ଟଙ୍କା, ଅନ୍ୟ ସରକାରୀ ସହାୟତା ଯୋଗାଇଦେବା ନିମନ୍ତେ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।

ସଞ୍ଜୟ ନାୟକ



ଈଶ୍ୱରଙ୍କ ପାଖେ ଯଥାର୍ଥ ସମର୍ପଣ ତୁମଙ୍କୁ ପ୍ରସାରିତ କରେ – ଏବଂ ଏହା ତୁମର ଶକ୍ତି ଓ କ୍ଷମତାକୁ ବଢାଇ ଥାଏ। ତୁମର ସବୁକିଛିରେ ଗୁଣାତ୍ମକ ଓ ପରିମାଣାତ୍ମକ ଅଭିବୃଦ୍ଧି ଘଟେ। ଏହି ଉନ୍ନତି କେବେବି ତୁମ ନିଜ ଦ୍ୱାରା ହୋଇ ପାରନ୍ତା ନାହିଁ। – ଶ୍ରୀମା

-ଦେବ୍ୟୁତ୍ଥାପନ, ମୂଳାଷ୍ଟମୀ, ସହସ୍ର କୁମ୍ଭାଭିଷେକ, ଦ୍ୱିତାବାହନ ଓଷା ଓ ଷୋଡ଼ଶଦିନାତ୍ମକ ପୂଜାରମ୍ଭ

ବିଷାକ୍ତ ଔଷଧ

ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ବା ଭାରତର ଔଷଧ ମହାନିରୀକ୍ଷକ ନିକଟରେ ୧୬ଟି ଔଷଧକୁ ବିଷାକ୍ତ ଘୋଷଣା କରିଛନ୍ତି। ସେହିସବୁ ଔଷଧ ନିୟାମକର ଗୁଣବତ୍ତା ଏବଂ ସୁରକ୍ଷା ମାନକ ପରୀକ୍ଷାରେ ବିଫଳ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ବିଷାକ୍ତ ଘୋଷିତ ୧୬ଟି ଔଷଧ ମଧ୍ୟରେ ରକ୍ତଚାପକୁ ନିୟନ୍ତ୍ରଣରେ ରଖୁଥିବା ଗ୍ଲେନମାର୍କର ଟେଲମା ଏଚ୍ ଓ ପିତ୍ତକୋଷ ପଥର ଚିକିତ୍ସାରେ ବ୍ୟବହୃତ ସନ୍‌ଫାର୍ମାର ଉର୍ସୋକୋଲ ୩୦୦ ରହିଛି। ଅନ୍ୟ ଔଷଧଗୁଡ଼ିକ ମଧ୍ୟରେ ଅଛନ୍ତି ପୁଲମୋସିନ ଇଞ୍ଜେକ୍ସନ, ପାଣ୍ଟୋସିଡ୍, ପାଜିଭା ୪୦, ପାଣ୍ଟୋମେଡ୍-୪୦, ନାଡୋସିସ୍ ଟାବ୍‌ଲେଟ ଇତ୍ୟାଦି। ଉଲ୍ଲେଖନୀୟ ଯେ, ୧୯୮୩ରେ ପ୍ରତିଷ୍ଠିତ ମୁମ୍ବାଇସ୍ଥିତ ସନ୍ ଫାର୍ମାସ୍ୟୁଟିକାଲ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ଭାରତର ସର୍ବବୃହତ୍ ଔଷଧ କମ୍ପାନୀ। ଏହା ମଧ୍ୟ ବିଶ୍ୱର ଚତୁର୍ଥ ଜେନେରିକ ଫାର୍ମାସ୍ୟୁଟିକାଲ କମ୍ପାନୀ। ୧୦୦ରୁ ଅଧିକ ଦେଶରେ ଏହାର ବ୍ୟବସାୟ ଜାରି ରହିଛି। ଏହାବ୍ୟତୀତ ୧୯୭୭ରେ ପ୍ରତିଷ୍ଠିତ ମୁମ୍ବାଇସ୍ଥିତ ଗ୍ଲେନମାର୍କ ଫାର୍ମାସ୍ୟୁଟିକାଲ୍ ଲିମିଟେଡ୍ ଦେଶ ଓ ବିଦେଶରେ ଏହାର ଉତ୍ପାଦ ବିକ୍ରି କରୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଔଷଧ ପ୍ରସ୍ତୁତି କ୍ଷେତ୍ରରେ ପ୍ରାୟ ୪ ଦଶନ୍ଧିର ଅଭିଜ୍ଞତା ଥିବା ଦୁଇଟି ବୃହତ୍ ଭାରତୀୟ କମ୍ପାନୀର ଔଷଧ ନିୟାମକର ଗୁଣବତ୍ତା ଓ ସୁରକ୍ଷା ମାନକ ପୂରଣ କରିପାରି ନାହାନ୍ତି। ଏହି କମ୍ପାନୀଗୁଡ଼ିକର ଔଷଧ ପ୍ରସାର ଓ ବିକ୍ରି ଭାରତରେ ବହୁ ଆଗରେ ଅଛି। ଡିସିଜିଆଇର ଏବକାର ଘୋଷଣା ପରେ ଲୋକଙ୍କ ମଧ୍ୟରେ ଔଷଧର ଗୁଣବତ୍ତାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ନିକଟ ଅତୀତକୁ ଫେରିଗଲେ ସେପ୍ଟେମ୍ବର ୨୦୨୩ରେ ଭାରତର ଶୀର୍ଷ ରେଗୁଲେଟର କୁହାଯାଉଥିବା ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ ଦ୍ୱାରା ଦେଶରେ ବିକ୍ରି ହେଉଥିବା ନକଲି କ୍ୟାନ୍‌ସର ଓ ଲିଭର ମେଡିସିନ ଉପରେ ସତର୍କତା ଜାରି କରାଯାଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ମଧ୍ୟ ଏ ସମ୍ପର୍କରେ ଚିନ୍ତା ପ୍ରକଟ କରିଥିଲା। ଭାରତରେ ନକଲି ବା ବିଷାକ୍ତ ଔଷଧର ଇତିହାସକୁ ଲକ୍ଷ୍ୟ କଲେ ଏହାର ସ୍ଥାୟୀ ପ୍ରତିକାର ସରକାର କରି ପାରୁ ନାହାନ୍ତି ବୋଲି ସ୍ପଷ୍ଟ ପ୍ରମାଣିତ ହେଉଛି।

ଦେଶରେ ଉତ୍ପାଦିତ ଔଷଧଗୁଡ଼ିକୁ ସ୍ୱୀକୃତି ଦେବାରେ ନିୟାମକ ସଂସ୍ଥାର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଦେଖାଯାଏ, ନିୟାମକ ସଂସ୍ଥାଗୁଡ଼ିକ ଥରେ ଔଷଧର ମାନ ପରୀକ୍ଷା କରି ବିକ୍ରି ପାଇଁ ଅନୁମତି ଦେବା ପରେ ପରବର୍ତ୍ତୀ ସମୟରେ ସେହିସବୁ ଔଷଧର ଗୁଣବତ୍ତା କ'ଣ ରହୁଛି ତାହା ଯାଞ୍ଚ କରନ୍ତି ନାହିଁ। ପ୍ରକୃତରେ ନିୟମିତ ବ୍ୟବଧାନରେ ବିଭିନ୍ନ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଔଷଧର ମାନ ପରୀକ୍ଷା କରାଗଲେ ହୁଏତ ଏଭଳି ସ୍ଥିତି ଉପୁଜନ୍ତା ନାହିଁ। ଅବଶ୍ୟ ବଡ଼ ଫାର୍ମାର ପଇସା ଆଗରେ କିଛି ଅଧିକାରୀଙ୍କ ମୁଣ୍ଡ ବିକ୍ରି ହୋଇଯିବା କାରଣରୁ ଏଭଳି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି। ଯଦି ସରକାରଙ୍କ ନିୟାମକ ସଂସ୍ଥାସବୁ ସଚ୍ଚୋଟ ଭାବେ ସେମାନଙ୍କ କାର୍ଯ୍ୟ କରନ୍ତେ, ତେବେ ଔଷଧ ନିର୍ମାତା କମ୍ପାନୀଗୁଡ଼ିକ ଲାଭ ଉପରେ ଧ୍ୟାନଦେବା ସହ ଗୁଣବତ୍ତା ରକ୍ଷା ଦିଗରେ ଦୃଷ୍ଟି ଦିଅନ୍ତେ। ଏଥିସହ ଅନ୍ତର୍ଜାତୀୟ ଫାର୍ମା କମ୍ପାନୀଗୁଡ଼ିକ ମଧ୍ୟ ଉଚ୍ଚମାନର ଔଷଧ ଭାରତକୁ ପଠାଇବାକୁ ବାଧ୍ୟ ହୁଅନ୍ତେ ଏବଂ ଭାରତୀୟ କମ୍ପାନୀଗୁଡ଼ିକ ଔଷଧର ଗୁଣବତ୍ତା ଉପରେ ଧ୍ୟାନ ରଖନ୍ତେ। ଏ ଦିଗରେ ଆହୁରି ଏକ ବଡ଼ ସମସ୍ୟା ହେଉଛି, ଜେନେରିକ ଔଷଧର ଉତ୍ପାଦନ। ଏବେ ସରକାର ଜନଔଷଧିର ଆଖ୍ୟା ଦେଇ ଏହାର ଉତ୍ପାଦନ, ପ୍ରଚାର ଓ ପ୍ରସାରକୁ ଗୁରୁତ୍ୱ ଦେଉଛନ୍ତି। ଅନ୍ୟପଟେ ଏହାର ସୁରକ୍ଷା ମାନକ ଉପରେ କଡ଼ା ନଜର ରଖାଯାଉନାହିଁ। ବିଭିନ୍ନ ସାନବଡ଼ ଔଷଧ ଉତ୍ପାଦନକାରୀ କମ୍ପାନୀରେ ଜେନେରିକ ଔଷଧ ପ୍ରସ୍ତୁତ କରାଯାଉଛି ଏବଂ ସେଗୁଡ଼ିକର ମାନର ମାପକାଠି କ'ଣ ରହୁଛି, ତାହାକୁ କିଏ ପରୀକ୍ଷା କରୁଛି ସେ ବିଷୟରେ ଜନସାଧାରଣ ଜାଣିବାର କୌଣସି ବାଟ ନାହିଁ। ଏପରି ସ୍ଥଳେ କେବଳ ବଡ଼ କମ୍ପାନୀ ନୁହେଁ, ଭାରତରେ ପ୍ରସ୍ତୁତ କରାଯାଉଥିବା ସବୁ ଔଷଧ କଠୋର ଯାଞ୍ଚ ମଧ୍ୟରେ ଆସିବା ଦରକାର। କାରଣ ଔଷଧ ଜୀବନ ବଞ୍ଚାଇପାରେ, ଆଉ ବିଷାକ୍ତ ଔଷଧ ବି ଜୀବନ ନେଇପାରେ।

ବିଭିନ୍ନ ସାନବଡ଼ ଔଷଧ ଉତ୍ପାଦନକାରୀ କମ୍ପାନୀରେ ଜେନେରିକ ଔଷଧ ପ୍ରସ୍ତୁତ କରାଯାଉଛି ଏବଂ ସେଗୁଡ଼ିକର ମାନର ମାପକାଠି କ'ଣ ରହୁଛି, ତାହାକୁ କିଏ ପରୀକ୍ଷା କରୁଛି ସେ ବିଷୟରେ ଜନସାଧାରଣ ଜାଣିବାର କୌଣସି ବାଟ ନାହିଁ। ଏପରି ସ୍ଥଳେ କେବଳ ବଡ଼ କମ୍ପାନୀ ନୁହେଁ, ଭାରତରେ ପ୍ରସ୍ତୁତ କରାଯାଉଥିବା ସବୁ ଔଷଧ କଠୋର ଯାଞ୍ଚ ମଧ୍ୟରେ ଆସିବା ଦରକାର।

ସାମ୍ନାରେ ସମସ୍ୟା ଅନେକ

ଡ. ସନ୍ତୋଷ କୁମାର ମହାପାତ୍ର

ସମସ୍ତେ କ୍ଷମତାକୁ ଭଲ ପାଆନ୍ତି ଏବଂ କ୍ଷମତା ବଜାୟ ରଖିବାକୁ ଚାହାନ୍ତି। ଦଳମତ ନିର୍ବିଶେଷରେ ସବୁ ରାଜନୈତିକ ଦଳ ପ୍ରଚାରରେ ଲିପ୍ତ ରୁହନ୍ତି। କିନ୍ତୁ ବର୍ତ୍ତମାନ ସରକାର ଏପରି ପ୍ରଚାରରେ ଲିପ୍ତ ରହୁଛନ୍ତି ଯେ, କେବେ ଏପରି ଆଗରୁ ଦେଖିବାକୁ ମିଳି ନ ଥିଲା। ପ୍ରଚାର ଯୋଗୁ ବିଭିନ୍ନ ସମସ୍ୟା ସବୁ ଆଉ ଆଲୋଚନା ହେଉନି, ସମାଧାନ ତ ଦୂରର କଥା। ଦାରିଦ୍ର୍ୟ, ବେକାରି, ବୈଷମ୍ୟ ଓ ମୁଦ୍ରାସ୍ଫୀତି ଅତ୍ୟନ୍ତ ଭୟଙ୍କର।

ଭାରତର ଆର୍ଥିକ ଅଭିବୃଦ୍ଧି ସମତୁଲ, ସମାନୁପାତିକ ହେବା ସହିତ ନିଯୁକ୍ତି ବୃଦ୍ଧି ପାଇବା ଆବଶ୍ୟକ। କିନ୍ତୁ ଏବେ ଅଭିବୃଦ୍ଧିର ସୁଫଳ ଗରିବଙ୍କ ନିକଟରେ ପହଞ୍ଚୁନାହିଁ। ଚିନ୍ତାର ବିଷୟ ହେଉଛି ଯେଉଁ ଅନୁସାରେ ଜିଡିପି ବୃଦ୍ଧି ପାଉଛି, ସେହି ଅନୁସାରେ ନିଯୁକ୍ତି ବୃଦ୍ଧି ପାଉନି। ନିଯୁକ୍ତି ବିହୀନ ଅଭିବୃଦ୍ଧି ଦେଖିବାକୁ ମିଳୁଛି। ଉଦାହରଣ ସ୍ୱରୂପ ୨୦୦୦ ରୁ ୨୦୧୨ ମଧ୍ୟରେ ଅର୍ଥନୀତି ବାର୍ଷିକ ୬.୨% ହାରରେ ବୃଦ୍ଧି ପାଇଥିଲା ବେଳେ ନିଯୁକ୍ତି ମାତ୍ର ୧.୬% ହାରରେ ବୃଦ୍ଧି ପାଉଛି। ପରିସ୍ଥିତି ଆହୁରି ପୁନଶ୍ଚ ଖରାପ ହୋଇଛି। ୨୦୧୨ ରୁ ୨୦୧୯ ମଧ୍ୟରେ ଅଭିବୃଦ୍ଧି ହାର ୬.୭% ହୋଇଥିଲା ବେଳେ ନିଯୁକ୍ତି ବୃଦ୍ଧି ହାର ମାତ୍ର ୧.୭%।

ଜେନିଭା ସ୍ଥିତ ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଏବଂ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହ୍ୟୁମାନ ଡେଭଲପମେଣ୍ଟ (ଆଇଏଚ୍‌ଡି)ର ଯୁଗ୍ମ ପ୍ରୟାସରେ ପ୍ରସ୍ତୁତ 'ଇଣ୍ଡିଆ ଏମ୍ପ୍ଲୟମେଣ୍ଟ ରିପୋର୍ଟ' ବା 'ଭାରତ ନିଯୁକ୍ତି ୨୦୨୪' ଶୀର୍ଷକ ଏହି ରିପୋର୍ଟରେ ଦେଶର ବେକାରି ସ୍ଥିତିକୁ ନେଇ ଉଦ୍‌ବେଗଜନକ ତଥ୍ୟ ପ୍ରକାଶ ପାଇଛି। ଯୁବ ପିଢ଼ିଙ୍କ ମଧ୍ୟରେ ବେକାରି ସର୍ବାଧିକ, ଏପରିକି ଭୟଙ୍କର। ଅଧିକ ଚିନ୍ତାଜନକ ହେଉଛି ଅଧିକାଂଶ ଶିକ୍ଷିତ ବେକାରି। ୩୪ରୁ କମ୍ ବୟସର ଲୋକଙ୍କ ମଧ୍ୟରୁ ୮୩% ବେକାର। ବେକାରି ହାର୍ ମେ ମାସରେ ୭% ଥିଲାବେଳେ, ଜୁନ୍‌ରେ ୯.୨% କୁ ବୃଦ୍ଧି ପାଇଛି। ଶ୍ରମଶକ୍ତିରେ ମହିଳାଙ୍କ ଅଂଶଗ୍ରହଣ ଯେଉଁସବୁ ଦେଶଗୁଡ଼ିକ କମ୍ ସେଥିମଧ୍ୟରେ ଭାରତ ରହିଛି। ୨୦୨୨ରେ ପୁରୁଷମାନଙ୍କ କ୍ଷେତ୍ରରେ ଏହା ୭୭.୨% ହୋଇଥିଲାବେଳେ ମହିଳାମାନଙ୍କ କ୍ଷେତ୍ରରେ ଏହା ୩୨.୮% ବା ପ୍ରାୟ ୨.୩ ଗୁଣ କମ୍। ବିଶ୍ୱରେ ମହିଳାମାନଙ୍କ କ୍ଷେତ୍ରରେ ଏହା ୪୭.୩%।

ଭାରତରେ ଅଶାନ୍ତି, ଆତ୍ମହତ୍ୟା, ଅପରାଧ ବୃଦ୍ଧି ପାଇଛି। ନ୍ୟାଶନାଲ କ୍ରାଇମ ରେକର୍ଡ ବ୍ୟୁରୋ ତଥ୍ୟ ୨୦୨୨ ଅନୁଯାୟୀ, ପ୍ରତ୍ୟେକ ଦିନ ଭାରତରେ ୪୬୮ ଜଣ ଆତ୍ମହତ୍ୟା କରୁଛନ୍ତି। ଆତ୍ମହତ୍ୟା ହାର ଯାହା ୨୦୧୮ରେ ୧ ଲକ୍ଷରେ ୧୦.୨ ଥିଲା, ତାହା ୨୦୨୨ରେ ୧୨.୪କୁ ବୃଦ୍ଧି ପାଇଛି। ୨୦୧୭ରେ ଆତ୍ମହତ୍ୟା କରିଥିବା ଲୋକଙ୍କ ସଂଖ୍ୟା ୧,୩୪,୫୧୬ ଥିଲାବେଳେ ୨୦୨୧ରେ

୧,୬୫, ୦୩୩, ୨୦୨୨ରେ ୧,୭୧,୦୦୦କୁ ବୃଦ୍ଧି ପାଇଛି। ଅର୍ଥାତ୍ ୨୦୨୨ରେ ଆତ୍ମହତ୍ୟା ହାର ୨୦୨୧ ତୁଳନାରେ ୪.୩% ଏବଂ ୨୦୧୮ ତୁଳନାରେ ୨୭% ଅଧିକ। କେବଳ ଆତ୍ମହତ୍ୟା କରିଥିବା ଲୋକଙ୍କ ମଧ୍ୟରୁ ଦିନ ମଜୁରିଆ ୨୬%। ୨୦୨୨ରେ ୧୫୦ଟି ପରିବାର ସମ୍ପୂର୍ଣ୍ଣ ଭାବେ ଆତ୍ମହତ୍ୟା କରିଥିଲେ। ୨୦୧୩ ରୁ ୨୦୨୨ ମଧ୍ୟରେ ଅତ୍ୟଧିକ ଥଣ୍ଡା ଯୋଗୁ କେବଳ ୮୦୦ ଲୋକ ପ୍ରାଣ ହରାଇଛନ୍ତି। ଚିନ୍ତାର ବିଷୟ ହେଉଛି ଯେଉଁ ହାରରେ ଜନସଂଖ୍ୟା ବୃଦ୍ଧି ପାଉଛି , ତାହାଠାରୁ ଅଧିକ ହାରରେ ଛାତ୍ର ଆତ୍ମହତ୍ୟା ବୃଦ୍ଧି ପାଇଛି।

୨୦୨୪ ମସିହା ମାର୍ଚ୍ଚ ୧୮ରେ ପ୍ରକାଶିତ ୱାର୍ଲଡ ଇନ୍‌ଇକ୍ୱାଲିଟି ଲ୍ୟାବ। 'ଭାରତରେ ଆୟ ଏବଂ ସମ୍ପଦ ଅସମାନତା ୧୯୨୨-୨୦୨୩: ବିଲିୟନେୟାର ରାଜ୍‌ର ବୃଦ୍ଧି' ଶୀର୍ଷକ ଏକ ୱାର୍କିଂ ପେପର ବା ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁସାରେ ଭାରତରେ ୨୦୧୪-୧୫ରୁ ୨୦୨୨-୨୩ ମଧ୍ୟରେ ଆୟ ଅସମାନତା ସବୁଠୁ ଅଧିକ ବଢ଼ିଥିଲା। ଭାରତର ଆଧୁନିକ ପୁଞ୍ଜିପତି ବର୍ଗଙ୍କ 'ବିଲିୟନେୟାର ରାଜ୍' ଉପନିବେଶବାଦୀଙ୍କ 'ବ୍ରିଟିଶ ରାଜ୍'କୁ ବଳିଯାଇଛି। ଧନୀ ଶ୍ରେଣୀର ଲୋକଙ୍କ ପାଖରେ ବିପୁଳ ସମ୍ପଦ ଥିବାବେଳେ ଗରିବ ଲୋକମାନେ ଠିକ୍ ଢଙ୍ଗରେ ଜୀବନ କାଟିବାକୁ ସଂଘର୍ଷ କରୁଛନ୍ତି। ଗତ ୧୦୦ ବର୍ଷ ଭିତରେ ଏଭଳି ସ୍ଥିତି ଦେଶରେ ଦେଖିବାକୁ ମିଳି ନ ଥିଲା। ୨୦୦୦ରେ ଭାରତର ୧% ଧନୀଙ୍କ ପାଖରେ ଜାତୀୟ ଆୟର ୧୫.୧% ଥିଲାବେଳେ ୨୦୨୨-୨୩ରେ ଏହା ୨୨.୬%କୁ ବୃଦ୍ଧି ପାଇଛି, ଯାହା ୧୯୨୨ ପରେ ସର୍ବାଧିକ। ସମ୍ପଦ ଦୃଷ୍ଟିରୁ ୨୦୦୨ରେ ଭାରତର ୧% ଧନୀଙ୍କ ପାଖରେ ଜାତୀୟ ସମ୍ପଦର ୨୫.୪% ଥିଲାବେଳେ ୨୦୨୨-୨୩ରେ ଏହା ୪୦.୧% କୁ ବୃଦ୍ଧି ପାଇଛି। ଏହି ବୈଷମ୍ୟ ୧୯୬୧ ପରଠାରୁ ସର୍ବାଧିକ। କେବଳ ଦକ୍ଷିଣ ଆଫ୍ରିକାର ୫୪.୯% , ବ୍ରାଜିଲ ୪୮.୭% ରେ ସମ୍ପଦ ଜନିତ ବୈଷମ୍ୟ ଅଧିକ।

ବିଶ୍ୱ ଅସମାନତା ଗବେଷଣାଗାର ଦ୍ୱାରା ନିକଟରେ ପ୍ରକାଶିତ ଟିକସ ନ୍ୟାୟ ଓ ସମ୍ପଦ ବଣ୍ଟନ ଶୀର୍ଷକ ରିପୋର୍ଟରେ ଦେଶରେ ଧନୀ ଓ ଗରିବଙ୍କ ମଧ୍ୟରେ ବ୍ୟବଧାନ ଭୟଙ୍କର ଭାବେ ବୃଦ୍ଧି ପାଇଥିବା କୁହାଯାଇଛି। ଦେଶର ମୋଟ ସମ୍ପତ୍ତିର ୮୫% ସମାଜର ଉଚ୍ଚ ଜାତି ବା ଅସଂରକ୍ଷିତ ବର୍ଗର ଲୋକଙ୍କ ପାଖରେ ରହିଛି ବୋଲି ଏଥିରେ କୁହାଯାଇଛି। ଦେଶର ଅନୁସୂଚିତ ଜାତିର ଲୋକଙ୍କ ପାଖରେ ମାତ୍ର ୨.୬% ସମ୍ପତ୍ତି ହିଁ ରହିଥିବା ଜଣାପଡିଛି। ଜାତୀୟ ନମୁନା ସର୍ଭେରେ କୁହାଯାଇଛି ଯେ, ଦେଶରେ ପଛୁଆ ବର୍ଗ ଜନସଂଖ୍ୟାର ୪୦.୯୪% ହୋଇଥିବା ବେଳେ ଅନୁସୂଚିତ ଜାତିର ସଂଖ୍ୟା ୧୯.୫୯%, ଆଦିବାସୀ ବା ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ୮.୬୩% ଓ ଅନ୍ୟ ବର୍ଗର ଲୋକଙ୍କ ସଂଖ୍ୟା ୩୦.୮%। ଅଥଚ ସେମାନଙ୍କ ସମ୍ପତ୍ତିର ମାଲିକାନାକୁ ଦେଖିଲେ ପଛୁଆ ବର୍ଗର ଲୋକଙ୍କ ପାଖରେ ମାତ୍ର ୯%, ଦଳିତ ବା ଅନୁସୂଚିତ ଜାତିର ଲୋକଙ୍କ ପାଖରେ ୨.୬% ହିଁ ସମ୍ପତ୍ତି ରହିଛି। ୨୦୧୩ ପରଠାରୁ ଦେଶରେ ସମ୍ପତ୍ତିର ଏହି ଅସମାନତାରେ ବୃଦ୍ଧି ଦେଖିବାକୁ ମିଳିଛି।

ଅତ୍ୟାବଶ୍ୟକ ସାମଗ୍ରୀ ଦର ନିୟନ୍ତ୍ରଣ ବାହାରେ। ଖୁଚୁରା ମୂଲ୍ୟ ମୁଦ୍ରାସ୍ଫୀତି ଗତ ୨୪ ମାସରେ ଆର୍‌ବିଆଇର ସର୍ବୋଚ୍ଚ ସହନଶୀଳତା ସୀମାକୁ ୬% ଅତିକ୍ରମ କରିଥିବାବେଳେ ଗତ ୨୮ ମାସରେ ଖାଦ୍ୟ ମୁଦ୍ରାସ୍ଫୀତି ୬% ରୁ ଅଧିକ ହୋଇଛି। ଜୁନ୍‌ରେ ଖାଦ୍ୟ ମୁଦ୍ରାସ୍ଫୀତି ୯.୪%, ଖୁଚୁରା ମୁଦ୍ରାସ୍ଫୀତି ୫.୦୮% ଓ ପାଇକାରୀ ମୁଦ୍ରାସ୍ଫୀତି ହାର ୧୫ ମାସର ସର୍ବାଧିକ ୩.୩୬% ରହିଛି, ଯାହା ଚିନ୍ତାଜନକ। ଗତ ବର୍ଷରେ ଖାଦ୍ୟ ପଦାର୍ଥ ମୂଲ୍ୟ ଯଥା, ପିଆଜ (୯୩.୩୫%), ଆଳୁ (୬୬.୩୭%), ପନିପରିବା (୩୮.୭୬%),ଖାଦ୍ୟ ଶସ୍ୟ (୯.୨୭%), ଫଳ (୧୦.୨୪%) , ଗହମ (୬.୨୫%) ବୃଦ୍ଧି ପାଇଛି। ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇପାରେ ବା ହ୍ରାସ ପାଇପାରେ, କିନ୍ତୁ ଅତ୍ୟାବଶ୍ୟକ ସାମଗ୍ରୀ, ପନିପରିବା ଦର ଅହେତୁକ ବୃଦ୍ଧି ପାଇଛି, ଯାହା କମିବାର ସମ୍ଭାବନା ନାହିଁ।

ଭାରତର ଲୋକଙ୍କ ଆର୍ଥିକ ସ୍ଥିତିରେ କିପରି ଅବନତି ଘଟିଛି ତାହା ରିଜର୍ଭ ବ୍ୟାଙ୍କର ଏକ ରିପୋର୍ଟରୁ ଜଣାପଡ଼ିଛି। ପାରିବାରିକ ସଞ୍ଚୟ ଉଭୟ ଭୌତିକ ସଞ୍ଚୟ ଓ ବିତ୍ତୀୟ ବା ଆର୍ଥିକ ବା ଫାଇନାନ୍ସିଆଲ ସଞ୍ଚୟର ସମ୍ମିଶ୍ରଣ। ଭୌତିକ ସଞ୍ଚୟ ସୁନା, ରିୟଲ ଇଷ୍ଟେଟ ଇତ୍ୟାଦି ଏବଂ ଆର୍ଥିକ ସଞ୍ଚୟ ମୁଦ୍ରା, ବ୍ୟାଙ୍କ ସଞ୍ଚୟ, ମ୍ୟୁଚୁଆଲ ଫଣ୍ଡ, ସରକାରଙ୍କ ଉପରେ ନେଟ ଦାବି, ବୀମା ପାଣ୍ଠି, ପେନସନ ପାଣ୍ଠି, ଭବିଷ୍ୟନିଧି ପାଣ୍ଠି, ଡାକଘରର କ୍ଷୁଦ୍ର ସଞ୍ଚୟ ଆଦିକୁ ନେଇ ଗଠିତ। କିନ୍ତୁ ମୋଟ ଆର୍ଥିକ ସଞ୍ଚୟରୁ ଏକ ପାରିବାରିକ ଆର୍ଥିକ ଦେୟ ବା ଋଣକୁ ବିଯୁକ୍ତ କରି ନିଟ୍ ବିତ୍ତୀୟ ସଞ୍ଚୟ ଆକଳନ କରାଯାଏ। ନିଟ୍ ବିତ୍ତୀୟ ସଞ୍ଚୟ ଅତୀତରେ ହାରାହାରି ଜିଡିପି ୭.୩% ଥିଲା। କିନ୍ତୁ ୨୦୨୨-୨୩ରେ ଏହା ୫.୩%କୁ ହ୍ରାସ ପାଇଲା, ଯାହା ଗତ ୪ ଦଶନ୍ଧିରେ ସର୍ବନିମ୍ନ। ଅପରପକ୍ଷରେ ପାରିବାରିକ ଋଣ ଜିଡିପିର ୪୦% ରେ ପହଞ୍ଚିଛି, ଯାହା ଚିନ୍ତାର ବିଷୟ। ଆର୍ଥିକ ସଞ୍ଚୟ ହ୍ରାସ ପାଇବାରୁ ବ୍ୟାଙ୍କମାନେ ଋଣ ଦେବାକୁ ଅର୍ଥ ପାଉନାହାନ୍ତି। ସରକାର ସଞ୍ଚୟର ସୁଧ, ପରିପକ୍ୱ ରାଶି ଓ ବୀମା ପ୍ରିମିୟମ ଉପରେ ଟିକସ ଆଦାୟ କରିବାରୁ ଏବଂ ସଞ୍ଚୟ ଜନିତ ଟିକସ ରିହାତି ନ ଦେବା ଯୋଗୁ ଆର୍ଥିକ ସଞ୍ଚୟ ମଧ୍ୟ ହ୍ରାସ ପାଉଛି। ଏହି ହ୍ରାସ ଦର୍ଶାଉଛି ଲୋକମାନଙ୍କ ଋଣ ବୃଦ୍ଧି ପାଇବା ସହିତ ଜୀବନର ମାନଦଣ୍ଡ ହ୍ରାସ ପାଇଛି।

ମୋ:୯୪୩୭୨୦୮୭୬୨

ଅନ୍ଧଭକ୍ତି ନୁହେଁ ଈଶ୍ୱର ଭକ୍ତି

ଶ୍ରୁତକୀର୍ତ୍ତି ତ୍ରିପାଠୀ

କିଛି ମାସ ତଳେ ଉତ୍ତରପ୍ରଦେଶର ହାଥରାସରେ ଏକ ସତ୍‌ସଙ୍ଗରେ ଦଳାଚକଟା ଘଟି ୧୨୧ ଜଣ ମୃତ ଏବଂ ୨୮ ଜଣ ଆହତ ହୋଇଥିଲେ ; ଯେଉଁଥିରେ ମହିଳା ଓ ଶିଶୁଙ୍କ ସଂଖ୍ୟା ଅଧିକ ଥିଲା। ଉକ୍ତ ଦୁର୍ଘଟଣାରେ ମୃତ ଭକ୍ତଗଣଙ୍କୁ ସେହି ସମୟରେ ନା ଭଗବାନ୍ ସହାୟକ ହେଲେ ନା ସେ ଭଗବାନ୍‌ରୂପୀ ବାବା, ଯାହାଙ୍କ ପାଦଧୂଳି ନେବା ପାଇଁ ଭକ୍ତଙ୍କ ଭିତରେ ଦଳାଚକଟା ହୋଇଥିଲା। ତଥ୍ୟ କହୁଛି, ଭାରତରେ ଦୁର୍ଘଟଣା ଏବଂ ଯୁଦ୍ଧରେ ଯେତେ ଲୋକ ମୃତ୍ୟୁବରଣ କରନ୍ତି, ଅନ୍ଧଭକ୍ତି ଓ ଅନ୍ଧବିଶ୍ୱାସ ବଶବର୍ତ୍ତୀ ହୋଇ ସେତିକି ଲୋକ ଜୀବନ ହରେଇଥା'ନ୍ତି।

ଭାରତରେ ମନ୍ଦିର ଓ ଆଶ୍ରମ ଦର୍ଶନ ସମୟରେ ଦଳାଚକଟାରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହେବାରେ ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ୨୦୦୫ରେ ମନ୍ଧାରଦେବୀ ମନ୍ଦିରରେ ୨୯୧ ଜଣ, ୨୦୦୮ରେ ନୈନାଦେବୀ ମନ୍ଦିରରେ ୧୪୬ ଜଣ, ୨୦୧୦ କୁମ୍ଭମେଳାରେ ୭ ଜଣ ଏବଂ କୃପାଳୁ ମହାରାଜଙ୍କ ଆଶ୍ରମରେ ୬୩ ଜଣ, ୨୦୧୧ରେ ସବରୀମାଲାରେ ୧୦୨ ଜଣ, ୨୦୧୩ କୁମ୍ଭମେଳାରେ ୩୬ ଜଣ, ୨୦୧୩ ରତ୍ନଗିରି ମନ୍ଦିରରେ ୧୧୫ ଜଣ ଓ ୨୦୧୬ ରେ ପୁଟ୍ଟିଙ୍ଗଲ ଦେବୀ ମନ୍ଦିରରେ ୧୦୬ ଜଣ ଦଳାଚକଟାରେ ପ୍ରାଣ ହରାଇଥିବାର ଉଦାହରଣ ରହିଛି।

ଓଡ଼ିଶା କଥା ଦେଖାଗଲେ ପ୍ରତିବର୍ଷ କେବଳ ପୁରୀ ଶ୍ରୀମନ୍ଦିରରେ ବିଶେଷ ଦିନଗୁଡ଼ିକରେ କିମ୍ବା ପର୍ବପର୍ବାଣିରେ ଭକ୍ତଙ୍କ ଗହଳି ଯୋଗୁ ଦଳାଚକଟାଜନିତ ମୃତାହତ ହେବା ଅନେକ ଘଟଣା ନଜରକୁ ଆସିଛି। ଏହି ଦୁର୍ଘଟଣାଗୁଡ଼ିକ କ'ଣ ଭଗବାନ୍‌ଙ୍କୁ ଦର୍ଶନ ପାଇଁ ଇଚ୍ଛା କରୁଥିବା ସେହି ଭକ୍ତଗଣଙ୍କ ଭକ୍ତି ବା ବିଶ୍ୱାସରେ ଅଭାବର ପରିଣାମ ? ଏ ପ୍ରଶ୍ନ ଏବେ ମଧ୍ୟ ତର୍କ, ଆଲୋଚନା ଓ ଯୁକ୍ତିର ପ୍ରସଙ୍ଗ ଅନ୍ତର୍ଗତ ! ନା ଏହି ମୃତ୍ୟୁଗୁଡ଼ିକର କାରଣ ଭକ୍ତଗଣଙ୍କ ସେହି ଗେରୁଆ ଓ ଶୁଭ୍ର ବସ୍ତ୍ର ପରିଧାନକାରୀ ବାବାଙ୍କ ଉପରେ ଅନ୍ଧବିଶ୍ୱାସ ନା ନିଜର ନୈରାଶ୍ୟଭାବ ? ଭକ୍ତମାନେ ଭଗବାନ୍ ଦର୍ଶନ କରିବାକୁ ଯାଇ ମନ୍ଦିର ପ୍ରାଙ୍ଗଣରେ, ମନ୍ଦିର ବେଢ଼ାରେ, ଭଗବାନ୍‌ଙ୍କ ପାଦ ତଳେ ମରଣ ଲାଭ କରନ୍ତି, ଏବଂ ଦୁଃଖର କଥା ଭଗବାନ୍ ମଧ୍ୟ ସେମାନଙ୍କୁ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା କରିପାରନ୍ତି ନାହିଁ। ସେମାନଙ୍କ ଆଶା, ଆଶାରେ ହିଁ ରହିଯାଏ। ଯେଉଁ ଉଦ୍ଦେଶ୍ୟ, କାମନା, ଇଚ୍ଛାପୂର୍ତ୍ତି ପାଇଁ ସେମାନେ ଯାଇଥାନ୍ତି ; ତାହା ପୂରଣ ହୁଏ ନାହିଁ, ବରଂ ସେଇଠି ନିଜର ଜୀବନ ଓ ପରିବାର ହରେଇବା ଅତ୍ୟନ୍ତ ହୃଦୟବିଦାରକ।

ନିଜକୁ ଅଲୌକିକ ଶକ୍ତିର ଅଧିକାରୀ ଭାବୁଥିବା, ଭଗବାନ୍‌ଙ୍କ ଅନୁଗାମୀ ଏହି ବାବାମାନଙ୍କୁ ଅନ୍ଧ ଭାବରେ ଅନୁସରଣ କରି ତାଙ୍କ ଦର୍ଶନ ପାଇଁ, ପ୍ରବଚନ ଶୁଣିବା ପାଇଁ, ପାଦଧୂଳି ନେବା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ଲଗେଇବା ଭକ୍ତି ନୁହେଁ, ବରଂ ଅନ୍ଧଭକ୍ତି ବା ଅନ୍ଧବିଶ୍ୱାସ କହିଲେ ଭୁଲ ହେବ ନାହିଁ। ଏବେ ଆମ ସମାଜରେ ଏହି ଅନ୍ଧ ଭକ୍ତଙ୍କ ଭିତରେ ଭଗବାନ୍‌ଙ୍କ

ସାନ୍ନିଧ୍ୟ ଏବଂ ଆଶୀର୍ବାଦ ଲାଭ କରିବା ପାଇଁ ତୀବ୍ର ଉତ୍କଣ୍ଠା ଦେଖାଦେଇଛି। ଏହି ପ୍ରତିଯୋଗିତାରେ ପ୍ରଥମେ ନ ପହଞ୍ଚିଲେ କବାଟ ବନ୍ଦ ହୋଇଯିବ, ରାଶନ ଦୋକାନରେ ରାଶନ ସରିଯିବ, ବସ୍/ଟ୍ରେନ ଛାଡ଼ି ଚାଲିଯିବ ଭଳି ଈଶ୍ୱରଙ୍କ କୃପା ପ୍ରାପ୍ତିର ତତ୍ପରତାର ଏକ ଅଦ୍ଭୁତ ବିବର୍ତ୍ତନ ଲକ୍ଷ୍ୟ କରାଯାଉଛି।

ଉପରୋକ୍ତ କାର୍ଯ୍ୟକଳାପ, ଅଲୌକିକ ଘଟଣା ଉପରେ ଆମର ସ୍ଥାୟୀ ବିଶ୍ୱାସ ଏବଂ ଭଗବାନ୍ ଓ ନିଜକୁ ଭଗବାନ୍‌ଙ୍କ ଅନୁଗାମୀ କହୁଥିବା ବାବାଙ୍କ ପ୍ରତି ଆମର ଆବେଶ ବା ମୋହ ବିଷୟରେ ବର୍ଣ୍ଣନା କରୁଛି। ବାବାମାନଙ୍କ ଦ୍ୱାରା ପ୍ରଦର୍ଶନ ହେଉଥିବା ନକଲି ଦେଶପ୍ରେମ ଓ ସଂଖ୍ୟାଗରିଷ୍ଠତା ଏହାର ଚରମ ଉଦାହରଣ। ସ୍ୱଭାବତଃ ଲୋକମାନେ ଚମତ୍କାରିତା ଉପରେ ବିଶ୍ୱାସ ରଖନ୍ତି ; ସେହି ବିଶ୍ୱାସରେ ମନ୍ଦିର, ଆଶ୍ରମ, ସତ୍‌ସଙ୍ଗଗୁଡ଼ିକରେ ଗହଳି ଜମାନ୍ତି, ପରିଣାମ ବିଶୃଙ୍ଖଳା ଓ ଅବ୍ୟବସ୍ଥାଜନିତ ଦୁର୍ଘଟଣା ଘଟେ ଏବଂ ଲୋକ ପ୍ରାଣ ହରାନ୍ତି। ଦୁଃଖର ବିଷୟ, ବ୍ୟବସ୍ଥା ଓ ପ୍ରଶାସନର ଉପସ୍ଥିତିରେ ଏସବୁ ଘଟିଚାଲିଛି। ସଭା, ପ୍ରବଚନ କରିବା ଆଗରୁ କ'ଣ ପ୍ରଶାସନଠାରୁ ଅନୁମତି ନିଆଯାଉ ନାହିଁ, କେତେ ପରିମାଣର ଜାଗାରେ କେତେ ସଂଖ୍ୟକ ଲୋକ ସୁବିଧାରେ ଦର୍ଶନ କରିପାରିବେ, ତା'ର କ'ଣ କିଛି ମାନଦଣ୍ଡ ନାହିଁ? ବା ଥିଲେ ବି ତାକୁ ଅଣଦେଖା କରାଯାଉଛି ! ଲୋକଙ୍କ ସୁଗମ ଯିବାଆସିବା ଏବଂ ବସିବା ପାଇଁ ଆୟୋଜକ କାହିଁକି ଯତ୍ନଶୀଳ ହେଉନାହାନ୍ତି? କେବଳ ହଜାର ହଜାର ଲୋକଙ୍କୁ ଡାକିଦେଇ କିଛି ବ୍ୟବସ୍ଥା ନ କରିବା ଦିଗରେ ପ୍ରଶାସନ କାହିଁକି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏହି ଘଟଣାଗୁଡ଼ିକ ପାଇଁ ବାସ୍ତବରେ କିଏ ଦାୟୀ ? ଯେଉଁଠି ଶାସନ ନୀତି ଯେତେ ଅପାରଗ, ସେଇଠି ଦଳାଚକଟା ସେତେ ଅଧିକ ! ସତ ହେଉଛି, ହାଥରସରେ ସେଠି ଯେଉଁମାନେ ଦୁର୍ଘଟଣାରେ ମୃତ୍ୟୁବରଣ କଲେ ; ସେମାନେ ନିଜ ସ୍ୱାମୀ ଓ ପିଲାଙ୍କ ପାଇଁ ମରଣ ପରବର୍ତ୍ତୀ କୌଣସି ସ୍ୱର୍ଗର ପରିକଳ୍ପନା କରିବାକୁ ଯାଇ ନ ଥିଲେ ! ସେମାନେ ପ୍ରାର୍ଥନା କରିବାକୁ ଯାଇଥିଲେ ସୁଖୀ ଜୀବନ ବଞ୍ଚିବାର ଆଶା ନେଇ। ଅନ୍ଧବିଶ୍ୱାସ ଓ ଚମତ୍କାରର ଆକର୍ଷଣ ଆମ ଭାରତୀୟଙ୍କ ଜୀବନଶୈଳୀକୁ ଗେରୁଆ ଓ ଧଳାବସ୍ତ୍ରପିନ୍ଧା ବାବା ଓ ଗୁରୁଙ୍କ ଆଡ଼କୁ ଟାଣିନେଉଛି। ସେମାନେ ଦେଉଥିବା ଦିଗ୍‌ଦର୍ଶନ ଭକ୍ତମାନଙ୍କ ପାଇଁ ନାମକୁମାତ୍ର ଉପଯୋଗୀ, ତଥାପି ସେମାନଙ୍କ ଅନୁସରଣକାରୀଙ୍କ ସଂଖ୍ୟା ଦିନକୁଦିନ ବଢ଼ିବାରେ ଲାଗିଛି। ମଣିଷ ଯେବେ ତା' ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଅସଫଳ ହୁଏ, ସେ ଧର୍ମ, ଉପାସନାର ମାର୍ଗକୁ ବାଛିନିଏ। ନିଜର ଆବଶ୍ୟକତା ପୂରଣ ନ ହେଲେ ପୂଜା, ମାନସିକ ଭଳି ପଦ୍ଧତି ପ୍ରତି ଆକର୍ଷିତ ହୁଏ। ଏହା ଦ୍ୱାରା ତାକୁ ସୁରକ୍ଷା, ସମର୍ଥନ ଏବଂ ଆର୍ଥିକ ସୁବିଧା ମିଳିବ ବୋଲି ଧାରଣା ରହିଥାଏ। ଉଦାହରଣ ରହିଛି ସମାଜରେ ଦେଖାଯାଉଥିବା ଆର୍ଥିକ ସଂକଟ, ରାଜନୈତିକ ଅସ୍ଥିରତା, ସାମାଜିକ ଅସମାନତା, ସାଂସ୍କୃତିକ ବିକୃତି ଏବଂ ପାରମ୍ପରିକ ମୂଲ୍ୟର ଅଧୋଗତି ଭଳି ସମସ୍ୟାରୁ ମୁକ୍ତି ପାଇଁ ଜନସାଧାରଣ ଧର୍ମ ଉପାସନାର ମାର୍ଗକୁ ବାଛି ନିଅନ୍ତି, ଯାହା ଅନ୍ଧବିଶ୍ୱାସ ଓ ଅନ୍ଧଭକ୍ତିକୁ ପ୍ରୋତ୍ସାହନ ଦିଏ। ନାଗରିକମାନଙ୍କର ଆବଶ୍ୟକତାକୁ ପୂରଣ କରିବା ପାଇଁ ସମାଜକୁ ଦୃଢ଼ ଓ ସଂଗଠିତ ହେବା ଉଚିତ। ତା' ପରେ ହିଁ ଅନ୍ଧବିଶ୍ୱାସ ଓ ଅନ୍ଧଭକ୍ତିର ଧାରାରେ ପୂର୍ଣ୍ଣଚ୍ଛେଦ ପଡ଼ିବା ସମ୍ଭବ ହେବ।

ଭୁବନେଶ୍ୱର

ମୋ: ୬୩୭୦୫୧୬୪୭୮

ଏଇ ଭାରତରେ

ବିବିଧତାର ଦେଶ ଭାରତ। ଏଠାରେ ଧର୍ମର ବିବିଧତା ଥିବା ବେଳେ ପର୍ବପର୍ବାଣିରେ ମଧ୍ୟ ଏହା ଲକ୍ଷ୍ୟ କରାଯାଏ। ସେଥିମଧ୍ୟରେ ଉତ୍ତରାଖଣ୍ଡରେ ପାଳନ ହେଉଥିବା ବଟର ଫେଷ୍ଟିଭାଲ ଅନ୍ୟତମ। ଏହା ଏକ ପ୍ରକାର ହୋଲି ପର୍ବ। ହେଲେ ଏହି ପର୍ବ ମାର୍ଚ୍ଚରେ ନୁହେଁ, ବରଂ ଅଗଷ୍ଟ ମାସରେ ପଳନ କରାଯାଇଥାଏ। । ବଟର ଫେଷ୍ଟିଭାଲ ରଙ୍ଗ କିମ୍ବା ଅବିରରେ ପାଳନ ନ ହୋଇ କ୍ଷୀର, ଦହି, ଲହୁଣିରେ ଖେଳାଯାଇଥାଏ। ଉତ୍ତରକାଶୀ ଜିଲାର ଦୟାରା ଗୁଗ୍ୟାଲ ଓ ତାହାର ଆଖପାଖ କେତେଖଣ୍ଡ ଗାଁରେ ପାଳନ ହୁଏ ଏଭଳି ନିଆରା ପର୍ବ। ପର୍ବର ନିୟମ ଅନୁସାରେ ଲୋକେ ପ୍ରଥମେ ସେମାନଙ୍କର ଆରାଧ୍ୟ ଦେବତାଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ପରେ ସେମାନେ ପରସ୍ପର ଉପରେ କ୍ଷୀର, ଦହି ଓ ଲହୁଣି ଆଦି ପକାଇ ହୋଲି ଖେଳନ୍ତି ଓ ଢେର ମଜା ନିଅନ୍ତି। ଏଥିପାଇଁ ସମସ୍ତେ ବିଭିନ୍ନ ପ୍ରକାର ପାତ୍ରରେ ଏସବୁ ଦୁଗ୍ଧଜାତ ଦ୍ରବ୍ୟକୁ ସାଙ୍ଗରେ ନେଇ ଖେଳିବାକୁ ଆସିଥାନ୍ତି। ତେବେ ଏଭଳି ଏକ ଉତ୍ସବକୁ ଦେଖିବା ପାଇଁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଦେଶ ବିଦେଶରୁ ଆସିଥାନ୍ତି। ପ୍ରକୃତି ଓ ପଶୁଧନକୁ ସମ୍ମାନ ଜଣାଇ ଏକ ଧାର୍ମିକ ମାନ୍ୟତା ଅନୁସାରେ ଲୋକେ ଏଭଳି ଏକ ପର୍ବ ପାଳନ କରି ଆସୁଛନ୍ତି।

୫୦ ବର୍ଷ ତଳର ଧରିତ୍ରୀ

୨୪ ସେପ୍ଟେମ୍ବର ୧୯୭୫

- କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ଦ୍ୱାରା ଦେଶର ଲୁଗାକଳଗୁଡ଼ିକ ପାଇଁ ଏକ ୧୪ ଜଣିଆ ଜାତୀୟ ଶିଳ୍ପ କମିଟି ଗଠନ କରାଯାଇଛି।
- ଆନ୍ଧ୍ର ପ୍ରଦେଶର ୱାରଙ୍ଗଲ ଜିଲା ପାରକଲ ତାଲୁକର ଗୋରଲାଭେଡଠାରେ ୧୬୦ ଖ୍ରୀଷ୍ଟାବ୍ଦର ଏକ ରୋମୀୟ ସ୍ୱର୍ଣ୍ଣ ମୁଦ୍ରା ମିଳିଛି।
- ଆନ୍ଧ୍ର ପ୍ରଦେଶର ଗୁଣ୍ଟୁର ଜିଲାରେ ପ୍ରତିଷ୍ଠା କରାଯାଇଥିବା ଭାରତର ପ୍ରଥମ ସୀସା କାରଖାନାରେ ଉତ୍ପାଦନ ଆରମ୍ଭ ହୋଇଛି।

ଚିରନ୍ତନୀ

କଜଳ ନୟନା ସଜଳ ଚିକୁରେ ତୋର
ଲୁଚି ଲୁଚି ଖେଳେ ବରଷା-ପବନ-ଚୋର
ଦେଖି ସେ ସୁଷମା ନାଚି ଉଠେ ତରୁଲତା
ଆକାଶୁଁ ଲୋତକ ଝରିପଡ଼େ ଝର ଝର।
-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ସୁ-ଡୋ-କୁ

su | do | ku
Puzzles by Srikant Ghosh

7				2			5	
	4		1	8	5			
		2					6	
		6		3		7		
8				1				3
5			9		2			
6	7		4					
			3			9		

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

6	9	5	1	2	4	7	8	3
3	1	4	7	9	8	5	2	6
8	7	2	6	3	5	1	4	9
4	2	3	9	8	1	6	5	7
9	5	1	4	7	6	8	3	2
7	8	6	3	5	2	4	9	1
5	6	7	2	4	3	9	1	8
2	4	9	8	1	7	3	6	5
1	3	8	5	6	9	2	7	4

ଗତକାଲିର ଉତ୍ତର

ପାଠକ ଶ୍ରେଷ୍ଠ ବିଚାରକ

ଲୁଟେରାଙ୍କ ସମ୍ପତ୍ତି ବାଜ୍ୟାପ୍ତ ହେଉ

ମହାଶୟ,

ସ୍ୱାଧୀନତାର ଦୀର୍ଘ ୭୭ ବର୍ଷ ପରେ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ହୋଇପାରିଲା ନାହିଁ। ଏହାର ମୁଖ୍ୟ କାରଣଗୁଡ଼ିକ ହେଉଛି ଦୁର୍ନୀତି, ଭ୍ରଷ୍ଟାଚାର, ଶୋଷଣ, ବାଟମାରଣା, ଖଣିଜ ଓ ଅନ୍ୟାନ୍ୟ ସମସ୍ତ ପ୍ରକାରର ପ୍ରାକୃତିକ ସମ୍ପଦର ନିରନ୍ତର ଲୁଣ୍ଠନ ଇତ୍ୟାଦି। ୱାର୍ଡ ସଭ୍ୟଠାରୁ ଆରମ୍ଭ କରି ଦେଶର ଦୁର୍ନୀତିଖୋର ନେତାଙ୍କ ପର୍ଯ୍ୟନ୍ତ ରାଜନୈତିକ ଓ ସାମ୍ବିଧାନିକ କ୍ଷମତାର ଅପବ୍ୟବହାର ଧନସମ୍ପତ୍ତି ଠୁଳ କରିବାରେ ବ୍ୟସ୍ତ। ଏମାନଙ୍କ ବ୍ୟତୀତ ଦୁର୍ନୀତିଖୋର ଅମଲାଗଣ ପ୍ରଶାସନିକ କ୍ଷମତାର ଅପବ୍ୟବହାର କରି କଳାଧନ ସଂଗ୍ରହରେ ଲିପ୍ତ। ଦେଶ ଓ ରାଜ୍ୟସମୂହର ଖଣିମାଫିଆ, କଣ୍ଟ୍ରାକ୍ଟର, କମ୍ପାନୀମାଲିକ ପ୍ରମୁଖ ମଧ୍ୟ ମ୍ନମାନର କାର୍ଯ୍ୟ କରି ଟଙ୍କା ଆତ୍ମସାତ କରୁଛନ୍ତି। ବିଗତ ୫୦ ବର୍ଷ ମଧ୍ୟରେ ୩୫ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କଳାଧନ ଦୁର୍ନୀତିଖୋର ନେତା, ଅମଲା, ଖଣିମାଫିଆ, କଣ୍ଟ୍ରାକ୍ଟର ଓ କମ୍ପାନୀମାଲିକ ପ୍ରମୁଖଙ୍କ ଦ୍ୱାରା ଲୁଣ୍ଠନ କରାଯାଇଛି। ଏସବୁକୁ ବ୍ୟାଜାପ୍ତ କରାଯାଇ ସରକାରଙ୍କ ରାଜକୋଷରେ ଜମା କରାଗଲେ ଦେଶର ବିକାଶ ସାଧିତ ହେବା ସହିତ ଦାରିଦ୍ର୍ୟ ଦୂରକରାଯାଇ ପାରିବ।

-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଯୁବକଙ୍କୁ ମାଡ଼ ମାରି ହତ୍ୟା ଅଭିଯୋଗ: ଥାନାର ଦ୍ୱାରସ୍ଥ ହେଲେ ସ୍ତ୍ରୀ

ବାଲେଶ୍ୱର, ୨୩।୯(ବାଞ୍ଛାନିଧି ଦେ)-ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଦହପଡ଼ାରେ ରହୁଥିବା ଟିଙ୍କୁ ସିଂ ନାମକ ଜଣେ ଯୁବକଙ୍କୁ ରବିବାର ରାତିରେ ହତ୍ୟା କରାଯାଇଛି। ମାର୍କେଟିଂ ସାରି ଫେରୁଥିବା ବେଳେ କଣ୍ଟାବଣିଆ ଛକ ନୂଆ ପୋଲ ନିକଟରେ ତାଙ୍କୁ ମାଡ଼ ମାରି ହତ୍ୟା କରାଯାଇଥିବା ତାଙ୍କ ସ୍ତ୍ରୀ ସହଦେବଖୁଣ୍ଟା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା (ନଂ. ୩୭୪/୨୪) ରୁଜୁ କରି ତଦନ୍ତ ଅରମ୍ଭ କରିଛି।

ଖଣି କ୍ଷେତ୍ରରେ ବ୍ୟାପକ ଅନିୟମିତତା

୨୨୩୯୨ କୋଟି ଟଙ୍କାର ରାଜସ୍ୱ ହାନି

ସିଏଜି ରିପୋର୍ଟ

ଭୁବନେଶ୍ୱର,୨୩।୯(ଅନିଲ ଦାସ)

ଖଣି କ୍ଷେତ୍ରରେ ଫୁଲାଫୁଲା ଲୁଟ୍। ବିଭିନ୍ନ ସ୍ତରରେ ଏଭଳି ଲୁଟ୍ ହୋଇଛି। ଖଣିଜ ପଦାର୍ଥର ଉତ୍ତୋଳନଠାରୁ ଆରମ୍ଭ କରି ଖଣି ଲିଜ୍, ପର୍ମିଟ, ଲାଇସେନ୍ସ ମିଆଦ ବୃଦ୍ଧି ଓ ଅନୁମୋଦନ, ଲିଜ୍‌ଧାରୀଙ୍କ ଦ୍ୱାରା ଖଣିଜ ପଦାର୍ଥର ପ୍ରେରଣ ଓ ବିକ୍ରି ରିପୋର୍ଟ, ନିୟମ ଓ ଅନ୍ୟାନ୍ୟ ବ୍ୟବସ୍ଥାରେ ବ୍ୟାପକ ଅନିୟମିତତା ହୋଇଛି। କେବଳ ସେତିକି ନୁହେଁ ଲୁହାପଥର ଗ୍ରେଡ୍ ହ୍ରାସ, ଇ-ପାସ୍‌ରେ ଟ୍ରାକିଂ ନ ରହିବା, ଖଣିଜ ପରିବହନ ଯୋଗ୍ୟ ନ ଥିବା ଗାଡ଼ିକୁ ଇ-ପାସ୍, ଧାର୍ଯ୍ୟ ପରିମାଣଠୁ ଅଧିକ ପରିବହନ ଆଦି କ୍ଷେତ୍ରରେ ମଧ୍ୟ ବହୁ ହେରଫେର ହୋଇଛି। ଖଣି ଗତିବିଧିର ନିୟନ୍ତ୍ରଣ, ଖଣି ରାଜସ୍ୱ ଆକଳନ, ଆଦାୟ ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଆଦିର ସମୀକ୍ଷା ବେଳେ ୨୦୧୫ ରୁ ୨୦୨୨ ମଧ୍ୟରେ ୨୨,୩୯୨.୫୧କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି। କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ତାଙ୍କ ରିପୋର୍ଟରେ ଏଭଳି ଅନିୟମିତତାର ପର୍ଦ୍ଦାଫାଶ କରିଛନ୍ତି।

ସୁଚିନ୍ତିତ ଢଙ୍ଗରେ ଖଣି ଲୁଟ୍ କରିବା ପାଇଁ ସୁଯୋଗ ସୃଷ୍ଟି କରାଯାଇଛି। ରାଜ୍ୟର ଖଣିଜ ସମ୍ପଦକୁ ମନଇଚ୍ଛା ଲୁଟ୍ କରାଯାଇଛି। ନିୟମ ଉଲ୍ଲଂଘନ କରି ଲିଜ୍ ପ୍ରଦାନ ଓ ଲିଜ୍ ଅବଧି ବଢ଼ାଯାଇଥିବା ବେଳେ କେଉଁଠି ଲୁହାପଥରର ଗୁଣ୍ଡକୁ ସ୍କ୍ରିନଡ୍ ଫାଇନ୍ସ ବୋଲି ଦର୍ଶାଯାଇଛି। ଆଉ କେଉଁଠି ଅନୁମୋଦିତ ଖଣି ଉତ୍ତୋଳନ ପରିମାଣଠୁ ଅଧିକ ଉତ୍ପାଦନ ଓ କେଉଁଠି ପରିବେଶ ମଞ୍ଜୁରୀ ନ ଥାଇ ଖଣିଜ ସାମଗ୍ରୀ ଉତ୍ତୋଳନ ହୋଇଛି। ନିଲାମ ହୋଇଥିବା ନୂଆ ଖଣିଗୁଡ଼ିକରୁ ଉତ୍ତୋଳିତ ଖଣିଜ ପଦାର୍ଥର ଗ୍ରେଡ୍ ବର୍ଷେ କିମ୍ବା ୨ବର୍ଷ ମଧ୍ୟରେ ହଠାତ୍ ହ୍ରାସ ପାଇଥିଲା ; ଯାହା କି ଅତ୍ୟନ୍ତ ଅସମ୍ଭବ ବୋଲି ସିଏଜି କହିଛନ୍ତି। ଉଚ୍ଚ ଗ୍ରେଡ୍ ଉପରେ ଅଧିକ ରୟାଲ୍‌ଟି ଓ ପ୍ରିମିୟମକୁ ଏଡ଼ାଇବା ପାଇଁ ନୂଆ ଖଣି ଲିଜ୍‌ଧାରୀମାନେ ଉତ୍ପାଦିତ ଲୁହାପଥରର ଗ୍ରେଡ୍‌କୁ ଭୁଲ୍ ରିପୋର୍ଟ ଆକାରରେ ଦର୍ଶାଇଛନ୍ତି। ୬ଟି ନମୁନା ଯାଞ୍ଚ ଖଣି କ୍ଷେତ୍ରରେ ପୁରୁଣା ଲିଜ୍‌ଧାରୀଙ୍କ ରିପୋର୍ଟ ଅନୁସାରେ ଉତ୍ତୋଳନ କ୍ଷେତ୍ରରେ ସୁସଙ୍ଗତ ଡାଞ୍ଚା ତୁଳନାରେ ନିଲାମ ପରେ ଉତ୍ତୋଳିତ ଲୁହା ଖଣ୍ଡ ଓ ଗୁଣ୍ଡର ଗ୍ରେଡ୍ ଆକାରରେ ପରିବର୍ତ୍ତନ ଯୋଗୁ ୨୦୨୦-୨୧ ଓ ୨୦୨୧-୨୨ରେ କମ୍ ରୟାଲ୍‌ଟି ଓ ପ୍ରିମିୟମ(ନିଲାମ ପରବର୍ତ୍ତୀ) ପ୍ରାୟ ୪୧୬୨.୭୭କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି।

ପରିବେଶ ମଞ୍ଜୁରୀରେ ଧାର୍ଯ୍ୟ ସୀମାଠୁ ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ ହୋଇଛି। ଏହି ଉତ୍ତୋଳିତ ଖଣିଜ ପଦାର୍ଥର ମୂଲ୍ୟ ୧୬୯୯.୦୫କୋଟି ଟଙ୍କା ବୋଲି ସିଏଜି ଆକଳନ କରିଛନ୍ତି। ଏଥିସହ ଏହି ରାଜସ୍ୱ କ୍ଷତିକୁ ଆଦାୟ କରିବାକୁ ମଧ୍ୟ ପରାମର୍ଶ କରିଛନ୍ତି।

ସେହିପରି ୮ଟି ଖଣି କ୍ଷେତ୍ରର ଅନୁମୋଦିତ ମାଇନିଂ ପ୍ଲାନରେ ଧାର୍ଯ୍ୟ କରାଯାଇଥିବା ସୀମାଠାରୁ ଅଧିକ ଖଣିଜପଦାର୍ଥଉତ୍ତୋଳନକରାଯାଇଛି; ଯେଉଁଥିପାଇଁ ୩୬୧୮.୫୦ କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି। ଏହି ଅର୍ଥକୁ ମଧ୍ୟ ଆଦାୟ କରିବା ପାଇଁ ସିଏଜି ପରାମର୍ଶ ଦେଇଛନ୍ତି।

କେବଳ ସେତିକି ନୁହେଁ, ଲୁହାପଥର ଗୁଣ୍ଡକୁ ସ୍କ୍ରିନଡ୍ ଫାଇନ୍ସ ବୋଲି ଦର୍ଶାଇବା ଯୋଗୁ ୨୦ଟି ନମୁନା ଯାଞ୍ଚ ହୋଇଥିବା ଖଣି କ୍ଷେତ୍ରରେ ପ୍ରାୟ ୫୮୪୧.୮୦କୋଟି ଟଙ୍କାର ରୟାଲ୍‌ଟି ଓ ପ୍ରାୟ ୪୪୫୨.୪୪କୋଟି ଟଙ୍କାର ପ୍ରିମିୟମ ସହିତ ମୋଟ ୧୦,୨୯୪.୨୪କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି। କେବଳ ଅଧିକ ରୟାଲ୍‌ଟି ଓ ପ୍ରିମିୟମକୁ ଏଡ଼ାଇବା ପାଇଁ ଲିଜ୍‌ଧାରୀମାନେ ଲୁହାପଥର ଗୁଣ୍ଡର ଗ୍ରେଡ୍‌କୁ ନିମ୍ନମାନର ଦର୍ଶାଇବାକୁ ପଛାଇ ନାହାନ୍ତି। ସିଏଜି ତାଙ୍କ ଅଡିଟ୍‌ରେ ଦର୍ଶାଇଛନ୍ତି ଯେ, ୨୦୦୭-୨୦୧୦ ମଧ୍ୟରେ ଯୋଡ଼ା ସର୍କଲରେ ଥିବା ଗୋଟିଏ ଖଣିରେ ସ୍କ୍ରିନଡ୍ ଫାଇନ୍ସ ଉତ୍ତୋଳନ ମାତ୍ର ୭ ପ୍ରତିଶତ ଥିବାବେଳେ ଏବେ ଖଣିରେ ଉକ୍ତ ପରିମାଣ ୮୬ପ୍ରତିଶତକୁ ବୃଦ୍ଧି ପାଇଛି। ୮ଟି ନିଲାମ ହୋଇଥିବା ଖଣିର ତଥ୍ୟକୁ ଯାଞ୍ଚ ବେଳେ ଜଣାପଡ଼ିଛି ଯେ, ୫ଟି ଖଣିରେ ପୁରୁଣା ଲିଜ୍‌ଧାରୀଙ୍କ ତୁଳନାରେ ନୂଆ ଲିଜ୍‌ଧାରୀଙ୍କ ରିପୋର୍ଟରେ ଲୁହା ଖଣ୍ଡର ଅନୁପାତ ହ୍ରାସ ଓ ଲୁହା ଗୁଣ୍ଡର ପରିମାଣ ବୃଦ୍ଧି ହୋଇଛି।

ସେହିପରି ସିଏଜିଙ୍କ ଅଡିଟ୍‌ରୁ ଜଣାପଡ଼ିଛି ଯେ, ସରକାରୀ ଉଦ୍ୟୋଗ ଓଏମ୍‌ସି ୨୦୧୭-୧୮ ଓ ୨୦୧୮-୧୯ରେ ଗୋଟିଏ ଖଣିରେ ପ୍ରାୟ ୧.୦୧ ଲକ୍ଷ ଏମ୍‌ଟି ପରିମାଣର ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ କରିଛି; ଯାହାର ପରିମାଣ ୪୮.୦୬ କୋଟି ଟଙ୍କା ଆକଳନ ହୋଇଛି।

ଖଣି ରୟାଲ୍‌ଟି କ୍ଷେତ୍ରରେ ମଧ୍ୟ ହେରଫେର ହୋଇଛି। ୭ ଲିଜ୍‌ଧାରୀଙ୍କ ଦ୍ୱାରା ବାଣିଜ୍ୟ କର ବିଭାଗ ଓ ଖଣି ମଣ୍ଡଳକୁ ଦିଆଯାଇଥିବା ମୋଟ ବିକ୍ରୟ କାରବାରର ବିବରଣୀରେ ମଧ୍ୟ ତାଳ ମେଳ ନାହିଁ। ରୟାଲ୍‌ଟି ଦେୟ କମାଇବା ପାଇଁ ଏଭଳି କାରସାଦି କରାଯାଇଛି। ଏଥିଯୋଗୁ ୭ ଲିଜ୍‌ଧାରୀଙ୍କଠାରୁ ୯୦୫.୬୬ କୋଟି ଟଙ୍କାର କମ୍ ରୟାଲ୍‌ଟି ଆକଳନ କରାଯାଇଛି। ଅନ୍ୟପକ୍ଷରେ ସେହି ଲିଜ୍‌ଧାରୀଙ୍କ ନିକଟରୁ ଜିଲା ଖଣିଜ ପାଣ୍ଠି(ଡିଏମ୍ଏଫ୍)ବାବଦରେ ୨୭୧.୭୦ କୋଟି ଏବଂ ନ୍ୟାଶନାଲ ମିନେରାଲ ଏକ୍ସପ୍ଲୋରେଶନ ଟ୍ରଷ୍ଟ(ଏନ୍ଏମ୍ଇଟି)ର ପ୍ରାୟ ୧୮.୧୧ କୋଟି ମଧ୍ୟ ଆଦାୟ ହୋଇ ପାରି ନ ଥିଲା।

ମହମ୍ମଦ ଅସିମ୍ ମଲିକ ହେଲେ ଆଇଏସ୍ଆଇ ମୁଖ୍ୟ

ଇସ୍‌ଲାମାବାଦ,୨୩।୯



ପାକ୍ ସରକାର ଲ୍ୟୁଟ୍‌ନାଣ୍ଟ ଜେନେରାଲ ମହମ୍ମଦ ଅସିମ ମଲିକଙ୍କୁ ଏହାର ଶୀର୍ଷ ଗୋଇନ୍ଦା ସଂସ୍ଥା ଇଣ୍ଟରସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ)ର ନୂଆ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ଦେଇଛନ୍ତି। ବର୍ତ୍ତମାନର ଆଇଏସ୍ଆଇ ମୁଖ୍ୟ ଥିବା ନଦୀମ୍ ଅଞ୍ଜୁମ୍‌ଙ୍କ ସ୍ଥାନରେ ସେ ସେପ୍ଟେମ୍ବର ୩୦ରେ କାର୍ଯ୍ୟଭାର ଗ୍ରହଣ କରିବେ। ୨୦୨୧ ପରେ ଆଇଏସ୍ଆଇ ମୁଖ୍ୟ ପଦବୀରେ ଏହା ପ୍ରଥମ ପରିବର୍ତ୍ତନ। ଲ୍ୟୁଟ୍‌ନାଣ୍ଟ ମଲିକ ଏବେ ଜେନେରାଲ ହେଡ୍‌କ୍ୱାର୍ଟର୍ସରେ ଆଡଜଟ୍ୟାଣ୍ଟ ଜେନେରାଲ ଭାବେ କାର୍ଯ୍ୟରତ ଅଛନ୍ତି। ଏହା ପୂର୍ବରୁ ସେ ବେଲୁଚିସ୍ତାନ ଇନ୍‌ଫାଣ୍ଟ୍ରି ଡିଭିଜନର କମାଣ୍ଡର ରହିଥିଲେ।

ବିକଶିତ ଭାରତ ୨୦୪୭, ବିକଶିତ ଓଡ଼ିଶା ୨୦୩୬ ପାଇଁ ଭିଜନ ଡକ୍ୟୁମେଣ୍ଟ

ପରିଚାଳନା କମିଟି ବୈଠକ

ଭୁବନେଶ୍ୱର,୨୩।୯(ଅନିଲ ଦାସ)

ବିକଶିତ ଭାରତ ୨୦୪୭, ବିକଶିତ ଓଡ଼ିଶା-୨୦୩୬ ନିମନ୍ତେ ଏକ ଦୂରଦୃଷ୍ଟିସମ୍ପନ୍ନ ମାର୍ଗଦର୍ଶିକା ବା ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତି ନିମନ୍ତେ ଗଠିତ ରାଜ୍ୟସ୍ତରୀୟ ପରିଚାଳନା କମିଟି (ଷ୍ଟିଅରିଂ କମିଟି)ର ପ୍ରଥମ ବୈଠକ ଶନିବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ଅଧ୍ୟକ୍ଷ ତଥା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ସଚିବ ସ୍ତରୀୟ କ୍ଷେତ୍ରୀୟ ଗୋଷ୍ଠୀ ଦ୍ୱାରା ପ୍ରଥମ ପର୍ଯ୍ୟାୟ ବୈଠକରେ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତି ନେଇ କରାଯାଇଥିବା ରୂପରେଖ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ରହିଥିବା ସୁବିଧା ସୁଯୋଗର ସୁବିନିଯୋଗ ଓ ଆହ୍ୱାନ ସମୂହର ମୁକାବିଲା ପାଇଁ ଗଠିତ ସଚିବ ସ୍ତରୀୟ କ୍ଷେତ୍ରୀୟ ଗୋଷ୍ଠୀ ମଧ୍ୟରେ ଅର୍ଥନୀତି, ଶିଳ୍ପ ଓ ଭିତ୍ତିଭୂମି, ସାମାଜିକ ଓ ମାନବସମ୍ବଳ ବିକାଶ, ସଂସ୍କୃତି ଓ ଐତିହ୍ୟ, ବୈଷୟିକ ଜ୍ଞାନକୌଶଳ ଏବଂ ନବ ସୃଜନ, ସୁଶାସନ ଏବଂ ଗ୍ରାମୀଣ ରୂପାନ୍ତରଣ ଭଳି କ୍ଷେତ୍ରରେ ଭିଜନ ଡକ୍ୟୁମେଣ୍ଟରେ ସ୍ଥାନିତ ହେବାକୁ ଥିବା କ୍ଷେତ୍ରଭିତ୍ତିକ ପ୍ରାଥମିକତା, ଲକ୍ଷ୍ୟ ଓ ରଣନୀତି ସମ୍ପର୍କରେ ରହିଥିବା ବିଭିନ୍ନ ପ୍ରସ୍ତାବ ଉପରେ ପରିଚାଳନା କମିଟି ବୈଠକରେ ଆଲୋଚନା କରାଯାଇଥିଲା।

ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ କହିଥିଲେ, ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତି କରିବା ଆମ ପାଇଁ ଅନନ୍ୟ ସୁଯୋଗ ଆଣିଛି। ଏହି ଡକ୍ୟୁମେଣ୍ଟେଶନ କିପରି ସୁବ୍ୟବସ୍ଥିତ ଭାବରେ ଏବଂ ଏକ ବାସ୍ତବ ଦସ୍ତାବିଜ ହେବ, ଏଥିପାଇଁ ସମ୍ପୃକ୍ତ ସମସ୍ତ ସଚିବ ସ୍ତରୀୟ କ୍ଷେତ୍ରୀୟ ଗୋଷ୍ଠୀର ସହଯୋଗ କାମନା କରିଛନ୍ତି। ଉନ୍ନୟନ କମିଶନର ଅନୁ ଗର୍ଗ ବିଭିନ୍ନ ସଚିବ ସ୍ତରୀୟ କ୍ଷେତ୍ରୀୟ ଗୋଷ୍ଠୀର କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହିତ ସେ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ଏବଂ ବିଭିନ୍ନ ଅଞ୍ଚଳର ସନ୍ତୁଳିତ ବିକାଶ ପରିପ୍ରେକ୍ଷୀରେ ପରାମର୍ଶ ଦେବା ସହିତ ଦେଶ ବିଦେଶରେ ଅବଲମ୍ବନ କରାଯାଉଥିବା ବିଭିନ୍ନ କ୍ଷେତ୍ରରେ ଉତ୍ତମ ଅଭ୍ୟାସ (ବେଷ୍ଟ ପ୍ରାକ୍ଟିସେସ୍)କୁ ଅନୁସରଣ କରାଯିବା ସମ୍ପର୍କରେ ମତ ରଖିଥିଲେ। ପ୍ରସ୍ତୁତି ଜାରି ରହିଥିବା ଏହି ମାର୍ଗଦର୍ଶିକା ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ସହିତ ୨୦୪୭ ସୁଦ୍ଧା ବିକଶିତ ଭାରତର ଜାତୀୟ ଆକାଂକ୍ଷା ସହିତ ସଂଯୋଜିତ ହେବା ଲକ୍ଷ୍ୟ ରଖିଛି। ଗଠିତ ସଚିବ ସ୍ତରୀୟ କ୍ଷେତ୍ରୀୟ ଗୋଷ୍ଠୀ ଏବଂ ପରିଚାଳନା କମିଟି ବିଶିଷ୍ଟ ନାଗରିକ, ନାଗରିକ ସମାଜ ସଂଗଠନ, ନୀତି ନିର୍ଦ୍ଧାରକ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ଶିଳ୍ପକ୍ଷେତ୍ରରେ ପ୍ରତିଷ୍ଠିତ ନେତୃବୃନ୍ଦଙ୍କଠାରୁ ମତାମତ ନେବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା।

ନୂଆ ଗାଡ଼ି ନ କିଣି ଭଡ଼ାରେ କାମ ଚଳାଅ

ବିଭାଗଗୁଡ଼ିକୁ ଅର୍ଥ ବିଭାଗର ତାଗିଦ୍

ଭୁବନେଶ୍ୱର,୨୩।୯(ଅନିଲ ଦାସ)

ନୂଆଗାଡ଼ି ନ କିଣି ଧାର୍ଯ୍ୟ ଅର୍ଥରେ ଭଡ଼ା ଗାଡ଼ି ଆଣି କାମ ଚଳାଇବାକୁ ଅର୍ଥ ବିଭାଗ ସମସ୍ତ ସଚିବ ଓ ବିଭାଗୀୟ ମୁଖ୍ୟଙ୍କୁ ପରାମର୍ଶ ଦେଇଛନ୍ତି। ଅତି ଆବଶ୍ୟକ ନ ଥିଲେ ନୂଆଗାଡ଼ି ନ କିଣିବାକୁ ମଧ୍ୟ ତାଗିଦ୍ କରାଯାଇଛି।

ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ସମସ୍ତ ବିଭାଗୀୟ ସଚିବ ଓ ମୁଖ୍ୟମାନଙ୍କୁ ଚିଠି ଲେଖି ସରକାରୀ ଗାଡ଼ି ପରିବର୍ତ୍ତେ ଘରୋଇ ଗାଡ଼ିକୁ ଭଡ଼ାରେ ଆଣିବାକୁ ଚିଠି ଲେଖିଛନ୍ତି। ଅନୁପଯୁକ୍ତ ହୋଇ ପଡ଼ିଥିବା ପୁରୁଣା ସରକାରୀ ଗାଡ଼ିକୁ ସ୍କ୍ରାପିଂ କିମ୍ବା ନିଲାମ କରି ସେ ବାବଦ ଅର୍ଥକୁ ଟ୍ରେଜେରିରେ ଜମା କରିବା ପରେ ହିଁ ଅଫିସ୍ ଉପଯୋଗ ପାଇଁ ଘରୋଇ ଗାଡ଼ି ଭଡ଼ାରେ ଅଣାଯାଇପାରିବ। ଏଥିପାଇଁ ପ୍ରଶାସନିକ ବିଭାଗଗୁଡ଼ିକ ନିଷ୍ପତ୍ତି ନେବାକୁ ପ୍ରାଧିକୃତ। ଏ ସଂକ୍ରାନ୍ତରେ ଅର୍ଥ ବିଭାଗର ୨୦୨୩ ଅଗଷ୍ଟ ୧୪ ତାରିଖର ନିର୍ଦ୍ଦେଶନାମାକୁ ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ତେବେ ପୁରୁଣା ଗାଡ଼ିକୁ ନଷ୍ଟ ନ କରି ଘରୋଇ ଗାଡ଼ିରେ ଭଡ଼ା ଆଣିବାର ଆବଶ୍ୟକତା ପଡ଼ିଲେ ସେଥିପାଇଁ ଅର୍ଥ ବିଭାଗର ପୂର୍ବ ଅନୁମତି ନେବାକୁ ପଡ଼ିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ପ୍ରଶାସନିକ ବିଭାଗଗୁଡ଼ିକ ନୂଆ ଗାଡ଼ି କ୍ରୟ କରିବାରୁ ବିରତ ରହିବା ଉଚିତ। ଯଦି ନୂଆ ଗାଡ଼ି କିଣିବା ଅତି ଜରୁରୀ ହୁଏ ତା'ହେଲେ ଅର୍ଥ ବିଭାଗ ଦ୍ୱାରା ଜାରି ହେଉଥିବା ନିର୍ଦ୍ଦେଶନାମାକୁ ସମ୍ପୃକ୍ତ ପ୍ରଶାସନିକ ବିଭାଗ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି।

ସେହିପରି ୨୦୨୪-୨୫ ଆର୍ଥିକବର୍ଷ ଶେଷ ହେବାକୁ ଆଉ ୬ ମାସ ରହିଛି। ବଜେଟ ଅର୍ଥକୁ କିଭଳି ଖର୍ଚ୍ଚ କରାଯିବ, ବଜେଟ ଅର୍ଥ ଖର୍ଚ୍ଚ ପାଇଁ ସରକାରଙ୍କ ପ୍ରାଥମିକତା, ୟୁସି ଦାଖଲ, ୨୦ଟି ବିଭାଗରେ ପ୍ରଚଳିତ କ୍ୟାଶ୍ ମ୍ୟାନେଜମେଣ୍ଟ ବ୍ୟବସ୍ଥା ଆଦି ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଯଦି କୌଣସି କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ଅର୍ଥ ଖର୍ଚ୍ଚ କରିବା ଆବଶ୍ୟକ ହେବ ତେବେ ସମ୍ପୃକ୍ତ ବିଭାଗ ଅର୍ଥ ବିଭାଗର ଅନୁମତି ନେବେ। ତେବେ କର୍ମଚାରୀଙ୍କୁ ଦରମା ଦେବା କ୍ଷେତ୍ରରେ ଏଥିପାଇଁ ଅର୍ଥ ବିଭାଗର ଅନୁମତି ନେବା ଆବଶ୍ୟକ ନାହିଁ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ବଜେଟ ଅର୍ଥକୁ ସୁବ୍ୟବସ୍ଥିତ ଢଙ୍ଗରେ ଖର୍ଚ୍ଚ କରି ୨୦୨୫ ମାର୍ଚ୍ଚ ୧୦ ତାରିଖ ସୁଦ୍ଧା ଟ୍ରେଜେରିରେ ବିଲ୍ ଦାଖଲ କରିବାକୁ କୁହାଯାଇଛି।

କମିଶନରେଟ ପୋଲିସ ମୁଖ୍ୟାଳୟ ପରିଦର୍ଶନ କଲେ ଉତ୍ତର ପୂର୍ବାଞ୍ଚଳ ରାଜ୍ୟର ଟ୍ରେନି ପୋଲିସ ଅଫିସର

ଭୁବନେଶ୍ୱର,୨୩।୯ (ସୂର୍ଯ୍ୟକାନ୍ତ ବେହେରା)

ଉତ୍ତର ପୂର୍ବାଞ୍ଚଳ ପୋଲିସ ଏକାଡେମୀରେ ଟ୍ରେନି ଅଫିସରମାନେ ସୋମବାର ଭୁବନେଶ୍ୱର କମିଶନରେଟ ପୋଲିସ ମୁଖ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ବେଳେ ସେମାନେ ଓଡ଼ିଶାର ସହରୀ ପୋଲିସ ବ୍ୟବସ୍ଥା ବିଷୟରେ ପଚାରି ବୁଝିଛନ୍ତି। ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁରର ଟ୍ରେନି ୫ଜଣ ଡିଏସ୍‌ପି ଏବଂ ୧୦ଜଣ ସବ୍‌ଇନ୍ସପେକ୍ଟର ଏଠାରେ ପହଞ୍ଚିବା ପରେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପୋଲିସ କମିଶନର ପଣ୍ଡା ସେମାନଙ୍କୁ ଟ୍ୱିନ୍ ସିଟି କମିଶନରେଟ ବ୍ୟବସ୍ଥାର କାର୍ଯ୍ୟକାରିତା ବିଷୟରେ ସୂଚନା ଦେଇଥିଲେ। ମହିଳା ସୁରକ୍ଷା ଉପରେ ଧ୍ୟାନ ଦେଉଥିବା ସ୍ୱତନ୍ତ୍ର କ୍ରାଇମ୍ ୟୁନିଟ୍, ସାଇବର ପୋଲିସ ଷ୍ଟେଶନ ଏବଂ ହର୍ ଟିମ୍ ସମ୍ପର୍କରେ ଅବଗତ କରାଇଥିଲେ। ଏହାସହ ସହରର ଟ୍ରାଫିକ ପରିଚାଳନା ବ୍ୟବସ୍ଥାର କାର୍ଯ୍ୟକାରିତା ବିଷୟରେ ମଧ୍ୟ ସୂଚନା ଦେଇଥିଲେ। ବର୍ତ୍ତମାନ ଡିଜିଟାଲ ଆରେଷ୍ଟ ଭୟ ଦେଖାଇ ସାଇବର ଅପରାଧୀ ଲୋକଙ୍କୁ ସହଜରେ ଟଙ୍କା ଠକି ନେଉଥିବା ଘଟଣା ବୃଦ୍ଧି ପାଇଥିବାରୁ ଓ ଏହା ଅନ୍ତର୍ଜାତୀୟ ଆପରାଧିକ ପ୍ରସଙ୍ଗ ହୋଇଥିବାରୁ ଏହାର ମୁକାବିଲା ନେଇ ଅଧିକ ଗୁରୁତ୍ୱ ଦେବାକୁ କମିଶନର ପଣ୍ଡା କହିଥିଲେ। ଏହି ଅଫିସରମାନେ କମିଶନରେଟ୍ ପୋଲିସ୍‌ର ଆଧୁନିକ ନିୟନ୍ତ୍ରଣ କକ୍ଷ ପରିଦର୍ଶନ କରିଥିଲେ, ଯେଉଁଠାରେ ସେମାନେ ୨୪୨ ସ୍ଥାନରେ ଏନ୍‌ପିଆର କ୍ୟାମେରା ସ୍ଥାପିତ ହୋଇଥିବା ସିସିଟିଭିର କାର୍ଯ୍ୟକାରିତା, ପୋଲିସ କଣ୍ଟ୍ରୋଲ ରୁମ୍ (ପିସିଆର୍) ସିଷ୍ଟମ, ଟ୍ରାଫିକ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥାର ବ୍ୟବହାର ନେଇ ଜ୍ଞାନ ଆହରଣ କରିଥିଲେ।

ସାପ କାମୁଡ଼ା ପରେ ଝଡ଼ାଫୁଙ୍କା

ଅଙ୍ଗନୱାଡି କର୍ମୀଙ୍କ ଜୀବନ ଗଲା

ମୋହନା,୨୩।୯(ମନ୍ମଥ ମିଶ୍ର)

ସାପ କାମୁଡ଼ା ପରେ ପରିବାର ଲୋକେ ଡାକ୍ତରଖାନା ନ ନେଇ ଝଡ଼ାଫୁଙ୍କା କରିବାରୁ ଜଣେ ଅଙ୍ଗନୱାଡି କର୍ମୀଙ୍କ ଜୀବନ ଯାଇଛି। ଗଜପତି ଜିଲା ଅଡ଼ବା ଥାନା ଅନ୍ତର୍ଗତ ଦମାଦୁଆ ପଞ୍ଚାୟତ ଘୋଡ଼ାପଙ୍କା ଗାଁରେ ଏହି ଅନ୍ଧବିଶ୍ୱାସର କୁପରିଣତି ଦେଖିବାକୁ ମିଳିଛି। ମୃତା ଅଙ୍ଗନୱାଡି କର୍ମୀ ଜଣକ ହେଲେ ଘୋଡ଼ାପଙ୍କାର ବିପିନ କୁମାର ପାଟମାଝୀଙ୍କ ସ୍ତ୍ରୀ ସରସ୍ୱତୀ ମଲ୍ଲିକ। ସରସ୍ୱତୀ ରବିବାର ରାତିରେ ଶୋଇଥିବା ବେଳେ କୌଣସି ଏକ ସାପ କାମୁଡି ଦେଇଥିଲା। ପରିବାର ଲୋକେ ଏହା ଜାଣିବା ପରେ ତାଙ୍କୁ ମେଡ଼ିକାଲ ନ ନେଇ ପ୍ରଥମେ ରାଣ୍ଡିପଙ୍କା ଗାଁକୁ ଝଡାଫୁଙ୍କା କରିବା ପାଇଁ ନେଇଥିଲେ। ସେଠାରେ ସରସ୍ୱତୀ ଅଧିକ ଅସୁସ୍ଥ ହୋଇପଡିବାରୁ ଗୁଣି ଗାରେଡ଼ି କରୁଥିବା ଆଉ ଜଣେ ଲୋକ ପାଖକୁ ନେବାବେଳ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

'ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବ ଏଆଇ'



ସମ୍ବଲପୁର ଆଇଆଇଏମ୍‌ର ପ୍ରତିଷ୍ଠା ଦିବସ

ସମ୍ବଲପୁର,୨୩।୯(ପ୍ରମୋଦ ବହିଦାର)

ସମ୍ବଲପୁର ଆଇଆଇଏମ୍‌ରେ ବଦଳିବ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଶୈଳୀ। ପ୍ରଫେସରଙ୍କ ବଦଳରେ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବ ଏଆଇ (କୃତ୍ରିମ ବୁଦ୍ଧିମତ୍ତା)। ଯାହା ସମଗ୍ର ଦେଶରେ ପ୍ରଥମ ଭାବେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିବ ବୋଲି ଆଇଆଇଏମ୍‌ର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଛନ୍ତି। ଆଇଆଇଏମ୍‌ର ଦଶମ ପ୍ରତିଷ୍ଠା ଦିବସ ପାଳନ ଉତ୍ସବରେ ଯୋଗଦେଇ ପ୍ରଫେସର ଜୟସ୍ୱାଲ କହିଛନ୍ତି ଯେ, ଏକ ଦଶନ୍ଧି ଧରି ଏହି ପ୍ରତିଷ୍ଠାନ ଅନେକ ବାଧାବିଘ୍ନ ଓ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଉତ୍କର୍ଷତା ଲକ୍ଷ୍ୟରେ ସଫଳତାର ପ୍ରତି ସୋପାନକୁ ଅତିକ୍ରମ କରି ଚାଲିଛି। ଏହାର ପ୍ରତିଷ୍ଠା ପରଠାରୁ ଜାତୀୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ କାର୍ଯ୍ୟ ଭିତ୍ତିକ ଗବେଷଣା, ମୂଲ୍ୟ ପରିଚାଳିତ ପରାମର୍ଶ ଓ ଅନୁଭୂତିମୂଳକ ପ୍ରଶିକ୍ଷଣ ମାଧ୍ୟମରେ ମ୍ୟାନେଜମେଣ୍ଟ ଶିକ୍ଷା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଏକଦା ୪୯ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଶିକ୍ଷା ପ୍ରତିଷ୍ଠାନରେ ବର୍ତ୍ତମାନ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଶିକ୍ଷାଗ୍ରହଣ କରିବା ଏହାର ଉତ୍କୃଷ୍ଟ ଓ ବିଶ୍ୱସ୍ତରୀୟ ଶୈକ୍ଷିକ ପରିବେଶ ଓ ଶୈଳୀକୁ ପ୍ରମାଣିତ କରୁଛି। ଚଳିତବର୍ଷ ଆଇଆଇଏମ୍‌ରେ ତିନୋଟି ସେଣ୍ଟର ଅଫ୍ ଏକ୍ସଲେନ୍ସ ରହିବ। ଯାହା ଏକ ବିବିଧ ଏମବିଏ ପାଠ୍ୟକ୍ରମ, ଅନ୍ତର୍ଜାତୀୟ ମାନ୍ୟତା ଓ ଏନଇପି କେନ୍ଦ୍ରୀଭୂତ କ୍ୟାମ୍ପସ ସମ୍ପ୍ରସାରଣ ବୋଲି ପ୍ରଫେସର ଜୟସ୍ୱାଲ କହିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏମ୍‌ସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ କାଓଲେ କହିଥିଲେ, ଆଇଆଇଏମ୍ ସମ୍ବଲପୁର ହେଉଛି ସବୁଠାରୁ ଜୀବନ୍ତ ଓ ବହୁ ଚର୍ଚ୍ଚିତ ଶିକ୍ଷା ପ୍ରତିଷ୍ଠାନ। ସମ୍ମାନିତ ଅତିଥିଭାବେ ବିଜନେସ୍ ୱାଲ୍ଡର ମୁଖ୍ୟ ସମ୍ପାଦକ ଡ. ଅନୁରାଗ ବାତ୍ରା, ମୁଖ୍ୟବକ୍ତା ଭାବେ ନେକ୍ସସ ପାୱାରର ସହପ୍ରତିଷ୍ଠାତା ତଥା ସିଇଓ ନିଶିତା ବଳିଆରସିଂହ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ୧୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର, ଫଳକ ଓ ପ୍ରୋତ୍ସାହନ ରାଶିରେ ସମ୍ମାନିତ କରାଯାଇଥିଲା।

Government of Odisha "e" Procurement Notice
WORKS DEPARTMENT
NO.B-328
Bid Identification No. CCEKC - 15/2024-25
e-mail : ccekeonjharpwdcircle@gmail.com / sekcpwd_keonjhar@yahoo.com
Letter No. : 4378 dt. : 20.09.2024

1	No. of the work	:	3 number Road & Bridge Works
2	Estimated cost	:	Rs. 259.99 Lakhs to Rs. 614.43 Lakhs
3	Class of Contractor	:	"B", "A" & "Special" Class
4	Period of completion	:	06 (Six) Calendar Months to 10 (Ten) Calendar Months
5	Date and Time of availability of Bid document in the portal	:	From 11.30 hours of 30.09.2024 to 16.00 hours of 14.10.2024
6	Last date / Time for receipt of bids in the portal	:	16.00 hours of 14.10.2024
7	Date of opening of Bid from Portal	:	11.30 hours on 15.10.2024
8	Name and address of the officer inviting Bid	:	Chief Construction Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal "http://tendersodisha.gov.in"
Sd./- Chief Construction Engineer
Keonjhar (R&B) Circle, Keonjhar
OIPR-34033/11/0030/2425

ଦ.ପୂ. ରେଳପଥ - ଟେଣ୍ଡର
ଇ-ଟେଣ୍ଡର ନୋଟିସ ନଂ. ଏସ୍ଇଆର୍-ସିଓଏନ୍-ଡିଓ୍ୱାଇ-ସିଇ-ସି-ଜେଏସ୍‌ଜି-୦୨-୨୦୨୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ଚିଫ୍ ଇଞ୍ଜିନିୟର (ସିଓଏନ୍), ଦ.ପୂ. ରେଳପଥ, ଝାରସୁଗୁଡ଼ା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: ନିମ୍ନଲିଖିତ ଟେଣ୍ଡର ଓ୍ୱେବ୍‌ସାଇଟ୍ **www.ireps.gov.in** ରେ ଅପ୍‌ଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଦ.ପୂ. ରେଳପଥର ଚକ୍ରଧରପୁର ଡିଭିଜନରେ ଡେପୁଟି ସିଇ/ସିଓଏନ/ଜେଏସ୍‌ଜିଙ୍କ କ୍ଷେତ୍ରାଧିକାର ଅଧୀନରେ କାଲୁଙ୍ଗା-ରାଉରକେଲା ସେକ୍ସନ ମଧ୍ୟରେ ଆରଓବି ନଂ. ୨୦୯ (ସ୍ପାନ୍-୧x୧୮.୦ ମି. ସିଜି.) ଏବଂ ଆରଓବି ନଂ. ୨୧୪ (ସ୍ପାନ୍- ୨x୧୮ ମି (ସିଜି) ଏବଂ ୧x୩୬ ମି ସିଜି) ନିମନ୍ତେ କମ୍ପୋଜିଟ୍ ଗିର୍ଡରଗୁଡ଼ିକର ଯୋଗାଣ, ଫାବ୍ରିକେଶନ, ଆସେମ୍ବ୍ଲିଂ ଏବଂ ଲଞ୍ଚିଂ, ପିଓଟି-ପିଟିଏଫଇ ବିୟରିଂଗୁଡ଼ିକର ଯୋଗାଣ ଏବଂ ଫିକ୍ସିଂ, ଗିର୍ଡର କମ୍ପୋନେଣ୍ଟଗୁଡ଼ିକର ମେଟାଲାଇଜିଂ, ପେଣ୍ଟିଂ, ଡେକ୍ ସ୍ଲାବ୍‌ଗୁଡ଼ିକର ନିର୍ମାଣ, ବିଆର୍‌ସି ସୁରକ୍ଷା ସ୍କ୍ରିନ୍‌ର ଯୋଗାଣ ଓ ଫିକ୍ସିଂ ଏବଂ ଅନ୍ୟାନ୍ୟ ବିବିଧ କାର୍ଯ୍ୟ ସମେତ ଅବଶିଷ୍ଟ ସୁପରଷ୍ଟ୍ରକ୍ଚର୍ କାର୍ଯ୍ୟର ନିର୍ବାହ କରିବା। **ଆନୁମାନିକ ମୂଲ୍ୟ:** ₹୯,୪୯,୨୫,୭୩୫.୬୮, **ବିଡ୍ ଅମାନତ:** ₹୬,୨୪,୬୦୦/-। **ସମାପ୍ତି ଅବଧି:** ୧୨ ମାସ। **ବନ୍ଦ ହେବା ତାରିଖ:** ୧୫।୧୦।୨୦୨୪। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍‌ଗୁଡ଼ିକୁ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ଓ୍ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** "ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି।"
(PR-635)

Tender Notice
BAIF Institute for Sustainable Livelihoods and Development
Invites sealed quotations from reputed vendors for supply, installation & testing of "Fertilizers, Pesticide, Insecticide and Fungicide" in Korba Block, Korba district, Chhattisgarh. Refer www.baif.org.in & www.baifodisha.org for details.
Plot no.: 1565/2682, At Bhatra, PO. Dhanupali, Sambalpur, Odisha – 768005, Telephone: +91-7894418530

GOVERNMENT OF ODISHA No.A-319
e-Procurement Notice Online Tender
Bid Identification No. SEMIDBNJ-03/2024-25

Name of work	:	Civil Construction Works
No. of work	:	3 Nos.
Estimated cost	:	Rs. 75.55 Lakh to 96.80 Lakh
Period of Completion	:	11 (Eleven) Calendar Months
Date & Time of availability of Bid Documents in the portal	:	From : 30.09.2024 to 09.10.2024 up to 17.30 hours
Date for opening of Technical Bid	:	14.10.2024 at 11.00 A.M.
Name & Address of the OIT	:	Superintending Engineer, Minor Irrigation Division, Bhanjanagar

Further Details & Corrigendum if any can be seen from the website : www.tendersodisha.gov.in
Sd./- Superintending Engineer
M.I. Division, Bhanjanagar
OIPR-32287/11/0005/2425

कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, पाकुड़

ई– अति अल्पकालीन पुनर्निविदा आमंत्रण सूचना

ई0–अतिअल्पकालीन पुनर्निविदा संख्या :– 05/RI/ 2024-25/RWD/EE/ PAKUR दिनांक–23.09.2024
कार्य का विवरण– मुख्यमंत्री ग्राम सड़क योजना अन्तर्गत
कार्यपालक अभियंता, ग्रामीण कार्य विभाग, कार्य प्रमंडल, पाकुड़ द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

कसं	आईडेन्टी फिकेशन संख्या / पैकेज संख्या	कार्य का नाम	प्राक्कलित राशि (रूपये में)		कार्य समाप्ति की तिथि / अवधि	टेंडर कॉल
			अंक में	अक्षर में		
1	RWD/ PAKUR/ 19/ 2024-25	आसनबनी से बड़ा खम्भी चुरूका पहाड़ होते हुए तालझारी तक पथ निर्माण कार्य (लं0–3.150 कि0मी0, प्रखंड–लिट्टीपाड़ा)	3,24,51,200.00	तीन करोड चौबीस लाख एकावन हजार दो सौ मात्र	15 माह	द्वितीय

1. बेवसाईट में निविदा प्रकाशन की तिथि : 27.09.2024
2. ई– निविदा प्राप्ति की अंतिम तिथि एवं समय :– 05.10.2024 अपराह्न 5:00 बजे।
3. निविदा खोलने की तिथि एवं समय: 07.10.2024 अपराह्न 3:30 बजे।
4. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमंडल, पाकुड़।

विस्तृत जानकारी के लिये बेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमंडल, पाकुड

PR 336639 (Rural Work Department) 24-25 (D)

NOTICE
IN THE DEBTS RECOVERY TRIBUNAL, CUTTACK
C-71, SECTOR-7, CDA, CUTTACK-753014
O.A. No. 86 of 2024
UCO Bank, Bhanjanagar Branch, At: Khalasi Street, High Court Square, Old LIC Building, Bhanjanagar, Dist.: Ganjam, Represented by its Chief Manager ...Applicant
-And-
M/s. HMH Products & another ...Defendants
To
1. **M/s. HMH Products**, At: R.C. Road, Bhanjanagar, Dist.: Ganjam-761126, **Represented through its Proprietress Mrs. Minati Kumari Bisoyi.**
2. **Mrs. Minati Kumari Bisoyi,** W/o.: Late Hiten Swain, At: Bankasala, 1st Lane, Bhejiput, P.S.: Bhanjanagar, Dist.: Ganjam-761126.

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted a suit in **O.A. No. 86 of 2024** in the Court of Debts Recovery Tribunal, Orissa, at Cuttack for recovery of **Rs.27,68,438.13** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **21st day of Oct 2024** at **10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **23rd day of Aug 2024.**

Sd/- Registrar
Debts Recovery Tribunal

ପଥର ଉତ୍ତୋଳନ ପାଇଁ ଫୁଟୁଛି ଗୁଳି

ବଢୁଛି ଲଘୁଖଣିଜ ସମ୍ପଦ ଚୋରାଚାଲାଣ

- ଅଭିଯୋଗ ସତ୍ତ୍ୱେ ନିଆଯାଉନି ପଦକ୍ଷେପ
- ପ୍ରଶାସନର ନୀରବତାକୁ ନେଇ ଅସନ୍ତୋଷ

ଖୋର୍ଦ୍ଧା,୨୩।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ଖଣି ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି। ଦିବାରାତ୍ର ମାଫିଆମାନେ କଳାମୁଗୁନି, ବଉଳମାଳା ଓ ମାଙ୍କଡ଼ା ପଥର ଏବଂ ମୋରମ ଚୋରାଚାଲାଣ କରୁଛନ୍ତି। ପ୍ରଶାସନ ପକ୍ଷରୁ ବାରମ୍ବାର ଚଢ଼ାଉ, ଜରିମାନା ଆଦାୟ ସତ୍ତ୍ୱେ ଏଥିରେ କୌଣସି ଫରକ ପଡୁନାହିଁ। ଶ୍ରୀମନ୍ଦିର ପ୍ରଶାସନର ଜମି, ସରକାରୀ ଏବଂ ଗୋଚର ଜମି ଉପରେ ମାଫିଆଙ୍କ ନଜର ରହିଛି। ଏପରିକି କାଜୁ ଜଙ୍ଗଲରୁ ମୋରମ, ମାଙ୍କଡ଼ା ପଥର ଚାଲାଣ କରୁଛନ୍ତି। ପାହାଡ଼ରେ ବ୍ଲାଷ୍ଟିଂ ଯୋଗୁ ସ୍ଥାନୀୟ ବାସିନ୍ଦା ଅତିଷ୍ଠ ହୋଇପଡ଼ିଲେଣି। ପ୍ରତିବାଦ କଲେ ମିଳୁଛି ହତ୍ୟା ଧମକ। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଅନ୍ୟପଟେ ଖଣିରୁ ପଥର ଉତ୍ତୋଳନ ପାଇଁ ଗୋଷ୍ଠୀ ସଂଘର୍ଷରୁ ଗୁଳି ଫୁଟୁଛି। ପ୍ରଶାସନର ନୀରବତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଗତ ୪ତାରିଖରେ ସଦର ଥାନା ଅଧୀନ ଧଉଳିମୁହଁ ପଞ୍ଚାୟତ ଗୋବର ଗାଡ଼ିଆରେ ମାଙ୍କଡ଼ା ପଥର ଚାଲାଣକୁ ନେଇ ଅସାମାଜିକ ଯୁବକମାନେ ଗୁଳି ଫୁଟାଇବା ସହ ବୋମା ପକାଇଥିଲେ। ଖବରପାଇ ପୋଲିସ ପହଞ୍ଚିଥିଲେ ମଧ୍ୟ କିଛି ସନ୍ଧାନ ନ ପାଇ ଫେରିଥିଲା। ନିକଟରେ ପୋଲିସ ଇନଫର୍ମର ସନ୍ଦେହରେ ମାଫିଆଙ୍କ ଗୋଟିଏ ଗୋଷ୍ଠୀ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗତ ୫ତାରିଖ(ଗୁରୁବାର) ଅପରାହ୍ନରେ ଟାଙ୍ଗୀ ତହସିଲ ଅନ୍ତର୍ଗତ ବଡ଼ପୋଖରୀରେ ଖଣି ସର୍ଭେ କାର୍ଯ୍ୟ ଚାଲିଥିବା ବେଳେ ଅତର୍କିତ ଭାବେ ୨୦ରୁ ଊର୍ଦ୍ଧ୍ୱ ମାଫିଆ ଖଣି ଅଧିକାରୀ ଜଗନ ବେହେରାଙ୍କ ସମେତ ଟିମ୍‌କୁ ମରଣାନ୍ତକ ଆକ୍ରମଣ ସହ ଢେଲାପଥର ମାଡ଼ କରିଥିଲେ। ଏପରିକି ଗାଡ଼ି ଭଙ୍ଗାରୁଜା କରିଥିଲେ। ଗତ ଜାନୁଆରୀ ୧୪ରେ ଟାଉନ ଥାନା ଅଧୀନ ଶରଧାପୁର ନିକଟରେ ବେଆଇନ ଭାବେ ଚାଲିଥିବା ପଥର ଖଣିରେ ଚଢ଼ାଉ କରିବାକୁ ଯାଇଥିବା ମାଇନ୍ସ ଅଫିସରକୁ ମାଫିଆମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ପୂର୍ବରୁ ବାଘମାରୀ ଓ ବେଗୁନିଆ ଥାନା ଅଞ୍ଚଳରେ ରାଜସ୍ୱ ନିରୀକ୍ଷକ ଏବଂ ଜଟଣୀ ତହସିଲଦାର ମଧ୍ୟ ମାଫିଆଙ୍କ ଆକ୍ରୋଶର ଶିକାର ହୋଇଥିଲେ। ବେଗୁନିଆ ଥାନା ଅଞ୍ଚଳରେ ବେଆଇନ ଭାବେ ଚାଲିଥିବା ଖଣିରେ ଚଢ଼ାଉ ବେଳେ ମାଫିଆଙ୍କ ଆକ୍ରମଣରେ ସ୍ପେଶାଲ ସ୍କ୍ୱାଡ୍‌ର ଜଣେ କର୍ମଚାରୀ ଲହୁଲୁହାଣ ହୋଇଥିବା ବେଳେ ସାଦା ପୋଷାକରେ ଯାଇଥିବା ୨ଜଣ ଏସ୍‌ଆଇ ସେଠାରୁ ପ୍ରାଣ ବିକଳରେ ଦୌଡିଥିଲେ। ଗତ ଜୁଲାଇରେ ଟାଉନ ଥାନା ଅନ୍ତର୍ଗତ ହଳଦିପଦା ଗ୍ରାମବାସୀ ବେଆଇନ ଖଣି ଖାଦନ ରୋକିବା ପାଇଁ ରାସ୍ତାରୋକୋ କରିବା ସହ ପୋଲିସ ବଟି ନେଇ ମାଫିଆଙ୍କୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ କରିଥିଲେ। ଅଗଷ୍ଟ ୫ରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ସମାନ ଅଭିଯୋଗ ଆଣିଥିଲେ ଟାଙ୍ଗିଆପଡ଼ାର କେତେଜଣ ଗ୍ରାମବାସୀ। ଶରଧାପୁର, କୁମାରବସ୍ତ, ଟାଙ୍ଗିଆପଡ଼ା, ତାପଙ୍ଗ ଆଦି ଅଞ୍ଚଳରେ ଚାଲିଥିବା ବେଆଇନ ଖଣି ପଛରେ କେତେଜଣ ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କ ସମ୍ପୃକ୍ତି ରହିଥିବା ନେଇ ସ୍ଥାନୀୟ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଜିଲା ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଖଣି ମାଫିଆଙ୍କ ଉପରେ ରୋକ୍ ଲଗାନଗଲେ ଆଗାମୀ ଦିନରେ ଲଘୁଖଣିଜ ସମ୍ପଦ ଲୋପ ପାଇଯିବ ବୋଲି କେତେଜଣ ପରିବେଶବିତ୍ କହିଛନ୍ତି। ଅନ୍ୟପଟେ ଏନେଇ ଖୋର୍ଦ୍ଧା ଡିଭିଜନର ମାଇନ୍ସ ଅଧିକାରୀ ଜଗନ ବେହେରା କହିଛନ୍ତି, ଖଣିରେ ରୀତିମତ ଭାବେ ଚଢ଼ାଉ କରାଯାଉଛି। ଯାନବାହନ ଜବତ କରାଯିବା ସହିତ ଜରିମାନା ମଧ୍ୟ ଆଦାୟ କରାଯାଉଛି।

ସଂକ୍ଷେପରେ

ବଜ୍ରପାତରେ ମହିଳା ଆହତ

ବେଗୁନିଆ,୨୩।୯(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଏବଂ ଆଖପାଖ ଅଞ୍ଚଳରେ ସୋମବାର ପ୍ରବଳ ବର୍ଷା ହେବା ସହିତ ବଜ୍ରପାତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଗଂପୁର ଗ୍ରାମର ବାବାଜି ରାଉତଙ୍କ ସ୍ତ୍ରୀ ସିଲି ଘରେ ବସିଥିବା ବେଳେ ବଜ୍ରପାତରେ ଆହତ ହୋଇଥିଲେ। ପରିବାରଲୋକେ ତାଙ୍କୁ ୧୦୮ଆମ୍ବୁଲାନ୍ସରେ ଚିକିତ୍ସା ପାଇଁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ।

ମଣ୍ଡନଗିରିରେ ଚାରାରୋପଣ

ଖୋର୍ଦ୍ଧା,୨୩।୯(ପ୍ରଭାତ ପାଣିଗ୍ରାହୀ)

ବୋଲଗଡ଼ ବ୍ଲକର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ପର୍ବତମାଳାରେ ଅଧିଷ୍ଠିତ ପ୍ରସିଦ୍ଧ ପ୍ରଭୁ ରଘୁନାଥଙ୍କ ବିଜେସ୍ଥଳୀ ମଣ୍ଡନଗିରି ପରିସରରେ ସଂପୁର ଇଗଲ କ୍ଲବ ପକ୍ଷରୁ ଚାରାରୋପଣ କରାଯାଇଛି। ମହନ୍ତ ବାବା ପଦ୍ମ ଚରଣ ଦାସଙ୍କ ତତ୍ତ୍ୱାବଧାନରେ ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ଏହି ଚାରା ରୋପଣ ହୋଇଥିଲା। ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟରତ କ୍ଲବର ସଦସ୍ୟଙ୍କୁ ମହନ୍ତ ବାବା ସାଧୁବାଦ ଜଣାଇଛନ୍ତି। ଏହି ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳର ବିକାଶ ଦିଗରେ ସରକାର ଦୃଷ୍ଟି ଦେବାକୁ ସମୂହ ଦାବି କରିଛନ୍ତି।

୬୫ ୟୁନିଟ୍ ରକ୍ତ ସଂଗ୍ରହ

ଖୋର୍ଦ୍ଧା,୨୩।୯(ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା(ଏନ୍‌ଏସ୍‌ଏସ୍) ଆନୁକୂଲ୍ୟରେ ଏବଂ ରୋଟାରୀ ଖଣ୍ଡଗିରି ସହଯୋଗରେ ମୈତ୍ରୀ ଭବନ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷ ଡ.ପ୍ରଣବ କିଶୋର ମହାନ୍ତି ଶିବିର ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ୍ ୬୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଖୋର୍ଦ୍ଧା ରକ୍ତ ଭଣ୍ଡାର ଡା. ସୌଭାଗ୍ୟ ରାୟ ଏବଂ ରକ୍ତ ଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ମହାବିଦ୍ୟାଳୟର ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି, ପ୍ରଶାସନିକ ଅଧିକାରୀ ଲଡୁକେଶ ପ୍ରସାଦ ମିଶ୍ର, ରୋଟାରୀ ପକ୍ଷରୁ ସମ୍ପାଦିକା ନିର୍ଝରିଣୀ ନାୟକ, ସହ ସମ୍ପାଦିକା ଝରଣା ପାଣି, ପୂଜା ଛୋଟରାୟ, ନିରୁପମା ନାୟକ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ଅଲିଭା ବେଉରା, ଅଧ୍ୟାପକ ସୁବୋଧ କୁମାର ଜଗଦ୍ଦେବ ପ୍ରମୁଖ ପରିଚାଳନା କରିଥିଲେ।

ଅନ୍ତର୍ଜାତୀୟ ମାନବାଧିକାର ଆତ୍ମରକ୍ଷା ସଙ୍ଗଠନ କାର୍ଯ୍ୟାଳୟ ଉଦ୍‌ଘାଟିତ

ବେଗୁନିଆ,୨୩।୯(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ତର୍ଜାତୀୟ ମାନବାଧିକାର ଆତ୍ମରକ୍ଷା ସଙ୍ଗଠନର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଦିଲ୍ଲୀ ମୁଖ୍ୟ କାର୍ଯ୍ୟାଳୟର ପ୍ରଶାସନିକ ସଚିବ ଅବିନାଶ ସାମନ୍ତରାୟ, ଆଇନଜୀବୀ ପ୍ରଦୀପ୍ତ କୁମାର ମଙ୍ଗରାଜ ଓ ମନିରା ବେଗମଙ୍କ ସମେତ ସଙ୍ଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ସଙ୍ଗଠନ ବେଗୁନିଆ ବ୍ଲକର ୨୧ଟି ପଞ୍ଚାୟତରେ ଗରିବ, ନିଷ୍ପେସିତ, ଅସହାୟ ଓ ପୀଡ଼ିତ ବ୍ୟକ୍ତିବିଶେଷଙ୍କୁ ପ୍ରଶାସନ ଠାରୁ ଉଚିତ୍ ନ୍ୟାୟ ପାଇବା କ୍ଷେତ୍ରରେ କାର୍ଯ୍ୟ କରିବ ବୋଲି ସଙ୍ଗଠନ ସଭାପତି ଆଡଭୋକେଟ ପ୍ରଦୀପ୍ତ କୁମାର ମଙ୍ଗରାଜ କହିଛନ୍ତି।

ଅଷ୍ଟମ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ସାମ୍ବିଧାନିକ ବୈଠକ, ଗ୍ରାମୀଣ ସମ୍ମିଳନୀ

ସାମ୍ବିଧାନିକ ଗ୍ରାମୀଣ ସମ୍ମିଳନୀରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଟାଙ୍ଗୀ,୨୩।୯(ରଘୁନାଥ ସାହୁ)

ଅଷ୍ଟମ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ସାମ୍ବିଧାନିକ ବୈଠକ ଓ ଗ୍ରାମୀଣ ସମ୍ମିଳନୀ ଟାଙ୍ଗୀ ସ୍ଥିତ ରଘୁନାଥ ଦେବ ମନ୍ଦିର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଷ୍ଟମ ରାଜ୍ୟ ସଭାପତି ରଘୁନାଥ ସାହୁ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ସାହୁ, ଅନ୍ୟତମ ଉପଦେଷ୍ଟା ରଘୁନାଥ ସାହୁ (ଚାନ୍ଦପୁର), ପୂର୍ବତନ ଅଷ୍ଟମ ରାଜ୍ୟ ସଭାପତି ସୁରେଶ କୁମାର ସାହୁ ଯୋଗଦେଇଥିଲେ। ଅଷ୍ଟମ ରାଜ୍ୟ ସାଧାରଣ ସମ୍ପାଦକ ଭାଗୀରଥି ସାମନ୍ତରା ୧୯୮୫ ମସିହାରେ ଦ୍ୱିତୀୟ ବାର ସଂଶୋଧିତ ଅଷ୍ଟମ ରାଜ୍ୟ ସଙ୍ଗଠନର ନିୟମାବଳୀ ଓ ସମ୍ବିଧାନକୁ ତନ୍ନତନ୍ନ କରି ଆଲୋଚନା ଓ ପର୍ଯ୍ୟାଲୋଚନା କରି ଉପସ୍ଥାପନା କରିଥିଲେ। ୮ଟି ରାଜ୍ୟର ସଭାପତି, ସମ୍ପାଦକ, ରାଜ୍ୟ ସଙ୍ଗଠନର କର୍ମକର୍ତ୍ତା ଓ ୧୦୫ ଜଣ ଗ୍ରାମୀଣ ଆଲୋଚନାରେ ଭାଗ ନେଇଥିଲେ। କେତେକ ପୁରୁଣା ନିୟମକୁ ନୂତନ ସମ୍ବିଧାନରୁ ବାଦ୍ ଦେବା ସହ ଅନ୍ୟ କେତେକ ଯୁଗୋପଯୋଗୀ ନିୟମ ପ୍ରଚଳନ କରିବା ପାଇଁ କର୍ମକର୍ତ୍ତାମାନେ ପ୍ରସ୍ତାବ ରଖିଥିଲେ। ଏହି ଆଲୋଚନାରେ ଅଷ୍ଟମ ରାଜ୍ୟ ଉପସଭାପତି ସୁଶାନ୍ତ କୁମାର ସାହୁ, ମଙ୍ଗଳାଯୋଡ଼ି ରାଜ୍ୟ ସଭାପତି ବିରଞ୍ଚି ନାରାୟଣ ସାହୁ, ପୂର୍ବତନ ସଭାପତି ବସନ୍ତ କୁମାର ସାମନ୍ତରା, ସମ୍ପାଦକ ପ୍ରଦୀପ କୁମାର ସାହୁ, ରଣପୁର ରାଜ୍ୟ ସଭାପତି ପୂର୍ଣ୍ଣ ଚନ୍ଦ୍ର ସାହୁ, ମୁଗମଣ୍ଡା ରାଜ୍ୟ ସଭାପତି ପ୍ରଭାତ କୁମାର ସାହୁ, ସମ୍ପାଦକ ମାଧବ ଚନ୍ଦ୍ର ସାହୁ, ସିକୋ ରାଜ୍ୟ ସମ୍ପାଦକ ବିଚିତ୍ରାନନ୍ଦ ସୁବୁଦ୍ଧି, ଗୋଡ଼ିପଦର ରାଜ୍ୟ ସଭାପତି ସୁକାନ୍ତ କୁମାର ସାହୁ, ସମ୍ପାଦକ ବିଜୟ କୁମାର ସାହୁ, ସରପାରି ରାଜ୍ୟ ସଭାପତି ପ୍ରଭାକର ସାହୁ, ସମ୍ପାଦକ ବିଜୟ କୁମାର ସାହୁ, ନଈରୀ ରାଜ୍ୟ ସମ୍ପାଦକ ଦିଲୀପ କୁମାର ସାହୁ, ବାଣପୁର ରାଜ୍ୟ ସଭାପତି ସୁଦର୍ଶନ ସାହୁ ଓ ଉପସଭାପତି ପ୍ରଶାନ୍ତ କୁମାର ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ପଛୁଆ ବର୍ଗ ପାଇଁ ନିଯୁକ୍ତି, ପଦୋନ୍ନତି ଓ ରାଜନୈତିକ ପଦପଦବୀରେ ସଂରକ୍ଷଣ ପାଇଁ ସଙ୍ଗଠନ ମାଧ୍ୟମରେ ଦାବି ଉପସ୍ଥାପନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଅକ୍ଟୋବରରେ ଅଷ୍ଟମ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ବାର୍ଷିକ ସମ୍ମିଳନୀ ବାଣପୁରଠାରେ ହେବ ବୋଲି ସ୍ଥିର ହୋଇଛି। ଶେଷରେ ଅଷ୍ଟମ ରାଜ୍ୟ ସହ ସମ୍ପାଦକ ଭିକାରି ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

ଭଗବତୀ ମନ୍ଦିର: ପୁରୋହିତଙ୍କୁ ବରଣ କଲେ ପାରିକୁଦ ରାଜା

ଶାରଦୀୟ ପୂଜା ପାଇଁ ପ୍ରକ୍ରିୟା ଆରମ୍ଭ

ବାଣପୁର,୨୩।୯(ଦିଲୀପ କୁମାର ସ୍ୱାଇଁ)

ଉତ୍କଳର ପ୍ରାଚୀନ ଶକ୍ତିପୀଠମାନଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲା ବାଣପୁରର ମା’ଭଗବତୀଙ୍କ ପୀଠ ଅନ୍ୟତମ। ଏହି ପୀଠରେ ପାଳିତ ବାରମାସର ତେରପର୍ବ ମଧ୍ୟରୁ ଶାରଦୀୟ ପୂଜୋତ୍ସବ ଅନନ୍ୟ ଶ୍ରେଷ୍ଠପର୍ବ। ସର୍ବତ୍ର ଶାରଦୀୟ ପର୍ବ ଆଶ୍ୱିନ କୃଷ୍ଣ ଅଷ୍ଟମୀଠାରୁ ଦଶହରା ପର୍ଯ୍ୟନ୍ତ ପାଳିତ ହେଉଥିବାବେଳେ ଏଠାରେ ଭାଦ୍ରବ ଶୁକ୍ଳ ଷଷ୍ଠୀ ଠାରୁ ଆରମ୍ଭ ହୋଇ ଆଶ୍ୱିନ କୁମାରପୂର୍ଣ୍ଣିମାରେ ଉଦ୍‌ଯାପିତ ହେବାର ପରମ୍ପରା କାହିଁ କେଉଁ କାଳରୁ ରହିଆସିଛି। ଭାଦ୍ରବ ଶୁକ୍ଳ ଅଷ୍ଟମୀଠାରୁ ଦେବୀ ଶୟନରେ ରୁହନ୍ତି। ଏହି ସମୟରେ ମା’ଙ୍କ ମନ୍ଦିରରେ ଧୂପ ଆଳତିରେ ଘଣ୍ଟ କାହାଳୀ, ବାଦ୍ୟ ବାଜିବା ବନ୍ଦଥାଏ। ଆଶ୍ୱିନ କୃଷ୍ଣ ଅଷ୍ଟମୀ ତଥା ମୂଳାଷ୍ଟମୀରେ ସହସ୍ର କୁମ୍ଭବରଣ ପରେ ସ୍ତ୍ରୋତ୍ରୀୟ ଶାକ୍ତ ବ୍ରାହ୍ମଣଙ୍କ ମନ୍ତ୍ର ଉଚ୍ଚାରଣ ସହିତ ଘଣ୍ଟକାହାଳୀ ବାଦ୍ୟ ବାଦନ ପରେ ଦେବୀ ଶୟନରୁ ଉଠନ୍ତି। ମଙ୍ଗଳକୁମ୍ଭ ଦୀପସ୍ଥାପନ କରାଯାଇ ଦେବୀଙ୍କୁ ସ୍ନାନ ମଣ୍ଡପରେ ୧୦୮ କଳସ ଅଭିଷିକ୍ତ ସୁବାସିତ ଜଳରେ ସ୍ନାନ କରାଯାଇ ରାଜାଙ୍କ ପ୍ରଦତ୍ତ ନୂତନ ପାଟବସ୍ତ୍ର ପୁଷ୍ପଚନ୍ଦନ ସିନ୍ଦୁର ପରିଧାନ କରିବା ପରେ ଆଳତି ବନ୍ଦାପନା ହୋଇ ଶାରଦୀୟ ପର୍ବଗୃହକୁ ବିଜେ ପାଇଁ ସମସ୍ତ ପ୍ରକାର ବିଧିବ୍ୟବସ୍ଥା ଗ୍ରହଣ କରାଯାଏ। ପାରମ୍ପରିକକ୍ରମେ ସପ୍ତମୀରେ ପ୍ରାଚୀନ ବଙ୍କାଡ଼ଗଡ଼ ଅଧୁନା ପାରିକୁଦଗଡ଼ର ରାଜା ସନ୍ତୋଷ ଚନ୍ଦ୍ର ମାନସିଂମର୍ଦ୍ଦରାଜ ହରିଶ୍ଚନ୍ଦ୍ର ସୋମବାର ମା’ଭଗବତୀଙ୍କ ମନ୍ଦିର ପୁରୋହିତ, ପୂଜକ ସାମନ୍ତଙ୍କୁ ବରଣ କରି ଗୁଆପଇତା ପାଟମଠା ପ୍ରଦାନ କରି ମା’ଙ୍କ ପରିଧାନ ନିମନ୍ତେ ଅଙ୍ଗବସ୍ତ୍ର ସହିତ ଚୁଡ଼ିସିନ୍ଦୁର ଅଳତା ପୁଷ୍ପମାଳ ପ୍ରଦାନ କରି ପର୍ବର ସର୍ବମଙ୍ଗଳ କାମନା କରିଥିଲେ। ଅଷ୍ଟମୀଦିନ ଦେବୀ ଉତ୍ଥାପନ ନୀତିକାନ୍ତି ପରେ ମା’ କନକଦୁର୍ଗା ପ୍ରଥମେ ଏହାକୁ ପରିଧାନ କରି ସର୍ବସାଧାରଣଙ୍କୁ ଦର୍ଶନ ଦେବେ। ପରେ ସନ୍ଧ୍ୟାରୁ ମା’ଦେବୀ ଭଗବତୀଙ୍କ ଚଳନ୍ତି ପ୍ରତିମା ସ୍ତମ୍ଭେଶ୍ୱରୀ କାଠି ଠାକୁରାଣୀଙ୍କ ଦେବୀ ନୃତ୍ୟ ଆରମ୍ଭ ହୋଇ ମା’ ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରରୁ ଭିତର ପର୍ବଗୃହକୁ ବିଜେ କରିବା ପରେ ଅମାବାସ୍ୟା ପର୍ଯ୍ୟନ୍ତ ଭିତର ପର୍ବ ଆରମ୍ଭ ହେବ।

ଟ୍ରକ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ, ଚାଳକ ଅଟକ

ନିରାକାରପୁର,୨୩।୯(ମାନସ ଚନ୍ଦ୍ର ପଟ୍ଟନାୟକ)

୧୬ନମ୍ବର ଜାତୀୟ ରାଜପଥର ଜଙ୍କିଆ ଛକ ସନ୍ନିକଟରେ ସୋମବାର ଟ୍ରକ୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ ଜିଲା ରଣପୁର ଥାନା ଅଧୀନ କଙ୍କିଆ ଗ୍ରାମର ବୀଣା ପରିଡ଼ା (୬୦)। ପୋଲିସ ସୂଚନା ମୁତାବକ, ୩ଦିନ ପୂର୍ବେ ବୀଣା ଝିଅ ଘର ଖୋର୍ଦ୍ଧା ସଦର ଥାନା ଅଧୀନ କୁରାଢ଼ମଲ୍ଲକୁ ଆସିଥିଲେ। ସୋମବାର ନିଜ ଗ୍ରାମକୁ ଫେରୁଥିବା ବେଳେ କୌଣସି ଏକ ଗାଡ଼ିରେ ଜଙ୍କିଆ ଛକରେ ଓହ୍ଲାଇଥିଲେ। ସେଠାରୁ ସେ ଅନ୍ୟ ଏକ ଗାଡ଼ିରେ ଯିବା ଉଦ୍ଦେଶ୍ୟରେ ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରାଯିବା ସହ ଚାଳକକୁ ଅଟକ ରଖାଯାଇଛି। ଥାନା ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ଥାନା ଅଧିକାରିଣୀ ପ୍ରଜ୍ଞାରତ୍ନୁମ୍ବରା କର ସୂଚନା ଦେଇଛନ୍ତି।

ଉତ୍କଳୀୟ ସଂସ୍କୃତି ଉପରେ ଆଲୋଚନାଚକ୍ର



ବୋଲଗଡ଼,୨୩।୯(ଦେବବ୍ରତ ହୋତା)

ଖୁଦୁରୁକୁଣୀ ଓଷା କରିଥିବା ଖଙ୍ଗୁରିଆ ପଞ୍ଚାୟତ ଅଧୀନ ବାଉତିପାଟଣା ଗ୍ରାମର କୁମାରୀମାନଙ୍କ ଦ୍ୱାରା ଉତ୍କଳୀୟ ସଂସ୍କୃତି ସୁରକ୍ଷା ପ୍ରସଙ୍ଗ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ହରିହର ଲେଙ୍କାଙ୍କ ପୌରୋହିତ୍ୟରେ ଏବଂ ସଂପୁର ନୂଆଁଖାଇ ମହୋତ୍ସବ କମିଟି ସମ୍ପାଦକ ଅବିନାଶ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବୋଲଗଡ଼ ଶିକ୍ଷକ ପରିବାର ସଭାପତି ପ୍ରମୋଦ ସ୍ୱାଇଁ ମୁଖ୍ୟ ଅତିଥି, ଚିକିତ୍ସକ ନିରଞ୍ଜନ ନାୟକ ମୁଖ୍ୟ ବକ୍ତା, ମା’ବାଉତି କ୍ଲବ ସଭାପତି ନେପାଳ ଚନ୍ଦ୍ର ଲେଙ୍କା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପରେ ମଞ୍ଚାସୀନ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଅତୀତର ଉତ୍କଳୀୟ ସାଧବମାନେ କିପରି ବୋଇତ ଯୋଗେ ଜାଭା, ସୁମାତ୍ରା ସିଂହଳ, ବୋର୍ଣ୍ଣିଓ ଆଦି ସ୍ଥାନକୁ ଯାଇ ବାଣିଜ୍ୟ କରି ଉତ୍କଳ ପ୍ରଦେଶକୁ ସମୃଦ୍ଧିଶାଳୀ କରିଥିଲେ ଏବଂ ତଅପୋଇ ଉପାଖ୍ୟାନ ସମ୍ପର୍କରେ ମୁଖ୍ୟ ଅତିଥି ସ୍ୱାଇଁ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ନାୟକ ସଂପୁର ଓ ନିକଟବର୍ତ୍ତୀ ୯ଟି ରାଜସ୍ୱ ଗ୍ରାମରେ ହେଉଥିବା ବିଭିନ୍ନ ପର୍ବପାଳନ ସମ୍ପର୍କରେ ଆଲୋଚନା କରିଥିଲେ। କଲ୍ୟାଣୀ ବାରିକ, ଆଦ୍ୟାଶା ପ୍ରିୟଦର୍ଶିନୀ, ସ୍ୱାଗତିକା ବେହେରା, ପୁଷ୍ପାଞ୍ଜଳି ଲେଙ୍କା, ଗାୟତ୍ରୀ ଲେଙ୍କା, ସୋନାଲି ବେହେରା, ପାୟଲ ଲେଙ୍କା ପ୍ରମୁଖ ଲୋକନୃତ୍ୟ ପ୍ରଦର୍ଶନ କରିଥିବା ବେଳେ ସୋନି ମହାନ୍ତି, ସଞ୍ଚିତା ଲେଙ୍କା, ସୁଜାତା ମହାନ୍ତି ପ୍ରମୁଖ ଲୋକଗୀତ ଗାଇଥିଲେ। ପରେ ଲକ୍ଷ୍ମୀ ଅଲକ୍ଷ୍ମୀ କଳି ଶୀର୍ଷକ ନବରଙ୍ଗ ଯାତ୍ରା ପରିବେଷିତ ହୋଇଥିଲା।

ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ

ନିରାକାରପୁର,୨୩।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ୧୨ନମ୍ବର ଜୋନର ନିରାକାରପୁର ପଞ୍ଚାୟତସ୍ଥିତ ମଞ୍ଜାରିଆ ମା’ଦହିଖାଇଙ୍କ ପୀଠରେ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଭାଜପା ନେତା ପ୍ରଫୁଲ୍ଲ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ଭାଜପାର ରାଜ୍ୟ ସାଧାରଣ ସମ୍ପାଦକ ସରୋଜ କର ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ବୁଥ୍‌ସ୍ତରୀୟ ସଭ୍ୟ ସଂଗ୍ରହ କରିବା ନିମନ୍ତେ ଉପସ୍ଥିତ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ, ପୂର୍ବତନ ମଣ୍ଡଳ ସଭାପତି ସାଗର ବାରିକ, ଅଶୋକ କୁମାର ରାଉତରାୟ, କୈଳାସ ଚନ୍ଦ୍ର ସାହୁ, ସଦା ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ମଥ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ଉକ୍ତ ଜୋନ ଅଧୀନ ଲେଣ୍ଢୋ, ଡିଆ, ନିରାକାରପୁର, ରାମେଶ୍ୱର, ନୂଆଗଡ଼, ଭୂଷଣ୍ଡପୁର, ସାନରାଉତପଡ଼ା ଆଦି ପଞ୍ଚାୟତର କର୍ମୀମାନେ ଉପସ୍ଥିତ ଥିଲେ।

ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ସାଧାରଣ ବୈଠକ

ଖୋର୍ଦ୍ଧା,୨୩।୯(ପ୍ରଭାତ ପାଣିଗ୍ରାହୀ)

ପ୍ରସନ୍ନ ସଭାପତି, ମନୋରଞ୍ଜନ ସମ୍ପାଦକ

ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ସାଧାରଣ ବୈଠକ ସ୍ଥାନୀୟ ଏକ ଘରୋଇ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ସମସ୍ତ ପଞ୍ଚାୟତରେ କାର୍ଯ୍ୟ କରୁଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗଦେଇଥିଲେ। ଏଥିରେ ସଂଘ ସଭାପତି ପ୍ରସନ୍ନ ବାରିକ ସଭାପତିତ୍ୱ କରିଥିଲେ। ସଂଘର ବାର୍ଷିକ ବିବରଣୀ ପାଠ, ଆୟବ୍ୟୟ ଆଲୋଚନା ହୋଇଥିଲା। ଏହି ଅବସରରେ ନୂତନ ଭାବେ ଯୋଗଦେଇଥିବା ୬୭ଜଣ ନୂତନ ଯୁବ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଇଥିଲେ। କେତେଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତିଭାବେ ପୁଣି ପ୍ରସନ୍ନ ବାରିକ ମନୋନୀତ ହୋଇଛନ୍ତି। ସେହିପରି ସମ୍ପାଦକ ଭାବେ ମନୋରଞ୍ଜନ ଜେନା, କୋଷାଧ୍ୟକ୍ଷ ଦେବାଶିଷ ସେଠି, ଉପସଭାପତି ରବୀନ୍ଦ୍ର ପୃଷ୍ଟି, ଅନିତା ମହାନ୍ତି, ନିହାର ରଞ୍ଜନ ଦାଶ, ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖ ମନୋନୀତ ହୋଇଛନ୍ତି। ନୂତନ କର୍ମକର୍ତ୍ତାଙ୍କୁ ଉପସ୍ଥିତ ସଭ୍ୟାସଭ୍ୟ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଶେଷରେ ରବୀନ୍ଦ୍ର ପୃଷ୍ଟି ଧନ୍ୟବାଦ ଦେଇଥିଲେ।

ବୈଠକରେ ଉପସ୍ଥିତ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର କର୍ମକର୍ତ୍ତା ଏବଂ ଅନ୍ୟମାନେ।

ସବୁ ବିଦ୍ୟାଳୟରେ ଖୋଲାଯିବ ସ୍କାଉଟ୍ସ ଓ ଗାଇଡ୍ସ

ଖୋର୍ଦ୍ଧା,୨୩।୯(ପ୍ରଭାତ ପାଣିଗ୍ରାହୀ)

ବୈଠକରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଜିଲା ଭାରତ ସ୍କାଉଟ୍ସ ଗାଇଡ୍ସ ସାଧାରଣ ବୈଠକ

ବିଜେବି ହାଇସ୍କୁଲ ଠାରେ ଖୋର୍ଦ୍ଧା ଜିଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ସାଧାରଣ ସଭା ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଅମ୍ରିତା ପ୍ରୀତିନନ୍ଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇଙ୍କ ସାଧାରଣ ବୈଠକ ଉଦ୍ଦେଶ୍ୟରେ ଦେଇଥିବା ଶୁଭେଚ୍ଛା ବାର୍ତ୍ତା ପଠନ କରାଯାଇଥିଲା। ସ୍କାଉଟ୍ସ ଓ ଗାଇଡ୍ସ ଖୋଲାଯାଇ ନ ଥିବା ବିଦ୍ୟାଳୟରେ ତୁରନ୍ତ ଖୋଲିବା ପାଇଁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରୀତିନନ୍ଦା ସମସ୍ତ ପ୍ରଧାନଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ୨୦୨୪-୨୫ ର ବାର୍ଷିକ ବଜେଟ ଏବଂ ଆସନ୍ତା ନଭେମ୍ବରରେ ହେବାକୁ ଥିବା ପ୍ରସ୍ତାବିତ କ୍ୟାମ୍ବୋରୀ ପାଇଁ ଏକ ବଜେଟ ଉପସ୍ଥାପନ କରାଯାଇ ଅନୁମୋଦନ କରାଯାଇଛି। ଏଥିସହିତ ରାଜ୍ୟ ପୁରସ୍କାର ପରୀକ୍ଷା ଏବଂ ସ୍କାଉଟ୍ସ ମାଷ୍ଟର ଓ ଗାଇଡ୍ସ କ୍ୟାପଟେନଙ୍କୁ ତାଲିମ ପ୍ରଦାନ, ସମସ୍ତ ବ୍ଲକରେ ସ୍କାଉଟ୍ସ ଗାଇଡ୍ସର କମିଟି ଗଠନ କରାଯାଇଥିବା ବେଳେ ଏହାକୁ ସୁଦୃଢ଼ କରିବା ପାଇଁ ସଭାରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହିତ ପ୍ରତ୍ୟେକ ବିଦ୍ୟାଳୟରେ ନିଶ୍ଚିତ ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ ଆଲୋଚନା କରାଯାଇଥିଲା। ସ୍କାଉଟ ମାଷ୍ଟର ବିଭୁପ୍ରସାଦ ସେନାପତି ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ପ୍ରଧାନଶିକ୍ଷକ ତଥା ଜିଲା ସ୍କାଉଟ କମିଶନର ପ୍ରଭାକର ସାହୁ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଗାଇଡ କମିଶନର ଜୟନ୍ତୀ ହୋତା ଏହାର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଜିଲା ସମ୍ପାଦକ ସୁଧାକର ମହାପାତ୍ର ପ୍ରସ୍ତାବିତ ବଜେଟ ଉପସ୍ଥାପନ କରିଥିଲେ। ରାଜ୍ୟ ତାଲିମଦାତା ରମେଶ କୁମାର ବଳବନ୍ତରାୟ, ଉପଦେଷ୍ଟା ଦିବାକର ପଟ୍ଟନାୟକ, ଅମ୍ବିକା ପ୍ରସାଦ ପଟ୍ଟନାୟକ, ପୂର୍ବତନ ଜିଲା ଶାରୀରିକ ଶିକ୍ଷା ନୀରିକ୍ଷକ ପଠାଣି ଆଗ୍ରାସିଂ ପ୍ରମୁଖ ଯୋଗଦେଇ ସ୍କାଉଟ୍ସ ଗାଇଡ୍ସରେ ଖୋର୍ଦ୍ଧା ଜିଲା ରାଜ୍ୟରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିବା ନେଇ ମତାମତ ଦେଇଥିଲେ। ଉପଦେଷ୍ଟା ଭୁବନାନନ୍ଦ ରାଉତ, ଚିତ୍ତରଞ୍ଜନ ବରାଳ, ମାନସ ରଞ୍ଜନ ସେଠି, ଚିନ୍ମୟ ମାର୍ଥା, ପ୍ରଧାନଶିକ୍ଷକ ଗଣେଶ୍ୱର ମିଶ୍ର, ବିଜୟ କୁମାର ପାତ୍ର, ପ୍ରମୋଦ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ସହସମ୍ପାଦକ ପ୍ରକାଶ କୁମାର ପଲାଇ ଧନ୍ୟବାଦ ଦେଇଥିଲେ।

ମୁକୁଳା ଡ୍ରେନ୍‌ରୁ ଉଦ୍ଧାର ହେଲା ଷଣ

ବାରଙ୍ଗ,(ଲିଙ୍ଗରାଜ ରାଉତ): ବାରଙ୍ଗ ଥାନା ଅଧୀନ ଦାଡ଼ାପାଟଣା ଗ୍ରାମପଞ୍ଚାୟତର ବଙ୍ଗାଳୀ ସାହିରେ ଥିବା ମୁକୁଳା ଡ୍ରେନ୍‌ରେ ଖସି ପଡ଼ିଥିବା ଏକ ଷଣ୍ଢକୁ ସୋମବାର ଅଗ୍ନିଶମ ବାହିନୀ ଉଦ୍ଧାର କରିଛି। ସୋମବାର ଅପରାହ୍ନରେ ଷଣ୍ଢ ଡ୍ରେନ୍‌କୁ ଖସି ପଡ଼ିଥିଲା। ସ୍ଥାନୀୟ ଲୋକେ ଏହା ଦେଖି ଷଣ୍ଢଟିକୁ ଉଦ୍ଧାର କରିବାକୁ ବହୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ଖବର ପାଇ ବାରଙ୍ଗ ଅଗ୍ନିଶମ ବାହିନୀର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଧଘଣ୍ଟା ପରିଶ୍ରମ ପରେ ଡ୍ରେନ୍ ଭିତରୁ ଷଣ୍ଢଟିକୁ ଉଦ୍ଧାର କରାଯାଇଥିଲା।

ସଂକ୍ଷେପରେ

ନନ୍ଦନକାନନରେ ଅହିରାଜ ସାପର ମୃତ୍ୟୁ

ତ୍ରିଶୂଳିଆ,୨୩।୯(ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀଉଦ୍ୟାନ ସରୀସୃପ ଉଦ୍ୟାନର ୪୫ନଂ. (ଚ) ଖୁଆଡରେ ସୋମବାର ଏକ ସାପର ମୃତ୍ୟୁ ଘଟିଛି। ଏହାର କାରଣ ଜାଣିବାକୁ କର୍ତ୍ତୃପକ୍ଷ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏ ସଂକ୍ରାନ୍ତରେ ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣଙ୍କୁ ପଚାରିବାରୁ, ଆସିବା ଦିନଠାରୁ ଅହିରାଜ ସାପଟି ଖାଦ୍ୟ ଖାଉ ନ ଥିଲା। ଫଳରେ ଦିନକୁ ଦିନ ସେ ଦୁର୍ବଳ ହୋଇ ସୋମବାର ତାର ମୃତ୍ୟୁ ଘଟିଛି। ମୃତ୍ୟୁ ପରେ ଏହି ପ୍ରଜାତିର ଅହିରାଜ ସାପ ସଂଖ୍ୟା ୩କୁ ହ୍ରାସ ପାଇଛି। ସାଧାରଣତଃ ଏହି ପ୍ରଜାତିର ସାପ ଭାରତର ପାର୍ବତ୍ୟାଞ୍ଚଳରେ ଦେଖାଯାଇଥାନ୍ତି।ଏମାନେବିଷଧରସାପ।

୨୨ କେଜି ଗଞ୍ଜେଇ ଜବତ, ୫ ଗିରଫ

ଭୁବନେଶ୍ୱର,୨୩।୯

(ସୂର୍ଯ୍ୟକାନ୍ତ ବେହେରା)

ପାହାଳ ଥାନା ପୋଲିସ ଗଞ୍ଜେଇ ଚାଲାଣ ଅଭିଯୋଗରେ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ କନ୍ଧମାଳର ସାମୁଏଲ ମାହାନ୍ଦ ଓ ଦୀପକ କୁମାର ବେହେରା, ନୟାଗଡର ଜଗନ୍ନାଥ ମିଶ୍ର ଓ ବସନ୍ତ କୁମାର ସାହୁ ଏବଂ ଭୁବନେଶ୍ୱର ମଞ୍ଚେଶ୍ୱର ଅଞ୍ଚଳର ଟୁନା ଦଳେଇ। ସେମାନଙ୍କଠାରୁ ୨୨ କେଜିରୁ ଅଧିକ ଗଞ୍ଜେଇ ଓ ଅପରାଧରେ ବ୍ୟବହୃତ କାର ଜବତ ହୋଇଛି। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

କ୍ୟାପିଟାଲ ହସ୍ପିଟାଲ ପରିସରରୁ ଅପରିପକ୍ୱ ଶିଶୁର ମୃତଦେହ ଜବତ

ଭୁବନେଶ୍ୱର,୨୩।୯

(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ପରିସରରୁ ସୋମବାର ଜଣେ ଅପରିପକ୍ୱ ଶିଶୁପୁତ୍ରର ମୃତଦେହ ମିଳିଛି। ଖବର ପାଇ କ୍ୟାପିଟାଲ ଥାନା ପୋଲିସ ହସ୍ପିଟାଲର ନବନିର୍ମିତ କୋଠା ପାଖରେ ଥିବା ଗଳିରୁ ମୃତଦେକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। କିଏ,କାହିଁକି ଏଭଳି ଅବସ୍ଥାରେ ଶିଶୁକୁ ପକାଇ ଫେରାର ହୋଇଯାଇଛି ତାହା ଜଣାପଡିନାହିଁ। ସିସିଟିଭି ଫୁଟେଜ ଆଧାରରେ ପୋଲିସ ଓ ହସ୍ପିଟାଲ କର୍ତ୍ତୃପକ୍ଷ ତଦନ୍ତ ଜାରି ରଖିଛନ୍ତି। ଏନେଇ ପୋଲିସ ସମସ୍ତ ଦିଗକୁ ନେଇ ହସ୍ପିଟାଲର ଲୋକଙ୍କୁ ପଚରାଉଚରା କରି ଶିଶୁର ମା,ବାପା କିଏ ସେମାନଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ ଚଳାଇଛି। ବାହାରୁ କେହି ଆଣି ମୃତ ଅପରିପକ୍ୱ ଶିଶୁଟିକୁ ଫିଙ୍ଗି ଦେଇଥିବା କହୁଥିବାବେଳେ ଆଉକେହି ହସ୍ପିଟାଲରେ ଜନ୍ମ ପରେ ଶିଶୁଟି ମରିଯାଇଥିବା କହୁଛନ୍ତି।

ବିରୂପା ନଦୀକୁ ଡେଇଁ ଛାତ୍ରଙ୍କ ଆତ୍ମହତ୍ୟା

ମଙ୍ଗୁଳି-ଜଗତପୁର,୨୩।୯(ମାନସ ସାମଲ)

ଜଗତପୁର ଥାନା ଅଧୀନ ବିରୂପା ନଦୀକୁ ଡେଇଁ ସୋମବାର ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଚୌଦ୍ୱାର ଥାନା ଅଧୀନ ଓଟିଏମ୍ ଲେବର କଲୋନୀର ପ୍ରଭାତ ଦାସଙ୍କ ପୁଅ ପ୍ରଦୀପ ଦାସ। ଅଗ୍ନିଶମ କର୍ମଚାରୀ ପାଣିରୁ ମୃତଦେହ ଉଦ୍ଧାର କରିବା ପରେ ଜଗତପୁର ପୋଲିସ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ବିରୂପା ବ୍ରିଜ୍ ୬ନଂ. ଗେଟ୍ ଉପରେ ପ୍ରଦୀପଙ୍କ ସାଇକେଲ ଓ ବ୍ୟାଗ ମିଳିଛି। ଏନେଇ ପ୍ରଭାତ ଜଗତପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ମୋ ବସ୍‌ର ଏକାଧିକ ମହିଳା କର୍ମଚାରୀଙ୍କୁ ନିର୍ଯାତନା

ଦୁଇ ମ୍ୟାନେଜରଙ୍କ ନାଁରେ ଇନ୍‌ଫୋସିଟି ଥାନାରେ ଅଭିଯୋଗ

ଅଭିଯୋଗ କରିବାରୁ ଆକ୍ରମଣ, ଫଟୋ ଭାଇରାଲ

ଭୁବନେଶ୍ୱର,୨୩।୯

(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ଚଳାଚଳ କରୁଥିବା ମୋ ବସ୍‌ରେ ନିଯୁକ୍ତ ମହିଳା କର୍ମଚାରୀ ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହୋଇଛନ୍ତି। ଏନେଇ ପୀଡିତାମାନେ ଇନ୍‌ଫୋସିଟି ଥାନାରେ ମୋ' ବସ ପରିଚାଳନା ଦାୟିତ୍ୱରେ ଥିବା ୨ଜଣ ବରିଷ୍ଠ କର୍ମଚାରୀଙ୍କ ବିରୋଧରେ ଏଭଳି ସାଂଘାତିକ ଅଭିଯୋଗ ଆଣିବା ସହ ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି। ପଟିଆ ବସ୍ ଡିପୋ ପରିଚାଳନା ଦାୟିତ୍ୱରେ ଥିବା ଅପରେଶନ ମ୍ୟାନେଜର ଏବଂ ଡିପୋ ମ୍ୟାନେଜରଙ୍କ ନାମରେ ପୀଡିତାମାନେ ଥାନାରେ ଅଭିଯୋଗ କରିଛନ୍ତି। ଗତ ୩ ସପ୍ତାହ ମଧ୍ୟରେ ପୃଥକ ଭାବେ ୫ଟି ଅଭିଯୋଗ ହୋଇଥିବାବେଳେ ଏବେ ଘଟଣା ପଦାକୁ ଆସିଛି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ ମଧ୍ୟ ଏଯାଏ କାହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ପୀଡିତାମାନେ ଗଣମାଧ୍ୟମରେ ଅଭିଯୋଗ ଆଣି ପୋଲିସ ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହାସହ ପୋଲିସ ସେମାନଙ୍କୁ ସହଯୋଗ କରୁ ନ ଥିବା ସେମାନେ କହିଛନ୍ତି। ଫଳରେ ଥାନାରେ ନ୍ୟାୟ ନ ପାଇ ପୀଡିତାମାନେ ରାଜ୍ୟ ଶ୍ରମ କାର୍ଯ୍ୟାଳୟରେ ଦ୍ୱାରସ୍ଥ ହୋଇଛନ୍ତି। ମୋ' ବସ୍‌ରେ ଚାକିରି ବଞ୍ଚାଇ ରଖିବା ପାଇଁ କିପରି ଶାରୀରିକ ନିର୍ଯାତନାର ଶିକାର ହେବାକୁ ପଡୁଛି ସେନେଇ ମଧ୍ୟ ସେମାନେ କହିବା ସହ ସ୍ୱରଉଠାଇଛନ୍ତି। ଏପରିକି ଯେଉଁ ମହିଳା କର୍ମଚାରୀମାନେ ଅଭିଯୋଗ ଆଣିଛନ୍ତି ସେମାନଙ୍କ ଉପରେ ମଧ୍ୟ ଆକ୍ରମଣ ସହ ନାନା ଭାବେ ହଇରାଣ କରାଯାଉଛି। ଜଣେ ମହିଳା କର୍ମଚାରୀଙ୍କ ଫଟୋକୁ ଏଡିଟିଂ କରାଯାଇ ସୋସିଆଲ ମିଡିଆରେ ଭାଇରାଲ କରାଯାଇଥିବାବେଳେ ଅନ୍ୟଜଣେ ମହିଳା କର୍ମଚାରୀଙ୍କୁ ଉକ୍ତ ବସ୍‌ରେ କାମ କରୁଥିବା ଜଣେ କଣ୍ଡକ୍ଟର ଆକ୍ରମଣ କରିବାରୁ ସେ କ୍ୟାପିଟାଲ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଆକ୍ରମଣ କରିଥିବା କଣ୍ଡକ୍ଟର ଜଣଙ୍କ ମ୍ୟାନେଜରଙ୍କ କଥାରେ ପଡି ଏଭଳି କରିଥିବା ଆହତ ଯୁବତୀଜଣକ ସନ୍ଦେହରେ ଅଭିଯୋଗ ଆଣିଛନ୍ତି। ଏନେଇ ମୋ ବସ୍ ପରିଚାଳନା କରୁଥିବା କ୍ରୁଟ ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ।

ଡିଜିପିଙ୍କୁ ଭେଟିଲା ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସମିତି

ଭରତପୁର ଥାନାରେ ନିର୍ଯାତନା ଘଟଣା

କଟକ,୨୩।୯ (କାର୍ତ୍ତିକ ସାହୁ)

ଭରତପୁର ଥାନାର ପୂର୍ବତନ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ସମେତ ୫ ଜଣଙ୍କୁ ନିଲମ୍ବନ କରାଯିବା ଘଟଣାରେ କଟକ ରାଜାବଗିଚାସ୍ଥିତ ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସମିତି ଆଗକୁ ଆସିଛି।। କଲ୍ୟାଣ ସମିତିର ଏକ ପ୍ରତିନିଧି ମଣ୍ଡଳୀ ଡିଜିପିଙ୍କୁ ପୋଲିସ ମୁଖ୍ୟାଳୟରେ ସୋମବାର ଭେଟି ୪ ଦଫା ଦାବିପତ୍ର ପ୍ରଦାନ କରିଛି। ଉକ୍ତ ଦାବିପତ୍ରରେ ନିଲମ୍ବିତ କର୍ମଚାରୀଙ୍କୁ କୌଣସି କୈଫତ ତଲବ ନ କରି ନିଲମ୍ବନ କରିବା ଘଟଣାକୁ ବିରୋଧ କରାଯାଇଛି। କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ହୋଇଥିବାବେଳେ ତଦନ୍ତ ଆରମ୍ଭ ନ ହେଉଣୁ ଥାନା କର୍ମଚାରୀଙ୍କୁ ନିଲମ୍ବନ କରିବାକୁ ନାପସନ୍ଦ କରାଯାଇଛି। ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମରେ ପରସ୍ପର ବିରୋଧୀ ମନ୍ତବ୍ୟ ପ୍ରକାଶ ପାଉଥିବାରୁ ଏହା ଉପରେ ରୋକ ଲଗାଇବାକୁ ନିବେଦନ କରାଯାଇଛି। ଦାବିପତ୍ର ପ୍ରଦାନବେଳେ ସମିତି ସଭାପତି ଭକ୍ତ ବଲ୍ଲଭ ଦାସଙ୍କ ସମେତ ସମ୍ପାଦକ ବିଭୂତି ଭୂଷଣ ପଟ୍ଟନାୟକ, ସାଂଗଠନିକ ସମ୍ପାଦକ ଦୀପ୍ତିରଞ୍ଜନ ରାୟ, ଉପ ସଭାପତି ସନ୍ତୋଷ କୁମାର ବିଶ୍ୱାଳ, ଉପଦେଷ୍ଟା ନିରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଭରତପୁର ଥାନାକୁ ମେଜର ଓ ତାଙ୍କ ବାନ୍ଧବୀ ଅଭିଯୋଗ କରିବାକୁ ଆସିଥିବାବେଳେ ପୋଲିସ ସେମାନଙ୍କୁ ନିର୍ଯାତନା ଦେଇଥିଲା।

ଖୁବ୍ ହସାଇଲା 'ଗୋବର୍ଦ୍ଧନ ଓରଫ ଗୋବରା କାର୍ମି'

'ଗୋବର୍ଦ୍ଧନ ଓରଫ ଗୋବରା କାର୍ମି' ନାଟକର ଏକ ଦୃଶ୍ୟ।

ଭୁବନେଶ୍ୱର,୨୩।୯

(ଅନୁରାଧା ମହାରଣା)

ମୁକ୍ତି ନାଟ୍ୟ ସଂସ୍ଥା ପକ୍ଷରୁ ସୋମବାର ଭଞ୍ଜକଳା ମଣ୍ଡପରେ ମଞ୍ଚସ୍ଥ କମେଡି ନାଟକ 'ଗୋବର୍ଦ୍ଧନ ଓରଫ ଗୋବରା କାର୍ମି' ଦର୍ଶକଙ୍କୁ ଖୁବ୍ ହସାଇଛି। ବିଶିଷ୍ଟ ଫରାସି ଲେଖକ ମୋଲିଏରଙ୍କ ଇଂଲିଶ ନାଟକ 'ମାଇଜର'ର ଏହା ଓଡ଼ିଆ ରୂପାନ୍ତର। ସାମ୍ବାଦିକ ଜାକୀର ଖାନଙ୍କ ଦ୍ୱାରା ଓଡ଼ିଆରେ ରୂପାନ୍ତରିତ ଏହି ନାଟକର ନିର୍ଦ୍ଦେଶନା ଦେଇଛନ୍ତି ସୂର୍ଯ୍ୟ ମହାନ୍ତି। ନାଟକର ଘଟଣାକ୍ରମ ଅନୁସାରେ, ଗୋବର୍ଦ୍ଧନ ବାବୁ ସ୍ୱଭାବରେ ଜଣେ କୃପଣ ତଥା ଲୋଭି ବ୍ୟକ୍ତି ଅଟନ୍ତି। ତାଙ୍କର ଚାରିତ୍ରିକ ଦୁର୍ବଳତା ମଧ୍ୟ ରହିଥିବାବେଳେ ସମୟକ୍ରମେ ନିଜ ଯୁବ ପୁଅର ପ୍ରେମିକାଙ୍କୁ ବିବାହ କରିବାକୁ ସ୍ଥିର କରନ୍ତି। ଏହପରେ ନାଟକ ଏକ ଭିନ୍ନ ମୋଡ ନିଏ ଓ ଶେଷରେ ସେ ଅସହାୟ ହୋଇପଡ଼ନ୍ତି। ମୁଖ୍ୟ ଚରିତ୍ର ଗୋବର୍ଦ୍ଧନ ଭୂମିକାରେ ସୌମ୍ୟ ନିଖୁଣ ଅଭିନୟ କରିଥିବାବେଳେ ଅନ୍ୟ କଳାକାରଙ୍କ ଅଭିନୟ ମଧ୍ୟ ଉଚ୍ଚକୋଟୀର ରହିଥିଲା। ନାଟକଟି ଶେଷ ଦୃଶ୍ୟ ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। କାର୍ଯ୍ୟକ୍ରମରେ ନାଟ୍ୟାନୁଷ୍ଠାନର ସଭାପତି ଶୀଳଭଦ୍ର ଶାସ୍ତ୍ରୀ ଯୋଗଦେଇଥିଲେ।

ସରପଞ୍ଚଙ୍କୁ ଆକ୍ରମଣ କରି ଟଙ୍କା, ସୁନା ବ୍ରେସ୍‌ଲେଟ୍ ଲୁଟ

ଖୁଣ୍ଟୁଣୀ,୨୩।୯(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ନିଧିପୁର ନଇମାଳଠାରେ ରବିବାର ରାତିରେ କେତେଜଣ ଦୁର୍ବୃତ୍ତ ଅନନ୍ତପୁର ସରପଞ୍ଚ ଶକ୍ତିକାନ୍ତ ସାହୁଙ୍କୁ ଆକ୍ରମଣ କରି ଟଙ୍କା ଓ ସୁନା ବ୍ରେସ୍‌ଲେଟ୍ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏପରି କି ଟେକା ମାଡ଼ରେ ସରପଞ୍ଚଙ୍କ କାର କାଚ ଭାଙ୍ଗିଯାଇଛି। ସ୍ଥାନୀୟ କାରଖାନାରୁ ଆସ୍‌ପଣ୍ଡ୍ ଚାଲାଣ ହେଉଥିବା ନେଇ ଶକ୍ତିକାନ୍ତ ରବିବାର ରାତିରେ ଖୁଣ୍ଟୁଣୀ ଥାନାକୁ ଅଭିଯୋଗ କରିବା ପାଇଁ ଯାଇଥିଲେ। ସେଠାରୁ ନିଜ କାରରେ ଘରକୁ ଫେରୁଥିବାବେଳେ ନଇମାଳଠାରେ କେତେଜଣ ଯୁବକ ତାଙ୍କୁ ଆକ୍ରମଣ କରି ୨୩ ହଜାର ଟଙ୍କା ଓ ୩ ଭରି ଓଜନର ଏକ ସୁନା ବ୍ରେସ୍‌ଲେଟ୍ ଲୁଟି ନେଇଥିଲେ। ଏନେଇ ସେ ସୋମବାର ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ସରପଞ୍ଚଙ୍କ ବିରୋଧରେ ସମ୍ପୃକ୍ତ ଯୁବକମାନେ ଖୁଣ୍ଟୁଣୀ ଥାନାରେ ପାଲଟା ଅଭିଯୋଗ କରିଛନ୍ତି।

୧.୫ ଲକ୍ଷ ଟଙ୍କାରେ ଇ-ବର୍ଜ୍ୟ ବିକିଲା ବିଏମ୍‌ସି

ଭୁବନେଶ୍ୱର, ୨୩।୯ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସଂଗୃହୀତ ଇଲେକ୍ଟ୍ରୋନିକ୍ ବର୍ଜ୍ୟକୁ ସ୍ୱୀକୃତିପ୍ରାପ୍ତ ରିସାଇକ୍ଲିଂ ସଂସ୍ଥାକୁ ବିକ୍ରି କରାଯାଇଛି। ଏ ବାବଦରେ ୧.୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମିଳିଛି। ଗତ ୬ମାସ ମଧ୍ୟରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରୁ ସଂଗୃହୀତ ହୋଇଥିବା ଏହି ଇ-ବର୍ଜ୍ୟଗୁଡିକ ମଧ୍ୟରେ ବିଦ୍ୟୁତ୍ ବଲ୍‌ବ, କେବୁଲ୍, ଟିଭି, ଲାପଟପ୍, ମୋବାଇଲ, ଇଣ୍ଡକ୍ସନ୍ ଚୁଲା, ମଶାଧୂପ ଦେବା ରିଫିଲ, ମଶାମରା ବ୍ୟାଟ୍ ଆଦି ରହିଛି। ପ୍ରତି ଶନିବାର ୪୩୫ଟି ସଫେଇ ଗାଡିରେ ଥିବା ସ୍ୱତନ୍ତ୍ର ଇ-ବର୍ଜ୍ୟ ଡଷ୍ଟବିନ୍‌ରେ ଏହି ବର୍ଜ୍ୟ ସ୍ୱଚ୍ଛକର୍ମୀଙ୍କ ଦ୍ୱାରା ସଂଗୃହୀତ ହେଉଛି। ପ୍ରତି ଗାଡ଼ିରେ ଜଣେ ଡ୍ରାଇଭରଙ୍କ ସହ ଦୁଇଜଣ ସହାୟକ ଯାଉଛନ୍ତି। ଯେଉଁ ଅଞ୍ଚଳକୁ ଗାଡି ଯାଇପାରୁ ନାହିଁ, ସେ ଅଞ୍ଚଳରୁ ଟ୍ରଲି ଜରିଆରେ ସମସ୍ତ ପ୍ରକାର ବର୍ଜ୍ୟ ସଂଗ୍ରହ କରାଯାଉଛି। ଏହି ଇ-ବର୍ଜ୍ୟ ଭୁବନେଶ୍ୱରର ସମୁଦାୟ ୨୨ଟି ୱେଲ୍‌ଥ ସେଣ୍ଟରରେ ସଂଗୃହୀତ ହୋଇ ରହୁଛି। ପରେ ଏହିସବୁ ବର୍ଜ୍ୟର ବର୍ଗୀକରଣ କରାଯାଉଛି। ଇ-ବର୍ଜ୍ୟକୁ ଟେଣ୍ଡର ଯୋଗେ ସ୍ୱୀକୃତିପ୍ରାପ୍ତ ସଂସ୍ଥାକୁ ଦିଆଯାଉଛି। କେବଳ ଶନିବାର ଦିନ ସଫେଇଗାଡ଼ିକୁ ଇ-ବର୍ଜ୍ୟ ଦେବାପାଇଁ ନାଗରିକମାନଙ୍କୁ ଅନୁରୋଧ କରାଯାଉଛି। ବର୍ଜ୍ୟ ସଂଗ୍ରହ କରୁଥିବା ବିଭିନ୍ନ ସଂସ୍ଥା ଓ ସ୍ୱେଚ୍ଛାସେବୀ ସଂଗଠନ ୬୭ଟି ୱାର୍ଡରୁ ଇ-ବର୍ଜ୍ୟ ସଂଗ୍ରହ କରୁଛନ୍ତି। ଅପରପକ୍ଷେ ଜନସାଧାରଣ ସଚେତନ ହୋଇ ବିଏମ୍‌ସି ଗାଡ଼ିକୁ ଇ-ବର୍ଜ୍ୟ ଦେଉଥିବାରୁ ଏନେଇ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ୍ ସହରବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି।

ସିରିଜ୍ ଦୁର୍ଘଟଣାରେ ୩ କାର୍ କ୍ଷତିଗ୍ରସ୍ତ, ୨ ଆହତ

ବାରଙ୍ଗ/ତ୍ରିଶୂଳିଆ,୨୩।୯

(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ଦୁର୍ଘଟଣାଗ୍ରସ୍ତ ୩ କାର୍।

ଗୋଡ଼ିସାହି ଫାଣ୍ଡି ଅଧୀନ କାଳିଆଷଣ୍ଢ ମନ୍ଦିର ସମ୍ମୁଖରେ ସୋମବାର ଅପରାହ୍ନରେ ସିରିଜ୍ ଦୁର୍ଘଟଣାରେ ୩ଟି କାର୍ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ୨ଟି କାର୍‌ରେ ଥିବା ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଖବରପାଇ ଗୋଡ଼ିସାହି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଗାଡ଼ି ଜବତ କରି ତଦନ୍ତ ଚଳାଇଛି। ସିରିଜ୍ ଦୁର୍ଘଟଣା ଘଟାଇଥିବା ନିଶାସକ୍ତ କାର୍ ଚାଳକ ଓ କାର୍‌ରେ ଥିବା ଅନ୍ୟମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସୂଚନା ମୁତାବକ, ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ତ୍ରିଶୂଳିଆ ପଟୁ ଏକ କାର୍ (ଓଡ଼ି ୧୯ ଆର୍ ୦୪୩୯) ଗୋବିନ୍ଦପୁର ଅଭିମୁଖେ ଦ୍ରୁତ ଗତିରେ ଆସୁଥିଲା। କାର୍‌ଟି କାଳିଆଷଣ୍ଢ ମନ୍ଦିର ସମ୍ମୁଖରେ ବଡ଼ଗଡ଼ ବ୍ରିଟ୍ କଲୋନିକୁ ଯାଉଥିବା ବୃଦ୍ଧ ଦମ୍ପତିଙ୍କ (ଓଡ଼ି ୦୨ ସିଏଫ୍ ୨୯୫୨) କାର୍‌କୁ ଧକ୍କା ଦେଇଥିଲା। ପରେ ସାମ୍ନାରୁ ଆସୁଥିବା ଆଉ ଏକ ଯାତ୍ରୀବାହୀ କାର୍ (ଓଡ଼ି ୩୩ ଏଏଲ୍ ୪୮୯୬)କୁ ଧକ୍କା ଦେଇଥିଲା। ଘଟଣାରେ ପ୍ରଥମ କାର୍‌ର ସମ୍ମୁଖ ଭାଗ ଭାଙ୍ଗି ଯାଇଥିବାବେଳେ କାର୍‌ରେ ଥିବା ବୃଦ୍ଧାଙ୍କ ଛାତିରେ ଆଘାତ ଲାଗିଥିଲା। ଏଥିରେ ଦ୍ୱିତୀୟ କାର୍‌ରେ ଥିବା ଜଣେ ମହିଳାଙ୍କ ମୁଣ୍ଡ ଫାଟିଯାଇଛି। ଅନ୍ୟପଟେ ପୋଲିସ ଘଟଣାସ୍ଥଳରୁ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

ଗୋରୁ ବୋଝେଇ ଗାଡ଼ି ଜବତ, ୨ ଅଟକ

ବାରଙ୍ଗ/ତ୍ରିଶୂଳିଆ,୨୩।୯(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ମୁଣ୍ଡଳୀ ନୂଆସାହି ମହାନଦୀ ବନ୍ଧ ରାସ୍ତାରୁ ସୋମବାର ଭୋର ସମୟରେ ଗୋଡିସାହି ଫାଣ୍ଡି ପୋଲିସ ଏକ ଗୋରୁ ବୋଝେଇ ଗାଡ଼ିକୁ ଜବତ କରିଛି। ଏଥିସହ ଗାଡ଼ି ଚାଳକ ଓ ସହଯୋଗୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଗାଡ଼ିରେ ଥିବା ୬ ଗୋରୁଙ୍କୁ ପୋଲିସ ଉଦ୍ଧାର କରିଛି। ଗାଡ଼ି (ଓଡି ୦୫ ଏଡବ୍ଲୁ ୦୭୯୦)ଟି ଆଠଗଡ଼-ବାଙ୍କୀ -ଭାୟା -ମୁଣ୍ଡଳୀ ହୋଇ ବାରଙ୍ଗ ପଟକୁ ଆସୁଥିବାବେଳେ କେହି ଦୁର୍ବୃତ୍ତ ଗାଡ଼ିକୁ ଅଟକାଇ ଥିବା ଅନୁମାନ କରାଯାଉଛି। ଉକ୍ତ ଗାଡ଼ିଟିର ସମ୍ମୁଖ କାଚ ଭାଙ୍ଗି ଯାଇଥିଲା। ଏହାସହ ଗାଡ଼ିରେ ବନ୍ଧା ହୋଇଥିବା ଗୋରୁଙ୍କୁ ଫିଟାଇ ଦିଆଯାଇଥିଲା। ଖବର ପାଇ ଗୋଡିସାହି ଫାଣ୍ଡି ପୋଲିସ ପହଞ୍ଚି ଗୋରୁ ଚାଲାଣ ଗାଡ଼ିକୁ ଜବତ କରିଛି। ସୂଚନାଯୋଗ୍ୟ, ବାଙ୍କୀ-ବାରଙ୍ଗ ମୁଖ୍ୟରାସ୍ତାରେ ପୋଲିସ ପକ୍ଷରୁ ନିୟମିତ ଯାଞ୍ଚ ହେଉ ନ ଥିବାରୁ ଏହି ରାସ୍ତାକୁ ଗୋରୁ ବେପାରୀମାନେ ନିରାପଦ ଓ ସୁରକ୍ଷିତ ମଣିଛନ୍ତି। ଗତ ୫ ତାରିଖ ସକାଳେ ପୋଲିସ ଏକ ଗୋରୁ ବୋଝେଇ ଗାଡ଼ି ଜବତ କରି ସେଥିରେ ଥିବା ୪ ଷଣ୍ଢ ଓ ୬ ଗାଈଙ୍କୁ ଉଦ୍ଧାର କରିଥିଲା।

'ସଂକେତ - ମୋ ଭାଷା' ପ୍ରକଳ୍ପ ଉଦ୍‌ଘାଟିତ

ଭୁବନେଶ୍ୱର, ୨୩।୯ (ବନ୍ଦନା ସେଠୀ)

ଆଜି ଓଡ଼ିଶା ସରକାର, ଅଲ୍ଲୀ ଯାଭର ଜଙ୍ଗ ଜାତୀୟ ଶ୍ରବଣବାଧିତ ଇନ୍‌ଷ୍ଟିଚ୍ୟୁଟ୍ (ଏୱାଇଜେଏନ୍‌ଆଇଏସ୍‌ଏଚ୍‌ଡି) ଏବଂ ଓଡ଼ିଶା ରାଇଜିଂ ଫାଉଣ୍ଡେଶନ ପକ୍ଷରୁ 'ସଂକେତ-ମୋ ଭାଷା' ପ୍ରକଳ୍ପ ସୋମବାର ଝାଁଳାସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ପରିସରର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶାରେ ସାଂକେତିକ ଭାଷାର ପ୍ରଚାର କରିବା ଓ ଶ୍ରବଣବାଧିତ ସମ୍ପ୍ରଦାୟକୁ ସଶକ୍ତ କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ଏସ୍‌ଏସ୍‌ଇପିଡି ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ଯୋଗଦେଇ, ଅକ୍ଷମତା ଅନ୍ତର୍ଭୂକ୍ତିକୁ ନେଇ ସରକାରଙ୍କ ନିରନ୍ତର ପ୍ରୟାସ ଉପରେ ଆଲୋକପାତ କରିଥିଲେ। ଏହି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ୧୦୦ଜଣ ସାଙ୍କେତିକ ଭାଷା ଅନୁବାଦକ ପ୍ରସ୍ତୁତ ହେବେ ଏବଂ ୫୫ଟି ସ୍କୁଲରେ ୮୪୦୦ରୁ ଅଧିକ ଅଭିଭାବକ ଓ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି କହିଥିଲେ। ଏହି ଅବସରରେ ଓଡ଼ିଶା ରାଇଜିଂ ଫାଉଣ୍ଡେଶନ ଅଧ୍ୟକ୍ଷ ଅକ୍ଷୟ ସାଗର ପ୍ରକଳ୍ପର ସମ୍ପୂର୍ଣ୍ଣ ବିବରଣୀ ଦେଇଥିଲେ। କାର୍ଯ୍ୟକ୍ରମରେ ଏୱାଇଜେଏନ୍‌ଆଇଏସ୍‌ଏଚ୍‌ଡି-ଡିଆର୍‌ସି ଝାଁଳାର ଉପନିର୍ଦ୍ଦେଶକ ଡା. ଲାନୁୱାନବୟ, ଏସ୍‌ଏସ୍‌ଇପିଡିର ଅତିରିକ୍ତ ଶାସନ ସଚିବ ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ମଣିପାଲ ହସ୍ପିଟାଲ ପକ୍ଷରୁ ଗଡ଼ିଲା 'ହୃଦୟ ଆରୋଗ୍ୟ ରଥ'

ଭୁବନେଶ୍ୱର,୨୩।୯

(ଅନୁରାଧା ମହାରଣା)

ଖଣ୍ଡଗିରିସ୍ଥିତ ମଣିପାଲ୍ ହସ୍ପିଟାଲ ପକ୍ଷରୁ 'ହୃଦୟ ଆରୋଗ୍ୟ ରଥ' ଗଡ଼ିଛି। ସୋମବାର ବିଏମ୍‌ସି ମେୟର ସୁଲୋଚନା ଦାସ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିବାବେଳେ ସେପ୍ଟେମ୍ବର ୨୯ ଯାଏ ହୃଦ୍‌ରୋଗର ପ୍ରକାରଭେଦ, ଏହାର କାରଣ, ଲକ୍ଷଣ ଏବଂ ପ୍ରତିକାର ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବ। ହସ୍ପିଟାଲ ପକ୍ଷରୁ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ବିଜେତାଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ ନେଇ ଯୋଜନା ରହିଛି। ଏହି ଅଭିଯାନ ସମ୍ପର୍କରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର କହିଛନ୍ତି, ପ୍ରାଥମିକ ଭାବେ ଖୋର୍ଦ୍ଧା, କଟକ ଓ ପୁରୀ ଲୋକଙ୍କୁ ସଚେତନ କରାଯିବ ଏବଂ ପରବର୍ତ୍ତୀ ସମୟରେ ଏହା ଓଡ଼ିଶାର ବିଭିନ୍ନ ଜିଲାକୁ ଅଗ୍ରସର ହେବ। ସ୍ୱାସ୍ଥ୍ୟ ସଚେତନ ହୋଇପାରିଲେ ବିଭିନ୍ନ ପ୍ରକାର ହୃଦ୍‌ରୋଗଠାରୁ ସୁରକ୍ଷିତ ରହିପାରିବା ବୋଲି ଡା. ମହାପାତ୍ର ମତ ରଖିଛନ୍ତି। ଏହି ଜନସଚେତନତା କାର୍ଯ୍ୟକ୍ରମରେ ମଣିପାଲ ହସ୍ପିଟାଲର ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ଯଯାତି କେଶରୀ ପାଢ଼ୀ, ଡାକ୍ତର ଲିଙ୍ଗରାଜ ନାଥ, ଡାକ୍ତର ମହେଶ ପ୍ରସାଦ ଅଗ୍ରୱାଲ, ଡାକ୍ତର ଦିବ୍ୟରଞ୍ଜନ ବେହେରା, ଡାକ୍ତର ପ୍ରଦୀପ କୁମାର ଦାଶଙ୍କ ସମେତ ବରିଷ୍ଠ ହୃଦ୍‌ଶଲ୍ୟ ବିଶେଷଜ୍ଞ ଡାକ୍ତର ଜିତେନ୍ଦ୍ର ନାଥ ପଟ୍ଟନାୟକ, ଡାକ୍ତର ବିଶ୍ୱଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ବ୍ଲାକ୍ ଲିଷ୍ଟେଡ୍ କମ୍ପାନୀକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଅଭିଯୋଗ

ତଦନ୍ତ ଦାବି କଲା ଦୁର୍ନୀତି ବିରୋଧୀ ଛାତ୍ର ସଂଗଠନ

ଭୁବନେଶ୍ୱର,୨୩।୯

(ଅନୁରାଧା ମହାରଣା)

ଖବରଦାତା ସମ୍ମିଳନୀରେ ଦୁର୍ନୀତି ବିରୋଧୀ ଛାତ୍ର ସଙ୍ଗଠନର ଆବାହକ ବିଶ୍ୱ ଭୂଷଣ ମହାପାତ୍ର ଅଭିଯୋଗ କରୁଛନ୍ତି।

ରାଜ୍ୟରେ ସରକାରୀ ପଦପଦବୀରେ ବ୍ୟାପକ ଦୁର୍ନୀତି ଅଭିଯୋଗ ଆଣିଛି ଦୁର୍ନୀତି ବିରୋଧୀ ଛାତ୍ର ସଂଗଠନ। ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଗଠନର ଆବାହକ ବିଶ୍ୱ ଭୂଷଣ ମହାପାତ୍ର କହିଛନ୍ତି, ଏଠି ଟଙ୍କା ଦେଲେ ସରକାରୀ ଚାକିରି ମିଳୁଛି। ବ୍ଲାକ୍ ଲିଷ୍ଟେଡ୍ କମ୍ପାନୀକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯାଉଛି। 'ଟଙ୍କା ଦିଅ, ଚାକିରି ନିଅ'କୁ ସରକାରଙ୍କ ନୂଆ ଯୋଜନା ବୋଲି ଅଭିହିତ କରି ସେ କହିଛନ୍ତି, ଗତ ୨୦ ତାରିଖରୁ ଆର୍‌ଆଇ, ଏଆର୍‌ଆଇ, ଅମିନ ପଦବୀରେ ନିଯୁକ୍ତି ପାଇଁ ପରୀକ୍ଷା ଆରମ୍ଭ ହୋଇଛି। ରାଜ୍ୟରେ ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଆବେଦନ କରିଛନ୍ତି। ସେଣ୍ଟର ଚୟନଠାରୁ ଆରମ୍ଭ କରି ବିଭିନ୍ନ ଦିଗରେ ଦୁର୍ନୀତି ଗନ୍ଧ ବାରିହେଉଛି। ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ସିବିଆଇ ଦ୍ୱାରା ୧୭ଜଣ ଗିରଫ ହେବା ପରେ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ବ୍ଲାକଲିଷ୍ଟେଡ୍ ହୋଇଥିବା ସଂସ୍ଥା ସିଆଇଏଫ୍‌ୱାଇ ଟେକ୍ନୋଲୋଜିକୁ ପରୀକ୍ଷା ପରିଚାଳନା ଦାୟିତ୍ୱ କିପରି ଦିଆଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ସଂସ୍ଥା ସେଣ୍ଟର ଚୟନ ପାଇଁ ସାଇ ଏଡୁକେୟାରକୁ ଦାୟିତ୍ୱ ଦେଇଥିବାବେଳେ ସଂସ୍ଥା ୪୦ଟି ସେଣ୍ଟର ଚୟନ କରିଛି। ଏଥିରେ ରମାଦେବୀ, ଉତ୍କଳ, ବିଜେବି ଭଳି ବଡ଼ ଶିକ୍ଷାନୁଷ୍ଠାନ ପରିବର୍ତ୍ତେ ୬ ମାସରୁ ବର୍ଷେ ମଧ୍ୟରେ ଗଢ଼ିଉଠିଥିବା ଶିକ୍ଷାନୁଷ୍ଠାନକୁ ସାମିଲ କରାଯିବା ସନ୍ଦେହଜନକ। ସୋସିଆଲ ମିଡିଆରେ ଦଲାଲଙ୍କ ନାମ, ସେଣ୍ଟର ଦାମ ସହିତ ମୂଳଚାଲ ଦାମ ୧୫ରୁ ୨୦ଲକ୍ଷ ଟଙ୍କା ଲେଖାଥିବା ପୋଷ୍ଟ ଘୂରି ବୁଲୁଥିବାବେଳେ ଏଥିପ୍ରତି କିପରି ଓଏସ୍‌ଏସ୍‌ଏସ୍‌ସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ ବୋଲି ମହାପାତ୍ର ପ୍ରଶ୍ନ କରିଛନ୍ତି। ନିଯୁକ୍ତି ଅପେକ୍ଷାରେ ହଜାର ହଜାର ଆଶାର୍ଥୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଘଟଣାକୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ସେ ଦାବି କରିଛନ୍ତି। ଅଭିଯୋଗ ନେଇ ଓଏସ୍‌ଏସ୍‌ଏସ୍‌ସି କିମ୍ବା ସିଆଇଏଫ୍‌ୱାଇ ଟେକ୍ନୋଲୋଜି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରୁ ନାହିଁ।

ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୩।୯।୨୦୨୪

୫,୩୯,୬୪୩ ଟଙ୍କା	
ସୁନା	୧.୩୦୦ ଗ୍ରାମ୍
ରୁପା	୪୦୫.୭୦୦ ଗ୍ରାମ୍

‘ଦୁର୍ନୀତିରେ ବୁଡ଼ିରହିଛି ଅଧିକାଂଶ ବିଭାଗ’

■ ଉଦ୍ୟାନ ବିଭାଗରେ ୧୨ଲକ୍ଷ ଟଙ୍କା ହେରଫେର ଅଭିଯୋଗ

■ ସତ୍ୟବାଦୀ ପଞ୍ଚାୟତ ସମିତି ବୈଠକରେ ଉଦ୍‌ବେଗ, ହୋହଲ୍ଲା

ପଞ୍ଚାୟତ ସମିତି ବୈଠକରେ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଓ ଅନ୍ୟମାନେ ।

ସାକ୍ଷୀଗୋପାଳ,୨୩।୯(ଭରତ ରାଉତ/ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ପଞ୍ଚାୟତ ସମିତିର ଷଷ୍ଠତମ ବୈଠକ ସୋମବାର ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିବାବେଳେ ଉପାଧ୍ୟକ୍ଷା ନିବେଦିତା ପାତ୍ର, ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବିଡିଓ ଲିପ୍ସା ରାୟ, ତହସିଲଦାର ଆଲୋକ କୁମାର ଦେହୁରୀ, ଥାନା ଅଧିକାରୀ ଉମେଶ ସାହୁ, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ନାରାୟଣ ରାଉତରାୟ, ସଭ୍ୟା ବିଷ୍ଣୁପ୍ରିୟା ବରାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଉଦ୍ୟାନ ବିଭାଗରେ ୧୨ ଲକ୍ଷ ଟଙ୍କା ହେରଫେର ସମେତ ବିଭିନ୍ନ କ୍ଷେତ୍ରରେ ଦୁର୍ନୀତି ହୋଇଥିବା ଅଧିକାଂଶ ସଦସ୍ୟ ଅଭିଯୋଗ ଆଣି ଉଦ୍‌ବେଗ ପ୍ରକାଶ ସହ ହୋହଲ୍ଲା କରିଥିଲେ।

ମହୁରା ସମିତି ସଭ୍ୟ ପ୍ରେମାନନ୍ଦ ପାତ୍ର କହିଥିଲେ ଯେ, ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ସମ୍ପର୍କରେ ସମିତି ସଭ୍ୟସଭ୍ୟାଙ୍କୁ କାହିଁକି ଅବଗତ କରାଯାଉନାହିଁ। ଏହାକୁ ଜୟପୁର ସମିତି ସଭ୍ୟ ଦୀପକ ଶତପଥୀ ଏବଂ ଅନ୍ୟମାନେ ସମର୍ଥନ କରିଥିଲେ। ସିଡିପିଓ ରାଜଲକ୍ଷ୍ମୀ ଦାସଙ୍କ ଉତ୍ତରକୁ ନେଇ ଗୃହରେ କିଛି ସମୟ ପାଇଁ ହୋହଲ୍ଲା ହୋଇଥିଲା। ଶେଷରେ ବ୍ଲକ ଅଧ୍ୟକ୍ଷ ପଣ୍ଡା ଓ ବିଧାୟକଙ୍କ ହସ୍ତକ୍ଷେପ ଫଳରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସେହିପରି ସୁଭଦ୍ରା ଯୋଜନା କାର୍ଯ୍ୟକ୍ରମରେ ସେମାନଙ୍କୁ କାହିଁକି ଚିଠି କରାଯାଇନାହିଁ ବୋଲି ସରପଞ୍ଚମାନେ ପ୍ରଶ୍ନ କରିଥିଲେ। ନୂଆ ସୋମେଶ୍ୱରପୁର ସରପଞ୍ଚ ପ୍ରଶାନ୍ତ ପାଣି, ଶ୍ରୀରାମଚନ୍ଦ୍ରପୁର ସରପଞ୍ଚ ଜିତେନ୍ଦ୍ର ବେହେରା ପ୍ରମୁଖ ପାନୀୟଜଳ ସମସ୍ୟା ଉପରେ ପ୍ରଶ୍ନ କରିଥିଲେ। ଏହାକୁ ନେଇ ସରଗରମ ଆଲୋଚନା ହୋଇଥିଲା। ବରାଳ ମେଗା ପାନୀୟଜଳ ପ୍ରକଳ୍ପ କାମ କେବେ ସରିବ ତାହା କେହି କହି ପାରିନଥିଲେ। ଶ୍ରୀରାମଚନ୍ଦ୍ରପୁର, ନରେନ୍ଦ୍ରପୁର, ମୂଳଅଳସା ପଞ୍ଚାୟତକୁ କେବେ ମେଗା ପାନୀୟଜଳ ଯୋଗାଣ ହେବ ବୋଲି ବ୍ଲକ ଅଧ୍ୟକ୍ଷ ପ୍ରଶ୍ନ ଉଠାଇଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ସମସ୍ୟା ଲାଗିରହିଛି। ପାଣିଛତ୍ର, ଗବକୁଣ୍ଡ, ଅଳଗୁମ ଏବଂ ଶୁକଳ ଡାକ୍ତରଖାନାକୁ ନିୟମିତ ଭାବେ ଡାକ୍ତର ଆସୁନାହାନ୍ତି। ଫଳରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜିଲାପରିଷଦ ସଦସ୍ୟ ରତିକାନ୍ତ ମିଶ୍ର କହିଥିଲେ, ଏରିଆ ମେଡିକାଲରୁ ଯେଉଁ ନମୁନା ସଂଗ୍ରହ କରାଯାଇ ଭୁବନେଶ୍ୱର ପଠାଯାଉଛି ତା’ର ରିପୋର୍ଟ ଠିକ ଆସୁନାହିଁ। ସେହିପରି ବ୍ଲିଚିଂ ପାଉଡର ମିଳୁନାହିଁ ବୋଲି ସେ କହିଥିଲେ। ମହୁରା ସମିତି ସଭ୍ୟ ବେହେରା କହିଥିଲେ, ନଡ଼ିଆ ଚାରା, ଧନିଆ ଓ ଲଙ୍କା କିଟ୍ ସହିତ ୪ ହଜାର ଟଙ୍କା ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଦିଆଗଲା। ତେବେ ସେମାନଙ୍କୁ ଚାଷୀ ବୋଲି କିଏ ଚିହ୍ନଟ କରିଛନ୍ତି ବୋଲି ସେ ପ୍ରଶ୍ନ ଉଠାଇଥିଲେ। କୃଷି ଓ ଉଦ୍ୟାନ ବିଭାଗରେ ଦୁର୍ନୀତି ହୋଇଥିବା ବିଭିନ୍ନ ପଞ୍ଚାୟତର ପ୍ରତିନିଧିମାନେ ଅଭିଯୋଗ ଆଣିଥିଲେ। ଉଦ୍ୟାନ ବିଭାଗରେ ୧୨ଲକ୍ଷ ଟଙ୍କା ହେରଫେର ହୋଇଥିବା ମହୁରା ସରପଞ୍ଚ ବେହେରା ଅଭିଯୋଗ ଆଣିଥିବାବେଳେ ଏହାକୁ ଜୟପୁର ଓ ବିଶ୍ୱନାଥପୁର ସରପଞ୍ଚଙ୍କ ସମେତ ଅନେକ ପଞ୍ଚାୟତ ପ୍ରତିନିଧି ସମର୍ଥନ କରିଥିଲେ। ପରଜାପଡ଼ା ସମିତି ସଭ୍ୟ କହିଥିଲେ, ନଡ଼ିଆ ଚାଷ ପାଇଁ ସାକ୍ଷୀଗୋପାଳ ବେଶ୍ ଜଣାଶୁଣା। ମାତ୍ର ଏବେ ନଡ଼ିଆ ଚାଷ ଉଜୁଡ଼ିବାକୁ ବସିଲାଣି। ସେହିପରି ସୁକଳ ସମିତି ସଭ୍ୟ ବସନ୍ତ ବିଶ୍ୱାଳ କହିଥିଲେ ଯେ, ତାଙ୍କ ପଞ୍ଚାୟତରେ ଶିକ୍ଷକ ଅଭାବ ସମସ୍ୟା ରହିଛି। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଅଘୋଷିତ ବିଦ୍ୟୁତ କାଟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଅଧିକାଂଶ ପଞ୍ଚାୟତରେ ଆଲୋକୀକରଣ ବ୍ୟବସ୍ଥା ଅଚଳ ହୋଇପଡ଼ିଥିବା ସଦସ୍ୟ ପ୍ରେମାନନ୍ଦ ବେହେରା ଓ ଦେବୀ ପ୍ରସାଦ ଘଟୁଆରୀ ଅଭିଯୋଗ କରିଥିଲେ। ଶେଷରେ ସମସ୍ତେ ଏକାଠି ହୋଇ ସତ୍ୟବାଦୀର ଉନ୍ନତି ପାଇଁ କାମ କରିବାକୁ ବିଧାୟକ ଆହ୍ୱାନ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ୨ ଘଣ୍ଟା ତାଲା

ଗୋପ,୨୩।୯(ଭାରତୀ ଭୂଷଣ ଉପାଧ୍ୟାୟ)

■ ମାଙ୍କଡ଼ ଆକ୍ରମଣରେ ୩ ଗୁରୁତର

■ ସରପଞ୍ଚଙ୍କ ଅଭିଯୋଗ ସତ୍ତ୍ୱେ ଆସିଲାନି ବନ ବିଭାଗ

ଗୋପ ବ୍ଲକ ଅଧୀନ ପୟରା ଗ୍ରାମରେ ହନୁ ମାଙ୍କଡ଼ ଆତଙ୍କ ଦେଖାଦେଇଛି। ସୋମବାର ଏହି ମାଙ୍କଡ଼ ଆତଙ୍କକୁ ନେଇ ଦୀର୍ଘ ୨ ଘଣ୍ଟା ଧରି ନୀଳକଣ୍ଠେଶ୍ୱର ନୋଡାଲ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ତାଲା ପକାଇ ରଖାଯାଇଥିଲା। କିନ୍ତୁ ସ୍କୁଲ ସଭାପତିଙ୍କ ସମେତ ୩ ଜଣଙ୍କୁ ମାଙ୍କଡ଼ ଆକ୍ରମଣ କରିଥିବାରୁ ୨ ଜଣ ଗୁରୁତର ହୋଇ ଭୁବନେଶ୍ୱର ୬ ନଂ. ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଅନ୍ୟ ଜଣେ ଚାରିଛକ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଏପରି ମାଙ୍କଡ଼ ଆକ୍ରମଣକୁ ନେଇ ପୟରା ସରପଞ୍ଚ ସୁମନ୍ତ ନାୟକ ଗୋପ ବନ ବିଭାଗକୁ ଜଣାଇଥିଲେ ମଧ୍ୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପାରି ନ ଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ୨ ସପ୍ତାହ ଧରି ଗୋଟିଏ ଅଣ୍ଡିରା ହନୁ ମାଙ୍କଡ଼ ବିଭିନ୍ନ ସ୍ଥାନରେ ଲୋକଙ୍କୁ କାମୁଡ଼ିବାକୁ ଗୋଡ଼ାଉଥିଲା। ସୋମବାର ଅପରାହ୍ନରେ ଏହି ମାଙ୍କଡ଼ ନୀଳକଣ୍ଠେଶର ସ୍କୁଲ ନିକଟରେ କାମୁଡ଼ିବାକୁ ଗୋଡ଼ାଇବାରେ ସ୍କୁଲ ପ୍ରଧାନଶିକ୍ଷକ ଧ୍ରୁବ ଚରଣ ପ୍ରଧାନ ଭୟଭୀତ ହୋଇ ଛାତ୍ରୀଛାତ୍ରଙ୍କୁ ତାଲା ପକାଇ ଦେଇଥିଲେ। ଖବର ପାଇ ସ୍କୁଲ ପରିଚାଳନା କମିଟି ସଭାପତି ସ୍ମୃତିରଞ୍ଜନ ନାୟକ ସ୍କୁଲରେ ପହଞ୍ଚିବା ସମୟରେ ମାଙ୍କଡ଼ ସଭାପତିଙ୍କୁ ଆକ୍ରମଣ କରିଥିଲା। ପରେ ସେହି ଗ୍ରାମର ଶୁଭକାନ୍ତ ନାୟକ, ଲତା ବିଶ୍ୱାଳଙ୍କୁ ମଧ୍ୟ ମାଙ୍କଡ଼ କାମୁଡ଼ି ରକ୍ତାକ୍ତ କରିଥିଲା। ରକ୍ତାକ୍ତ ଅବସ୍ଥାରେ ୩ ଜଣଙ୍କୁ ଚାରିଛକ ଡାକ୍ତରଖାନା ନିଆଯିବା ପରେ ସ୍ମୃତିରଞ୍ଜନ ଓ ଶୁଭକାନ୍ତଙ୍କୁ ଭୁବନେଶ୍ୱର ୬ନଂ. ଡାକ୍ତରଖାନା ପଠାଯାଇଛି। ମହିଳା ଲତା ବିଶ୍ୱାଳ ଚିକିତ୍ସାଧୀନ ଅଛନ୍ତି। କିନ୍ତୁ ସରପଞ୍ଚଙ୍କ ଅଭିଯୋଗ ପରେ ମଧ୍ୟ ବନ ବିଭାଗ ଗ୍ରାମରେ ପହଞ୍ଚି ନ ଥିବାବେଳେ ଗାଁରେ ଏବେ ଆତଙ୍କ ଲାଗି ରହିଛି।

ନୃତ୍ୟ, ଗୀତ ହେଉଛି ଜୀବନର ଆବଶ୍ୟକତା

ପୁରୀ,୨୩।୯(ଅଜିତ୍ କୁମାର ମହାନ୍ତି)

ବଡ଼ଦାଣ୍ଡସ୍ଥ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ସୋମବାର ଶ୍ରୀଧାମ କଲଚରାଲ ଏକାଡେମୀ ଏବଂ ରୁଦ୍ରାଣୀ ପ୍ରଡକ୍ସନ ପକ୍ଷରୁ ସୁନ୍ଦରୀ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଡ୍ୟାନ୍ସ ପୁରୀ ଡ୍ୟାନ୍ସ, ଚିତ୍ରାଙ୍କନ, ଭଏସ୍ ଅଫ୍ ପୁରୀ ଏବଂ ଗୃହିଣୀ ନଂ-୧ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାକୁ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଉଦ୍‌ଘାଟନ କରିଥିଲେ। ନୃତ୍ୟ, ଗୀତ ହେଉଛି ଜୀବନର ନିହାତି ଆବଶ୍ୟକତା ଓ ଏଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଖୁଣ୍ଟିଆ କହିଥିଲେ। ସମ୍ମାନିତ ଅତିଥି ରୂପେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ସମାଜସେବୀ ଡ. ଷ୍ଟାଲିନ ପରିଜା, ରବିଶଙ୍କର ପ୍ରତିହାରୀ, ଅଳି ରଥ, ଭଗବାନ ସୁଆର, ରାଜେଶ ମିଶ୍ର, ରୋଜାଲିନ ନାୟକ, ବିନୋଦିନୀ ଦାସ, ଡ. ଚାରୁବାଳା ଦାସ ଏବଂ ଓଡ଼ିଶା ସାମ୍ବାଦିକ ସଂଘର ଜିଲା ସଭାପତି ବିଜୟ ମିଶ୍ର ଯୋଗଦେଇ ଦେଶ ବିଦେଶରେ ପୁରୀର କଳା, ସଂସ୍କୃତି, ନୃତ୍ୟ ଓ ଗୀତ ଖ୍ୟାତି ଆଣିଛି ବୋଲି କହିଥିଲେ। ଲଲାଟେନ୍ଦୁ ମିଶ୍ର ଓ ଦେବସ୍ମିତା ମିଶ୍ରଙ୍କ ମଞ୍ଚ ସଞ୍ଚାଳନାରେ ଅନେକ କାର୍ଯ୍ୟକ୍ରମ ହୋଇଥିଲା। ବିଚାରକ ଭାବେ ବାବୁ ସାର୍, ହରେକୃଷ୍ଣ ସାର୍, ମନୀଷା ମହାନ୍ତି, ବୁବୁନ ମିଶ୍ର, ମାମାଲି ମିଶ୍ର, ଯଜ୍ଞଦତ୍ତ ଦାସ ଯୋଗଦେଇଥିଲେ। ସମ୍ପାଦିକା ବନିତା ବାରିକ, ସନ୍ତୋଷ ବାରିକ, ଲକ୍ଷ୍ମୀପ୍ରିୟା ଦେ, ନମିତା ମଞ୍ଜରୀ ଶତପଥି, ନିବେଦିତା ମିଶ୍ର, ସୁନିତା ବାରିକ ଏବଂ ଅନୁଷ୍ଠାନର ସଭ୍ୟାସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

କବି ହରିହର ମିଶ୍ରଙ୍କ ବିୟୋଗରେ ଶୋକସଭା

କଣାସ,୨୩।୯(ବିଭୂତି ଭୂଷଣ ତ୍ରିପାଠୀ)

ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ହରିହର ମିଶ୍ରଙ୍କ ବିୟୋଗରେ ପଲ୍ଲୀପଲ୍ଲଭ ସାହିତ୍ୟ ସଂସଦ ପକ୍ଷରୁ ସୋମବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମୃତ୍ୟୁଞ୍ଜୟ ଦକ୍ଷିଣରାୟ, ବିଭୂତି ଭୂଷଣ ପଟ୍ଟନାୟକ, ବିଜୟ ସେଠୀ, କବି କସ୍ତୁରୀ ଦିଲୀପ ଶ୍ରୀଚନ୍ଦନ, ପ୍ରଫୁଲ୍ଲ ସ୍ୱାଇଁ, ହେମନ୍ତ ପ୍ରଧାନ, କାଶୀନାଥ ପାଣିଗ୍ରାହୀ, ଅର୍ଚ୍ଚିତା ଶ୍ରୀଚନ୍ଦନ, ଦୀପକ ଭୁଜବଳ ପ୍ରମୁଖ ସଦସ୍ୟମାନେ ମିଶ୍ରଙ୍କ ବିୟୋଗରେ ଓଡ଼ିଶା ସାହିତ୍ୟରେ ଗଭୀର ଶୂନ୍ୟସ୍ଥାନ ସୃଷ୍ଟିହେଲା ବୋଲି କହିଛନ୍ତି। ଅଭିନୟ, ଅଧ୍ୟାପନା, କବିତା, ନାଟକ କ୍ଷେତ୍ରରେ ତାଙ୍କର ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି ଅତିଥିମାନେ କହିଛନ୍ତି।

ପୁରୀ ସ୍ୱର୍ଗଦ୍ୱାରଠାରେ ହରିହର ମିଶ୍ରଙ୍କୁ ପ୍ରଶାସନ ପକ୍ଷରୁ ଗାର୍ଡ ଅଫ ଅନର ଦିଆଯାଉଛି ।

ଗୋପ ବ୍ଲକରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଗୋପ,୨୩।୯(ଭାରତୀ ଭୂଷଣ ଉପାଧ୍ୟାୟ)

ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ସହିତ ଅନ୍ୟାନ୍ୟ ସରକାରୀ ଯୋଜନାକୁ ଗୁରୁତ୍ୱ ଦିଆଯିବ ବୋଲି ସୋମବାର ଗୋପ ବ୍ଲକରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ବିଡିଓ ଛବିରାଣୀ ସାହୁ କହିଛନ୍ତି। ସମସ୍ତ ପଞ୍ଚାୟତକୁ ଏହି କାର୍ଯ୍ୟକ୍ରମରେ ଯୋଡ଼ାଯାଇଛି। ଜିଲା ଜଳ ଓ ପରିମଳ ମିଶନ, ଜିଲା ପରିଷଦ ସୌଜନ୍ୟରେ ପାଳିତ ହେଉଥିବା ଏହି ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅକ୍ଟୋବର ୨ ପର୍ଯ୍ୟନ୍ତ ଜାରି ରହିବ। ଗୋପ ବ୍ଲକର ୩୧ଟି ପଞ୍ଚାୟତରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଶେଷ କରି ସମସ୍ତ ପଞ୍ଚାୟତର ଗାଁ, ପଡ଼ା ଗାଁ ସହିତ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ସ୍ୱଚ୍ଛତା ଉପରେ ଧ୍ୟାନ ଦିଆଯାଇଛି। ଏହି ଅବସରରେ ଗୋପ ବ୍ଲକ ପରିସରରେ ଥିବା ମହିଳା ମହାସଂଘର କାଫେ ସମ୍ମୁଖରେ ଗୋଟିଏ ସ୍ୱଚ୍ଛତା ହିଁ ସେବା ସେଲ୍‌ଫି ପଏଣ୍ଟ କରାଯାଇ ଏହାର କାର୍ଯ୍ୟକାରିତା ସହିତ ଅନ୍ୟାନ୍ୟ ଦିଗ ଉପରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା।

ସଂକ୍ଷେପରେ

ଶାରଦୀୟ ପୂଜା ପାଇଁ ଗଢ଼ିଲା ପାର୍ବଣ ରଥ

ସାକ୍ଷୀଗୋପାଳ,୨୩।୯(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ଦେବୀ ମନ୍ଦିରଗୁଡ଼ିକରେ ଶାରଦୀୟ ପୂଜା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି। ସୋମବାର ଏକବାର ଉପଲକ୍ଷେ ସାକ୍ଷୀଗୋପାଳ ଅଞ୍ଚଳରେ ପାର୍ବଣ ରଥରେ ଦେବୀ ପ୍ରତିମା ବିଜେ କରିଛନ୍ତି। ଆଦ୍ୟଶାସନ ବୀରରାମଚନ୍ଦ୍ରପୁର ମଣିନାଗ ଦୁର୍ଗାଙ୍କ ସୁସଜ୍ଜିତ ରଥ ରାତିରେ ମନ୍ଦିରରୁ ବାହାରି ସାକ୍ଷୀଗୋପାଳ ଚନ୍ଦନ ପୋଖରୀସ୍ଥିତ ମାଳେଶ୍ୱରୀ ମନ୍ଦିରରେ ପହଞ୍ଚିଥିଲା। ଘଣ୍ଟ, ମହୁରୀ, ଢୋଲ, ଛତି, ତ୍ରାସ, ମଶାଲ ପ୍ରଭୃତି ସହିତ ସେବାୟତ ଓ ମହାଜନମାନେ ରଥ ସହ ଆଦ୍ୟପର୍ବରେ ସାମିଲ ହୋଇଥିଲେ। ମଣିନାଗ ଦୁର୍ଗା ଶାରଦୀୟ ପୂଜାକୁ ଭଉଣୀ ମାଳେଶ୍ୱରୀଙ୍କୁ ଆଜ୍ଞାମାଳ ଦେଇ ନିମନ୍ତ୍ରଣ ଜଣାଇଥିଲେ। ସେହିପରି ମହାମାୟା ସୁସଜ୍ଜିତ ରଥରେ ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ନିକଟରେ ଠାକୁରଙ୍କୁ ଦର୍ଶନ କରି ଆଜ୍ଞାମାଳ ନେଇ ସେବକ ସାହିସ୍ଥିତ ଜାଗେଶ୍ୱରୀ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ଭଉଣୀ ଜାଗେଶ୍ୱରୀଙ୍କ ପୁଅକୁ ଶାରଦୀୟ ପୂଜା ପାଇଁ ସାଙ୍ଗରେ ନେଇ ନିଜ ମନ୍ଦିରକୁ ଫେରିଥିଲେ।

‘କପିଳେଶ୍ୱରପୁର ଶାସନ ମାମଲାରେ ସ୍ଥିତାବସ୍ଥା ବଜାୟ ରହିଛି’

ପୁରୀ, ୨୩।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରସ୍ଥ ମୁକ୍ତି ମଣ୍ଡପର ଟଙ୍କା ହେରଫେର ଓ ବୈଠକରେ ଗଣ୍ଡଗୋଳ କରିବା ନେଇ କିଛି ଦିନ ତଳେ ଥାନରେ ଅଭିଯୋଗ ହୋଇଥିଲା। ଯାହା ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇଥିଲା। ତେବେ ଏନେଇ ମୁକ୍ତିମଣ୍ଡପ ପକ୍ଷରୁ ସ୍ପଷ୍ଟୀକରଣ ରଖାଯାଇଛି। ମୁକ୍ତିମଣ୍ଡପ ପକ୍ଷରୁ ଦିଆଯାଇଥିବା ସ୍ପଷ୍ଟୀକରଣରେ ଦର୍ଶାଯାଇଛି ଯେ, ଅଭିଯୋଗ କରିଥିବା ବ୍ୟକ୍ତି ମୁକ୍ତିମଣ୍ଡପର ଅଧିକାରୀ ନୁହନ୍ତି। ୨୦୧୪ ମସିହାରୁ ତାଙ୍କୁ ବିଶୃଙ୍ଖଳା ଆଚରଣ କାରଣରୁ ମୁକ୍ତିମଣ୍ଡପ ଓ ମୁକ୍ତିମଣ୍ଡପ ପଣ୍ଡିତ ସଭା ଆଜୀବନ ବହିଷ୍କୃତ କରିଛି। ସେହିପରି ବର୍ତ୍ତମାନ କପିଳେଶ୍ୱରପୁର ଶାସନ ଅଧିକାରୀ ବାହ୍ମଣ ମହାଜନମାନଙ୍କର ଚାଲିଥିବା ମାମଲାରେ ସ୍ଥିତାବସ୍ଥା ବଜାୟ ରହିଛି ଏବଂ କପିଳେଶ୍ୱରପୁର ଶାସନ ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଅନ୍ତର୍ଭୁକ୍ତ ହେବାରେ ବୈଧ୍ୟତାକୁ ନେଇ ତତ୍କାଳୀନ ରାଜ୍ୟପାଳ ରାଜପତ୍ର ଉପରେ ମୋହର ବାଜି ସାରିଛି ବୋଲି ମୁକ୍ତିମଣ୍ଡପ ପକ୍ଷରୁ ସଭାପତି ବିଶ୍ୱନାଥ ମିଶ୍ର ଓ ପରିଚାଳନା ସମ୍ପାଦକ ଶଙ୍କର୍ଷଣ ଦାଶ ସୂଚନା ଦେଇଛନ୍ତି।

୪ ଶ୍ରମ କୋଡ୍ ବାତିଲ ଦାବିରେ କଳା ଦିବସ ପାଳିତ

ବିଭିନ୍ନ ସମିତି ସଂଗଠନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

ପୁରୀ, ୨୩।୯(ଅଜିତ କୁମାର ମହାନ୍ତି)

୪ଟି ଶ୍ରମ କୋଡ୍ ବାତିଲ ଦାବିରେ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ସୋମବାର ପୁରୀଠାରେ କଳା ଦିବସ ପାଳନ କରାଯାଇଛି। ସିଆଇଟିୟୁ, ଏଚ୍‌ଏମ୍‌ଏସ୍, ଏଆଇଟିୟୁସି ଆଦି ବିଭିନ୍ନ ଶ୍ରମିକ ସଙ୍ଗଠନର ସଦସ୍ୟମାନେ ମୋଚି ସାହି ଛକରୁ ଏକ ଶୋଭାଯାତ୍ରାରେ ଯାଇ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ସିଆଇଟିୟୁ ଜିଲା ସମ୍ପାଦକ ଶରତ କୁମାର ରାୟଗୁରୁ, ଟୁନା ନାୟକ, ଏଆଇଟିୟୁସିର ମନୋରଞ୍ଜନ ପରିଡ଼ା, ହରିହର ସେନାପତି, ଏଚ୍‌ଏମ୍‌ଏସ୍‌ର ପ୍ରଶାନ୍ତ କୁମାର ଦାସ ପ୍ରମୁଖ ବକ୍ତବ୍ୟ ଦେଇ କହିଲେ ଯେ, ମୋଦି ସରକାର ଦେଶର ଖଣି, ପାଣି, ନାଲକୋ, ବ୍ୟାଙ୍କ, ବିମାନବନ୍ଦର, ରେଲୱେକୁ କର୍ପୋରେଟ୍ ସଂସ୍ଥା ହାତରେ ବିକ୍ରି କଲା ପରେ ସେମାନଙ୍କ ସୁବିଧା ପାଇଁ ଦେଶରେ ପ୍ରଚଳିତ ୪୪ଟି ଶ୍ରମ ଆଇନକୁ ସଂଶୋଧନ କରି ୪ଟି ଶ୍ରମ ଆଇନରେ ପରିଣତ କରିବାକୁ କରୋନା ସମୟରେ ଆଇନ ଆଣିଥିଲେ। ସଂସଦରେ ବିରୋଧୀମାନଙ୍କ ଅନୁପସ୍ଥିତି ଓ ବିରୋଧ ସତ୍ତ୍ୱେ ନୂତନ ଶ୍ରମ କୋଡ୍‌କୁ ପାରିତ କରିନେଲେ। ପ୍ରତିବାଦ ସ୍ୱରୂପ ସେହି ଦିନକୁ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ କଳା ଦିବସ ଭାବେ ପାଳନ କରାଯାଉଛି। ଶ୍ରମ ଆଇନ ସଂଶୋଧନ ହେଲେ ଶ୍ରମିକ ଓ କର୍ମଚାରୀମାନଙ୍କୁ ଆଇନଗତ ଭାବେ କ୍ଷତି ପହଞ୍ଚିବ ଓ ସେମାନଙ୍କ ସାମାଜିକ ନିରାପତ୍ତା ବିପଦ ଭିତରକୁ ଠେଲି ହୋଇଯିବ। ଏହି ଆଇନକୁ ବାତିଲ କରିବା ପାଇଁ ଶ୍ରମିକମାନେ ଏକଜୁଟ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏଚ୍‌ଏମଏସ୍ ନେତା ଜ୍ଞାନରଞ୍ଜନ ଦାସ, ସିଆଇଟିୟୁ ନେତା ଜଗନ୍ନାଥ ଦେଓ, ଏଆଇଟିୟୁସି ନେତା ପ୍ରଦୀପ୍ତ କୁମାର ମହାନ୍ତିଙ୍କୁ ନେଇ ସଭାପତି ମଣ୍ଡଳୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଶୋଭାଯାତ୍ରା ପରିଚାଳନାରେ ପୂର୍ଣ୍ଣ ମୁଦୁଲି, ଜ୍ୟୋତି ପ୍ରକାଶ ନାୟକ, ମନୋରଞ୍ଜନ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

ମାଧବାନନ୍ଦ ଜୀଉ ନୂତନ ଟ୍ରଷ୍ଟ ସଭାପତିଙ୍କୁ କାର୍ଯ୍ୟାଳୟ ଚାବି ହସ୍ତାନ୍ତର

ଚାରିଛକ,୨୨।୯(ଶିଶିର ସ୍ୱାଇଁ)

ଚାରିଛକ ନିକଟ ମାଧବର ମାଧବାନନ୍ଦ ଜୀଉ ମନ୍ଦିର ଦୀର୍ଘଦିନ ପରେ ଟ୍ରଷ୍ଟର ମୁଖ୍ୟ ତଥା ସଭାପତି ପ୍ରଶାନ୍ତ କୁମାର ଗୋସ୍ୱାମୀଙ୍କୁ କଟକ ଅତିରିକ୍ତ ଜିଲାପାଳଙ୍କ ନିର୍ଦ୍ଦେଶରେ ନିଆଳି ତହସିଲଦାର ଟ୍ରଷ୍ଟ କାର୍ଯ୍ୟାଳୟ ସହିତ ମନ୍ଦିର ଗେଷ୍ଟ ହାଉସ୍‌ର ଚାବି ହସ୍ତାନ୍ତର କରାଯାଇଛି। ଏହି ଚାବି ପାଇବା ପରେ ଟ୍ରଷ୍ଟ ମୁଖ୍ୟ ଗୋସ୍ୱାମୀ ରବିବାର ଏକ ପ୍ରସ୍ତୁତି ବୈଠକ ଡାକିଥିଲେ। ବୈଠକରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ ସଦସ୍ୟ ତଥା ମାଧବାନନ୍ଦ ଟ୍ରଷ୍ଟ ଉପଦେଷ୍ଟା ରାମକୃଷ୍ଣ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା। ମାଧବାନନ୍ଦ ଜୀଉଙ୍କ ନୀତିପୂଜା, ମନ୍ଦିର ମରାମତି, ଠାକୁର ଜମି ଚିହ୍ନଟ କରିବା, ପୋଖରୀ ନିଲାମ, ଗେଷ୍ଟ ହାଉସ୍ ଓ ପାର୍କ ସୁରକ୍ଷା ପ୍ରମୁଖ କାର୍ଯ୍ୟ ଉପରେ ଆଲୋଚନା କରାଯିବା ପରେ ମନ୍ଦିର ଟ୍ରଷ୍ଟର ସମସ୍ତ କାର୍ଯ୍ୟ ଟ୍ରଷ୍ଟ ମୁଖ୍ୟ ଗୋସ୍ୱାମୀଙ୍କ ଜାଣତରେ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଟ୍ରଷ୍ଟର ସମସ୍ତ କାର୍ଯ୍ୟ ଜିଲାପାଳ, ତହସିଲଦାର ଓ ଟ୍ରଷ୍ଟର ସମସ୍ତ ସଦସ୍ୟଙ୍କୁ ଡାକି ସମସ୍ତ କାର୍ଯ୍ୟ ତୁଲାଇବେ ବୋଲି ଟ୍ରଷ୍ଟ ମୁଖ୍ୟ ଗୋସ୍ୱାମୀ କହିଥିଲେ। ବୈଠକରେ ସ୍ଥାନୀୟ ସରପଞ୍ଚ ବାବୁରାମ ମଲ୍ଲିକ, ସମିତି ସଭ୍ୟ କେଦାର ବେହେରା, ଭାସ୍କର ପୁଷ୍ପାଳକ, ପୂର୍ଣ୍ଣଚନ୍ଦ୍ର ପୁଷ୍ପାଳକ, ସୁଧୀର ପୁଷ୍ପାଳକ, ବିଜୟ ପରିଡ଼ା, ରାଧାନାଥ ମାଳ, ବିଟୁ ମହାନ୍ତି, ଅର୍ଜୁନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

ରେଲୱେ ନୋଟିସ୍‌କୁ ବିରୋଧ, ସ୍ଥାୟୀ ଘରପଟ୍ଟା ଦାବି

ପୁରୀ,୨୩।୯(ଅଜିତ୍ କୁମାର ମହାନ୍ତି)

ପୁରୀ ପୌରପାଳିକା ଅନ୍ତର୍ଗତ ୨୩ନଂ ୱାର୍ଡ ଅଧୀନ ରାମଚଣ୍ଡୀ ବାଲିକୁଦା ସାହି ବସ୍ତିବାସିନ୍ଦାଙ୍କୁ ଜମି ଖାଲି କରିବାକୁ ରେଲୱେ ପକ୍ଷରୁ ନୋଟିସ ଜାରି କରାଯାଇଛି। ଏହାକୁ ବିରୋଧ କରି ଓ ବସ୍ତି ବାସିନ୍ଦାଙ୍କୁ ସ୍ଥାୟୀ ଘରପଟ୍ଟା ପ୍ରଦାନ ନିମନ୍ତେ ସୋମବାର ପୂର୍ବତନ ପୌରସଦସ୍ୟଙ୍କ ସମେତ କେତେଜଣ ବସ୍ତି ବାସିନ୍ଦାଙ୍କ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ରାମଚଣ୍ଡୀ ବାଲିକୁଦା ବସ୍ତିରେ ପ୍ରାୟ ୧୫ଶହ ଲୋକ ୫୦ ବର୍ଷ ଧରି ସ୍ଥାୟୀ ଭାବେ ବସବାସ କରିଆସୁଛନ୍ତି। ସରକାରଙ୍କ ଜନକଲ୍ୟାଣ ଯୋଜନାରେ ସୁବିଧା ପାଇବା ସହ ଉକ୍ତ ଠିକଣାରେ ଆଧାର କାର୍ଡ, ଭୋଟର ପରିଚୟପତ୍ର ରହିଛି। କିନ୍ତୁ ଦୁଃଖର ବିଷୟ ଏହି ବସ୍ତିରେ ଏଲ୍‌ଆର୍‌ସି ପଟ୍ଟା ବଣ୍ଟନ କିମ୍ବା ଥଇଥାନ କରାଯାଇନାହିଁ। ଫଳରେ ଉକ୍ତ ବସ୍ତିରେ ବନ୍ଦୋବସ୍ତ ବା ସେଟଲ୍‌ମେଣ୍ଟ ପ୍ରକ୍ରିୟା ଅସମାପ୍ତ ରହିଛି। ଗତ ୧୮ତାରିଖରେ ରେଲୱେ ପକ୍ଷରୁ ସାହିର ଅନେକ ବାସିନ୍ଦାଙ୍କୁ ନୋଟିସ୍ ଜାରି କରାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ଜମି ଖାଲି କରିବାକୁ ନିର୍ଦ୍ଦେଶ ରହିଛି। ଏହା ବେଆଇନ ବୋଲି ବସ୍ତି ବାସିନ୍ଦାଙ୍କ ପକ୍ଷରୁ ଦର୍ଶାଯାଇଛି। ଏନେଇ ପୂର୍ବତନ କାଉନସିଲର ଘନଶ୍ୟାମ ମର୍ଦ୍ଦରାଜ, ବସ୍ତିବାସିନ୍ଦା ସଂଘ ସଭାପତି ବିଜୟ ମହାପାତ୍ର, ସମ୍ପାଦକ ବାସୁଦେବ ମହାନ୍ତି ଏବଂ ଜଗନ୍ନାଥ ସାହୁ ପ୍ରମୁଖ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏଥିସହ ପୌରନିର୍ବାହୀ ଅଧିକାରୀ ଓ ବିଧାୟକଙ୍କୁ ଦାବିପତ୍ରର ନକଲ ଦେଇଛନ୍ତି।

ରାସ୍ତାରେ ଗାଡ଼ି ନ ରଖିବାକୁ ତାଗିଦା କଲେ ଥାନାଧିକାରୀ

ଚାରିଛକ,୨୩।୯(ଶିଶିର ସ୍ୱାଇଁ)

ପୁରୀ ଜିଲା ଚାରିଛକ ଥାନାରେ ନୂତନ ଥାନା ଅଧିକାରୀ ମମତା ବିଶ୍ୱାଳ ଯୋଗଦେବା ପରେ ସୋମବାର ସନ୍ଧ୍ୟାରେ ଚାରିଛକ ବଜାର ପରିକ୍ରମା କରିବା ସମୟରେ ବଜାର ଚତୁର୍ପାର୍ଶ୍ୱ ବୁଲି ଦେଖିଥିଲେ। ବଜାରର ବିଭିନ୍ନ ଜାଗାରେ ରାସ୍ତା ଉପରେ ବାଇକ୍, ସାଇକେଲ ରଖି ରାସ୍ତା ଅବରୋଧ ହୋଇଥିବାର ଦେଖିବା ପରେ ଦୋକାନୀ ଉଠାବ୍ୟବସାୟୀଙ୍କୁ ଦୋକାନ ସମ୍ମୁଖରେ ଗାଡ଼ି ନ ରଖିବା ପାଇଁ ତାଗିଦ୍ କରିବା ସହିତ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦୋକାନ ବନ୍ଦ କରିବା ପାଇଁ ତାଗିଦ୍ କରିଥିଲେ। ଯେଉଁ ଗାଡ଼ିଚାଳକ ରାସ୍ତା ଉପରେ ରଖିଥିବେ ତାଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ଥାନାଧିକାରୀ ବିଶ୍ୱାଳ କହିଥିଲେ। ଏହି ପରିକ୍ରମା ସମୟରେ ତାଙ୍କ ଟିମ୍ ସହଯୋଗ କରିଥିଲେ। ଚାରିଛକ ଥାନା ଅଧିକାରୀ ଯୋଗଦାନ କରିବା ପରେ ବଜାର ପରିକ୍ରମା କରି ଦୋକାନୀ ଓ ଉଠା ବ୍ୟବସାୟୀଙ୍କୁ ତାଗିଦ୍ କରିଥିବାରୁ ଅଞ୍ଚଳରେ ବୁଦ୍ଧିଜୀବୀମାନେ ଧନ୍ୟବାଦ ଦେବା ସହ ପ୍ରଶଂସା କରିଥିଲେ।

ଚାରିଛକ ଥାନାର ନୂତନ ଅଧିକାରୀ ବଜାର ବୁଲି ଆଇନଶୃଙ୍ଖଳା ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

ଅନେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମାସିକ ବିଦ୍ୟୁତ୍ ବିଲ୍ ୨୦ ଟଙ୍କା

ପୁରୀ, ୨୩।୯(ଅଜିତ୍ କୁମାର ମହାନ୍ତି)

■ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି ତଦନ୍ତ ଦାବି କଲା ଏଏପି

ପୁରୀରେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମାସିକ ବିଦ୍ୟୁତ ବିଲ୍ ମାତ୍ର ୨୦ ଟଙ୍କା ଆସୁଥିବା ଆମ୍ ଆଦ୍‌ମୀ ପାର୍ଟି ପୁରୀ ଶାଖା ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ଦଳ ପକ୍ଷରୁ ସୋମବାର ଭକ୍ତ ସାଲବେଗ ପୀଠରେ ଏକ ଖବରଦାତା ସମ୍ମିଳନୀରେ ଏଏପି ଜିଲା ସଭାପତି ସଞ୍ଜୀବ କୁମାର ମହାନ୍ତି, ଜିଲା ମୁଖ୍ୟ ପ୍ରବକ୍ତା ଅନିଲ କୁମାର ସେନାପତି ଏବଂ ପୁରୀ ନଗର ସମ୍ପାଦକ ପ୍ରଦୀପ ନାୟକ ଉପସ୍ଥିତ ଥିଲେ। ଏଏପି ପକ୍ଷରୁ କୁହାଯାଇଛି ଯେ, ଓଡ଼ିଶାରେ ସରକାର ଗଠନ କରିବା ପୂର୍ବରୁ ଭାଜପା ମାଗଣାରେ ୩୦୦ ୟୁନିଟ ବିଦ୍ୟୁତ ଦେବାକୁ ଘୋଷଣା କରିଥିଲା। ତେବେ ସରକାର ଗଢ଼ିବା ପରେ ସୋଲାର ପ୍ରୋଜେକ୍ଟ ଦେଖେଇ ଖସିବାରେ ଲାଗିଛି। ଅପରପକ୍ଷରେ ପୁରୀର କେତେଜଣ ପ୍ରଭାବଶାଳୀ ଲୋକ ମାଗଣାରେ ବିଦ୍ୟୁତ ସେବା ପାଉଛନ୍ତି। ସେମାନଙ୍କର ମାସକୁ ମାତ୍ର ୨୦ଟଙ୍କା ବିଲ୍ ଆସୁଛି। ଏକଥା ବିଭାଗ କିପରି ଜାଣିପାରୁନି ବୋଲି ଏଏପି ଜିଲା ସଭାପତି ମହାନ୍ତି ପ୍ରଶ୍ନ କରିଛନ୍ତି। ସାଧାରଣତଃ ଘରେ ମିଟର ରେଣ୍ଟ, ଇ.ଡି ଚାର୍ଜ, ଏମ୍‌ଏଫ୍‌ସି ଚାର୍ଜକୁ ଯଦି ଯୋଡ଼ିବା ତେବେ ୧୦୦ ଟଙ୍କା ପାର୍ ହେଉଛି। ଯଦି ଘରେ ଗୋଟିଏ ବଲ୍ବ ମାସେ ପର୍ଯ୍ୟନ୍ତ ଜଳୁଛି ଅତିକମ୍‌ରେ ୫୦ ଟଙ୍କା ବିଲ୍ ଉଠୁଥିବାବେଳେ ସମ୍ପୃକ୍ତ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ଘରେ ସମସ୍ତ ଇଲେକ୍ଟ୍ରୋନିକ୍ସ ଉପକରଣ ବ୍ୟବହାର କରି ମାସକୁ ମାତ୍ର ୨୦ଟଙ୍କା କିପରି ବିଲ୍ ଆସୁଛି ତାହା ସନ୍ଦେହ ସୃଷ୍ଟି କରୁଛି ଏବଂ ଏଥିରୁ ଦୁର୍ନୀତିର ଗନ୍ଧ ବାରି ହେଉଛି ବୋଲି ମହାନ୍ତି ପ୍ରକାଶ କରିଛନ୍ତି। ଏ ନେଇ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଆମ୍ ଆଦ୍‌ମୀ ପାର୍ଟି ଦାବି କରିଛି। ସେହିପରି ଏଏପି ସବୁବେଳେ ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଇଦେବା ପାଇଁ ଦାବି କରିଆସୁଛି, ଯାହାଦ୍ୱାରା ଗରିବ ଲୋକେ ଉପକୃତ ହେବେ। କିନ୍ତୁ ପୁରୀରେ ଅଘୋଷିତ ଭାବେ ପ୍ରଭାବଶାଳୀ ଲୋକଙ୍କୁ ବିଦ୍ୟୁତ ବିଲ୍ ଛାଡ଼ କରାଯାଇ ସରକାରଙ୍କ ରାଜକୋଷ ଲୁଟ ଚାଲିଛି। ଏ ନେଇ ଶକ୍ତି ମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ମାଗିବା ସହ ଓଡ଼ିଶାରେ ଏଭଳି କେତେ କେତେ ଉପଭୋକ୍ତା ଅଛନ୍ତି ତା’ର ଏକ ଚିଠା ପ୍ରସ୍ତୁତ କରି ସର୍ବସାଧାରଣରେ ପ୍ରକାଶ କରନ୍ତୁ ବୋଲି ଜିଲା ମୁଖପାତ୍ର ଅନିଲ ସେନାପତି ଦାବି କରିଛନ୍ତି। ଗରିବଙ୍କୁ ମାଡ଼ ଆଉ ଧନୀଙ୍କୁ ସବୁ ଛାଡ଼ ନୀତି ଚଳିବନି ବୋଲି ସେ ପ୍ରକାଶ କରିଛନ୍ତି।

ଖବରଦାତା ସମ୍ମିଳନୀରେ ଏଏପିର କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି ।

ଶିଖରପୁର-ଗଣ୍ଡରପୁର-ମହାନଦୀ ବିହାର ପୂଜା କମିଟି

ମହାଷ୍ଟମୀରେ ବ୍ରତ ପୂଜା

କଟକ,୨୩।୯(ଶିଲ୍ପା ପ୍ରିୟଦର୍ଶିନୀ)

ପାର୍ବଣ ପାଇଁ ଚଳଚଞ୍ଚଳ ହୋଇଛି କଟକ ସହର। ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ପୂଜା ଦୌଡରେ ସାମିଲ ହୋଇଛି ଶିଖରପୁର-ଗଣ୍ଡରପୁର-ମହାନଦୀ ବିହାର ପୂଜା କମିଟି। ଚଳିତବର୍ଷ ଏହି କମିଟି ପକ୍ଷରୁ କପଡ଼ାରେ ଅଯୋଧ୍ୟାର ରାମ ମନ୍ଦିର ସଦୃଶ୍ୟ ତୋରଣ ନିର୍ମାଣ କରାଯିବ। ଏହାର ଉଚ୍ଚତା ୪୦ ଫୁଟ୍ ଓ ଚଉଡ଼ା ୪୦ ଫୁଟ୍ ରହିବ। କଟକର ସୁରଜ କୁମାର ସାମଲଙ୍କ ସମେତ ୭୦ ଜଣ କାରିଗର ଏହି ତୋରଣ

ନିର୍ମାଣରେ ଲାଗିଛନ୍ତି। ଏହାସହ ଦୁଇଟି ଲାଇଟ୍ ଗେଟ୍ କରାଯିବ। ୧୯୧୮ରୁ ହରପାର୍ବତୀ ପୂଜା କରାଯାଉଥିଲା। ପରେ ୧୯୯୧ରୁ ଦୁର୍ଗାପୂଜା ପାଳନ କରାଯାଉଛି। ମା'ଙ୍କ ମୂର୍ତ୍ତିର ଉଚ୍ଚତା ୨୨ ଫୁଟ ରହିଛି। ଏଥିସହ ମା' ଦୁର୍ଗା ଓ ପାର୍ଶ୍ୱ ଦେବଦେବୀଙ୍କ ଅଳଙ୍କାର ରହିଛି। ସେହିପରି ୨୭ ଫୁଟ୍ ଉଚ୍ଚତାର ମେଢରେ ୩ କୁଇଣ୍ଟାଲ ଓଜନର ଚାନ୍ଦି ବ୍ୟବହାର କରାଯାଇଛି। ଚଳିତବର୍ଷ ୩୦ଲକ୍ଷ ଟଙ୍କାର ପୂଜା ବଜେଟ୍ ରହିଛି। ମହାଷ୍ଟମୀରେ ମା'ଙ୍କ ନିକଟରେ ମହିଳାମାନେ ବ୍ରତ ପୂଜା କରିବେ। ୧୫୦୦ ଶ୍ରଦ୍ଧାଳୁଙ୍କ ପାଇଁ ଅଷ୍ଟମୀରେ ମା'ଙ୍କ ନିକଟରେ ଖେଚୁଡ଼ି ଡାଲମା ଭୋଗ ଲାଗି କରାଯାଇ ବଣ୍ଟାଯିବ। ସେହିପରି ନବମୀରେ ଖିରି ଭୋଗ ଓ ଦଶମୀରେ ଦହି ପଖାଳ ଭୋଗ କରାଯିବା ସହ ୧୬ କୁଇଣ୍ଟାଲ ଲଡୁ ବଣ୍ଟାଯିବ। ଭସାଣିରେ ଶ୍ରୀକାକୁଲମ ବ୍ୟାଣ୍ଡପାର୍ଟି ଓ ବଲାଙ୍ଗୀର ଘଣ୍ଟ ସମେତ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।

ନିଶାମୁକ୍ତ, ଡିଜେ ମୁକ୍ତ ଭସାଣିକୁ ଗୁରୁତ୍ୱ

"ଚଳିତବର୍ଷ ପୋଲିସ ପ୍ରଶାସନ ପକ୍ଷରୁ ନିଶାମୁକ୍ତ ଓ ଡିଜେମୁକ୍ତ ଭସାଣି ପାଇଁ ଗୁରୁତ୍ୱ ଦିଆଯାଇଛି। ଏହାକୁ କମିଟି ପକ୍ଷରୁ କଡ଼ାକଡି ପାଳନ କରାଯିବା ସହ ଭସାଣିରେ ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ ଦିଆଯିବ। ଶ୍ରୀକାକୁଲମ ବ୍ୟାଣ୍ଡପାର୍ଟି ଭସାଣିର ମୁଖ୍ୟ ଆକର୍ଷଣ ସାଜିବ।

–ଜୟନ୍ତ କୁମାର ପ୍ରଧାନ, ସଭାପତି

ଓଡ଼ିଆ ପରମ୍ପରାରେ ହେବ ପୂଜାର୍ଚ୍ଚନା

"ଓଡ଼ିଆ ପରମ୍ପରା ଅନୁଯାୟୀ ମା' ଦୁର୍ଗାଙ୍କର ପୂଜାର୍ଚ୍ଚନା କରାଯାଇଥାଏ। ପୂଜାରେ ଭିଡ଼ ନିୟନ୍ତ୍ରଣ ସହ ଶ୍ରଦ୍ଧାଳୁମାନେ କିଭଳି ଭାବେ ସୁରୁଖୁରୁରେ ମା'ଙ୍କ ଦର୍ଶନ କରିବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ମହାଷ୍ଟମୀରେ ମହିଳାମାନେ ମା'ଙ୍କ ନିକଟରେ ବ୍ରତ ପୂଜା କରିବେ।

–ବିଷ୍ଣୁ ଚରଣ ନାୟକ, ସମ୍ପାଦକ

ସରପଞ୍ଚଙ୍କୁ ଆକ୍ରମଣ କରି ଲୁଟ୍

ଖୁଣ୍ଟୁଣୀ,୨୩।୯(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ନିଧିପୁର ନଇମାଳଠାରେ ରବିବାର ରାତିରେ କେତେଜଣ ଦୁର୍ବୃତ୍ତ ଅନନ୍ତପୁର ସରପଞ୍ଚ ଶକ୍ତିକାନ୍ତ ସାହୁଙ୍କୁ ଆକ୍ରମଣ କରି ଟଙ୍କା ଓ ସୁନା ବ୍ରେସ୍‌ଲେଟ୍ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏପରି କି ଟେକା ମାଡ଼ରେ ସରପଞ୍ଚଙ୍କ କାର୍ କାଚ ଭାଙ୍ଗିଯାଇଛି। ଅଭିଯୋଗ ଅନୁଯାୟୀ, ସ୍ଥାନୀୟ କାରଖାନାରୁ ଆସ୍‌ପଣ୍ଡ୍ ଚାଲାଣ ହେଉଥିବା ନେଇ ଶକ୍ତିକାନ୍ତ ରବିବାର ରାତିରେ ଖୁଣ୍ଟୁଣୀ ଥାନାକୁ ଅଭିଯୋଗ କରିବା ପାଇଁ ଯାଇଥିଲେ। ସେଠାରୁ ନିଜ କାର୍‌ରେ ଘରକୁ ଫେରୁଥିବାବେଳେ ନଇମାଳଠାରେ କେତେଜଣ ଯୁବକ ତାଙ୍କୁ ଆକ୍ରମଣ କରି ୨୩ ହଜାର ଟଙ୍କା ଓ ୩ ଭରି ଓଜନର ଏକ ସୁନା ବ୍ରେସ୍‌ଲେଟ୍ ଲୁଟି ନେଇଥିଲେ। ଏନେଇ ସେ ସୋମବାର ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିଛନ୍ତି।

ସରପଞ୍ଚ ଜାତିଆଣ ଆକ୍ଷେପ କରିଥିବା ପାଲଟା ଅଭିଯୋଗ

ଅପରପକ୍ଷରେ ସରପଞ୍ଚଙ୍କ ବିରୋଧରେ ସମ୍ପୃକ୍ତ ଯୁବକମାନେ ଖୁଣ୍ଟୁଣୀ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ପୂର୍ବ ରାଗ ରଖି ସରପଞ୍ଚ ସେମାନଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଗାଳିଗୁଲଜ କରିଥିବା ଏତଲାରେ ଦର୍ଶାଯାଇଛି। ଏନେଇ ଆଇଆଇସି ରବିନାରାୟଣ ବେହେରା କହିଛନ୍ତି, ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ତଦନ୍ତ ପରେ ପଦକ୍ଷେପ ନିଆଯିବ।

ଜନଶୁଣାଣି ଶିବିରରେ ୯୦୦ ଅଭିଯୋଗ ପଞ୍ଜୀକୃତ

କଟକ ସଦର,୨୩।୯(ସୁଶାନ୍ତ କୁମାର ଜେନା)

ସାଧାରଣ ନିର୍ବାଚନ ପରେ କଟକ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୪୨ ମୌଜାସ୍ଥିତ କଳପଡ଼ା ପଞ୍ଚାୟତ କଲ୍ୟାଣ ମଣ୍ଡପରେ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଜନ ଶୁଣାଣୀ ଶିବିର ଆୟୋଜନ କରିଥିଲେ। ଏହି ଶିବିର କେବଳ ୪୨ ମୌଜା ଜିଲା ପରିଷଦ ଜୋନ୍ ପାଇଁ ଉଦ୍ଦିଷ୍ଟ ଥିବାବେଳେ ସବୁ ଅଞ୍ଚଳର ଜନସାଧାରଣ ନିଜର ସମସ୍ୟା ସମାଧାନ ପାଇଁ ଆସିଥିଲେ। ମାତ୍ର କିଛି ଘଣ୍ଟା ମଧ୍ୟରେ ୯୦୦ରୁ ଊର୍ଦ୍ଧ୍ୱ ଅଭିଯୋଗ ପଞ୍ଜୀକୃତ ହୋଇ ଶୁଣାଣି କରାଯାଇଥିଲା। ସେଥିମଧ୍ୟରୁ ଅଧିକାଂଶ ପୁରୁଣା ଅଭିଯୋଗ ରହିଥିଲା। ଅତୀତରେ କଟକ ଜିଲାପାଳଙ୍କ ବ୍ଲକ ଓ ତହସିଲସ୍ତରୀୟ ଜନଶୁଣାଣି ଶିବିରରେ ଅଭିଯୋଗଗୁଡ଼ିକ ଦାଖଲ ହୋଇଥିଲେ ସୁଦ୍ଧା ସମାଧାନ ହୋଇ ନ ଥିଲା। ତେଣୁ ସରକାର ବଦଳିବା ପରେ ଲୋକମାନେ ନ୍ୟାୟ ପାଇବା ଆଶାରେ ଶିବିରରେ ଭିଡ଼ ଜମାଇଥିଲେ। ଏହି ଶୁଣାଣି ସମୟରେ ବିଡିଓ ରୁମାନା ଜାଫ୍ରି, ବ୍ଲକ କୃଷି ଅଧିକାରୀ ଜାଫନା ରାୟ, ସହକାରୀ ନିର୍ବାହୀଯନ୍ତ୍ରୀ କୈଳାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

କଲ୍ୟାଣ ମଣ୍ଡପରୁ ଖବରଦାତାଙ୍କୁ ବାହାର କରିଦେଲା ପୋଲିସ

ଶିବିର ଆରମ୍ଭ ହେଲା ମାତ୍ରେ ଜଣେ ଏସ୍‌ଆଇ କଲ୍ୟାଣ ମଣ୍ଡପରୁ ଖବରଦାତାମାନଙ୍କୁ ବାହାର କରିଦେଇଥିଲେ। ଫଳରେ ସବୁ ଛାପା ଗଣମାଧ୍ୟମର ପ୍ରତିନିଧି ଫେରି ଯାଇଥିଲେ। ଏହି ଶିବିରରେ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ରାଶନ କାର୍ଡ ନ ମିଳିବା, କୃଷି ବିଭାଗ ସମ୍ପର୍କିତ ଅଭିଯୋଗ ଆସିଥିଲା। ଏହାଛଡା ବିକଶିତ ଓଡ଼ିଶା କାର୍ଯ୍ୟକ୍ରମରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟର ବିଲ୍ ପଇଠକୁ ନେଇ ମଧ୍ୟ କିଛି ଅଭିଯୋଗ ଆସିଥିଲା। ଖବରଦାତାଙ୍କୁ ବାହାର କରାଯିବା ସମ୍ପର୍କରେ ୪୨ ମୌଜା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣାଙ୍କୁ ପଚାରିବାରୁ ଏକଥା ବୁଝିବେ ବୋଲି କହିଥିଲେ।

ସଂକ୍ଷେପରେ

ଅର୍ବାନ ହାଟରୁ ଟଙ୍କା ଆଦାୟ ଅଭିଯୋଗକୁ ଖଣ୍ଡନ କଲା ଛତ୍ରବଜାର ବ୍ୟବସାୟୀ ସଂଘ

କଟକ,୨୩।୯(ଶିଳ୍ପା ପ୍ରିୟଦର୍ଶିନୀ): ଅର୍ବାନ ହାଟରୁ ଟଙ୍କା ଆଦାୟ ଅଭିଯୋଗକୁ ନେଇ ଛତ୍ରବଜାର ବ୍ୟବସାୟୀ ସଂଘ କାର୍ଯ୍ୟାଳୟରେ ସଂଘ ପକ୍ଷରୁ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ମାଲଗୋଦାମ ପୂଜା କମିଟି ଏକ ପ୍ରେସ୍ ବିବୃତ୍ତି ଜାରି କରି ଛତ୍ରବଜାର ବ୍ୟବସାୟୀ ସଂଘ ପକ୍ଷରୁ ଅର୍ବାନ ହାଟରୁ ପ୍ରତି ପିଣ୍ଡି ପିଛା ୧୦୦/୨୦୦ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ କରିଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଉକ୍ତ ଅଭିଯୋଗକୁ ବୈଠକରେ ଖଣ୍ଡନ କରାଯିବା ସହ ଛତ୍ରବଜାର ବ୍ୟବସାୟୀ ସଂଘ ପକ୍ଷରୁ କୌଣସି ଟଙ୍କା ଆଦାୟ କରାଯାଉ ନ ଥିବା ନେଇ ସଂଘର ଉପସଭାପତି ରମାନାଥ ସ୍ୱାଇଁ ଏକ ପ୍ରେସ୍ ବିବୃତିରେ ସ୍ପଷ୍ଟ କରିଛନ୍ତି। ଏଭଳି ଅଭିଯୋଗ କଟକର ଭାଇଚାରାକୁ ନଷ୍ଟ କରିବା ସହ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବା ପାଇଁ ଉଦ୍ୟମ କରାଯାଉଥିବା ପ୍ରେସ୍ ବିବୃତିରେ ଉଲ୍ଲେଖ କରାଯାଇଛି।

ଟ୍ରକ୍ ଚାପାରେ ସ୍କୁଟି ଚୂର୍‌ମାର୍

କଟକ,୨୩।୯ (କାର୍ତ୍ତିକ ସାହୁ): ମାଲଗୋଦାମ ଓଜରବ୍ରିଜ୍‌ରେ ସୋମବାର ସନ୍ଧ୍ୟାରେ ଏକ ଟ୍ରକ ଚାପାରେ ସ୍କୁଟି ଚୂର୍‌ମାର୍ ହୋଇଯାଇଛି। ଏନେଇ ସ୍କୁଟି ମାଲିକ ରାଣୀହାଟ ତେଲୀସାହିର ବିଜୟ କୁମାର ସାହୁ ମାଲଗୋଦାମ ଥାନାରେ ଏତଲା ଦେଇଛନ୍ତି। ବିଜୟ ସ୍କୁଟି ଯୋଗେ ଓଏମ୍‌ପି ଛକ ବସ୍‌ଷ୍ଟପ୍‌କୁ ତାଙ୍କ ଝିଅକୁ ଆଣିବାକୁ ଯାଉଥିବାବେଳେ ସମ୍ମୁଖରୁ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡ଼ିଯାଇଥିଲେ। ଟ୍ରକ୍‌ର ଚକା ସ୍କୁଟି ଉପରେ ଚଢ଼ିଯିବାରୁ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସେ ମଧ୍ୟ କ୍ଷତାକ୍ତ ହୋଇଛନ୍ତି। ଟ୍ରକ୍ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଏପରି ଦୁର୍ଘଟଣା ଘଟିଛି। ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି।

୪ କଳା ଶ୍ରମକୋର୍ଡ ବାତିଲ ଦାବିରେ ଶ୍ରମିକ କର୍ମଚାରୀମାନେ ସୋମବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଳା ଦିବସ ପାଳିବା ସହ ବିକ୍ଷୋଭ କରୁଛନ୍ତି।

୧୨ ଦଫା ଦାବି ନେଇ କାରଖାନା ସମ୍ମୁଖରେ ଧାରଣା

ଖୁଣ୍ଟୁଣୀ,୨୩।୯(ସଚ୍ଚିଦାନନ୍ଦ ପଣ୍ଡା)

୧୨ ଦଫା ଦାବି ନେଇ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରମ୍ଭେଇ ମୌଜାର ରାଜା ଆଠଗଡ଼ଠାରେ ଏକ କାରଖାନା ସମ୍ମୁଖରେ ସୋମବାର ଖୁଣ୍ଟୁଣୀ ପଞ୍ଚାୟତ ଉନ୍ନୟନ କମିଟି ଓ ନଅବେଢ଼ା ଅଞ୍ଚଳବାସୀ ଧାରଣା ଦେଇଥିଲେ। ଯୋଗ୍ୟତାଭିତ୍ତିରେ ଖୁଣ୍ଟୁଣୀ ଅଞ୍ଚଳର ଶିକ୍ଷିତ ବେକାର ଯୁବକଙ୍କୁ ନିଯୁକ୍ତି, ପୂର୍ବ ପ୍ରତିଶ୍ରୁତି ମୁତାବକ ଖୁଣ୍ଟୁଣୀ ଡାକ୍ତରଖାନାକୁ ରୋଗୀ ସେବା ପାଇଁ ତୁରନ୍ତ ଆମ୍ବୁଲାନ୍ସ ପ୍ରଦାନ ଓ ପାରିପାର୍ଶ୍ୱିକ ଉନ୍ନତି ଆଦି ୧୨ଦଫା ଦାବି ନେଇ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ଏହି ଧାରଣାରେ ଖୁଣ୍ଟୁଣୀ, ରାଧାକିଶୋରପୁର, ଡାଳଭାଗ, ରାଧାକୃଷ୍ଣପୁର ଓ କଣ୍ଡରେଇ ସମେତ ନଅବେଢ଼ା ଅଞ୍ଚଳର ୫୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ। ଭାଜପା ନେତା ଅଭୟ ବାରିକ ଏହାକୁ ସମର୍ଥନ କରିବା ସହ ଧାରଣାରେ ବସିଥିବା ଲୋକଙ୍କ ସହିତ ସାମିଲ ହୋଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟର ନିନ୍ଦା କରିଥିଲେ। ପରେ ବାରିକଙ୍କ ଉପସ୍ଥିତିରେ ଆଠଗଡ଼ ଡେପୁଟି କଲେକ୍ଟର ମାନସ ରଞ୍ଜନ ବେହେରା ଓ କମ୍ପାନୀ କର୍ତ୍ତୃପକ୍ଷ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ଦାବି ଉପରେ ଆଠଗଡ଼ ଉପଜିଲାପାଳଙ୍କ ପ୍ରକୋଷ୍ଠରେ ଉପଜିଲାପାଳଙ୍କ ଉପସ୍ଥିତିରେ ଆଲୋଚନା କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ରହିଥିଲା। ସନ୍ଧ୍ୟାରେ ଉପଜିଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ନିକଟରେ ଅଭୟଙ୍କ ସହିତ ତପନ ପ୍ରଧାନ, ପରେଶ ସାହୁ, ଶୁଭମ ପ୍ରିୟଦର୍ଶୀ, କାରଖାନା କର୍ତ୍ତୃପକ୍ଷ ଓ ଧାରଣାରତ ଜନସାଧାରଣଙ୍କ ପ୍ରତିନିଧି ମିଳିତ ହୋଇ ଆଲୋଚନା କରିଥିଲେ। ଏହି ଆଲୋଚନା ସଫଳ ହୋଇଛି ବୋଲି ଅଭୟ କହିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଖୁଣ୍ଟୁଣୀ ଥାନା ଆଇଆଇସି ରବି ନାରାୟଣ ବେହେରାଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ସହିତ ଧାରଣାସ୍ଥଳରେ ଉପସ୍ଥିତ ଥିଲେ।

'ରେଭେନ୍‌ଶା ହେଉ କଟକ ବିଶ୍ୱବିଦ୍ୟାଳୟ'

କଟକ,୨୩।୯ (କାର୍ତ୍ତିକ ସାହୁ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନକୁ ନେଇ ପୁଣି ଆଉ ଏକ ପ୍ରସ୍ତାବ ସାମ୍ନାକୁ ଆସିଛି। ନିଖିଳ ଓଡ଼ିଶା ବୁଦ୍ଧିଜୀବୀ ଫୋରମ୍‌ର ଉପସଭାପତି ତାପସ କୁମାର ଦ୍ୱିବେଦୀ, ଶ୍ରୀ ଅସ୍ତରାମ ହେଲ୍ପିଂ ହ୍ୟାଣ୍ଡ ଫାଉଣ୍ଡେଶନର ଅଧ୍ୟକ୍ଷ ଅମରେନ୍ଦ୍ର ସାହୁ ଓ ଏଇତ ଜୀବନର ମୁଖ୍ୟ ଉପଦେଷ୍ଟା ପ୍ରିୟବ୍ରତ ପଟ୍ଟନାୟକ ମିଳିତ ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ସପକ୍ଷ ଯୁକ୍ତି ବାଢ଼ିଛନ୍ତି। ସିଡିଏ ସେକ୍ଟର-୧୦ସ୍ଥିତ ଶ୍ରୀ ଅସ୍ତରାମ ଫାଉଣ୍ଡେଶନର କାର୍ଯ୍ୟାଳୟରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି, ପୁରାତନ ସହର କଟକରେ ଶିକ୍ଷାର ପ୍ରସାର ପାଇଁ ପ୍ରଥମେ କଟକ କଲେଜ ପ୍ରତିଷ୍ଠା କରାଯାଇଥିଲା। ପରବର୍ତ୍ତୀ ସମୟରେ ଓଡ଼ିଶାରେ ରାଜୁତି କରୁଥିବା ବ୍ରିଟିଶ କମିଶନର ରେଭେନ୍‌ଶା ସାହେବଙ୍କ ନାମରେ ତାହାକୁ ନାମିତ କରାଗଲା। ମାତ୍ର ରେଭେନ୍‌ଶା ଜଣେ କ୍ରୁର ବ୍ରିଟିଶ କମିଶନର ଥିଲେ। ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ତାଙ୍କରି ସମୟରେ ଦେଖାଦେଇଥିଲା। ଓଡ଼ିଶାର ଜନସାଧାରଣ ଦୁର୍ଭିକ୍ଷରେ ଖାଇବାକୁ ନ ପାଇ ଅନାହାରରେ ଆର୍ତ୍ତଚିତ୍କାର କରୁଥିବାବେଳେ ରେଭେନ୍‌ଶା ସାହେବ ଓଡ଼ିଶା ଲୋକ ପଲାଉ ଖାଆନ୍ତୁ ବୋଲି ତାଚ୍ଛଲ୍ୟ କରୁଥିଲେ। ଦୁର୍ଭିକ୍ଷର କରାଳ ଦୃଶ୍ୟକୁ ସେ ହାତୀ ଉପରେ ବସି ଉପଭୋଗ କରୁଥିଲେ। ଏଥିସହିତ ଆମେ ମଧ୍ୟ ବ୍ରିଟିଶ ଶାସକଙ୍କ ହାତରେ ଦୀର୍ଘଦିନ ପରାଧୀନ ରହିବା ସହ ଦୈନନ୍ଦିନ ଜୀବନରେ ବିଭିନ୍ନ ପ୍ରକାର ନିର୍ଯାତିତ ହେଉଥିଲୁ। ତେଣୁ ଏଭଳି ଜଣେ ବ୍ରିଟିଶ ଶାସକଙ୍କ ନାମରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ କାଳବିଳମ୍ବ ନ କରି ୧୦୦୦ ବର୍ଷର ପ୍ରାତଃସ୍ମରଣୀୟ କଟକ ସହରକୁ ମନେରଖିବା ପାଇଁ ଓ ଏହାର ମାନ ବୃଦ୍ଧି ନିମନ୍ତେ କଟକ ବିଶ୍ୱବିଦ୍ୟାଳୟ ନାମରେ ନାମିତ କରାଯାଉ। ଏଥିସହ ଯଥାଶୀଘ୍ର ଏହାକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଘୋଷଣା କରାଯାଉ। ଏବେ ବିଶ୍ୱବିଦ୍ୟାଳୟରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ଯେପରି ଅଣଛାତ୍ରଙ୍କ ଅବାଧ ପ୍ରବେଶକୁ ରୋକିବା, ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ନିଯୁକ୍ତି, ପାଠାଗାର, କର୍ମଚାରୀଙ୍କ ସହିତ ଭିତ୍ତିଭୂମିର ବିକାଶ କରିବା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟରେ ନିବେଦନ କରାଯାଇଛି।

ବିରୂପା ନଦୀକୁ ଡେଇଁ ଛାତ୍ରଙ୍କ ଆତ୍ମହତ୍ୟା

ମଙ୍ଗୁଳି-ଜଗତପୁର, ୨୩।୯ (ମାନସ ସାମଲ)

ଜଗତପୁର ଥାନା ଅଧୀନ ବିରୂପା ନଦୀକୁ ଡେଇଁ ସୋମବାର ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଚୌଦ୍ୱାର ଥାନା ଅଧୀନ ଓଟିଏମ୍ ଲେବର କଲୋନୀର ପ୍ରଭାତ ଦାସଙ୍କ ପୁଅ ପ୍ରଦୀପ ଦାସ। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଏନେଇ ପ୍ରଭାତ ଜଗତପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ପ୍ରଦୀପ ଚୌଦ୍ୱାର କଲେଜରେ ଯୁକ୍ତ ୩ ବାଣିଜ୍ୟରେ ପାଠ ପଢୁଥିଲେ। ପ୍ରତିଦିନ ପରି ରବିବାର ରାତିରେ ସେ ଖାଇସାରି ମା'ବାପାଙ୍କ ପାଖରେ ଶୋଇଥିଲେ। ସକାଳ ୬ଟାରେ ମା'ବାପା ନିଦରୁ ଉଠିବା ପରେ ପ୍ରଦୀପ ଘରେ ନ ଥିବା ଦେଖିବାକୁ ପାଇଥିଲେ। ଏତେ ସକାଳୁ କୁଆଡେ ଯାଇଛି ବୋଲି ପ୍ରଦୀପଙ୍କୁ ଫୋନ କରିବାରୁ ସେ ଉଠାଇ ନ ଥିଲେ। ପ୍ରଭାତ ବହୁ ଖୋଜାଖୋଜି କରିବା ପରେ ବିରୂପା ବ୍ରିଜ୍ ୬ନଂ. ଗେଟ୍ ଉପରେ ପ୍ରଦୀପଙ୍କ ସାଇକେଲ ଓ ବ୍ୟାଗ ଥିବା ଦେଖିବାକୁ ପାଇଥିଲେ। ଖବରପାଇ ଜଗତପୁର ଓ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ପାଣିରେ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ମିଳି ନ ଥିଲା। ହେଲେ ସନ୍ଧ୍ୟାରେ ପ୍ରଦୀପଙ୍କ ମୃତଦେହ ପାଣିରେ ଭାସିଥିଲା। ଅଗ୍ନିଶମ କର୍ମଚାରୀ ପାଣିରୁ ମୃତଦେହ ଉଦ୍ଧାର କରିବା ପରେ ଜଗତପୁର ପୋଲିସ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି।

ଡିଜିପିଙ୍କୁ ଭେଟିଲା ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସମିତି

ଡିଜିପିଙ୍କୁ ଭେଟିବାକୁ ଆସିଥିବା ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସମିତି କର୍ମକର୍ତ୍ତା।

କଟକ,୨୩।୯ (କାର୍ତ୍ତିକ ସାହୁ)

ଭରତପୁର ଥାନାର ପୂର୍ବତନ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ସମେତ ୫ ଜଣଙ୍କୁ ନିଲମ୍ବନ କରାଯିବା ଘଟଣାରେ କଟକ ରାଜାବଗିଚାସ୍ଥିତ ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସମିତି ଆଗକୁ ଆସିଛି।। କଲ୍ୟାଣ ସମିତିର ଏକ ପ୍ରତିନିଧି ମଣ୍ଡଳୀ ଡିଜିପିଙ୍କୁ ପୋଲିସ ମୁଖ୍ୟାଳୟରେ ସୋମବାର ଭେଟି ୪ ଦଫା ଦାବିପତ୍ର ପ୍ରଦାନ କରିଛି। ଉକ୍ତ ଦାବିପତ୍ରରେ ନିଲମ୍ବିତ କର୍ମଚାରୀଙ୍କୁ କୌଣସି କୈଫିୟତ ତଲବ ନ କରି ନିଲମ୍ବନ କରିବା ଘଟଣାକୁ ବିରୋଧ କରାଯାଇଛି। କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ହୋଇଥିବାବେଳେ ତଦନ୍ତ ଆରମ୍ଭ ନ ହେଉଣୁ ଥାନା କର୍ମଚାରୀଙ୍କୁ ନିଲମ୍ବନ କରିବାକୁ ନାପସନ୍ଦ କରାଯାଇଛି। ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମରେ ପରସ୍ପର ବିରୋଧୀ ମନ୍ତବ୍ୟ ପ୍ରକାଶ ପାଉଥିବାରୁ ଏହା ଉପରେ ରୋକ ଲଗାଇବାକୁ ନିବେଦନ କରାଯାଇଛି। ଦାବିପତ୍ର ପ୍ରଦାନବେଳେ ସମିତି ସଭାପତି ଭକ୍ତ ବଲ୍ଲଭ ଦାସଙ୍କ ସମେତ ସମ୍ପାଦକ ବିଭୂତି ଭୂଷଣ ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ ଦୀପ୍ତିରଞ୍ଜନ ରାୟ, ଉପ ସଭାପତି ସନ୍ତୋଷ କୁମାର ବିଶ୍ୱାଳ, ଉପଦେଷ୍ଟା ନିରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ଭରତପୁର ଥାନାରେ ନିର୍ଯାତନା ଘଟଣା

ସୂଚନାଯୋଗ୍ୟ, ଭରତପୁର ଥାନାକୁ ମେଜର ଓ ତାଙ୍କ ବାନ୍ଧବୀ ଅଭିଯୋଗ କରିବାକୁ ଆସିଥିବାବେଳେ ପୋଲିସ ସେମାନଙ୍କୁ ନିର୍ଯାତନା ଦେଇଥିଲା।

କଟକ ଶ୍ରୀରାମଚନ୍ଦ୍ର ଭବନରେ ସେବା ସମିତି ପକ୍ଷରୁ ରମ୍ଭାଦେବୀ ଦ୍ୱିତୀୟାଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ଉତ୍କଳ ନବ ଜୀବନ ମଣ୍ଡଳର ସଭାପତି ଗୁରୁ ମହାନ୍ତିଙ୍କୁ ରମ୍ଭାଦେବୀ ସମ୍ମାନ ପ୍ରଦାନ କରାଯାଉଛି।

କଟକ ମହାନଦୀ ବିହାରସ୍ଥିତ ଏକ ମଣ୍ଡପରେ ଚୌଦ୍ୱାର-କଟକ ଭାଜପା ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିର।

ବିହାରରେ ନିର୍ମାଣାଧୀନ ବ୍ରିଜ୍ ଭୁଶୁଡ଼ିଲା

ବିହାରର ପାଟନା ଜିଲାରେ ଏକ ନିର୍ମାଣାଧୀନ ଭକ୍ତିୟାରପୁର-ତାଜପୁର ଗଙ୍ଗା ମହାସେତୁର କିଛି ଅଂଶ ରବିବାର ରାତିରେ ଭୁଶୁଡ଼ି ପଡ଼ିଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ଗତ କିଛିମାସ ମଧ୍ୟରେ ବିହାରରେ ଡଜନେରୁ ଊର୍ଦ୍ଧ୍ୱ ବ୍ରିଜ୍ ଭୁଶୁଡ଼ିଲାଣି।

ମାନବଜାତିର ସଫଳତା ଯୁଦ୍ଧକ୍ଷେତ୍ରରେ ନାହିଁ: ମୋଦି

ଜାତିସଂଘ,୨୩।୯(ପିଟିଆଇ)

ମାନବଜାତିର ସଫଳତା ଯୁଦ୍ଧକ୍ଷେତ୍ରରେ ନୁହେଁ, ଆମର ସାମୂହିକ ସାମର୍ଥ୍ୟରେ ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଜାତିସଂଘର 'ସମିଟ୍ ଅଫ୍ ଦି ଫ୍ୟୁଚର'ରେ ଉଦ୍‌ବୋଧନ ଦେଇ କହିଛନ୍ତି। ବିଶ୍ୱ ସ୍ତରରେ ଦ୍ୱନ୍ଦ୍ୱ ବଢ଼ିଚାଲିଥିବାବେଳେ ପ୍ରଧାନମନ୍ତ୍ରୀ ଏଭଳି ମନ୍ତବ୍ୟ ଦେଇଛନ୍ତି। ଜାତିସଂଘ ସାଧାରଣ ସଭା ହଲ୍‌ରେ ପୋଡିୟମ୍‌ରୁ ବିଶ୍ୱନେତାମାନଙ୍କୁ ଉଦ୍‌ବୋଧନ ଦେଇ ମୋଦି କହିଥିଲେ, ସେ ଜାତିସଂଘରେ ୧୪୦ କୋଟି ଭାରତୀୟ ବା ଏକ-ଷଷ୍ଠାଂଶ ମାନବଜାତିର ସ୍ୱରକୁ ଉପସ୍ଥାପନ କରୁଛନ୍ତି। ଆମେ ବୈଶ୍ୱିକ ଭବିଷ୍ୟତ ସମ୍ପର୍କରେ ଆଲୋଚନା କଲାବେଳେ ମାନବକେନ୍ଦ୍ରିକ ଦୃଷ୍ଟିକୋଣକୁ ସର୍ବାଧିକ ପ୍ରାଥମିକତା ଦିଆଯିବା ଉପରେ ସହମତ ହେବା ଜରୁରୀ। ରବିବାର ସମିଟ୍‌ର ପ୍ରଥମ ଦିନରେ ପ୍ୟାକ୍ଟ ଅଫ୍ ଦି ଫ୍ୟୁଚର ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଏଥିରେ ସ୍ଥାୟୀ ବିକାଶ, ଅନ୍ତର୍ଜାତୀୟ ଶାନ୍ତି ଓ ସୁରକ୍ଷା, ବିଜ୍ଞାନ ଓ ପ୍ରଯୁକ୍ତି, ଯୁବ ଓ ଭବିଷ୍ୟତ ପିଢ଼ି ଏବଂ ବୈଶ୍ୱିକ ଶାସନରେ ପରିବର୍ତ୍ତନ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିଲା। ଇସ୍ରାଏଲ-ହମାସ୍ ଯୁଦ୍ଧ ଏବଂ ୟୁକ୍ରେନ୍ ଯୁଦ୍ଧ ସମେତ ଜଳବାୟୁ ପରିବର୍ତ୍ତନ, ଅସମାନତା ଏବଂ ଭୂରାଜନୈତିକ ବିଭାଜନ ଆଦି ଚ୍ୟାଲେଞ୍ଜ ଲାଗିରହିଥିବାବେଳେ ଜାତିସଂଘ ସାଧାରଣ ସଭା ପକ୍ଷରୁ ସମିଟ୍ ଅଫ୍ ଦି ଫ୍ୟୁଚର ଆରମ୍ଭ ହୋଇଛି। ଜାତିସଂଘ ଆସନ୍ତାବର୍ଷ ୮୦ ବର୍ଷରେ ପଦାର୍ପଣ କରୁଥିବାବେଳେ ବୈଶ୍ୱିକ ସଂସ୍ଥାରେ ସଂସ୍କାରର ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା। ସ୍ଥାୟୀ ବିକାଶ ଲକ୍ଷ୍ୟ, ଜଳବାୟୁ ପରିବର୍ତ୍ତନ ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲେ ମଧ୍ୟ ଏହିସବୁ ଲକ୍ଷ୍ୟ ହାସଲ ପାଇଁ ଆବଶ୍ୟକ ପଦକ୍ଷେପ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ ହୋଇନାହିଁ। ବୈଶ୍ୱିକ ଶାନ୍ତି ଓ ବିକାଶ ପାଇଁ ବିଶ୍ୱସ୍ତରୀୟ ଅନୁଷ୍ଠାନଗୁଡ଼ିକର ସଂସ୍କାର ଜରୁରୀ। ଜି-୨୦ରେ ଆଫ୍ରିକୀୟ ୟୁନିୟନକୁ ସ୍ଥାୟୀ ସଦସ୍ୟ ଭାବେ ସାମିଲ କରିବା ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମୋଦି କହିଥିଲେ।

ସେନେଗଲ ଉପକୂଳରେ ବୋଟ୍‌ରୁ ମିଳିଲା ୩୦ ମୃତଦେହ

ଡାକର, ୨୩।୯

ପଶ୍ଚିମ ଆଫ୍ରିକୀୟ ଦେଶ ସେନେଗଲର ଉପକୂଳରେ ସୋମବାର ଏକ ବୋଟ୍‌ରୁ ୩୦ରୁ ଅଧିକ ଶଢ଼ିଯାଇଥିବା ମୃତଦେହ ମିଳିଛି। ଏନେଇ ସେନେଗଲ ସେନା ସୂଚନା ଦେଇଛି। ସେନେଗଲର ରାଜଧାନୀ ଡାକରଠାରୁ ୭୦ କି.ମି. ଦୂର ଆଟଲାଣ୍ଟିକ୍ ମହାସାଗର ମଧ୍ୟରେ ଏକ ଡଙ୍ଗା ରାସ୍ତା ଭୁଲିଯାଇଥିବା ନେଇ ସେନେଗଲ ନୌସେନାକୁ ଖବର ମିଳିଥିଲା। ସୋମବାର ନୌସେନା ପକ୍ଷରୁ ଉକ୍ତ ଡଙ୍ଗାକୁ ସେନେଗଲ ଉପକୂଳକୁ ଅଣାଯାଇଥିଲା। ତେବେ ଉକ୍ତ ଡଙ୍ଗାରେ ମୃତଦେହଗୁଡ଼ିକ ଶଢ଼ି ଯାଇଥିବାରୁ ସେଗୁଡ଼ିକର ଚିହ୍ନଟ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟା ଧୀର ଗତିରେ ଚାଲିଛି। ଉକ୍ତ ଡଙ୍ଗାଟି କେବେ ଏବଂ କେଉଁଠାରୁ ବାହାରିଥିଲା ଏବଂ ଡଙ୍ଗାରେ କେତେଜଣ ଯାତ୍ରୀ ଥିଲେ ସେନେଇ ତଦନ୍ତ ଚାଲିଥିବା ସେନେଗଲ ସେନା ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି।

ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ପାଇଁ ବଡଗାମ୍‌ରେ ପ୍ରଚାର କରିବା ଅବସରରେ ନ୍ୟାଶନାଲ କନ୍‌ଫରେନ୍ସ ନେତା ଓମାର ଅବଦୁଲ୍ଲା ସୋମବାର ଲୋକମାନଙ୍କ ସହ ସେଲ୍‌ଫି ନେଉଛନ୍ତି।

ଜମି ବିବାଦ ସମାଧାନ କରିବାକୁ ଯାଇଥିବା ମହିଳା ପୋଲିସଙ୍କ ମୁହଁକୁ ତୀର ମାଡ଼

ପାଟନା, ୨୩।୯

ବିହାରର ଅରରିଆ ଜିଲ୍ଲା ମହଲଗାଁଓ ଥାନା ପୋଖରିଆ ଗ୍ରାମରେ ଏକ ଜମି ବିବାଦର ସମାଧାନ କରିବା ପାଇଁ ପହଞ୍ଚିଥିବା ପୋଲିସ ଟିମ୍ ଉପରେ ସ୍ଥାନୀୟ ଲୋକେ ଆକ୍ରମଣ କରିଛନ୍ତି। ଗ୍ରାମର ଏକ ଜମିରେ ବାଉଁଶ ବନ୍ଧା ଯାଇଥିବାକୁ ନେଇ ୨ ପକ୍ଷ ମଧ୍ୟରେ ଉତ୍ତେଜନା ଦେଖାଯାଇଥିଲା। ଭିଡ଼ ମଧ୍ୟରେ କିଛି ଅସାମାଜିକ ଲୋକ ଧନୁ ଏବଂ ତୀରରେ ପୋଲିସକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ମହଲଗାଁଓ ଥାନାର ମହିଳା ସବ୍-ଇନ୍‌ସପେକ୍ଟର ନୁସରତ ପ୍ରବୀଣଙ୍କ ଖପୁରିରେ ଏକ ତୀର ପଶିଯାଇଥିଲା। ଫଳରେ ଘଟଣାସ୍ଥଳରେ ନୁସରତ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପୁର୍ନିଆର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସମ୍ପୂର୍ଣ୍ଣ ଘଟଣାକୁ ନେଇ ପୋଲିସ ମାମଲା ରୁଜୁ କରିବା ସହ ଆକ୍ରମଣକାରୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି କହିଛି। ବିବାଦୀୟ ସ୍ଥଳରେ ସ୍ଥିତି ନିୟନ୍ତ୍ରଣ କରିବାକୁ ବହୁ ସଂଖ୍ୟାରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ଭାରତରେ ଧର୍ମନିରପେକ୍ଷତା ଆବଶ୍ୟକ ନାହିଁ: ତାମିଲନାଡୁ ରାଜ୍ୟପାଳ

ନୂଆଦିଲ୍ଲୀ,୨୩।୯

ଆର୍.ଏନ୍. ରବି

ଧର୍ମନିରପେକ୍ଷତାର ଉତ୍ପତ୍ତି ଓ ଅର୍ଥକୁ ନେଇ ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବିଙ୍କ ମନ୍ତବ୍ୟ ବିବାଦ ସୃଷ୍ଟି କରିଛି। ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତିଙ୍କଠାରୁ ଏଭଳି ଦାୟିତ୍ୱହୀନ ମନ୍ତବ୍ୟକୁ କଂଗ୍ରେସ ସମେତ ବିଭିନ୍ନ ଦଳର ନେତାମାନେ ନିନ୍ଦା କରିଛନ୍ତି। ତାମିଲନାଡୁର କନ୍ୟାକୁମାରୀରେ ଏକ ସାଧାରଣ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ରବି କହିଥିଲେ, ଧର୍ମନିରପେକ୍ଷତା ପାଶ୍ଚାତ୍ୟ ଦେଶରୁ ଆସିଥିବା ଏକ ଧାରଣା। ଭାରତରେ ଏହାର ସ୍ଥାନ ନାହିଁ। ଦେଶବାସୀଙ୍କ ଉପରେ ଏହାକୁ ନେଇ ଅନେକ ଜାଲିଆତି ହେଉଛି। ସେମାନେ ଧର୍ମନିରପେକ୍ଷତାର ଏକ ଭୁଲ ବ୍ୟାଖ୍ୟା ଦେବାକୁ ଉଦ୍ୟମ କରିଛନ୍ତି। ଧର୍ମନିରପେକ୍ଷତାର ଅର୍ଥ କ'ଣ। ଏହା ଏକ ୟୁରୋପୀୟ ଅବଧାରଣା, ଭାରତୀୟ ନୁହେଁ ବୋଲି ରବି କହିଥିଲେ। ୟୁରୋପରେ ଚର୍ଚ୍ଚ ଏବଂ ରାଜାଙ୍କ ମଧ୍ୟରେ ଲଢ଼େଇରୁ ଧର୍ମନିରପେକ୍ଷତା ଆସିଥିଲା। ଭାରତ ଧର୍ମରୁ ଦୂରେଇ ଯାଇପାରିବ କିପରି ବୋଲି ରାଜ୍ୟପାଳ ପ୍ରଶ୍ନ କରିଛନ୍ତି। ଭାରତରେ ଧର୍ମନିରପେକ୍ଷତାର କୌଣସି ଆବଶ୍ୟକତା ନାହିଁ। ରାଜ୍ୟପାଳଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ସିପିଆଇ(ଏମ୍) ନେତ୍ରୀ ବୃନ୍ଦା କାରାଟ କହିଛନ୍ତି, ଏହା ଅତ୍ୟନ୍ତ ବିଭ୍ରାନ୍ତିକର। ଏଥିରୁ ଯାହା ଜଣାପଡୁଛି, ସମ୍ବିଧାନ ତାଙ୍କ ପାଇଁ କୌଣସି ମୂଲ୍ୟ ରଖେ ନାହିଁ। ସମ୍ବିଧାନକୁ ମଧ୍ୟ ସେ ଏକ ବିଦେଶୀ ଧାରଣା ବୋଲି ଭାବୁଥିବା ଏଥିରୁ ପ୍ରମାଣିତ ହେଉଛି। ଯେଉଁମାନେ ସମ୍ବିଧାନରେ ବିଶ୍ୱାସ କରନ୍ତି ନାହିଁ ଏବଂ ଏହା ଉପରେ ପ୍ରଶ୍ନ ଉଠାଉଛନ୍ତି, ସେମାନେ ରାଜ୍ୟପାଳ ଆସନରେ ବସିଥିବା ବୃନ୍ଦା କହିଛନ୍ତି। ରାଜ୍ୟପାଳଙ୍କ ମନ୍ତବ୍ୟ ସମ୍ବିଧାନ ବିରୋଧୀ ବୋଲି ତାମିଲନାଡୁ ବିରୁଦ୍ଧୁନଗର କଂଗ୍ରେସ ଏମ୍‌ପି ମାଣିକମ୍ ଟାଗୋର କହିଛନ୍ତି। ଭାରତରେ ଆମେ ସବୁ ଧର୍ମ, ପରମ୍ପରା ଓ ପ୍ରଥାକୁ ସମ୍ମାନ ଦେଉ। ଏହା ହେଉଛି ଭାରତରେ ଧର୍ମନିରପେକ୍ଷତା ଚିନ୍ତାଧାରା ବୋଲି ଟାଗୋର କହିଛନ୍ତି।

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଅଧିସୂଚନା

No.RDM-LAB-BOUDH-0003-2024- 27630 /R&DM, Dated 16 AUG 2024

No. XXI-02: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିମନ୍ତେ ମୌଜା-ପୁରୁଣାପାଣି, ଥାନା-ମନମୁଣ୍ଡା, ନଂ-୧୩୫, ତହସିଲ-କଣ୍ଟାମାଳ, ଜିଲ୍ଲା-ବୌଦ୍ଧରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୦.୫୩୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରୁଛନ୍ତି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ) ପୂର୍ବତଟ ରେଳପଥ, ବୌଦ୍ଧ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ସଂଖ୍ୟା ୮୨୫୩ ତାରିଖ ୧୬.୦୩.୨୦୨୪ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ – ଉପ ଜିଲ୍ଲାପାଳ, ବୌଦ୍ଧ।
୬. ଜମିର ବିବରଣୀ:

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ ନଂ.	ପ୍ଲଟର ମୋଟ ରକବା	ଅଧିସୂଚିତ ଜମିର ରକବା	ରୟତଙ୍କ ନାମ
ବୌଦ୍ଧ	କଣ୍ଟାମାଳ	ପୁରୁଣାପାଣି	ଗ୍ରାମାଞ୍ଚଳ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏ. ୦.୫୩୦	ଏ. ୦.୫୩୦	ଏଥି ସହିତ ସଂଲଗ୍ନ

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ। ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବୌଦ୍ଧ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ମଧୁସ୍ମିତା ସାହୁ
ଅତିରିକ୍ତ ଶାସନ ସଚିବ

ଜମିର ତାଲିକା
ପ୍ରସ୍ତାବିତ ଖୋର୍ଦ୍ଧାରୋଡ–ବଲାଙ୍ଗୀର ନୂତନ ରେଳପଥ ପ୍ରକଳ୍ପ
ଗ୍ରାମ–ପୁରୁଣାପାଣି (ଅତିରିକ୍ତ), ତହସିଲ–କଣ୍ଟାମାଳ, ଥାନା–ମନମୁଣ୍ଡା (ନଂ.୧୩୫) ଜିଲ୍ଲା–ବୌଦ୍ଧ
ଏ.ବ୍ୟକ୍ତିଗତ ଜମି

କ୍ରମିକ ନଂ.	୧ ଖତିୟାନ ନଂ.	୨ ପ୍ଲଟ ନଂ.	୩ ରକବା	୪ ଅଧିଗ୍ରହଣ ରକବା	୫ କିସମ	୬ ଅଭିଲିଖିତ ରୟତଙ୍କ ନାମ
୧	୬୨	୬୧୯	୦.୨୯୦	୦.୨୯୦	ଆଟ	ବୈଷ୍ଣବ ପାତ୍ର, ଗଙ୍ଗାଧର ପାତ୍ର, ହରିହର ପାତ୍ର, ପ୍ରଫୁଲ୍ଲ ଗେଜ, ଯମୁନା କର୍ମି, ପି–ଖେତ୍ରୁ ପାତ୍ର
୨	୧୧୦/୪୧	୪୧୧/୧୩୪୨	୦.୦୪୦	୦.୦୪୦	ଘରବାରି	ସୁରବାଳୀ ନାଗ, ସ୍ୱା–ପଦ୍ମ ନାଗ
୩	୧୧୦/୪୨	୪୧୧/୧୩୪୩	୦.୦୪୦	୦.୦୪୦	ଘରବାରି	ବାହାନ ନାଗ, ପି–ପଦ୍ମ ନାଗ, ରଇବାରୀ ନାଗ, ସ୍ୱା–ବାହାନ ନାଗ
୪	୧୧୦/୬୩	୪୧୧/୧୩୫୫	୦.୦୪୦	୦.୦୪୦	ଘରବାରି	କୁମାର ମଲ୍ଲିକ, ପି–ଭିକାରୀ ମଲ୍ଲିକ, ଅସ୍କର ମଲ୍ଲିକ, ସ୍ୱା–କୁମାର ମଲ୍ଲିକ
୫	୧୧୦/୬୪	୪୧୧/୧୩୫୬	୦.୦୪୦	୦.୦୪୦	ଘରବାରି	ତୋଫାନ ସୁନା, ପି–କଷ୍ଟ ସୁନା, ପ୍ରେମଶିଳା ସୁନା, ସ୍ୱା–ତୋଫାନ ସୁନା
୬	୧୧୦/୬୫	୪୧୧/୧୩୫୭	୦.୦୪୦	୦.୦୪୦	ଘରବାରି	କଷ୍ଟ ସୁନା, ସ୍ୱା–ଗୁରୁ ସୁନା, କୌଶଲ୍ୟା ସୁନା, ସ୍ୱା–କଷ୍ଟ ସୁନା
୭	୧୧୦/୬୬	୪୧୧/୧୩୫୮	୦.୦୪୦	୦.୦୪୦	ଘରବାରି	କର୍ମ ସାଗର, ପି–ଚାପଧାରୀ ସାଗର, ରାସେଶ୍ୱରୀ ସାଗର, ସ୍ୱା–କର୍ମ ସାଗର
		ମୋଟ ଏ	୦.୫୩୦	୦.୫୩୦		

Sd./- Land Acquisition Zone Officer
Khurda Road-Bolangir New B.G. Rail Link Project, Boudh

ସ୍ୱା./– ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ)
ପୂର୍ବତଟ ରେଳପଥ, ବୌଦ୍ଧ

OIPR-24001/14/0105/2425

Office of the Superintending Engineer, Betnoti Canal Division, Laxmiposi

Email ID - eebcd.laxmiposi@gmail.com

Corrigendum to Bid Identification No. - 01/24-25 of SE, B.C.Division Laxmiposi

No. 1795 Dt. : 23.09.2024

No. A - : Tender called vide this office Bid Identification No. - 01/24-25 of Superintending Engineer, Betnoti Canal Division Laxmiposi is hereby cancelled due to some unavoidable Technical reasons.

Sd./- Superintending Engineer
Betnoti Canal Division, Laxmiposi

OIPR-32272/11/0002/2425

OFFICE OF THE DEPUTY DIRECTOR, SIMILIPAL SOUTH WILDLIFE DIVISION, BARIPADA

Phone No - (06792) 252593, Fax-256705, Email Id : dfo.similipalsouthwl@odisha.gov.in

CORRIGENDUM

No.MM-170 : The bid closing date in connection to the RFP No. : RFP-DD South - 01/2024-25 dt. : 20.08.2024 hereby extended to dt. 27.09.2024 at 2.00 P.M. due to insufficient bidder participation. The bid will be opened on dt. 27.09.2024 at 4.00 P.M. in presence of the participating bidder.

All other terms and conditions of the RFP will remain unaltered.

Sd./- Deputy Director
Similipal (South) WL Division, Baripada

OIPR-08127/11/0016/2425

Government of Odisha "e" Procurement Notice
WORKS DEPARTMENT

NO.B-340

Bid Identification No. CCEKC - 16/2024-25

e-mail : ccekeonjharpwdcircle@gmail.com / sekcpwd_keonjhar@yahoo.com
Letter No. : 4389 dt. : 21.09.2024

1	No. of the work	:	4 number Road & Bridge Works
2	Estimated cost	:	Rs. 223.21 Lakhs to Rs. 905.73 Lakhs
3	Class of contractor	:	"B", "A" & "Special" Class
4	Period of completion	:	06 (Six) Calendar Months to 11 (Eleven) Calendar Months
5	Date and time of availability of Bid document in the portal	:	From 11.30 hours of 03.10.2024 to 16.00 hours of 17.10.2024
6	Last date / time for receipt of bids in the portal	:	16.00 hours of 17.10.2024
7	Date of opening of bid from Portal	:	11.30 hours on 18.10.2024
8	Name and address of the officer inviting bid	:	Chief Construction Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal "http://tendersodisha.gov.in"

Sd./- Chief Construction Engineer
Keonjhar (R&B) Circle, Keonjhar

OIPR-34033/11/0031/2425

Government of Odisha, e-Procurement Notice
INVITATION FOR BIDS (IFB)

Bid Identification No.C.C.E.Dkl.(R&B) 06/2024-25
Email Id:sedklpwd@gmail.com
Letter No.1924, Dt.20.09.2024

No.B-337: The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate Bids in double cover system to be received in ONLINE MODE from eligible contractors for Road works as detailed below:

1. Name of the Work : Road Works
2. No. of Works : 06 (Six) Nos.
3. Estimated Cost : Rs.1.33 Crore to 6.28 Crore **(as given in column No.03 of table)**
4. Cost of tender paper : Rs.10,000.00
5. Class of Contractor : 'B', 'A' & 'Special' Class **(as given in column No.07 of table)**
6. Period of Completion of work: 05 (Five) to 09 (Nine) Months **(as given in column No.08 of table)**
7. Date and time of availability of bid Document in the website: From Dt.04.10.2024 to 5.00 P.M. of Dt.18.10.2024
8. Date of Opening of Bid : Dt.19.10.2024 at 11.30 A.M.

The bidders have to participate in ONLINE bidding only. Further details can be seen from the e-Procurement Portal: www.tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

Sd./- Chief Construction Engineer
Dhenkanal (R&B) Circle, Dhenkanal

OIPR-34132/11/0013/2425

ZILLA PARISHAD, SAMBALPUR

Ph : 0663-2410992, 2410970, 2410721, e-mail : ori-dsambalpur@nic.in
No. 5146/V-233-2024/Date. : 20.09.2024

ADVERTISEMENT

No.CAD-1172 : Applications are invited from the eligible candidates to fill up 101 Nos. of Post of Gram Rozgar Sevak (GRS) to be engaged in different Gram Panchayats in Sambalpur district on contractual basis under MGNREGA. The newly engaged GRS will get a consolidated monthly remuneration of Rs.7,000/- after sucessfully worked for more than 1 year & less than 6 years will get 8500/- per month and will get 8880/- per month after sucessfully worked for more than 6 years. The last date for submission of application is 21.10.2024. The detailed advertisement having No. of vacancies, remuneration, age, eligibility criteria and other terms & conditions is available in the District Official website (www.sambalpur.odisha.gov.in)

Sd./-
Collector-cum-CEO
Zilla Parisad, Sambalpur

OIPR-24408/11/0003/2425

Government of Odisha
Information & Public Relations Department
Loka Sampark Bhawan, Bhubaneswar

Corrigendum Notice

File No. PT1-IPR-IMU-0003-2024 12088/I&PR, BBSR, dated : 23.09.2024

No. Z-07 : The opening date of the proposals of RFP No-10163 Dt : 16.08.2024 published by I&PR Department on Dt. : 17.08.2024 in The Samaj, The Sambad, The Dharitri, The Times of India, The Hindustan Times and The Hindu, which was scheduled on dt. **24.09.2024** at **11.30** A.M. stands deferred on account of unavoidable circumstances. The revised schedule for opening shall be notified later.

Sd./- Director, I&PR

OIPR-15001/11/0214/2425

NOTIFIED AREA COUNCIL, PATNAGARH

letter No. 1710/Dt.03/09/2024

No.C-648

E-Procurement Notice

Bid Identification No. 2024_ORULB_104612_1

1. Name of the work for which e-Tender invited – Supply of labour for Sanitation Works including collection of solid waste, Road sweeping, Drain Cleaning, Bush Cutting in NAC Patnagarh area for the F.Y. 2024-25.
2. Estimated cost of work (Annually) – **Rs. 2,16,56,801.00**
3. Eligible Intending Registered & Financially Sound Manpower Service Provider Agency/Firm's/ Trust/ N.G.O.s having similar nature of work experience of at least five years and fulfilling the other criteria as given in the D.T.C.N.
4. The Bid documents will be available in the web-site i.e. http://www.tendersodisha.gov.in from **11:00 hrs of 17.10.2024 to 17:00 Hrs of 17.10.2024** for online bidding.
5. Bid identification No.. **2024_ORULB_104612_1**
6. Last date & time of receipt of Bid through online **17.00 of Dt. 17.10.2024**
7. Deposit original financial documents online: **11:00 hrs of 23.09.2024 to 17:00 Hrs of 17.10.2024**
8. Opening of Bid on **18.10.2024 at 11:00 Hrs.**
9. The bidder has to participate in online bidding only.
10. Security Deposit: Rs. 2.16 Lakhs in shape of Fixed Deposit/ Bank Guarantee in favor of "The Executive Officer, NAC Patnagarh" after award of work.

For further detail information any one can visit the-procurement portal of the Govt.of Odisha i.e. **http://www.tendersodisha.gov.in**

Sd./- Executive Officer
NAC, Patnagarh

OIPR-13102/11/0004/2425

GOVERNMENT OF ODISHA
"e"-PROCUREMENT NOTICE
OFFICE OF THE SUPERINTENDING ENGINEER, NAYAGARH (R&B) DIVISION, NAYAGARH
WORKS DEPARTMENT
TENDER CALL NOTICE

E-mail: pwdoffngd34@gmail.com

Bid Identification No.E.E-Nayagarh (R&B) Division- Online 02/2024-25

No.B-339: The Executive Engineer, Nayagarh (R&B) Division,Nayagarh on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for construction of Building work as detailed in the table below:

1. Nature of Work : Road Works
2. No. of Work : 1 No.
3. Tender Cost & EMD : To be remitted online through a process as mentioned in DTCN
4. Class of Contractor : As mentioned in DTCN
5. Available of Bid document in the Website : From Dt.24.09.2024 11.00 AM to Dt.05.10.2024 Upto 5.00 P.M.
6. Date of Opening of Bid : Dt.07.10.2024 at 11.00 AM
7. The have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/ Corrigendum/ Cancellation of tender can also be seen in the said website.

Sd./- Executive Engineer
Nayagarh (R&B) Division, Nayagarh

OIPR-34138/11/0001/2425

OFFICE OF THE DIRECTOR OF AGRICULTURE & FOOD PRODUCTION,ODISHA, BHUBANESWAR

Corrigendum to the Bid Identification no-OFMRDC/ Agril/-01/2024-25 for procurement & supply of Rubber-Roll Sheller-cum-Polisher

No.L-67

Office order no. : 1456/Date : 21.09.2024

As per decisions made during the pre-bid meeting on 20.9.2024,the corrigendum and addendum to the above notice are detailed below.

1. Mentions in the tender document everywhere regarding supply of "Rubber Roll Sheller cum polisher with 3 HP electric operated(single phase) motor (motor having ISI standard with valid BIS certification)which is found suitable for cleaning and pearling Ragi" may be read as supply of **"Rubber Roll Sheller cum- polisher / any other PHM machinery with 3 HP electricity operated(single phase) motor (motor having ISI standard with valid BIS certification)which is found suitable for cleaning and pearling of Ragi"**
2. Output of machine "1.2 qtl./hr to 1.25 qtl./hr is substituted & to be read as **"minimum 1.2 qtl./hr"**
3. Clauses-5.2.1-V in Section-V (Special condition of Contract) is replaced and read as ," **the bidder shall have to submit the CTR of original machine up to 3 HP from recognized testing institute. The successful bidders shortlisted after technical bid process shall have to demonstrate their machines suitable for Ragi cleaning and pearling in the SLFMTTC campus before the tender committee within 7 days from the date of intimation."**
4. It is notified to the bidders through this publication that those, who have submitted the bid without any CTR (Commercial Test Report) before the pre-bid meeting i.e. on 20th September,2024 , **must submit the approved CTR before 30.09.2024 upto 5 PM.**
5. Clause No.5.2.1(i) in Section V is substituted & read as **CA audited report of the bidders for the last three financial year showing an annual turnover of a minimum Rs. 2 crores each.**
6. **The word "Average" as mentioned in format T-8 (Annual Turn Over Statement) is omitted.**
7. The words " last three financial years" as mentioned in the Clause-5.2(iii) is substituted as **"last three Assessment Years"**.
8. The word " Financial Years" as mentioned Clause-6.17.19 may be read as **"last 3(three) consecutive assessment years"**
9. The Annual maintenance Cost written in some places of the DTCN may be read as **Annual Maintenance Contract Cost.**
10. The word "Guarrantee" written in some places of the DTCN is substituted & read as **"Warranty"**

OIPR-01051/11/0005/2425 Sd./-chief Engineer (Agril.)

Government of Odisha "e"-Procurement Notice
WORKS DEPARTMENT

No.B-225

E-mail : ceroads.bbsr@gmail.com

Bid Identification No. CE-Roads-II-05/2024-25

1	The Chief Engineer (Roads-II), Odisha on behalf of Governor of Odisha invites percentage rate bids in double cover system through ONLINE MODE from eligible contractors for roadwork as mentioned below :		
2	Nature of work	:	Road works
3	No. of work	:	6 Nos.
4	Tender paper cost	:	Rs.10,000.00
5	Class of contractor	:	'A' Class/Special Class/Super Class
6	Available of bid document the website	:	From 10.00 A.M. of 30.09.2024 to 5.30 P.M. of 21.10.2024
7	Date of opening of bid	:	Dt.22.10.2024 at 11.30 A.M.
8	The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website.		

Sd./-
Chief Engineer (Roads-II), Odisha

OIPR-34117/11/0020/2425

ମା' ଲଙ୍କେଶ୍ୱରୀଙ୍କ ବିଜୟର ପର୍ବ ଖଣ୍ଡାବସା

ଆସୁଛି ପାର୍ବଣ। କାଶତଣ୍ଡୀର ସମ୍ଭାରରେ ହସୁଛି ଧରା। ମା' ଦୁର୍ଗାଙ୍କ ଆବାହନ ପାଇଁ ସଜେଇହେଉଛି ପୂଜାମଣ୍ଡପ। ଶକ୍ତିପୀଠରେ ବି ଜମିଆସୁଛି ଶ୍ରଦ୍ଧାଳୁଙ୍କ ଭିଡ଼। ମହିଷମର୍ଦ୍ଦିନୀ ମା' ଦୁର୍ଗାଙ୍କ ପୂଜାର ଅବ୍ୟବହିତ ପୂର୍ବରୁ କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ କେଉଁ ଆବହମାନ କାଳରୁ ପାଳିତ ହୋଇଆସୁଅଛି ମା' ଲଙ୍କେଶ୍ୱରୀଙ୍କ ପ୍ରସିଦ୍ଧ ଖଣ୍ଡାବସା ପର୍ବ। କଳାହାଣ୍ଡି ଜିଲାର ପୁରାତନ ରାଜଧାନୀ ଭାବେ ଜୁନାଗଡ଼ ସହର ପରିଚିତ। ଜିଲାର ମନ୍ଦିରମାଳିନୀ ସହର ଭାବରେ ମଧ ଜୁନାଗଡ଼ ଖ୍ୟାତି ଅର୍ଜନ କରିଛି। ଛଅକୋଡ଼ି ବନ୍ଧ ଓ ନଅକୋଡ଼ି ତୋଟା ପରିବେଷ୍ଟିତ ଏହି ଐତିହାସିକ ସହରର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଲଙ୍କେଶ୍ୱରୀ। ମା'ଙ୍କର ବାରମାସରେ ତେରପର୍ବ ପାଳନ ହୁଏ। ସେଥିମଧ୍ୟରୁ ଖଣ୍ଡାବସା ପର୍ବ ପ୍ରସିଦ୍ଧି ଲାଭ କରିଛି। ମା'ଙ୍କ ବିଜୟ ଓ ହର୍ଷୋଲ୍ଲାସର ପର୍ବ ଖଣ୍ଡାବସା।

ଖଣ୍ଡାବସାର ନାମକରଣ: ଜୁନାଗଡ଼ ସହର ବଙ୍ଗଳା ଛକ ନିକଟରେ ଦୀର୍ଘ ଦଶନ୍ଧି ଧରି କୁଳଦେବୀ ଭାବରେ ମା' ଲଙ୍କେଶ୍ୱରୀ ପୂଜା ପାଇଆସୁଛନ୍ତି। ପୂର୍ବକାଳରେ ନାଗବଂଶୀୟ ରାଜାମାନେ ପ୍ରତ୍ୟେକ ବର୍ଷ ମା' ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ପର୍ବକୁ ମହାସମାରୋହରେ ପାଳନ କରିଆସୁଥିଲେ ବୋଲି କୁହାଯାଏ। ସେବେଠାରୁ ଏହି ପରମ୍ପରା ନିରବଚ୍ଛିନ୍ନ ଭାବରେ ଉତ୍ସାହର ସହ ଚାଲିଆସୁଛି। ଅଭୟ ବରଦା, ଚତୁର୍ଭୁଜା, ପଦ୍ମାସୀନା, ମା' ଲଙ୍କେଶ୍ୱରୀ ଶକ୍ତିପୀଠାଧୀଶ୍ୱରୀ ଭାବରେ ପୂଜା ପାଇଆସୁଛନ୍ତି। ଆଶ୍ୱିନ ମୂଳାଷ୍ଟମୀ ଦିନ ଦେବୀଙ୍କ ଖଣ୍ଡାବସା ପର୍ବ ଅନୁଷ୍ଠିତ ହୁଏ। କେଉଁ ଆବହମାନ କାଳରୁ ଆମ ଦେଶରେ ଶକ୍ତି ଉପାସନାର ପରମ୍ପରା ପ୍ରଚଳିତ ହୋଇଆସୁଛି। ସେଥିପାଇଁ ଶାସ୍ତ୍ର ଓ ପୁରାଣରେ ଅନେକ ବିଧିବିଧାନ ମଧ ରହିଛି। ଦେବୀଙ୍କ ପୂଜା ପୂର୍ବରୁ ତାଙ୍କ ଅସ୍ତ୍ରଶସ୍ତ୍ର ପୂଜା କରିବାର ମଧ ଶାସ୍ତ୍ରୀୟ ନିୟମ ରହିଛି। ଦେବୀଙ୍କ ଖଡ୍ଗ ବା ଖଣ୍ଡା ହେଉଛି ଶକ୍ତି ଓ ସୌର୍ଯ୍ୟର ପ୍ରତୀକ। ସେଥିପାଇଁ ପୂର୍ବରୁ ରାଜାମାନେ ଦେବୀ ଉପାସନା ସହ ଖଣ୍ଡାକୁ ପୂଜା କରିଆସୁଛନ୍ତି। ଏହି ପର୍ବ ପୂର୍ବରୁ ଖଣ୍ଡାକୁ ବାହାରକରି ମାର୍ଜନା କରାଯାଏ ଓ ଶୁଦ୍ଧପୂତ କରି ଅକ୍ଷତ (ଅରୁଆ ଚାଉଳ) ଉପରେ ଥୋଇ ପୂଜାର୍ଚ୍ଚନା କରାଯାଏ। ତା' ପରେ ଏହାକୁ ମା'ଙ୍କ ସିଂହାସନ ପାଖରେ ରଖାଯାଇଥାଏ।

ଉତ୍ସବର ପୁରୋଧା: କଳାହାଣ୍ଡି ମହାରାଜା ହେଉଛନ୍ତି ଏହି ପର୍ବର ମୁଖ୍ୟ ପୁରୋଧା। ପର୍ବଦିନ ସେ ଭବାନୀପାଟଣା ରାଜବାଟୀରୁ ଜୁନାଗଡ଼ ଆସି ଡାକବଙ୍ଗଳାରେ ସପରିବାର ଉପସ୍ଥିତ ରହନ୍ତି। ତାଙ୍କ ଆଗମନକୁ ସ୍ୱାଗତ ଜଣାଇବା ପାଇଁ ବାଜି ଉଠେ ବୀରବାଦ୍ୟ ଘୁମୁରା। ଲୋକେ ତାଙ୍କୁ ବାଜା ରୋଶଣିରେ ପାଛୋଟି ଆଣନ୍ତି ଡାକବଙ୍ଗଳାକୁ। ପୂର୍ବରୁ କଳାହାଣ୍ଡି ମହାରାଜ ଜୁନାଗଡ଼କୁ ଆସିଲେ ଏହି ପୁରାତନ ଡାକବଙ୍ଗଳାରେ ଅବସ୍ଥାନ କରୁଥିଲେ। ସେହି ପରମ୍ପରା ଅନୁସାରେ ଉତ୍ସବ ଦିନ ରାଜ ପରିବାର ଡାକବଙ୍ଗଳାରେ ରହିଥାନ୍ତି। ଲଙ୍କେଶ୍ୱରୀ ମନ୍ଦିର ନିକଟ ବୁଢ଼ାରଜା ମନ୍ଦିରରୁ ସଙ୍ଗୁଆରୀ ଖଣ୍ଡା ଓ ଲଙ୍କେଶ୍ୱରୀ ମନ୍ଦିରରୁ ପାଟଖଣ୍ଡା ଡାକବଙ୍ଗଳା ପରିସରରେ ନିର୍ମିତ ହୋଇଥିବା ଅସ୍ଥାୟୀ କୁଡ଼ିଆକୁ ପୂଜକ ଆଣିବେ। ପରେ ସ୍ୱର୍ଣ୍ଣକାର ଦୁଇଟି ଖଣ୍ଡାକୁ ମାର୍ଜନା କରିବେ। ମାର୍ଜନା ପରେ ବିବିଧ ବାଦ୍ୟ ବାଦିତ ହୋଇ ଏକ ଶୋଭାଯାତ୍ରାରେ ପୂଜାରୀ ଖଣ୍ଡାକୁ ମନ୍ଦିରରେ ପ୍ରବେଶ କରେଇବା ପରେ ରାଜା ମନ୍ଦିରକୁ ଆସନ୍ତି। ସେଠାରେ ଦେବୀଙ୍କର ଖଣ୍ଡାବସା ପୂଜା ନିମିତ୍ତ ଷୋଡ଼ଶ କଳସ ସ୍ଥାପନ ପୂର୍ବକ ପଣ୍ଡିତମାନଙ୍କୁ ଯଥାଯୋଗ୍ୟ ବରଣକରି ପାଟଖଣ୍ଡାକୁ ଦେବୀଙ୍କ ପାର୍ଶ୍ୱରେ ଥିବା ଚାଉଳ ଉପରେ ଉପବେଶନ କରାନ୍ତି। ପରେ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ ହୁଏ। ବାମ ଓ ଦକ୍ଷିଣ ପାର୍ଶ୍ୱରେ ସ୍ଥାପନ ପୂର୍ବକ ଶକ୍ତିପୂଜା ଓ ତନ୍ତ୍ରପୂଜା ମାଧ୍ୟମରେ ପୂଜାପାଠ କରନ୍ତି। ପରେ ଅଖଣ୍ଡ ଓ ମହାଯୋଗ ନାମକ ଦୁଇଟି ଦୀପକୁ ପ୍ରଜ୍ୱଳନ କରନ୍ତି। ଲୋହିତ ପାଟବସ୍ତ୍ର ସୁଶୋଭିତା, ମନ୍ଦାରମାଳା ବିମଣ୍ଡିତା ଦେବୀଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରନ୍ତି। ଧୂପଦୀପ, ନୈବେଦ୍ୟ ଅର୍ପଣ ପରେ ଲଙ୍କେଶ୍ୱରୀଙ୍କ ପୂଜକ ପାଟଗଡ଼ରା ନାମକ ପଶୁ (ମେଷ) ଓ ମହାପଶୁ (ପୋଢ଼) ମା'ଙ୍କ ଉଦ୍ଦେଶ୍ୟରେ ବଳି ଦିଅନ୍ତି। ଏହାପରେ ଜନସାଧାରଣ ଆଳିତ ଦର୍ଶନ କରନ୍ତି, ପୂଜା ସମାପନ ହୁଏ। ଖଣ୍ଡାବସା ସାରି ମହାରାଜା ଲଙ୍କେଶ୍ୱରୀଙ୍କ ପାର୍ଶ୍ୱଦେବତା ଶ୍ରୀ ଶ୍ରୀ ବୁଢ଼ାରଜା ଲିଙ୍ଗକୁ ପୂଜାର୍ଚ୍ଚନା ପାଇଁ ବୁଢ଼ାରଜାଙ୍କ ମନ୍ଦିରକୁ ବିଜେ କରନ୍ତି। ବୁଢ଼ାରଜାଙ୍କ ପୂଜା ମୂଳାଷ୍ଟମୀରୁ ମହାଷ୍ଟମୀ ପର୍ଯ୍ୟନ୍ତ ହୁଏ। ଏଥିପାଇଁ ପୂଜକ, ସୁଆର, ବୋଉଦ, ଫୁଲବାଲା, ବାଜାବାଲା, ଘଣ୍ଟୁଆ, ଶଙ୍ଖୁଆ ବଂଶାନୁକ୍ରମେ ଦେବୀଙ୍କ ସେବା କରିଆସୁଛନ୍ତି।

ଉତ୍ସବର ମାହୋଲ: ଖଣ୍ଡାବସା ରାତିରେ ହସିଉଠେ ଜୁନାଗଡ଼ ସହର। ଜିଲାର ବିଭିନ୍ନ ଅଞ୍ଚଳ ସମେତ ଜିଲା ବାହାରୁ ଏପରି କି ରାଜ୍ୟ ବାହାରୁ ବହୁ ଦର୍ଶକ, ଶ୍ରଦ୍ଧାଳୁ ଏହି ପର୍ବ ଦେଖିବାକୁ ଆସିଥାନ୍ତି। ଅତୀତରେ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଲୋକଙ୍କର ମଧ ଏହା ପ୍ରିୟ ଉତ୍ସବ ଥିଲା। ପାର୍ବଣ ସମୟରେ ସେଠାରୁ ଅନେକ ବ୍ୟବସାୟୀ ଏଠାକୁ ଆସନ୍ତି। ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ନୃତ୍ୟଗୀତ ପ୍ରତିଯୋଗିତା, ଘୁମୁରା ପ୍ରତିଯୋଗିତା, ଘୋଡ଼ାନାଚ, ଫୁଟ୍‌ବଲ ପ୍ରତିଯୋଗିତା, ନାଟକ, କୀର୍ତ୍ତନ ପରିବେଷଣ ହୋଇଥାଏ। ମଙ୍ଗଳବାର ମା'ଙ୍କର ଖଣ୍ଡାବସା ପର୍ବ ପାଳନ ହେଉଥିବାରୁ ଜୁନାଗଡ଼ ସହର ଚଳଚଞ୍ଚଳ ହୋଇଉଠିଛି।

– ରିପୋର୍ଟ: ଉତ୍ତମ କୁମାର ଦାଶ, କଳାହାଣ୍ଡି





ମା' ଲଙ୍କେଶ୍ୱରୀ ଖଣ୍ଡାବସା ଫୁଟ୍‌ବଲ କପ୍ ଉଦ୍‌ଘାଟିତ

ଜୁନାଗଡ଼,୨୩।୯(ସୁନୀଲ କୁମାର ସିଂହ/ ଅଂଶୁମାନ ଯୋଷୀ)

ଉଦ୍‌ଘାଟନୀ ମ୍ୟାଚ ଅବସରରେ ଅତିଥିଙ୍କ ସହ ୨ ଦଳର ଖେଳାଳି।

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ହାଇସ୍କୁଲ ପଡିଆଠାରେ ସୋମବାର ମା' ଲଙ୍କେଶ୍ୱରୀ ଖଣ୍ଡାବସା ଫୁଟ୍‌ବଲ କପ୍ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ମାଟିଗାଁ ଓ ବଗାଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମାଟିଗାଁ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ମଣ୍ଡଲ ଓ କର୍ଲାକୋଟ ମଧ୍ୟରେ ହୋଇଥିବାବେଳେ କର୍ଲାକୋଟ ବିଜୟୀ ହୋଇଥିଲା। ଜୁନାଗଡ଼ ଓ ଭବାନୀପାଟଣା ମଧ୍ୟରେ ହୋଇଥିବା ତୃତୀୟ ମ୍ୟାଚରେ ଜୁନାଗଡ ବିଜୟୀ ହୋଇଥିଲା। ଖେଳକୁ ଟୁନା ଲହଜଲ ଓ ଭଗବାନ ଦଳପତି ପରିଚାଳନା କରିଥିଲେ। ଜୁନାଗଡ ଫୁଟ୍‌ବଲ କ୍ଲବ ପକ୍ଷରୁ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବହୁଜନ ସଂଗ୍ରାମ ସମିତିର ସଭାପତି ରଞ୍ଜନ କୁମାର ଜାଲ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ଫୁଟବଲ୍ କ୍ଲବର ସଭାପତି ସନ୍ତୋଷ ପଟ୍ଟନାୟକ, ଖବରଦାତା ସନ୍ତୋଷ ସିଂଦେଓ, ଭବାନୀ ପଟ୍ଟନାୟକ, କାଳିଆ କନ୍ଦପାନ, ମିନୁ କନ୍ଦପାନ, ରତନ ଧଙ୍ଗଡାମାଝି, ଅଶୋକ ଶବର ପ୍ରମୁଖ ଯୋଗଦେଇଥିଲେ। ମଙ୍ଗଳବାର ଏଠାରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ପ୍ରତିବର୍ଷ ମା' ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡବସା ପର୍ବ ସମୟରେ ଜୁନାଗଡ ଫୁଟ୍‌ବଲ କ୍ଲବ ପକ୍ଷରୁ ଏପରି ଫୁଟବଲ କପ୍ ଆୟୋଜନ କରାଯାଇଥାଏ।

ଏମାନେ ଯାହା କୁହନ୍ତି...

"ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ କେଉଁ ଆବହମାନ କାଳରୁ ହୋଇଆସୁଛି। ମା'ଙ୍କ ଏହି ପର୍ବ ପାଇଁ ସପ୍ତାହ ପୂର୍ବରୁ ପ୍ରସ୍ତୁତ ହେବାକୁ ପଡିଥାଏ। ଆମ ସାତପୁରୁଷ ଏହି ମନ୍ଦିରରେ ପୂଜକ ଭାବେ କାର୍ଯ୍ୟ ତୁଲାଉଆସୁଛୁ। ମନ୍ଦିରର ସମସ୍ତ ରୀତିନୀତି ପ୍ରସ୍ତୁତି ଆମ ଦ୍ୱାରା ହୋଇଥାଏ।

-ଅଶ୍ୱିନ କୁମାର ପଣ୍ଡା
ପୂଜକ, ମା' ଲଙ୍କେଶ୍ୱରୀ ମନ୍ଦିର, ଜୁନାଗଡ଼

"ମା'ଙ୍କ ଖଣ୍ଡାବସା ପର୍ବ ରାଜାରାଜୁଡା ଅମଳରୁ ଅନୁଷ୍ଠିତ ହୋଇଆସୁଛି। ଏହି ପର୍ବ ଜୁନାଗଡ଼ ଇତିହାସର କିମ୍ବଦନ୍ତୀ କହିଲେ ଅତ୍ୟୁକ୍ତି ହେବନାହିଁ। ଖଣ୍ଡାବସା ପର୍ବ ଦିନ ଜୁନାଗଡ଼ ସହର ଚଳଚଞ୍ଚଳ ହୋଇ ଉଠିଥାଏ। ଚାରିଆଡ଼େ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ଏହି ପର୍ବ ପାଇଁ ଦୂରଦୂରାନ୍ତରେ ଥିବା ବନ୍ଧୁ, କୁଣିଆ ମଧ ଘରକୁ ଆସିଥାନ୍ତି।

-ମାନସ ସେଠୀ, ଜୁନାଗଡ଼

"ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ଉତ୍ସବ ପ୍ରତିବର୍ଷ ଧୁମଧାମରେ ଅନୁଷ୍ଠିତ ହୋଇଆସୁଛି। ବର୍ଷକରେ ଥରେ ଏହି ପର୍ବ ପଡୁଥିବାରୁ ଜୁନାଗଡ଼ବାସୀ ଚାହିଁ ରହିଥାନ୍ତି। ଚାରିଆଡେ ଭକ୍ତି, ଭାବମୟ ପରିବେଶ ସୃଷ୍ଟି କରିଥାଏ। ଏହି ଦିନ ମା'ଙ୍କ ସିଧାସଳଖ ଦର୍ଶନ ମିଳିଥାଏ। ସେଥିପାଇଁ ଆମେ ବେଶ ଉତ୍ସାହିତ ଅଛୁ।

-ନୀତୁ କ୍ଷିତୀ, ଗୃହିଣୀ, ଜୁନାଗଡ଼

ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ଆଜି

ଆଲୋକମାଳାରେ ଝଲସୁଛି ମା'ଙ୍କ ମନ୍ଦିର।

ଭବାନୀପାଟଣା,୨୩।୯ (ଉତ୍ତମ କୁମାର ଦାଶ/ ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ ମଙ୍ଗଳବାର ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ଦେବୀପୀଠ ଉତ୍ସବମୁଖର ହୋଇଉଠିଛି। ମା'ଙ୍କ ଦର୍ଶନ ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। କେତେଜଣ ଭକ୍ତ ମାନସିକ ପୂରଣ ପାଇଁ ମା'ଙ୍କ ନିକଟରେ ଭୋଗ ଲଗାଇଥିଲେ। ମଙ୍ଗଳବାର ସନ୍ଧ୍ୟା ୬ରୁ ୬ଟା ୩୦ ମଧ୍ୟରେ ମା'ଙ୍କ ଖଣ୍ଡା ଡାକବଙ୍ଗଳା ଅଭିମୁଖେ ଶୋଭାଯାତ୍ରାରେ ବାହାରିବ ଓ ରାତି ୯ଟା ୩୦ରେ ମା'ଙ୍କ ଖଣ୍ଡାବସା ପର୍ବ ହେବ ବୋଲି ପୂଜକ ଅଶ୍ୱିନ ପଣ୍ଡା ପ୍ରକାଶ କରିଛନ୍ତି। ସୋମବାର ରାତିରେ ଆଲୋକମାଳାରେ ଝଲସି ଉଠୁଛି ଇଷ୍ଟଦେବୀଙ୍କ ମନ୍ଦିର ସମେତ ମୁଖ୍ୟଦ୍ୱାର ଓ ଆଖପାଖ ଅଞ୍ଚଳ। ଖଣ୍ଡାବସା ପର୍ବ ଯେମିତି ଶାନ୍ତିଶୃଙ୍ଖଳା ସହ ହେବ ସେ ନେଇ ଜୁନାଗଡ଼ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଏହି ପର୍ବରେ ୧ ପ୍ଲାଟୁନ ପୋଲିସ ମୁତୟନ ସହ ଧର୍ମଗଡ଼ ଉପଖଣ୍ଡ ଅଞ୍ଚଳର ସମସ୍ତ ଥାନାର ଏସ୍‌ଆଇ ଓ ଏଏସ୍‌ଆଇ ଯୋଗଦେଇ ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣ କରିବେ। ସେହିପରି ଜୁନାଗଡ଼ ଆଇଆଇସି ଉଲ୍ଲାସ ରାଉତ, ଧର୍ମଗଡ଼ ଏସ୍‌ଡିପିଓ ମନୋଜ ବେହେରା ପ୍ରମୁଖ ଉପସ୍ଥିତ ଏହି ଆଇନଶୃଙ୍ଖଳା ତଦାରଖ କରିବେ। ପ୍ରଶାସନିକ ସ୍ତରରେ ଜୁନାଗଡ଼ ତହସିଲଦାର ସୁର୍ମି ସୋରେନ୍, ବିଡିଓ ଦେବାଶିଷ କର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ଖିଲୋ ପ୍ରମୁଖ ଦାୟିତ୍ୱ ତୁଲାଇବେ।

ଆଲୋକମାଳାରେ ଝଲସୁଛି ମା'ଙ୍କ ମନ୍ଦିର

ଖଣ୍ଡାବସା କବିତା

ଦେବୀ,
ତୁ' ଅଛୁ ବୋଲି
କେବେ ବି
କୂଳ ଲଂଘି
ଜୁନାଗଡ଼ର ଛାତିକୁ
ଛୁଇଁ ପାରେନି ହାତୀ ନଦୀ,
ନଦୀର ଡାହାଣ
ଘାଟରେ ତୋର
ପାଦଧୁଆ ଚିରଦିନ
ତୁ ଜାଣୁ,
ସେଇଠି ସରେ ଜୀବନ
ସେଠି ହିଁ ଶ୍ମଶାନ।

ତୋ'ର ଗୁଡ଼ି ନୁହେଁ ଗୋ
ତୁ ଗଡ଼ର ଅଧିଷ୍ଠାତ୍ରୀ
ଚୁପ୍‌ଚାପ୍ ବୁଲୁଥାଉ
ସାରା ସହର
ନିଶବ୍ଦ ହେଲେ ରାତ୍ରି।

ତୋର ଖଣ୍ଡା ବୁଲୁଥାଏ
ଚାରି ଦିଗେ,
ଭୟ ଯେତେ ଦୂରେ ଭାଗେ,
ଦେବୀ,
ତୁ ହିଁ ଥାଉ ସର୍ବାଗ୍ରେ।

ଯୁଗ ଯୁଗ ଧରି
ତୋର ଆସନ, ଶାସନ
ତୁ ସର୍ବାସନେ ଥା' ଦେବୀ
ମୁଁ ତୋତେ ଏମିତି ସ୍ମରୁଥିବି,
ଗାଁ, ନଗ୍ର, ଦେଶ ଓ ପୃଥିବୀ
ଯୁଆଡ଼େ ବି ଯିବି
ତୋତେ ଧରି
ଘୂରି ବୁଲୁଥିବି।

ପଲ୍ଲବୀ ଦାସ
ଜୁନାଗଡ଼,କଳାହାଣ୍ଡି

ଖଣ୍ଡାବସା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ

ଦୁଲୁକିବ ମା' ଲଙ୍କେଶ୍ୱରୀଙ୍କ ପୀଠ

ଜୁନାଗଡ଼,୨୩।୯(ସୁନୀଲ କୁମାର ସିଂହ/ଅଂଶୁମାନ ଯୋଷୀ)

ଜୁନାଗଡ଼ ମା' ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ ମଙ୍ଗଳବାର ପ୍ରତିବର୍ଷ ଭଳି ଏଥର ମଧ୍ୟ ସ୍ଥାନୀୟ ଲଙ୍କେଶ୍ୱରୀ କ୍ଲବ ପକ୍ଷରୁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଲଙ୍କେଶ୍ୱରୀ କ୍ଲବ ପକ୍ଷରୁ ମା' ଙ୍କ ନିକଟରେ ଘଣ୍ଟ ଦଳ ପରିବେଷଣ କରାଯିବ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିଶୁ ବିଚିତ୍ରା, ଘୁମୁରା ପ୍ରତିଯୋଗିତା ଆଦି ଅନୁଷ୍ଠିତ ହେବ। ଏ ନେଇ ଲଙ୍କେଶ୍ୱର କ୍ଲବର ଉପଦେଷ୍ଟା ଦୁର୍ଗା ପ୍ରସାଦ ନାଏକ ସୂଚନା ଦେଇଛନ୍ତି।





ସଂକ୍ଷେପରେ

ବେଣ୍ଟୁପୁର ପଞ୍ଚାୟତରେ ସ୍ୱଚ୍ଛତା ପକ୍ଷ ପାଳିତ

ବାଲିଅନ୍ତା,୨୩।୯ (ନୀଳମାଧବ ସାହୁ) ବାଲିଅନ୍ତା ବ୍ଲକ ବେଣ୍ଟୁପୁର ପଞ୍ଚାୟତରେ ସୋମବାର ସ୍ୱଚ୍ଛତା ହିଁ ସେବା-୨୦୨୪ ପରିପ୍ରେକ୍ଷୀରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ହୃଷୀକେଶ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପିଇଓ ରାକେଶ ସାହୁ, ଏଡିଓ ପ୍ରତାପ ନାୟକ, ସ୍ନେହାଞ୍ଜଳି ପଣ୍ଡା, ସ୍ୱେଚ୍ଛାସେବୀ ଉପମା ମହାନ୍ତି, ସମେତ ମିଶନ ଶକ୍ତି ସଦସ୍ୟା, ସିଆର୍‌ପି, ଏମ୍‌ବିକେ ଓ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଯୋଗଦେଇଥିଲେ। ନିଜ ନିଜର ଘର ଓ ଗ୍ରାମ ଚତୁଃପାର୍ଶ୍ୱକୁ ସଫା ରଖିବା, ପାଇଖାନା ବ୍ୟବହାର କରିବା ଓ ପ୍ଲାଷ୍ଟିକ ସାମଗ୍ରୀ ବର୍ଜନ ଆଦି ଉପରେ ସଚେତନତା ସୃଷ୍ଟି ପାଇଁ ଆଲୋଚନା ହୋଇଥିଲା। ଏହି ଅବସରରେ ଏକ ଶପଥ ପାଠ, ମାନବଶୃଙ୍ଖଳ ଓ ସଚେତନତା ଶୋଭାଯାତ୍ରା ଆଦି ଆୟୋଜିତ ହୋଇଥିଲା। ପରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ, ସ୍ଥାନୀୟ ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟ କରାଯାଇଥିଲା।

ନୂଆସାହି ମହାବୀର ପୂଜା କମିଟିର ନୂତନ କର୍ମକର୍ତ୍ତା

ଭୁବନେଶ୍ୱର, ୨୩।୯ (ବନ୍ଦନା ସେଠୀ)- ନୂଆସାହି ମହାବୀର ପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୟାପଲ୍ଲୀ ନୂଆସାହିର ଶ୍ରୀ ଶ୍ରୀ ଆଖଣ୍ଡଳମଣି ସେବା ସଂସଦ ପ୍ରାଙ୍ଗଣରେ ହେବାକୁ ଥିବା ୧୫ତମ ମହାବୀରଙ୍କ ପୂଜା ଉପଲକ୍ଷେ ନୂତନ ପଦାଧିକାରୀ, ଉପଦେଷ୍ଟା ଓ କାର୍ଯ୍ୟନିର୍ବାହୀ ସଦସ୍ୟମାନଙ୍କୁ ନେଇ ଏକ ନୂତନ ଟିମ୍ ଗଠନ କରାଯାଇଛି। ସଭାପତି ଭାବେ ବିବେକାନନ୍ଦ କର ରହିଥିବାବେଳେ, କାର୍ଯ୍ୟକାରୀ ସଭାପତି ମିଳନ୍ କୁମାର ପାଇକରାୟ ଓ ସନ୍ଦୀପ କୁମାର ବଳ, ଉପସଭାପତି ପ୍ରଶାନ୍ତ କୁମାର ବଡ଼ଜେନା ଓ ସୁମନ୍ତ ସାମନ୍ତରାୟ, ସାଧାରଣ ସମ୍ପାଦକ ଶୈଳେନ୍ଦ୍ର ପ୍ରସାଦ ରାୟ, ସାଙ୍ଗଠନିକ ସମ୍ପାଦକ ଶୁଭେନ୍ଦୁ ନାଏକ ଓ ଦେବାଶିଷ ପ୍ରଧାନ, ସହ ସମ୍ପାଦକ ହିମାଂଶୁ ପ୍ରଧାନ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ବେହେରା ପ୍ରମୁଖଙ୍କୁ ନେଇ ଏକ ୧୫ଜଣିଆ କାର୍ଯ୍ୟନିର୍ବାହୀ ସଦସ୍ୟ ରହିଛନ୍ତି। ସେହିପରି ୧୫ଜଣିଆ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି। ଚଳିତବର୍ଷ କିପରି ପୂଜା ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବ ସେନେଇ ଏହି ଟିମ୍ ଗଠନ କରାଯାଇଥିବା କାର୍ଯ୍ୟକାରୀ ସଭାପତି ମିଳନ୍ ସୂଚନା ଦେଇଛନ୍ତି।

ବିଭାଗୀୟ ସମନ୍ୱୟରେ ଶିଶୁ ଚାଲାଣ ରୋକାଯାଇପାରିବ

‘ଶ୍ରମ ପାଇଁ ଶିଶୁ ଚାଲାଣ’ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ଭୁବନେଶ୍ୱର,୨୩।୯(ବନ୍ଦନା ସେଠୀ)

ପିପୁଲସ୍ କଲ୍‌ଚରାଲ ସେଣ୍ଟର (ପିକକ୍) ଓ ସିଆର୍‌ଏସ୍ ସହଯୋଗରେ ପାନ୍ଥନିବାସଠାରେ ସୋମବାର ‘ଶ୍ରମ ପାଇଁ ଶିଶୁ ଚାଲାଣ’ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଶ୍ରମ କମିଶନର ତଥା ବରିଷ୍ଠ ପ୍ରଶାସକ ନିରଞ୍ଜନ ସାହୁ ପିଲାମାନଙ୍କୁ ଏକ ସୁରକ୍ଷିତ ଶୈଶବ ଦେବା ଆମ ସମସ୍ତଙ୍କର ଏକ ଗୁରୁଦାୟିତ୍ୱ ବୋଲି କହିଥିଲେ। ପଞ୍ଚାୟତିରାଜ ବିଭାଗ ଉପନିର୍ଦ୍ଦେଶକ ସୁବ୍ରତ ମିଶ୍ର ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକୁ ସଶକ୍ତୀକରଣ କରି ଶିଶୁ ଅନୁକୂଳ ପଞ୍ଚାୟତ ଗଠନ ଉପରେ କହିଛନ୍ତି। ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ପ୍ରକଳ୍ପର ସଫଳତା ଓ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ସରକାରୀ ବିଭାଗ ମଧ୍ୟରେ ସମନ୍ୱୟ ଓ ସହଯୋଗ ମାଧ୍ୟମରେ ଶିଶୁ ଚାଲାଣକୁ ରୋକାଯାଇପାରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

ରାଜ୍ୟସ୍ତରୀୟ ଆଲୋଚାନଚକ୍ରରେ ମଞ୍ଚାସୀନ ଅତିଥିମାନେ।

କାର୍ଯ୍ୟକ୍ରମରେ ପୂର୍ବତନ ଶ୍ରମ କମିଶନର ତଥା ବରିଷ୍ଠ ପ୍ରଶାସକ ଅଶ୍ୱିନୀ ଦାସ, କହିଛନ୍ତି, ଶିଶୁ ଚାଲାଣକୁ ରୋକିବା ପାଇଁ ଶିଶୁ ଓ ମହିଳାମାନଙ୍କର କଲ୍ୟାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ପଞ୍ଚାୟତିରାଜ ବିଭାଗ ଉପନିର୍ଦ୍ଦେଶିକା ଡ. ଅମୃତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶ୍ରମ ପାଇଁ ଶିଶୁ ଚାଲାଣର ମୁକାବିଲା ପାଇଁ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ୟାନେଲ୍‌ରେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ପ୍ରୋଗ୍ରାମ ମ୍ୟାନେଜର ପ୍ରୀତିକାନ୍ତ ପଣ୍ଡା ଉପସ୍ଥିତ ରହି ପିଲାଙ୍କର ସୁରକ୍ଷିତ ତଥା ଉନ୍ନତ ଭବିଷ୍ୟତ ପାଇଁ ମାତାପିତାଙ୍କୁ ସଚେତନ କରାଇବା ଆବଶ୍ୟକ ବୋଲି କହିଥିଲେ। ମହିଳା ହିଂସା ଓ ଶିଶୁ ଶାଖାର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଇମାମ କଲ୍ୟାଣ ନାୟକ ମହିଳା ଓ ଶିଶୁମାନଙ୍କ ପାଇଁ ଜରୁରିକାଳୀନ ସହାୟତା ନମ୍ବର ଓ ସରକାରଙ୍କର ସମସ୍ତ କଲ୍ୟାଣକାରୀ ଯୋଜନା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ହିଂସା ଓ ଶିଶୁ ଶାଖାର ମାନବ ଚାଲାଣ ତଥା ନିଖୋଜ ବିଭାଗର ଅଧିକାରୀ ବନିତା ମହାରଣା, ପଞ୍ଚସଖା ଶିକ୍ଷା ସେତୁର ଉପନିର୍ଦ୍ଦେଶିକା ସସ୍ମିତା ମାଲି, ସିଆରଏସ୍‌ର ମନୋରଞ୍ଜନ ମିଶ୍ର, ୟୁନିସେଫର ମନ୍ନା ବିଶ୍ୱାସ ଓ ଅଜୟ ସିଂ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ପିକକ୍‌ର ଅଧ୍ୟକ୍ଷା ମିନାକ୍ଷୀ ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ, ସମ୍ପାଦକ ରଞ୍ଜନ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନ ଦକ୍ଷିଣ ଜୋନ୍‌ର ସଂଯୋଜକ ମନୋଜ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

ସମସ୍ୟା ସମାଧାନ ନ ହେଲେ ରାସ୍ତାକୁ ଓହ୍ଲାଇବେ ଭିଏସ୍‌ଏସ୍ ନଗରବାସୀ

ଭୁବନେଶ୍ୱର,୨୩।୯(ବନ୍ଦନା ସେଠୀ)

ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ନଗର ଉନ୍ନୟନ ପରିଷଦର କାର୍ଯ୍ୟନିର୍ବାହୀ ସମିତି ବୈଠକ ସୋମବାର ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି କୃପାସିନ୍ଧୁ ସାହୁଙ୍କ ସଭାପତିତ୍ୱରେ ବୈଠକରେ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ୱାର୍ଡ ନଂ. ୧୧ରେ ମାଳମାଳ ସମସ୍ୟା ଥିବାବେଳେ ସମାଧାନ ପାଇଁ ପଦକ୍ଷେପ ନିଆଯାଉ ନ ଥିବା କାର୍ଯ୍ୟନିର୍ବାହୀ ସଦସ୍ୟମାନେ ଅଭିଯୋଗ କରିଥିଲେ।

ସ୍ଥାନୀୟ ଅଞ୍ଚଳରେ ଦୀର୍ଘଦିନ ହେବ ଓଭରବ୍ରିଜ୍ ନିର୍ମାଣ ଚାଲିଥିବା ବେଳେ ସର୍ଭିସ୍ ରୋଡ୍ ନାହିଁ, ନିର୍ମାଣ ହୋଇପାରୁନି ୱାର୍ଡ ଅଫିସ ଗୃହ, ବାରମ୍ବାର ଅଭିଯୋଗ ପରେ ମଧ୍ୟ ରାସ୍ତାକଡ଼ରେ ମାସଂକଟା ଚାଲଛି, ଡାକ୍ତରଖାନାରୁ ଲାବରେଟୋରୀ ଉଠାଇବା ପାଇଁ ଯୋଜନା ଚାଲିଛି, ରାସ୍ତା ନିର୍ମାଣ ପାଇଁ ରାସ୍ତା ପାଣି ଘର ଭିତରେ ପଶୁଛି। ତେଣୁ ଓଭରବ୍ରିଜ ପାଖରେ ସର୍ଭିସ୍ ରୋଡ କାମ ତୁରନ୍ତ ନ ସରିଲେ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ନ ହେଲେ ସ୍ଥାନୀୟ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ବୈଠକରେ ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ମହେଶ୍ୱର ବିଶ୍ୱାଳ ଆର୍ଥିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ କର୍ପୋରେଟର ପ୍ରଭାସିନୀ ମହାନ୍ତି, ଯୁଗ୍ମ-ସମ୍ପାଦକ ପ୍ରତାପ କୁମାର ନନ୍ଦ, ଧରଣୀଧର ରାଉତ, ଶୀତଳ ଚନ୍ଦ୍ର ମହାନ୍ତି, ରାମଚନ୍ଦ୍ର ସାମଲ ଓ ଚିନ୍ତାମଣି ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦର ଉପସଭାପତି ଡ. ଜୟନ୍ତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

ସାହିତ୍ୟ, ସଂସ୍କୃତି ଓ ସଙ୍ଗଠନର ମୁଖ୍ୟ ପୁରୋଧା ଥିଲେ ସାତକଡ଼ି ହୋତା

ସାତକଡ଼ି ହୋତା ସ୍ମୃତି ସଂସଦର ମାସିକ ଆଲୋଚନାଚକ୍ର

ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଭୁବନେଶ୍ୱର,୨୩।୯(ବନ୍ଦନା ସେଠୀ)

ସାତକଡ଼ି ହୋତା ସ୍ମୃତି ସଂସଦ ପକ୍ଷରୁ ଓଡ଼ିଶା ଲେଖକ ସମବାୟ ସମିତି ପରିସରରେ ସୋମବାର ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ‘ପୌରୁଷ’ର ସମ୍ପାଦକ ଅସିତ ମହାନ୍ତି, ‘ଦିଗ୍‌ବଳୟ’ର ସମ୍ପାଦକ ଅଜୟ କେତନ ମହାନ୍ତି, ସାହିତ୍ୟିକା ଡ. ଆରତୀ କର, ମୀନତୀ ଷଡ଼ଙ୍ଗୀ, ‘ଅମୃତାୟନ’ର ସମ୍ପାଦିକ ସୌମ୍ୟା ରଥ, ସାତକଡ଼ି ହୋତାଙ୍କ ଜାମାତା ବୈଜ୍ଞାନିକ ଅଶୋକ ରଥ, ସାହିତ୍ୟିକ ସିଦ୍ଧାର୍ଥ କାନୁନ୍‌ଗୋ ପ୍ରମୁଖ ଯୋଗଦେଇ ସାତକଡ଼ି ହୋତାଙ୍କ ସାହିତ୍ୟ ଉପରେ ଆଲୋଚନା କରିଥିଲେ। ସାତକଡ଼ି ହୋତା ଏକାଧାରରେ ସାହିତ୍ୟ, ସଂସ୍କୃତି ଓ ସଙ୍ଗଠନର ମୁଖ୍ୟ ପୁରୋଧା ଥିଲେ ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି।ଏହି ଅବସରରେ ସାତକଡ଼ିଙ୍କ ସ୍ମୃତିରେ ଅକ୍ଟୋବରରେ ସମିତି ତରଫରୁ ‘ସାତକଡ଼ି ହୋତା ବିଶେଷାଙ୍କ’ ପ୍ରକାଶ ପାଇବା ପାଇଁ ସ୍ଥିର କରାଯାଇଥିଲା। ସ୍ମୃତି ସଂସଦ ତରଫରୁ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ସହ ସଭା ପରିଚାଳନା କରିଥିଲେ। ପୀତାମ୍ବର ରଥ ଧନ୍ୟବାଦ ଜ୍ଞାପନ କରିଥିଲେ।।

ଶ୍ରମ କୋଡ୍ ବାତିଲ ଦାବିରେ ସୋମବାର ଅଖିଳ ଭାରତ ଟ୍ରେଡ୍ ୟୁନିୟନ୍ କଂଗ୍ରେସ (ଏଆଇଟିୟୁସି) ପକ୍ଷରୁ ଭୁବନେଶ୍ୱର ରାଜମହଲ ଛକରୁ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।

ଶ୍ରମ କୋଡ୍ ବାତିଲ ପାଇଁ କେନ୍ଦ୍ରୀୟ ଶ୍ରମିକ ସଂଗଠନର ଦାବି

ଭୁବନେଶ୍ୱର,୨୩।୯
(ଅନୁରାଧା ମହାରଣା)

କେନ୍ଦ୍ର ସରକାରଙ୍କୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ବାରମ୍ବାର ଶ୍ରମ କୋଡ୍‌କୁ ବାତିଲ କରିବା ଲାଗି ଦାବି ଜଣାଉଥିଲେ ମଧ୍ୟ କେନ୍ଦ୍ର ସରକାର ଶ୍ରମ କୋଡ୍‌କୁ ଲାଗୁ କରିବାକୁ ଉଦ୍ୟମ ଜାରି ରଖିବା ଏକ ନିନ୍ଦନୀୟ ଘଟଣା ବୋଲି ଅଖିଳ ଭାରତ ଟ୍ରେଡ୍ ୟୁନିୟନ୍ କଂଗ୍ରେସ (ଏଆଇଟିୟୁସି) କହିଛି। ସେପ୍ଟେମ୍ବର ୨୩କୁ କଳା ଦିବସ ଭାବେ ପାଳନ କରିବା ଲାଗି ସୋମବାର କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଫେଡେରେଶନ ସମୂହ ପକ୍ଷରୁ ଭୁବନେଶ୍ୱର ରାଜମହଲ ଛକଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଗାନ୍ଧୀମାର୍ଗରେ ପହଞ୍ଚି ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ଭାଜପା ସରକାର ଆସିବା ପରଠାରୁ ଶ୍ରମିକ ଛଟେଇ, ଠିକା ଶ୍ରମିକ ନିଯୁକ୍ତି ଓ କଳକାରଖାନାରେ ମାଲିକଙ୍କ ଦମନ ନୀତି ବଢ଼ି ଯାଇଥିବା କହି ଶ୍ରମିକ ନେତାମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏପରିକି ମୋହନ ସରକାର କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକ ସହିତ ରାଜ୍ୟର ଶ୍ରମ ନୀତି ଉପରେ କୌଣସି ପ୍ରକାର ଆଲୋଚନା ପାଇଁ ପ୍ରସ୍ତୁତ ନାହାନ୍ତି ବୋଲି ବକ୍ତାମାନେ ପ୍ରକାଶ କରିଛନ୍ତି। ଏଆଇଟିୟୁସିର ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ସଭାରେ ଆଇଏନ୍‌ଟିୟୁସି ରାଜ୍ୟ ସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ ଦାଶ, ସାଧାରଣ ସମ୍ପାଦକ ବିଜୟ ଜେନା, ସିଆଇଟିୟୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ପ୍ରମୁଖ ଶ୍ରମିକ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟପଟେ ରାଜ୍ୟର କଟକ, ଜଗତସିଂହପୁର, ପାରାଦୀପ, କେନ୍ଦ୍ରାପଡ଼ା, ବାଲେଶ୍ୱର, ଢେଙ୍କାନାଳ, ତାଳଚେର, ଚମ୍ପୁଆ, ଜିଲିଂ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ନବରଙ୍ଗପୁର, ମାଲକାନାଗିରି, ଛତ୍ରପୁର, ବ୍ରହ୍ମପୁର, ଜୟପୁର, ରାୟଗଡ଼ା, ପୁରୀ, ନୟାଗଡ଼, ରାଉରକେଲା ଆଦି ସ୍ଥାନରେ ଆନ୍ଦୋଳନ ହୋଇଥିବାବେଳେ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରମିକ ଶ୍ରେଣୀର ସ୍ୱାର୍ଥ ପାଇଁ ୪ଟି ଶ୍ରମ କୋଡ୍‌କୁ ପ୍ରତ୍ୟାହାର ପାଇଁ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଦାବି କରିଛନ୍ତି।

ଭୁବନେଶ୍ୱରରେ ନିଶାମୁକ୍ତି ଅଭିଯାନ ରଥ

ପୁରୁଣା ଭୁବନେଶ୍ୱର,୨୩।୯(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଅନୁକୂଲ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଉଣ୍ଟଆବୁ ରାଜସ୍ଥାନରୁ ଆସିଥିବା ଏକ ନିଶାମୁକ୍ତି ଅଭିଯାନ ରଥ ଭୁବନେଶ୍ୱରରେ ପହଞ୍ଚିଛି। ଆନିହାଉସ ଛକ ଠାରେ ପହଞ୍ଚିବା ପରେ ସୁସ୍ଥ ସମାଜ ଗଠନରେ ଶ୍ରମ ଦାନ ଏବଂ ସୁଖଶାନ୍ତିରେ ଜିଇଁବାର କଳା ଉପରେ ଆଲୋକପାତ କରାଯାଇଥିଲା। ସଞ୍ଚାଳିକା ଭଉଣୀ ବିକେ.ପ୍ରତିମା, ବେଣୁଧର ମହାପାତ୍ର, ଅଭୟ ମଲ୍ଲିକ, ଜ୍ୟୋତ୍ସ୍ନାରାଣୀ ରଥ, କବିରାଜ ପ୍ରଧାନ, ପିଙ୍ଗୁଆ, ବିକେ. ଅର୍ପିତା, ବିକେ.ଭାରତୀ ପ୍ରମୁଖ ଉପସ୍ଥିତ ଥିଲେ।

କେନ୍ଦ୍ରାପଡା ଜିଲା ଆଳି ନିର୍ବାଚନ ମଣ୍ଡଳୀର ସମସ୍ତ ସମବାୟ ସମିତି (ପିଏଏସ୍‌ସି)ଗୁଡ଼ିକର ସିଏଜି ତଦନ୍ତ ସହ ବିଭିନ୍ନ ଦାବିରେ ସୋମବାର ରାଜକନିକାରୁ ରାଜଧାନୀ ଭୁବନେଶ୍ୱର ଆସିଥିବା ଚାଷୀପଦଯାତ୍ରା।

ଭାଜପାର ସଦସ୍ୟତା ଅଭିଯାନ

ବାରଙ୍ଗ,(ଲିଙ୍ଗରାଜ ରାଉତ)/
ବାଲିପାଟଣା,୨୩।୯(ଅଭିମନ୍ୟୁ ନାୟକ)

ଭୁବନେଶ୍ୱର ଉତ୍ତର ଭାଜପା ଗ୍ରାମୀଣ ମଣ୍ଡଳ ପକ୍ଷରୁ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ କଲ୍ୟାଣପୁର ପଞ୍ଚାୟତର ଗଣ୍ଡରପୁରଠାରେ ସୋମବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଅଭିଯାନରେ ବହୁ ସଦସ୍ୟ ସଦସ୍ୟତା ଗ୍ରହଣ କରିଥିଲେ। ଏଥିସହ ଆଗାମୀ ଦିନରେ କିପରି ବୁଥ୍‌ସ୍ତରରେ ସଦସ୍ୟତା ବୃଦ୍ଧି ପାଇବ, ସେ ନେଇ ଆଲୋଚନା ହୋଇଥିଲା। ଭାଜପାରାଜ୍ୟ ସାଙ୍ଗଠନିକ ସାଧାରଣ ସମ୍ପାଦକ ସାରଦା ମହାପାତ୍ର, ଜିଲା କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମିଶ୍ର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଜମ୍ବେଶ୍ୱର ଦତ୍ତ, ମଣ୍ଡଳ ସଭାପତି ସଂଯୁକ୍ତା ପଢ଼ିହାରୀ, ଉମାକାନ୍ତ ହାତୀ, ଜିତେନ୍ଦ୍ର ସାସମଲ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ବାଲିପାଟଣା ବ୍ଲକ ଭାଜପା ପକ୍ଷରୁ ଗିରିଙ୍ଗେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସଦସ୍ୟତା ଅଭିଯାନ ଏବଂ ମା’ ପାଇ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ବସନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ରାଜ୍ୟ ସରକାର ଯାହା ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲେ, ତାହା ପୂରଣ କରିବା ଆରମ୍ଭ କରିସାରିଲେଣି। ପର୍ଯ୍ୟାୟକ୍ରମେ ଅନେକ ଜନହିତକର କାର୍ଯ୍ୟ ହାତକୁ ନିଆଯିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହେଉଛି। ସରକାର ଶହେଦିନ ଶାସନର ହିସାବ ଦେଇଛନ୍ତି। ତେଣୁ ସଦସ୍ୟତା ଅଭିଯାନ ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚିବାକୁ ହେବ। ଏହି ଅବସରରେ ମା’ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଚାରାରୋପଣ କରାଯାଇଥିଲା। ସମସ୍ତ କର୍ମକର୍ତ୍ତା ଚାରାରୋପଣ ଉପରେ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ରାଜ୍ୟ ସଂଯୋଜକ ସୁଦର୍ଶନ ବିଶ୍ୱାଳ, ବିଜୟ ମହାରଣା, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ବାଲିପାଟଣା ବ୍ଲକ ମଣ୍ଡଳ ସଭାପତି ନାରାୟଣ ଖୁଣ୍ଟିଆ ପରିଚାଳନା କରିଥିଲେ।

ବାଲିପାଟଣା: ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ବିରାଜିବେ ମା’

ଭୁଟାନ ମନ୍ଦିରରେ ପୂଜା ପାଇବେ ମା’

ମା’ ଭୁଆସୁଣୀ ଦୁର୍ଗାପୂଜା କମିଟି, ଘାଟିକିଆ

ଭୁବନେଶ୍ୱର,୨୩।୯
(ଅନୁରାଧା ମହାରଣା)

ଦଶହରା ପାଖେଇ ଆସୁଥିବାବେଳେ ଦେବୀ ଦୁର୍ଗାଙ୍କ ଆଶିଷ ପାଇବା ପାଇଁ ରାଜଧାନୀବାସୀଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି। ମୂର୍ତ୍ତିଗଢ଼ା ସହ ତୋରଣ ବନ୍ଧା କାମରେ ଶିଳ୍ପୀ ଓ କାରିଗର ଲାଗିପଡ଼ିଛନ୍ତି। ମା’ଙ୍କ ଆବାହନଠାରୁ ବିସର୍ଜନ କିପରି ଶୃଙ୍ଖଳିତ ଭାବେ ହେବ ସେନେଇ ବିଭିନ୍ନ ପୂଜା କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ଜାରି ରହିଛି। ମା’ ଭୁଆସୁଣୀ ଦୁର୍ଗାପୂଜା କମିଟି ଘାଟିକିଆ ପକ୍ଷରୁ ଆକର୍ଷଣୀୟ ମେଢ଼ ସହ ସୁଉଚ୍ଚ ତୋରଣ ପ୍ରସ୍ତୁତିରେ କୋଲକାତାର କାରିଗର ନିମଗ୍ନ ଅଛନ୍ତି। ଏଥର ଏଠାରେ ଭୁଟାନର ଏକ ପ୍ରସିଦ୍ଧ ମନ୍ଦିର ଆକୃତିର ତୋରଣ ଆକର୍ଷଣ ସାଜିବ। ମା’ଙ୍କ ୧୬ ଫୁଟ ଉଚ୍ଚତା ବିଶିଷ୍ଟ ମୂର୍ତ୍ତିରେ ରୁପା ଆଖି ଓ ରୁପା ଚିତା ଖଞ୍ଜାଯିବ। ୬୫ ଫୁଟ ଉଚ୍ଚତା ବିଶିଷ୍ଟ ତୋରଣରେ ୨୦ ଫୁଟ୍ ଉଚ୍ଚତା ବିଶିଷ୍ଟ ମେଢ଼ ଅନ୍ୟତମ ଆକର୍ଷଣ ରହିବ। ପୂଜା ପାଇଁ ପ୍ରାୟ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଷଷ୍ଠୀରେ ମା’ଙ୍କ ଘଟ ସ୍ଥାପନ କରାଯିବ। ସପ୍ତମୀରେ ଘୋଡାନାଚ ଆଦି କାର୍ଯ୍ୟକ୍ରମ ସହ ମା’ଙ୍କ ଚକ୍ଷୁଦାନ ତଥା ଅନ୍ୟାନ୍ୟ ପୂଜାବିଧି ଆଗେଇବ। ପରମ୍ପରା ଅନୁଯାୟୀ, ଅଷ୍ଟମୀରେ ଖେଚୁଡ଼ି ଓ କାକରା ଭୋଗ ଲାଗି କରାଯିବ। ପୂର୍ବରୁ ଭୋଗ ପାଇଁ ବରାଦ କରିଥିବା ଶ୍ରଦ୍ଧାଳୁଙ୍କୁ ଏହି ପ୍ରସାଦ ପ୍ରଦାନ କରାଯିବ। ଏଥିସହ ଦଶମୀରେ ୪ ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ଏଥର ପୂଜାରେ ପ୍ରାୟ ୫୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ଆବଶ୍ୟକ ବ୍ୟବସ୍ଥା ହୋଇଛି। ମନୋରଞ୍ଜନ ପାଇଁ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଷଷ୍ଠୀରେ ନାମ ସଂକୀର୍ତ୍ତନ, ସପ୍ତମୀରେ ଭଜନ ସନ୍ଧ୍ୟା, ଅଷ୍ଟମୀରେ ନୃତ୍ୟ ଓ ଦଶମୀରେ ମେଲୋଡ଼ି କାର୍ଯ୍ୟକ୍ରମ ରହିଛି। ପାରମ୍ପରିକ ବାଦ୍ୟର ତାଳେ ତାଳେ ମା’ଙ୍କୁ ଶୋଭାଯାତ୍ରାରେ ନିଆଯାଇ କୁଆଖାଇରେ ମେଲାଣି ଦିଆଯିବ।

ସମସ୍ତଙ୍କ ମାନସିକ ପୂରଣ କରନ୍ତି ମା’

ବିଧି ଅନୁସାରେ ମା’ଙ୍କ ପୂଜା କରାଯିବ। ମା’ଙ୍କ ପାଖରେ ପରମ୍ପରା ମୁତାବକ ପାଣିକଖାରୁ ବଳି ଦିଆଯିବ। ଅଷ୍ଟମୀରେ ମହିଳାମାନେ ସକାଳୁ ଆସି ପୂଜା କରିବା ସହ ମା’ଙ୍କ ଆଶିଷ ନେବେ। ଭକ୍ତି ଓ ମନୋରଞ୍ଜନର ସମନ୍ୱୟ ଦେଖିବାକୁ ମିଳିବ। ୨୬ ବର୍ଷ ହେଲା ପୂଜା ହୋଇ ଆସୁଛି। ଆଗରୁ କେବଳ ଗ୍ରାମବାସୀ ସାମିଲ ହେଉଥିବାବେଳେ ଏବେ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଛି। ମା’ଙ୍କ ପୀଠରେ ଏହି ମଣ୍ଡପ ହୋଇଥିବାରୁ ଯିଏ ଯେଉଁ ମାନସିକ କରନ୍ତି ମା’ ନିଶ୍ଚୟ ପୂରଣ କରନ୍ତି।

- ପ୍ରକାଶ ଚନ୍ଦ୍ର ଭୂୟାଁ, ସଭାପତି, ଦୁର୍ଗାପୂଜା କମିଟି

ଆୟୋଜନ ବଢ଼ିଛି, ଭିଡ଼ ମଧ ବଢ଼ିବ

୫ଦିନ ଧରି ହେଉଥିବା ଦୁର୍ଗାପୂଜାରେ ହଜାର ହଜାର ସଂଖ୍ୟାରେ ଜନସମାଗମ ହୋଇଥାଏ। ଏବର୍ଷ ଆୟୋଜନ ବଢ଼ିଥିବାରୁ ଗହଳି ମଧ ବଢ଼ିବ ବୋଲି ଆଶା କରାଯାଉଛି। କମିଟିରେ ଶତାଧିକ ସଦସ୍ୟ ଭିଡ଼ ନିୟନ୍ତ୍ରଣଠାରୁ ଆରମ୍ଭ କରି ଶୃଙ୍ଖଳିତ ଦର୍ଶନକୁ ସୁନିଶ୍ଚିତ କରିବ। ପୋଲିସ ପ୍ରଶାସନ ମଧ ପ୍ରତିବର୍ଷ ଭଳି ଏଥର ସାହାଯ୍ୟ କରିବେ। ବିଶେଷକରି ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଉଛି।

- ଚର୍ତ୍ତୁଭୁଜ ମାଝୀ, ସମ୍ପାଦକ

ଦେଶୀ ମଦ ଜବତ, ୪ ଗିରଫ

ବାଙ୍କୀ, (ଜ୍ଞାନେନ୍ଦ୍ର ମୋହନ ମିଶ୍ର): କେନ୍ଦ୍ରାଞ୍ଚଳ ଗୁଇନ୍ଦା ବିଭାଗ ଅବକାରୀ ଏସ୍ଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶଙ୍କ ନେତୃତ୍ୱରେ ସୋମବାର ଏକ ଟିମ ବାଙ୍କୀ ଟାଉନ୍ରେ ଚଢ଼ଉ କରି ନିକଟସ୍ଥ ଚାଉଳ ମାର୍କେଟରୁ ୧୨୧୦ ଲିଟର ଚୋରା ଦେଶୀ ମଦ ଜବତ କରିଛନ୍ତି। ଏହି ଘଟଣାରେ ଭାଲୁ ଓରଫ ରବିନ୍ଦ୍ର ବେହେରା, ଆନନ୍ଦ ଚନ୍ଦ୍ର ମଙ୍ଗୁଆଳ, ରାକେଶ ବେହେରା ଓ ଶୁଭେନ୍ଦୁ ପାତ୍ରଙ୍କୁ ଗିରଫ କରାଯାଇ ବାଙ୍କୀ କୋର୍ଟଚାଲାଣ କରାଯାଇଛି। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ତରଫରୁ କେସ ନଂ-୨୪୮/୨୪ରେ ମାମଲା ରୁଜୁ ହୋଇଛି। ଏହି ଚଢ଼ଉରେ ଅବକାରୀ କର୍ମଚାରୀ ଯୋଗେନ୍ଦ୍ର ପରିଡ଼ା, କିଶୋର ଚନ୍ଦ୍ର ରାଉତ, ଅବନୀ କୁମାର ମହାପାତ୍ର ସହଯୋଗ କରିଥିଲେ।

ସଂକ୍ଷେପରେ

ସଡ଼କ ଦୁର୍ଘଟଣାରେ ଯୁବକ ଗୁରୁତର

ଆଠଗଡ,୨୩।୯ (ସତ୍ୟ ପ୍ରସାଦ ରଥ)

ଆଠଗଡରୁ ଧବଳେଶ୍ୱର ରାସ୍ତାର ଆଠଗଡ ଥାନା ଅନ୍ତର୍ଗତ ଦହିସରା ନିକଟରେ ସଡକ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଆଠଗଡ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ସେ ବଡମ୍ବା ଅଞ୍ଚଳର ହରେଶ ନାୟକ(୩୦)। ହରେଶ ଓ ଉକ୍ତ ଅଞ୍ଚଳର ସୁଦାମ ନାୟକ ବାଇକ ଯୋଗେ କଟକ ଯାଉଥିଲେ। ସନ୍ଧ୍ୟା ସମୟରେ ବର୍ଷା ହୋଇଥିଲା। ଏହାଛଡ଼ା ଘଟଣା ସ୍ଥଳରେ ଠିକାଦାର କାମ ପାଇଁ ବେପରୁଆ ଭାବରେ କଳା ମୁଗୁନି ପଥର ରାସ୍ତା ଉପରେ ରଖିଥିଲେ। ବର୍ଷା ଯୋଗୁ ହରେଶ ଓ ସୁଦାମ ବାଇକରେ ଯାଉଥିବା ସମୟରେ ରାସ୍ତା ଜାଣି ନପାରି କଳା ମୁଗୁନି ପଥର ଉପରେ ଧକ୍କା ହୋଇଥିଲେ।

୩ ଶ୍ରେଣୀକୁ ୨ ଶିକ୍ଷକ: ପାଠପଢ଼ା ବାଧାପ୍ରାପ୍ତ

କ୍ଷେତ୍ରମୋହନ ବିଦ୍ୟାପୀଠ

- ପରୀକ୍ଷଣ ୬,୧୫,୬୦୮ରୁ ୨୮,୩୯୩ ପଜିଟିଭ
- ମୃତକଙ୍କ ତଥ୍ୟ ଦେବାକୁ ପ୍ରଶାସନ କୁନ୍ଥୁକୁନ୍ଥୁ

ନିଶ୍ଚିନ୍ତକୋଇଲି,୨୩।୯(ଅଶୋକ କୁମାର ମହାପାତ୍ର)

ସରକାର ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏନେଇ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରୀମାନଙ୍କୁ ମାଗଣାରେ ପୋଷାକ ଯୋଗାଇ ଦେଉଛନ୍ତି। ବିଦ୍ୟାଳୟ ଗୃହକୁ ସର୍ବାଙ୍ଗ ସୁନ୍ଦର କରିବା ନିମନ୍ତେ ଲକ୍ଷାଧିକ ଟଙ୍କାର ସରକାରୀ ଅନୁଦାନ ଯୋଗାଇ ଦିଆଯାଉଛି। ମାତ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ଶିକ୍ଷା ପଦ୍ଧତି କାରଣରୁ ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା କ୍ଷେତ୍ରମୋହନ ବିଦ୍ୟାପୀଠରେ ଶିକ୍ଷାଦାନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ବିଦ୍ୟାଳୟର ୩ଟି ଶ୍ରେଣୀ ନିମନ୍ତେ ୨ଜଣ ଶିକ୍ଷକ ରହିଥିବା ଜଣାଯାଇଛି। କଟରପଡା କ୍ଷେତ୍ରମୋହନ ବିଦ୍ୟାପୀଠ ୧୯୮୪ରେ ସ୍ଥାପନ କରାଯାଇଥିଲା। ଏହି ବିଦ୍ୟାଳୟରେ ଅଷ୍ଟମ, ନବମ ଓ ଦଶମ ୩ଟି ଶ୍ରେଣୀ ରହିଛି। ଏସବୁ ଶ୍ରେଣୀରେ ୧୩୪ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଏସବୁ ଶ୍ରେଣୀ ନିମନ୍ତେ ୮ଟି ଶିକ୍ଷକ ପଦବୀ ମଞ୍ଜୁର ହୋଇଥିଲା। ମାତ୍ର ଏବେ ୨ଜଣ ଶିକ୍ଷକଙ୍କୁ ନେଇ ବିଦ୍ୟାଳୟ ଚାଲୁଥିବାର ଅଭିଯୋଗ ହୋଇଛି। ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବଘନ ବେହେରା ଗତ ୨୦୧୮ରୁ ଅବସର ନେଲେଣି। ତାଙ୍କ ବଦଳରେ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ପ୍ରଧାନ ଶିକ୍ଷକ ଯୋଗାଇ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ସ୍ଥାୟୀ ପ୍ରଧାନ ଶିକ୍ଷକ ନ ଥିବା କାରଣରୁ ବିଦ୍ୟାଳୟର ପରିଚାଳନାରେ ନାହିଁ ନ ଥିବା ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ପିସିଏମ ଶିକ୍ଷକ ଜଗଦିଶ କର କିଛିମାସ ତଳେ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ତାଙ୍କ ବଦଳରେ କୌଣସି ପିସିଏମ ଶିକ୍ଷକ ଯୋଗାଇ ଦିଆଯାଇ ନ ଥିବାରୁ ଛାତ୍ର ଛାତ୍ରୀମାନେ ବିଜ୍ଞାନ ଓ ଗଣିତ ଶିକ୍ଷାଲାଭରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ସେହିପରି ବିଦ୍ୟାଳୟର ୨ କଳା ଶିକ୍ଷକ ରମାକାନ୍ତ ସାହୁ ୨୦୨୧ ନଭେମ୍ବର ଓ ଅକ୍ଷୟ କୁମାର ଜେନା ୨୦୨୨ ଅକ୍ଟୋବରରୁ କାର୍ଯ୍ୟରୁ ଅବସର ନେଇଛନ୍ତି। ତାଙ୍କ ବଦଳରେ ଏପର୍ଯ୍ୟନ୍ତ କୌଣସି ନୂତନ ଶିକ୍ଷକ ଯୋଗାଇ ଦିଆଯାଇ ନାହିଁ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ମନୋଜ କୁମାର ରଥ ଅବସର ଗ୍ରହଣ କରିଥିଲେ ମଧ ତାଙ୍କ ବଦଳରେ କୌଣସି ନୂତନ ସଂସ୍କୃତ ଶିକ୍ଷକ ଯୋଗାଇ ଦିଆଯାଇ ନାହିଁ। ଫଳରେ ଛାତ୍ରୀଛାତ୍ରୀ ମାନେ ଦେବଭାଷା ସଂସ୍କୃତ ଶିକ୍ଷାଲାଭରୁ ବଞ୍ଚିତ ହେଉଥିବାର ଅଭିଯୋଗ ହୋଇଛି। ସରକାର ଶାରୀରିକ କ୍ରୀଡ଼ା କୌଶଳ ଉପରେ ଗୁରୁତ୍ୱାରୋପ କରୁଥିଲା ବେଳେ ବିଦ୍ୟାଳୟର କ୍ରୀଡ଼ାଶିକ୍ଷକ ବଳରାମ ପରିଡା ୨୦୨୩ରୁ କାର୍ଯ୍ୟରୁ ଅବସର ଗ୍ରହଣ କଲେଣି। ତାଙ୍କ ବଦଳରେ ଏପର୍ଯ୍ୟନ୍ତ କୌଣସି ନୂତନ କ୍ରୀଡ଼ା ଶିକ୍ଷକ ଯୋଗାଇ ଦିଆଯାଇ ନ ଥିବା କାରଣରୁ ଛାତ୍ରୀଛାତ୍ରୀମାନେ କ୍ରୀଡାକୌଶଳ ଶିକ୍ଷାଲାଭରୁ ବଞ୍ଚିତ ହେଉଛନ୍ତି। ବିଦ୍ୟାଳୟର କିରାଣି ସୁରେନ୍ଦ୍ର ଲେଙ୍କା ୨୦୨୧ରୁ ଅବସର ଗ୍ରହଣ କରିଥିଲେ ମଧ କୌଣସି ନୂତନ କିରାଣି ଯୋଗାଇ ଦିଆଯାଇ ନାହିଁ। ଫଳରେ ବିଦ୍ୟାଳୟର ସରକାରୀ କାଗଜପତ୍ର ପ୍ରସ୍ତୁତିରେ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି। ସେହିପରି ଭାବେ ଏହି ବିଦ୍ୟାଳୟରେ ଗୋଟିଏ ପିଅନ ପଦବୀ ଖାଲି ପଡ଼ିଛି। ଏବେ ବିଦ୍ୟାଳୟର ପାଚେରି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ିରହିଥିଲା ବେଳେ ପାନୀୟ ଜଳର ସୁବନ୍ଦୋବସ୍ତ ନାହିଁ। ଏପରିକି ବିଦ୍ୟାଳୟର ପାଇଖାନା ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ିରହିଛି। ଏଥିଯୋଗୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନେ ମଳମୂତ୍ର ତ୍ୟାଗ ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସବୁ ସମସ୍ୟା ସତ୍ତ୍ୱେ ଏହାର ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହି ବିଦ୍ୟାଳୟରେ ଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ଅଭିଭାବକ ମହଲରେ ଦାବି ହୋଇଛି।

ଏ ସମ୍ପର୍କରେ କଟକ ଜିଲା ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ରାଉତ କୁହନ୍ତି, ବିଦ୍ୟାଳୟ ଦୁରାବସ୍ଥା ସମ୍ପର୍କରେ ପ୍ରଧାନ ଶିକ୍ଷକ କୌଣସି ସୂଚନା ଦେଇନାହାନ୍ତି। ସରକାର ନୁଆ ନିଯୁକ୍ତି ନେଇ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ନୂଆ ଶିକ୍ଷକ ନିଯୁକ୍ତି ହେଲେ ଆବଶ୍ୟକ ଅନୁଯାୟୀ ଶିକ୍ଷକ ଯୋଗାଇ ଦିଆଯିବ।

ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କୁ ଦୁର୍ବ୍ୟବହାର ଘଟଣା : ଜଣେ ଗିରଫ

ଆଠଗଡ,୨୩।୯(ସତ୍ୟ ପ୍ରସାଦ ରଥ)

ଆଠଗଡ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ସେପ୍ଟେମ୍ବର ୧୬ରେ ଡାକ୍ତରଙ୍କୁ ଦୁର୍ବ୍ୟବହାର ସହ ସ୍ୱାସ୍ଥ୍ୟକେନ୍ଦ୍ର ଆସବାବପତ୍ର ଓ ମୁଖ୍ୟ ଫାଟକ ଭାଙ୍ଗିବା ଘଟଣାରେ ଆଠଗଡ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ କନ୍ତୋଲ ଗ୍ରାମର ବିକ୍ରମ ରାଉତ (୨୫) । ସାପ କାମୁଡ଼ାରେ ଆକ୍ରାନ୍ତ ନିଜର ସମ୍ପର୍କୀୟଙ୍କୁ ନେଇ ବିକ୍ରମ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ସେଠାର ଡାକ୍ତର ଆବଶ୍ୟକ ଚିକିତ୍ସା ପରେ ବି ସମ୍ପର୍କୀୟଙ୍କ ଅବସ୍ଥା ସୁଧାର ଆସି ନ ଥିଲା ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଏନେଇ ବିକ୍ରମ ଡାକ୍ତରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ଭଙ୍ଗାରୁଜା କରିଥିଲେ। ଆଠଗଡ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ନିହାର ରଞ୍ଜନ ମିଶ୍ର ଏ ସମ୍ପର୍କରେ ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ. ୨୭୫/୨୪) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ

ବାଙ୍କୀ,୨୩।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ପାର୍ବଣ ଉପଲକ୍ଷେ ମା'ଚର୍ଚ୍ଚିକା ଠାକୁରାଣୀଙ୍କ ପୀଠରେ ବୈଠକ

ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ପୀଠରେ ଅନୁଷ୍ଠିତ ହେବାକୁ ଥିବା ମହାଷ୍ଟମୀ ପୂଜା, ଦଶହରା ଓ କୁମାରପୂର୍ଣ୍ଣିମା ପର୍ବ ପାଳନ ସମ୍ପର୍କରେ ସୋମବାର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାରଠାରୁ ମା'ଚର୍ଚ୍ଚିକାଙ୍କ ଷୋଳପୂଜା ଆରମ୍ଭ ହେଉଥିବାରୁ ଏହାକୁ କିପରି ସରସ ସୁନ୍ଦର କରାଯିବ, ସେ ସମ୍ପର୍କରେ ଗୁରୁତ୍ୱ ଦିଆଯାଇଥିଲା। ଆଇନ ଶୃଙ୍ଖଳା ରକ୍ଷା ପାଇଁ ମନ୍ଦିରରେ ପୋଲିସ ମୁତୟନ, ୨୪ଘଣ୍ଟିଆ ପାନୀୟ ଜଳଯୋଗାଣ ବ୍ୟବସ୍ଥା, ମନ୍ଦିର ପରିଷ୍କାର ପରିଚ୍ଛନ୍ନ ରଖିବା ସହ ଭକ୍ତମାନେ କିପରି ଶାନ୍ତିଶୃଙ୍ଖଳାରେ ମା'ଙ୍କୁ ଦର୍ଶନ କରିପାରିବେ, ମା'ଙ୍କ ଦର୍ଶନ ପାଇଁ ଯିବା ରାସ୍ତାରେ ଜବରଦଖଲ ଉଚ୍ଛେଦ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପୂର୍ବବର୍ଷ ପରି ଚଳିତବର୍ଷ ବଳିପ୍ରଥା ନିଷେଧ କରିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଛି। କାର୍ଯ୍ୟକ୍ରମରେ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି କାଳନ୍ଦୀ ଚରଣ ମହାପାତ୍ର, ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ରଣା, ସମ୍ପାଦକ ନୀଳମଣି ମହାପାତ୍ର, ସଭ୍ୟ ଶରତଚନ୍ଦ୍ର ରଣା, ଅମରନାଥ ରଣା, ଲଳିତ ମହାପାତ୍ର, ସୁଶାନ୍ତ ମହାପାତ୍ର, ବିଜୟ ରଣା, ବିଦ୍ୟାଧର ରଣା, ସହକାରୀ ଜିଲାପାଳ ପର୍ଶୁରାମ ମଲିକ, ତହସିଲଦାର ଅଶେଷ କୁମାର ନାୟକ, ଉପଖଣ୍ଡ ପୋଲିସ ଅଧିକାରୀ ବିଜୟ କୁମାର ମହାପାତ୍ର, ବାଙ୍କୀ ଥାନା ଅଧିକାରୀ ଶିବଚରଣ ବେହେରା, ପ୍ରେସ କ୍ଲବ ସଭାପତି ବଳଭଦ୍ର ପଣ୍ଡା, ଉପସଭାପତି ସମରେନ୍ଦ୍ର ମହାପାତ୍ର, ବରିଷ୍ଠ ସାମ୍ବାଦିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର ଓ ପୂର୍ଣ୍ଣଚନ୍ଦ୍ର ସାହୁ, କାଉନସିଲର ସଞ୍ଜୟ ପୃଷ୍ଟି, କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ, ସହକାରୀ ଥାନା ଅଧିକାରୀ ଉମାଚରଣ ମଲିକଙ୍କ ସମେତ ବିଭିନ୍ନ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ତହସିଲଦାର ଅଶେଷ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ମୋ ବସ୍‌ର ଏକାଧିକ ମହିଳା କର୍ମଚାରୀଙ୍କୁ ନିର୍ଯାତନା

ଦୁଇ ମ୍ୟାନେଜରଙ୍କ ନାଁରେ ଥାନାରେ ଅଭିଯୋଗ

- ଅଭିଯୋଗ କରିବାରୁ ଆକ୍ରମଣ, ଫଟୋ ଭାଇରାଲ

ଭୁବନେଶ୍ୱର,୨୩।୯(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ଚଳାଚଳ କରୁଥିବା ମୋ ବସ୍‌ରେ ନିଯୁକ୍ତ ମହିଳା କର୍ମଚାରୀ ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହୋଇଛନ୍ତି। ଏନେଇ ପୀଡିତାମାନେ ଇନ୍‌ଫୋସିଟି ଥାନାରେ ମୋ' ବସ ପରିଚାଳନା ଦାୟିତ୍ୱରେ ଥିବା ୨ଜଣ ବରିଷ୍ଠ କର୍ମଚାରୀଙ୍କ ବିରୋଧରେ ଏଭଳି ସାଂଘାତିକ ଅଭିଯୋଗ ଆଣିବା ସହ ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି। ପଟିଆ ବସ୍ ଡିପୋ ପରିଚାଳନା ଦାୟିତ୍ୱରେ ଥିବା ଅପରେଶନ ମ୍ୟାନେଜର ଏବଂ ଡିପୋ ମ୍ୟାନେଜରଙ୍କ ନାମରେ ପୀଡିତାମାନେ ଥାନାରେ ଅଭିଯୋଗ କରିଛନ୍ତି। ଗତ ୩ ସପ୍ତାହ ମଧ୍ୟରେ ପୃଥକ ଭାବେ ୫ଟି ଅଭିଯୋଗ ହୋଇଥିବାବେଳେ ଏବେ ଘଟଣା ପଦାକୁ ଆସିଛି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ ମଧ ଏଯାଏ କାହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ପୀଡିତାମାନେ ଗଣମାଧ୍ୟମରେ ଅଭିଯୋଗ ଆଣି ପୋଲିସ ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହାସହ ପୋଲିସ ସେମାନଙ୍କୁ ସହଯୋଗ କରୁ ନ ଥିବା ସେମାନେ କହିଛନ୍ତି। ଫଳରେ ଥାନାରେ ନ୍ୟାୟ ନ ପାଇ ପୀଡିତାମାନେ ରାଜ୍ୟ ଶ୍ରମ କାର୍ଯ୍ୟାଳୟରେ ଦ୍ୱାରସ୍ଥ ହୋଇଛନ୍ତି। ମୋ' ବସ୍‌ରେ ଚାକିରି ବଞ୍ଚାଇ ରଖିବା ପାଇଁ କିପରି ଶାରୀରିକ ନିର୍ଯାତନାର ଶିକାର ହେବାକୁ ପଡୁଛି ସେନେଇ ମଧ ସେମାନେ କହିବା ସହ ସ୍ୱରଉଠାଇଛନ୍ତି। ଏପରିକି ଯେଉଁ ମହିଳା କର୍ମଚାରୀମାନେ ଅଭିଯୋଗ ଆଣିଛନ୍ତି ସେମାନଙ୍କ ଉପରେ ମଧ ଆକ୍ରମଣ ସହ ନାନା ଭାବେ ହଇରାଣ କରାଯାଉଛି। ଜଣେ ମହିଳା କର୍ମଚାରୀଙ୍କ ଫଟୋକୁ ଏଡିଟିଂ କରାଯାଇ ସୋସିଆଲ ମିଡିଆରେ ଭାଇରାଲ କରାଯାଇଥିବାବେଳେ ଅନ୍ୟଜଣେ ମହିଳା କର୍ମଚାରୀଙ୍କୁ ଉକ୍ତ ବସ୍‌ରେ କାମ କରୁଥିବା ଜଣେ କଣ୍ଡକ୍ଟର ଆକ୍ରମଣ କରିବାରୁ ସେ କ୍ୟାପିଟାଲ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଆକ୍ରମଣ କରିଥିବା କଣ୍ଡକ୍ଟର ଜଣଙ୍କ ମ୍ୟାନଜରଙ୍କ କଥାରେ ପଡି ଏଭଳି କରିଥିବା ଆହତ ଯୁବତୀଜଣକ ସନ୍ଦେହରେ ଅଭିଯୋଗ ଆଣିଛନ୍ତି। ଏନେଇ ମୋ ବସ୍ ପରିଚାଳନା କରୁଥିବା କ୍ରୁଟ ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ।

ରାମଲୀଳା ଗୁରୁ ସଦାନନ୍ଦ ସାହୁଙ୍କ ପରଲୋକ

ଆଠଗଡ,୨୩।୯(ସତ୍ୟ ପ୍ରସାଦ ରଥ)



ଆଠଗଡ ଅଞ୍ଚଳର ଜଣାଶୁଣା ରାମଲୀଳା ଗୁରୁ ସଦାନନ୍ଦ ସାହୁ(୮୭)ଙ୍କ କୈବର୍ତ୍ତ ସାହି ବାସଭବନରେ ସୋମବାର ସକାଳେ ପରଲୋକ ଘଟିଛି। ସେ ରାଜସ ବିଭାଗରେ କାର୍ଯ୍ୟ କରି ଅବସର ନେଇଥିଲେ। ଆଠଗଡ ସହରର ଅନ୍ୟତମ ପୁରାତନ ଅନୁଷ୍ଠାନ ରଘୁନାଥଜୀଉ ରାମଲୀଳା ନାଟ୍ୟ ସଂଘର ପ୍ରତିଷ୍ଠାତା ସଭ୍ୟ ଥିଲେ। ଜଣେ କଳାକାର ପରେ ଜଣେ ଗୁରୁ ହିସାରେ ସଦାନନ୍ଦଙ୍କ ସୁନାମ ରହିଛି। ସେ ରଘୁନାଥ ରାମଲୀଳା ସହ ଆଦ୍ୟାଶକ୍ତି ରାମଲୀଳା ନାଟ୍ୟ ସଂଘ, ରାଧା ଗୋବିନ୍ଦ ପୁର, ଶ୍ରୀ ଶ୍ରୀ ରଘୁନାଥଜୀଉ କୃପା ପରିଷଦ ପରିଷଦ ଆଦି ଅନୁଷ୍ଠାନ ସହ ସଂଶ୍ଳିଷ୍ଟ ଥିଲେ। ରାମଲୀଳା ପରି ଲୋକକଳାର ପ୍ରଚାର ପ୍ରସାର ପାଇଁ କାର୍ଯ୍ୟ କରି ସ୍ଥାନୀୟ ଅଞ୍ଚଳରେ ଲୋକପ୍ରିୟ ହୋଇଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ରଘୁନାଥଜୀଉ ରାମଲୀଳା ନାଟ୍ୟ ସଂଘର ସଭାପତି ପ୍ରଭାକର ପଟ୍ଟନାୟକ, ଉପସଭାପତି ଦୁର୍ଗା ପ୍ରସାଦ ସ୍ୱାଇଁ, ତ୍ରିଲୋଚନ ପ୍ରଧାନ, ସମ୍ପାଦକ ପ୍ରତାପ କୁମାର ହେରା, ସାମାଜିକ କର୍ମୀ ଲକ୍ଷ୍ମୀ ନାରାୟଣ ଭଞ୍ଜ, କାଉନସିଲର ମନୋରଞ୍ଜନ ପଟ୍ଟନାୟକ ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଏକ ଶୋକାକୁଳ ପରିବେଶ ମଧ୍ୟରେ ଆଠଗଡ ଶ୍ମଶାନରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ପ୍ରଶାନ୍ତ ଓ ଶୁକାନ୍ତ ମୁଖାଗ୍ନି ଦେଇଥିଲେ ।

ଚାରା ରୋପଣ କାର୍ଯ୍ୟକ୍ରମ

ବାଙ୍କୀ,୨୩।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମଧୁପୁର ପଞ୍ଚାୟତ ପରିସରରେ ଆଞ୍ଚଳିକ ବରିଷ୍ଠ ନାଗରିକ ସଂଘ ତରଫରୁ ଏକ ବୈଠକ ସୁନୀଲ କୁମାର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂଘର ପୂର୍ବତନ କାର୍ଯ୍ୟକାରୀ ସଭାପତି ସ୍ୱର୍ଗତ ପ୍ରେମାନନ୍ଦ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା ସହ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ପାଦକ ରାମଚନ୍ଦ୍ର ଦାଶ, ଉପସଭାପତି କୃଷ୍ଣଚନ୍ଦ୍ର ମଲ୍ଲିକ, କୋଷାଧ୍ୟକ୍ଷ ସୁକାନ୍ତ ମହାରଣା, କାର୍ଯ୍ୟକାରୀ ସଭାପତି ଗୋଲଖ ଦାଶ, ଲିଙ୍ଗରାଜ ବେହେରା ପ୍ରମୁଖ ଯୋଗଦାନ କରି ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସ୍ଥାନୀୟ ସମିତି ସଭ୍ୟ କିଷନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

କଟକ ଅଭିନବ ବିଡାନାସୀସ୍ଥିତ ଯୁଗସ୍ରଷ୍ଟା ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

'ସେବା ସେ ଶିଖୋ' କାର୍ଯ୍ୟକ୍ରମ

ବାଙ୍କୀ,୨୩।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ମେରା ଯୁବ ଭାରତ କଟକ ଶାଖା ତରଫରୁ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ 'ସେବା ସେ ଶିଖୋ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୋର ଯୁବ ଭାରତ ସଂଯୋଜକ ଅଶୋକ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଆଦର୍ଶ ଯୁବ ପରିଷଦ ବାଙ୍କୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁବର୍ଣ୍ଣପୁରର ମିଳିତ ସହଯୋଗରେ ଅନୁଷ୍ଠିତ ହେବା ସହ ସେବା ମୂଳକ କାର୍ଯ୍ୟକ୍ରମ, ବୃକ୍ଷରୋପଣ, ସଫାସୁତୁରା ରଖିବା ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଲୋହିତ କୁମାର ଓ ଆଦର୍ଶ ଯୁବ ପରିଷଦ ଆବାହକ ଅକ୍ଷୟ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ପରିଦର୍ଶକ ମାନଭଞ୍ଜନ ଦଳେଇ, ବାଙ୍କୀ କଲେଜ ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଲଲାଟେନ୍ଦୁ ପଣ୍ଡା, ଶ୍ରୀରାମ କମିଟିର ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ, ମା'ବାଉତୀ ଯୁବକ ସଂଘର ସମ୍ପାଦକ ପିଣ୍ଟୁ ପରିଡ଼ା, ବଂଶୀଧର ମହାପାତ୍ର, ସାମାଜିକ କର୍ମୀ ଶୁଭେନ୍ଦୁ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଅକ୍ଷୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍‌ରୁ ଚୋରି

ବାଙ୍କୀ,୨୩।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଷ୍ଟେଟ ବ୍ୟାଙ୍କ ନିକଟରେ ଥିବା ଏଟିଏମ୍‌ରୁ ରବିବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଟଙ୍କା ଚୋରି ଉଦ୍ୟମ କରି ବିଫଳ ହେବାରୁ ଏଟିଏମ୍ ଭାଙ୍ଗି ବ୍ୟାଟେରି ଚୋରି କରିଥିବା ଜଣାପଡ଼ିଛି। ସିସିଟିଭି ଫୁଟେଜ୍‌ରୁ ଜଣାଯାଏ, ଏକ କାର ଯୋଗେ ଦୁର୍ବୃତ୍ତମାନେ ଆସି ଏଟିଏମ୍ ଭିତରେ ପଶି ବ୍ୟାଟେରି ଚୋରି କରିଛନ୍ତି। ବାଙ୍କୀ ଥାନା ଅଧିକାରୀ ଶିବଚରଣ ବେହେରା ପହଞ୍ଚି ତଦନ୍ତ ଜାରି ରଖିବା ସହ ଆସାମୀଙ୍କୁ ଧରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି ବୋଲି ପ୍ରକାଶ କରିଛନ୍ତି।

ଏସ୍ଏଚ୍‌ଜିଙ୍କୁ ଋଣ ଯୋଗାଣରେ ଟିଗିରିଆ ରାଜ୍ୟରେ ଅଷ୍ଟମ

ଟିଗିରିଆ,୨୩।୯(ଜାଫର ଖାଁ)

ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଟିଗିରିଆ ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଟିଗିରିଆ ବ୍ଲକସ୍ତରୀୟ ବ୍ୟାଙ୍କର୍ସ କମିଟି(ବିଏଲ୍‌ବିସି) ବୈଠକ ଭାରପ୍ରାପ୍ତ ବିଡିଓ ଯାଜ୍ଞସେନୀ ଗୋଛାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଏସ୍ଏଚ୍‌ଜିଙ୍କୁ ଋଣ ଲଗାଣରେ ଟିଗିରିଆ ବ୍ଲକ ୮ମ ବୋଲି କଟକ ଜିଲା ଏଲ୍‌ଡିଏମ୍ ପ୍ରସୂନ ମିତ୍ର କହିଛନ୍ତି।

ଆୟୋଜିତ ବିଏଲ୍‌ବିସି ବୈଠକରେ ମୁଖ୍ୟ ଅତିଥିଭାବେ କଟକ ଜିଲା ଏଲ୍‌ଡିଏମ ମିତ୍ର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଅଧିକ କ୍ରିୟାଶୀଳ କରିବା ପାଇଁ ଉପସ୍ଥିତ ବିଭିନ୍ନ ପଞ୍ଚାୟତର ଦକ୍ଷ ନଥିପତ୍ର ଲେଖିକା, ବ୍ୟାଙ୍କ ମିତ୍ର ଓ ବ୍ୟାଙ୍କ କର୍ମଚାରୀଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ବ୍ଲକରେ ୩୦୦ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୧୪ କୋଟି ୭୨ ଲକ୍ଷ ୧୦ ହଜାର ଟଙ୍କା ଋଣ ଲଗାଣ ହୋଇଛି ବୋଲି କହିଥିଲେ।

ଏହି ବୈଠକରେ ଟିଗିରିଆ ବ୍ଲକ ବିପିସି ତପନ କୁମାର ମହାନ୍ତି, ମିଶନ ଶକ୍ତି ବିପିଏମ ପ୍ରଦୀପ କୁମାର ସିଂ, ବିଏଲ୍‌ସି ଧର୍ମରାଜ ଜେନା, ବିଶ୍ୱଜିତ ସାହୁ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିବା ବେଳେ ସ୍ୱତନ୍ତ୍ର ଭାବେ କୃଷି ବିଭାଗ ଅଧୀନରେ ପିଏମ୍ କିଷାନ ଓ ସିଏମ୍ କିଷାନ କାର୍ଯ୍ୟ ଉପରେ ଆଲୋଚନ ହୋଇଥିଲା।

ପୁରୁଣାହାଟ ପଞ୍ଚାୟତରେ ପାଇଖାନା ଯୋଗାଣରେ ଦୁର୍ନୀତି

ବଡ଼ମ୍ବା/ସାଲେପୁର, ୨୩।୯(ମାୟାଧର ମଲ୍ଲିକ/ଅରବିନ୍ଦ ଭୂୟାଁ)

ବଡ଼ମ୍ବା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ସ୍ଥିତ ସଭାଗୃହରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଓସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମୁଦାୟ ୪୨୧ ଅଭିଯୋଗ ପତ୍ର ହସ୍ତଗତ ହୋଇଛି ସେଥିରୁ ୪୧୭ ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୪ ଗୋଟି ସାମୁହିକ ଅଭିଯୋଗ ରହିଛ। ଏହି ଅବସରରେ ସମୁଦାୟ ୬୨ ଗୋଟି ଅଭିଯୋଗର ତତ୍କାଳ ସମାଧାନ ହୋଇଛି। ଏହି ଜନଶୁଣାଣିରେ ସାଲେପୁରସ୍ଥିତ ପୁରୁଣାହାଟ ପଞ୍ଚାୟତରେ ପାଇଖାନା ଯୋଗାଣରେ ବ୍ୟାପକ ଦୁର୍ନୀତି କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ପଞ୍ଚାୟତକୁ ବାହ୍ୟ ମଳମୁକ୍ତ ପଞ୍ଚାୟତ ଭାବେ ଘୋଷଣା କରାଯାଇଥିଲେ ମଧ ବ୍ୟାପକ ଜାଲିଆତି ହୋଇଥିବାରୁ ପ୍ରକୃତ ହିତାଧିକାରୀମାନେ ନଦୀବନ୍ଧ ଓ ସର୍ବସାଧାରଣ ସ୍ଥାନରେ ମଳତ୍ୟାଗ କରିବାକୁ ବାଧ ହେଉଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଏଥିରେ ପାଖାପାଖି ୬୦ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଏନେଇ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଦୀପ କୁମାର ବେହେରା, ବଟକୃଷ୍ଣ ମହାନ୍ତି, ରମେଶ ଚନ୍ଦ୍ର ବେହେରା, ଅକ୍ଷୟ କୁମାର ଭୋଇ, ଅମିତ୍ କୁମାର ମହାନ୍ତି ପ୍ରମୁଖ ଦାବି କରିଛନ୍ତି। ଏ ସଂପର୍କରେ ସାଲେପୁର ବିଡିଓ ଖଗେଶ୍ୱର ପାତ୍ର କହିଛନ୍ତି, ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି, ଖୁବ୍‌ଶୀଘ୍ର ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟାନ୍ୟ ଅଭିଯୋଗ ମଧ୍ୟରେ ସ୍ୱାସ୍ଥ୍ୟ, ଶିକ୍ଷା, ରାସନ କାର୍ଡ, ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଗୃହ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ସହାୟତା, ପରିବାର ମଙ୍ଗଳ ଯୋଜନା ସହାୟତା, ଟ୍ରାଏ ସାଇକେଲ, ହୁଇଲ ଚେୟାର ସହାୟତା ଆଦି ଅଭିଯୋଗ ହୋଇଥିଲା। ଏଥିରେ ଉପ ଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଜିଲା ପରିଷଦ ସିଡିଓ ସୁବାସ ଚନ୍ଦ୍ର ରାଏ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ମକରନ୍ଦ ବେଉରା, ଜିଲା ଅତିରିକ୍ତ ପୋଲିସ ଅଧୀକ୍ଷକ କୃଷ୍ଣ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି

- ବଡ଼ମ୍ବାରେ ୪୨୧ ଅଭିଯୋଗ, ୬୨ ତତ୍କାଳ ସମାଧାନ

ସଂକ୍ଷେପରେ

ବିରୂପା ନଦୀକୁ ଡେଇଁ ଛାତ୍ରଙ୍କ ଆତ୍ମହତ୍ୟା

ମଙ୍ଗୁଳି–ଜଗତପୁର,୨୩।୯ (ମାନସ ସାମଲ)

ଜଗତପୁର ଥାନା ଅଧୀନ ବିରୂପା ନଦୀକୁ ଡେଇଁ ସୋମବାର ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଚୌଦ୍ୱାର ଥାନା ଅଧୀନ ଓଟିଏମ୍ ଲେବର କଲୋନୀର ପ୍ରଭାତ ଦାସଙ୍କ ପୁଅ ପ୍ରଦୀପ ଦାସ। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଏନେଇ ପ୍ରଭାତ ଜଗତପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ପ୍ରଦୀପ ଚୌଦ୍ୱାର କଲେଜରେ ଯୁକ୍ତ ୩ ବାଣିଜ୍ୟରେ ପାଠ ପଢୁଥିଲେ। ପ୍ରତିଦିନ ପରି ରବିବାର ରାତିରେ ସେ ଖାଇସାରି ମା'ବାପାଙ୍କ ପାଖରେ ଶୋଇଥିଲେ। ସକାଳ ୬ଟାରେ ମା'ବାପା ନିଦରୁ ଉଠିବା ପରେ ପ୍ରଦୀପ ଘରେ ନ ଥିବା ଦେଖିବାକୁ ପାଇଥିଲେ। ଏତେ ସକାଳୁ କୁଆଡେ ଯାଇଛି ବୋଲି ପ୍ରଦୀପଙ୍କୁ ଫୋନ କରିବାରୁ ସେ ଉଠାଇ ନ ଥିଲେ। ପ୍ରଭାତ ବହୁ ଖୋଜାଖୋଜି କରିବା ପରେ ବିରୂପା ବ୍ରିଜ୍ ୬ନଂ. ଗେଟ୍ ଉପରେ ପ୍ରଦୀପଙ୍କ ସାଇକେଲ ଓ ବ୍ୟାଗ ଥିବା ଦେଖିବାକୁ ପାଇଥିଲେ। ଖବରପାଇ ଜଗତପୁର ଓ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ପାଣିରେ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ମିଳି ନ ଥିଲା। ହେଲେ ସନ୍ଧ୍ୟାରେ ପ୍ରଦୀପଙ୍କ ମୃତଦେହ ପାଣିରେ ଭାସିଥିଲା। ଅଗ୍ନିଶମ କର୍ମଚାରୀ ପାଣିରୁ ମୃତଦେହ ଉଦ୍ଧାର କରିବା ପରେ ଜଗତପୁର ପୋଲିସ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି।

୨୫ ୟୁନିଟ୍ ରକ୍ତ ସଂଗ୍ରହ

ଖୋର୍ଦ୍ଧା,୨୩।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସୋମନାଥପୁର ମୌଜାସ୍ଥିତ ଇଣ୍ଡିଆନ ଅଏଲ ବିପି ପ୍ରୋଜେକ୍ଟ କାରଖାନା ପ୍ରାଙ୍ଗଣରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କାରଖାନାର ମୁଖ୍ୟ ପ୍ରବନ୍ଧକ ଅଂଶୁମାନ ରଥ ଉଦ୍‌ଘାଟନ କରିଥିଲେ। ନୟାଗଡ଼ ବ୍ଲଡ ବ୍ୟାଙ୍କ ଦ୍ୱାରା ମୋଟ୍ ୨୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଅଗାମୀ ଦିନରେ ରକ୍ତ ଅଭାବ ଦୂର କରିବା ପାଇଁ ଇଣ୍ଡିଆନ ଅଏଲ ଦ୍ୱାରା ଏହିଭଳି ରକ୍ତଦାନ ଶିବିର ଆୟୋଜନ କରାଯିବ। ଏହା ଦ୍ୱାରା ଏକ ସୁସ୍ଥ ଏବଂ ସ୍ୱଚ୍ଛ ବାତାବରଣ ସମାଜରେ ସୃଷ୍ଟି ହୋଇପାରିବ ବୋଲି ରଥ କହିଛନ୍ତି। ରକ୍ଷଣାବେକ୍ଷଣା ପ୍ରବନ୍ଧକ ବିକି ସିଂ, ସୁରକ୍ଷା ପ୍ରବନ୍ଧକ ନନ୍ଦଲାଲ ପଣ୍ଡିତ, ପରିଚାଳନା ଅଧିକାରୀ ସାଇପ୍ରୀତ ରେଡ୍ଡି, ପ୍ରବନ୍ଧକ ବୀର କିଶୋର ସାହୁଙ୍କ ନେତୃତ୍ୱରେ ଏବଂ ପ୍ରଦୀପ କୁମାର ସାହୁଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସମାଜସେବୀ ଅବ୍ୟକ୍ତ ହରିହର ଖାଡଙ୍ଗା, ଶୁଭକାନ୍ତ ମହାପାତ୍ର, ସତ୍ୟପ୍ରକାଶ ସାହୁ ପ୍ରମୁଖ ଶିବିରରେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

ନନ୍ଦନକାନନ: ଅହିରାଜ ମୃତ

ତ୍ରିଶୂଳିଆ,୨୩।୯(ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀଉଦ୍ୟାନ ସରୀସୃପ ଉଦ୍ୟାନର ୪୫ନଂ. (ଚ) ଖୁଆଡରେ ସୋମବାର ଏକ ଅହିରାଜର ମୃତ୍ୟୁ ଘଟିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏନେଇ ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ କହିଛନ୍ତି, ଅହିରାଜ ଖାଦ୍ୟ ଖାଉ ନ ଥିଲା। ଦୁର୍ବଳ ହୋଇଯିବାରୁ ମୃତ୍ୟୁ ଘଟିଛି। ଏହି ପ୍ରଜାତିର ଅହିରାଜ ସାପ ସଂଖ୍ୟା ୩କୁ ହ୍ରାସ ପାଇଛି।

ସିରିଜ୍ ଦୁର୍ଘଟଣା: ୩ କାର୍ କ୍ଷତିଗ୍ରସ୍ତ, ୨ ଆହତ

ବାରଙ୍ଗ/ତ୍ରିଶୂଳିଆ,୨୩।୯(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ଗୋଡ଼ିସାହି ଫାଣ୍ଡି ଅଧୀନ କାଳିଆଷଣ୍ଡ ମନ୍ଦିର ସମ୍ମୁଖରେ ସୋମବାର ଅପରାହ୍ଣରେ ସିରିଜ୍ ଦୁର୍ଘଟଣାରେ ୩ଟି କାର୍ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ୨ଟି କାର୍‌ରେ ଥିବା ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଖବରପାଇ ଗୋଡ଼ିସାହି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଗାଡ଼ି ଜବତ କରି ତଦନ୍ତ ଚଳାଇଛି। ସିରିଜ୍ ଦୁର୍ଘଟଣା ଘଟାଇଥିବା ନିଶାସକ୍ତ କାର୍ ଚାଳକ ଓ କାର୍‌ରେ ଥିବା ଅନ୍ୟମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସୂଚନା ମୁତାବକ, ଅପରାହ୍ଣ ପ୍ରାୟ ସାଢ଼େ ୫ଟାରେ ତ୍ରିଶୂଳିଆ ପଟୁ ଏକ କାର୍ (ଓଡ଼ି ୧୯ ଆର୍ ୦୪୩୯) ଗୋବିନ୍ଦପୁର ଅଭିମୁଖେ ଦ୍ରୁତ ଗତିରେ ଆସୁଥିଲା। କାର୍‌ଟି କାଳିଆଷଣ୍ଡ ମନ୍ଦିର ସମ୍ମୁଖରେ ବଡ଼ଗଡ଼ ବ୍ରିଟ୍ କଲୋନିକୁ ଯାଉଥିବା ବୃଦ୍ଧ ଦମ୍ପତିଙ୍କ (ଓଡ଼ି ୦୨ ସିଏଫ୍ ୨୯୫୨) କାର୍‌କୁ ଧକ୍କା ଦେଇଥିଲା। ପରେ ସାମ୍ନାରୁ ଆସୁଥିବା ଆଉ ଏକ ଯାତ୍ରୀବାହୀ କାର୍ (ଓଡ଼ି ୩୩ ଏଏଲ୍ ୪୮୯୬)କୁ ଧକ୍କା ଦେଇଥିଲା।

ଅନ୍ଧାରରେ ପଞ୍ଚପାଇକ ପୀଠ

ଖୋର୍ଦ୍ଧା,୨୩।୯(ପ୍ରଭାତ ପାଣିଗ୍ରାହୀ)

- ସୌନ୍ଦର୍ଯ୍ୟକରଣ ହୋଇନି
- ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ବୀରତ୍ୱର ମାଟି ଖୋର୍ଦ୍ଧା। ବ୍ରିଟିଶ ବିରୋଧରେ ପ୍ରଥମ ଆନ୍ଦୋଳନର ସ୍ୱର ଏଠାରୁ ଉଠିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଭାରତର ବିଭିନ୍ନ କୋଣ ଅନୁକୋଣକୁ ବ୍ୟାପିଥିଲା। ପାଇକଙ୍କ ବୀରତ୍ୱ ଆଗରେ ମଥା ନୁଆଁଇଥିଲା ବ୍ରିଟିଶ ସରକାର। ଦେଶ ପ୍ରତି ଜାତୀୟତା, ରାଷ୍ଟ୍ରୀୟତା ଏବଂ ଦେଶପ୍ରେମର ପରିଚୟ ବହନ କରେ ପାଇକ ବିଦ୍ରୋହ। ପାଇକ ବୀରଙ୍କ ତ୍ୟାଗ ଓ ବଳିଦାନ ଲାଗି ଖୋର୍ଦ୍ଧା ମାଟିର ସ୍ୱତନ୍ତ୍ରତା ରହିଛି। ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ କରି ବଳିଦାନ ଦେଇଥିବା ପାଇକଙ୍କ ଅବଦାନ ଅବିସ୍ମରଣୀୟ। ଜୟୀ ରାଜଗୁରୁ, ବକ୍ସିଜଗବନ୍ଧୁ, ତାପଙ୍ଗ ଦଳବେହେରା, ପିଣ୍ଡିକି ବାହୁ ବଳେନ୍ଦ୍ର ଓ କୃତିବାସ ପାଟଶାଣୀଙ୍କ ସମେତ ବହୁ ପାଇକ ମାଟିର ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିଲେ। ତେବେ ଦେଶମାତୃକା ପାଇଁ ବଳିଦାନ ଦେଇଥିବା ଏ ମାଟିର ଗୌରବ ପଞ୍ଚ ପାଇକଙ୍କ ପୀଠ ଅବହେଳିତ ଅବସ୍ଥାରେ ରହିଛି। ଗଡ଼ଖୋର୍ଦ୍ଧା ଛକରୁ ଅନତି ଦୂରରେ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିକୁ ସ୍ଥାନାନ୍ତର କରାଯାଇଛି। ଚାରିପଟେ ପାଚେରି ନିର୍ମାଣ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର ପରେ ସୌନ୍ଦର୍ଯ୍ୟକରଣ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ପଛପଟ ମାଟି ଧସି ପାଚେରି ଭୁଶୁଡ଼ିଲାଣି। ଏଠାରେ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ପଞ୍ଚ ପାଇକ ଅନ୍ଧାରରେ ରହୁଛନ୍ତି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ସହ ରହିଥିବା ସମସ୍ୟାର ସମାଧାନ ପାଇଁ ଦାବି ହେଉଛି।

ପ୍ରକାଶ ଯେ, ପାଇକ ବୀରଙ୍କ ସ୍ମୃତିକୁ ଉଜ୍ଜିବୀତ ଉଦ୍ଦେଶ୍ୟରେ ୧୯୯୯ ଡିସେମ୍ବର ୬ରେ ୧୬ନଂ. ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକ ପାର୍ଶ୍ୱରେ ସଂସ୍କାର ଭାରତୀ ଖୋର୍ଦ୍ଧା ଶାଖା ଆନୁକୂଲ୍ୟରେ ପଞ୍ଚ ପାଇକଙ୍କ ପ୍ରତମୂର୍ତ୍ତି ସ୍ଥାପନ ହୋଇଥିଲା। ଜାତୀୟ ରାଜପଥ ସମ୍ପ୍ରସାରଣ ଯୋଗୁ ଦୀର୍ଘ ବର୍ଷ ଧରି ରାଜପଥ କଡରେ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିଙ୍କୁ ବହୁ ବାଦ ବିବାଦ ପରେ ସ୍ଥାନାନ୍ତର କରାଯାଇଥିଲା। ତେବେ ସ୍ଥାନାନ୍ତର ହୋଇଥିବା ସ୍ଥାନକୁ ସୌନ୍ଦର୍ଯ୍ୟକରଣ କରାଗଲା ନାହିଁ। ଏପରିକି ଦୀର୍ଘଦିନ ପରେ ନାମଫଳକ ଲଗାଗଲା। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପାଇକ ସଙ୍ଗଠନ, ବୁଦ୍ଧିଜୀବୀ, ଶିକ୍ଷାବିତ୍‌ମାନେ କ୍ଷୋଭ ପ୍ରକାଶ କରିବା ସହ ପ୍ରଶାସନିକ ଅବହେଳାକୁ ଦାୟୀ କରିଛନ୍ତି। ପ୍ରଥମେ ସୌନ୍ଦର୍ଯ୍ୟକରଣ ନ କରାଯାଇ କାହିଁକି ସ୍ଥାନାନ୍ତର କରାଗଲା ବୋଲି ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂ କହିଛନ୍ତି, ପାଇକମାନଙ୍କ ବୀରତ୍ୱ, ଜାତିର ସ୍ୱାଭିମାନର ପରିଚୟ। ଯେଉଁଭଳି ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ରହିଛି ତାହାକୁ ଦେଖିଲେ ନୟନ ଅଶ୍ରୁରେ ଭରିଯାଉଛି। ସେହିପରି ବୁଦ୍ଧିଜୀବୀ ଜ୍ଞାନରଞ୍ଜନ ଦାଶ କହିଛନ୍ତି, ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ଖୋଲାଆକାଶ ତଳେ ପଡିରହିଛି। ଯାହାଙ୍କ ଲାଗି ଏ ପରିଚୟ, ବର୍ତ୍ତମାନ ସେହିମାନଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ପଡିରହିଛି। ସାମାଜିକ କର୍ମୀ ରାକେଶ ସାହୁ କହିଛନ୍ତି, ଏ ଦେଶ ପାଇଁ ପାଇକଙ୍କ ଅବଦାନ ଅତୁଳନୀୟ। ପୂଜ୍ୟପୂଜାକୁ ସମ୍ମାନ ଦେବା ନୈତିକ ଦାୟିତ୍ୱ। ଯେଉଁ ଜାତିର ଅସ୍ତିତ୍ୱ ବିଲୁପ୍ତ ହୋଇଯାଏ, ସେହି ଜାତି ଧୀରେ ଧୀରେ ଶିଥିଳ, ଘନ ଅନ୍ଧକାର ମଧ୍ୟରେ ହଜିଯାଏ। ତେଣୁ ଏଥିଲାଗି ସମସ୍ତଙ୍କ ଦାୟିତ୍ୱ ରହିଛି। ତେବେ ଏ ସମ୍ପର୍କରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ରାଜପଥ ସମ୍ପ୍ରସାରଣ ଲାଗି ପୂର୍ବରୁ ପ୍ରତିମର୍ତ୍ତି ସ୍ଥାନାନ୍ତର ଲାଗି ନିଷ୍ପତ୍ତି ହୋଇଥିଲା। ପ୍ରତିମୂର୍ତ୍ତି ସ୍ଥାନାନ୍ତର କରାଯାଇଥିବା ସ୍ଥାନର ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯାଉଛି।

ଏମ୍‌ପିଙ୍କ ବୋଲଗଡ଼, ବେଗୁନିଆ ବ୍ଲକ ପ୍ରତିନିଧି ନିଯୁକ୍ତ

ବୋଲଗଡ଼/ବେଗୁନିଆ, ୨୩।୯ (ଦେବବ୍ରତ ହୋତା/ ହରପ୍ରସନ୍ନ ପଣ୍ଡା)

ରବୀନ୍ଦ୍ର କୁମାର ସୁବୁଦ୍ଧି

ଲକ୍ଷ୍ମୀଧର ପାଢ଼ଶାଣୀ

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ବୋଲଗଡ଼ ବ୍ଲକ ପ୍ରତିନିଧିଭାବେ ରବୀନ୍ଦ୍ର କୁମାର ସୁବୁଦ୍ଧି ନିଯୁକ୍ତ ହୋଇଛନ୍ତି। ଏନେଇ ଏମ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ଲକ ସମେତ ସମସ୍ତ କାର୍ଯ୍ୟାଳୟକୁ ପତ୍ର ଦ୍ୱାରା ଅବଗତ କରାଯାଇଛି। ସୁବୁଦ୍ଧି ସମସ୍ତ ସରକାରୀ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପକ୍ଷରୁ ଯୋଗଦାନ କରିପାରିବେ। ଏଥିସହିତ ମିଥୁନ ପାଇକରାୟ ଓ ପ୍ରକାଶ ଚନ୍ଦ୍ର ସାହୁଙ୍କ ମଧ୍ୟ ସହପ୍ରତିନିଧି ଭାବେ କାର୍ଯ୍ୟ ତୁଲାଇପାରିବେ ବୋଲି ଜଣାଯାଇଛି। ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଭାବେ ଜନସାଧାରଣଙ୍କ ସେବା ପାଇଁ ସମସ୍ତ କାର୍ଯ୍ୟ ସୁଚାରୁଭାବେ ପରିଚାଳନା କରିବେ ବୋଲି ସୁବୁଦ୍ଧି କହିଛନ୍ତି। ଏମ୍‌ପି ଷଡ଼ଙ୍ଗୀ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଦାୟିତ୍ୱ ପ୍ରଦାନ କରିଥିବାରୁ ସୁବୁଦ୍ଧି କୃତଜ୍ଞତା ଜଣାଇଛନ୍ତି। ସେହିପରି ଏମ୍‌ପି ଷଡ଼ଙ୍ଗୀଙ୍କ ବେଗୁନିଆ ବ୍ଲକ ପ୍ରତିନିଧି ଭାବେ ସ୍ଥାନୀୟ ଇଛିପୁର ଗ୍ରାମର ଲକ୍ଷ୍ମୀଧର ପାଢ଼ଶାଣୀ ନିଯୁକ୍ତ ହୋଇଛନ୍ତି। ଏଥିସହ ବ୍ଲକର ସମସ୍ତ ବିଭାଗୀୟ କାର୍ଯ୍ୟାଳୟକୁ ପତ୍ର ଜରିଆରେ ମଧ୍ୟ ଅବଗତ କରାଯାଇଛି। ସେହିପରି ବ୍ଲକର ସମସ୍ତ ବିଭାଗୀୟ କାର୍ଯ୍ୟାଳୟ ସହିତ ଆୟୋଜିତ ପୃଥକ ସଭାସମିତିରେ ଲକ୍ଷ୍ମୀଧର ଏମ୍‌ପିଙ୍କ ପକ୍ଷରୁ ଯୋଗଦାନ ଦେଇ ପାରିବେ। ଏଥିସହିତ ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ସୁଖଦୁଃଖରେ ସହଭାଗିତା ହୋଇ ଲକ୍ଷ୍ମୀଧର ସହଯୋଗ କରିବେ ବୋଲି ଏମ୍‌ପିଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଏହି ଦାୟିତ୍ୱ ମିଳିଥିବାରୁ ଲକ୍ଷ୍ମୀଧର ଏମ୍‌ପି ଷଡ଼ଙ୍ଗୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

ଭୁବନେଶ୍ୱର,୨୩।୯ (ବନ୍ଦନା ସେଠୀ)

ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ନଗର ଉନ୍ନୟନ ପରିଷଦର କାର୍ଯ୍ୟନିର୍ବାହୀ ସମିତି ବୈଠକ ସୋମବାର ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି କୃପାସିନ୍ଧୁ ସାହୁଙ୍କ ସଭାପତିତ୍ୱରେ ବୈଠକରେ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ୱାର୍ଡ ନଂ. ୧୧ରେ ମାଳମାଳ ସମସ୍ୟା ଥିବାବେଳେ ସମାଧାନ ପାଇଁ ପଦକ୍ଷେପ ନିଆଯାଉ ନ ଥିବା କାର୍ଯ୍ୟନିର୍ବାହୀ ସଦସ୍ୟମାନେ ଅଭିଯୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଦୀର୍ଘଦିନ ହେବ ଓଭରବ୍ରିଜ୍ ନିର୍ମାଣ ଚାଲିଥିବା ବେଳେ ସର୍ଭିସ୍ ରୋଡ୍ ନାହିଁ, ନିର୍ମାଣ ହୋଇପାରୁନି ୱାର୍ଡ ଅଫିସ ଗୃହ, ବାରମ୍ବାର ଅଭିଯୋଗ ପରେ ମଧ୍ୟ ରାସ୍ତାକଡ଼ରେ ମାସଂକଟା ଚାଲଛି, ଡାକ୍ତରଖାନାରୁ ଲାବରେଟୋରୀ ଉଠାଇବା ପାଇଁ ଯୋଜନା ଚାଲିଛି, ରାସ୍ତା ନିର୍ମାଣ ପାଇଁ ରାସ୍ତା ପାଣି ଘର ଭିତରେ ପଶୁଛି। ତେଣୁ ଓଭରବ୍ରିଜ ପାଖରେ ସର୍ଭିସ୍ ରୋଡ କାମ ତୁରନ୍ତ ନ ସରିଲେ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ନ ହେଲେ ସ୍ଥାନୀୟ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ବୈଠକରେ ଦିଲୀପ ଦାଶଶର୍ମା, ମହେଶ୍ୱର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ଶ୍ରମ କୋଡ୍ ବାତିଲ ଦାବିରେ ବିକ୍ଷୋଭ

ଭୁବନେଶ୍ୱର,୨୩।୯(ଅନୁରାଧା ମହାରଣା)

କେନ୍ଦ୍ର ସରକାରଙ୍କୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ବାରମ୍ବାର ଶ୍ରମ କୋଡ୍‌କୁ ବାତିଲ କରିବା ଲାଗି ଦାବି ଜଣାଉଥିଲେ ମଧ୍ୟ କେନ୍ଦ୍ର ସରକାର ଶ୍ରମ କୋଡ୍‌କୁ ଲାଗୁ କରିବାକୁ ଉଦ୍ୟମ ଜାରି ରଖିବା ଏକ ନିନ୍ଦନୀୟ ଘଟଣା ବୋଲି ଅଖିଳ ଭାରତ ଟ୍ରେଡ୍ ୟୁନିୟନ୍ କଂଗ୍ରେସ (ଏଆଇଟିୟୁସି) କହିଛି। ସେପ୍ଟେମ୍ବର ୨୩କୁ କଳା ଦିବସ ଭାବେ ପାଳନ କରିବା ଲାଗି ସୋମବାର କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଫେଡେରେଶନ ସମୂହ ପକ୍ଷରୁ ଭୁବନେଶ୍ୱର ରାଜମହଲ ଛକଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଗାନ୍ଧୀମାର୍ଗରେ ପହଞ୍ଚି ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ଭାଜପା ସରକାର ଆସିବା ପରଠାରୁ ଶ୍ରମିକ ଛଟେଇ, ଠିକା ଶ୍ରମିକ ନିଯୁକ୍ତି ଓ କଳକାରଖାନାରେ ମାଲିକଙ୍କ ଦମନ ନୀତି ବଢ଼ି ଯାଇଥିବା କହି ଶ୍ରମିକ ନେତାମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏପରିକି ମୋହନ ସରକାର କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକ ସହିତ ରାଜ୍ୟର ଶ୍ରମ ନୀତି ଉପରେ କୌଣସି ପ୍ରକାର ଆଲୋଚନା ପାଇଁ ପ୍ରସ୍ତୁତ ନାହାନ୍ତି ବୋଲି ବକ୍ତାମାନେ ପ୍ରକାଶ କରିଛନ୍ତି।

ଏଆଇଟିୟୁସିର ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ସଭାରେ ଆଇଏନ୍‌ଟିୟୁସି ରାଜ୍ୟ ସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ ଦାଶ, ସାଧାରଣ ସମ୍ପାଦକ ବିଜୟ ଜେନା, ସିଆଇଟିୟୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ପ୍ରମୁଖ ଶ୍ରମିକ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟପଟେ ରାଜ୍ୟର କଟକ, ଜଗତସିଂହପୁର, ପାରାଦ୍ୱୀପ, କେନ୍ଦ୍ରାପଡ଼ା, ବାଲେଶ୍ୱର, ଢେଙ୍କାନାଳ, ତାଳଚେର, ଚମ୍ପୁଆ, ଜିଲିଂ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ନବରଙ୍ଗପୁର, ମାଲକାନାଗିରି, ଛତ୍ରପୁର, ବ୍ରହ୍ମପୁର, ଜୟପୁର, ରାୟଗଡ଼ା, ପୁରୀ, ନୟାଗଡ଼, ରାଉରକେଲା ଆଦି ସ୍ଥାନରେ ଆନ୍ଦୋଳନ ହୋଇଥିବାବେଳେ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରମିକ ଶ୍ରେଣୀର ସ୍ୱାର୍ଥ ପାଇଁ ୪ଟି ଶ୍ରମ କୋଡ୍‌କୁ ପ୍ରତ୍ୟାହାର ପାଇଁ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଦାବି କରିଛନ୍ତି।

ଭାଜପାର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ

ବାଲିପାଟଣା,୨୩।୯ (ଅଭିମନ୍ୟୁ ନାୟକ)

ଭାଜପା ପକ୍ଷରୁ ବାଲିପାଟଣା ବ୍ଲକ ଅନ୍ତର୍ଗତ ଗିରିଙ୍ଗେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସଦସ୍ୟତା ଅଭିଯାନ ଏବଂ ମା' ପାଇ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ବସନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ରାଜ୍ୟ ସରକାର ଯାହା ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲେ, ତାହା ପୂରଣ କରିବା ଆରମ୍ଭ କରିସାରିଲେଣି। ପର୍ଯ୍ୟାୟକ୍ରମେ ଅନେକ ଜନହିତକର କାର୍ଯ୍ୟ ହାତକୁ ନିଆଯିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହେଉଛି। ସରକାର ଶହେଦିନ ଶାସନର ହିସାବ ଦେଇଛନ୍ତି। ତେଣୁ ସଦସ୍ୟତା ଅଭିଯାନ ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚିବାକୁ ହେବ। ଏହି ଅବସରରେ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଚାରାରୋପଣ କରାଯାଇଥିଲା। ସମସ୍ତ କର୍ମକର୍ତ୍ତା ଚାରାରୋପଣ ଉପରେ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ରାଜ୍ୟ ସଂଯୋଜକ ସୁଦର୍ଶନ ବିଶ୍ୱାଳ, ବିଜୟ ମହାରଣା, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ବାଲିପାଟଣା ବ୍ଲକ ମଣ୍ଡଳ ସଭାପତି ନାରାୟଣ ଖୁଣ୍ଟିଆ ପରିଚାଳନା କରିଥିଲେ।

ସାହିତ୍ୟ, ସଂସ୍କୃତି ଓ ସଙ୍ଗଠନର ମୁଖ୍ୟ ପୁରୋଧା ଥିଲେ ସାତକଡ଼ି ହୋତା

ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଭୁବନେଶ୍ୱର,୨୩।୯ (ବନ୍ଦନା ସେଠୀ)

ସାତକଡ଼ି ହୋତା ସ୍ମୃତି ସଂସଦ ପକ୍ଷରୁ ଓଡ଼ିଶା ଲେଖକ ସମବାୟ ସମିତି ପରିସରରେ ସୋମବାର ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ପୌରୁଷ'ର ସମ୍ପାଦକ ଅସିତ ମହାନ୍ତି, 'ଦିଗ୍‌ବଳୟ'ର ସମ୍ପାଦକ ଅଜୟ କେତନ ମହାନ୍ତି, ସାହିତ୍ୟିକା ଡ. ଆରତୀ କର, ମୀନତୀ ଷଡ଼ଙ୍ଗୀ, 'ଅମୃତାୟନ'ର ସମ୍ପାଦିକ ସୌମ୍ୟା ରଥ, ସାତକଡ଼ି ହୋତାଙ୍କ ଜାମାତା ବୈଜ୍ଞାନିକ ଅଶୋକ ରଥ, ସାହିତ୍ୟିକ ସିଦ୍ଧାର୍ଥ କାନୁନ୍‌ଗୋ ପ୍ରମୁଖ ଯୋଗଦେଇ ସାତକଡ଼ି ହୋତାଙ୍କ ସାହିତ୍ୟ ଉପରେ ଆଲୋଚନା କରିଥିଲେ। ସାତକଡ଼ି ହୋତା ଏକାଧାରରେ ସାହିତ୍ୟ, ସଂସ୍କୃତି ଓ ସଙ୍ଗଠନର ମୁଖ୍ୟ ପୁରୋଧା ଥିଲେ ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି।

ଏହି ଅବସରରେ ସାତକଡ଼ିଙ୍କ ସ୍ମୃତିରେ ଅକ୍ଟୋବରରେ ସମିତି ତରଫରୁ 'ସାତକଡ଼ି ହୋତା ବିଶେଷାଙ୍କ' ପ୍ରକାଶ ପାଇବା ପାଇଁ ସ୍ଥିର କରାଯାଇଥିଲା। ସ୍ମୃତି ସଂସଦ ତରଫରୁ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ସହ ସଭା ପରିଚାଳନା କରିଥିଲେ। ପୀତାମ୍ବର ରଥ ଧନ୍ୟବାଦ ଜ୍ଞାପନ କରିଥିଲେ।।

ସରପଞ୍ଚଙ୍କୁ ଆକ୍ରମଣ କରି ଟଙ୍କା, ସୁନା ବ୍ରେସ୍‌ଲେଟ୍ ଲୁଟ୍

ଖୁଣ୍ଟୁଣୀ,୨୩।୯(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ନିଧିପୂର ନଇମାଳଠାରେ ରବିବାର ରାତିରେ କେତେଜଣ ଦୁର୍ବୃତ୍ତ ଅନନ୍ତପୁର ସରପଞ୍ଚ ଶକ୍ତିକାନ୍ତ ସାହୁଙ୍କୁ ଆକ୍ରମଣ କରି ଟଙ୍କା ଓ ସୁନା ବ୍ରେସ୍‌ଲେଟ୍ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏପରି କି ଟେକା ମାଡ଼ରେ ସରପଞ୍ଚଙ୍କ କାର କାଚ ଭାଙ୍ଗିଯାଇଛି। ଅଭିଯୋଗ ଅନୁଯାୟୀ, ସ୍ଥାନୀୟ କାରଖାନାରୁ ଆସ୍‌ପଣ୍ଡ୍ ଚାଲାଣ ହେଉଥିବା ନେଇ ଶକ୍ତିକାନ୍ତ ରବିବାର ରାତିରେ ଖୁଣ୍ଟୁଣୀ ଥାନାକୁ ଅଭିଯୋଗ କରିବା ପାଇଁ ଯାଇଥିଲେ। ସେଠାରୁ ନିଜ କାରରେ ଘରକୁ ଫେରୁଥିବାବେଳେ ନଇମାଳଠାରେ କେତେଜଣ ଯୁବକ ତାଙ୍କୁ ଆକ୍ରମଣ କରି ୨୩ ହଜାର ଟଙ୍କା ଓ ୩ ଭରି ଓଜନର ଏକ ସୁନା ବ୍ରେସ୍‌ଲେଟ୍ ଲୁଟି ନେଇଥିଲେ। ଏନେଇ ସେ ସୋମବାର ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ସରପଞ୍ଚଙ୍କ ବିରୋଧରେ ସମ୍ପୃକ୍ତ ଯୁବକମାନେ ଖୁଣ୍ଟୁଣୀ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ପୂର୍ବ ରାଗ ରଖି ସରପଞ୍ଚ ସେମାନଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଗାଳିଗୁଲଜ କରିଥିବା ଏତଲାରେ ଦର୍ଶାଯାଇଛି। ଏନେଇ ଆଇଆଇସି ରବିନାରାୟଣ ବେହେରା କହିଛନ୍ତି, ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ତଦନ୍ତ ପରେ ପଦକ୍ଷେପ ନିଆଯିବ।

'ରେଭେନ୍‌ଶା ହେଉ କଟକ ବିଶ୍ୱବିଦ୍ୟାଳୟ'

କଟକ,୨୩।୯ (କାର୍ତ୍ତିକ ସାହୁ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନକୁ ନେଇ ପୁଣି ଆଉ ଏକ ପ୍ରସ୍ତାବ ସାମ୍ନାକୁ ଆସିଛି। ନିଖିଳ ଓଡ଼ିଶା ବୁଦ୍ଧିଜୀବୀ ଫୋରମ୍‌ର ଉପସଭାପତି ତାପସ କୁମାର ଦ୍ୱିବେଦୀ, ଶ୍ରୀ ଅସ୍ତରାମ ହେଲ୍ପିଂ ହ୍ୟାଣ୍ଡ୍ ଫାଉଣ୍ଡେଶନର ଅଧ୍ୟକ୍ଷ ଅମରେନ୍ଦ୍ର ସାହୁ ଓ ଏଇତ ଜୀବନର ମୁଖ୍ୟ ଉପଦେଷ୍ଟା ପ୍ରିୟବ୍ରତ ପଟ୍ଟନାୟକ ମିଳିତ ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ସପକ୍ଷ ଯୁକ୍ତି ବାଢ଼ିଛନ୍ତି। ସିଡିଏ ସେକ୍ଟର–୧୦ସ୍ଥିତ ଶ୍ରୀ ଅସ୍ତରାମ ଫାଉଣ୍ଡେଶନର କାର୍ଯ୍ୟାଳୟରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି, ପୁରାତନ ସହର କଟକରେ ଶିକ୍ଷାର ପ୍ରସାର ପାଇଁ ପ୍ରଥମେ କଟକ କଲେଜ ପ୍ରତିଷ୍ଠା କରାଯାଇଥିଲା। ପରବର୍ତ୍ତୀ ସମୟରେ ଓଡ଼ିଶାରେ ରାଜୁତି କରୁଥିବା ବ୍ରିଟିଶ କମିଶନର ରେଭେନ୍‌ଶା ସାହେବଙ୍କ ନାମରେ ତାହାକୁ ନାମିତ କରାଗଲା। ମାତ୍ର ରେଭେନ୍‌ଶା ଜଣେ କ୍ରୁର ବ୍ରିଟିଶ କମିଶନର ଥିଲେ। ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ତାଙ୍କରି ସମୟରେ ଦେଖାଦେଇଥିଲା। ଓଡ଼ିଶାର ଜନସାଧାରଣ ଦୁର୍ଭିକ୍ଷରେ ଖାଇବାକୁ ନ ପାଇଁ ଅନାହାରରେ ଆର୍ତ୍ତଚିତ୍କାର କରୁଥିବାବେଳେ ରେଭେନ୍‌ଶା ସାହେବ ଓଡ଼ିଶା ଲୋକ ପଲାଉ ଖାଆନ୍ତୁ ବୋଲି ତାଚ୍ଛଲ୍ୟ କରୁଥିଲେ। ଦୁର୍ଭିକ୍ଷର କରାଳ ଦୃଶ୍ୟକୁ ସେ ହାତୀ ଉପରେ ବସି ଉପଭୋଗ କରୁଥିଲେ। ଏଥିସହିତ ଆମେ ମଧ୍ୟ ବ୍ରିଟିଶ ଶାସକଙ୍କ ହାତରେ ଦୀର୍ଘଦିନ ପରାଧୀନ ରହିବା ସହ ଦୈନନ୍ଦିନ ଜୀବନରେ ବିଭିନ୍ନ ପ୍ରକାର ନିର୍ଯାତିତ ହେଉଥିଲୁ। ତେଣୁ ଏଭଳି ଜଣେ ବ୍ରିଟିଶ ଶାସକଙ୍କ ନାମରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ କାଳବିଳମ୍ବ ନ କରି ୧୦୦୦ ବର୍ଷର ପ୍ରାତଃ ସ୍ମରଣୀୟ କଟକ ସହରକୁ ମନେ ରଖିବା ପାଇଁ ଓ ଏହାର ମାନ ବୃଦ୍ଧି ନିମନ୍ତେ କଟକ ବିଶ୍ୱବିଦ୍ୟାଳୟ ନାମରେ ନାମିତ କରାଯାଉ। ଏଥିସହ ଏହାକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଘୋଷଣା କରାଯାଉ। ବିଶ୍ୱବିଦ୍ୟାଳୟରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ଯେପରି ଅଣଛାତ୍ରଙ୍କ ଅବାଧ ପ୍ରବେଶକୁ ରୋକିବା, ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ନିଯୁକ୍ତି, ପାଠାଗାର, କର୍ମଚାରୀଙ୍କ ସହିତ ଭିତ୍ତିଭୂମିର ବିକାଶ କରିବା ପାଇଁ ଦାବି ହୋଇଛି।

ବିଭାଗୀୟ ସମନ୍ୱୟରେ ଶିଶୁ ଚାଲାଣ ରୋକାଯାଇପାରିବ

'ଶ୍ରମ ପାଇଁ ଶିଶୁ ଚାଲାଣ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ଭୁବନେଶ୍ୱର,୨୩।୯ (ବନ୍ଦନା ସେଠୀ)

ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ପିପୁଲସ୍ କଲ୍‌ଚରାଲ ସେଣ୍ଟର (ପିକକ୍) ଓ ସିଆର୍‌ଏସ୍ ସହଯୋଗରେ ପାନ୍ଥନିବାସଠାରେ ସୋମବାର 'ଶ୍ରମ ପାଇଁ ଶିଶୁ ଚାଲାଣ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଶ୍ରମ କମିଶନର ତଥା ବରିଷ୍ଠ ପ୍ରଶାସକ ନିରଞ୍ଜନ ସାହୁ ପିଲାମାନଙ୍କୁ ଏକ ସୁରକ୍ଷିତ ଶୈଶବ ଦେବା ଆମ ସମସ୍ତଙ୍କର ଏକ ଗୁରୁଦାୟିତ୍ୱ ବୋଲି କହିଥିଲେ। ପଞ୍ଚାୟତିରାଜ ବିଭାଗ ଉପନିର୍ଦ୍ଦେଶକ ସୁବ୍ରତ ମିଶ୍ର ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକୁ ସଶକ୍ତୀକରଣ କରି ଶିଶୁ ଅନୁକୂଳ ପଞ୍ଚାୟତ ଗଠନ ଉପରେ କହିଛନ୍ତି। ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ପ୍ରକଳ୍ପର ସଫଳତା ଓ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ସରକାରୀ ବିଭାଗ ମଧ୍ୟରେ ସମନ୍ୱୟ ଓ ସହଯୋଗ ମାଧ୍ୟମରେ ଶିଶୁ ଚାଲାଣକୁ ରୋକାଯାଇପାରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ପୂର୍ବତନ ଶ୍ରମ କମିଶନର ତଥା ବରିଷ୍ଠ ପ୍ରଶାସକ ଅଶ୍ୱିନୀ ଦାସ, କହିଛନ୍ତି, ଶିଶୁ ଚାଲାଣକୁ ରୋକିବା ପାଇଁ ଶିଶୁ ଓ ମହିଳାମାନଙ୍କର କଲ୍ୟାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ପଞ୍ଚାୟତିରାଜ ବିଭାଗ ଉପନିର୍ଦ୍ଦେଶିକା ଡ. ଅମୃତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶ୍ରମ ପାଇଁ ଶିଶୁ ଚାଲାଣର ମୁକାବିଲା ପାଇଁ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ୟାନେଲ୍‌ରେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ପ୍ରୋଗ୍ରାମ ମ୍ୟାନେଜର ପ୍ରୀତିକାନ୍ତ ପଣ୍ଡା ଉପସ୍ଥିତ ରହି ପିଲାଙ୍କର ସୁରକ୍ଷିତ ତଥା ଉନ୍ନତ ଭବିଷ୍ୟତ ପାଇଁ ମାତାପିତାଙ୍କୁ ସଚେତନ କରାଇବା ଆବଶ୍ୟକ ବୋଲି କହିଥିଲେ। ମହିଳା ହିଂସା ଓ ଶିଶୁ ଶାଖାର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଇମାମ କଲ୍ୟାଣ ନାୟକ ମହିଳା ଓ ଶିଶୁମାନଙ୍କ ପାଇଁ ଜରୁରିକାଳୀନ ସହାୟତା ନମ୍ବର ଓ ସରକାରଙ୍କର ସମସ୍ତ କଲ୍ୟାଣକାରୀ ଯୋଜନା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ହିଂସା ଓ ଶିଶୁ ଶାଖାର ମାନବ ଚାଲାଣ ତଥା ନିଖୋଜ ବିଭାଗର ଅଧିକାରୀ ବନିତା ମହାରଣା, ପଞ୍ଚସଖା ଶିକ୍ଷା ସେତୁର ଉପନିର୍ଦ୍ଦେଶିକା ସସ୍ମିତା ମାଲି, ସିଆରଏସ୍‌ର ମନୋରଞ୍ଜନ ମିଶ୍ର, ୟୁନିସେଫ୍‌ର ମନ୍ନା ବିଶ୍ୱାସ ଓ ଅଜୟ ସିଂ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ପିକକ୍‌ର ଅଧ୍ୟକ୍ଷା ମିନାକ୍ଷୀ ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ, ସମ୍ପାଦକ ରଞ୍ଜନ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନ ଦକ୍ଷିଣ ଜୋନ୍‌ର ସଂଯୋଜକ ମନୋଜ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

ସଂକ୍ଷେପରେ

ନିମାପଡ଼ାରେ ନୂତନ ବିଡିଓଙ୍କ ଯୋଗଦାନ

ନିମାପଡ଼ା,୨୩।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକରେ ନୂତନ ବିଡିଓ ଭାବେ ଡ. ଅଭିଜିତ୍ ଷଡ଼ଙ୍ଗୀ ସୋମବାର ଯୋଗଦାନ କରି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ନିମାପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ସହକାରୀ ଯନ୍ତ୍ରୀ ସୁନୀଲ ନନ୍ଦ, ସହକାରୀ ଯନ୍ତ୍ରୀ ଚନ୍ଦ୍ରମଣି ଖଟୋଇ, ଅତିରିକ୍ତ ବିଡିଓ ପ୍ରିୟଦର୍ଶିନୀ ବରାଳଙ୍କ ସମେତ ସମସ୍ତ କନିଷ୍ଠ ଯନ୍ତ୍ରୀ, ବ୍ଲକର ସମସ୍ତ କର୍ମଚାରୀ ନୂତନ ବିଡିଓଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ତ୍ୱରାନ୍ୱିତ କରିବା ଦିଗରେ ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କରିବେ ବୋଲି ନୂତନ ବିଡିଓ ଷଡ଼ଙ୍ଗୀ କହିଥିଲେ।

ବିଜେଡିର ସାଙ୍ଗଠନିକ ବୈଠକ

ପିପିଲି,୨୩।୯(ପ୍ରଭାତ କୁମାର ମହାପାତ୍ର)

ତେଇଶିପୁର ବିଜେଡି କାର୍ଯ୍ୟାଳୟରେ ସାଂଗଠନିକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଜେଡି ନେତା ତଥା ୨୪ ନଂ. ଜିଲା ପରିଷଦ ଅଧ୍ୟକ୍ଷ ଧରଣୀଧର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଅତିଥି ଭାବେ ଯୋଗଦେଇ ଆଗାମୀ ଦିନରେ ସାଧାରଣ ଲୋକଙ୍କର ସମସ୍ୟା ସମାଧାନ ଦିଗରେ ବିଜେଡି ସକ୍ରିୟ ହୋଇ କାର୍ଯ୍ୟ କରିବ ଏବଂ ସଙ୍ଗଠନ କିପରି ଅଧିକ ସୁଦୃଢ଼ ହେବ, ସେ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସାଧାରଣ ଲୋକେ ନିଜ ନିଜର ଅନେକ ସମସ୍ୟା ଦେଖାଇଥିବାବେଳେ ସମସ୍ୟା ନେଇ ଦଳ ଅଗ୍ରସର ହେବ। ସମାଧାନ ନ ହେଲେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ପ୍ରତିଶ୍ରୁତି ଦେଇଥିଲେ ପୂର୍ବତନ ବିଧାୟକ ରୁଦ୍ରପ୍ରତାପ। କାର୍ଯ୍ୟକ୍ରମରେ ଯୁବନେତା ଜଗନ୍ନାଥ ନନ୍ଦ, ବିଶିଷ୍ଟ ଦାଶ, ବାରପୁରୁଷୋତ୍ତମପୁର ସରପଞ୍ଚ ଧ୍ରୁବ ପ୍ରଧାନ, ସମିତି ସଭ୍ୟ ଜଗନ୍ନାଥ ମିଶ୍ର, ସହଜପୁର ସରପଞ୍ଚ ସତ୍ୟନାରାୟଣ ବସ୍ତିଆଙ୍କ ସହ ବହୁ ନେତୃବୃନ୍ଦ ଯୋଗଦେଇ ନିଜ ନିଜର ମତବ୍ୟକ୍ତ କରିଥିଲେ।

ଖେଳପଡ଼ିଆ ମରାମତି ଦାବି

ଚାରିଛକ,୨୩।୯(ଶିଶିର ସ୍ୱାଇଁ)

ପୁରୀ ଜିଲା ଚାରିଛକ ଲଙ୍କପଡ଼ା ଆଇଁଶମୂଳ ଗ୍ରାମରେ ଥିବା ଖେଳପଡ଼ିଆକୁ ମରାମତି ପାଇଁ ଟ୍ରାକ୍ ଆଣ୍ଡ ଫିଲ୍ଡ ଏକାଡେମୀ ସହିତ ଗ୍ରାମବାସୀ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଦାବି କରିଛନ୍ତି। ପ୍ରକାଶ ଯେ, ଏହି ଏକାଡେମୀ ଚାରିଛକ ଅଞ୍ଚଳର ଯୁବତୀଯୁବକଙ୍କୁ ବିଭିନ୍ନ ପ୍ରକାର ଖେଳ ତାଲିମ୍ ଦେଇ ରାଜ୍ୟସ୍ତରରେ ବେଶ୍ ନା ଅର୍ଜନ କରିଛି। କିନ୍ତୁ ଦୁଃଖର ବିଷୟ, ଏହି ଶିକ୍ଷା ଅନୁଷ୍ଠାନ ପାଇଁ ଭଲ ପଡ଼ିଆ ନ ଥିବାରୁ ବିପଦପୂର୍ଣ୍ଣ ଭାବେ ମୁଖ୍ୟରାସ୍ତାରେ ଦୌଡ଼ିବାକୁ ପଡୁଛି। ଏହି ଟ୍ରାକ୍ ଆଣ୍ଡ ଫିଲ୍ଡ ଏକାଡେମୀକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥାୟୀ ଖେଳ ପଡ଼ିଆ ପାଇଁ ସହଯୋଗ କରାଗଲେ ଅଞ୍ଚଳର ବହୁ ଛାତ୍ରୀଛାତ୍ର ଖେଳ ଶିଖିବାର ସୁଯୋଗ ପାଇପାରନ୍ତେ। ଏହି ଖେଳପଡ଼ିଆକୁ ମରାମତି କରିବା ପାଇଁ ଟ୍ରାକ୍ ଆଣ୍ଡ ଫିଲ୍ଡ ଏକାଡେମୀର ଶିକ୍ଷକ କଳିଙ୍ଗ ପ୍ରସାଦ ନାୟକ, ୱାର୍ଡ ସଭ୍ୟ ରବି ନାରାୟଣ ଭୋଇଙ୍କ ସମେତ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଓ ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡ଼ାଙ୍କ ନିକଟରେ ଦାବି କରିଛନ୍ତି।

ଜଳ, ପରିମଳ ସ୍ଥିତି ଅନୁଧ୍ୟାନ କଲେ କେନ୍ଦ୍ରୀୟ ଜଳ ଜୀବନ ମିଶନ ଅଧିକାରୀ

ପିପିଲି,୨୩।୯(ପ୍ରଭାତ କୁମାର ମହାପାତ୍ର)

କେନ୍ଦ୍ରୀୟ ପ୍ରତିନିଧି ଦଳ ପିପିଲି ବ୍ଲକର ବିଭିନ୍ନ ପଞ୍ଚାୟତକୁ ୨ ଦିନିଆ ଗସ୍ତରେ ଆସି ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରିଛନ୍ତି। କେନ୍ଦ୍ରୀୟ ଜଳ ଜୀବନ ମିଶନ ପକ୍ଷରୁ ଆସିଥିବା ପୂର୍ବତନ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଶକ୍ତି ବିକାଶ ନିଗମ ତଥା ମୁଖ୍ୟ ଇଞ୍ଜିନିୟର ଜଗଦୀଶ ସିଂ, ଚିପ୍ ଓ ପୂର୍ବତନ ରସାୟନ ବିଜ୍ଞାନୀ ଜି.ଏସ୍ ଓଝା ପ୍ରମୁଖ ୨ ଅଧିକାରୀ ଗ୍ରାମାଞ୍ଚଳରେ ହେଉଥିବା ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ଉପରେ ବିଶେଷ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥି ସହିତ ବିଭିନ୍ନ ଗ୍ରାମରେ ସ୍ୱଚ୍ଛ ଭାରତ ମିଶନ ଜରିଆରେ ବର୍ଜ୍ୟ ବସ୍ତୁ ପରିଚାଳନା ବ୍ୟବସ୍ଥାର ମଧ ସମୀକ୍ଷା କରିଛନ୍ତି। ଏହି ଟିମ୍ ପିପିଲି ବ୍ଲକର ଭାରତିପୁର, କଣ୍ଟି, ଜଗନ୍ନାଥପୁର, ଦାଣ୍ଡମୁକୁନ୍ଦପୁର, ଠଣଠଣା, ଦୁର୍ଗାଦାଶପୁର ଓ ଆରୁହା ଗ୍ରାମ ଗସ୍ତ କରି ଜଳ ଯୋଗାଣ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଉପରେ ଅନୁଧ୍ୟାନ କରିଛି। ଜନସାଧାରଣଙ୍କୁ ଜଳ ଯୋଗାଣର ଗୁଣବତ୍ତା ଡିପିଆର୍ ଅନୁଯାୟୀ କାର୍ଯ୍ୟ କରାଯାଇଛି କି ନାହିଁ, ଜଳ ଯୋଗାଣ ଯୋଜନା ସମାପ୍ତି ପାଇଁ ସମୟସୀମା ପାଳନ କରାଯାଇଛି କି ନାହିଁ, ଯଦି ହୋଇନାହିଁ ତେବେ ନିର୍ଦ୍ଦିଷ୍ଟ ସମୟ ସୀମା ହାସଲ କରିବାରେ ବାଧା ଏବଂ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ ଗ୍ରାମାଞ୍ଚଳକୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳର ମାନ କିଭଳି ପରୀକ୍ଷା କରିଯିବ, ଏହା ଉପରେ ବିଭିନ୍ନ ଗ୍ରାମରେ ମହିଳା ଏସ୍ଏଚ୍‌ଜି ଗୋଷ୍ଠୀ, ସିଆର୍‌ପି ଓ ଏମ୍‌ବିକେ ମହିଳାଙ୍କୁ ପ୍ରତିନିଧି ଦଳତାଲିମ ଦେଇଥିଲେ। ଏହି ଗସ୍ତ ସମୟରେ ପୁରୀ ଡିଭିଜନ ସହକାରୀ ଯନ୍ତ୍ରୀ ଶର୍ମିଷ୍ଠାବାଳା ପୃଷ୍ଟି, ପିପିଲି କନିଷ୍ଠ ଯନ୍ତ୍ରୀ ନିବେଦିତା ପାଣିଗ୍ରାହୀ, ଅନିତାରାଜ ପଣ୍ଡା ଓ ଲ୍ୟାବ ଆସିଷ୍ଟାଣ୍ଟ କମଲ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ଲୋକଙ୍କ ସହ କେନ୍ଦ୍ରୀୟ ଜଳଜୀବନ ମିଶନ ଅଧିକାରୀ ଆଲୋଚନା କରୁଛନ୍ତି ।

ପୁରୀ ପୌରସଂସ୍ଥା ପକ୍ଷରୁ ସ୍ୱଚ୍ଛତା ସପ୍ତାହ ପାଳନ ଅବସରରେ ବେଳାଭୂମିରେ ସ୍ୱଚ୍ଛତା ରକ୍ଷା ନେଇ ଶପଥ ପାଠ କରାଯାଉଛି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

ଜାଗାବାଡ଼ିକୁ ନେଇ ହତ୍ୟା ଉଦ୍ୟମ, ଥାନାରେ ମାମଲା

ବଳଙ୍ଗା,୨୩।୯(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ରଥପୁରୁଷୋତ୍ତମପୁର ଗ୍ରାମରେ ଜଣେ ମହିଳାଙ୍କୁ ମାରିଦେବାକୁ ଉଦ୍ୟମ କରିଥିବା ନେଇ ସୋମବାର ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ୧୫ ତାରିଖ ଦିନ ରୂପମଞ୍ଜରୀ ମହାନ୍ତି ଘର ଜାଗାରେ କେନାଲ ବନ୍ଧକୁ ଲାଗି ଗଛଗୁଡ଼ିକର ସୁରକ୍ଷା ପାଇଁ କେତେଜଣ ଲୋକଙ୍କୁ ନେଇ ସିମେଣ୍ଟ ଖୁଣ୍ଟ ପୋତି ଆବଦ୍ଧ କରୁଥିଲେ। ସେହି ସମୟରେ ଗ୍ରାମର ନରେଶ ରାଉତ ଆସି ଖୁଣ୍ଟ ଓପାଡ଼ିବାରୁ ରୂପମଞ୍ଜରୀ ବିରୋଧ କରିଥିଲେ। ପରେ କାମ କରୁଥିବା ଲୋକଙ୍କଠାରୁ କୋଦାଳ ଛଡ଼ାଇ ନେଇ ତାଙ୍କୁ ମାରିବାକୁ ଗୋଡ଼ାଇଥିଲେ। ରୂପମଞ୍ଜରୀ ନିଜ ଜୀବନକୁ ବଞ୍ଚାଇବା ପାଇଁ ଘରକୁ ଦୌଡ଼ି ପଳାଇଥିଲେ। ପରେ ନରେଶ ତାଙ୍କ ଘରପାଖକୁ ଯାଇ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ କବାଟକୁ ଗୋଇଠା ମାରିଥିଲେ। ଏନେଇ ରୂପମଞ୍ଜରୀ ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୬୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପିଲାଙ୍କୁ ସମେଟିଭ୍ ପରୀକ୍ଷା ଚିନ୍ତା: ମିଳିନି ୪ର୍ଥ ଶ୍ରେଣୀ ଇଂଲିଶ ବହି

କଣାସ,୨୩।୯(ବିଭୂତି ଭୂଷଣ ତ୍ରିପାଠୀ)

ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରି ବହୁକୋଟି ଟଙ୍କା ଖର୍ଚ୍ଚ କରି ଛାତ୍ରୀଛାତ୍ରମାନଙ୍କୁ ମାଗଣାରେ ଖାଇବା, ପିନ୍ଧିବା, ପୁସ୍ତକ ଯୋଗାଇଦେବା, ଖେଳ ଉପକରଣ ଯୋଗାଇ ଦେଉଛନ୍ତି। ଚଳିତ ଶିକ୍ଷାବର୍ଷ ୬ମାସ ବିତିଯାଇଥିବା ବେଳେ ରାତିପାହିଲେ ଛାତ୍ରୀଛାତ୍ରମାନେ ସମେଟିଭ୍ ପରୀକ୍ଷା ଦେବେ। କିନ୍ତୁ

୬ମାସ ବିତିଲା ଶିକ୍ଷାବର୍ଷ

ଦୁଃଖର ବିଷୟ କଣାସ ବ୍ଲକରେ ୪ର୍ଥ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଇଂଲିଶ ବହି ବର୍ତ୍ତମାନ ସୁଦ୍ଧା ମିଳିନାହିଁ। ଫଳରେ ଛାତ୍ରୀଛାତ୍ରମାନେ ଇଂଲିଶ ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ପୁସ୍ତକ ବଣ୍ଟନ ଦାୟିତ୍ୱରେ ଥିବା ଅତିରିକ୍ତ ଶିକ୍ଷାଧିକାରୀ ସୂର୍ଯ୍ୟନାରାୟଣ ନାୟକ କହିଛନ୍ତି, ବହି ଆସିଛି, ସମୟ ଅଭାବରୁ ଦିଆଯାଇପାରି ନାହିଁ। ଏବେ ଦିଆଯିବ।

ଏମ୍‌ପିଙ୍କ ସହ ଜନ୍ମଦିନ ପାଳିଲେ ବିଧାୟକ ଆଶ୍ରିତ

ପିପିଲି,୨୩।୯(ଦୁର୍ଗା ମାଧବ ମିଶ୍ର)

ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ ପରିପ୍ରେକ୍ଷୀରେ ସୋମବାର ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପୁରୀ–ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ପିପିଲି ମଙ୍ଗଳପୁର ହୋଟେଲ ରାଞ୍ଚଠାରେ ଆୟୋଜିତ ଏହି ଶିବିରକୁ ପୁରୀ ଲୋକ ସଭା ଏମ୍‌ପି ଡ. ସମ୍ବିତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏମ୍‌ପି ଓ ଅନ୍ୟମାନଙ୍କ ସହ ବିଧାୟକ ପଟ୍ଟନାୟକ ସେଠାରେ ଜନ୍ମଦିନ କେକ୍ କାଟିଥିଲେ। ଏକାମ୍ର ବିଧାୟକ ବାବୁ ସିଂ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଶିଶୁ ଅଧିକାର ସୁରକ୍ଷା ଆୟୋଗର ପୂର୍ବତନ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ବରିଷ୍ଠ ସାମାଜିକ କର୍ମୀ ସୁବ୍ରତ ରାଉତଙ୍କ ସମେତ ଦଳର ବିଭିନ୍ନ ବର୍ଗ କର୍ମକର୍ତ୍ତା, ବିଭିନ୍ନ ନିର୍ବାଚନମଣ୍ଡଳୀରୁ ଆସିଥିବା ଶୁଭେଚ୍ଛୁ, ନିର୍ବାଚିତ ଲୋକ ପ୍ରତିନିଧିମାନେ ସେଠାରେ ବିଧାୟକଙ୍କୁ ଫୁଲତୋଡ଼ା ଓ ଉପଢ୍ୌକନ ପ୍ରଦାନ କରି ଜନ୍ମଦିନ ଶୁଭେଚ୍ଛା ଜଣାଇଥିଲେ। ଏହି ଶିବିରରେ ୨୦୨ ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଶିବିରରେ ଭୁବନେଶ୍ୱର ବିଏମ୍‌ସି ହସ୍ପିଟାଲ ଓ ପୁରୀର ଜିଲା ମୁଖ୍ୟ ଡାକ୍ତରଖାନା ବ୍ଲଡ ବ୍ୟାଙ୍କ ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା। ବିଏମ୍‌ସି ହସ୍ପିଟାଲର ବ୍ଲଡ ବ୍ୟାଙ୍କ ଡାକ୍ତର କଲ୍ୟାଣ କୁମାର ସରକାରଙ୍କ ତତ୍ତ୍ୱାବଧାନରେ ଟେକ୍ନିସିଆନ ଲିପକ ପାତ୍ର ଓ ଲକ୍ଷ୍ମୀପ୍ରିୟା ସାହୁ ଏବଂ କାଉନସିଲର ସଂଘମିତ୍ରା ସ୍ୱାଇଁ ଏବଂ ପ୍ରକାଶ ଚନ୍ଦ୍ର ବରାଳ ଉପସ୍ଥିତ ଥିଲେ। ପୁରୀ ବ୍ଲଡ ବ୍ୟାଙ୍କ ଡାକ୍ତର ଦୀପକ ସାହୁଙ୍କ ତତ୍ତ୍ୱାବଧାନରେ ଟେକ୍ନିସିଆନ ଶ୍ରୀନିବାସ ମହାନ୍ତି, ମଙ୍ଗଳ ପ୍ରସାଦ ଦୀକ୍ଷିତ, ମନୋରଞ୍ଜନ ଭୋଇ, ଜିତେନ୍ଦ୍ର ନାୟକ ଏବଂ ଅମିତ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ରିଙ୍କୁ ଭାଇ ଫ୍ୟାନ କ୍ଲବ ଓ ଅନ୍ୟ ଏକ ସାମାଜିକ ଅନୁଷ୍ଠାନର ସଂଯୋଜନାରେ ଏହି ଶିବିର ଅନୁଷ୍ଠିତ ହୋଇଥିବାବେଳେ ଏହି ୨ ଅନୁଷ୍ଠାନରୁ ଅଶ୍ୱିନୀ କୁମାର ସାହୁ ଏବଂ ଖବରଦାତା ରାଜକିଶୋର ସ୍ୱାଇଁ ଉପସ୍ଥିତ ରହି ଶିବିର ପରିଚାଳନା ତଦାରଖ କରିଥିଲେ। ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ଖବରଦାତା ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରଦ୍ୟୁମ୍ନ ସୁବୁଦ୍ଧି, ଦୁର୍ଗାମାଧବ ମିଶ୍ର, ପ୍ରତାପ ବାରିକ୍, ସନ୍ତୋଷ ପ୍ରଧାନ, ପ୍ରଶାନ୍ତ ଦୀକ୍ଷିତ, ଦିବାକର ପ୍ରଧାନ, ସାମାଜିକ କର୍ମୀ ତଥା ଶିକ୍ଷକ ନରେନ୍ଦ୍ର ମୁଦୁଲି ଉପସ୍ଥିତ ଥିଲେ। ଭାଜପାର ଦୀପକ କୁମାର ସାହୁ, ଗଦାଧର ପରିଡ଼ା, ବିଭୂତି ଭୂଷଣ ନାଥଙ୍କ ସମେତ ବହୁ ଦଳୀୟ ସମର୍ଥକ ଉପସ୍ଥିତ ଥିଲେ।

ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଆୟୋଜିତ ରକ୍ତଦାନ ଶିବିର ।

ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ ଅନିୟମିତତାର ତଦନ୍ତ

କାକଟପୁର,୨୩।୯(ଶୁଭଦର୍ଶନ ମିଶ୍ର)

କାକଟପୁର ବ୍ଲକ ଅନ୍ତର୍ଗତ କେତେକ ଅଙ୍ଗନୱାଡି କେନ୍ଦ୍ରରେ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ ବ୍ୟାପକ ଅନିୟମିତତା ଓ ତୋସରପାତ ହେଉଥିବା କାକଟପୁର ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏପରିକି ଅଙ୍ଗନୱାଡି କେନ୍ଦ୍ରରେ ୨/୩ ମାସରେ ଥରେ ଛତୁଆ ବଣ୍ଟାଯାଇ ପ୍ରତିମାସରେ ବଣ୍ଟନ ହେଉଥିବା ରେକର୍ଡରେ ଦର୍ଶାଯାଉଛି। କୁଣ୍ଡେଇ ପଞ୍ଚାୟତ ଅନ୍ତର୍ଭୁକ୍ତ ଛୋଟରାୟପୁର ଅଙ୍ଗନୱାଡି କେନ୍ଦ୍ରରେ ପଢୁଥିବା ପିଲାଙ୍କ ଜଣେ ଅଭିଭାବକ ଅମରେଶ୍ୱର ନାୟକ କାକଟପୁର ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ବିଡିଓ ବିଷ୍ଣୁ ଗୋବିନ୍ଦ ଘଟଣାର ତଦନ୍ତ କରିବା ପାଇଁ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଓ ସୁପରଭାଇଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଓ ସୁପରଭାଇଜର ଛୋଟରାୟପୁର ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ଅଭିଭାବକଙ୍କଠାରୁ ସମସ୍ତ ତଥ୍ୟ ଶୁଣି ଶିଶୁଙ୍କ ଖାଦ୍ୟ ଚଣା, ମୁଡ଼ି, ଅଣ୍ଡା, ଛତୁଆ ପ୍ରଭୃତି ଅଙ୍ଗନୱାଡି ଗୃହରେ ନ ରଖି କର୍ମୀ ଜଣକ ତାଙ୍କ ନିଜସ୍ୱ ଗୃହରେ ରଖି ବଣ୍ଟନରେ ଅନିୟମିତତା କରୁଥିବା ଜାଣି ବିରକ୍ତି ପ୍ରକାଶ କରିଥିଲେ। କେତେକ ଶିଶୁ ଅଙ୍ଗନୱାଡିରେ ନାମ ଲେଖାଇଥିଲେ ମଧ ନିକଟସ୍ଥ ଶିଶୁ ମନ୍ଦିରରେ ପଢୁଥିବା ଓ ସେମାନେ ନିୟମିତ ଭାବରେ କେନ୍ଦ୍ରକୁ ଆସୁ ନ ଥିବା ଜଣାପଡ଼ିଥିଲା। କେନ୍ଦ୍ର ଆରମ୍ଭରୁ ରୋଷେୟା ଓ ରୋଷେଇ ଘର ଥିଲେ ମଧ ପିଲାଙ୍କୁ ରନ୍ଧାଖାଦ୍ୟ ନ ଦେଇ ପିଲାଙ୍କ ନାମରେ ଆସୁଥିବା ଅର୍ଥକୁ ହଡ଼ପ କରିଥିବା ତଦନ୍ତ ସମୟରେ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏ ସମସ୍ତ ଅଭିଯୋଗ ବିଷୟରେ କେନ୍ଦ୍ରକୁଯାଇ ଅଭିଭାବକମାନଙ୍କ ସହ ଆଲୋଚନା କରି ଅଧିକ ତଦନ୍ତ ପାଇଁ ଖାତାପତ୍ର ଜବତ କରିଥିବା ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମେରୀ ମାଇକେଲ ଖେସ୍ ସୂଚନା ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କାକଟପୁର ବ୍ଲକର ସମସ୍ତ ଅଙ୍ଗନୱାଡି କେନ୍ଦ୍ରର ବିଧିବଦ୍ଧ ନିରପେକ୍ଷ ତଦନ୍ତ କରାଇ ସରକାରୀ ଅର୍ଥ ଓ ଶିଶୁମାନଙ୍କ ଖାଦ୍ୟ ତୋସରପାତ କରିଥିବା କର୍ମୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କାକଟପୁର ଦୁର୍ନୀତି ସଂଘର୍ଷ ମଞ୍ଚ ଶାଖା ପକ୍ଷରୁ କୈଳାଶ ଚନ୍ଦ୍ର ନାୟକ ଦୃଢ଼ ଦାବି କରିଛନ୍ତି।

ରାଜ୍ୟସ୍ତରୀୟ ଖୋ ଖୋ

ପୁରୀ,୨୩।୯(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସ୍କୁଲ୍ ପଡ଼ିଆରେ ୧୪ ବର୍ଷରୁ କମ୍ ବାଳିକା ବାଳକ ଖୋ ଖୋ କ୍ରୀଡ଼ା ପ୍ରତିଯୋଗିତା ରବିବାରଠାରୁ ଚାଲିଛି। ସୋମବାର ହୋଇଥିବା ନକ୍ ଆଉଟ୍ ମ୍ୟାଚଗୁଡ଼ିକରେ ଜିତି ବାଳିକା ବିଭାଗରୁ ପୁରୀ, କେନ୍ଦୁଝର, କଟକ, ଝାରସୁଗୁଡ଼ା, ଭୁବନେଶ୍ୱର ଓ ବାଲେଶ୍ୱର ଏବଂ ବାଳକ ବିଭାଗରେ ଗଞ୍ଜାମ, ପୁରୀ, ସୁନ୍ଦରଗଡ଼, ଢେଙ୍କାନାଳ, କଟକ, ଭୁବନେଶ୍ୱର ଓ ବାଲେଶ୍ୱର ଆଦି ଜିଲା ପରବର୍ତ୍ତୀ ମ୍ୟାଚ ଖେଳିବା ପାଇଁ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୪ ତାରିଖରେ ବାକି ନକ୍ ଆଉଟ୍ ମ୍ୟାଚ ସହ ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଖେଳାଯିବ। ଏହି ସମସ୍ତ ମ୍ୟାଚ୍ ବିଭିନ୍ନ ଜିଲାରୁ ଆସିଥିବା ଦକ୍ଷ ପରିଚାଳକଙ୍କ ସହିତ ଶାରୀରିକ ଶିକ୍ଷା ବିଭାଗ ସହକାରୀ ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱରର ଜ୍ୟୋତି ପ୍ରସାଦ ପରିଡ଼ା ଓ ପୁରୀ ଜିଲା ବିଦ୍ୟାଳୟ ସମୂହ ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଛି। ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଉପସ୍ଥିତ ରହି ଖେଳାଳିଙ୍କ ରହିବା, ଖାଇବା ପ୍ରଭୃତି କାର୍ଯ୍ୟର ତଦାରଖ କରୁଛନ୍ତି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ ଓ ଜିଲା ସ୍କୁଲ୍ ପ୍ରଧାନ ଶିକ୍ଷକ ତଥା ସାଙ୍ଗଠନିକ ସମ୍ପାଦକ ଜ୍ୟୋତିର୍ମୟୀ ମିଶ୍ର ମ୍ୟାଚ ଆରମ୍ଭ ପୂର୍ବରୁ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

ବିଭିନ୍ନ ପ୍ରକଳ୍ପ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ

ନିମାପଡ଼ା,୨୩।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ଏସିର କାଉନସିଲର ବୈଠକ ସୋମବାର ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ସହକାରୀ ଯନ୍ତ୍ରୀ ଅନାଥ ସାହୁ, ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ, ୱାର୍ଡକୋର ମ୍ୟାନେଜର ଶଶିଭୂଷଣ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ଏନ୍‌ଏସି ଅଞ୍ଚଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ, ପୂର୍ବରୁ ପେଣ୍ଡିଂ ହୋଇ ପଡ଼ିଥିବା ବିଭିନ୍ନ ବିକାଶମୁଖୀ କାର୍ଯ୍ୟକୁ ଖୁବ୍‌ଶୀଘ୍ର ତ୍ୱରାନ୍ୱିତ କରାଯିବା, ସ୍ମାର୍ଟ ପାର୍କ, ସ୍ମାର୍ଟ ଶ୍ମଶାନ ନିର୍ମାଣ ନିମନ୍ତେ ଜାଗା ଚିହ୍ନଟ, ମାପଚୂପ କରାଯାଇ ଏହି ନୂତନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା, ବିଭିନ୍ନ ୱାର୍ଡରେ ନୂତନ ଭାବେ ୫୪ଟି ରାସ୍ତା ଓ ଡ୍ରେନ ନିର୍ମାଣ କରାଯିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏନ୍‌ଏସିର ବିଭିନ୍ନ ୱାର୍ଡରେ ମୁଖ୍ୟାରାସ୍ତା କଡ଼ରେ ମୁକୁଳା ହୋଇ ପଡ଼ିଥିବା ଡ୍ରେନଗୁଡ଼ିକ ଉପରେ ପରିଷଦ ପକ୍ଷରୁ ତୁରନ୍ତ କଭରସ୍ଲାପ ପକାଯିବାର ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଏନ୍‌ଏସିର ୧୧ଟି ୱାର୍ଡର ସମସ୍ତ କାଉନସିଲର ବନ୍ଧୁ ଯୋଗଦେଇଥିବା ଏନ୍‌ଏସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ବୈଠକରେ କାଉନସିଲରମାନେ ଯୋଗଦେଇ ଥିବାରୁ ଅଧ୍ୟକ୍ଷା ସାହୁ ସମସ୍ତଙ୍କୁ ସାଧୁବାଦ ଓ ଧନ୍ୟବାଦ ଦେଇଥିଲେ।

ଭୂମିହୀନଙ୍କୁ ଘରଡିହ ପଟ୍ଟା ପାଇଁ ତହସିଲଦାରଙ୍କୁ ଦାବିପତ୍ର

ପିପିଲି,୨୩।୯(ଦୁର୍ଗା ମାଧବ ମିଶ୍ର)

ସିପିଆଇ (ଏମ୍‌ଏଲ୍) ଲିବରେଶନ ପାର୍ଟି ପକ୍ଷରୁ ଅଞ୍ଚଳର ଗରିବ ଭୂମିହୀନ ଜନସାଧାରଣଙ୍କ ନିମନ୍ତେ ପ୍ରଶାସନର ଗରିବମାରଣ ନୀତିକୁ ବିରୋଧ କରି ସୋମବାର ଶତାଧିକ ଭୂମିହୀନ ଜନସାଧାରଣ ଏକ ଶୋଭାଯାତ୍ରାରେ ଯାଇ ପିପିଲି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାରଙ୍କ ଆଇନ ଓ ପ୍ରଚାର ଅନୁଯାୟୀ ସମସ୍ତ ଭୂମିହୀନଙ୍କୁ ୪ ଡିସିମିଲ ଘରଡିହ, ପଟ୍ଟା, ୩୦୦ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା, ୩୦୦ ୟୁନିଟ୍ ବିଦ୍ୟୁତ୍ ଛାଡ଼, ମୂଲିଆଙ୍କୁ ଦୈନିକ ୬୦୦ ଟଙ୍କା ମଜୁରି, ବର୍ଷକୁ ୨୦୦ ଦିନ କାମ ଓ ଘରବାରି କିସମ ପରିବର୍ତ୍ତନ ସମୟରେ ଜଳ ନିଷ୍କାସନକୁ ଗୁରୁତ୍ୱ ଦେବା ଭଳି ଦାବିଗୁଡ଼ିକୁ ନେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କମ୍ୟୁନିଷ୍ଟ ନେତା ସର୍ବେଶ୍ୱର ଭାରତୀ ଏହାର ନେତୃତ୍ୱ ନେଇଥିଲେ। ଆୟୋଜିତ ସଭାରେ ଅଶୋକ ପ୍ରଧାନ, କିଷାନ ପଟ୍ଟନାୟକ, ସୁନନ୍ଦ ଗଡ଼ନାୟକ, ରବୀନ୍ଦ୍ର ସ୍ୱାଇଁ ଏବଂ କାହ୍ନୁଚରଣ ବେହେରା ପ୍ରମୁଖ ସାମିଲ ହୋଇଥିବାବେଳେ ପିପିଲି ଥାନା ଅଧିକାରୀ ସୌମେନ୍ଦୁ କୁମାର ତ୍ରିପାଠୀ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିବାରେ ସହାୟକ ହୋଇଥିଲେ।

ପିପିଲି ତହସିଲ ଅଫିସ୍ ସମ୍ମୁଖରେ ସିପିଆଇ (ଏମ୍‌ଏଲ୍) ଲିବରେଶନ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ।

ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ୧୪୭ ମାମଲା ଫଇସଲା

ନିମାପଡ଼ା,୨୩।୯(ବିଚିତ୍ରାନନ୍ଦ ସାହୁ)

ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ପଞ୍ଚାୟତ ସମିତି ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ସୋମବାର ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଉପଜିଲାପାଳ ଗୋପୀନାଥ କୁଅଁର, ପୋଲିସ ଏସ୍‌ପି ପିନାକ ମିଶ୍ର, ଏସ୍‌ଡିପିଓ ପ୍ରଭାତ ମଲ୍ଲିକ, ଜିଲା ମୁଖ୍ୟ ଚିକିତ୍ସାଳୟ ସିଡିଏସ୍‌ଓ ଡ. ରୂପଭାନୁ ମିଶ୍ର, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ହୋତା, ଏଆର୍‌ସିସି ସ୍ୱରୂପ କୁମାର କର, ବିଡିଓ ଭୁବନାନନ୍ଦ ପଟ୍ଟନାୟକ, ତହସିଲଦାର ବସନ୍ତ ହାତୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷ ଅନସୂୟା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ, ରେଶନ କାର୍ଡ, ବିଭିନ୍ନ ଭତ୍ତା ସହ ଅନ୍ୟାନ୍ୟ ବିଭାଗର ମୋଟରେ ୧୪୭ଟି ଅଭିଯୋଗ ର ଶୁଣାଣି କରାଯାଇ ଫଇସଲା କରାଯାଇଥିଲା। ଅନ୍ୟାନ୍ୟ ବିଭିନ୍ନ ଅଭିଯୋଗଗୁଡ଼ିକର ତଦନ୍ତ କରାଯାଇ ଏ ଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ସ୍ୱାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳସମ୍ପଦ ବିଭାଗ ଏସ୍‌ଇ ବୈକୁଣ୍ଠନାଥ ଦଳେଇ, ବିଡିଓ ଡ. ସଂଦିପ୍ତା ସେନାପତି, ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ପ୍ରବୀର କୁମାର ବଳ, ପିଙ୍କି ମହାନ୍ତି, ଅତିରିକ୍ତ ବିଡିଓ ପ୍ରିୟଦର୍ଶନୀ ବରାଳ, ବ୍ଲକ ସହକାରୀ ଯନ୍ତ୍ରୀ ସୁନୀଲ ନନ୍ଦ, ଉଦ୍ୟାନ ବିଭାଗ ଅଧିକାରୀ ଶୁଭଶ୍ରୀ କର, ଚାରିଛକ ମେଡିକାଲ ମୁଖ୍ୟ ଚିକିତ୍ସାଧିକାରୀ ଡ. ପ୍ରଶାନ୍ତ ସାମନ୍ତରାୟ, ବ୍ଲକ ଯୋଗାଣ ଅଧିକାରୀ ଜୟନ୍ତୀ ହରିଚନ୍ଦନ, ବ୍ଲକ ଶିକ୍ଷାଧିକାରୀ ଦ୍ୱିତିକାନ୍ତ ପ୍ରଧାନ, ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି)ର ସମ୍ପାଦକ ସୁଶାନ୍ତ ରାଉତ, ବିପିଏମ୍ ମଧୁଛନ୍ଦା ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ସରକାରୀ ପଦସ୍ଥ ଅଫିସରମାନେ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକରେ ପଞ୍ଚାୟତିରାଜ ଆଇନକୁ ଉପେକ୍ଷା, ବିଭିନ୍ନ ସରକାରୀ ଯୋଜନାର ଅର୍ଥ ଆତ୍ମସାତ୍ ସମ୍ପର୍କରେ କେତେକ ଜିଲା ପରିଷଦ ସଭ୍ୟ, ସରପଞ୍ଚମାନେ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ।

ଶିବିରରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଅନ୍ୟ ଅଧିକାରୀମାନେ ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଶୁଣୁଛନ୍ତି ।

ଚାଇଲ୍ଡ ପର୍ନୋଗ୍ରାଫି ଦେଖିବା ଅପରାଧ

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସ୍ୱାଗତ

ଚାଇଲ୍ଡ ପର୍ନୋଗ୍ରାଫି ବା ଶିଶୁ ଅଶ୍ଳୀଳ ଭିଡିଓକୁ ନେଇ ସୋମବାର ସୁପ୍ରିମକୋର୍ଟ ଐତିହାସିକ ରାୟ ଶୁଣାଇଛନ୍ତି। ଏଣିକି ଚାଇଲ୍ଡ ପର୍ନୋଗ୍ରାଫି ଦେଖିବା ଓ ଡାଉନ୍‌ଲୋଡ୍ କରିବା ପୋକ୍‌ସୋ ଆଇନ ଅନୁଯାୟୀ ଅପରାଧ ଭାବେ ଗ୍ରହଣ କରାଯିବ। ସେହିପରି ପର୍ନୋଗ୍ରାଫି ସ୍ଥାନରେ ଶିଶୁ ଯୌନ ଶୋଷଣ ଓ ଆବ୍ୟୁଜ୍ ମ୍ୟାଟେରିଆଲ୍ ଶବ୍ଦ ଆଣିବା ପାଇଁ ଅଧ୍ୟାଦେଶ ଜାରି କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ସମସ୍ତ ହାଇକୋର୍ଟଙ୍କୁ ଶିଶୁ ପର୍ନୋଗ୍ରାଫି ଶବ୍ଦ ବ୍ୟବହାର ନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏକ ମାମଲାର ରାୟ ପ୍ରକାଶ କରିବା ଅବସରରେ ସୁପ୍ରିମକୋର୍ଟ ଏଭଳି ରାୟ ଦେଇଥିବାବେଳେ ଏହାକୁ ଶିଶୁ ସୁରକ୍ଷା ପାଇଁ କାମ କରୁଥିବା ବିଭିନ୍ନ ସଙ୍ଗଠନ ଓ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ

ସୁପ୍ରିମ୍‌କୋର୍ଟ ଦେଇଥିବା ରାୟରେ ଦୁଇଟି ଦିଗକୁ ଦର୍ଶାଯାଇଛି। ପ୍ରଥମତଃ ପୋକ୍‌ସୋ ଆଇନ୍‌ରେ ଚାଇଲ୍ଡ ପର୍ନୋଗ୍ରାଫିର ଯେଉଁ ସଂଜ୍ଞା ରହିଛି, ତାହାକୁ ବଦଳାଇବା ପାଇଁ ଏକ ଆମେଣ୍ଡମେଣ୍ଟ ଆଣିବାକୁ ପାର୍ଲାମେଣ୍ଟକୁ କୁହାଯାଇଛି। ଏହା ସ୍ୱାଗତଯୋଗ୍ୟ। ବର୍ତ୍ତମାନ ସମୟରେ ସ୍ମାର୍ଟଫୋନ୍, ଇଣ୍ଟରନେଟ୍, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ସବୁ ବୟସ୍କ ଏବଂ ପିଲାଙ୍କ ପହଞ୍ଚରେ ରହିଛି। ତେଣୁ ଏଭଳି ଭିଡିଓକୁ ସେମାନେ ବେଶ୍ ସହଜରେ ଦେଖିପାରୁଛନ୍ତି।

ଅପରପକ୍ଷେ ଚାଇଲ୍ଡ ପର୍ନୋଗ୍ରାଫି ଦେଖିବା ଏବଂ ତାକୁ ଡାଉନ୍‌ଲୋଡ୍ କରିବା ଦ୍ୱାରା ଏଭଳି ଅଶ୍ଳୀଳ ଭିଡିଓର ଚାହିଦା ବଢ଼ୁଛି। ଫଳରେ ପିଲାମାନଙ୍କୁ ଏଭଳି ଭିଡିଓ ତିଆରି ଲାଗି ବ୍ୟବହାର କରାଯାଉଛି। ତେଣୁ ଏହାକୁ ବନ୍ଦ କରିବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ।

-ଘାସିରାମ ପଣ୍ଡା, ଶିଶୁ ଅଧିକାର କର୍ମୀ

ସ୍ୱାଗତଯୋଗ୍ୟ, ବଳାତ୍କାର ଘଟଣା କମିଯିବ

ସୁପ୍ରିମକୋର୍ଟଙ୍କ ରାୟ ନିଶ୍ଚିତ ସ୍ୱାଗତଯୋଗ୍ୟ। ଆଜିକାଲି ପ୍ରତି ପିଲାଙ୍କ ହାତରେ ସ୍ମାର୍ଟଫୋନ୍ ରହୁଛି। ପିଲାମାନେ ମୋବାଇଲ୍‌ରେ କ'ଣ ଦେଖୁଛନ୍ତି ତାହା ଅଭିଭାବକମାନେ ଜାଣୁନାହାନ୍ତି। ଯେତେବେଳେ କୌଣସି ବ୍ୟକ୍ତି ତାଙ୍କ ଫୋନ୍‌ରେ ଏଭଳି ଭିଡିଓ ଦେଖନ୍ତି ବା ରଖନ୍ତି, ତାହା ସେମାନଙ୍କ ମସ୍ତିଷ୍କରେ ପିଲାକୁ ନେଇ ଖରାପ ଭାବନା ସୃଷ୍ଟି ହୁଏ। ପୁଣି ଅଜାଣତରେ ଅନେକ ସମୟରେ ତାହା ପିଲାମାନଙ୍କ ହାତରେ ଲାଗିଯାଇଥାଏ, ଯାହାକି ସେମାନଙ୍କ ଉପରେ କୁପ୍ରଭାବ ପକାଏ।

ତେଣୁ ସମସ୍ତଙ୍କ ପାଇଁ ଅଶ୍ଳୀଳ ଭିଡିଓ ଦେଖିବା ଏବଂ ଡାଉନ୍‌ଲୋଡ୍ କରିବା ଉଭୟ ବନ୍ଦ ହେବା ଦରକାର। ଏହାଦ୍ୱାରା ବଳାତ୍କାର ଭଳି ଘଟଣା କମିଯିବ।

-ମନ୍ଦାକିନୀ କର, ଅଧ୍ୟକ୍ଷ, ଶିଶୁ ଅଧିକାର ସୁରକ୍ଷା ଆୟୋଗ

ପିଲାଙ୍କ ସୁରକ୍ଷା ଦିଗରେ ବେଶ୍ ସହାୟକ ହେବ

ସବୁଲୋକଙ୍କ ପାଇଁ ଏଭଳି ରାୟର ଆବଶ୍ୟକତା ଥିଲା। ପିଲାଙ୍କ ପର୍ନୋଗ୍ରାଫି ଦେଖିବା ବା ତାହାର ଭିଡିଓ ଡାଉନ୍‌ଲୋଡ୍ କରିବା ଏକ ବିକୃତ ବା ଘୃଣ୍ୟ ମାନସିକତାର ପରିଚୟ। ପୋକ୍‌ସୋ ଆଇନ ଅନୁଯାୟୀ ଏହା ଦଣ୍ଡନୀୟ ଅପରାଧ ବୋଲି ପୂର୍ବରୁ ରହିଛି।

ତେବେ ସୁପ୍ରିମକୋର୍ଟଙ୍କ ରାୟ ଏହି ଆଇନ୍‌କୁ ଆହୁରି କଡାକଡି କରିବାରେ ସହାୟକ ହେବ। ଏଥିସହ ପିଲାମାନଙ୍କ ସୁରକ୍ଷା ଦିଗରେ ମଧ୍ୟ ସହାୟକ ହେବ ଏବଂ ଆମର ପରବର୍ତ୍ତୀ ପିଢି ବିପଦମୁକ୍ତ ହୋଇପାରିବ।

-ଅନୁରାଧା ମହାନ୍ତି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା, ପିକକ୍

ସଚେତନତା ସୃଷ୍ଟି ସହ ଆଇନକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ

ଚାଇଲ୍ଡ ପର୍ନୋଗ୍ରାଫି ପରିବର୍ତ୍ତେ 'ଶିଶୁ ଯୌନ ଶୋଷଣ ଓ ଆବ୍ୟୁଜ୍ ମ୍ୟାଟେରିଆଲ' ଶବ୍ଦ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେବା ନିହାତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ଏହି ଦୁଇ ଶବ୍ଦର ଅର୍ଥ ପ୍ରାୟତଃ ସମାନ ରହୁଛି। ତେଣୁ ଏଦିଗରେ ଆଉଟିକେ ଧ୍ୟାନଦେବାର ଆବଶ୍ୟକ ଥିଲା।

ତେବେ କେବଳ ଆଇନ କଲେ ହେବନାହିଁ, ଏହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ଦରକାର। ପୋକ୍‌ସୋ ଆଇନ୍‌ରେ ଏଭଳି ନିୟମ ଥିଲେ ମଧ୍ୟ ସେ ନେଇ ସମସ୍ତେ ଜାଣିନାହାନ୍ତି। ଏପରିକି ଆମ ଦେଶର ଆଇନ କ'ଣ ଅଛି, କେତେ କାର୍ଯ୍ୟକାରୀ ହେଉଛି ସେ ନେଇ ଅଧିକାଂଶ ଲୋକ ଅବଗତ ନାହାନ୍ତି। ତେଣୁ ଏନେଇ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆଣିବାକୁ ହେଲେ ଗଣସଚେତନତା ଆବଶ୍ୟକ।

-ସଦାଶିବ ସ୍ୱାଇଁ, ସମ୍ପାଦକ,ସେଣ୍ଟର ଫର୍ ଚାଇଲ୍ଡ ଆଣ୍ଡ ଓମେନ୍ ଡେଭଲପ୍‌ମେଣ୍ଟ

ରିପୋର୍ଟ- ବନ୍ଦନା ସେଠୀ, ଭୁବନେଶ୍ୱର

ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ସୋମବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ନାଟକ ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ନାଟକ 'ଅଗ୍ନି ଓ ବର୍ଷା'ର ଏକ ଦୃଶ୍ୟ।

ଶ୍ରୀଜଗନ୍ନାଥ ମହୋତ୍ସବରେ ଆକର୍ଷଣ ସାଜିବ ଶ୍ରୀମନ୍ଦିର

ଭୁବନେଶ୍ୱର,୨୩।୯(ଅନୁରାଧା ମହାରଣା)

ଦୁର୍ଲ୍ଲଭ ୨୪ ବେଶ, ୫୬ ଭୋଗର ହେବ ପ୍ରଦର୍ଶନୀ

ନଭେମ୍ବର ୮ରୁ ୧୩ ତାରିଖ ପର୍ଯ୍ୟନ୍ତ ନୟାପଲ୍ଲୀସ୍ଥିତ କସ୍ତୁରବା ପଡ଼ିଆରେ ଶ୍ରୀଜଗନ୍ନାଥ ମହୋତ୍ସବ ଅନୁଷ୍ଠିତ ହେବ। ମହୋତ୍ସବରେ ମହାପ୍ରଭୁଙ୍କ ୨୪ ଦୁର୍ଲ୍ଲଭ ବେଶ ସହ ୫୬ ଭୋଗର ପ୍ରଦର୍ଶନୀ ହେବ। ପୁରୀ ଶ୍ରୀମନ୍ଦିରର ଅବିକଳ ଢାଞ୍ଚାରେ ଏଠାରେ ମନ୍ଦିର ଗଢ଼ାଯିବ। ଶ୍ରୀମନ୍ଦିର ଭିତରେ ଥିବା ମା' ଲକ୍ଷ୍ମୀ ଓ ମା' ମଙ୍ଗଳାଙ୍କ ମନ୍ଦିର ସଦୃଶ ତୋରଣ ମଧ୍ୟ ପ୍ରସ୍ତୁତ କରାଯିବ। ଏହାସହ ମନ୍ଦିର ପ୍ରବେଶ ପଥକୁ ସିଂହଦ୍ୱାରା ଆକୃତିର ଗଢ଼ାଯିବା ସହ ମେଘନାଦ ପାଚେରି ମଧ୍ୟ ରହିବ। ଏଥିପାଇଁ ପୁରୀ ଶିଳ୍ପୀ ଆଲୋକ ସାହୁ ଓ ଚନ୍ଦନ କୁମାରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ମହୋତ୍ସବରେ ଆନନ୍ଦବଜାରର ମହାତ୍ମ୍ୟ ସମ୍ପର୍କରେ ମଧ୍ୟ ଜାଣିବାକୁ ସୁଯୋଗ ମିଳିବ। ସୋମବାର ସ୍ଥାନୀୟ ବାଲୁଙ୍କେଶ୍ୱର ମନ୍ଦିରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହୋତ୍ସବ କମିଟି ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ସମ୍ମିଳନୀରେ ମହୋତ୍ସବ ପରିଚାଳନା କମିଟି ଅଧ୍ୟକ୍ଷ ଜଗନ୍ନାଥ ପ୍ରଧାନ, କାର୍ଯ୍ୟକାରୀ ଅଧ୍ୟକ୍ଷ ଡ. ଦିଲୀପ ଶ୍ରୀଚନ୍ଦନ, ସାଧାରଣ ସମ୍ପାଦକ ପ୍ରଦୀପ କୁମାର ରାଉତରାୟ, ଉପସଭାପତି ଆଦିତ୍ୟ ପାଢ଼ୀ ଓ ନାରାୟଣ ମହାପାତ୍ର, ସଂଯୋଜକ ରାମକୃଷ୍ଣ ପଣ୍ଡା ଓ କୋଷାଧ୍ୟକ୍ଷ ରଞ୍ଜିତ କର୍ମୀ ବିସ୍ତୃତ ସୂଚନା ଦେଇଥିଲେ। ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସାମାଜିକ କର୍ମୀ ପ୍ରକାଶ ଶ୍ରୀଚନ୍ଦନ, ରୋଟାରିଆନ ସୁଧାଂଶୁ ଶେଖର ହରିଚନ୍ଦନ, ଦଇତାପତି ଭବାନୀ ପ୍ରସାଦ ମହାପାତ୍ର, କର୍ପୋରେଟର ବନ୍ଦିତା ପାଲ, ବିଜୟଲକ୍ଷ୍ମୀ ସାହୁ, ଅମରେଶ ଜେନା, ଶିକ୍ଷାବିତ୍ ଜଲିଲ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।

ଖବରଦାତା ସମ୍ମିଳନୀରେ ଶ୍ରୀଜଗନ୍ନାଥ ମହୋତ୍ସବର ପୁସ୍ତିକା ଉନ୍ମୋଚନ କରାଯାଉଛି।

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତି ବିଳମ୍ବ

ପୁରୀ,୨୩।୯
(ଅଜିତ୍ କୁମାର ମହାନ୍ତି)

ସେବକଙ୍କ ମଧ୍ୟରେ ବିବାଦ

ଶ୍ରୀମନ୍ଦିରରେ ସୋମବାର ନୀତି ବିଳମ୍ବ ହୋଇଛି। ଫଳରେ ଶ୍ରୀବିଗ୍ରହଙ୍କ ନୀତିରେ ପ୍ରାୟ ୨ଘଣ୍ଟା ବିଳମ୍ବ ହୋଇଥିବା ଜଣାପଡ଼ିଛି। ପୂଜାପଣ୍ଡା ଏବଂ ସିଂହାରୀ ସେବକଙ୍କ ମଧ୍ୟରେ ନୀତିକୁ ନେଇ ବିବାଦ କାରଣରୁ ଶ୍ରୀବିଗ୍ରହଙ୍କ ନୀତି ବିଳମ୍ବ ହୋଇଥିବା କୁହାଯାଉଛି। ସୂଚନା ଅନୁଯାୟୀ, ରାତି ୯ଟାରେ ଶ୍ରୀବିଗ୍ରହଙ୍କ ମଇଲମ ନୀତି ଅନୁଷ୍ଠିତ ହୋଇଥିଲା। ଏହାପରେ ଚନ୍ଦନ ଲାଗି ନୀତି ହେବା କଥା। ମାତ୍ର କିଛି କଥାକୁ ନେଇ ପୂଜାପଣ୍ଡା ଏବଂ ସିଂହାରୀ ସେବକଙ୍କ ମଧ୍ୟରେ ବିବାଦ ଦେଖାଯାଇଥିଲା। ଫଳରେ ମଇଲମ ପରେ ନୀତି ବନ୍ଦ ରହିଥିଲା। ବିବାଦ ନେଇ ଖବର ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ହସ୍ତକ୍ଷେପ କରିବା ସହ ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ ହେବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ନୀତି ପୁଣି ଆରମ୍ଭ ହୋଇଥିଲା। ତେବେ ସେତେବେଳକୁ ପ୍ରାୟ ୨ଘଣ୍ଟା ବିତିଯାଇଥିଲା।

ଆଜିଠୁ ଶ୍ରୀମନ୍ଦିରରେ ଷୋଡ଼ଶ ଦିନାତ୍ମକ ପୂଜା

ପୁରୀ,୨୩।୯(ଅଜିତ୍ କୁମାର ମହାନ୍ତି)

ସହସ୍ର କୁମ୍ଭାଭିଷେକ ନୀତି, ଶ୍ରୀନଅରରେ ବ୍ରାହ୍ମଣ ବରଣ

ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତଥା ମୂଳାଷ୍ଟମୀ ଦ୍ୱିତୀୟା ଓଷା ମଙ୍ଗଳବାରଠାରୁ ଶ୍ରୀମନ୍ଦିର ସମେତ ଶ୍ରୀକ୍ଷେତ୍ରର ବିଭିନ୍ନ ଦେବୀ ପୀଠରେ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହେବ। ଏହି ପରିପେକ୍ଷୀରେ ଶ୍ରୀମନ୍ଦିର ପରିସରସ୍ଥ ମା' ବିମଳାଙ୍କ ପୀଠରେ ମଧ୍ୟ ମଙ୍ଗଳବାରଠାରୁ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହେବ। ଏଥିସହ ଶ୍ରୀମନ୍ଦିର ଭିତରେ ବେଢାପରିସରସ୍ଥ ମା' ଭୁବନେଶ୍ୱରୀ, ମା' ବାଟମଙ୍ଗଳା, ମା' ଉତ୍ତରାୟଣୀ ଏବଂ ଶ୍ରୀକ୍ଷେତ୍ରର ଦକ୍ଷିଣକାଳୀ, ଆଲାମଚଣ୍ଡୀ ଏବଂ କିଳେଶ୍ୱରପୁର ଶାସନର ପଞ୍ଚମୁଖୀ ଠାକୁରାଣୀଙ୍କ ପୀଠରେ ମଧ୍ୟ ଷୋଡ଼ଶ ପୂଜା ଓ ଚଣ୍ଡୀପାଠ ଆରମ୍ଭ ହେବ। ତେବେ ପୂଜା ଆରମ୍ଭ ହେବା ପୂର୍ବରୁ ମଙ୍ଗଳବାର ପୂର୍ବାହ୍ନରେ ଶ୍ରୀନଅରରେ ୨୧ ଜଣ ଶୋତ୍ରୀୟ ବ୍ରାହ୍ମଣଙ୍କୁ ବରଣ କରାଯିବ। ବରଣ ପରେ ଶୋତ୍ରୀୟ ବ୍ରାହ୍ମଣମାନେ ପୂଜାର୍ଚ୍ଚନା ଆରମ୍ଭ କରିବେ। ଷୋଳପୂଜା ପାଇଁ ଚଳଚଞ୍ଚଳ ହୋଇ ଉଠିବ ଶ୍ରୀକ୍ଷେତ୍ର। ମଙ୍ଗଳବାର ମହାରାଜା ଦିବ୍ୟସିଂହ ଦେବଙ୍କ ପଇତା ଲାଗି, ଦେବାର୍ଚ୍ଚନା, ମଙ୍ଗଳାର୍ପଣ ନୀତି ସମ୍ପନ୍ନ ହେବା ପରେ ରାଜଗୁରୁଙ୍କୁ ଗଜପତି ଶ୍ରୀହସ୍ତ ଛୁଆଁ ଗୁଆ, ନଡ଼ିଆ ପ୍ରଦାନ କରିବେ। ଗଜପତିଙ୍କ ପ୍ରତିନିଧି ଭାବେ ରାଜଗୁରୁ ଏହି ଗୁଆ, ନଡ଼ିଆ ବ୍ରାହ୍ମଣମାନଙ୍କୁ ଦେଇ ବରଣ କରିବେ। ସେହିପରି ଶ୍ରୀମନ୍ଦିରରେ ସହସ୍ର କୁମ୍ଭାଭିଷେକ ଓ ଦେବୀ ଉତ୍ଥାପନ ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ସକାଳଧୂପ ସମ୍ପନ୍ନ ହେବା ପରେ ଏହି ନୀତି ଅନୁଷ୍ଠିତ ହେବ।

ଐତିହାସିକ ଜଗନ୍ନାଥ ପଟ୍ଟନାୟକ ଓଡ଼ିଶା ପାଇଁ ଗର୍ବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩।୯ (ବନ୍ଦନା ସେଠୀ)

'ଓଡିଶାର ସ୍ୱାଧୀନତା ସଂଗ୍ରାମୀ' ପୁସ୍ତକକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନ୍ୟ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଐତିହାସିକ ପ୍ରଫେସର ଜଗନ୍ନାଥ ପଟ୍ଟନାୟକ ଥିଲେ ଜଣେ ଐତିହାସିକ ଓ ବିରଳ ବ୍ୟକ୍ତିତ୍ୱ। ଇତିହାସ ରଚନା ଓ ଶିକ୍ଷାଦାନ ଥିଲା ତାଙ୍କର ନିଶା ଓ ପେସା। ସେ କେବଳ ଭଦ୍ରକ ଜିଲାର ନୁହେଁ, ସାରା ଓଡିଶାର ଗର୍ବ ଓ ଗୌରବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସ୍ୱର୍ଗତ ପ୍ରଫେସର ଜଗନ୍ନାଥ ପଟ୍ଟନାୟକଙ୍କ ୨୨ତମ ସ୍ମୃତିସନ୍ଧ୍ୟା ଉପଲକ୍ଷେ ସୋମବାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ, ଜଣେ ଛାତ୍ରବତ୍ସଳ ଅଧ୍ୟାପକ, ଉଚ୍ଚମାନର ଗବେଷକ, ସମାଜସେବୀ ଓ ବହୁ ଇତିହାସ ପୁସ୍ତକର ରଚୟିତା ସହିତ ସର୍ବୋପରି ସେ ଜଣେ ଭଲ ମଣିଷ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ବୋଧଗମ୍ୟ ଇତିହାସ ରଚନା ଥିଲା ତାଙ୍କର ବିଶେଷତ୍ୱ। ତାଙ୍କର ଅନନ୍ୟ ସୃଷ୍ଟି ଥିଲା 'ରକ୍ତତୀର୍ଥ ଇରମ'। ସେ କେବଳ ଓଡିଶା ଇତିହାସ, ସଂସ୍କୃତି ଓ ଜନଜାତି ବିଷୟରେ ଲେଖି ନାହାନ୍ତି, ବରଂ ପୃଥିବୀ ଇତିହାସ, ଭାରତ ଇତିହାସ, ଇଂଲଣ୍ଡ ଇତିହାସ ବିଷୟରେ ଉଚ୍ଚମାନର ପୁସ୍ତକ ରଚନା କରିଛନ୍ତି। ସେ ଲେଖିଥିବା ପୁସ୍ତକ ଭାରତ ଓ ଦେଶବାହାରେ ମଧ୍ୟ ବେଶ୍ ଲୋକପ୍ରିୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସ୍ୱର୍ଗତ ପଟ୍ଟନାୟକଙ୍କ ପୁଅ ପ୍ରଫେସର ନୀହାର ରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ଲିଖିତ 'ଓଡିଶାର ସ୍ୱାଧୀନତା ସଂଗ୍ରାମୀ' ପୁସ୍ତକକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ଏହି ପୁସ୍ତକ ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ କହିଲେ, ପ୍ରଫେସର ନୀହାର ରଞ୍ଜନ ପଟ୍ଟନାୟକ ଏହି ପୁସ୍ତକ ମାଧ୍ୟମରେ ଓଡିଶା ସ୍ୱାଧୀନତା ସଂଗ୍ରାମର ବହୁ ଅନାଲୋଚିତ ଅଧ୍ୟାୟକୁ ସୁନ୍ଦର ଓ ସରଳ ଭାବରେ ପ୍ରତିଫଳିତ କରିଛନ୍ତି। ଜନଜାତି ସଂପ୍ରଦାୟର ସଂଗ୍ରାମୀଙ୍କ ଜୀବନ ଗାଥାକୁ ନିଖୁଣ ଭାବରେ ଚିତ୍ରିତ କରିଛନ୍ତି। ଏହି ସଂଗ୍ରାମୀମାନେ ହେଉଛନ୍ତି ଓଡିଆ ଅସ୍ମିତାର ପ୍ରତୀକ। ସେ ଏହି ପୁସ୍ତକ ମାଧ୍ୟମରେ ଓଡିଆ ଅସ୍ମିତାକୁ ସମ୍ମାନ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଅନ୍ୟତମ ଅତିଥି ଭାବେ ଉଚ୍ଚଶିକ୍ଷା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି, କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଲେ, 'ଓଡିଶାର ସ୍ୱାଧୀନତା ସଂଗ୍ରାମୀ' ପୁସ୍ତକରେ ଇତିହାସର ଆଢୁଆଳରେ ରହି ଯାଇଥିବା ୫୩ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀକୁ ସ୍ଥାନିତ କରାଯାଇଛି। ମୁଖ୍ୟବକ୍ତା ଭାବେ ଯୋଗଦେଇ କେନ୍ଦ୍ରୀୟ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ କହିଲେ, ଓଡିଶାର ସ୍ୱାଧୀନତା ସଂଗ୍ରାମ ଇତିହାସର ଜନକ ହେଉଛନ୍ତି ପ୍ରଫେସର ଜଗନ୍ନାଥ ପଟ୍ଟନାୟକ। ସେ ହେଉଛନ୍ତି ଭାରତବର୍ଷର ଗୁରୁଶିଷ୍ୟ ପରମ୍ପରାର ଆଚାର୍ଯ୍ୟ। କାର୍ଯ୍ୟକ୍ରମରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସାହିତ୍ୟିକ ତଥା ପୂର୍ବତନ ବରିଷ୍ଠ ପ୍ରଶାସକ ଡ. ରବି ନାରାୟଣ ସେନାପତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ସମ୍ବିତ୍

@ ଚିନ୍ମୟ

@ ଚନ୍ଦନ

@ ସୁନନ୍ଦା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ପୋଲିସ ହେପାଜତରୁ ଅଭିଯୁକ୍ତ ଚମ୍ପଟ

ବଡ଼ବିଲ,(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡବିଲ ପୋଲିସ ହେପାଜତରୁ ସୋମବାର ସନ୍ଧ୍ୟାରେ ଜଣେ ଅଭିଯୁକ୍ତ ଚମ୍ପଟ ମାରିଛି। କୌଣସି ଏକ ମାମଲାରେ ପୋଲିସ ଅଭିଯୁକ୍ତ ଅମିତ ଦାସଙ୍କୁ ଗିରଫ କରିଥିଲା। କୋର୍ଟଚାଲାଣ ପୂର୍ବରୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ନେଇଥିଲା। ପରିସ୍ରା ଯିବା ବାହାନାରେ ଅଭିଯୁକ୍ତ ଜଣକ ଚମ୍ପଟ ମାରିଥିବା ଜଣାପଡ଼ିଛି।

ଖଣ୍ଡା ବୁଲାଇ ବ୍ୟାଙ୍କରେ ଆତଙ୍କ

କାମାକ୍ଷାନଗର, ୨୩।୯
(ସୁଧୀର କୁମାର ପରିଡା)

ହାତରେ ଖଣ୍ଡା ଧରିଛନ୍ତି ଅଭିଯୁକ୍ତ ଯୁବକ।

ବ୍ୟାଙ୍କରେ କାର୍ଯ୍ୟ ଚାଲିଥିବା ବେଳେ ଖଣ୍ଡା ଧରି ଆତଙ୍କ ଖେଳାଇ ଦେଇଛନ୍ତି ଜଣେ ଯୁବକ। ଏପରି କି ତାଙ୍କୁ କାବୁ କରିବାକୁ ଉଦ୍ୟମ କଲା ବେଳେ ବ୍ୟାଙ୍କ ସୁରକ୍ଷାକର୍ମୀ ଖଣ୍ଡା ଚୋଟରେ ଆହତ ହୋଇଛନ୍ତି। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମୁକ୍ତାପଶିସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ସୋମବାର ମଧ୍ୟାହ୍ନରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ମୁକ୍ତାପଶି ଶାଖାରେ ମଧ୍ୟାହ୍ନରେ ପ୍ରବଳ ଭିଡ଼ ଥିଲା। ଏହି ସମୟରେ ମୁକ୍ତାପଶି ଗ୍ରାମର ବନମାଳୀ ମହାଳିକ ହାତରେ ଖଣ୍ଡା ଧରି ବ୍ୟାଙ୍କ ସମ୍ମୁଖରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ପରେ ବ୍ୟାଙ୍କ ଭିତରକୁ ପଶି ଉପସ୍ଥିତ ଥିବା ବହୁ ମହିଳା ଓ କର୍ମଚାରୀଙ୍କୁ ଭୟଭୀତ କରାଇବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ବ୍ୟାଙ୍କ ସିକ୍ୟୁରିଟି ଗାର୍ଡ ଅଭିଯୁକ୍ତ ବନମାଳୀଙ୍କୁ ଅଟକାଇବା ପାଇଁ ଉଦ୍ୟମ କରିବା ବେଳେ ଖଣ୍ଡା ଚୋଟରେ ଆହତ ହୋଇଥିଲେ। ଏହା ଦେଖି ବ୍ୟାଙ୍କରେ ଥିବା ଶତାଧିକ ମହିଳା ଭୟଭୀତ ହୋଇପଡ଼ିଥିଲେ। ମା'ଙ୍କ ନାମରେ ଥିବା ଆକାଉଣ୍ଟକୁ ସୁଭଦ୍ରା ଯୋଜନା ଟଙ୍କା କାହିଁକି ଆସିଲାନି ବୋଲି କହି ଅଭିଯୁକ୍ତ ଏଭଳି କାଣ୍ଡ ଘଟାଇଥିବା ଜଣାପଡ଼ିଛି। ଖବରପାଇ କାମାକ୍ଷାନଗର ପୋଲିସ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତ ଯୁବକ ପଳାଇ ଯାଇଥିଲେ। ପରେ ବ୍ୟାଙ୍କ ଶାଖା ପରିଚାଳିକା ସସ୍ମିତା ମହାପାତ୍ର ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୮୯/ ୨୪ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ଫେରାର ଥିବା ଥାନା ଅଧିକାରୀ ଧୀରେନ କୁମାର ବେହେରା ପ୍ରକାଶ କରିଛନ୍ତି।

୪୪୭୫ ବୋତଲ କଫ ସିରପ୍ ଜବତ, ୧୭ ଗିରଫ

କୋଲକାତାରୁ ବରଗଡ଼ କଫ ସିରପ୍ ଚାଲାଣ

ବରଗଡ଼,୨୩।୯(ପ୍ରେମାନନ୍ଦ ଖମାରୀ)

ଗିରଫ ଅଭିଯୁକ୍ତ ଏବଂ ଜବତ କଫ ସିରପ୍।

ବରଗଡ଼ ଟାଉନ ଥାନା ପୋଲିସ ସହର ଉପକଣ୍ଠ ପୁରୁଣା ରିଜର୍ଭ ସମ୍ମୁଖ ରାସ୍ତାରେ ସୋମବାର ଅତର୍କିତ ଚଢ଼ାଉ କରି ୪୪୭୫ ବୋତଲ କଫ ସିରପ୍ ଜବତ କରିଛି। ଏହି ଘଟଣାରେ ପୋଲିସ ୧୭ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ଟାଉନ ଥାନା ନଦୀପଡ଼ା(ଡାଙ୍ଗ)ର ନବୀନ ପୁରୀ(୨୩), ଅତାବିରା ଥାନା ସିଂହପାଲି ଗ୍ରାମର ମୋହନ ମେହେର(୫୫), ହଳଦୀଟିକ୍ରା ନିବାସୀ ବସୁଦେବ ନାଗ(୨୩), ପ୍ରଫୁଲ୍ଲ ରଣା(୨୮), ଝାରବନ୍ଧ ଥାନା ଡଭା ନିବାସୀ ଦେବେନ୍ଦ୍ର ସାହୁ(୪୨), ଝାରବନ୍ଧର ସୁଶୀଲ ବନଛୋର(୩୦), ରାହୁଲ ବାଗ(୨୪), ସାନଦାଦର ନିବାସୀ କୋଶଲ ଚନ୍ଦ୍ର ସାହୁ(୨୮), ଅମ୍ବାଭୋନା ଥାନା ଭୁକ୍ତାର ରଣଜିତ ପାତିକାର(୩୨), ସୋହେଲା ଥାନା ଲୁହୁରାଚଟିର ଆକାଶ ମେହେର(୨୬), ଗ୍ରୀଞ୍ଜେଲ ନିବାସୀ ଜଗଦାନନ୍ଦ ପଧାନ(୩୫), ସୋହେଲାର ଜିତୁ ବାରିକ(୩୧), ଜଗଦଲପୁରର ଗୌରାଙ୍ଗ ମେହେର(୨୫), ପଦ୍ମପୁର ଥାନା ସିଂଘନପୁର ନିବାସୀ କିଶୋର ଶାହା(୩୭), କୁଡ଼ାସିଂହାର ପ୍ରଦୀପ ପୋଡ଼(୨୫), ଗାଇସିଲେଟର ରତ୍ନମଣି ନାଗ(୩୧) ଏବଂ ହାଡୁ ବେହେରା (୫୦)। ସେମାନଙ୍କ ପାଖରୁ ଏକ ବୋଲେରୋ (ନଂ.ଓଡ଼ି୩୧ଏମ୍/୫୦୧୮), ଏକ ମାରୁତି ସୁଜୁକି ଆର୍ଟିଗା (ନଂ.ଓଡ଼ି୧୭ଏସ୍/୧୩୫୯), ଏକ ହୋଣ୍ଡା ଡ୍ରିମ୍ ମୋଟର ସାଇକେଲ (ନଂ.ଓଡ଼ି୩୧/୨୪୩୩) ମଧ୍ୟ ଜବତ ହୋଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ବରଗଡ଼ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୫୩୩/୨୪) ରୁଜୁ କରିଛି।

ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପି.ଏସ୍ ମୀନା ସୂଚନା ଦେଇ କହିଥିଲେ, କଫ ସିରପ୍ ଚାଲାଣ ହେଉଥିବା ସୂଚନା ପାଇ ବରଗଡ଼ ଟାଉନ ଥାନା ପୋଲିସ ସହର ଉପକଣ୍ଠ ପୁରୁଣା ରିଜର୍ଭ ସମ୍ମୁଖ ରାସ୍ତାରେ ଚଢ଼ାଉ କରିଥିଲା। ଜବତ ବୋଲେରୋ ଏବଂ ମାରୁତି ସୁଜୁକି ଭ୍ୟାନ୍‌ରେ ୩୦ ପେଟିରେ ଭର୍ତ୍ତି ହୋଇଥିବା ଉକ୍ତ ପରିମାଣର କଫ ସିରପ୍ ଜବତ କରିଥିଲା। ଏହାସହିତ ଘଟଣାସ୍ଥଳରୁ ୪ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କୁ ଜେରା କରାଯିବା ପରେ ଅନ୍ୟ ଅଭିଯୁକ୍ତମାନେ ଧରାପଡ଼ିଥିଲେ। କଲିକତାରୁ ଏହା ବରଗଡ଼କୁ ଚାଲାଣ ହେଉଥିବା ନେଇ ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି ଏବଂ ଏହାର ଅଧିକ ତଦନ୍ତ ଚାଲିଥିବା ଏସ୍‌ପି କହିଛନ୍ତି। ଆଗକୁ ମଧ୍ୟ ଏଭଳି ଚଢ଼ାଉ ଜାରି ରହିବ। ଗତ ବର୍ଷକ ମଧ୍ୟରେ ୮୦୬ କି.ଗ୍ରା ଗଞ୍ଜେଇ, ୧୮ହଜାରରୁ ଊର୍ଦ୍ଧ୍ୱ କଫ ସିରପ, ୫.୭ ଗ୍ରାମ ବ୍ରାଉନସୁଗର, ୩୯୦୦ ନିଶା ଇଞ୍ଜେକ୍ସନ, ୧୨ହଜାର ୫୦୦ ନିଶା ଟାବଲେଟ୍ ସମେତ ବିଭିନ୍ନ ନିଶା ସାମଗ୍ରୀ ଜବତ ହୋଇଛି ବୋଲି ଏସ୍‌ପି ମୀନା କହିଥିଲେ। ପୂର୍ବରୁ ମଧ୍ୟ କଟକ ଏବଂ କଲିକତାରୁ ବରଗଡ଼କୁ କଫ ସିରପ୍ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଏବେ ପୁଣି କଲିକତାରୁ ଏଠାକୁ କଫ ସିରପ୍ ଚାଲାଣ ହେଉଥିବା ଜଣାପଡ଼ିବା ପରେ ଏହାର ଅଧିକ ତଦନ୍ତ ଚାଲିଛି ଏବଂ ଏଥିରେ ଯେଉଁମାନେ ସମ୍ପୃକ୍ତ ଥିବେ, ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ମୀନା କହିଥିଲେ। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ଟାଉନ ଥାନା ଆଇଆଇସି ସତ୍ୟଜିତ୍ କଣ୍ଡାନକେଲ ପ୍ରମୁଖ ଉପସ୍ଥିତ ଥିଲେ।

ଏଏନ୍‌ଏମ୍‌ଙ୍କୁ ଆକ୍ରମଣ କରି ଆତ୍ମହତ୍ୟା କଲେ ପୁରୁଷବନ୍ଧୁ

କ .ନୂଆଗାଁ, ୨୩।୯(କାଳୀ ପ୍ରସାଦ ତ୍ରିପାଠୀ)

କନ୍ଧମାଳ ଜିଲା କ. ନୂଆଗାଁ ଥାନା ଅନ୍ତର୍ଗତ କୁଦୁତୁଲି ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଏଏନ୍‌ଏମ୍‌ଙ୍କୁ ମରଣାନ୍ତକ ଆକ୍ରମଣ ପରେ କ୍ୱାର୍ଟର୍ସ ଭିତରେ ଓଢ଼ଣୀ ଲଗାଇ ତାଙ୍କ ପୁରୁଷବନ୍ଧୁ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଭୁବନେଶ୍ୱର ବନମାଳୀପୁର ଅଞ୍ଚଳର ଜଗନ୍ନାଥ ବେହେରା। ଏଏନ୍‌ଏମ୍‌ଙ୍କୁ ଗୁରୁତର ଅବସ୍ଥାରେ କ.ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଜଗନ୍ନାଥ କୁଦୁତୁଲି ଏଏନ୍‌ଏମ୍ ସୁଚିସ୍ମିତା ବେହେରାଙ୍କ ସରକାରୀ କ୍ୱାର୍ଟର୍ସକୁ ୫ବର୍ଷ ହେଲା ଯିବା ଆସିବା କରୁଥିଲେ। କୌଣସି କାରଣରୁ ରବିବାର ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଫଳରେ ଉତ୍ତ୍ୟକ୍ତ ହୋଇ ଜଗନ୍ନାଥ ଏଏନ୍‌ଏମ୍ ସୁଚିସ୍ମିତାଙ୍କୁ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସୁଚିସ୍ମିତାଙ୍କ କ୍ୱାର୍ଟର୍ସ ତଲାସୀ ବେଳେ ଜଗନ୍ନାଥ ଏକ ଓଢ଼ଣୀ ବେକରେ ବାନ୍ଧି ଝୁଲି ପଡ଼ିଥିବା ଦେଖିବାକୁ ପାଇଥିଲା। ଗୁରୁତର ସୁଚିସ୍ମିତାଙ୍କୁ ମେଡିକାଲକୁ ନେଇଥିଲା। ତେବେ ଜଗନ୍ନାଥ ନିଜେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି ତାହା ତଦନ୍ତସାପେକ୍ଷ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। କ. ନୂଆଗାଁ ପୋଲିସ ମୃତଦେହ ଜବତ କରି ୪/୨୪ରେ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବାଲିଗୁଡା ପଠାଯାଇଥିବା ଆଇଆଇସି ସ୍ୱରୂପ କିଷାନ କହିଛନ୍ତି। ଘଟଣାର ତଦନ୍ତ ଏସ୍‌ଆଇ ଅଶୋକ ତ୍ରିପାଠୀ କରୁଛନ୍ତି।

ଜମି ବିକିବା ଆଳରେ ୧୩.୫ ଲକ୍ଷ ଠକେଇ

ଭୁବନେଶ୍ୱରରୁ ସ୍ୱାମୀ ଗିରଫ, ସ୍ତ୍ରୀ ଫେରାର

ତିହିଡ଼ି,୨୩।୯(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ଅର୍ଜୁନବିନ୍ଧା ଗ୍ରାମର ଏକ ଦମ୍ପତି ଜମି ବିକ୍ରି ନାଁରେ ୧୩ ଲକ୍ଷ ୫୦ହଜାର ଟଙ୍କା ଠକି ନେଇଛନ୍ତି। ଏନେଇ ଅର୍ଜୁନବିନ୍ଧା ଗ୍ରାମର ମନୋରଞ୍ଜନ ପରିଡ଼ାଙ୍କ ଅଭିଯୋଗକ୍ରମେ ପୀରହାଟ ଥାନାରେ ଏକ ମାମଲା (ନଂ.୨୧୧/୨୪) ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତ ରାଜେଶ ମହାନ୍ତିଙ୍କୁ ସୋମବାର ଭୁବନେଶ୍ୱରରୁ ଗିରଫ କରି କୋର୍ଟଚାଲାଣ କରିଛି। ଠକେଇରେ ସମ୍ପୃକ୍ତ ରାଜେଶଙ୍କ ସ୍ତ୍ରୀ ଫେରାର ଥିବା ଥାନା ଅଧିକାରୀ ଅଜୟ କୁମାର ମୁର୍ମୁ କହିଛନ୍ତି। ମନୋରଞ୍ଜନ ଏତଲାରେ ଦର୍ଶାଇଛନ୍ତି ଯେ, ରାଜେଶ ଓ ତାଙ୍କ ସ୍ତ୍ରୀ ଜମି ବିକ୍ରି କରିବେ ବୋଲି କହି ୧୫ଲକ୍ଷ ଟଙ୍କା ମାଗିଥିଲେ। ସେ ରାଜେଶଙ୍କୁ ୧୩ ଲକ୍ଷ ୫୦ହଜାର ଟଙ୍କା ଦେଇଥିଲେ। ହେଲେ ରାଜେଶ ଟଙ୍କା ନେଇ ଫେରାର ହୋଇଯାଇଥିଲେ।

ପୂର୍ବତନ କାଉନ୍‌ସିଲରଙ୍କୁ ମରଣାନ୍ତକ ଆକ୍ରମଣ

ଯୋଡା/ଚମ୍ପୁଆ,୨୩।୯
(ମାନସ ମହାନ୍ତି/ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ନିକଟରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ଯୋଡ଼ା ପୌରପାଳିକାର ପୂର୍ବତନ କାଉନ୍‌ସିଲର କିଶୋର ମହାନ୍ତି ଗୁରୁତର ଆହତ ହୋଇଛନ୍ତି। ସୋମବାର ସନ୍ଧ୍ୟାରେ ସେ ଚମ୍ପୁଆରୁ ଯୋଡ଼ା ଆସୁଥିବାବେଳେ ଆକ୍ରମଣର ଶିକାର ହୋଇଥିଲେ। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଚମ୍ପୁଆ ପୋଲିସ ତଦନ୍ତ କରୁଛି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଏଇ କଥା କି କଥାରେ ଲେଖା?
ଆଉ କଥା ଥିଲେ ଦାଣ୍ଡରେ ପକା।

କଥାକୁ ଧରିବସିଲେ ତାହା ବଡ଼ ଆକାର ଧାରଣ କରିଥାଏ। ତେଣୁ ଛୋଟ ଛୋଟ କଥାକୁ ନେଇ ଅଧିକ ହୋହଲ୍ଲା କରିବା ଉଚିତ ହୋଇ ନ ଥାଏ। ସେହିପରି ସାମାନ୍ୟ କଥା ମଧ୍ୟ ବେଳେବେଳେ ସମ୍ପର୍କରେ ଫାଟ ସୃଷ୍ଟି କରିଥାଏ। ଛୋଟ କଥାକୁ ନେଇ ବଡ଼ ସଭା ବସାଇବା ମୋଟେ ଶୋଭନୀୟ ନୁହେଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଏହି ଦିହ ଫେର୍ ଏମନ୍ତ ହୋଇ
ହାତୀକୁ ପାରଇ ବାନ୍ଧି
ଏହି ଦିହ ଫେର୍ ଏମନ୍ତ ହୋଇ
କେଶ ନ ପାରଇ ବାନ୍ଧି।

ପୂର୍ଣ୍ଣ ଯୌବନ ଅବସ୍ଥାରେ ମଣିଷଟି ଧରାକୁ ସରା ମନେ କରୁଥିବାବେଳେ ନିଜ ଶକ୍ତି ସାମର୍ଥ୍ୟକୁ ନେଇ ଅନେକ ଗର୍ବ କରିଥାଏ। ତେବେ ବୟସ ଅତିକ୍ରାନ୍ତ ହୋଇଗଲା ପରେ ଏଥିରେ ଶୀତଳତା ଆସିଯିବା ସହ ସେ ନିଜକୁ ଅସହାୟ ମନେକରିଥାଏ। ତେଣୁ ବୟସ ଆଗରେ ଶକ୍ତି ସାମର୍ଥ୍ୟ ହାର ମାନୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

ଏଟିଏମ୍‌ରେ ଠକେଇ: ଉଠାଇ ନେଲେ ୪୫ ହଜାର

ଭୁବନେଶ୍ୱର,୨୩।୯(ସୂର୍ଯ୍ୟକାନ୍ତ ବେହେରା)

ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଯାଇ ଜଣେ ବ୍ୟକ୍ତି ୪୫ ହଜାର ଟଙ୍କା ହରାଇଛନ୍ତି। ଖଣ୍ଡଗିରି ଥାନା ଜାଗମରା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଠକାମିର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ ମଳୟ କୁମାର ପତି। ଏନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ, ମଳୟ ଗତ ୧୮ ତାରିଖରେ ସ୍ଥାନୀୟ ଅଞ୍ଚଳରେ ଥିବା ଏକ ଏଟିଏମ୍‌କୁ ୧ହଜାର ଟଙ୍କା ଉଠାଇଥିଲେ। ଟଙ୍କା ଉଠାଇବା ସମୟରେ ଜଣେ ଯୁବକ ତାଙ୍କ ପାଖକୁ ଆସି ଏଟିଏମ୍‌ର ସୁଇଚକୁ ମନା ଇଚ୍ଛା ମାରିଥିଲେ। ମଳୟ ବିରୋଧ କରିବାରୁ ଯୁବକ ଜଣକ କିଛି ସମୟ ବାହାରକୁ ପଳାଇ ଯାଇଥିଲେ। ଟଙ୍କା ଉଠାଇବା ପରେ ମଳୟ ଏଟିଏମରୁ ବାହାରି ଯାଉଥିବା ବେଳେ ହଠାତ ତାଙ୍କ ପାଖକୁ ତିନିଟି ପର୍ଯ୍ୟାୟରେ ୪୫ ହଜାର ଟଙ୍କା ଉଠିଥିବାର ମେସଜ ଆସିଥିଲା। ଏହାପରେ ବ୍ୟାଙ୍କ ମ୍ୟାନେଜରଙ୍କ ପରାମର୍ଶକ୍ରମେ ସେ ଥାନାରେ ଅଭିଯୋଗ କରିଥିଲେ।

ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ: ସ୍ୱାମୀ ଥାନାରେ ଅଟକ

କଣ୍ଟାବାଞ୍ଜି,୨୩।୯(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ପୋଲିସ ସ୍ଥାନୀୟ ବିବେକାନନ୍ଦ ନଗରର ୱାର୍ଡ ନମ୍ବର ୧୪ସ୍ଥିତ ଏକ ଭଡ଼ାଘରୁ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ମୃତା ମହିଳା ହେଲେ ଇତିଶ୍ରୀ ବେହେରା।

ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ପୋଲିସ କୌଣସି ସୂତ୍ରରୁ ଖବରପାଇ ଉକ୍ତ ଭଡାଘରୁ ମହିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ବାପଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମହିଳା ଜଣକ ତାଙ୍କ ସ୍ୱାମୀ ଓ ୮ ବର୍ଷର ପୁଅ ସହ ଭଡାଘରେ ରହୁଥିଲେ। ଇତିଶ୍ରୀଙ୍କ କେମିତି ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ତେବେ ବାପଘର ପକ୍ଷରୁ ତାଙ୍କୁ ହତ୍ୟା କରାଯାଇଥିବା କଣ୍ଟାବାଞ୍ଜି ଥାନାରେ ରବିବାର ରାତିରେ ଅଭିଯୋଗ ହୋଇଛି। ମହିଳାଙ୍କ ବାପଘର ଝାରସୁଗୁଡାରେ ହୋଇଥିବା ବେଳେ ଶାଶୁଘର ବଲାଙ୍ଗୀର ଜିଲା ତୁରେକେଲା ଥାନା ତୁରେକେଲା ସଦର ଗ୍ରାମରେ। ଝାରସୁଗୁଡାରେ ରହୁଥିବା ଇତିଶ୍ରୀଙ୍କ ବାପଘର ଲୋକଙ୍କ ଅଭିଯୋଗ ମତେ କଣ୍ଟାବାଞ୍ଜି ଥାନାରେ ନଂ.୩୭୨/୨୦୨୪ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ମୃତା ମହିଳାଙ୍କ ସ୍ୱାମୀକୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିବା ପୋଲିସ ସୂତ୍ରରୁ ପ୍ରକାଶ। ମହିଳାଙ୍କ ସ୍ୱାମୀ ପେସାରେ ଜଣେ ଓକିଲ ବୋଲି ଜଣାଯାଇଛି।

ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ବ୍ରହ୍ମପୁର,୨୩।୯(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପୋଲିସ ଜିଲା ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଳପୁର ଗ୍ରାମର ଜି.ଲକ୍ଷ୍ମୀ ପାତ୍ର(୩୮)ଙ୍କ ମୃତଦେହକୁ ଗାଁ ଶ୍ମଶାନରୁ ପୋଲିସ ଜବତ କରିଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହେବା ପରେ ଅଭିଯୁକ୍ତ ସ୍ୱାମୀ ଓ ପ୍ରମାଣ ନଷ୍ଟ ପାଇଁ ଶ୍ମଶାନକୁ ମୃତଦେହ ନେଉଥିବା ଅଭିଯୋଗରେ ଲକ୍ଷ୍ମୀଙ୍କ ଶ୍ୱଶୁର ଓ ଗ୍ରାମର ଅନ୍ୟ ୩ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜିଲାଜଜ୍ ରୂପଶ୍ରୀ ଚୌଧୁରୀ ସୋମବାର ଉକ୍ତ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ସ୍ୱାମୀ ଜି. ସୀମାଞ୍ଚଳ ପାତ୍ର(୪୩)ଙ୍କୁ ସେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରମାଣ ନଷ୍ଟ ପାଇଁ ଶ୍ମଶାନକୁ ପୋଡିବା ପାଇଁ ନେଉଥିବା ଅଭିଯୋଗରେ ୩ ବର୍ଷ ଜେଲ ଓ ୫ ହଜାର ଜରିମାନା ଦେବାକୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଜେଲ ଯାଇ ଜାମିନରେ ଆସିଥିବା ଲକ୍ଷ୍ମୀଙ୍କ ଶ୍ୱଶୁର ଜି.ସାକିଲ ପାତ୍ର, ଉକ୍ତ ଗାଁର ଡ଼ି.କାଳୁ ପାତ୍ର, କେ. ଶିବରାମ ପାତ୍ର ଓ ପି. ନରସିଂହ ଦାସଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରାଯାଇଛି।

ସୀମାଞ୍ଚଳ ୨୦୦୬ରେ ଶ୍ରୀରଙ୍ଗରାଜ ଗ୍ରାମର ପି. ରଙ୍କ ପାତ୍ରଙ୍କ ଝିଅ ଲକ୍ଷ୍ମୀଙ୍କୁ ବିବାହ କରିଥିଲେ। ତାଙ୍କର ୧୬ ବର୍ଷର ପୁଅ ଓ ୧୪ବର୍ଷର ଝିଅ ଅଛନ୍ତି। ୨୦୨୩ ମେ ୨୬ରେ ପୁଅ, ଝିଅ ଘରେ ନ ଥିବା ବେଳେ ଲକ୍ଷ୍ମୀଙ୍କ ଆକସ୍ମିକ ମୃତ୍ୟୁ ଘଟିଥିବା କହି ସୀମାଞ୍ଚଳ ତାଙ୍କ ବାପା ଓ ଗ୍ରାମର କେତେଜଣଙ୍କ ସହାୟତାରେ ଲୁଚାଛପାରେ ମୃତଦେହ ଦାହ କରିବାକୁ ଶ୍ମଶାନକୁ ନେଇଥିଲେ। ଅନ୍ୟପଟେ ଲକ୍ଷ୍ମୀଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଛନ୍ତି ବୋଲି ଗ୍ରାମର କିଛି ଲୋକ ପୋଲିସକୁ ଖବର ଦେଇଥିଲେ। ପୋଲିସ ଜଗଦଳପୁର ଶ୍ମଶାନରୁ ମୃତଦେହ ଜବତ କରିଥିଲା। ନଂ.୧୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ବ୍ୟବଚ୍ଛେଦ ରିପୋର୍ଟରେ ଲକ୍ଷ୍ମୀଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିବା ସ୍ପଷ୍ଟ ହେବା ପରେ ନଂ. ୧୭୬/୨୩ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଥିଲା। ତଦନ୍ତ ଅଧିକାରୀ ତଥା ତତ୍କାଳୀନ ଏସଆଇ ଜ୍ୟୋତି ରଞ୍ଜନ ବେହେରା ଚାର୍ଜଶିଟ ଦାଖଲ କରିଥିଲେ। ସୀମାଞ୍ଚଳଙ୍କ ବ୍ୟତୀତ ଅନ୍ୟ ୪ ଅଭିଯୁକ୍ତଙ୍କୁ ଜାମିନ ମିଳିଥିଲା। ମାମଲା ଶୁଣାଣି ବେଳେ ୧୬ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ବୟାନ ଓ ଚାର୍ଜଶିଟକୁ ଆଧାର କରି ଜଜ୍ ରାୟ ଶୁଣାଇଛନ୍ତି। ପବ୍ଲିକ ପ୍ରସିକ୍ୟୁଟର ତ୍ରିଲୋଚନ ପରିଡା ମକଦ୍ଦମା ପରିଚାଳନା କରିଥିଲେ।

ବଳାତ୍କାର ଅଭିଯୁକ୍ତ ସୌଦାଗରଙ୍କୁ ୫ବର୍ଷ ଜେଲ

ଭୁବନେଶ୍ୱର,୨୩।୯(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ (ପୋକ୍‌ସୋ) ତଥା ଆଡ୍‌ହକ ଆଡିଶନାଲ ସେସନ ଜଜ୍ କୋର୍ଟରେ ସୋମବାର ଏକ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସରୋଜ କୁମାର ସାହୁ ଏୟାରପୋର୍ଟ ଥାନା ଅଞ୍ଚଳରେ ୨୦୧୯ ଡିସେମ୍ବର ଘଟିଥିବା ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତ ସୌଦାଗର ଦାସ ଓରଫ ଟିମାଙ୍କୁ ୫ ବର୍ଷର ଜେଲ ଦଣ୍ଡ ଶୁଣାଇଛନ୍ତି। ଏହାସହ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୩ ମାସ ଜେଲ ଦଣ୍ଡର ଆଦେଶ ରହିଛି। ୧୦ଜଣ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ସୂଚନା ଅନୁଯାୟୀ, ନାବାଳିକା ପୀଡ଼ିତା ନିଜ ସାନ ଭଉଣୀ ସହ ଏୟାରପୋର୍ଟ ଥାନା ଅନ୍ତର୍ଗତ ଭିଆଇପି ରୋଡ୍ ଅଭିମୁଖେ ଯାଉଥିଲେ। ଏହି ସମୟରେ ସୌଦାଗର ବଡ଼ ଭଉଣୀ ତଥା ପୀଡ଼ିତାଙ୍କ ପାଟିକୁ ଚାପିଧରି ନିକଟସ୍ଥ ଏକ ପରିତ୍ୟକ୍ତ ଘରକୁ ଉଠାଇନେଇ ବଳାତ୍କାର କରିଥିଲେ। ପୀଡ଼ିତା ଏବଂ ତାଙ୍କ ସାନ ଭଉଣୀଙ୍କ ଚିତ୍କାର ଶୁଣି ଘର ଲୋକେ ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ପରେ ଏନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ସାସମଲ ଓ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ବଳରାମ ଦେଓ ପ୍ରମୁଖ ପରିଚାଳନା କରିଥିଲେ।

ରାଉରକେଲା ଗଣବଳାତ୍କାର ମାମଲା

ସିନ୍ ରିକ୍ରିଏଟ୍ କଲା ପୋଲିସ

ସିନ୍ ରିକ୍ରିଏଶନ ପାଇଁ ପୋଲିସ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଉଛି।

ରାଉରକେଲା,୨୩।୯(ସଙ୍ଗୀତା ଜେନା)

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ବିର୍ସା ମୁଣ୍ଡା ଷ୍ଟାଡିୟମ ପଛପାର୍ଶ୍ୱ ଜଙ୍ଗଲିଆ ସ୍ଥାନରେ ୨ ନାବାଳିକାଙ୍କୁ ଗଣବଳାତ୍କାର ମାମଲାରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ସୋମବାର ପୂର୍ବାହ୍ନରେ ଡିଏସ୍‌ପି ନିର୍ମଳ ମହାପାତ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଟ୍ କରିଥିଲା। ସେଠାରେ ସାଇଣ୍ଟିଫିକ୍, ଫୋରେନ୍‌ସିକ୍ ଟିମ୍ ଏବଂ ଡଗ୍ ସ୍କ୍ୱାଡ୍ ନମୁନା ସଂଗ୍ରହ ଓ ଭିଡିଓଗ୍ରାଫି କରିଥିଲେ। ୩ ଅଭିଯୁକ୍ତଙ୍କ ଟେଷ୍ଟ ଆଇଡେଣ୍ଟିଫିକେଶନ ପରେଡ୍ ଯୋଗୁ ସେମାନଙ୍କ ନାମ ସାର୍ବଜନୀନ କରାଯାଇନାହିଁ। ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି ବୋଲି ପୋଲିସ କହିଛି।

ଏହି ପରିପ୍ରେକ୍ଷୀରେ ଡିଆଇଜି ବ୍ରିଜେଶ ରାୟ କହିଛନ୍ତି, ରବିବାର ପୀଡ଼ିତାଙ୍କ ସମ୍ପର୍କୀୟ ଅଭିଯୋଗ କରିବା ପରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ପୋକ୍‌ସୋ ଓ ନୂତନ ବିଏନ୍‌ଏସ୍ ଧାରା ଅନୁଯାୟୀ ମାମଲା ରୁଜୁ ହୋଇଛି। ଏହି ସମ୍ବେଦନଶୀଳ ଘଟଣାରେ ପୀଡ଼ିତାଙ୍କୁ ଯଥାଶୀଘ୍ର ନ୍ୟାୟ ଦେବା ତଥା ଚାର୍ଜଶିଟ୍ କରିବା ପାଇଁ ରବିବାର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଘଟଣାସ୍ଥଳରେ ଅଭିଯୁକ୍ତମାନଙ୍କୁ ନେଇ ତଦନ୍ତ କରାଯାଇଛି। ପୀଡ଼ିତାମାନଙ୍କ ବୟାନ ରେକର୍ଡ ହୋଇଛି। ବର୍ତ୍ତମାନ ତଦନ୍ତ ଚାଲିଥିବାରୁ ଏହି ଘଟଣାରେ ଅନ୍ୟ ଅଭିଯୁକ୍ତଙ୍କ ସମ୍ପୃକ୍ତି ସମ୍ପର୍କରେ କୌଣସି ସୂଚନା ଦିଆଯାଇପାରିବ ନାହିଁ। ତେବେ ପୀଡ଼ିତାମାନଙ୍କୁ ନ୍ୟାୟ ମିଳିବା ସୁନିଶ୍ଚିତ କରାଯାଉଛି ବୋଲି ଡିଆଇଜି ରାୟ କହିଥିଲେ। ସୂଚନାଯୋଗ୍ୟ, ଶନିବାର ଅପରାହ୍ନରେ ଝାଡଖଣ୍ଡ ରାଞ୍ଚିର ୨ଜଣ ନାବାଳିକା ବିର୍ସା ଛକକୁ ଚପଲ କିଣିବା ପାଇଁ ଯାଇଥିଲେ। କେତେଜଣ ଯୁବକଙ୍କୁ ଦୋକାନ ଠିକଣା ପଚାରିବାରୁ ସେମାନେ ଉଭୟ ନାବାଳିକାଙ୍କୁ ଗାଡିରେ ନିକଟସ୍ଥ ଷ୍ଟାଡିୟମ ପଛପାର୍ଶ୍ୱ ତଥା ଟ୍ରେନ୍ ଲାଇନ୍ କଡ ଏକ ଜଙ୍ଗଲିଆ ଜାଗାକୁ ନେଇ ଗଣବଳାତ୍କାର କରିଥିଲେ। ପୀଡ଼ିତାମାନଙ୍କ ସମ୍ପର୍କୀୟ ଏ ନେଇ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ ୭୪୨/୨୪) ରୁଜୁ କରିଥିଲା। ଡିଆଇଜି ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ କରାଯାଉଛି। ପୀଡ଼ିତାଙ୍କ ଅଭିଯୋଗରେ ଉକ୍ତ ଘଟଣାରେ ୭/୮ଜଣ ସମ୍ପୃକ୍ତ ଥିବା ଦର୍ଶାଯାଇଛି।

ମାମଲା ରୁଜୁକରି ରିପୋର୍ଟ ମାଗିଲେ ଶିଶୁ ଅଧିକାର ସୁରକ୍ଷା ଆୟୋଗ

ଭୁବନେଶ୍ୱର,୨୩।୯(ସତ୍ୟଜିତ୍ ରାଉତ)

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ୨ଜଣ ନାବାଳିକାଙ୍କୁ ଗଣବଳାତ୍କାର ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍)। କମିଶନ ମନ୍ଦାକିନୀ କର ଏହି ଘଟଣାରେ ହସ୍ତକ୍ଷେପ କରି ସୋମବାର ନିଜ ଆଡୁ ମାମଲା ରୁଜୁ କରିଛନ୍ତି। ଏଥିସହ କମିଶନ ଏନେଇ ରିପୋର୍ଟ ତଲବ କରିଛନ୍ତି। ପ୍ଲାଣ୍ଟସାଇଟ୍ ଥାନା ଆଇଆଇସି, ସୁନ୍ଦରଗଡ ଡିସିପିଓ, ସୁନ୍ଦରଗଡ ସିଡିଏମ୍‌ଓଙ୍କୁ ଆୟୋଗଙ୍କ ପକ୍ଷରୁ ନୋଟିସ୍ କରାଯାଇଛି। ଏହି ଘଟଣାର ତଦନ୍ତ କରି ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଏବଂ ଅଗ୍ରଗତି ସଂକ୍ରାନ୍ତରେ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତାଙ୍କ ବୟସ, କାଉନ୍‌ସେଲିଂ, ମାନସିକ ଓ ସ୍ୱାସ୍ଥ୍ୟାବସ୍ଥା ସ୍ଥିତି ଓ ଅଭିଯୁକ୍ତଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ରିପୋର୍ଟରେ ଉଲ୍ଲେଖ ରଖିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

ଦିଲ୍ଲୀକୁ ଏସିଆର ସ୍କାମ୍ କ୍ୟାପିଟାଲ କହିଲେ ଅଷ୍ଟ୍ରେଲୀୟ ବ୍ଲଗର

ନୂଆଦିଲ୍ଲୀ

ବେନ୍ ଫ୍ରିୟର

ସାଧାରଣତଃ ଟ୍ରାଭେଲ ବ୍ଲଗରମାନେ ବିଭିନ୍ନ ଦେଶ ଭ୍ରମଣ କରି ସେଠାକାର ସଂସ୍କୃତି, ଚାଲିଚଳନ, ପର୍ଯ୍ୟଟନ ସ୍ଥଳ ଆଦି ଉପରେ ଭିଡିଓ କରିଥାନ୍ତି। ଟ୍ରାଭେଲ ବ୍ଲଗର୍ସମାନଙ୍କର ଏହିସବୁ ଭିଡିଓକୁ ଦେଖି ସେମାନଙ୍କର ଫଲୋଅର୍ସମାନଙ୍କୁ ବେଶ୍ ଫାଇଦା ହୋଇଥାଏ। ତେବେ ଗତ ସପ୍ତାହରେ ଭାରତ ଗସ୍ତରେ ଆସିଥିବା ଅଷ୍ଟ୍ରେଲୀୟ ବ୍ଲଗର୍ ବେନ୍ ଫ୍ରିୟର ମଧ୍ୟ ନିଜ ଗସ୍ତକୁ ନେଇ ତାଙ୍କର ବ୍ୟାକ୍‌ପ୍ୟାକର ବେନ୍ ନାମକ ୟୁଟ୍ୟୁବ ଚ୍ୟାନେଲରେ ଭିଡିଓ ଅପଲୋଡ୍ କରିଛନ୍ତି। ଦିଲ୍ଲୀ ଗସ୍ତବେଳେ ତାଙ୍କର ଅଭିଜ୍ଞତା ଖରାପ ଥିଲା ବୋଲି ଏହି ଭିଡିଓରେ ବେନ୍ କହିଛନ୍ତି। ଦିଲ୍ଲୀରେ ଠକାମିର ଶିକାର ହୋଇଥିବା ଦର୍ଶାଇ ସେ ଦିଲ୍ଲୀକୁ ଏସିଆର ସ୍କାମ୍ କ୍ୟାପିଟାଲ ବୋଲି କହିଛନ୍ତି। ବେନ୍ କହିଛନ୍ତି, ସେ ଅଟୋ ରିକ୍ସାରେ ଦିଲ୍ଲୀ ଭ୍ରମଣ କରୁଥିବାବେଳେ ଏକ ଟ୍ରାଫିକ୍ ନିକଟରେ ତାଙ୍କ ଅଟୋ ଅଟକି ରହିଥିଲା। ଏହାର ଫାଇଦା ଉଠାଇବାକୁ ଜଣେ ଖେଳଣା ବିକ୍ରେତା ତାଙ୍କୁ ୧୫୦ ଟଙ୍କା ମୂଲ୍ୟର ଏକ ଖେଳଣା କିଣିବାକୁ କହିଥିଲେ। ବେନ୍ ଉକ୍ତ ଖେଳଣା କିଣିବାକୁ ରାଜି ହୋଇଥିଲେ। ସେ ଉକ୍ତ ବିକ୍ରେତାଙ୍କୁ ଏକ ୫୦୦ ଟଙ୍କିଆ ଭାରତୀୟ ନୋଟ୍ ପ୍ରଦାନ କରିଥିଲେ। ତେବେ ଏହାର ଜବାବରେ ଖେଳଣା ବିକ୍ରେତା ଜଣକ ମାତ୍ର ୨୦୦ ଟଙ୍କା ଫେରସ୍ତ କରି ୨ଟି ଖେଳଣା ରଖିବାକୁ ବେନ୍‌ଙ୍କୁ ବାଧ୍ୟ କରିଥିଲେ। ଏଥିରେ ବେନ୍ ଅରାଜି ହେବା ସତ୍ତ୍ୱେ ମଧ୍ୟ ବିକ୍ରେତା ଜଣକ ଜବରଦସ୍ତ ତାଙ୍କୁ ଆଉ ଏକ ଖେଳଣା ଧରେଇ ଦେଇ ସେଠାରୁ ଖସି ପଳାଇଥିଲେ। ଏହି ଘଟଣାରେ କ୍ରୋଧିତ ହୋଇ ବେନ୍ ଦିଲ୍ଲୀକୁ ଏସିଆର ସ୍କାମ୍ କ୍ୟାପିଟାଲ ବୋଲି କହିଛନ୍ତି। ଏହି ଦିଲ୍ଲୀ ଗସ୍ତରେ ସେ ଅନେକ ଖରାପ ଅନୁଭୂତିର ସମ୍ମୁଖୀନ ହୋଇଛନ୍ତି। ତେଣୁ ଆଉ କେବେ ଦିଲ୍ଲୀ ଆସିବେ ନାହିଁ ବୋଲି ସେ କହିଛନ୍ତି। ତେବେ ଏହି ଭିଡିଓକୁ ନେଇ ଅନେକ ଭାରତୀୟ ୟୁଜର୍ସ ବେନ୍‌ଙ୍କୁ ଟ୍ରୋଲ୍ କରିଛନ୍ତି।

ଶ୍ରେଷ୍ଠ ୫୦ ହୋଟେଲ ମଧ୍ୟରେ ଭାରତର 'ସୁଜାନ ଜୱାଇ'

ଜୟପୁର

ରାଜସ୍ଥାନର 'ସୁଜନ ଜୱାଇ' ହୋଟେଲ ବିଶ୍ୱର ଶ୍ରେଷ୍ଠ ୫୦ ହୋଟେଲ ମଧ୍ୟରେ ସ୍ଥାନ ପାଇଛି। କଲରାପତରିଆ ବାଘ ପାଇଁ ଲୋକପ୍ରିୟ ଥିବା ରାଜସ୍ଥାନର ପାଲିରେ ଏହି ହୋଟେଲ ଅବସ୍ଥିତ। ବିଶ୍ୱର ଶ୍ରେଷ୍ଠ ହୋଟେଲ ତାଲିକାରେ ୪୩ତମ ସ୍ଥାନରେ ଏହା ରହିଛି। ଲଣ୍ଡନର ଗିଲ୍ଡ ହଲ୍‌ଠାରେ ଏହି ହୋଟେଲ ବିଶ୍ୱର ୫୦ ଶ୍ରେଷ୍ଠ ହୋଟେଲ ମଧ୍ୟରେ ସାମିଲହୋଇ ପୁରସ୍କାର ଗ୍ରହଣ କରିଛି। ପୁରସ୍କାର ପାଇବା ପରେ ହୋଟେଲ ମାଲିକ ଜୈସଲ ସିଂ କହିଛନ୍ତି, ଏହି ପୁରସ୍କାର ପାଇବା ହୋଟେଲ ପାଇଁ ଗର୍ବର ବିଷୟ। 'ସୁଜନ ଜୱାଇ'ର ପୂରା ଟିମ୍ ଏଥିପାଇଁ ବହୁତ ଖୁସି। ଭାରତୀୟ ସଂସ୍କୃତି, ପରମ୍ପରା ଓ ଏଠାକାର ସ୍ଥାନୀୟ ଅଞ୍ଚଳରେ ରହୁଥିବା ବନ୍ୟପ୍ରାଣୀମାନଙ୍କର ବିଭିନ୍ନ କାରୁକାର୍ଯ୍ୟ ଗ୍ରାହକଙ୍କୁ ହୋଟେଲ ପ୍ରତି ସର୍ବଦା ଆକର୍ଷିତ କରିଆସୁଛି ବୋଲି ସେ କହିଛନ୍ତି।

ଖଣ୍ଡାବସା ଅଭିନନ୍ଦନ
ମା' ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ପିଙ୍କିଆ ପଞ୍ଚାୟତ ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ସଭ୍ୟାରାଣୀ ସୁନାନୀ
ସରପଞ୍ଚ, ପିଙ୍କିଆ ପଞ୍ଚାୟତ, ଜୁନାଗଡ ବ୍ଲକ

ଖଣ୍ଡାବସା ଅଭିନନ୍ଦନ
ଜୁନାଗଡର ଅଧିଷ୍ଠାତ୍ରୀ ଦେବୀ ମା'ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ ଜୁନାଗଡ ବ୍ଲକ ସମେତ କଳାହାଣ୍ଡି ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ।
ଗୌତମୀ ନାଏକ (ବୁଲୁବୁଲୁ)
ମହାବୀର ନାଏକ
ଜୁନାଗଡ, କଳାହାଣ୍ଡି

ଇଟାଲୀରେ 'ୱାର୍ ୨'ର ଶୁଟିଂ

ମୁମ୍ବାଇ

ହ୍ରିତିକ୍ ରୋଶନ

ବଲିଉଡ୍ ଅଭିନେତା ହ୍ରିତିକ୍ ରୋଶନ ସମ୍ପ୍ରତି ନିଜର ଆଗାମୀ ଫିଲ୍ମ 'ୱାର୍ ୨'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏହି ଫିଲ୍ମର ଶୁଟିଂ ଇଟାଲୀରେ ହେଉଥିବା ନେଇ ହ୍ରିତିକ୍ ସୋମବାର ନିଜ ଇନ୍‌ଷ୍ଟାଗ୍ରାମ ଆଇଡିରେ ସୂଚନା ଦେଇଛନ୍ତି। ସେ ଇଟାଲୀର ଏକ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପରିବେଶରେ 'ୱାର୍ ୨' ଫିଲ୍ମର ଶୁଟିଂ ସେଟ୍‌ରୁ ଏକ ଫଟୋ ପୋଷ୍ଟ କରିଛନ୍ତି। ଉକ୍ତ ଫଟୋରେ ଅଭିନେତାଙ୍କ କୁଲ୍ ଅନ୍ଦାଜ ତାଙ୍କ ପ୍ରଶଂସକଙ୍କୁ ବେଶ୍ ଆକର୍ଷିତ କରିଛି। ଅୟାନ ମୁଖାର୍ଜୀଙ୍କ ନିର୍ଦ୍ଦେଶନା ଓ ଆଦିତ୍ୟ ଚୋପ୍ରାଙ୍କ ପ୍ରଯୋଜନାରେ 'ୱାର୍ ୨' ଫିଲ୍ମର ଶୁଟିଂ ଜାରି ରହିଥିବା ବେଳେ ଏଥିରେ ହ୍ରିତିକ୍‌ଙ୍କ ସହ ସାଉଥ୍ ଷ୍ଟାର ଜୁନିୟର ଏନ୍‌ଟିଆର୍‌ଙ୍କୁ ଦେଖିବାକୁ ମିଳିବ। ସେହିପରି ଫିଲ୍ମରେ ହ୍ରିତିକ୍‌ଙ୍କ ବିପକ୍ଷରେ ଅଭିନେତ୍ରୀ କିଆରା ଆଡ୍‌ଭାନୀ ନଜରକୁ ଆସିବେ। ଆସନ୍ତା ବର୍ଷ ଅଗଷ୍ଟ ୧୪ରେ ଏହି ଫିଲ୍ମ ରିଲିଜ୍ ହେବ ବୋଲି ରିପୋର୍ଟ ପ୍ରକାଶ ପାଇଛି।

ଖଣ୍ଡାବସା ଅଭିନନ୍ଦନ
ମା'ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ମୋର ଶୁଭେଚ୍ଛୁ ବନ୍ଧୁଗଣଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଛି।
ସରୋଜ କୁମାର ପଣ୍ଡା
ସଭାପତି, ଜୁନାଗଡ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ, କଳାହାଣ୍ଡି

ଖଣ୍ଡାବସା ଅଭିନନ୍ଦନ
With Best Compliments from:
IndianOil
M/s SAHOO FUEL KSK
Indian Oil
Ghulijiba Chowk
Junagarh, Kalahandi

ଖଣ୍ଡାବସା ଅଭିନନ୍ଦନ
ମା'ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ ଜୁନାଗଡ ବ୍ଲକବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ଶୋଭାଗିନୀ ସାହୁ
ସରପଞ୍ଚ ଦେଦର ପଞ୍ଚାୟତ, ଜୁନାଗଡ ବ୍ଲକ, କଳାହାଣ୍ଡି

ଖଣ୍ଡାବସା ଅଭିନନ୍ଦନ
ମା'ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ତଳମଲା ପଞ୍ଚାୟତ ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ପୂଜା ମନହିରା
ସରପଞ୍ଚ,ତଳମଲା ପଞ୍ଚାୟତ, ଜୁନାଗଡ ବ୍ଲକ

ଖଣ୍ଡାବସା ଅଭିନନ୍ଦନ
ମା'ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ଚିଚେଗୁଡ଼ା ପଞ୍ଚାୟତ ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ପରମେଶ୍ୱର ମେହେର
ସରପଞ୍ଚ
ଚିଚେଗୁଡ଼ା ପଞ୍ଚାୟତ, ଜୁନାଗଡ ବ୍ଲକ

ଖଣ୍ଡାବସା ଅଭିନନ୍ଦନ
With Best Compliments From
A WELL WISHER
MUNDRAGUDA, JUNAGARH
KALAHANDI

ଖଣ୍ଡାବସା ଅଭିନନ୍ଦନ
With Best Compliments From
Kanhu Ranjan Behera
Sohasini Behera &
Sikruti Behera
Amjore, Jayapatana
Kalahandi

ଖଣ୍ଡାବସା ଅଭିନନ୍ଦନ
KARRTABYA
ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
କର୍ତ୍ତବ୍ୟ ସ୍ୱେଚ୍ଛା ସେବୀ ଅନୁଷ୍ଠାନ
ବଣ୍ଡାକୁଟ୍ରା, ଛୋରିଆଗଡ,
ଜୁନାଗଡ,କଳାହାଣ୍ଡି

ଅଭିନନ୍ଦନ
ମା' ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ ଜୁନାଗଡ ବ୍ଲକ ବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ।
ପ୍ରେମାନନ୍ଦ ସାହୁ
ଉପେନ୍ଦ୍ର ବାଗ
ମନରେଗା ବିଭାଗ,ଜୁନାଗଡ ବ୍ଲକ,କଳାହାଣ୍ଡି

With Best Compliments From :
POONAM'S A2Z
A Family Shopping Mall
Junagarh, Kalahandi

ଖଣ୍ଡାବସା ଅଭିନନ୍ଦନ
ଜୁନାଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡି ଜିଲ୍ଲାବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ।
ଯୋଗାଣ ସହାୟକ ସଂଘ, ଜୁନାଗଡ଼ ବ୍ଲକ, କଳାହାଣ୍ଡି
ମନୋଜ କୁମାର ମେହେର, ଦେଦର ପଞ୍ଚାୟତ
ଗଣେଶ ଦୁର୍ଗା, ରାଜପୁର ପଞ୍ଚାୟତ
ଅମିତ କୁମାର ପଣ୍ଡା, ବୁଡିଦର ପଞ୍ଚାୟତ
ଭବାନୀଶଙ୍କର ନାଏକ, ମାଲିଗୁଡା ପଞ୍ଚାୟତ
ଦିବାକର ବାଗ, କଲେଇଗାଁ ପଞ୍ଚାୟତ
ରାଜେନ୍ଦ୍ର ଦାସ,ତଳମଲା ପଞ୍ଚାୟତ
ରୂପକ ରଞ୍ଜନ ବେହେରା, ବୁନ୍ଦେଲମାଲ ପଞ୍ଚାୟତ
ମୃତ୍ୟୁଞ୍ଜୟ ପ୍ରଧାନୀ, ଆଟିଗାଁ ପଞ୍ଚାୟତ
ସ୍ୱୟମ୍ବର ବଣିଆ, ମହିଚଲା ପଞ୍ଚାୟତ
ଗୋକୁଳାନନ୍ଦ ନାଏକ, ମୁଣ୍ଡରାଗୁଡା ପଞ୍ଚାୟତ
ସୁଶାନ୍ତ ନାଏକ, ବଣିଜରା ପଞ୍ଚାୟତ
ଅକ୍ରୁର ଭୋଇ, ବାଙ୍କପଲାସ ପଞ୍ଚାୟତ
କୈଳାସ ଚନ୍ଦ୍ର ପାଣ୍ଡେ, ମାଟିଗାଁ ପଞ୍ଚାୟତ
ଡବଲକିଶୋର ନିଆଲ, ଦାସିଗାଁ ପଞ୍ଚାୟତ
ଦେବେନ୍ଦ୍ର ଦୁର୍ଗା, ଗୌଡଛେଣ୍ଡିଆ ପଞ୍ଚାୟତ
ସୁଧାଂଶୁ ମେହେର, ମେରିଆବନ୍ଧଲି ପଞ୍ଚାୟତ
ଚାରୁ କନ୍ଦପାନ, ଭଇଁରୀଗୁଡା ପଞ୍ଚାୟତ
ଆଶିଷ କୁମାର ରାଉତ, ସନ୍ୟାସୀକୁଣ୍ଡାମାଲ ପଞ୍ଚାୟତ
ରାଜେଶ ବେହେରା, କାଲୋପଲା ପଞ୍ଚାୟତ
ପ୍ରଭାସ ଚନ୍ଦ୍ର ସରାଫ, ନକଟିଗୁଡ଼ା ପଞ୍ଚାୟତ
ମନୋଜ କୁମାର ନାଏକ, ଚାରବାହାଲ ପଞ୍ଚାୟତ
ସୁମନ୍ତ ପାଢ଼ୀ, କେନ୍ଦୁପାଟି ପଞ୍ଚାୟତ
ଶଶାଙ୍କ ପଣ୍ଡା, ପଳାସ ପଞ୍ଚାୟତ
ଅକ୍ଷୟ ଦୀପ, ବକ୍ସିତୁଳସୀପାଲି ପଞ୍ଚାୟତ
ମଳୟ ମେହେର, ଛୋରିଆଗଡ଼ ପଞ୍ଚାୟତ
ଜ୍ୟୋତିରଞ୍ଜନ ମେହେର, ବଳଦିଆମାଲ ପଞ୍ଚାୟତ
ପ୍ରବୀଣ ରଞ୍ଜନ ମେହେର, ଚିଚୈଗୁଡ଼ା ପଞ୍ଚାୟତ
ଧର୍ମେନ୍ଦ୍ର ଗୋଡତିଆ, ନାନ୍ଦୋଲ ପଞ୍ଚାୟତ
ବିବେକ ପ୍ରଧାନ, ତଳଜାରିଙ୍ଗ ପଞ୍ଚାୟତ
ଗୀତାଞ୍ଜଳି ନିଆଲ, ହାବସପୁର ପଞ୍ଚାୟତ
ରାଜେଶ ଦୁର୍ଗା, ଚାରଭାଟି ପଞ୍ଚାୟତ

See Career Appointment on every Wednesday & Saturday

ଖଣ୍ଡାବସା ଅଭିନନ୍ଦନ
ମା'ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ ଜୁନାଗଡ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ମନୋଜ କୁମାର ମେହେର
ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ, ଜୁନାଗଡ, କଳାହାଣ୍ଡି

ଖଣ୍ଡାବସା ଅଭିନନ୍ଦନ
ମା'ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ ଜୁନାଗଡ ବ୍ଲକବାସୀଙ୍କ ସମେତ କଳାହାଣ୍ଡିବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ସବିତା ମେହେର
ବ୍ଲକ ଅଧ୍ୟକ୍ଷା
ଜୁନାଗଡ, କଳାହାଣ୍ଡି

ବିଜେଡି ପ୍ରତ୍ୟାହାର କଲା ୬ ଘଣ୍ଟିଆ ହରତାଳ

ଭରତପୁର ଥାନା ଘଟଣା

- ଚାପରେ ମୁଣ୍ଡ ନୁଆଁଇ ରାଜ୍ୟ ସରକାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଲେ: ବିଜେଡି
- ପୀଡ଼ିତାଙ୍କୁ ନ୍ୟାୟ ନ ମିଳିଲେ ପୁଣି ହେବ ଆନ୍ଦୋଳନ

ଭୁବନେଶ୍ୱର,୨୩।୯(ଅନିଲ ଦାସ)

ଭରତପୁର ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଦିଆଯାଇଥିବା ଅମାନବୀୟ ନିର୍ଯାତନା ଘଟଣାରେ ବିଜୁ ଜନତା ଦଳ ତରଫରୁ ମଙ୍ଗଳବାର ଦିଆଯାଇଥିବା ୬ ଘଣ୍ଟିଆ ଭୁବନେଶ୍ୱର ହରତାଳ ଡାକରାକୁ ସାମୟିକ ଭାବେ ପ୍ରତ୍ୟାହାର କରାଯାଇଛି । ସୋମବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ନେତୃମଣ୍ଡଳୀ ଏହି ସୂଚନା ଦେଇଛନ୍ତି।

ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ଏହି ଘଟଣାରେ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଚ୍ଚନ୍ୟାୟାଳୟର ତତ୍ତ୍ୱାବଧାନରେ ବିଚାର ବିଭାଗୀୟ ତଦନ୍ତ ଦାବି କରିଥିଲେ। ଏହି ଲଜ୍ଜାଜନକ ଘଟଣାରେ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ବିଜେଡି ହରତାଳ ଡାକରା ଦେଇଥିଲା । ରାଜ୍ୟ ସରକାର ରବିବାର ବିଳମ୍ବିତ ରାତିରେ ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇସାରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଜେଡି ପକ୍ଷରୁ ଦିଆଯାଇଥିବା ୬ ଘଣ୍ଟିଆ ଭୁବନେଶ୍ୱର ହରତାଳ ଡାକରାକୁ ସାମୟିକ ଭାବେ ପ୍ରତ୍ୟାହାର କରାଯାଇଛି। ବିଜେଡି ଏକ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ । ନିହାତି ଆବଶ୍ୟକ ନ ହେଲେ ହରତାଳ କରି ଜନସାଧାରଣଙ୍କୁ ହଇରାଣ କରିବାକୁ ଉଚିତ ମନେ କରେନାହିଁ ବୋଲି ସେ କହିଛନ୍ତି।

ବିଧାୟକ ଅରୁଣ ସାହୁ କହିଛନ୍ତି, ଏହି ଲଜ୍ଜାଜନକ ଘଟଣା ସେପ୍ଟେମ୍ବର ୧୪ ତାରିଖରେ ଘଟିଥିଲେ ହେଁ ୧୮ ତାରିଖରେ ଉଚ୍ଚ ନ୍ୟାୟାଳୟ ମେଜରଙ୍କ ବାନ୍ଧବୀଙ୍କୁ ଜାମିନ ପ୍ରଦାନ କରିବା ପରେ ତାହା ଲୋକଲୋଚନକୁ ଆସିଥିଲା। ୧୭ ତାରିଖରେ ଭୁବନେଶ୍ୱରର ଜଣେ ଉଚ୍ଚପଦସ୍ଥ ପୋଲିସ ଅଧିକାରୀ ଗଣମାଧ୍ୟମରେ ଭରତପୁର ଥାନା ଘଟଣାରେ ପୋଲିସ ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ୧୮ ତାରିଖରେ ଘଟଣା ଲୋକଲୋଚକୁ ଆସିବା ପରେ ସରକାର ସେହି ଥାନାର ୫ ଜଣ ପୋଲିସ ଅଧିକାରୀଙ୍କୁ ନିଲମ୍ବିତ କରିଥିଲେ ; ଯାହାର ଅର୍ଥ ହେଉଛି ଏହି ଘଟଣାରେ ପୋଲିସର ଭୂମିକା ସନ୍ଦେହଘେରରେ ଥିଲା। ଏହି ସମ୍ବେଦନଶୀଳ ଘଟଣାରେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବିଚାରବିଭଗୀୟ ତଦନ୍ତ ଓ ଏସ୍ଆଇଟି ଗଠନ ପାଇଁ ଦୃଢ଼ ଦାବି କରିଥିଲେ । ବିଜୁ ମହିଳା ଜନତା ଦଳ ରାଜଭବନ ସମ୍ମୁଖରେ ଏକ ଗଣଧାରଣା ଦେବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଘଟଣାରେ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରିବାରେ ସରକାରଙ୍କ ଟାଳଟୁଳ ନୀତି ଯୋଗୁ ବିଜୁ ଜନତା ଦଳ ପକ୍ଷରୁ ୬ ଘଣ୍ଟିଆ ଭୁବନେଶ୍ୱର ହରତାଳ ଡାକରା ଦିଆଯାଇଥିଲା।

ସରକାର ଚାପର ବଶବର୍ତ୍ତୀ ହୋଇଥିଲେ ଏବଂ ଶେଷରେ ଚାପ ଆଗରେ ମୁଣ୍ଡ ନୁଆଁଇ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ସରକାର ଆମ ଦାବି ମାନିନେଇ ଥିବାରୁ ଆମେ ହରତାଳ ଡାକରାକୁ ସାମୟିକ ଭାବେ ପ୍ରତ୍ୟାହାର କରୁଛୁ ବୋଲି ଅରୁଣ କହିଛନ୍ତି। ଘଟଣା ଉପରେ ଦଳ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି। ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନରେ ଅବହେଳା ହେଲେ ବିଜେଡି ପୁଣି ସ୍ୱର ଉତ୍ତୋଳନ କରିବ ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ଓ ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ଉପସ୍ଥିତ ରହି ନିଜର ମତ ରଖିଥିଲେ ।

କଶ୍ମୀରରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ପାଇଁ ପ୍ରଚାର ଶେଷ

ଶ୍ରୀନଗର,୨୩।୯

ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ବୁଧବାର ଅନୁଷ୍ଠିତ ହେବାକୁ ଥିବାବେଳେ ସୋମବାର ଅପରାହ୍ନରେ ପ୍ରଚାର ଶେଷ ହୋଇଛି। ଶେଷ ଦିନରେ ବିଭିନ୍ନ ଦଳର ନେତାମାନେ ଜୋରଦାର ପ୍ରଚାର କରିଥିଲେ। ଏହି ପର୍ଯ୍ୟାୟରେ ୫ ଜିଲା ରିଆସି, ରାଜୌରୀ, ପୁଞ୍ଚ୍ ଶ୍ରୀନଗର ଏବଂ ବଡଗାମ୍‌ର ୨୬ ନିର୍ବାଚନ ମଣ୍ଡଳୀରେ ମତଦାନ ହେବ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ସେମବାର କଶ୍ମୀରରେ ନିର୍ବାଚନ ପ୍ରଚାର ଅବସରରେ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାରଙ୍କୁ ଟାର୍ଗେଟ କରିଥିଲେ। ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇ ଆଣିବା ପାଇଁ କଂଗ୍ରେସ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବ ବୋଲି ସେ କହିଥିଲେ। ଲୋକ ସଭା ନିର୍ବାଚନରେ ପରେ ଇଣ୍ଡିଆ ବ୍ଲକ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନସ୍ତତ୍ତ୍ୱକୁ ଭାଙ୍ଗିଦେଇଛି। ଭାରତ ଇତିହାସରେ ପ୍ରଥମ ଥର ପାଇଁ ଏକ ରାଜ୍ୟକୁ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରାଯାଇଛି। ଲୋକମାନଙ୍କ ଗଣତାନ୍ତ୍ରିକ ଅଧିକାରକୁ ଛଡ଼ାଇ ନିଆଯାଇଛି। ରାଜ୍ୟ ମାନ୍ୟତା ଫେରାଇ ଆଣିବା ଦାବିକୁ କଂଗ୍ରେସ ପ୍ରାଥମିକତା ଦେବ ବୋଲି ରାହୁଲ କହିଥିଲେ।

ଅନ୍ୟପକ୍ଷରେ ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବଦୁଲା ସୋମବାର କହିଛନ୍ତି, ଜମ୍ମୁ-କଶ୍ମୀର ଜନସାଧାରଣଙ୍କ ସମ୍ମାନ ସହ ଜଡ଼ିତ ସମ୍ବିଧାନର ଅନୁଚ୍ଛେଦ ୩୭୦ ପୁନର୍ବାର ଲାଗୁ କରିବା ପାଇଁ ତାଙ୍କ ଦଳ ବାରମ୍ବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବ। ୩୭୦ ଉଚ୍ଛେଦ ପରେ ଆତଙ୍କବାଦ ଶେଷ ହୋଇଥିବା ଭାଜପା ଦାବି କରୁଥିବାବେଳେ ଶାନ୍ତିପୂର୍ଣ୍ଣ ଜମ୍ମୁ ଅଞ୍ଚଳରେ ବାରମ୍ବାର ଆତଙ୍କବାଦୀ ଆକ୍ରମଣ ଜାରି ରହିଛି।

ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଲା କଂଗ୍ରେସ

ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଇ ରାଜଭବନରୁ ଫେରୁଛନ୍ତି ରାଜ୍ୟ କଂଗ୍ରେସର ଏକ ସ୍ୱତନ୍ତ୍ର ମହିଳା ଦଳ।

ସୁପ୍ରିମକୋର୍ଟ ଜଜ୍‌ଙ୍କ ତତ୍ତ୍ୱାବଧାନରେ ଭରତପୁର ଥାନା ଘଟଣାର ତଦନ୍ତ ହେଉ

ଭୁବନେଶ୍ୱର, ୨୩।୯(ସୁନିତ୍ ମିଶ୍ର)

ଭରତପୁର ଥାନା ଘଟଣାରେ ରାଷ୍ଟ୍ରପତିଙ୍କର ହସ୍ତକ୍ଷେପ ଓ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ରାଜ୍ୟ କଂଗ୍ରେସର ଏକ ସ୍ୱତନ୍ତ୍ର ମହିଳା ଦଳ ଷ୍ଟିୟରିଂ କମିଟିର ସଦସ୍ୟା ସସ୍ମିତା ବେହେରାଙ୍କ ନେତୃତ୍ୱରେ ରାଜଭବନ ଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜଣେ ସୁପ୍ରିମକୋର୍ଟ ଜଜ୍‌ଙ୍କ ତତ୍ତ୍ୱାବଧାନରେ ଉକ୍ତ ଘଟଣାର ତଦନ୍ତ ପାଇଁ ସସ୍ମିତା ରାଷ୍ଟ୍ରପତିଙ୍କୁ ଦାବି କରିଛନ୍ତି।

ଭରତପୁର ଘଟଣାରେ ପୋଲିସ ଯେଉଁଭଳି ବର୍ବର, ଅଶାଳୀନ ଆଚରଣ ଓ ଯୌନ ନିର୍ଯାତନା କଲା, ତାହାକୁ ନିନ୍ଦା କରି ଏବଂ ଯେଉଁ ଅସାମାଜିକ ଯୁବକମାନେ ଜଣେ ସେନା ଅଧିକାରୀ ଏବଂ ତାଙ୍କ ବାନ୍ଧବୀଙ୍କୁ ଦୁର୍ବ୍ୟବହାର କରିଥିଲେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଓଡ଼ିଶା ପୋଲିସର ବ୍ୟବହାର ଅତ୍ୟନ୍ତ ଦୁଃଖଦାୟକ ଓ ନିନ୍ଦନୀୟ, ଯାହାକି ଓଡ଼ିଶାକୁ ସମଗ୍ର ଭାରତବର୍ଷରେ ନିନ୍ଦିତ କରିଛି ବୋଲି ସେମାନେ ସେଥିରେ ଦର୍ଶାଇଛନ୍ତି। ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ନାରୀ ଏବଂ ବିଶେଷକରି ଦଳିତ ଆଦିବାସୀ ନାବାଳିକାଙ୍କ ଉପରେ ଦିନକୁ ଦିନ ବଢ଼ିଚାଲିଥିବା ଅତ୍ୟାଚାରକୁ ନେଇ କଂଗ୍ରେସ ଅତ୍ୟନ୍ତ ବିବ୍ରତ ବୋଲି ରାଜ୍ୟପାଳଙ୍କ ପାଖକୁ ଯାଇଥିବା ପ୍ରତିନିଧି ଦଳ ପ୍ରକାଶ କରିଛନ୍ତି। ସେମାନେ ଦାବି କରିଥିଲେ ରାଷ୍ଟ୍ରପତି ଏ ଘଟଣା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ଏବଂ ରାଜ୍ୟର ଆଇନଶୃଙ୍ଖଳାକୁ ରକ୍ଷାକରିବା ଦିଗରେ ପଦକ୍ଷେପ ନେବା ପାଇଁ ସରକାରଙ୍କୁ ତାଗିଦା କରନ୍ତୁ।

ଭରତପୁର ଘଟଣାର ରିପୋର୍ଟ ଶୀଘ୍ର ପ୍ରକାଶ ପାଇବ: ମନମୋହନ

ଭୁବନେଶ୍ୱର, ୨୩।୯(ସୁନିତ୍ ମିଶ୍ର)

ଭରତପୁର ଥାନା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ଅତ୍ୟନ୍ତ ଯତ୍ନ ଏବଂ ସଂଯମ ରକ୍ଷା କରି ଉଚିତ ପଦକ୍ଷେପ ଗ୍ରହଣ କରିବା ସହ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶକୁ ସ୍ୱାଗତ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ପ୍ରଥମେ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ଏହାପରେ ଘଟଣାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦିଆଗଲା। ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ କ୍ରାଇମବ୍ରାଞ୍ଚ ତଦନ୍ତ କରାଯିବା ସହିତ ଯଥାଶୀଘ୍ର ରିପୋର୍ଟ ପ୍ରକାଶ ପାଇବ। ମହିଳାଙ୍କ ସୁରକ୍ଷା ସହ ସେମାନଙ୍କ ସଶକ୍ତୀକରଣ ହେଉଛି ସରକାରଙ୍କ ମୂଳ ଲକ୍ଷ୍ୟ । ମହିଳା ଅପରାଧ କ୍ଷେତ୍ରରେ ସର୍ବଦା ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯିବ। ଦୋଷୀଙ୍କୁ ଦଣ୍ଡ ଏବଂ ନିର୍ଦ୍ଦୋଷଙ୍କୁ ନ୍ୟାୟ ପାଇଁ ଭାଜପା ସରକାର କୌଣସି ସାଲିସ୍ କରିବ ନାହିଁ ବୋଲି ମନମୋହନ କହିଛନ୍ତି। ଅଯଥାରେ ଭରତପୁର ଘଟଣାକୁ ରାଜନୀତିକରଣ କରାଯାଉଛି । ମାତ୍ର ୧୦୦ ଦିନର ଭାଜପା ସରକାରର ଜନକଲ୍ୟାଣକାରୀ କାର୍ଯ୍ୟରେ ବିଜେଡି, କଂଗ୍ରେସ ସମେତ ଅନ୍ୟାନ୍ୟ ରାଜନୈତିକ ଦଳ ଭୟଭୀତ ହୋଇ ପଡ଼ିଛନ୍ତି । ମହିଳା ସୁରକ୍ଷାକୁ ପ୍ରାଥମିକତା ଦେଇ ଆମ ସରକାର କାର୍ଯ୍ୟ କରୁଛି। ମହିଳା ବିରୋଧୀ ହିଂସାକୁ ଆଦୌ ବରଦାସ୍ତ କରାଯିବ ନାହିଁ କି ଏଭଳି ହୀନ ଘଟଣାରେ ସମ୍ପୃକ୍ତ ଜଣଙ୍କୁ ହେଲେ ବି ଛଡ଼ାଯିବ ନାହିଁ ବୋଲି ମନମୋହନ କହିଛନ୍ତି।

ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ: ନବୀନ

ଭୁବନେଶ୍ୱର,୨୩।୯(ଅନିଲ ଦାସ)

ଶଙ୍ଖଭବନଠାରେ ନବରଙ୍ଗପୁର ଜିଲା ସାଙ୍ଗଠନିକ ବିଜେଡି କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଓ ଅନ୍ୟ ନେତୃବୃନ୍ଦ।

- ନବରଙ୍ଗପୁର ଜିଲା ବିଜେଡି ସାଙ୍ଗଠନିକ କର୍ମକର୍ତ୍ତା ସମ୍ମିଳନୀ
- ୨୬ରେ ୧୨ ଘଣ୍ଟିଆ ହରତାଳ

ନବରଙ୍ଗପୁର ଓ କଳାହାଣ୍ଡି ଜିଲା ସାଙ୍ଗଠନିକ ବିଜେଡି କାର୍ଯ୍ୟକର୍ତ୍ତା ସମ୍ମିଳନୀ ସୋମବାର ଶଙ୍ଖଭବନରେ ଅନୁଷ୍ଠିତ ହୋଇଛି। ପୃଥକ ବୈଠକରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗଦେଇ ଦୁଇ ଜିଲାର କାର୍ଯ୍ୟକର୍ତ୍ତା, କର୍ମୀ ଓ ନିର୍ବାଚିତ ପ୍ରତିନିଧିମାନଙ୍କ ସହ ସଙ୍ଗଠନ ବିଷୟରେ ସିଧାସଳଖ ଆଲୋଚନା କରିଛନ୍ତି ।

ନବରଙ୍ଗପୁର ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ରମେଶ ମାଝୀ, ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ସାଂସଦ ପ୍ରାର୍ଥୀ ପ୍ରଦୀପ ମାଝୀ, ସଦାଶିବ ପ୍ରଧାନୀ, ମୂଳା ମାଝୀ ପ୍ରମୁଖ ଯୋଗଦେଇ ଦଳୀୟ ସଙ୍ଗଠନ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ନବରଙ୍ଗପୁର ନେତୃମଣ୍ଡଳୀ ସେମାନଙ୍କ ଅଭିଭାଷଣରେ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣକରି କହିଥିଲେ, ତେନ୍ତୁଳିଖୁଣ୍ଟି ବ୍ଲକ ଅଧୀନରେ ଥିବା କଟଗାଁ ଗ୍ରାମର ଜଣେ ଆଦିବାସୀ ନାବାଳିକା ଝିଅକୁ ବଳାତ୍କାର କରି ହତ୍ୟା କରାଯାଇଛି । ଏତଲା ଉପରେ ସ୍ଥାନୀୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ଏହାର ପ୍ରତିବାଦରେ ନବରଙ୍ଗପୁର ଜିଲା ବିଜେଡି ଆସନ୍ତା ୨୬ ତାରିଖରେ ସମ୍ପୂର୍ଣ୍ଣ ଜିଲାରେ୧୨ ଘଣ୍ଟିଆ ହରତାଳ ଡାକରା ଦେଇଛି । ଏହି ସଭାରେ ନବୀନ କହିଛନ୍ତି, ଖାଲି ନବରଙ୍ଗପୁର ଜିଲା ନୁହେଁ, ସମଗ୍ର ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। କିଛିଦିନ ତଳେ ରାଉରକେଲାରେ ମଧ୍ୟ ୨ ଜଣ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଛି। ତେବେ ଆମ ସରକାର ସମୟରେ ରାଜ୍ୟରେ ବହୁ ଉନ୍ନତିମୂଳକ କାର୍ଯ୍ୟ କରାଯାଇଥିଲା ବୋଲି ନବୀନ କହିଛନ୍ତି ।

ଅନୁରୂପ ଭାବେ କଳାହାଣ୍ଡି ଜିଲା ବିଜେଡି ସାଙ୍ଗଠନିକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ, ଜୁନାଗଡ଼ ବିଧାୟକ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ନର୍ଲା ବିଧାୟିକା ମନୋରମା ମହାନ୍ତି, ମହିଳା ଜିଲା ସଭାନେତ୍ରୀ ଲଳିତା ନାୟକ, ଜିଲାର ବିଭିନ୍ନ ନିର୍ବାଚିତ ପ୍ରତିନିଧି ସଙ୍ଗଠନ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ସଭାରେ ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର କହିଥିଲେ, ଆଗକୁ ଦଳ ସଙ୍ଗଠିତ ହୋଇ ଭାଜପା ସରକାର ବିରୋଧରେ ଲଢ଼େଇ ଜାରି ରଖିବ ।

ଜଳେଶ୍ୱର ବିଧାନସଭା ନିର୍ବାଚନୀ ମାମଲା

୨ ମାସ ସମୟ ନେଲେ ବିଧାୟକ ଅଶ୍ୱିନୀ ପାତ୍ର

କଟକ,୨୩।୯
(କାର୍ତ୍ତିକ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବିଧାନସଭା ନିର୍ବାଚନ ଅନିୟମିତତା ମାମଲାରେ ଜବାବ ଦାଖଲ ପାଇଁ ବିଧାୟକ ଅଶ୍ୱିନୀ ପାତ୍ର ୨ ମାସ ସମୟ ନେଇଛନ୍ତି। ବିଚାରପତି ଶଶିକାନ୍ତ ମିଶ୍ର ସୋମବାର ମାମଲାର ଶୁଣାଣି କରି ବିଧାୟକଙ୍କୁ ସମୟ ନେବା ନିମନ୍ତେ ଅନୁମତି ଦେଇଛନ୍ତି। ଆସନ୍ତା ଅକ୍ଟୋବର ୨୮ରେ ମାମଲାର ପରବର୍ତ୍ତି ଶୁଣାଣି ହେବ।

ସୂଚନାଯୋଗ୍ୟ, ୨୦୨୪ ନିର୍ବାଚନରେ ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର ବେଆଇନ ଭାବେ ଏଜେଣ୍ଟ ନିଯୁକ୍ତି କରିଥିବା ଅଭିଯୋଗ ଆଣି ଭାଜପା ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ମାମଲା ରୁଜୁ କରିଥିଲେ। ବିଧାୟକ ପାତ୍ର ଏଜେଣ୍ଟ ଭାବେ ଜଳେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କୁ ନିଯୁକ୍ତି ଦେଇଥିଲେ। ସେହିପରି ଭୋଟ ଗଣତି ସମୟରେ ମଧ୍ୟ ଜଳେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ଏଜେଣ୍ଟ ଭାବେ ଦାୟିତ୍ୱରେ ଥିଲେ। ନିର୍ବାଚନ କମିଶନଙ୍କ ନିୟମ ଅନୁଯାୟୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ଏଜେଣ୍ଟ ଭାବେ ରହିପାରିବେ ନାହିଁ। ଏଭଳି ବେଆଇନ କାର୍ଯ୍ୟ ପାଇଁ ତାଙ୍କ ବିଧାୟକ ପଦ ରଦ୍ଦ କରିବା ସହ ପୁନଃ ନିର୍ବାଚନ ଲାଗି ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ। ଫଳରେ ହାଇକୋର୍ଟ ବିଧାୟକ ପାତ୍ରଙ୍କୁ ଜବାବ ଦାଖଲ ଲାଗି ନୋଟିସ ଜାରି କରିଥିଲେ।

ଥମୁନି ଭୁବନେଶ୍ୱର ବିଜେଡି କଳି

ଭୁବନେଶ୍ୱର,୨୩।୯ (ଅନିଲ ଦାସ)

ଭୁବନେଶ୍ୱର ଜିଲା ବିଜେଡିରେ ଗୋଷ୍ଠୀ କନ୍ଦଳ ବଢୁଛି। ନିର୍ବାଚନ ପୂର୍ବରୁ ଚାଲିଥିବା ଆରୋପ ପ୍ରତ୍ୟାରୋପ ରବିବାର ଶଙ୍ଖଭବନ ଗଣ୍ଡଗୋଳ ପରେ ପୁଣି ଦେଖିବାକୁ ମିଳିଛି। ବିଦ୍ରୋହୀ କର୍ପୋରେଟର ଅମରେଶ ଜେନା ଓ ବିରଞ୍ଚି ମହାସୁପକାର ଅଭିଯୋଗ କରିଛନ୍ତି, ଜଣେ ପୂର୍ବତନ ମନ୍ତ୍ରୀଙ୍କ ଇଙ୍ଗିତରେ ବିଶୃଙ୍ଖଳା ଭିଆଯାଇଛି। ରବିବାର ଶଙ୍ଖ ଭବନକୁ ଜଣେ ଭାଜପା ସଦସ୍ୟ ରାଜେଶ ପାତ୍ରଙ୍କୁ ଆଣି ଗଣ୍ଡଗୋଳ କରାଇଛନ୍ତି। ଏନେଇ ବିଜେଡି ସଭାପତିଙ୍କ ନିକଟରେ ଅଭିଯୋଗ କରିବେ ବୋଲି ଉଭୟ କହିଛନ୍ତି। ୨୦୨୪ ନିର୍ବାଚନ ଟିକେଟ ବଣ୍ଟନ ବେଳୁ ଭୁବନେଶ୍ୱର ବିଜେଡିରେ କଳି ବଢ଼ିବାରେ ଲାଗିଛି । ଅମରେଶ ଓ ବିରଞ୍ଚି ସିଧାସଳଖ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ଓ ମଧ୍ୟ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ବିରୋଧ କରି ଆସୁଛନ୍ତି । ଅମରେଶ ଓ ବିରଞ୍ଚିଙ୍କୁ କୋଣଠେସା କରିବାକୁ ଅନ୍ୟ କର୍ପୋରେଟରଙ୍କୁ ନେଇ ବିରୋଧ ଆରମ୍ଭ ହୋଇଛି । ଦଳର ବରିଷ୍ଠ ନେତାଙ୍କ ଉପସ୍ଥିତିରେ ହୋହଲ୍ଲା ଆଉ ଏହାପରେ କଡ଼ା ସମାଲୋଚନା ଦଳୀୟ ଶୃଙ୍ଖଳା ଉପରେ ପ୍ରଶ୍ନବାଚୀ ଲଗାଇଛି ।

ଅଶୋକ ପଣ୍ଡାଙ୍କ ନାଁରେ ଥାନାରେ ଏତଲା

ଭୁବନେଶ୍ୱର,୨୩।୯ (ସୂର୍ଯ୍ୟକାନ୍ତ ବେହେରା)

ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ବିରୋଧରେ କ୍ୟାପିଟାଲ ଥାନାରେ ସୋମବାର ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ବିବେକ ସ୍ୱାଇଁ ଏତଲା ଦେଇଛନ୍ତି। କ୍ୟାପିଟାଲ ହସ୍ପିଟାଲ ନିକଟରେ ତାଙ୍କ ବନ୍ଧୁଙ୍କ ପାଖକୁ ଯାଉଥିବା ସମୟରେ ପୂର୍ବତନ ମନ୍ତ୍ରୀ ପଣ୍ଡା ଦୁଇ ସହଯୋଗୀଙ୍କ ସହ ଆସି ଗାଡି ମଡ଼ାଇଦେବାକୁ ଧମକ ଦେଇଥିବା ସ୍ୱାଇଁ ଅଭିଯୋଗରେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ଭୁବନେଶ୍ୱର ବିଜେଡିରେ କନ୍ଦଳ ଥମିବାର ନାଁ ଧରୁନି। ରବିବାର ଶଙ୍ଖ ଭବନରେ ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ବିବାଦ ଥାନାରେ ପହଞ୍ଚିଛି। ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ସମର୍ଥକ ରାଜେଶ ପାତ୍ର କର୍ପୋରେଟର ଅମରେଶ ଜେନା ଓ ବିରଞ୍ଚି ନାରାୟଣ ମହାସୁପକାରଙ୍କ ନାଁରେ ଅଭିଯୋଗ ଆଣିଥିଲେ। ଏବେ ଅଶୋକ ପଣ୍ଡାଙ୍କ ନାଁରେ ପାଲଟା କର୍ପୋରେଟର ଅମରେଶ ଜେନାଙ୍କ ସମର୍ଥକ ବିବେକ ଅଭିଯୋଗ ଆଣିଥିବାରୁ ଦଳରେ କୁହୁଳୁଥିବା ନିଆଁ କ୍ରମଶଃ ଉଗ୍ରରୂପ ନେଉଥିବା ଆଶଙ୍କା ଦେଖାଦେଇଛି।

ଝାରସୁଗୁଡ଼ା ବିଧାନସଭା ନିର୍ବାଚନୀ ମାମଲା

୬ ସପ୍ତାହ ସମୟ ନେଲେ ବିଧାୟକ ଟଙ୍କଧର

କଟକ, ୨୩।୯ (କାର୍ତ୍ତିକ ସାହୁ): ଝାରସୁଗୁଡ଼ା ବିଧାନସଭା ନିର୍ବାଚନୀ ମାମଲାରେ ଜବାବ ଦାଖଲ ପାଇଁ ବିଧାୟକ ଟଙ୍କଧର ତ୍ରିପାଠୀ ୬ ସପ୍ତାହ ସମୟ ମିଳିଛି। ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ମାମଲାର ଶୁଣାଣି କରିଛନ୍ତି। ଅକ୍ଟୋବର ୨୮ରେ ପରବର୍ତ୍ତି ଶୁଣାଣି ହେବ। ୨୦୨୪ ନିର୍ବାଚନରେ ଟଙ୍କଧର ନିର୍ବାଚନ ସତ୍ୟପାଠରେ ତଥ୍ୟ ଲୁଚାଇଥିବା ପରାଜିତ ବିଜେଡି ପ୍ରାର୍ଥୀ ଦିପାଳି ଦାସ ଅଭିଯୋଗ କରିଥିଲେ। ତ୍ରିପାଠୀଙ୍କ ନାମରେ ବହୁ ଆପରାଧିକ ମାମଲା ଥିଲେ ମଧ୍ୟ ଅନେକ ମାମଲା ବିଷୟରେ ସେ ସତ୍ୟପାଠରେ ଦର୍ଶାଇନାହାନ୍ତି। ତେଣୁ ତାଙ୍କ ବିଧାୟକ ପଦ ରଦ୍ଦ କରାଯାଇ ସହ ସାନି ନିର୍ବାଚନ ପାଇଁ ଆଦେଶ ଦେବାକୁ ଆବେଦନକାରିଣୀ ପ୍ରାର୍ଥନା କରିଥିଲେ। ଏହି ମାମଲାରେ ବିଧାୟକ ଟଙ୍କଧର ତ୍ରିପାଠିଙ୍କୁ ହାଇକୋର୍ଟ ନୋଟିସ ଜାରି କରିଥିଲେ।

ରାଜ୍ୟ ସରକାରଙ୍କ ସଫଳତାକୁ ପ୍ରତ୍ୟାଖ୍ୟାନ କଲା ବିଜେଡି

- କେନ୍ଦ୍ରାପଡ଼ା ବିକାଶ ମେଳା ସଭା ସାଂସ୍କୃତିକ ମହୋତ୍ସବରେ ସୀମିତ
- ଯୋଗଦେଲେନାହିଁ ୪ ବିଜେଡି ବିଧାୟକ

କେନ୍ଦ୍ରାପଡ଼ା, ୨୩।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାସ୍ତରୀୟ ସାଂସ୍କୃତିକ ମହୋତ୍ସବରେ ମଞ୍ଚାସୀନ ପ୍ରଶାସନିକ ଅଧିକାରୀ ଓ ଅତିଥି।

ରାଜ୍ୟ ଭାଜପା ସରକାରଙ୍କ ୧୦୦ ଦିନ ଶାସନ ପୂର୍ତ୍ତି ଉପଲକ୍ଷେ ଜିଲାସ୍ତରୀୟ ବିକାଶ ମେଳା ଓ ସାଂସ୍କୃତିକ ମହୋତ୍ସବ ଆୟୋଜିତ ହେଉଛି। ତେବେ କେନ୍ଦ୍ରାପଡ଼ା ଜିଲାରେ ଏହି ମେଳାକୁ ବିଜେଡି ପ୍ରତ୍ୟାଖ୍ୟାନ କରିଛି। ଦ୍ୱିତୀୟ ସନ୍ଧ୍ୟାରେ ହେବାକୁ ଥିବା ସଭାରେ ଜିଲାର ନିମନ୍ତ୍ରିତ ୪ ବିଜେଡି ବିଧାୟକ ଯୋଗଦେଇନାହାନ୍ତି। ଫଳରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ବିକାଶ ମେଳାର ଅଭିମୁଖ୍ୟ ପରିପ୍ରକାଶ ନ ହୋଇ କେବଳ ସାଂସ୍କୃତିକ ମହୋତ୍ସବରେ ସୀମିତ ହୋଇଯାଇଛି। ଅପରପକ୍ଷରେ ସାଂସ୍କୃତିକ ମହୋତ୍ସବ ପାଇଁ ଏକ ସଭା କରି ଜିଲାର ବିକାଶ ନିମନ୍ତେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ କହିଛନ୍ତି।

ରାଜ୍ୟ ସରକାରଙ୍କ ଶାସନର ୧୦୦ ଦିନ ପୂର୍ତ୍ତି ଉପଲକ୍ଷେ ଓ ଆସନ୍ତା ୨୦୩୬ ମସିହା ସୁଦ୍ଧା 'ପ୍ରଗତିର ନୂତନ ସୂର୍ଯ୍ୟୋଦୟ' ଶୀର୍ଷକରେ ଏହି ମେଳା ରବିବାରଠାରୁ କେନ୍ଦ୍ରାପଡ଼ାରେ ଆରମ୍ଭ ହୋଇଛି। ପ୍ରଥମ ସନ୍ଧ୍ୟାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କେନ୍ଦ୍ରାପଡ଼ା ଜିଲା ବିକାଶର ରୋଡ ମ୍ୟାପ ଦେବା ସହ ଗତ ୧୦୦ ଦିନ ମଧ୍ୟରେ ସରକାରଙ୍କ ସଫଳତା ପ୍ରକାଶ କରିଥିଲେ। ସୋମବାର ସନ୍ଧ୍ୟାରେ ଏଡିଏମ୍ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିକାଶ ମେଳା ସଭା ହେବାକୁ ଥିଲା। ନିମନ୍ତ୍ରଣ ପତ୍ରରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦେବେ ବୋଲି ଉଲ୍ଲେଖ ଥିଲା। ମାତ୍ର କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ଏହି ସଭାରେ କୌଣସି ବିଧାୟକ ଯୋଗଦେଇ ନ ଥିଲେ। ଫଳରେ ଜିଲା ପ୍ରଶାସନ ପକ୍ଷରୁ ଏହି ସଭା ବାତିଲ କରାଯାଇ ସାଂସ୍କୃତିକ ମହୋତ୍ସବ ପାଇଁ ସଭା ଆୟୋଜନ କରିଥିଲେ। ଏଥିରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଏଡିଏମ୍ ନିଲୁ ମହାପାତ୍ର, ଉପଜିଲାପାଳ ରବୀନ୍ଦ୍ର ପ୍ରଧାନ, ଅତିରିକ୍ତ ଉପଜିଲାପାଳ ଅଶୋକ ଦାସ, ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କୃପାସିନ୍ଧୁ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ ଯେ, ବିକଶିତ କେନ୍ଦ୍ରାପଡ଼ା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା। ଜିଲା ପ୍ରଶାସନ ସରକାରଙ୍କ ସମସ୍ତ ଯୋଜନା ଓ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପନ୍ନ ପାଇଁ ସର୍ବଦା ପ୍ରୟାସ କରିଆସିଛି। ସମସ୍ତଙ୍କ ସହଯୋଗ ମିଳିଲେ କେନ୍ଦ୍ରାପଡ଼ାର ପ୍ରଗତି ହେବ ବୋଲି କହିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାରେ ନିମନ୍ତ୍ରିତ ଅତିଥି ଯୋଗ ନ ଦେବା ସମ୍ପର୍କରେ ପଚାରିବାରୁ ଜିଲାପାଳ ପ୍ରଧାନ କହିଥିଲେ, ସମସ୍ତ ଅତିଥିଙ୍କ ସହମତିରେ ନିମନ୍ତ୍ରଣ କାର୍ଡ ଛପାଯାଇଛି। କେଉଁ ଉଦ୍ଦେଶ୍ୟରେ ସଭାରେ ସେମାନେ ଯୋଗଦେଇନାହାନ୍ତି, ସେ ସମ୍ପର୍କରେ ଜାଣିନାହାନ୍ତି। ଏହି ପ୍ରଶ୍ନର ଉତ୍ତରରେ ମୁଖ୍ୟ ଅତିଥି ଥିବା ଗଣେଶ୍ୱର ବେହେରାଙ୍କୁ ପଚାରିବାରେ ଦଳୀୟ ନିଷ୍ପତ୍ତି ଅନୁଯାୟୀ ଏହି ସଭାକୁ କୌଣସି ବିଜେଡି ବିଧାୟକ ଯାଇନାହାନ୍ତି ବୋଲି ସେ କହିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଏହି ସଭା ରାଜନୀତିକୁ ନେଇ ସାମାଜିକ ଗଣମାଧ୍ୟମରେ ଆଲୋଚନା ଆରମ୍ଭ ହୋଇଯାଇଛି।

ଜନ୍ମଦିନର ଶୁଭେଚ୍ଛା
ନାମ: ....
ବୟସ:...............................
ଜନ୍ମ ତାରିଖ: ....
ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ
ବୁବୁଲୁ
ପରିବାରବର୍ଗ
ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୨୩।୯

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନସେକ୍ସ ୩୮୪ (୩୮୪.୩୦) ପଏଣ୍ଟ ବଢି ୮୪,୯୨୯ (୮୪,୯୨୮.୬୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୧୪୮ (୧୪୮.୧୦) ପଏଣ୍ଟ ବୃଦ୍ଧି ଘଟି ୨୫,୯୩୯ (୨୫,୯୩୯.୦୫) ଅଙ୍କରେ କାରବାର ଶେଷ ହୋଇଥିଲା।

ନୂତନ ସଦସ୍ୟତାରେ ଇପିଏଫଓର ରେକର୍ଡ

ଜୁଲାଇରେ ୧୯.୯୪ ଲକ୍ଷ ସଦସ୍ୟ ସାମିଲ

ଭୁବନେଶ୍ୱର,୨୩।୯ (ଅନୁରାଧା ମହାରଣା)

କେନ୍ଦ୍ର ଶ୍ରମ ଓ ରୋଜଗାର ଏବଂ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ସୋମବାର ଜୁଲାଇ ୨୦୨୪ ପାଇଁ କର୍ମଚାରୀ ଭବିଷ୍ୟନିଧି ସଂସ୍ଥାନ ଇପିଏଫଓର ଅସ୍ଥାୟୀ ବେତନ ତଥ୍ୟ ପ୍ରକାଶ କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ଜୁଲାଇ ୨୦୨୪ ମାସରେ ଇପିଏଫଓ ୧୯.୯୪ ଲକ୍ଷ ନେଟ ସଦସ୍ୟଙ୍କୁ ଯୋଡିଛି, ଯାହାକି ଏପ୍ରିଲ ୨୦୧୮ରେ ବେତନ ତଥ୍ୟର ଟ୍ରାକିଂ ପରଠାରୁ ରେକର୍ଡ ହୋଇଥିବା ସର୍ବାଧିକ ଅଭିବୃଦ୍ଧି ଅଟେ। ସୂଚନା ଥାଉକି, ୨୦୨୪ ଜୁଲାଇ ତୁଳନାରେ ଇପିଏଫଓ ୧୦.୫୨ ଲକ୍ଷ ନୂତନ ସଦସ୍ୟ ଯୋଡିଛି, ଯାହା ଜୁନ ୨୦୨୪ ତୁଳନାରେ ୨.୬୬ ପ୍ରତିଶତ ଏବଂ ଜୁଲାଇ ୨୦୨୩ ତୁଳନାରେ ୨.୪୩ ପ୍ରତିଶତ ବୃଦ୍ଧି ହୋଇଛି। ପ୍ରାୟ ୧୪.୬୫ ଲକ୍ଷ ସଦସ୍ୟ ଯେଉଁମାନେ ସିଷ୍ଟମରୁ ବାହାରିଥିଲେ ସେମାନେ ଜୁଲାଇରେ ଇପିଏଫଓରେ ଯୋଗଦାନ କରିଥିଲେ। ଏହି ସଂଖ୍ୟା ବର୍ଷକୁ ବର୍ଷ ୧୫.୨୫% ବୃଦ୍ଧି ହେଉଥିବା ଆକଳନ କରାଯାଇଛି। ସେହିପରି ୨୦୨୪ ଜୁଲାଇରେ ୮.୭୭ ଲକ୍ଷ ନେଟ ସଦସ୍ୟଙ୍କ ଯୋଗଦାନ ସହିତ ୧୮-୨୫ ବର୍ଷ ବୟସ ଶ୍ରେଣୀରେ ସର୍ବାଧିକ ଅଭିବୃଦ୍ଧି ହୋଇଛି। ଜୁଲାଇ ୨୦୨୪ ରେ ପ୍ରାୟ ୩.୦୫ ଲକ୍ଷ ନୂତନ ମହିଳା ସଦସ୍ଯ ଉଚରଙ୍ଗ ରେ ଯୋଗ ଦେଇଥିଲେ, ଯାହାକି ବର୍ଷ ତୁଳନାରେ ୧୦.୯୪ ପ୍ରତିଶତ ଅଭିବୃଦ୍ଧି ଦର୍ଶାଇଥିଲା ମୋଟ ଉପରେ, ୪.୪୧ ଲକ୍ଷ ଶୁଦ୍ଧ ମହିଳା ସଦସ୍ଯ ଯୋଗ କରାଯାଇଥିଲା, ଯାହାକି ଜୁଲାଇ ୨୦୨୩ ତୁଳନାରେ ବେତନ ଟ୍ରାକିଂ ୧୪.୪୧ ପ୍ରତିଶତ ବୃଦ୍ଧି ସହିତ ମହିଳାଙ୍କ ସର୍ବାଧିକ ମାସିକ ବୃଦ୍ଧି ହୋଇଛି। ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, ହରିୟାଣା ଏବଂ ଗୁଜୁରାଟ ରାଜ୍ୟଗୁଡିକ ଜୁଲାଇ ୨୦୨୪ରେ ମୋଟ ନେଟ ସଦସ୍ୟଙ୍କ ୫୯.୨୭ ପ୍ରତିଶତ ଅଂଶ ଗ୍ରହଣ କରିଥିଲେ। ଯାହାକି ୧୧.୮୨ ଲକ୍ଷ ସଦସ୍ୟଙ୍କୁ ଯୋଡିଥିଲା। ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ମହାରାଷ୍ଟ୍ର ଏହି ମାର୍ଗରେ ନେତୃତ୍ୱ ନେଇଛି। ଯେଉଁଥିରେ ମୋଟ ନୂତନ ସଦସ୍ୟଙ୍କ ୨୦.୨୧% ଯୋଗଦାନ ରହିଛି।

ଖଣ୍ଡାବସା ଅଭିନନ୍ଦନ
ମା'ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ନୀଳମଣି ନାଏକ
ପିଇଓ, ପିଳିକିଆ ପଞ୍ଚାୟତ, ଜୁନାଗଡ ବ୍ଲକ, କଳାହାଣ୍ଡି

ଖଣ୍ଡାବସା ଅଭିନନ୍ଦନ
ମା'ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ ଜୁନାଗଡ ବ୍ଲକବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ନରେନ୍ଦ୍ର ରାଉତ
ପିଇଓ, ବଳଦିଆମାଲ ପଞ୍ଚାୟତ, ଜୁନାଗଡ ବ୍ଲକ, କଳାହାଣ୍ଡି

ଖଣ୍ଡାବସା ଅଭିନନ୍ଦନ
ମା'ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ ଜୁନାଗଡ ବ୍ଲକବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ଶିବଶଙ୍କର ନାଏକ
ସରପଞ୍ଚ ଚାରଭଟି ପଞ୍ଚାୟତ, ଜୁନାଗଡ ବ୍ଲକ, କଳାହାଣ୍ଡି

ଖଣ୍ଡାବସା ଅଭିନନ୍ଦନ
ମା'ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡି ଜିଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ଶକ୍ତିରଞ୍ଜନ ମୁଣ୍ଡ
ମୁଣ୍ଡ ଏଗ୍ରୋ ସେଲ୍ସ
ଚିଲକପୁର, କଳାହାଣ୍ଡି

ଖଣ୍ଡାବସା ଅଭିନନ୍ଦନ
ମା'ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡି ଜିଲାକୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ମନୀଷା ସାହୁ
ନିର୍ଦ୍ଦେଶିକା, ସମବାୟ ବ୍ୟାଙ୍କ, ଭବାନୀପାଟଣା

ଖଣ୍ଡାବସା ଅଭିନନ୍ଦନ
ମା'ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡି ଜିଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ପ୍ରଶାନ୍ତ ନାଏକ
ପିଇଓ, ଗୋଲାମୁଣ୍ଡା ବ୍ଲକ, କଳାହାଣ୍ଡି

ଜୟଆଲୁକ୍କାସ ଚେନ୍ ଫେଷ୍ଟ ଉଦ୍‌ଘାଟିତ

ଜନ୍ମଦିନ ଶୁଭେଚ୍ଛା
ଶୃତିଶ୍ରୀ ସିହ୍ନା (ବୁବୁଲୁ)
ବୌଦ୍ଧ, ପୋଡ଼ା ପୋଡ଼ା
ତୋର ୧୬ତମ ଜନ୍ମଦିନ ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ପ୍ରଭୁ ଶ୍ରୀ ସାକ୍ଷୀଗୋପାଳ ଓ ଶ୍ରୀଜଗନ୍ନାଥ ତୋ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ- ଆଈ, ଗୁଗୁଲ୍, ଜୁଜୁଲୁ, ବନ୍ଧୁ ଓ ପରିବାର।
ଧ-୬୭୬୮୦

ଭୁବନେଶ୍ୱର,୨୩।୯

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବିଶ୍ୱସ୍ତରୀୟ ଗହଣା ବ୍ରାଣ୍ଡ ଜୟଆଲୁକ୍କାସର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ 'ଚେନ୍ ଫେଷ୍ଟ' (ଜୟଆଲୁକ୍କାସ ଚେନ ଫେଷ୍ଟ) ନିକଟରେ ଉଦଘାଟିତ ହୋଇଯାଇଛି। ଏହି ଫେଷ୍ଟ ୨୦୨୪ ଅକ୍ଟୋବର ୬ ପର୍ଯ୍ୟନ୍ତ ଜାରି ରହିବ ବୋଲି ପ୍ରତିଷ୍ଠାନ ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ଜୟଆଲୁକ୍କାସ ଚେନ୍ ଫେଷ୍ଟରେ ବ୍ରାଣ୍ଡର ସମସ୍ତ ଆକର୍ଷଣୀୟ ଡିଜାଇନ ଚେନର ସମ୍ଭାର ସାଙ୍ଗକୁ ନୂତନ କଲେକ୍ସନଗୁଡିକର ପ୍ରଦର୍ଶନ କରାଯାଉଛି। ସେହିଭଳି ଗ୍ରାହକଙ୍କୁ ସୁବିଧା ଅଳଙ୍କାର ଯୋଗାଇ ଦେବା ପାଇଁ ଆକର୍ଷଣୀୟ ଅଫର ଓ ରିହାତିର ଘୋଷଣା କରାଯାଇଛି। ଏପରିକି ଏହି ଫେଷ୍ଟ ଜରିଆରେ ଗ୍ରାହକ ୪.୯୯% ଫ୍ଲାଟ ମେକିଂ ଚାର୍ଜର ଲାଭ ଉଠାଇପାରିବେ। ଏ ସମ୍ପର୍କରେ ଜୟଆଲୁକ୍କାସର ଚେୟାରମ୍ୟାନ ତଥା ଏମ୍‌ଡି ଜୟଆଲୁକ୍କାସ କହିଥିଲେ, ଆମେ ଆମର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ ଚେନ୍ ଫେଷ୍ଟକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ଆମର ଗ୍ରାହକଙ୍କୁ କେବଳ ୪.୯୯%ର ଏକ ଅତୁଳନୀୟ ମେକିଂ ଚାର୍ଜର ସୁବିଧା ସହିତ ଆକର୍ଷଣୀୟ ଡିଜାଇନ ଓ ସୂକ୍ଷ୍ମ କାରୁକାର୍ଯ୍ୟରେ ପ୍ରସ୍ତୁତ ଚେନଗୁଡିକୁ କ୍ରୟ କରିପାରିବେ ବୋଲି ସେ ବିସ୍ତୃତଭାବେମତପ୍ରକାଶକରିଛନ୍ତି।

STAR MANAGEMENT COLLEGE
Courses Offered
B.Sc (Comp. Sc) Hons
BBA / BCA
MA PMIR
FREE Course Fees & Hostels for SC / ST Students
Contact for more Details :-
0674-2595970, 9337835703, 9937337659
Address: Forestpark, Bhubaneswar-751009

ଜିଓର ୧.୮୫ଲକ୍ଷ ନୂଆ ମୋବାଇଲ ଗ୍ରାହକ

ଭୁବନେଶ୍ୱର,୨୩।୯

ଦେଶର ପ୍ରମୁଖ ଘରୋଇ ଟେଲିକମ କମ୍ପାନୀ ତଥା ରିଲାଏନ୍ସ ଜିଓ ୨୦୨୪ ଜୁଲାଇରେ ପ୍ରାୟ ୧.୮୫ ଲକ୍ଷ ନୂଆ ମୋବାଇଲ ଗ୍ରାହକ ଏବଂ ୧୧,୦୦୦ ରୁ ଅଧିକ ଜିଓ ଫାଇବର ଓ ଜିଓ ଏୟାରଫାଇବର ଗ୍ରାହକ ଓଡ଼ିଶା ବଜାରରେ ଯୋଡ଼ିଥିବା ଜଣାପଡିଛି। ଉଲ୍ଲେଖଯୋଗ୍ୟ, ଟେଲିକମ ରେଗୁଲେଟୋରି ଟ୍ରାଇ ପକ୍ଷରୁ ନିକଟରେ ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୨୪ ଜୁଲାଇରେ କେବଳ ଜିଓ ଓ ବିଏସ୍‌ଏନ୍‌ଏଲ୍ ଓଡ଼ିଶାରେ ନୂତନ ଗ୍ରାହକ ଯୋଡିଥିବା ବେଳେ ଅନ୍ୟ ଦୁଇ ଅପରେଟର ଏୟାରଟେଲ ଓ ଭୋଡାଫୋନ ଆଇଡିଆ ବହୁ ହଜାର ଗ୍ରାହକ ହରାଇଛନ୍ତି। ବିଏସ୍‌ଏନ୍‌ଏଲ୍ ଏହି ମାସରେ ପ୍ରାୟ ୬୬,୦୦୦ ନୂଆ ଗ୍ରାହକ ଯୋଡିଥିବାବେଳେ ଏୟାରଟେଲ ୪୩୦୦୦ଗ୍ରାହକ ହରାଇଥିବା ଏହି ତଥ୍ୟରୁ ସୂଚନା ମିଳିଛି। ଜୁଲାଇ ମାସରେ ଓଡିଶାର ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ଦୁଇ ଲକ୍ଷ ପାଞ୍ଚ ହଜାର ବୃଦ୍ଧି ପାଇ ୩.୪୩ କୋଟିରେ ପହଞ୍ଚିଛି। ମୋବାଇଲ ଭଳି ଓୟାରଲାଇନ କ୍ଷେତ୍ରରେ ମଧ୍ୟ ଜିଓ ଜୁଲାଇ ମାସରେ ୧୧୦୦୦ରୁ ଅଧିକ ଜିଓ ଫାଇବର ଓ ଜିଓ ଏୟାରଫାଇବର ଗ୍ରାହକ ଯୋଡି ହେବା ସହିତ ରାଜ୍ୟରେ ମୋଟ ଜିଓ ଫାଇବର ଓ ଜିଓ ଏୟାରଫାଇବର ଗ୍ରାହକଙ୍କ ସଂଖ୍ୟା ୩.୨୧ଲକ୍ଷରେ ପହଞ୍ଚିଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି। ଏଥିସହିତ ଜିଓ ରାଜ୍ୟର ପ୍ରଥମ ଅପରେଟର ଭାବେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଓୟାରଲାଇନ ଗ୍ରାହକ ହାସଲ କରିଛି। ଓଡ଼ିଶା ଟେଲିକମ କ୍ଷେତ୍ରରେ ୪୬% ରୁ ଅଧିକ ଗ୍ରାହକ ବଜାର ଅଂଶ ଏବଂ ୫୨% ରାଜସ୍ୱ ବଜାର ଅଂଶ ସହିତ ଏକ ନମ୍ବର ସ୍ଥାନରେ ରହିଥିବା ଜିଓର ରାଜ୍ୟରେ ସର୍ବବୃହତ ୪ଜି ଓ ୫ଜି ନେଟୱର୍କ ରହିଛି।

ଖଣ୍ଡାବସା ଅଭିନନ୍ଦନ
ମା'ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ ଜୁନାଗଡ ବ୍ଲକବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ମଳୟ ରଞ୍ଜନ ଆଚାର୍ଯ୍ୟ, ସରପଞ୍ଚ
ସଦାଶିବ ମହାରଣା, ପିଇଓ
କଲେଇ ଗ୍ରାମପଞ୍ଚାୟତ,ଜୁନାଗଡ ବ୍ଲକ, କଳାହାଣ୍ଡି

Classified Everyday
0674-2580101, 2549949

REAL ESTATE
SALE

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302. D-1434

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot କିଣନ୍ତୁ। 6372851880. D-71076

ଭୁବନେଶ୍ୱରର ଯେକୌଣସି ଏରିଆରେ ଘରବାଡ଼ି ପ୍ଲଟ୍ କିଣିବାକୁ କିମ୍ବା ବିକିବାକୁ ଚାହୁଁଥିଲେ। 9439493164. D-75993

Duplex sale at Bhubaneswar 65,00,000/- and apartment sqft.-4200/- near Kalinganagar, DAV School, Bhubaneswar. 9777433701. D-75992

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9777554170, 7978874990. D-1435

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

Healthcare

Newly open health benefits SPA special offer @ 799 Bapujinagar. 8018429809. D-76156

Full body massage experience, good looking therapist @ 999 (Bhubaneswar). 9078484455. D-1347

Newly open health benefits SPA by expert therapist. Contact- 9938843929. D-76155

Newly open Jyoti SPA positively health benefits (Expert therapist). 8458067955. D-76157

AFFIDAVIT

By virtue of an affidavit before the Executive Magistrate, vide No.-2004, dt. 12.05.17, I Subash Chandra Das, Village- Ganeswarpur, P.O.- Januganj, P.S.- Industrial, Dist.-Balasore have changed the name of my son from "Aritra Das" to "Swasti Swayam Das". Henceforth, he will be known as "Swasti Swayam Das" for all purposes. D-1436

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ
୰ପୂର୍ଣ୍ଣଚନ୍ଦ୍ର ହୋତା
ଜିଜିପି କଲୋନୀ, ରସୁଲଗଡ଼, ଭୁବନେଶ୍ୱର
ଆବିର୍ଭାବ: ୧୫।୦୩।୧୯୬୦
ତିରୋଧାନ: ୧୩।୦୯।୨୦୨୪
ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
ଇତି: ତୁମର ହତଭାଗ୍ୟ ପୁତ୍ର: (ସିନୁ), ଝିଅ (ସାନୁ), ଜ୍ୱାଇଁ (ବିଲୁ), ନାତି (ଆୟୁସ୍), ଭଣଜା, ଭାଣିଜୀ, ପୁତୁରା, ପୁତ୍ରୀ ଓ ଅନ୍ୟାନ୍ୟ ପରିବାରବର୍ଗ।
ଧ-୧୪୩୩

ଜନ୍ମ ଜୟନ୍ତୀ
୰ଶରତ ଚନ୍ଦ୍ର କର
ଅରୁଆଳ, ବରୀ, ଯାଜପୁର
ଆବିର୍ଭାବ: ୨୪।୦୯।୧୯୬୭
ତିରୋଧାନ: ୨୯।୧୨।୨୦୧୮
ତୁମେ ଯେଉଁଠି ବି ଥାଅ ଭଲରେ ଥାଅ, ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ପୁଅ: ବାବୁନି, ଝିଅ: ସୁଚିତ୍ରା, ସଙ୍ଘମିତ୍ରା।
ଧ-୧୪୩୭

ନଥିଙ୍ଗ୍ ପକ୍ଷରୁ ଆକର୍ଷଣୀୟ ରିହାତି

ଭୁବନେଶ୍ୱର,୨୩।୯

ଦେଶର ଦ୍ରୁତ ବିକଶିତ ସ୍ମାର୍ଟଫୋନ୍ ବ୍ରାଣ୍ଡ ନଥିଙ୍ଗ୍ ପକ୍ଷରୁ ଆକର୍ଷଣୀୟ ରିହାତି ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଆଗାମୀ ଫ୍ଲିପ୍‌କାର୍ଟ ବିଗ୍ ବିଲିୟନ ଡେଜ୍ (ବିବିଡି) ପାଇଁ ବ୍ରାଣ୍ଡର ନୂତନ ନଥିଙ୍ଗ ଉତ୍ପାଦଗୁଡିକ ଉପରେ ଆକର୍ଷଣୀୟ ରିହାତି ଦିଆଯାଉଛି। ସେହିଭଳି ବିବିଡି ସମୟରେ ନଥିଙ୍ଗ ଫୋନ୍ (୨ଏ) ଓ ନଥିଙ୍ଗ ଫୋନ୍ (୨ଏ) ପ୍ଲସ୍ ଯଥାକ୍ରମେ ୧୮,୯୯୯ ଟଙ୍କା (୧୦୦୦ ଟଙ୍କାର ବ୍ୟାଙ୍କ ରିହାତି ସମେତ) ଓ ୨୩,୯୯୯ ଟଙ୍କା (୨୦୦୦ ଟଙ୍କାର ବ୍ୟାଙ୍କ ରିହାତି ସମେତ) ର ସର୍ବନିମ୍ନ ମୂଲ୍ୟରେ ଉପଲବ୍ଧ। ଏପରିକି ଗ୍ରାହକମାନେ ନଥିଙ୍ଗ ଫୋନ୍ (୨ଏ) ଓ ନଥିଙ୍ଗ ଫୋନ୍ (୨ଏ) ପ୍ଲସ୍ ସହିତ ଫ୍ଲିପ୍‌କାର୍ଟ କିମ୍ବା ନିର୍ଦ୍ଦିଷ୍ଟ ରିଟେଲ ଆଉଟ୍‌ଲେଟ୍‌ରେ ଉପଲବ୍ଧ ରହିଛି। ପାୱାର ୬୫ଡବ୍ଲ୍ୟୁକୁ କେବଳ ୧୯୯୯ଟଙ୍କାରେ କ୍ରୟ କରିପାରିବେ। ଫୋନ୍ (୨ଏ) ରେ ଡାଇମେନ୍‌ସିଟି ୭୨୦୦ ପ୍ରୋ ପ୍ରୋସେସର ଓ ୫୦୦୦ ଏମ୍‌ଏଏଚ୍ ବ୍ୟାଟେରି ସହ ୪୫ୱାଟ ଫାଷ୍ଟ ଚାର୍ଜିଙ୍ଗ, ୫୦ଏମ୍‌ପି+୫୦ଏମ୍‌ପି ରିୟର କ୍ୟାମେରା, ୩୨ ଏମ୍‌ପି ଫ୍ରଣ୍ଟ କ୍ୟାମେରା ଓ ୬.୭ ଇଞ୍ଚ ଆମୋଲେଡ ଡିସ୍‌ପ୍ଲେ ଭଳି ଫିଚର ରହିଛି। ଫୋନ୍ (୨ଏ) ପ୍ଲସ୍‌ରେ ମିଡିଆଟେକ ଡାଇମେନସିଟି ୭୩୫୦ ପ୍ରୋ ୫ଜି ପ୍ରୋସେସର, ଟ୍ରିପଲ ୫୦ ଏମ୍‌ପି କ୍ୟାମେରା ସିଷ୍ଟମ, ୬.୭ଇଞ୍ଚ ଏଫ୍‌ଏଚ୍‌ଡି+ ଆମୋଲେଡ୍ ଡିସ୍‌ପ୍ଲେ ଭଳି ଫିଚର ରହିଛି। ଏହାଛଡା ଗ୍ରାହକମାନେ ନଥିଙ୍ଗ ଇୟରକୁ ବିବିଡି ସମୟରେ ୭୯୯୯ ଟଙ୍କାରେ କ୍ରୟ କରିପାରିବେ। ଆସନ୍ତା ସେପ୍ଟେମ୍ବର ୨୬ରେ ଲଞ୍ଚ ହେବାକୁ ଯାଉଥିବା ପାୱାର ୧୦୦ଡବ୍ଲ୍ୟୁ ଜିଏନ୍ ଫାଷ୍ଟ ଚାର୍ଜର ମଧ୍ୟ ଏହି ସମୟରେ ୩୪୯୯ଟଙ୍କାର ରିହାତି ମୂଲ୍ୟରେ ଉପଲବ୍ଧ ହେବ।

କିପରି ଦେଖାଯିବେ ଷ୍ଟାଇଲିଶ୍

ଫ୍ୟାଶନ

ଝିଅମାନେ ସବୁବେଳେ ଷ୍ଟାଇଲିଶ୍ ଦେଖାଯିବାକୁ ଚାହାନ୍ତି । ଏହା ସହ କମ୍ଫର୍ଟ ପ୍ରତି ମଧ ଧାନଦେବା ଆବଶ୍ୟକ। କାରଣ ଲେଡିଜ୍‌ଙ୍କୁ ଶପିଂରେ ଅଧିକ ସମୟ ଲାଗିଥାଏ, ଯେଉଁ କାରଣରୁ ସେମାନେ ଅଧିକ ଥକିଯାନ୍ତି। ଯଦି ଆପଣ ଶପିଂ ଲାଗି ମୋଟା ଏବଂ ଷ୍ଟାଇଲିଶ୍ କପଡ଼ା ପିନ୍ଧିଯାଉଛନ୍ତି ତେବେ ଆପଣଙ୍କୁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଜାଣନ୍ତୁ , ଏ ସମ୍ପର୍କରେ କେତୋଟି ଟିପ୍ସ....

ଲୁଜ୍ କପଡ଼ା ପିନ୍ଧନ୍ତୁ

ଯଦି ଖରାବେଳେ ଶପିଂ କରିବାକୁ ଯାଉଛନ୍ତି ତେବେ ଟାଇଟ୍ ଫିଟିଂ କପଡ଼ା ପିନ୍ଧନ୍ତୁ ନାହିଁ। ଏହାଦ୍ୱାରା ଆପଣ ନିଜେ କମ୍ଫର୍ଟେବଲ ରହି ଶପିଂ କରିପାରିବେ ନାହିଁ। ଟାଇଟ୍ ହୋଇ ରହୁଥିବା କପଡ଼ା କାରଣରୁ ଆପଣଙ୍କ ଦେହ କୁଣ୍ଡାଇହେବା ,ଝାଳ ବାହାରିବା ଆଦି ସମସ୍ୟା ଦେଖାଯାଇପାରେ। ଏହା ଯୋଗୁ ଆପଣଙ୍କୁ ଆଲର୍ଜି ସମସ୍ୟା ଦେଖାଯାଇଥାଏ।

ଲୁଜ୍ ଟପ୍ ଏବଂ ଜିନ୍ସ ପିନ୍ଧନ୍ତୁ

ଢିଲା କପଡ଼ାକୁ ନେଇ ଆଜିକାଲି ବହୁତ ଫ୍ୟାଶନ ଚାଲିଛି। ଏହା ଫ୍ୟାଶନେବଲ ହେବା ସହ କମ୍ଫର୍ଟେବୁଲ୍ ହୋଇଥାଏ। ଶପିଂ ଯିବାର ଥିଲେ କିମ୍ବା ଅନ୍ୟ କେଉଁଠିକି ତେବେ ଏହିଭଳି ଡ୍ରେସ୍ ପିନ୍ଧିପାରିବେ।

ମ୍ୟାକ୍ସି ଡ୍ରେସ୍

ମ୍ୟାକ୍ସି ଡ୍ରେସ୍ ବି ମହିଳାଙ୍କୁ ବେଶ୍ ପସନ୍ଦ। ଏହାକୁ କେତେଜଣ ମହିଳା ଘରେ ପିନ୍ଧୁଛନ୍ତି ତ ଆଉ କେତେକେ ଏହାକୁ ସ୍ନିକର୍ସ ସହ ପିନ୍ଧୁଛନ୍ତି। ଏହାଦ୍ୱାରା ସେମାନେ ଫ୍ୟାଶନେବଲ ନଜର ଆସୁଛନ୍ତି। କୌଣସି ଟୁର୍ ହେଉ କି ଅଧିକ ବାଟ ଚାଲିବାର ଥିଲେ ଏହିଭଳି ମ୍ୟାକ୍ସି ଡ୍ରେସ୍ ପିନ୍ଧିବା ଦ୍ୱାରା ଆପଣ କମ୍ଫର୍ଟେବଲ ଫିଲ୍ କରିବେ।

ଘର ଡଷ୍ଟବିନ୍‌ରୁ ଦୁର୍ଗନ୍ଧ ଆସୁଥିଲେ..

ସମସ୍ତଙ୍କ ଘରେ ପ୍ରାୟ ଡଷ୍ଟବିନ୍ ଅଛି। କାରଣ ଘରର ସବୁ ଅଳିଆ ଏଥିରେ ପକାଯାଇଥାଏ। ଏହି ସମୟରେ ଏଥିରୁ ପ୍ରାୟ ଦୁର୍ଗନ୍ଧ ମଧ ବାହାରିଥାଏ। ଏହା ପ୍ରତିଦିନ ଧୂଆ ହୋଇଥିଲେ ସୁଦ୍ଧା ଏଥିରୁ ଦୁର୍ଗନ୍ଧ ହୋଇଥାଏ। ଦୁର୍ଗନ୍ଧ ହେବାର କେତେକ କାରଣ ହୋଇପାରେ । ଜାଣନ୍ତୁ ଏ ସମ୍ପର୍କରେ କେତୋଟି ଟିପ୍ସ...

⏭।ଆପଣଙ୍କ ଘରେ ସବୁବେଳେ ୨ ପ୍ରକାର ଡଷ୍ଟବିନ୍ ରଖିବା ଆବଶ୍ୟକ। ପ୍ରଥମଟି ହେଲା ଓଦା ଏବଂ ଆଉ ଗୋଟେ ଶୁଖିଲା।

⏭।ଯଦି ଆପଣ ଓଦା ଥିବା ଚା' ପତିକୁ ଡଷ୍ଟବିନ୍‌ରେ ଫିଙ୍ଗି ଦେଉଛନ୍ତି ତେବେ ଏହାଦ୍ୱାରା ଡଷ୍ଟବିନ୍ ମଧ ଦୁର୍ଗନ୍ଧ ହୋଇଥାଏ। ପ୍ରଥମେ ଚା' ପତିକୁ ପାଣିରେ ଭଲଭାବେ ଧୋଇଦେବା ଆବଶ୍ୟକ ଏବଂ ଏହାକୁ ଓଦା ଡଷ୍ଟବିନ୍‌ରେ ଅଲଗା ରଖିବା ଆବଶ୍ୟକ।

⏭।ଯଦି କିଛି ଖାଦ୍ୟ ବଳି ପଡ଼ିଛି ତାକୁ ଡଷ୍ଟବିନ୍‌ରେ ପକାନ୍ତୁ ନାହିଁ। ଏହାକୁ ବାହାରେ ଗୋଟେ ପାତ୍ରରେ ରଖି ଦିଅନ୍ତୁ ଯାହାକୁ ଚଢ଼େଇ, କୁକୁର ଏବଂ ଗୋରୁ ମଧ ଖାଇପାରିବେ।

⏭।ଡଷ୍ଟବିନ୍‌ରେ ଅଳିଆ ପକାଇବା ସମୟରେ କେବେ ବି ପାଣି ସହ ପକାନ୍ତୁ ନାହିଁ , ଏହାଦ୍ୱାରା ଘର ଦୁର୍ଗନ୍ଧ ହେବ।

⏭।ଖାଦ୍ୟ ହେଉ କି କୌଣସି ଫ୍ରୁଟ୍ସର ଚୋପା ଏହାକୁ ସଙ୍ଗେ ସଙ୍ଗେ କୌଣସି ଗଛମୂଳରେ ଦେଇ ଦିଅନ୍ତୁ। ଏହା ସିଧାସଳଖ ଡଷ୍ଟବିନ୍‌ରେ ପକାନ୍ତୁ ନାହିଁ। ଏହାଦ୍ୱାରା ଏଥିରେ ପୋକ ଲାଗିବା ସହ ଦୁର୍ଗନ୍ଧ ହେବ।

ନିଷ୍ପତ୍ତି ନେବା ସମୟରେ...

କୌଣସି ବିଷୟରେ ନିଷ୍ପତ୍ତିନେବା ସହଜ କଥା ନୁହେଁ। ତେବେ ଏହି ସମୟରେ ଯଦି ଆପଣ ଦୋଛକିରେ ପଡ଼ିଯାଇଛନ୍ତି ତେବେ ନିମ୍ନୋକ୍ତ ଟିପ୍ସଗୁଡ଼ିକୁ ଆପଣେଇ ପାରିବେ..

ଜୀବନର ଚଲାପଥରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହା ହେଉଛି ସୁଖଦୁଃଖର ଏକ ସମାହାର। ତେବେ ନିଜ ଜୀବନକାଳ ଭିତରେ ଅନେକ ବିଷୟରେ ନିଜକୁ ନିଷ୍ପତ୍ତି ନେବାକୁ ପଡ଼ିଥାଏ। ଏହି ସମୟରେ ବେଶ୍ ସତର୍କତାର ସହ ଆଗେଇବାକୁ ପଡ଼େ। କାରଣ ଠିକ୍ ଭାବରେ ନିଷ୍ପତ୍ତି ନ ନେଲେ ତାହା ପରବର୍ତ୍ତୀ ସମୟରେ ସମସ୍ୟା ସୃଷ୍ଟି କରିବା ଆଶଙ୍କା ରହିଛି। ତେଣୁ ଏହି ସମୟରେ ବ୍ୟସ୍ତବିବ୍ରତ ନ ହୋଇ ଥଣ୍ଡା ମନରେ ନିଷ୍ପତ୍ତି ନେଲେ ନିଜ ଲକ୍ଷ୍ୟପଥରେ ସହଜରେ ଅଗ୍ରସର କରିହୁଏ।

ଲାଇଫ୍‌ରେ ଆପଣ ଯାହା ବି ନିଷ୍ପତ୍ତି ନେଇଥାନ୍ତି , ଏହାର ପ୍ରଭାବ ଆପଣଙ୍କ ଭବିଷ୍ୟତ ଉପରେ ପଡ଼ିଥାଏ। ଏଥିପାଇଁ ଜରୁରୀ ହୋଇଥାଏ ଆପଣ ନିଜେ ନିର୍ଣ୍ଣୟ ନେବା ସମୟରେ ଭାବିଚିନ୍ତି ନିଅନ୍ତୁ। ଯଦି ଆପଣ ଛୋଟ ଛୋଟ ନିଷ୍ପତ୍ତି ନେବାକୁ ହଡ଼ବଡ଼ ହୋଇଯାଉଛନ୍ତି ଏବଂ ନିଜ ଘର ଲୋକଙ୍କୁ ପଚାରି ନିଜ ଡିସିସନ ମେକିଂ ସ୍କିଲ୍‌କୁ ଇମ୍ପ୍ରୁଭ୍ କରିବାକୁ ହେଲେ କେତୋଟି ସହଜ ଟ୍ରିକ୍ସକୁ ଆପଣାନ୍ତୁ.....

ବିଚଳିତ ହୁଅନ୍ତୁ ନାହିଁ: ଜୀବନରେ ଏମିତି କିଛି ମୁହୂର୍ତ୍ତ ଆସିଥାଏ , ଯେତେବେଳେ ତୁରନ୍ତ ଠିକ୍ ନିଷ୍ପତ୍ତି ନେବାକୁ ପଡ଼ିଥାଏ। ଏହି ସମୟରେ ଯଦି ବ୍ୟସ୍ତ ହୋଇପଡ଼ିବେ କିମ୍ବା ଏହାକୁ ନେଇ ବିଭିନ୍ନ ନକାରାତ୍ମକ ଚିନ୍ତାଧାରା ମନକୁ ଆସିଲା ତେବେ ତାହା ଅସୁବିଧା ସୃଷ୍ଟିକରେ। ଖାସ୍ କରି ଏହି ସମସ୍ୟା କେବଳ କର୍ମଜୀବୀଙ୍କ କ୍ଷେତ୍ରରେ ନୁହେଁ, ଗୃହିଣୀମାନେ ମଧ ଏଭଳି ପରିସ୍ଥିତିର ସାମ୍ନା କରିଥାଆନ୍ତି। ଏହି ସମୟରେ ଆଦୌ ବିଚଳିତ ହୁଅନ୍ତୁ ନାହିଁ। ନିଷ୍ପତ୍ତି ନେବା ବେଳେ ନିଜର ଆତ୍ମବିଶ୍ୱାସ ଦୃଢ଼ ହେବା ନିହାତି ଦରକାର। କାରଣ ତାହାକୁ ହିଁ ଆଧାରକରି ଆପଣ ଠିକ୍ ନିଷ୍ପତ୍ତି ନେଇପାରିବେ।

ତରବର ହୁଅନ୍ତୁ ନାହିଁ: ଏମିତିରେ ଆପଣ ତରବର ହୋଇ ଯଦି ନିଷ୍ପତ୍ତି ନିଅନ୍ତି ତେବେ ହୁଏତ ଏ ନେଇ ପରେ ପଶ୍ଚାତାପ କରିବାକୁ ପଡ଼ିଥାଏ। ଏଥିପାଇଁ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ତାକୁ ଭଲଭାବେ ବୁଝିବା ଆବଶ୍ୟକ। କେବେ ବି ତରବର ହୁଅନ୍ତୁ ନାହିଁ। ନିଜ ଲାଇଫ୍‌ର ଯାହା ବି ନିଷ୍ପତ୍ତି ନିଅନ୍ତି , ତା' ଉପରେ ଆପଣଙ୍କ ଭବିଷ୍ୟତ ନିର୍ଭର କରିଥାଏ। ତେଣୁ ଜୀବନରେ ନିଷ୍ପତ୍ତିନେବା ସମୟରେ ବୁଝିବିଚାରି ଆଗାନ୍ତୁ।

ନିଜ ଲକ୍ଷ୍ୟ ବୁଝନ୍ତୁ : ଯେତେବେଳେ ଆପଣଙ୍କୁ କୌଣସି ପରିସ୍ଥିତିରେ ନିଷ୍ପତ୍ତି ନେବାର ଥିଲେ ଶେଷରେ ଏହାର ପରିଣତି କ'ଣ ହେବ ତା' ବିଷୟରେ ଜାଣିନେବା ମଧ ଜରୁରୀ। ପ୍ରଥମେ ଆପଣଙ୍କ ଲକ୍ଷ୍ୟ ସ୍ଥିର କରନ୍ତୁ। ଏହାପରେ ତାହାକୁ ସଫଳ କରିବାକୁ ଯୋଜନା ପ୍ରସ୍ତୁତ କରନ୍ତୁ। ତେବେ ଏହି ଯୋଜନାକୁ ଠିକ୍ ଭାବରେ ରୂପାୟନ କରିପାରିଲେ ଆପଣ ନିଜ ଲକ୍ଷ୍ୟ ହାସଲ କରିପାରିବେ। ଏଥିପାଇଁ ସବୁବେଳେ ବୁଝିବିଚାରି ନିଷ୍ପତ୍ତି ନିଅନ୍ତୁ।



ଫାଇଦା–କ୍ଷତିର ତର୍ଜମା କରନ୍ତୁ: ଯଦି ଥରେ ନିଜର ଲକ୍ଷ୍ୟ ନିର୍ଦ୍ଧାରଣ କରିଛନ୍ତି ତା'ର ଫାଇଦା ଏବଂ କ୍ଷତି ବିଷୟରେ ମଧ ଜାଣିବା ଜରୁରୀ। କୌଣସି ବିଷୟରେ ଯଦି କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଉଛନ୍ତି, ତେବେ ସେଗୁଡିକୁ ନିଜ ଡାଏରୀରେ ଲେଖି ରଖନ୍ତୁ। ଥଣ୍ଡା ମୁଣ୍ଡରେ ସେଗୁଡିକୁ ଭଲ ଭାବରେ ତର୍ଜମା କରନ୍ତୁ। ତାହାକୁ କିପରି ଅନୁସରଣ କରିବେ ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ ରଖିବା ନିହାତି ଦରକାର। ଆପଣ ଯାହା କରିବାକୁ ଚାହୁଁଛନ୍ତି ତାହାର ଫଳାଫଳ କ'ଣ ହେବ ବେଶ୍ ପୂର୍ବରୁ ଥରେ ଚିନ୍ତା କରନ୍ତୁ।

ସହଯୋଗ: ଯଦି ଆପଣ କୌଣସି ନିଷ୍ପତ୍ତିକୁ ନେଇ ଅଡୁଆରେ ପଡ଼ିଛନ୍ତି ତେବେ ଆପଣଙ୍କୁ ସେହି ବିଷୟରେ ଅଭିଜ୍ଞ ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା କରିପାରନ୍ତି। କାରଣ ସେଭଳି ସମୟରେ ହୁଏତ ସେମାନଙ୍କର କେଇପଦ କଥା ଆପଣଙ୍କୁ ଠିକ୍ ରାସ୍ତାରେ ଆଗେଇ ନେବ। ଯଦି କେହି ଏହି ସମୟରେ ସହଯୋଗର ହାତ ବଢ଼ାଉଛନ୍ତି ତେବେ ତାହାର ତାତ୍ପର୍ଯ୍ୟ ବିଷୟରେ ଭଲଭାବରେ ଚିନ୍ତାକରନ୍ତୁ। ନିଜ ନିଷ୍ପତ୍ତି ବିଷୟରେ ଅନ୍ୟମାନଙ୍କ ଟିପ୍ସଗୁଡ଼ିକ ଯେ ସବୁ ଭୁଲ୍ ସେଭଳି ଭାବନା ମନରେ ଆଣନ୍ତୁ ନାହିଁ। ହୁଏତ ତା' ଭିତରେ ଆପଣଙ୍କ ନିଷ୍ପତ୍ତିର ମଞ୍ଜି କଥା ଲୁଚି ରହିଥାଇପାରେ। କିନ୍ତୁ ଯଦି ଭାବୁଛନ୍ତି କି ଆପଣ ଯେଉଁ ନିଷ୍ପତ୍ତି ନେଉଛନ୍ତି ସେ ନେଇ କାହା ସହ ଆଲୋଚନା କରିବା ନିହାତି ଜରୁରୀ, ତେବେ ଏ ନେଇ ବିଳମ୍ବ କରିବା ଠିକ୍ ନୁହେଁ। ଯାହା ସହ ଆଲୋଚନା କରୁଛନ୍ତି ତାଙ୍କର ସହାୟତା କେତେ ଗୁରୁତ୍ୱପୂର୍ଣ୍ଣ ତାହା ଭଲ ଭାବରେ ଚିନ୍ତା କରନ୍ତୁ ।

ଛୋଟ ନିଷ୍ପତ୍ତିରୁ କରନ୍ତୁ ଆରମ୍ଭ : ଏହାର ଆରମ୍ଭ ଆପଣ ଛୋଟ ଛୋଟ ନିୟମରୁ ଆରମ୍ଭ କରନ୍ତୁ। ଯେମିତିକି ଶପିଂ କରିବା ସମୟରେ, ରୋଷେଇ କରିବା ସମୟରେ, ସାଙ୍ଗମାନଙ୍କ ମଧ୍ୟରେ। ଏହିପରି ଆପଣଙ୍କର ନିଜର ଆତ୍ମବିଶ୍ୱାସ ବଢ଼ିବ। ଏହିପରି ଆପଣଙ୍କ ନିର୍ଣ୍ଣୟ ନେବାର କ୍ଷମତା ଖୁବ୍ ଶୀଘ୍ର ବଢ଼ିଚାଲିବ। ଏହି ସହଜ ଉପାୟ ନିଜ ଡିସିସନ୍ ମେକିଂ ସ୍କିଲ୍‌କୁ ସହଜରେ ସୁଧାରିପାରିବ।

ଭାବପ୍ରବଣତା: କୌଣସି ନିଷ୍ପତ୍ତି ନେବା ସମୟରେ ଗୋଟିଏ କଥା ମନେରଖିବା ନିହାତି ଦରକାର। ଏହି ସମୟରେ କଦାପି ଭାବପ୍ରବଣ ହୁଅନ୍ତୁ ନାହିଁ। କାରଣ ଏହାଦ୍ୱାରା ହୁଏତ ଆପଣ ଏଭଳି ନିଷ୍ପତ୍ତି ନେବେ ଯାହା ପରବର୍ତ୍ତୀ ସମୟରେ ଆପଣଙ୍କ ଜୀବନକୁ ପ୍ରଭାବିତ କରିପାରେ। ତେଣୁ ନିଷ୍ପତ୍ତି ନେବା ସମୟରେ ଭାବପ୍ରବଣତା ଠାରୁ ନିଜକୁ ଦୂରେଇରଖନ୍ତୁ। ମାନସିକତା ଏଭଳି ରହିଲେ ତାହା ଦ୍ୱାରା ଆପଣ ସବୁବେଳେ ଭୁଲ୍ ନିଷ୍ପତ୍ତି ନେବା ସମ୍ଭାବନା ରହିଛି। ଏଥିପାଇଁ ପ୍ରଥମେ ମନକୁ ଶାନ୍ତ ରଖନ୍ତୁ, ନିଜ ଭାବନାକୁ ନିୟନ୍ତ୍ରିତ କରନ୍ତୁ ଏବଂ ଏହା ପରେ ନିଷ୍ପତ୍ତି ନିଅନ୍ତୁ।

ପ୍ରାଥମିକତାକୁ ବୁଝନ୍ତୁ: ଯଦି ଆପଣ ଏକା କୌଣସି ନିଷ୍ପତ୍ତି ନେଉଛନ୍ତି ତେବେ ପ୍ରଥମେ ନିଜର ପ୍ରାଥମିକତାକୁ ଦୃଷ୍ଟି ଦିଅନ୍ତୁ। ଫଳରେ କୌଣସି ନିଷ୍ପତ୍ତି ନେବାରେ ଆପଣଙ୍କୁ ଏତେଟା ଅସୁବିଧାର ସାମ୍ନା କରିବାକୁ ପଡ଼ିବ ନାହିଁ। ଏହାଦ୍ୱାରା ଆପଣଙ୍କର କୌଣସି କାମ ଯେପରି ପ୍ରଭାବିତ ନ ହେବ ସେ ନେଇ ସ୍ୱତନ୍ତ୍ର ଭାବରେ ଧାନଦିଅନ୍ତୁ। ଯେ କୌଣସି ନିଷ୍ପତ୍ତି ନେଇ ଆଗେଇବା ପୂର୍ବରୁ ସେ ବିଷୟରେ ଗଭୀର ଭାବରେ ଚିନ୍ତା କରନ୍ତୁ।

ସୌନ୍ଦର୍ଯ୍ୟ

ଗ୍ଲୋଇଂ ସ୍କିନ୍ ପାଇଁ

ଗ୍ଲୋଇଂ ସ୍କିନ୍ ପାଇବାକୁ ହେଲେ ତ୍ୱଚାରେ ଫେସିଆଲ୍, କ୍ଲିନ୍‌ଅପ୍ ଆଦକି କରିବାକୁ ପଡିଥାଏ। କିନ୍ତୁ ଏହି ଗ୍ଲୋଇଂ ସ୍କିନ୍ ପାଇବାକୁ ହେଲେ କିଛି ବେସିକ୍ ଟିପ୍ସ ଫଲୋ କରିପାରିବେ ...

⏭।ଯଦି ଆପଣ ପ୍ରତିଦିନ ମୁହଁକୁ ସଫା କରୁନାହାନ୍ତି, ତେବେ ଏହା ଏକ ଖରାପ ଅଭ୍ୟାସ। ମୁହଁ ପ୍ରତିଦିନ ସଫା ନ କରିବା ଦ୍ୱାରା ମୁଖବ୍ରଣ ଆଦି ସମସ୍ୟା ଦେଖାଯାଇପାରେ। ସ୍କିନ୍‌ରେ ଗ୍ଲୋ ପାଇବାକୁ ହେଲେ ସକାଳୁ ଉଠି ନିଜ ମୁହଁକୁ ଭଲ ଭାବେ ସଫା କରିବା ଆବଶ୍ୟକ।

⏭।ମୁହଁକୁ ଧୋଇବାକୁ ହେଲେ ସାବୁନ୍ ବ୍ୟବହାର କରନ୍ତୁ ନାହିଁ। ଏହା ସ୍କିନ୍‌କୁ କ୍ଷତି ପହଞ୍ଚାଇଥାଏ। ଆପଣ ଏହା ବଦଳରେ ମୁହଁରେ ବେସନକୁ ବ୍ୟବହାର କରିପାରିବେ। ଏହା ତ୍ୱଚାରେ କ୍ଲିଞ୍ଜର ରୂପେ କାମ କରିଥାଏ ।

⏭।ମୁହଁକୁ ସଫାକରିବା ପରେ ଫେସ୍‌ପ୍ୟାକ୍ ଲଗାଇବା ଆବଶ୍ୟକ। ପ୍ୟାକ୍ ତ୍ୱଚା ଲାଗି ଲାଭକାରୀ ହୋଇଥାଏ। ଆପଣଙ୍କୁ ବଜାରର ଫେସ୍‌ପ୍ୟାକ୍ ଆବଶ୍ୟକତା ନାହିଁ। ଆପଣ ଘରେ ଏହା ପ୍ରସ୍ତୁତ କରିପାରିବେ।

⏭।ଗ୍ଲୋଇଂ ତ୍ୱଚା ପାଇବାକୁ ହେଲେ ମୁଲ୍‌ତାନି ମାଟି ବ୍ୟବହାର କରିପାରିବେ। ଏହା ତ୍ୱଚାରେ ଲହୁଣି ପରି କାମ କରିଥାଏ। ଯଦି ଆପଣଙ୍କ ସ୍କିନ୍ ଡ୍ରାଏ ତେବେ ମହୁ ସହ ମୁଲ୍‌ତାନି ମାଟି ମିଶାଇ ଲଗାନ୍ତୁ। ମୁହଁକୁ ଭଲଭାବେ ସଫା କରିସାରିଲା ପରେ ପ୍ୟାକ୍ ଲଗାନ୍ତୁ। ଏହାକୁ କିଛି ସମୟ ଲଗାଇ ରଖିଲା ପରେ ଥଣ୍ଡା ପାଣିରେ ଭଲଭାବେ ଧୋଇଦିଅନ୍ତୁ।

⏭।ତ୍ୱଚାକୁ ମୁଲାୟମ ରଖିବାକୁ ହେଲେ ଟୋନର ଭଲ କାମ ଦେଇଥାଏ। ତ୍ୱଚା ପାଇଁ ଗୋଲାପ ଟୋନର ଭଲ କାମ ଦେଇଥାଏ। ମୁହଁରେ ଟୋନର ଲଗାଇବା ପରେ ଏହା ତ୍ୱଚାକୁ ଫ୍ରେଶ୍ ଲୁକ୍ ଦେଇଥାଏ।

⏭।ତ୍ୱଚାରେ କେମିକାଲଭିତ୍ତିକ କ୍ରିମ୍ ଲଗାନ୍ତୁ ନାହିଁ। ମାଇଲ୍ଡ କ୍ଲିଞ୍ଜର ସାହାଯ୍ୟରେ ତ୍ୱଚାକୁ ଧୁଅନ୍ତୁ।

⏭।ଗରମ ପାଣିରେ ମୁହଁ ଧୁଅନ୍ତୁ ନାହିଁ। ଏପରି କରିବା ଦ୍ୱାରା ତ୍ୱଚା ଅଧିକ ଡ୍ରାଏ ହୋଇଯାଏ।

⏭।ପ୍ରତିଦିନ ସନ୍‌ସ୍କ୍ରିନ୍ ଲୋଶନ ବ୍ୟବହାର କରନ୍ତୁ। ଏହା ତ୍ୱଚାକୁ ସନ୍ ଟ୍ୟାନ୍ ଭଳି ସମସ୍ୟାରୁ ରକ୍ଷା କରିଥାଏ।

ଖାଦ୍ୟରୁଚି // ପନୀର ଫିଙ୍ଗର୍ସ

ଆବଶ୍ୟକ ସାମଗ୍ରୀ

ପନୀର ୨୫୦ଗ୍ରାମ୍, ମଇଦା ଅଧା କପ୍, କର୍ନଫ୍ଲୋର ୧ ଚାମଚ, କଶ୍ମୀରୀ ମିର୍ଚ୍ଚ ପାଉଡର ୧ ଚାମଚ, ଗୋଲମରିଚ ପାଉଡର ୧ ଚାମଚ, ଚାର୍ଟ ମସଲା ୧ ଚତୁର୍ଥାଂଶ, ହଳଦୀ ୩ ଚତୁର୍ଥାଂଶ ,ଛାଣିବା ଲାଗି ତେଲ, ସ୍ୱାଦ ଅନୁସାରେ ଲୁଣ।

ପ୍ରସ୍ତୁତି ପ୍ରଣାଳୀ

ପନୀର ଫିଙ୍ଗର୍ସ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ପନୀରକୁ ନିଅନ୍ତୁ। ଏହାକୁ ଫିଙ୍ଗର୍ସ ଆକାରରେ କାଟି ଦିଅନ୍ତୁ। ଏହାପରେ ଏକ ବଡ଼ ପାତ୍ର ନେଇ କଟାହୋଇଥିବା ପନୀରକୁ ପକାଇ ସେଥିରେ କଶ୍ମୀରୀ ଚିଲି ପାଉଡର,ଗୋଲମରିଚ ପାଉଡର,ଚାଟ ମସଲା ,ଅଳ୍ପ ପରିମାଣରେ ଲୁଣ ପକାଇ ସବୁ ମସଲାକୁ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ପନୀରକୁ ୧୦ ମିନିଟ୍ ପର୍ଯ୍ୟନ୍ତ ମାରିନେଟ୍ ହେବାକୁ ଛାଡ଼ି ଦିଅନ୍ତୁ। ଏହା ଭିତରେ ଅନ୍ୟ ଏକ ପାତ୍ରରେ ମଇଦା ପକାନ୍ତୁ ,କର୍ନଫ୍ଲୋର ପାଉଡର ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏଥିରେ ଅଳ୍ପ ପରିମାଣର ଲୁଣ ଓ ପାଣି ମିଶାଇ ବେଟର ପ୍ରସ୍ତୁତ କରନ୍ତୁ। ଏବେ ଏହି ବେଟରରେ ପନୀରକୁ ପକାଇ ତେଲରେ ଛାଣନ୍ତୁ। ଏହା ଡିପ୍ ଫ୍ରାଏ ହେଲା ପରେ ଏହାକୁ ଟମାଟୋ ଶସ୍ ଏବଂ ଗ୍ରିନ୍ ଚଟଣୀ ସହିତ ଖାଇପାରିବେ।

ପଦକ ଓ ପୁରସ୍କାର ସହ ଉଲ୍ଲସିତ ବୁଦାପେଷ୍ଟ ଚେସ୍ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ମହିଳା ଓ ପୁରୁଷ ଦଳ।

‘ଚମତ୍କାର ଅନୁଭବ, ସ୍ୱପ୍ନ ସାକାର’

ନୂଆଦିଲ୍ଲୀ, ୨୩।୯ (ପି.ଟି.)

ଭାରତୀୟ ମହିଳା ଓ ପୁରୁଷ ଦଳ ପ୍ରଥମଥର ପାଇଁ ଚେସ୍ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଏଥିପାଇଁ ଦେଶର ଚେସ୍ ମହଲରେ ଖୁସିର ପରିବେଶ ସୃଷ୍ଟି ହୋଇଛି। ଚଳିତ ବର୍ଷର ଶେଷ ଭାଗରେ ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ରେ ଚ୍ୟାଲେଞ୍ଜ ଦେବାକୁ ଯାଉଥିବା ଡି. ଗୁକେଶ ଭାରତୀୟ ପୁରୁଷ ଦଳର ନେତୃତ୍ୱ ନେଇ ଅତି ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ଅପରାଜେୟ ରହି ଦଳଗତ ସ୍ୱର୍ଣ୍ଣ ସହ ବ୍ୟକ୍ତିଗତ ଟପ୍ ବୋର୍ଡରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ‘ଏହା ଏକ ଚମତ୍କାର ଅନୁଭବ, ସ୍ୱପ୍ନ ସାକାର ହୋଇଛି’ ବୋଲି ପ୍ରକାଶ କରିଛନ୍ତି ଗୁକେଶ। ୧୮ ବର୍ଷୀୟ ଗୁକେଶ ଚେସ୍ ଇତିହାସରେ ସର୍ବକନିଷ୍ଠ ପ୍ରତିଯୋଗୀଭାବେ ଆଗାମୀ ନଭେମ୍ବରରେ ଚାଇନାର ଡିଙ୍ଗ ଲିରେନଙ୍କୁ ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ରେ ଚ୍ୟାଲେଞ୍ଜ ଦେବେ। ‘ମୁଁ ଏବେ ଅତ୍ୟନ୍ତ ଖୁସି’ ବୋଲି ରବିବାର ଅଲିମ୍ପିଆଡ୍‌ର ଶେଷ ରାଉଣ୍ଡରେ ଜିଆଣ୍ଟ-କିଲର ସ୍ଲୋଭେନିଆର ଭ୍ଲାଡିମିର ଫେଡୋସିଭଙ୍କୁ ହରାଇବା ପରେ ପ୍ରକାଶ କରିଥିଲେ ଗୁକେଶ। ୧୦ ଗେମ୍ ଖେଳି ୯ ପଏଣ୍ଟ ହାସଲ କରିଥିଲେ ଗୁକେଶ। ଏହା ମଧ୍ୟରେ ୮ ବିଜୟ ଓ ୨ ଡ୍ର ସାମିଲ ଥିଲା। ତାଙ୍କର ଏହି ପ୍ରଦର୍ଶନ ଭାରତକୁ ସମ୍ଭାବ୍ୟ ୨୨ରୁ ୨୧ ପଏଣ୍ଟ ହାସଲ କରିବାରେ ବିଶେଷ ସହାୟକ ହୋଇଥିଲା। ଗତ ଅଲିମ୍ପିଆଡ୍ ବିଜେତା ଉଜବେକିସ୍ତାନ ବିପକ୍ଷରେ କେବଳ ଭାରତୀୟ ପୁରୁଷ ଦଳ ଡ୍ର ରଖିଥିଲା। ‘‘ବ୍ୟକ୍ତିଗତଭାବେ ଏହା ମୋ ପାଇଁ ଏବଂ ଦଳ ଲାଗି ଏକ ସୁନ୍ଦର ଅନୁଭବ। ସ୍ୱପ୍ନ ସାକାର ହୋଇଛି’’ ବୋଲି ଅଲିମ୍ପିଆଡ୍‌ର ଅନ୍ତିମ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଗୁକେଶ।

ପୁରୁଷ ଦଳର ସଫଳତାରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ବୋର୍ଡ-୩ରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ଅର୍ଜୁନ ଇରିଗାସି ପୂରା ୧୧ଟି ମ୍ୟାଚ ଖେଳି ୧୦ ପଏଣ୍ଟ ହାସଲ କରିଥିଲେ। ଲାଇଭ୍ ୱାର୍ଲ୍ଡ ର‌୍ୟାଙ୍କିଙ୍ଗ୍‌ରେ ସେ ଏବେ ନରୱେର ମ୍ୟାଗ୍ନସ କାର୍ଲସେନ ଓ ଆମେରିକାର ହିକାରୁ ନାକାମୁରାଙ୍କ ପଛକୁ ୩ ନମ୍ବର ସ୍ଥାନ ହାସଲ କରିଛନ୍ତି। ବର୍ତ୍ତମାନ ୨୭୯୭ ରେଟିଂ ପଏଣ୍ଟରେ ଥିବା ଅର୍ଜୁନ ମ୍ୟାଜିକ୍ ୨୮୦୦ ରେଟିଂ ସ୍ପର୍ଶ କରିବାଠାରୁ ମାତ୍ର ୩ ପଏଣ୍ଟ ଦୂରରେ ରହିଛନ୍ତି। ର‌୍ୟାଙ୍କିଙ୍ଗ୍‌ର ଦ୍ୱିତୀୟ ସ୍ଥାନରେ ଥିବା ନାକାମୁରାଙ୍କଠାରୁ ସେ ମାତ୍ର ୫ ପଏଣ୍ଟ ପଛରେ ଅଛନ୍ତି। ମାତ୍ର କାର୍ଲସେନ ୨୮୩୦ ପଏଣ୍ଟ ସହ ବହୁ ଆଗରେ ରହିଛନ୍ତି। ବିଶ୍ୱ ର‌୍ୟାଙ୍କିଙ୍ଗ୍‌ର ୩ ନମ୍ବର ସ୍ଥାନକୁ ଉନ୍ନୀତ ହୋଇଥିଲେ ମଧ୍ୟ ସେ ଏହାକୁ ସେତେ ଗୁରୁତ୍ୱ ଦେଉ ନାହାନ୍ତି। ‘‘ଏହା ଏକ ସୁନ୍ଦର ଅନୁଭବ, ମାତ୍ର ୧୦ରୁ ୧୫ ସମାନ ଦକ୍ଷତାସମ୍ପନ୍ନ ଖେଳାଳି ରହିଛନ୍ତି। ତେଣୁ ୩ ନମ୍ବର ହେଉ କି ୪ ର‌୍ୟାଙ୍କିଙ୍ଗ୍ ସମ୍ପର୍କରେ ମୁଁ ବିଶେଷ କିଛି ଭାବୁନି’’ ବୋଲି ସେ ପ୍ରକାଶ କରିଛନ୍ତି। ଅର୍ଜୁନ ଭାରତୀୟ ଦଳର ସବୁଠାରୁ ଉଚ୍ଚ ର‌୍ୟାଙ୍କପ୍ରାପ୍ତ ଖେଳାଳି ହୋଇଥିଲେ ମଧ୍ୟ ଟପ୍ ବୋର୍ଡରେ ନ ଖେଳି କାହିଁକି ୩ ନମ୍ବର ବୋର୍ଡରେ ଖେଳିଥିଲେ ତାହାକୁ ନେଇ ଅନେକଙ୍କ ମନରେ ପ୍ରଶ୍ନ ରହିଛି। ମାତ୍ର ଏହା ଦଳୀୟ ରଣନୀତିର ଅଂଶବିଶେଷ ଥିଲା ବୋଲି ଇରିଗାସି ସ୍ପଷ୍ଟ କରିଛନ୍ତି। ‘‘ଆମେ ଭାବିଲୁ ଗୁକେଶ ବୋର୍ଡ-୧ରେ ଭଲ ଖେଳିବେ ଏବଂ ମୁଁ ବୋର୍ଡ-୩ରେ ପ୍ରଭାବୀ ରହିପାରିବି। ଏହା କିନ୍ତୁ ବଢ଼ିଆ କାମଦେଲା ସେଥିପାଇଁ ଅନୁଶୋଚନା ନାହିଁ’’ ବୋଲି ସେ କହିଛନ୍ତି।

ଉଭୟ ଗୁକେଶ ଓ ଇରିଗାସି ଶ୍ରେଷ୍ଠ ପ୍ରଦର୍ଶନ କରି ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଆଉ ଜଣେ ଭାରତୀୟ ଖେଳାଳି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ସେ ହେଉଛନ୍ତି ଭିଡିଥ ସନ୍ତୋଷ ଗୁଜରାଠି। ଗୁଜରାଠି ୧୦ ଗେମ୍ ଖେଳି ୭.୫ ପଏଣ୍ଟ ହାସଲ କରିଥିଲେ। ମାତ୍ର ପରଫର୍ମାନ୍ସ ରେଟିଂରେ ବୋର୍ଡ-୪ରେ ୪ ନମ୍ବର ସ୍ଥାନରେ ରହି ଯାଇଥିଲେ। ଆର. ପ୍ରଜ୍ଞାନନ୍ଦଙ୍କ ପ୍ରଦର୍ଶନ ଯଦିଓ ଆଶାନୁରୂପ ହୋଇ ନ ଥିଲା ତେବେ ପରଫେକ୍ଟ ଆଙ୍କର ଭୂମିକା ନିର୍ବାହ କରିଥିଲେ। ବିଶେଷ କରି ୯ମ ଗେମ୍ ପର୍ଯ୍ୟନ୍ତ ଦଳକୁ ସ୍ଥିର ପୋଜିଶନରେ ରଖିବାରେ ସେ ବଡ଼ ଦାୟିତ୍ୱ ତୁଲାଇଥିଲେ। ପୂରା ଟୁର୍ନାମେଣ୍ଟରେ ସେ ଏକମାତ୍ର ଆମେରିକାର ୱେସଲି ସୋ’ଙ୍କଠାରୁ ହାରିଥିଲେ। ମାତ୍ର ପରବର୍ତ୍ତୀ ଗେମ୍‌ରେ ବିଜୟୀ ହୋଇ ଭାରତକୁ ସ୍ୱର୍ଣ୍ଣ ବିଜେତା କରିବାରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ଏହି ଯୁବ ଖେଳାଳିଙ୍କ ଦକ୍ଷତାକୁ ପ୍ରତିପାଦିତ କରୁଛି।

ଟିମ୍ କ୍ୟାପ୍‌ଟେନ ଏନ. ଶ୍ରୀନାଥ ସ୍ୱାଭାବିକଭାବେ ଉଲ୍ଲସିତ ହୋଇଛନ୍ତି। ‘‘ସମସ୍ତ ଖେଳାଳି ପେସାଦାର ହୋଇଥିବାରୁ ସେମାନଙ୍କୁ ବିଶେଷ ପରାମର୍ଶ ଦେବା ଆବଶ୍ୟକ ପଡ଼ି ନ ଥିଲା। କ’ଣ କରିବାକୁ ଆବଶ୍ୟକ ସେମାନେ ଭଲଭାବେ ଜାଣିଥିଲେ। କେବଳ ସେମାନଙ୍କୁ ଏକାଠି କରି କେତେକ ଅଭ୍ୟାସ କରାଇବା ଏବଂ ସେମାନଙ୍କ ପଛରେ ଛିଡ଼ାହୋଇ ଖେଳକୁ ଅନୁଧ୍ୟାନ କରିବାକୁ ପଡ଼ିଥିଲା’’ ବୋଲି ଶ୍ରୀନାଥ ପ୍ରକାଶ କରିଛନ୍ତି। ଭାରତୀୟ ଦଳ ସୋମବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ ହେଁ ପ୍ରକୃତ ସେଲିବ୍ରେଶନ କିଛିଦିନ ମଧ୍ୟରେ ଅନୁଷ୍ଠିତ ହେବ। ତେବେ ବିଶ୍ୱରେ ଯେ ଭାରତ ଏବେ ଚେସ୍‌ର ପାୱାର ହାଉସ ଏଥିରେ କୌଣସି ଦ୍ୱିଧା ନ ଥିବା ଏହି ଅଲିମ୍ପିଆଡ୍‌ରୁ ପ୍ରମାଣ ମିଳିଛି। ରବିବାର ଟିମ୍ ବୈଠକ ହୋଇଥିଲା। ଆମେ ଏବେ ସେଲିବ୍ରେଶନ ମୁଡ୍‌ରେ ଅଛୁ। ଆମେ ଯଦି ଅନ୍ତିମ ମ୍ୟାଚ ହାରିଥାନ୍ତୁ ଟାଇବ୍ରେକ୍‌ର ସୁଯୋଗ ଥିଲା। ମାତ୍ର ଆମେ ବିଜୟୀ ହେବାକୁ ଚେଷ୍ଟା କରିଥିଲୁ। ଖୁସି ଲାଗୁଛି ଯେ ମୁଁ ଏବଂ ଅର୍ଜୁନ ନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିପାରିଲୁ। ଆମେ ଏବେ ରିଲାକ୍ସ ଅନୁଭବ କରୁଛୁ’’ ବୋଲି ଗୁକେଶ କହିଛନ୍ତି। ଭାରତୀୟ ପୁରୁଷ ଦଳ ପୂର୍ବରୁ ୨୦୧୪ ଓ ୨୦୨୨ରେ ଦୁଇଥର ବ୍ରୋଞ୍ଜ ପଦକ ହାସଲ କରିଥିଲା। ଚେସ୍ ଅଲିମ୍ପିଆଡ୍‌ରେ ଏହା ଭାରତର ଶ୍ରେଷ୍ଠ ପ୍ରଦର୍ଶନ ହୋଇ ରହିଥିଲା।

ବ୍ୟକ୍ତିଗତ ବୋର୍ଡରେ ସ୍ୱର୍ଣ୍ଣ ପଦକ ବିଜୟୀ ଡି. ଗୁକେଶ, ଅର୍ଜୁନ ଇରିଗାସି, ଭାନ୍ତିକା ଅଗ୍ରୱାଲ ଓ ଦିବ୍ୟା ଦେଶମୁଖ।

ଧାଓ୍ୱନଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଗୁଜରାଟ ପରାସ୍ତ

ଯୋଧପୁର, ୨୩।୯

ମନନ ଶର୍ମାଙ୍କ ୬ ଉଇକେଟ ସଫଳତା ଏବଂ ଅଧିନାୟକ ଶିଖର ଧାଓ୍ୱନଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଗୁଜରାଟ ଗ୍ରେଟ୍ସ ଲିଜେଣ୍ଡ୍ସ ଲିଗ୍‌ର ସୋମବାର ମ୍ୟାଚରେ ସଦର୍ନ ସୁପର ଷ୍ଟାର୍ସ ନିକଟରୁ ହାରି ଯାଇଛି। ସ୍ଥାନୀୟ ବର୍କତୁଲ୍ଲା ଖାଁ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ସଦର୍ନ ସୁପର ଷ୍ଟାର୍ସ ୨୬ ରନରେ ଗୁଜରାଟ ଗ୍ରେଟ୍ସକୁ ପରାସ୍ତ କରିଛି। ଚଥୁରଙ୍ଗା ଡି’ସିଲ୍‌ଭାଙ୍କ ଅର୍ଦ୍ଧଶତକ ବଳରେ ସଦର୍ନ ସୁପର ଷ୍ଟାର୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୪୪ ରନ କରିଥିଲା। ଜବାବରେ ଧାଓ୍ୱନଙ୍କ ୪୮ ବଲ୍‌ରୁ ୫୨ ରନ ସତ୍ତ୍ୱେ ଗୁଜରାଟ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୧୮ ରନ କରିବାକୁ ସକ୍ଷମ ହୋଇଥିଲା। ଦଳର ଅନ୍ୟ ସମସ୍ତ ବ୍ୟାଟର ଫେଲ୍ ମାରିଥିଲେ। ସୁପର ଷ୍ଟାର୍ସ ଦଳର ବୋଲରଙ୍କ ମଧ୍ୟରେ ପଓ୍ୱନ ନେଗି ୩ଟି, ଅବଦୁର ରଜାକ ୨ଟି ଉଇକେଟ ନେଇଥିଲେ। ୨ ମ୍ୟାଚରୁ ଗୁଜରାଟର ଏହା ପ୍ରଥମ ପରାଜୟ। ଅନ୍ୟପକ୍ଷରେ ନିଜ ପ୍ରଥମ ମ୍ୟାଚରେ ବିଜୟ ସ୍ୱାଦ ଚାଖିଛି ସୁପର ଷ୍ଟାର୍ସ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସୁପର ଷ୍ଟାର୍ସ ଦଳ ଯଦିଓ ଭଲ ଆରମ୍ଭ କରିଥିଲା ତେବେ ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ଏକଦା ୧୦୦ ରନ ପୂରଣ କରିବାକୁ ସଂଘର୍ଷ କରିଥିଲା। ଦଳର ସ୍କୋର ୧୦.୩ ଓଭର ବେଳକୁ ୬୫/୫ ହୋଇ ଯାଇଥିଲା। ମନନ ଶର୍ମା ଚମତ୍କାର ବୋଲିଂ କରି ବିପକ୍ଷ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଗୁପଟିଲ ୨୨ ଓ ମାସାକାଜା ୨୦ ରନ କରିଥିବାବେଳେ ଅଧିନାୟକ ଦୀନେଶ କାର୍ତ୍ତିକ ୧୮ ରନର ଯୋଗଦାନ ଦେଇଥିଲେ। ୧୫ତମ ଓଭରରେ ମନନ ଶର୍ମା ୩ ଉଇକେଟ ନେବାରୁ ସଦର୍ନ ଷ୍ଟାର୍ସ ସ୍କୋର ୮୮/୮ ହୋଇଥିଲା। ତେବେ ଚଥୁରଙ୍ଗା ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୨୮ ବଲ୍‌ରୁ ୫୩ ରନରେ ଅପରାଜିତ ରହି ଦଳକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ନିଜ ଇନିଂସ ମଧ୍ୟରେ ସେ ୬ ଚୌକା ଓ ୨ ଛକା ମାରିଥିଲେ। ମନନ ୪ ଓଭରରେ ଗୋଟିଏ ମେଡେନ ନେବା ସହ ମାତ୍ର ୧୭ ରନ ଦେଇ ୬ ଉଇକେଟ ଅକ୍ତିଆର କରିଥିଲେ।

ସଂକ୍ଷିପ୍ତ ସ୍କୋର

ସଦର୍ନ ସୁପର ଷ୍ଟାର୍ସ ୨୦ ଓଭରରେ ୧୪୪/୯ (ଚଥୁରଙ୍ଗା ଡି’ସିଲଭା-୫୩*, ମାର୍ଟିନ ଗୁପଟିଲ-୨୨, ହାମିଲଟନ ମାସାକାଜା-୨୦ (ମନନ ଶର୍ମା-୬/୧୭, ଲିଆମ ପ୍ଲଙ୍କେଟ-୧/୩୫, ସୁକୁଗେ ପ୍ରସନ୍ନା-୧/୩୩)। ଗୁଜରାଟ ଗ୍ରେଟ୍ସ ୨୦ ଓଭରରେ ୧୧୮/୯ (ଶିଖର ଧାଓ୍ୱନ-୫୨, ପଓ୍ୱନ ନେଗି-୩/୧୩, ଅବଦୁର ରଜାକ-୨/୨୮, ଚଥୁରଙ୍ଗା ଡି’ସିଲ୍‌ଭା-୧/୨୩, କେଦାର ଯାଦବ-୧/୧୪)।

ଡବ୍ଲ୍ୟୁଟିସି ଟେବୁଲରେ ଭାରତ ଦୃଢ଼

ଦୁବାଇ, ୨୩।୯ (ପି.ଟି.)

ବାଂଲାଦେଶ ବିପକ୍ଷରେ ୨୮୦ ରନରେ ବିଜୟ ଦ୍ୱାରା ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଟେବୁଲରେ ପ୍ରଥମ ସ୍ଥାନରେ ରହିଥିବା ଭାରତ ଏହାର ସ୍ଥିତିକୁ ଅଧିକ ସୁଦୃଢ଼ କରି ନେଇଛି। ଅନ୍ୟପକ୍ଷରେ ଗାଲେଠାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ବିଜୟ ଦ୍ୱାରା ଆସନ୍ତା ବର୍ଷ ଲର୍ଡ୍ସ ଫାଇନାଲ ଦୌଡ଼ରେ ଶ୍ରୀଲଙ୍କା ନିଜକୁ ସାମିଲ କରିପାରିଛି। ଗତ ଦୁଇଟି ମ୍ୟାଚର ଫଳାଫଳକୁ ଭିତ୍ତି କରି ଦଳ ଟେବୁଲରେ ତୃତୀୟ ସ୍ଥାନ ଅଧିକାର କରିନେଇଛି। ଚେନ୍ନାଇରେ ବିଜୟ ଦ୍ୱାରା ଭାରତ ୧୨ ଡବଲ୍ୟୁଟିସି ପଏଣ୍ଟ ହାସଲ କରିବା ସହ ପଏଣ୍ଟ ପ୍ରତିଶତ ୭୧.୬୭%ରେ ପହଞ୍ଚିଛି। ଫଳତଃ ଦ୍ୱିତୀୟ ସ୍ଥାନରେ ରହିଥିବା ଅଷ୍ଟ୍ରେଲିଆ (୬୨.୫୦%)ଠାରୁ ପଏଣ୍ଟ ବ୍ୟବଧାନ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଭାରତଠାରୁ ପରାଜିତ ହେବା ଫଳରେ ପାକିସ୍ତାନ ବିପକ୍ଷରେ ୨-୦ରେ ବିଜୟ ଦ୍ୱାରା ଚତୁର୍ଥ ସ୍ଥାନକୁ ଉଠିଥିବା ବାଂଲାଦେଶ (୩୯.୨୯%) ଶ୍ରୀଲଙ୍କା ଓ ଇଂଲଣ୍ଡ ପଛକୁ ୬ଷ୍ଠ ସ୍ଥାନକୁ ଖସି ଆସିଛି। ଗାଲେଠାରେ ବିଜୟ ପରେ ୨୦୨୫ ଫାଇନାଲରେ ଏକ ସ୍ଥାନ ପାଇଁ ୨୦୨୩ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲିଷ୍ଟକୁ ଚ୍ୟାଲେଞ୍ଜ କରିବା ଲାଗି ଏକ ବଡ଼ ସୁଯୋଗ ଆସିଛି। ଗାଲେଠାରେ ନ୍ୟୁଜିଲାଣ୍ଡକୁ ୬୩ ରନରେ ହରାଇ ଶ୍ରୀଲଙ୍କା ୮ଟି ମ୍ୟାଚରେ ଏହାର ଚତୁର୍ଥ ବିଜୟ ହାସଲ କରିଛି। ଡବ୍ଲ୍ୟୁଟିସି ପାଇଁ ଏହାର ପଏଣ୍ଟ ପ୍ରତିଶତ ୫୦%କୁ ବୃଦ୍ଧି ପାଇଛି। ଧନଞ୍ଜୟ ଡି’ ସିଲ୍‌ଭାଙ୍କ ଦଳ ଯଦି ଆଗକୁ ଭଲ ପ୍ରଦର୍ଶନ କରି ଏହାର ପଏଣ୍ଟ ପ୍ରତିଶତ ୬୯.୨୩%କୁ ବୃଦ୍ଧି କରେ ତେବେ ଆସନ୍ତାବର୍ଷ ଲର୍ଡ୍ସ ଫାଇନାଲ ଖେଳିବା ପାଇଁ ଏକ ଭଲ ସୁଯୋଗ ରହିଛି। ତେବେ ଦଳକୁ ଏଥିପାଇଁ ନ୍ୟୁଜିଲାଣ୍ଡକୁ ଆଉଥରେ ପରାସ୍ତ କରିବାକୁ ହେବ। ଦକ୍ଷିଣ ଆଫ୍ରିକା ବିପକ୍ଷରେ କ୍ଲିନ ସୁଇପ କରିବା ସହ ନିଜ ମାଟିରେ ଅଷ୍ଟ୍ରେଲିଆକୁ ୨-ରେ ଜିତିବାକୁ ହେବ।

ଟିମ୍ ୟୁରୋପ ବିଜୟୀ

ବର୍ଲିନ, ୨୩।୯ (ଏପି): ଚାରିଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ କାର୍ଲୋସ ଅଲ୍‌କାରାଜ ୬-୨, ୭-୫ରେ ଟେଲର ଫ୍ରିଜ୍‌ଙ୍କୁ ହରାଇଦେବା ଫଳରେ ଟିମ୍ ୟୁରୋପ ଏଠାରେ ଟିମ୍ ୱାର୍ଲ୍ଡକୁ ୧୩-୧୧ରେ ପରାସ୍ତ କରି ଲାଭର କପ୍ ଟେନିସ ପ୍ରତିଯୋଗିତା ଜିତିଛି। ମ୍ୟାଚରେ ୮-୪ରେ ଆଗୁଆ ରହିବା ପରେ କ୍ରମାଗତ ତୃତୀୟ ଥର ଲାଭର କପ୍ ଜିତିବା ଲାଗି ଟିମ୍ ୱାର୍ଲ୍ଡ ଫେଭରିଟ୍ ଥିଲା। ରବିବାର ଏହି ୩ ଦିନିଆ ମୁକାବିଲାର ଅନ୍ତିମ ଦିବସରେ ଅଲ୍‌କାରାଜଙ୍କ ପ୍ରଦର୍ଶନରେ ୟୁରୋପ ଟିମ୍ ପ୍ରତ୍ୟାବର୍ତ୍ତନ କରିଥିଲା। ଡବଲ୍ସ ମ୍ୟାଚରେ ଅଲକାରାଜ ଓ କାସ୍ପର ରୁଡ୍ ୬-୨, ୭-୬ (୬)ରେ ଆମେରିକୀୟ ଯୋଡ଼ି ବେନ୍ ଶେଲଟନ ଓ ଫ୍ରାନ୍‌ସେସ ଟିଆଫୋଙ୍କୁ ହରାଇ ଦେଇଥିଲେ। କିନ୍ତୁ ପରେ ଶେଲଟନ ଅଷ୍ଟ୍ରେଲିଆ ଓପନ ଫାଇନାଲିଷ୍ଟ ଡାନିଲ ମେଡଭେଡେଭଙ୍କୁ ହରାଇବାରୁ ୱାର୍ଲ୍ଡ ଟିମ୍ ପୋଲ୍ ପୋଜିଶନକୁ ଚାଲି ଆସିଥିଲା।

ଲୟୋଲା ଓଡ଼ିଆ ସେମିଫାଇନାଲରେ

ଭୁବନେଶ୍ୱର, ୨୩।୯
(ତପନ ସ୍ୱାଇଁ)

ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ ଖେଳ ପଡ଼ିଆରେ ଚାଲିଥିବା ୟୁନି ଲାଇଟ୍ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି ଲୟୋଲା ଓଡ଼ିଆ ମିଡିୟମ ସ୍କୁଲ। ସୋମବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ଏହି ଦଳ ୨-୦ ଗୋଲରେ ବିକାଶ ରେସିଡେନସିଆଲ ସ୍କୁଲକୁ ପରାସ୍ତ କରିଛି। ଲୟୋଲା ଓଡ଼ିଆ ପକ୍ଷରୁ ତରଣ ମୋହନ ନାୟକ ୨୮ ଓ ରାଜେଶ ମାରାଣ୍ଡି ୫୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବିଜୟୀ ଦଳର ତରଣ ମୋହନ ନାୟକଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ ଅତିଥି ଅକ୍ଷୟ କୁମାର ଦାସ। ଖେଳ ପରିଚାଳନା କରିଥିଲେ ସରୋଜ ମହାରଣା, ଅମିତ ନାୟକ, ରାଜେନ୍ଦ୍ର ବାରିକ ଓ ସୁଦୀପ ଦାସ। ମଙ୍ଗଳବାର ଓଡିଏମ୍ ସ୍କୁଲ ଓ ଜଟଣୀ ହାଇସ୍କୁଲ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

ପୁରସ୍କାର ଗ୍ରହଣ ଅବସରରେ ତରଣ ନାୟକ।

ଭାରତୀୟ ବିଚ୍ ସିପକ୍‌ଟାକ୍ର ଦଳକୁ ବ୍ରୋଞ୍ଜ

କିସ୍‌ର ଥବିର ନାଏକ ଅଧିନାୟକ

ଭୁବନେଶ୍ୱର, ୨୩।୯ (ତପନ ସ୍ୱାଇଁ)

ଚାଇନାର କ୍ୱିଂଡୋଠାରେ ସୋମବାର ୨୩ ବର୍ଷରୁ କମ୍ ଏସିଆନ ବିଚ୍ ସିପକ୍‌ଟାକ୍ର ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଛି। ଏଥିରେ କିସ୍ ବିଶ୍ୱବିଦ୍ୟାଳୟର ଥବିର ନାଏକଙ୍କ ନେତୃତ୍ୱରେ ଖେଳିଥିବା ଭାରତୀୟ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଗତ ୧୮ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଥାଇଲାଣ୍ଡ, କୋରିଆ, ଭିଏତ୍‌ନାମ, ଫିଲିପାଇନ୍ସ, ମାଲେସିଆ, ଭାରତ ଓ ଚାଇନା ଆଦି ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଭାରତ ପ୍ରଥମ ଲିଗ୍ ମ୍ୟାଚରେ ଚାଇନାକୁ ୨-୦ରେ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ମାଲେସିଆଠାରୁ ୧-୨ ପଏଣ୍ଟରେ ହାରି ଯାଇଥିଲା। ତୃତୀୟ ଲିଗ୍ ମ୍ୟାଚରେ ଇରାକକୁ ୨-୦ ପଏଣ୍ଟରେ ହରାଇ ଭାରତ ସେମିଫାଇନାଲରେ ପ୍ରବେଶ କରିଥିଲା। ମାତ୍ର ସେମିଫାଇନାଲରେ ଥାଇଲାଣ୍ଡଠାରୁ ୦-୨ରେ ହାରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିଲା। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଓଡ଼ିଶା ସିପକ୍‌ଟାକ୍ର ଆସୋସିଏଶନ ସମ୍ପାଦକ ପୃଥ୍ୱୀରାଜ ସାହୁ ଥବିର ଏବଂ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

ଥବିର ନାଏକ

ଜୟସୁରିୟାଙ୍କ ସ୍ପିନରେ ଶ୍ରୀଲଙ୍କା ଜିତିଲା

ଗାଲେ, ୨୩।୯ (ଏପି): ବାମହାତୀ ସ୍ପିନର ପ୍ରବାଥ ଜୟସୁରିୟାଙ୍କ ଯାଦୁକରୀ ସ୍ପିନ୍ ବଳରେ ଶ୍ରୀଲଙ୍କା ଏଠାରେ ଅନୁଷ୍ଠିତ ପ୍ରଥମ କ୍ରିକେଟ ଟେଷ୍ଟରେ ନ୍ୟୁଜିଲାଣ୍ଡକୁ ୬୩ରନରେ ହରାଇ ଦେଇଛି। ଜୟସୁରିୟା ଦ୍ୱିତୀୟ ଇନିଂସରେ ୫ଉଇକେଟ ନେଇଥିବା ବେଳେ ମ୍ୟାଚରେ ମୋଟ ୯ଉଇକେଟ ଅକ୍ତିଆର କରିଛନ୍ତି। ସୋମବାର ଖେଳ ଆରମ୍ଭ କଲା ବେଳକୁ ନ୍ୟୁଜିଲାଣ୍ଡ ବିଜୟ ଟାର୍ଗେଟ ୨୭୫ଠାରୁ ୬୮ରନ ପଛରେ ରହିଥିଲା। ହେଲେ ଦଳ ୪ ରନ ଯୋଗ କରିବାରେ ସମର୍ଥ ହୋଇଥିଲା। ଶ୍ରୀଲଙ୍କା ମାତ୍ର ୩.୪ ଓଭରରେ ମ୍ୟାଚକୁ କବ୍‌ଜା କରିନେଇଥିଲା।

ସଂକ୍ଷିପ୍ତ ସ୍କୋର

ଶ୍ରୀଲଙ୍କା ପ୍ରଥମ ଇନିଂସ: ୩୦୫। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୩୪୦। ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ: ୩୦୯। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୨୧୧ (ରାଚିନ ରବୀନ୍ଦ୍ର-୯୨, କେନ୍ ୱିଲିୟମସନ-୩୦, ପ୍ରବାଥ ଜୟସୂରିଆ-୫/୬୮, ରମେଶ ମେଣ୍ଡିସ-୩/ ୮୩)।

ଭାରତୀୟ ଦଳରେ କିସ୍‌ର ୬ ଖେଳାଳି

୧୮ ବର୍ଷରୁ କମ୍ ଏସିଆ ରଗ୍‌ବୀ

ଭୁବନେଶ୍ୱର, ୨୩।୯ (ତପନ ସ୍ୱାଇଁ)

ମାଲେସିଆର ଜୋହୋରଠାରେ ଚଳିତ ମାସ ୨୮ ଓ ୨୯ ତାରିଖରେ ୧୮ ବର୍ଷରୁ କମ୍ ଏସିଆନ ରଗ୍‌ବୀ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ମଙ୍ଗଳବାର ଇଣ୍ଡିଆନ ରଗ୍‌ବୀ ଫୁଟବଲ ୟୁନିୟନ ପକ୍ଷରୁ ଘୋଷିତ ଭାରତୀୟ ବାଳିକା ଓ ବାଳକ ଦଳରେ କିସ୍ ବିଶ୍ୱବିଦ୍ୟାଳୟର ୬ ଖେଳାଳି ସାମିଲ ହୋଇଛନ୍ତି। ବାଳକ ଦଳରେ କିସ୍‌ର ଚରଣ ହେମ୍ବ୍ରମ, ଭରତ ପୂଜାରି, ବିଦ୍ୟାଧର ମାଝି ଓ ପ୍ରଦୀପ କହଁର ସ୍ଥାନ ପାଇଛନ୍ତି। ଚରଣ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ବାଳିକା ଦଳପାଇଁ କିସ୍‌ର ବାସି ହୋ ଏବଂ ମନିଶା ମାଝି ଚୟନ ହୋଇଛନ୍ତି। ବାସି ହୋ’ଙ୍କୁ ଅଧିନାୟିକା ଦାୟିତ୍ୱ ଦିଆଯାଇଛି। ଇଣ୍ଡିଆନ ରଗ୍‌ବୀ ଫୁଟବଲ ୟୁନିୟନର ଚୟନ ଟ୍ରାଏଲ ଓ କୋଚିଂ କ୍ୟାମ୍ପ ଅଗଷ୍ଟ ୨୭ରୁ କୋଲକାତାର ସାଇ ନେତାଜୀ ସୁଭାଷ ଇଷ୍ଟର୍ନ ସେଣ୍ଟରରେ ଚାଲିଛି। ସେପ୍ଟେମ୍ବର ୨୫ରେ କ୍ୟାମ୍ପ ଶେଷ ହେବ।

ଏସିଆ ରଗ୍‌ବୀ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା କିସ୍‌ର ୬ ଖେଳାଳି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ